- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-243 ♦SATURDAY ♦28 FEBRUARY 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୨୪୩ ♦ଶନିବାର ♦୨୮ ଫେବୃଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦





ନବିଙ୍କ ରଣଜୀ କୀର୍ତ୍ତିମାନ

▶ପୃଷ୍ଠା ୧୨ ଦେଖନ୍ତୁ...

# ପାକିସ୍ତାନ-ଆଫଗାନିସ୍ତାନ 'ଖୋଲା ଯୁଦ୍ଧ' ଆରମ୍ଭ

## ଉଭୟ ପକ୍ଷର ୨୦୦ରୁ ଅଧିକ ମୃତ



■ ନୂଆଦିଲ୍ଲୀ, ୨୭ ।୨ (ଏଜେନ୍ସି): ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ସୀମା ସଂଘର୍ଷ ଏବେ ଭୟଙ୍କର ରୂପ ନେଇଛି । ଆଫଗାନିସ୍ତାନ ବିରୋଧରେ ପାକିସ୍ତାନ 'ଖୋଲା ଯୁଦ୍ଧ' ଘୋଷଣା କରି ଶୁକ୍ରବାର ରାଜଧାନୀ କାବୁଲ, କାନ୍ଦାହାର ଓ ପାକ୍ତିଆ ଅଞ୍ଚଳରେ ଭୟଙ୍କର ବିମାନ ଆକ୍ରମଣ କରିଛି । ସେହିପରି ତାଲିବାନ ପକ୍ଷରୁ ପାକିସ୍ତାନର ରାଜଧାନୀ ଇସଲାମାବାଦ୍ ସମେତ ପ୍ରମୁଖ ସହର ଉପରେ ପାଲଟା ଆକ୍ରମଣ କରାଯାଇଛି । ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ କହିଛନ୍ତି ଯେ, ପାକିସ୍ତାନର ଧୈର୍ଯ୍ୟ ସରିଯାଇଛି ଏବଂ ଏବେ ଦୁଇ ଦେଶ ମଧ୍ୟରେ 'ଖୋଲା ଯୁଦ୍ଧ' ଆରମ୍ଭ ହୋଇଛି । ଏହିକ୍ରମରେ ପାକିସ୍ତାନ 'ଅପରେସନ ଘଜବ ଲିଲ୍ ହକ୍' ଆରମ୍ଭ କରିଛି ।

**କାବୁଲ ଉପରେ ପାକିସ୍ତାନର ବୋମା ମାଡ଼**

**ଇସ୍‌ଲାମାବାଦ୍‌ର ସାମରିକ ଘାଟିକୁ ଟାର୍ଗେଟ କଲା ତାଲିବାନ**

**ଏଫ-୧୬ ଖସାଇଥିବା ଦାବି କଲା ଆଫଗାନିସ୍ତାନ**

ଆଫଗାନିସ୍ତାନ ପ୍ରତିରକ୍ଷା ମନ୍ତ୍ରଣାଳୟ ତରଫରୁ କୁହାଯାଇଛି ଯେ ପାକିସ୍ତାନ କାବୁଲ, କାନ୍ଦାହାର, ପକ୍ତିଆରେ ବିମାନ ଆକ୍ରମଣ କରିଛି । କାବୁଲରେ ଅନେକ ବିସ୍ଫୋରଣ ଶୁଣିବାକୁ ମିଳିଥିଲା । ତାଲିବାନ ସରକାରୀ ମୁଖପାତ୍ର ଜବିବୁଲ୍ଲା ମୁଜାହିଦ୍ କହିଛନ୍ତି, ପାକିସ୍ତାନ ପୂର୍ବରୁ କରିଥିବା ବିମାନ ଆକ୍ରମଣର ପ୍ରତିଶୋଧ ସ୍ୱରୂପ ଆଫଗାନ ସେନା ସୀମା ଅତିକ୍ରମ କରି ଆକ୍ରମଣ କରିଥିଲା । ପାକିସ୍ତାନର ଅବୋଟାବାଦ୍, ସ୍ୱାବି ଓ ନୌସେରା ସହର ଉପରେ ତାଲିବାନ ଡ୍ରୋନ୍ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲା, ଯାହାକୁ ବିଫଳ କରିଦିଆଯାଇଛି ବୋଲି ପାକିସ୍ତାନ ସେନା ଦାବି କରିଛି । ତେବେ ମୃତାହତ ସଂଖ୍ୟା ଓ କ୍ଷୟକ୍ଷତିକୁ ନେଇ ଦୁଇ ଦେଶର ▶ପୃଷ୍ଠା-୭

## ମଦ ନୀତି ଦୁର୍ନୀତି

# କେଜ୍ରିୱାଲ, ସିସୋଦିଆ ଦୋଷମୁକ୍ତ


## ତଦନ୍ତକାରୀ ଅଧିକାରୀଙ୍କ ବିରୋଧରେ ମାମଲା ରୁଜୁ ନିର୍ଦ୍ଦେଶ

■ ନୂଆଦିଲ୍ଲୀ, ୨୭ ।୨ (ଏଜେନ୍ସି): ବହୁ ଚର୍ଚ୍ଚିତ ମଦ ଦୁର୍ନୀତି ମାମଲାରେ ଆମ୍ ଆଦମୀ ପାର୍ଟି (ଆପ୍)ର ସଂଯୋଜକ ଅରବିନ୍ଦ କେଜ୍ରିୱାଲ ଓ ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆଙ୍କ ସମେତ ସମସ୍ତ ୨୩ ଜଣ ଅଭିଯୁକ୍ତ ଖଲାସ ହୋଇଛନ୍ତି । ଦିଲ୍ଲୀର ରାଉଜ ଆଭେନ୍ୟୁ କୋର୍ଟ ଶୁକ୍ରବାର ଏକ ଐତିହାସିକ ଶୁଣାଣି କରି ଅବକାରୀ ନୀତି ତଥା ଏହି ମଦ ଦୁର୍ନୀତି ମାମଲାରେ ଆମ୍ ଆଦମୀ ପାର୍ଟି (ଆପ୍) ସଂଯୋଜକ ତଥା ପୂର୍ବତନ ଦିଲ୍ଲୀ

**ଗଣମାଧ୍ୟମ ଆଗରେ ଭାବପ୍ରବଣ ହୋଇ କାନ୍ଦିଲେ କେଜ୍ରିୱାଲ୍**

**ରାୟ ବିରୋଧରେ ହାଇକୋର୍ଟରେ ଆବେଦନ କଲା ସିବିଆଇ**

ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ୍ ଓ ପୂର୍ବତନ ଉପ- ମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆଙ୍କ ସମେତ ୨୩ ଜଣ ଅଭିଯୁକ୍ତଙ୍କୁ ଖଲାସ କରିଛନ୍ତି । ଏବେ ସିବିଆଇ କୋର୍ଟଙ୍କ ଏହି ରାୟକୁ ବିରୋଧ କରି ଦିଲ୍ଲୀ ହାଇକୋର୍ଟରେ ଏକ ନୂତନ ଆବେଦନ କରିଛି । ସିବିଆଇ କହିଛି ଯେ କୋର୍ଟ ଅନେକ ଦିଗକୁ ଅଣଦେଖା କରିଛନ୍ତି । ସିବିଆଇ ଏହି ରାୟ ଉପରେ ରହିତାଦେଶ ମାଗିଛି । କୋର୍ଟଙ୍କ ରାୟ ପରେ ବିଶିଷ୍ଟ ସମାଜସେବୀ ତଥା ▶ପୃଷ୍ଠା-୭



# ନାବାଳିକାକୁ ଦୁଷ୍କର୍ମ, ହତ୍ୟା

■ ଅନୁଗୋଳ/କଣିହାଁ, ୨୭ ।୨(ସମିସ): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ୍ ଏନ୍‌ଟିପିସି ଟାଉନ୍ ଥାନା ଅଞ୍ଚଳରେ ଏକ ଜଘନ୍ୟ କାଣ୍ଡ ଘଟିଛି । ୧୨ବର୍ଷର ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ପରେ ନିର୍ମମ ହତ୍ୟା କରାଯାଇଛି । ପୁଲିସ ଏହି ଘଟଣାକୁ ଗୁରୁତ୍ୱର ସହ ଗ୍ରହଣ କରି ତୁରନ୍ତ ମାମଲା ରୁଜୁ କରିବା ସହ ଘଟଣାର ୨୪ ଘଣ୍ଟା ମଧ୍ୟରେ ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ, ସ୍ଥାନୀୟ ଅଞ୍ଚଳର ଆଶିଷ ନାୟକ(୨୦) । ଶୁକ୍ରବାର ଆଶିଷଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୁଲିସ ସୂଚନା ଦେଇଛି । ପୁଲିସ ସୂଚନା ଅନୁଯାୟୀ, ଗୁରୁବାର ନବାଳିକାଜଣଙ୍କ ଘର ▶ପୃଷ୍ଠା-୭

## ରାଜ୍ୟରେ ମହିଳା ହିଂସାକୁ ନେଇ ନବୀନଙ୍କ କ୍ଷୋଭ

# ସବୁଠି ଅରାଜକତା, ସମସ୍ତେ ଅସୁରକ୍ଷିତ

■ ଭୁବନେଶ୍ୱର, ୨୭।୨ (ସମିସ): ପାରାଦ୍ୱୀପରେ ଜଣେ ଛାତ୍ରୀକୁ ଦୁଷ୍କର୍ମ ପରେ ଛାତରୁ ଠେଲି ହତ୍ୟା ଘଟଣା ପରେ ଶୁକ୍ରବାର ଅନୁଗୋଳ ଜିଲ୍ଲା ଏନଟିପିସି ଥାନା ଅଞ୍ଚଳରେ ନିଖୋଜ ଥିବା ଏକ ନାବାଳିକାର ମୃତଦେହ ଉଦ୍ଧାର ହୋଇଛି । ଯାହାକୁ ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କ୍ଷୋଭ ପ୍ରକାଶ କରିବା ସହ ରାଜ୍ୟରେ ଆଇନର ଶାସନର ଚାଲିଛି ତ ବୋଲି ପ୍ରଶ୍ନ କରିଛନ୍ତି ।

ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ନବୀନ କହିଛନ୍ତି ଯେ ରାଜ୍ୟରେ ଆଉ କେତେ ନିରୀହ ଜୀବନ ଝଡ଼ିବ? ନାବାଳିକାଙ୍କଠୁ ନେଇ ଭିନ୍ନକ୍ଷମ ଯୁବତୀ କେହି ବି ରାଜ୍ୟରେ ସୁରକ୍ଷିତ ନୁହେଁ ।



> "ଆଇନର ଶାସନ ଚାଲିଛି ତ? ଆଉ କେତେ ନିରୀହ ଜୀବନ ଝଡ଼ିବ?"

ଅନୁଗୋଳର କଣିହାଁ, ସମ୍ବଲପୁରର କୁଚିଣ୍ଡା, ପାରାଦ୍ୱୀପ ଅଞ୍ଚଳରୁ ଆସୁଥିବା ଦୁଷ୍କର୍ମର ଖବର ବିଚଳିତ କରିଦେଉଛି । ସବୁଆଡ଼େ ଅରାଜକତା, ସବୁଠି ମା'ଭଉଣୀ ଅସୁରକ୍ଷିତ । ନାରୀ ସୁରକ୍ଷା, ଆଇନଶୃଙ୍ଖଳା ନେଇ ସରକାର ଲମ୍ବା ଲମ୍ବା ଭାଷଣ ଦେଉଥିବା ବେଳେ ବାସ୍ତବ ସ୍ଥିତି ଅତ୍ୟନ୍ତ ଚିନ୍ତାଜନକ । ଦିନ ଦ୍ୱିପ୍ରହରରେ ବି ରାଜ୍ୟରେ ଭୟର ବାତାବରଣ ଦେଖାଦେଇଛି । ବାରମ୍ବାର ଦୁଷ୍କର୍ମ ପରି ହୀନ ଘଟଣା ଘଟୁଥିଲେ ବି ସରକାର କୌଣସି ଦୃଷ୍ଟାନ୍ତମୂଳକ, କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ଅପରାଧୀଙ୍କ ସାହସ ବଢ଼ୁଛି । ସରକାର ନାରୀଙ୍କ ସୁରକ୍ଷା ନେଇ ସଚେତନତା ବ୍ୟାପକ କରିବା ଦିଗରେ ତତ୍ପର ▶ପୃଷ୍ଠା-୭


10001/95/2526

U-WIN Click to Protect Lives | Ministry of Health & Family Welfare Government of India | National Health Mission



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା
ଜାତୀୟ ଏଚ୍.ପି.ଭି. ଟୀକାକରଣ ଅଭିଯାନର ଶୁଭାରମ୍ଭ
୨୮ ଫେବୃଆରୀ ୨୦୨୬ । ଆଜମେର, ରାଜସ୍ଥାନ

ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ
ରାଜ୍ୟସ୍ତରୀୟ ଅଭିଯାନର ଶୁଭାରମ୍ଭ ଏବଂ
ନୂତନ ୪୨୮ଟି ୧୦୮ ଆମ୍ବୁଲାନ୍ସ ଯାନରୁ ଅବଶିଷ୍ଟ ୨୮ଗୋଟି ଆମ୍ବୁଲାନ୍ସର ଲୋକାର୍ପଣ

ଗରିମାମୟ ଉପସ୍ଥିତି

ଡ. ମୁକେଶ ମହାଲିଙ୍ଗ
ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା

ଶ୍ରୀ ବାବୁ ସିଂ
ବିଧାୟକ, ଏକାମ୍ର-ଭୁବନେଶ୍ୱର

ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ
ସାଂସଦ, ଭୁବନେଶ୍ୱର

୨୮ ଫେବୃଆରୀ ୨୦୨୬ । ପୂର୍ବାହ୍ଣ ୧୧.୩୦ । କୃଷି ଭବନ, ଭୁବନେଶ୍ୱର

OIPR-10001/10084/2/25-26/0005

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
@HFWOdisha
http://www.health.odisha.gov.in/

## ଛାତରୁ ପଡ଼ି ଯୁବତୀ ମୃତ୍ୟୁ ଘଟଣା ପର୍ଦ୍ଦାଫାସ୍

# ଦୁଷ୍କର୍ମ ପରେ ହତ୍ୟା ନେଇ ସ୍ପଷ୍ଟ କଲେ ଏସ୍‌ପି

ପାରାଦୀପ,୨୭।୨(ସମିସ)

ପାରାଦୀପ ତାରେଣୀଗଡ଼ା ୪ ମହଲା କୋଠାରେ ଘଟିଥିବା ହତ୍ୟା ଘଟଣା ଉପରୁ ପର୍ଦ୍ଦାଫାସ କରିଛି ପୁଲିସ୍ ୫ ଦିନ ପରେ ପୂରା ଅପରାଧ ଉପରୁ ପୁଲିସ ରହସ୍ୟ ଉଠାଇଛି। ରାହାମାରୁ ପାରାଦୀପକୁ ଲିଫ୍ଟ ଦେଇଥିବା ଝାଡ଼ଖଣ୍ଡ ଯୁବକ ଯୁବତୀଙ୍କୁ ଛାତ ଉପରେ ଦୁଷ୍କର୍ମ

- ପ୍ରେମିକ ସହ ଲିଫ୍ଟ ଦେଇଥିବା ଯୁବକ ଗିରଫ
- ଘଟଣା ପର୍ଦ୍ଦାଫାସ କରିବାକୁ କହିବାରୁ ଛାତରୁ ଠେଲି ହତ୍ୟା



କରିବା ପରେ ଛାତ ଉପରୁ ଠେଲି ହତ୍ୟା କରିଛି ବୋଲି ଜଗତସିଂହପୁର ଏସ୍‌ପି ଅଙ୍କିତ କୁମାର ବର୍ମା ଆଜି ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତ ହେଲେ ଝାଡ଼ଖଣ୍ଡ ଧାନବାଦ ଜିଲ୍ଲା ମଧୁବନ ଥାନା ଅନ୍ତର୍ଗତ ମହେଶପୁର କୋଲିଆରୀର ସୁମନ ସିଂ (୨୪) ଓ ପୀଡ଼ିତାଙ୍କ ପ୍ରେମିକ ଜଗତସିଂହପୁର ଜିଲ୍ଲା ଅଭୟଚାନ୍ଦପୁର ଥାନା ଅନ୍ତର୍ଗତ ଗୋବିନ୍ଦପୁର ଡିଙ୍କିଆର ସୋମନାଥ ଓଝା (୩୧)।

ଏସ୍‌ପିଙ୍କ ସୂଚନା ମୁତାବକ ରବିବାର ରାତିରେ ଯୁବତୀଙ୍କୁ ରାହାମା ବଜାରରୁ ଲିଫ୍ଟ ଦେବା ବାହାନାରେ ତାରେଣୀଗଡ଼ାରେ ରହୁଥିବା ୪ ମହଲା କୋଠାକୁ ଆଣିଥିଲା। ସାଙ୍ଗ ହୋଇ ରାତିରେ ଖାଇବା ପିଇବା ପରେ ଚତୁର୍ଥ ମହଲା ଛାତକୁ ଯୁବତୀଙ୍କୁ ନେଇଥିଲା। ଯୁବତୀଙ୍କ ଇଚ୍ଛା ବିରୋଧରେ ଶାରୀରିକ ସମ୍ପର୍କ ରଖିଥିଲା। ଯୁବତୀ ଦୁଷ୍କର୍ମର ଶିକାର ହେଲା ପରେ ଘଟଣା ପ୍ରଘଟ କରିଦେବାକୁ କହିବାରୁ ଅଭିଯୁକ୍ତ ଭୟରେ ଯୁବତୀଙ୍କୁ ଚାରିମହଲା ତଳକୁ ଠେଲି ହତ୍ୟା କରିଦେଇଥିଲା। ଏହି ହତ୍ୟା ପଛରେ ଦୁଷ୍କର୍ମ ଓ ସାଢ଼େ ୬ ଘଣ୍ଟା ଧରି ବହୁତ ଗୁଡିଏ କାଣ୍ଡ ଉଭୟଙ୍କ ମଧ୍ୟରେ ଘଟିଥିଲା। ପାଖାପାଖି ଭୋର ୫.୪୦ରେ ଅଭିଯୁକ୍ତ ଯୁବତୀଙ୍କୁ ଚାରି ମହଲା ଉପରୁ ତଳକୁ ପେଲିଦେଇଥିଲା। ଆଖପାଖ ପଡ଼ୋଶୀ ସଙ୍ଗେ ସଙ୍ଗେ କିଛି ଶବ୍ଦ ଶୁଣିଥିଲେ। ପରେ ଆଦର୍ଶ ଥାନା ପୁଲିସକୁ ଏ ସମ୍ପର୍କରେ ଜଣାଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯୁବତୀଙ୍କ ଶବ ଉଦ୍ଧାର କରିବା ସହ ଘଟଣାର ଛାନ୍‌ଭିନ ଆରମ୍ଭ କରିଥିଲେ। ତେବେ ଯୁବତୀ ଜଣଙ୍କ ପ୍ରେମିକ ସୋମନାଥ ଓଝା ୨୨ ତାରିଖରେ ଯୁବତୀଙ୍କୁ ଦେଖା କରିବା ପାଇଁ ଡାକିଥିଲେ। ଯୁବତୀ ଶାରଳା ମନ୍ଦିର ଯିବା ବାହାନାରେ ଘରୁ ଆସିଥିଲେ। ହେଲେ ପୁରୁଷ ବନ୍ଧୁ ଆସିବାରେ ବିଳମ୍ବ କରିଥିବାରୁ ଯୁବତୀ ପୁରୁଷ ବନ୍ଧୁ ଉପରେ ରାଗି ଯାଇଥିଲେ। ଦୁଇ ବର୍ଷର ପ୍ରେମ ସମ୍ପର୍କକୁ ନେଇ ତିକ୍ତତା ଓ ମନୋମାଳିନ୍ୟ ହେବାରୁ ଉଭୟଙ୍କ ମଧ୍ୟରେ କଥା କଟାକଟି ମଧ୍ୟ ହୋଇଥିଲା। ଯାହା ଫଳରେ ପ୍ରେମିକ ପ୍ରେମିକାକୁ ଛାଡି ପଳାଇବା ସହିତ ଝିଅକୁ ରାହାମାରୁ ନେଇଯିବା ପାଇଁ ତାଙ୍କର ଜଣେ ପଡ଼ୋଶୀଙ୍କୁ ସେ ଜଣାଇଥିଲେ। ଦୁଇ ବର୍ଷ ହେବ ଉଭୟ ସମ୍ପର୍କରେ ଥିଲେ। ବାହାହେବା ନେଇ ପ୍ରେମିକ ଯୁବତୀଙ୍କୁ ପ୍ରତିଶ୍ରୁତି ମଧ୍ୟ ଦେଇଥିଲା। ହେଲେ ସେଦିନ ସାମାନ୍ୟ ଘଟଣାକୁ ନେଇ ଉଭୟ ମଧ୍ୟରେ ଘଟିଥିବା ତିକ୍ତତା ଚରମ ରୂପ ନେଇଥିଲା। ମାନସିକ ଚାପରେ ଥିବା ଯୁବତୀ ରାହାମାରେ ଥିବା ସମୟରେ ଅନୁଗୁଳରୁ ପାରାଦୀପ ଫେରୁଥିବା ଝାରଖଣ୍ଡ ଯୁବକ ଶୁଭମ ସିଂହ ଯୁବତୀଙ୍କୁ ଭେଟ ହୋଇ ପାରାଦୀପ ଯିବାର ଠିକଣା ପଚାରିଥିଲା। କିନ୍ତୁ ଯୁବତୀ ସେହି ଯୁବକ ସହ ପାରାଦୀପ ଯିବା ପାଇଁ ଏକ ପ୍ରକାର ରାଜି ହୋଇ ବାଟ ଦେଖାଇଦେବା ନେଇ କହିଥିଲା। ଉଭୟ ମଟରସାଇକଲ ଯୋଗେ ପାରାଦୀପ ଆସି ଯୁବକ ରହୁଥିବା ତାରିଣୀଗଡ଼ା ଖୁଣ୍ଟିଆ ନିବାସକୁ ଯାଇଥିଲେ। ତେବେ ଯୁବକ ଜଣଙ୍କ ବାଟରେ ଦୁଇ ଥର ମଦ୍ୟପାନ କରିଥିବା ବେଳେ ସିଗାରେଟ ଓ ଗୁଟଖା କିଣି ସାଙ୍ଗରେ ରୁମକୁ ଆଣିଥିବା ପୁଲିସ କହିଛି। ଯୁବକଙ୍କ ଅନ୍ୟ କୌଣସି ସହଯୋଗୀ ନଥିବା ମଧ୍ୟ ପୁଲିସ ସ୍ପଷ୍ଟ କରିଛି। ଏକାକୀ ଯୁବକ ଏହି କାଣ୍ଡ କରିଥିବା ଏସ୍‌ପି ଶ୍ରୀ ବର୍ମା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ ଅପହରଣ, ଦୁଷ୍କର୍ମ, ହତ୍ୟା ଓ ପ୍ରମାଣ ନଷ୍ଟ କରିବା ଭଳି ସଙ୍ଗୀନ ଅଭିଯୋଗ ଲାଗିଛି। ଅଭିଯୁକ୍ତର ମଟରସାଇକଲ ଓ ମୋବାଇଲ ଫୋନ ଜବତ କରିଛି ପୁଲିସ। ଆଜିର ସାମ୍ବାଦିକ ସମ୍ମିଳନୀରେ ଏସ୍‌ପିଙ୍କ ସହିତ ପାରାଦୀପ ଆଡ଼ିସିନାଲ ଏସ୍‌ପି ସ୍ମୃତିରଞ୍ଜନ କର, ଆଦର୍ଶ ଥାନା ଅଧିକାରୀ କାବୁଲି ବାରିକ, ମେରାଇନ ଥାନା ଅଧିକାରୀ ବବିତା ଦେହୁରୀ ଓ ଜଟାଧାରୀ ମୁହାଣ ସାମୁଦ୍ରିକ ଥାନା ଅଧିକାରୀ କଲ୍ୟାଣି ଷଣ୍ଢ ଉପସ୍ଥିତ ଥିଲେ। ଉଭୟ ପ୍ରେମିକ ସୋମନାଥ ଓଝା ଓ ମୁଖ୍ୟ ଅଭିଯୁକ୍ତ ଶୁଭମ କୁମାର ସିଂହଙ୍କ ବିରୋଧରେ ବିଭିନ୍ନ ମାମଲା ଲଗାଯାଇ ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି। ସାମ୍ବାଦିକ ସମ୍ମିଳନୀ ପରେ ଏସ୍ପି ଘଟଣା ଘଟିଥିବା ତାରିଣୀଗଡା ସ୍ଥିତ ଖୁଣ୍ଟିଆ ନିବାସକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ।

## ହତ୍ୟା ଅଭିଯୁକ୍ତ ପୁଅକୁ ୧୦ ବର୍ଷ ଜେଲ

### ପିତା ନିର୍ଦ୍ଦୋଷରେ ଖଲାସ

ଜଗତସିଂହପୁର,୨୭।୨(ସମିସ): ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ଅଞ୍ଚଳରେ ଗତ ୨୦୧୮ ମସିହା ଜାନୁଆରୀ ମାସରେ ସଂଗଠିତ ଏକ ହତ୍ୟାକାଣ୍ଡ ମାମଲାର ଅଭିଯୁକ୍ତ ପୁଅକୁ ଅଦାଲତ ୧୦ ବର୍ଷ ଜେଲଦଣ୍ଡ ଆଦେଶ କରିଥିବା ବେଳେ ଅଭିଯୁକ୍ତ ପିତାଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ପବ୍ଲିକ ପ୍ରସିକ୍ୟୁଟର ତପନ କୁମାର ପାଲଙ୍କ ଠାରୁ ମିଳିଥିବା ସୂଚନା ଅନୁସାରେ ଗତ ୨୦୧୮ ମସିହା ଜାନୁଆରୀ ୧୫ ତାରିଖ ରାତି ପ୍ରାୟ ୯ ଘଣ୍ଟା ସମୟରେ ବାଲିକୁଦା ଥାନା ଅନ୍ତର୍ଗତ ମୁରୁଣିଆ ଗ୍ରାମର ବିବେକ ରାଉତ ଏବଂ ତାଙ୍କ ଭଣଜା ବଳଭଦ୍ରପୁର ଗ୍ରାମର ବାବୁଲି ସ୍ୱାଇଁ ଘର ବାହାରେ ଠିଆ ହୋଇଥିଲେ। ହଠାତ ସେହି ମୁରୁଣିଆ ଗ୍ରାମର ଗଜେନ୍ଦ୍ର ଖଟୁଆ ଏବଂ ତାଙ୍କର ଦୁଇ ପୁଅ ପ୍ରକାଶ ଖଟୁଆ ଓ ସାବୁନି ଖଟୁଆ ସେଠାରେ ପହଞ୍ଚିଥିଲେ। ଗଜେନ୍ଦ୍ର ଏବଂ ସାବୁନି ବିବେକ ରାଉତଙ୍କ ଦୁଇହାତକୁ ମାଡି ବସିଥିବା ବେଳେ ପ୍ରକାଶ ଏକ ଛୁରିରେ ତାଙ୍କ ପେଟକୁ ଭୂଷି ପକାଇଥିଲା। ପାଖରେ ଥିବା ଭଣଜା ବାବୁଲି ପାଟି କରିବାରୁ ଅଭିଯୁକ୍ତ ମାନେ ଦୌଡ଼ି ପଳାଇଥିଲେ। ଗ୍ରାମବାସୀଙ୍କ ସହାୟତାରେ ବିବେକଙ୍କୁ ପ୍ରଥମେ ବାଲିକୁଦା ଏବଂ ପରେ ଜଗତସିଂହପୁର ମେଡିକାଲକୁ ନିଆଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ୧୬ ତାରିଖରେ ମୃତକଙ୍କ ଭଣଜା ବାବୁଲି ସ୍ୱାଇଁ ବାଲିକୁଦା ଥାନାରେ ଏତଲା ଦେବାପରେ ପୋଲିସ ପ୍ରକାଶ ଓ ତାର ପିତା ଗଜେନ୍ଦ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ସାବୁନି ଘଟଣା ଦିନ ଠାରୁ ଫେରାର ଥିବାରୁ ପୋଲିସ ତାକୁ ଗିରଫ କରିବାରେ ବିଫଳ ରହିଛି। ମୋଟ ୨୧ଜଣଙ୍କ ଠାରୁ ସାକ୍ଷ୍ୟ ପ୍ରମାଣ ଗ୍ରହଣ କରିବା ପରେ ଜଗତସିଂହପୁର ଜିଲ୍ଲା ଦୌରାଜଜ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟ ଅଭିଯୁକ୍ତ ପ୍ରକାଶ ଖଟୁଆକୁ ୧୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହିତ ୧୦ ହଜାର ଟଙ୍କା ଜୋରିମାନା କରିଛନ୍ତି। ଅନ୍ୟତମ ଅଭିଯୁକ୍ତ ସାବୁନି ଖଟୁଆ ଏବେ ମଧ୍ୟ ଫେରାର ଥିବା ସୂଚନା ମିଳିଛି।

## କାର୍ଯ୍ୟରେ ଅବହେଳା; ଅଙ୍ଗନବାଡି କର୍ମୀ ବହିଷ୍କୃତ

ପାରାଦୀପ,୨୭।୨(ସମିସ): ପାରାଦୀପ ନୂଆବଜାର ସ୍ଥିତ ତେଲୁଗୁ ପଡା-୧, ୧୬ ନମ୍ବର ୱାର୍ଡର ଅଙ୍ଗନବାଡି କର୍ମୀ ଶୁଭସ୍ମିତା ବିଶ୍ୱାଳଙ୍କୁ ଜଗତସିଂହପୁର ଉପଜିଲ୍ଲାପାଳ ନିଜ କାର୍ଯ୍ୟରୁ ବହିଷ୍କୃତ କରିଛନ୍ତି। ଏନେଇ ୨୫ ଫେବୃଆରୀ ୨୦୨୬, ଚିଠି ସଂଖ୍ୟା ୪୪୭୭ ବଳରେ ବହିଷ୍କୃତ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଶ୍ରୀମତୀ ବିଶ୍ୱାଳ ନିଜ କାର୍ଯ୍ୟରେ ବାରମ୍ବାର ଅବହେଳା କରିବା, ଉପରିସ୍ଥ ଅଧିକାରୀଙ୍କ ଆଦେଶକୁ ଅବମାନନା କରିବା ଓ ବିଶେଷକରି ନିଜ ଘରେ ଅଙ୍ଗନବାଡି ନ କରି ଖାଲି ଥିବା ୧୬ ନମ୍ବର ୱାର୍ଡର ସ୍କୁଲ ଘରେ ଅଙ୍ଗନବାଡି ଚଳାଇବା ପାଇଁ ବାରମ୍ବାର ତାଗିଦ କଲେ ମଧ୍ୟ ଅଙ୍ଗନବାଡି ଦିଦି ଭ୍ରୂକ୍ଷେପ ନକରି ନିଜ ଘରେ ହିଁ ପିଲାମାନଙ୍କୁ ପାଠ ପଢ଼ାଉ ଥିଲେ। ଏନେଇ ଜଗତସିଂହପୁର ଉପଜିଲ୍ଲାପାଳ ତାଙ୍କୁ ନିଜ କାର୍ଯ୍ୟରୁ ବହିଷ୍କୃତ କରିଛନ୍ତି ବୋଲି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

## ଫେରାର ଅଭିଯୁକ୍ତ ୬ ଘଣ୍ଟା ପରେ ଗିରଫ

ଜଗତସିଂହପୁର,୨୭।୨(ସମିସ): ଜଗତସିଂହପୁର ଜିଲ୍ଲାର ବିରିଡି ଥାନା ଅଞ୍ଚଳରେ ଜଣେ ଦୁଷ୍କର୍ମ ଅଭିଯୁକ୍ତ ପୁଲିସକୁ ଚକମା ଦେଇ ଫେରାର ହେବାର ୬ ଘଣ୍ଟା ପରେ ପୁଣି ଥରେ ଗିରଫ ହୋଇଛି। ସୂଚନା ଅନୁସାରେ ବିରିଡି ଥାନା ଅଢଙ୍ଗ ମଜୁରାଇ ଅଞ୍ଚଳର ଜଣେ ଯୁବକ ଦୁଷ୍କର୍ମ ଅଭିଯୋଗରେ ଗିରଫ ହୋଇଥିଲା। ଆଜି ସକାଳେ କୋର୍ଟ ଚାଲାଣ ପୂର୍ବରୁ ଅଭିଯୁକ୍ତ ଯୁବକକୁ ମେଡ଼ିକାଲ ଟେଷ୍ଟ ପାଇଁ ବିରିଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନିଆଯାଇଥିଲା। ତେବେ କୌଶଳ କ୍ରମେ ଅଭିଯୁକ୍ତ ଜଣକ ପୋଲିସକୁ ଚକମା ଦେଇ ଫେରାର ହୋଇ ଯାଇଥିଲା। ପ୍ରାୟ ୬ ଘଣ୍ଟା ପରେ ବାଲିଆ ନିକଟରୁ ଫେରାର ଅଭିଯୁକ୍ତକୁ ପୁଲିସ ଗିରଫ କରିବା ପରେ କୋର୍ଟ ଚାଲାଣ କରିଛି।

## ନାଟ୍ୟକାର ଗୋପାଳ ଚନ୍ଦ୍ର ବିଶ୍ୱାଳଙ୍କ ପରଲୋକ

ରଘୁନାଥପୁର,୨୭।୨(ସମିସ): ରଘୁନାଥପୁର ବ୍ଲକ ଅଢ଼େଇକୁଳ ପଞ୍ଚାୟତ ବଡ଼କୋରକର (ବାଲିକୁଦା) ଗ୍ରାମର ବର୍ଷୀୟାନ ନାଟ୍ୟକାର ତଥା ନିର୍ଦ୍ଦେଶକ ଗୋପାଳ ଚନ୍ଦ୍ର ବିଶ୍ୱାଳଙ୍କ



ବିୟୋଗରେ ଶୋକପ୍ରକାଶ କରାଯାଇଛି। ଗତ ରବିବାର ତାଙ୍କର ଦେହାନ୍ତ ହୋଇଥିଲା। ସ୍ୱର୍ଗତ ବିଶ୍ୱାଳ ପ୍ରଶାସନିକ ଅଧିକାରୀ ଭାବେ ଅବସର ନେଇଥିବା ବେଳେ ସେ ଏକାଧାରରେ ଜଣେ ସାହିତ୍ୟିକ, କବି ଓ ପ୍ରବନ୍ଧ ଲେଖକ ଭାବେ ଜଗତସିଂହପୁର ଜିଲ୍ଲାରେ ବିଶେଷ ଖ୍ୟାତି ଅର୍ଜନ କରିଥିଲେ। ଏହାଛଡା ଜିଲ୍ଲାର ବିଭିନ୍ନ ଅଞ୍ଚଳକୁ ଯାଇ ନାଟ୍ୟ ନିର୍ଦ୍ଦେଶନା ଦେବା ସହ ବିଭିନ୍ନ ସାହିତ୍ୟ ସଙ୍ଗଠନ ସହ ଜଡ଼ିତ ଥିଲେ। ତାଙ୍କରି ବିୟୋଗରେ ଆୟୋଜିତ ଶୋକସଭାରେ ସ୍ଥାନୀୟ ସରପଞ୍ଚ ରୀନା ସ୍ୱାଇଁ ଯୋଗଦେଇ ଏବଂ ଜ୍ଞାନୀଗୁଣୀ ବ୍ୟକ୍ତି ଯୋଗଦେଇ ଶୋକ ପ୍ରକାଶ କରିଥିଲେ।

## ଭଅଁରକୋଲାରେ ସ୍ମୃତିସଭା

କୁଜଙ୍ଗ,୨୭।୨(ସମିସ): କୁଜଙ୍ଗ ବ୍ଲକ ଅନ୍ତର୍ଗତ ପୋତାନଇ ପଞ୍ଚାୟତ ଭଅଁରକୋଲା ଗ୍ରାମର ପ୍ରମୁଖ ଧର୍ମପ୍ରାଣ ମହିଳା ମାଳତୀ ସ୍ୱାଇଁ ଏକାଦଶାହରେ ସ୍ମୃତିସଭା, ଭଜନ ସନ୍ଧ୍ୟା, ନୀରବ ପ୍ରାର୍ଥନା ଓ ଗୀତା ପାଠ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଜେପି ଉପସଭାପତି ତପନ ତ୍ରିପାଠୀ, ରାହାମା ମଣ୍ଡଳ ସଭାପତି ଶରତ ସ୍ୱାଇଁ, ପଙ୍କପାଳ ସଭାପତି ଶତ୍ରୁଘ୍ନ ମଲ୍ଲ, କୁଜଙ୍ଗ ସଭାପତି ରଞ୍ଜନ ବାରିକ, ଗଡ଼ ସଭାପତି ଗଗନ ବିହାରୀ ରାଉତ, ପ୍ରତାପ ଚନ୍ଦ୍ର ଦାସ, କାର୍ତ୍ତିକ ଦାସ, ପ୍ରଦୀପ୍ତ ଦାସ, ରୋହିତ ମୁଦୁଲି, ଜିତେନ୍ଦ୍ର ତରେଣିଆ, ସୁବାସ ସେଠୀ, ନୃସିଂହ ଚୌଧୁରୀ, କୁଜଙ୍ଗ ସ୍ୱର୍ଣ୍ଣକାର ସଂଘର ପ୍ରାକ୍ତନ ସଭାପତି ସୁଶାନ୍ତ ସାହୁ ପ୍ରମୁଖ ଯୋଗଦେଇଥିଲେ। ସମାଜସେବୀ ଅମର କୁମାର ସ୍ୱାଇଁ ଧନ୍ୟବାଦ୍ ଦେଇଥିଲେ।

## ସରପଞ୍ଚ ନିର୍ବାଚନ ଅଦାଲତ ଦ୍ୱାରା କାଏମ

କୁଜଙ୍ଗ,୨୭।୨(ସମିସ): ଜଣେ ନିର୍ବାଚିତ ସରପଞ୍ଚଙ୍କ ନିର୍ବାଚନ ଅସିଦ୍ଧ ଦାବିରେ ହୋଇଥିବା ମକଦ୍ଦମାର ବିଚାର ହୋଇ ଅଦାଲତଙ୍କ ଦ୍ୱାରା କାଏମ ରହିଥିବା ଜଣାପଡ଼ିଛି। ପ୍ରକାଶ ଯେ ଗତ ୨୦୨୨ ମସିହା ଫେବୃଆରୀ ମାସରେ କୁଜଙ୍ଗ ବ୍ଲକ ଅନ୍ତର୍ଗତ ବଗଦିଆ ପଞ୍ଚାୟତ ର ଅନୁଷ୍ଠିତ ପଞ୍ଚାୟତ ନିର୍ବାଚନ ରେ ସରପଞ୍ଚ ପଦବୀ ନିମନ୍ତେ ମଞ୍ଜୁଲତା ବେହେରା ଓ ଯମୁନା ସେଠୀ ମଧ୍ୟରେ ପ୍ରତିଦ୍ୱନ୍ଦିତା ହୋଇଥିଲା। ଉକ୍ତ ନିର୍ବାଚନରେ ମଞ୍ଜୁଲତା ବେହେରା ନିର୍ବାଚିତ ହୋଇ ସରପଞ୍ଚ ଭାବେ ଦାୟିତ୍ୱ ନେଇଥିଲେ। ମାତ୍ର ମଞ୍ଜୁଲତାଙ୍କ ତିନିଟା ସନ୍ତାନ ଅଛନ୍ତି। ନିର୍ବାଚନ ଆଇନ ଅନୁଯାୟୀ ଯେଉଁ ମାନଙ୍କର ୧୯୯୫ ମସିହା ଏପ୍ରିଲ ୨୨ ତାରିଖ ପୂର୍ବରୁ ତିନି ସନ୍ତାନ ଜନ୍ମ ନେଇଥିବେ ସେମାନେ ପଞ୍ଚାୟତ ନିର୍ବାଚନ ରେ ଭାଗ ନେଇପାରିବେ। ଯେଉଁ ମାନଙ୍କର ଉକ୍ତ ତାରିଖ ପରେ ତିନିଟି ସନ୍ତାନ ଜନ୍ମ ନେଇଥିବେ ସେମାନେ ପ୍ରତିଦ୍ୱନ୍ଦିତା କରି ପାରିବେ ନାହିଁ। ମାତ୍ର ମଞ୍ଜୁଲତାଙ୍କର ତିନି ସନ୍ତାନ ଅଛି ଓ ସମସ୍ତଙ୍କ ଜନ୍ମ ୧୯୯୫ ମସିହା ଏପ୍ରିଲ ୨୨ ତାରିଖ ପରେ ହୋଇଥିବାରୁ ତାଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବାକୁ ପରାଜିତ ପ୍ରାର୍ଥିନୀ ଯମୁନା ସେଠୀ କୁଜଙ୍ଗ କନିଷ୍ଠ ଦେୱାନି ଅଦାଲତରେ ନିର୍ବାଚନ ମିସ କେସ ନମ୍ବର ୫/୨୦୨୨ରେ ପ୍ରାର୍ଥନା କରିଥିଲେ। ଅଦାଲତ ଉକ୍ତ ମକଦ୍ଦମାର ବିଚାର କରି ସମସ୍ତ ସାକ୍ଷ୍ୟ ପ୍ରମାଣ ଅଭାବରୁ ମଞ୍ଜୁଲତାଙ୍କ ନିର୍ବାଚନକୁ ବୈଧ ରଖିଥିବା ଜଣାପଡ଼ିଛି। ମଞ୍ଜୁଲତାଙ୍କ ପକ୍ଷରୁ ଆଇନଜୀବୀ ଧନେଶ୍ୱର ସ୍ୱାଇଁ ମୋକଦ୍ଦମା ଲଢୁଥିଲେ।

## ପ୍ରାଚେଶ୍ୱରୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା

ନାଉଗାଁ,୨୭।୨(ସମିସ): ନାଉଗାଁ ବ୍ଲକ ଗଙ୍ଗଦା ଗୋବରୀକୂଳ ଗ୍ରାମର ଆରାଧ୍ୟ ଦେବୀ ମା' ପ୍ରାଚେଶ୍ୱରୀ ଦେବୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅଭିଜ୍ଞ ବ୍ରାହ୍ମଣ ଓ ପଣ୍ଡିତମାନଙ୍କ ଦ୍ୱାରା ଧାର୍ଯ୍ୟ ହୋଇଥିବା ସମସ୍ତ ନୀତିକାନ୍ତି ସମ୍ପୂର୍ଣ୍ଣ ହୋଇଛି। ୬ଦିନ ବ୍ୟାପୀ ଏହି ପ୍ରତିଷ୍ଠା ଉତ୍ସବରେ ବିଭିନ୍ନ କାର୍ଯ୍ୟକ୍ରମ ଯେପରି ଅଙ୍କୁରାରୋପଣ ଠାରୁ ଆରମ୍ଭ ହୋଇ କଳସ ଶୋଭାଯାତ୍ରା, ସୂର୍ଯ୍ୟପୂଜା, ପଞ୍ଚୁଦୋଳ ମେଳନ, ଅଷ୍ଟମପ୍ରହରୀ ନାମଯଜ୍ଞ, ନଗର କୀର୍ତ୍ତନ ସହିତ ବିଭିନ୍ନ କଳା ଅନୁଷ୍ଠାନ ପକ୍ଷରୁ ସଂସ୍କୃତିକ କାର୍ଯ୍ୟକ୍ରମ ସୁନାମଧନ୍ୟ କଣ୍ଠଶିଳ୍ପୀଙ୍କ ଦ୍ୱାରା ଭଜନ ପରିବେଷଣ ଓ ଓଡିଶୀ ନୃତ୍ୟ ଆଦି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।

### ଅଧା ରହିଗଲା ଦୁବାଇ ସ୍ୱପ୍ନ

## ଦୁର୍ଘଟଣାରେ ଯୁବକ ମୃତ

ବାଲିକୁଦା,୨୭।୨(ସମିସ): ଗତ ଗୁରୁବାର ଥିଲା ସୁଦଶା ବ୍ରତ ଏକମାତ୍ର ପୁଅ ପାଇଁ ପିଠା କରି ଅପେକ୍ଷା କରି ରହିଥିଲା ମା'। ଫୋନ ମଧ କରି ଘରକୁ ଶୀଘ୍ର ଫେରିବାକୁ କହିଥିଲା। ହେଲେ ଶବ ହୋଇ ଫେରିଲା ୨ ପରିବାରର ଏକମାତ୍ର ପୁଅ ସନ୍ଦୀପ। ସୂଚନା ଅନୁଯାୟୀ ବାଲିକୁଦା ଥାନା ଅନ୍ତର୍ଗତ ବାଲିକୁଦା ପଞ୍ଚାୟତ ବାଲିସାହି ଗ୍ରାମର ହନୁସାହିର ସନାତନ ନାୟକଙ୍କ ଏକମାତ୍ର ସନ୍ଦୀପ ନାୟକ (୨୨)ନିଜ ସାଙ୍ଗରଝିଅଟିଏ ହୋଇଥିବା ଖବର ପାଇ ସାଙ୍ଗକୁ ଶୁଭେଚ୍ଛା ଜଣାଇବା ପାଇଁ ନିଜ ସାଙ୍ଗ ରାକେଶ ବିଶ୍ୱାଳ (୨୪) ସହ ଜଗତସିଂହପୁର ଯାଇଥିଲେ। ତେବେ ସେଠାରୁ ଫେରୁଥିବା ବେଳେ ବାଲିକୁଦା ତହସିଲ ଛକ ନିକଟରେ ଜାତୀୟ ରାଜପଥ କାର୍ଯ୍ୟ ପାଇଁ ଲାଗିଥିବା ଲୁହା ସୂଚନା ଫଳକରେ ଦ୍ରୁତ ଗତିରେ ନିଜ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ସନ୍ଦୀପର ମୃତ୍ୟୁ ହୋଇଯାଇଥିଲା। ତେବେ ବନ୍ଧୁ ରାକେଶ ଅତ୍ୟନ୍ତ ସଂକଟପନ୍ନ ଅବସ୍ଥାରେ ସ୍ଥାନୀୟ ଲୋକଙ୍କ ଦ୍ୱାରା ଉଦ୍ଧାର ହୋଇ ପ୍ରଥମେ ଜଗତସିଂହପୁର ମେଡିକାଲ ପରେ କଟକ ଓ ବର୍ତ୍ତମାନ ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ରହିଛି। ଦୁର୍ଘଟଣା ଖବର ପାଇ ବାଲିକୁଦା ଥାନା ଅଧିକାରୀ ସୁଶାନ୍ତ ସାହୁ ଘଟଣାସ୍ଥଳରେ ପହଞ୍ଚି ଯୁବକର ଶବକୁ ବ୍ୟବଚ୍ଛେଦ ପାଇଁ ଜଗତସିଂହପୁର ମେଡିକାଲ ପଠାଇଥିବା ବେଳେ ବାଇକ୍‌କୁ ଜବତ କରିଥିଲେ। ଆଜି ସନ୍ଦୀପର ଶବ ବ୍ୟବଚ୍ଛେଦ ହୋଇ ପରିବାରକୁ ହସ୍ତାନ୍ତର କରିବା ପରେ ଏକ ଶୋକାକୁଳ ପରିବେଶରେ ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଛି। ସନ୍ଦୀପ ବାପା ଓ ଦାଦା ୨ ପରିବାରର ଏକମାତ୍ର ପୁତ୍ର ହୋଇଥିବା ବେଳେ ସେ ବାଙ୍ଗାଲୋରରେ ୨ ବର୍ଷ ହେବ ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିଲା। ତେବେ ଅଧିକ ଅର୍ଥ ଉପାର୍ଜନ କରିବା ଆଶା ନେଇ ନିଜର ପାସପୋର୍ଟ ବାହାର କରିବା ସହ ଦୁବାଇ ଯିବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇଥିଲେ। ଶୁକ୍ରବାର ସେ ଦୁବାଇ ଯାତ୍ରା କରିବା ନେଇ ବ୍ୟାଗ୍ ପ୍ୟାକିଂ କରି ସାରିଥିଲେ। ହେଲେ ଅଧାରେ ରହିଗଲା ଅଧୁରା ସ୍ୱପ୍ନ। ୨ ପରିବାରର କୋଳ ଶୂନ୍ୟ କରି ଅନ୍ତିମ ଯାତ୍ରାର ସାରଥୀ ହେଲେ ସନ୍ଦୀପ। ୨ ଦିନ ହେବ ମା' ଆଖିରୁ ଲୁହ ଶୁଖୁ ନଥିବା ବେଳେ ଏହି ଘଟଣାକୁ ସହଜରେ ଗ୍ରହଣ କରି ପାରୁନାହାନ୍ତି ଗ୍ରାମବାସୀ। ଅନ୍ୟ ପଟେ କିଭଳି ରାକେଶ ଆରୋଗ୍ୟ ଲାଭ କରିବ ସେନେଇ ସମୂହ ପାର୍ଥନା କରିଛନ୍ତି ଗ୍ରାମବାସୀ।



ସୁଦଶା ବ୍ରତରେ ମା' କୋଳ ଖାଲିକରିଦେଲା ପୁଅ

## ବିଜେପି ନେତାଙ୍କ ପିତୃ ବିୟୋଗ

ତିର୍ତ୍ତୋଲ,୨୭।୨(ସମିସ): ତିର୍ତ୍ତୋଲ ବ୍ଲକ ଅର୍ନ୍ତଗତ ଦାଇଁଲୋ ମଣ୍ଡଳ ବିଜେପି ସଭାପତି ଜ୍ୟୋତିରଞ୍ଜନ ସାହୁଙ୍କ ପିତା ବିଷ୍ଣୁଚରଣ ସାହୁ (୭୬)ଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁ ଶଯ୍ୟା ନିକଟରେ ପୁତ୍ର ଜ୍ୟୋତିରଞ୍ଜନ, ଆଲୋକ ରଞ୍ଜନ ସମେତ ପରିବାର ଲୋକ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇଁ



ବିଜେପି ନେତା ଆଇନଜୀବୀ ରାଜକିଶୋର ବେହେରା, ବିଜୟ ଦାଶ, ପ୍ରେମାନନ୍ଦ ବେହେରାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଭଅଁସର ଗ୍ରାମ ସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ମୃତ୍ୟୁରେ ବିଜେପି ରାଜ୍ୟ ସମ୍ପାଦିକା ସ୍ମିତା ପ୍ରଧାନ, ଜିଲ୍ଲା ସଭାପତି ପ୍ରତାପ ମିଶ୍ର, ସମ୍ପାଦକ ରୂପକ ଖୁଣ୍ଟିଆ, ଦିଲୀପ ମହାନ୍ତି ପ୍ରମୁଖ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସଂପନ୍ନ ହୋଇଥିଲା।

## ଏସ୍‌ଭିଏମ୍ କଲେଜରେ ଜିଲ୍ଲାସ୍ତରୀୟ ଆଶାକର୍ମୀ ସମ୍ମିଳନୀ



ଜଗତସିଂହପୁର,୨୭।୨(ସମିସ): ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟର ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟରେ ଜିଲ୍ଲାର ସମସ୍ତ ଆଶା କର୍ମୀମାନଙ୍କୁ ନେଇ ଏକ ଜିଲ୍ଲାସ୍ତରୀୟ ସମ୍ମିଳନୀ ତଥା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ସମସ୍ତ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ବୈଠକରେ ଜିଲ୍ଲାର ସ୍ୱାସ୍ଥ୍ୟ ସେବାକୁ ଅଧିକ ବ୍ୟବସ୍ଥିତ କରିବା ପାଇଁ ଆଶା କର୍ମୀମାନଙ୍କୁ ଅନେକ ଦିଗ୍‌ଦର୍ଶନ ଦିଆଯାଇଥିଲା। ଜିଲ୍ଲାରେ ୧୦୦ ପ୍ରତିଶତ ଟିକାକରଣ ସୁନିଶ୍ଚିତ କରିବାକୁ ହେବ ଏବଂ କୌଣସି ଶିଶୁ ଯେପରି ଟିକାକରଣରୁ ବାଦ୍ ନପଡ଼ନ୍ତି କିମ୍ବା ଅଧାରୁ ଟିକା ଛାଡ଼ି ନ ଦିଅନ୍ତି, ସେଥିପ୍ରତି ଆଶା କର୍ମୀମାନେ ସଜାଗ ରହିବା ପାଇଁ ବୈଠକରେ ପରାମର୍ଶ ଦିଆଯାଇଥିଲା। ଜିଲ୍ଲାରେ ଏଏନ୍‌ସି ପଞ୍ଜୀକରଣ ହାର କମ୍ ରହିଥିବାରୁ ଉଦ୍‌ବେଗ ପ୍ରକାଶ କରାଯାଇଥିବା ବେଳେ ସମସ୍ତ ଗର୍ଭବତୀ ମହିଳା ଯେପରି ଜନନୀ ସୁରକ୍ଷା ଯୋଜନାର ସୁବିଧା ପାଇବେ, ତାହା ସୁନିଶ୍ଚିତ କରିବାକୁ କୁହାଯାଇଥିଲା। ସେହିପରି ବିପଦସଙ୍କୁଳ ଗର୍ଭବତୀ ମହିଳାମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ତୁରନ୍ତ ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ କ୍ଲିନିକକୁ ପଠାଇବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଲୋକଙ୍କ ମାନସିକତା ଏବଂ ବ୍ୟବହାରରେ ପରିବର୍ତ୍ତନ ଆଣିବାକୁ ସମସ୍ତେ ଯତ୍ନବାନ ହେବାପାଇଁ ବୈଠକରେ ଆହ୍ୱାନ ଦିଆଯାଇଥିଲା। ଶେଷରେ ଭଲ କାର୍ଯ୍ୟ କରୁଥିବା ଆଶାକର୍ମୀଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପୁରସ୍କୃତ କରାଯିବ ବୋଲି ଘୋଷଣା କରାଯାଇଥିଲା।

### କୁଜଙ୍ଗକୁ ଏନ୍‌ଏସି ଦାବି

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ଜଗତସିଂହପୁର,୨୭।୨(ସମିସ)

ଜଗତସିଂହପୁର ଜିଲ୍ଲା କୁଜଙ୍ଗକୁ ଏନ୍‌ଏସି ଘୋଷଣା ଦାବିରେ କୁଜଙ୍ଗ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଶତାଧିକ ବୁଦ୍ଧିଜୀବୀ ଦଳମତ ନିର୍ବିଶେଷରେ ଶୁକ୍ରବାର ପୂର୍ବାହ୍ନରେ ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜଗତସିଂହପୁର ସହରର ନିମାଇଁ ଭବନ ଠାରୁ ଆନ୍ଦୋଳନକାରୀମାନେ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଆୟୋଜିତ ପ୍ରତିବାଦ ସଭାରେ ତୁରନ୍ତ କୁଜଙ୍ଗକୁ ଏନ୍‌ଏସି ଘୋଷଣା କରିବାକୁ ଦାବି କରିଥିଲେ ମଞ୍ଚର କର୍ମକର୍ତ୍ତା। ଜିଲ୍ଲାପାଳ ଅନୁପସ୍ଥିତ ଥିବାରୁ ବିକ୍ଷୋଭ ସ୍ଥଳକୁ ଆସି ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ ଆନ୍ଦୋଳନକାରୀଙ୍କ ଠାରୁ ଦାବିପତ୍ର ଗ୍ରହଣ କରିଥିଲେ। ଏହି ଦାବି ସମ୍ପର୍କରେ ଜିଲ୍ଲା ପ୍ରଶାସନ ପକ୍ଷରୁ ତୁରନ୍ତ ରାଜ୍ୟ ସରକାରଙ୍କୁ ଅବଗତ କରାଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା। ତେବେ ଆସନ୍ତା ସାତ ଦିନ ମଧ୍ୟରେ ସରକାର ଉଚିତ ପଦକ୍ଷେପ ନ ନେଲେ ଆସନ୍ତା ମାର୍ଚ୍ଚ ୧୭ ତାରିଖ ମଙ୍ଗଳବାର କୁଜଙ୍ଗ ବନ୍ଦ ଡାକରା ଦିଆଯିବା ସହିତ ଅର୍ଥନୈତିକ ଅବରୋଧ କରାଯିବ ବୋଲି ସଭାରେ କଡ଼ା ଚେତାବନୀ ଦିଆଯାଇଥିଲା। ସଚେତନ ନାଗରିକ ମଞ୍ଚ ସଭାପତି ଡ. ରଘୁନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମଞ୍ଚ ଉପଦେଷ୍ଟା କବି ପିତାମ୍ବର ତରାଇ କହିଥିଲେ ଯେ, ପୂର୍ବ ନବୀନ ସରକାର କୁଜଙ୍ଗକୁ ଏନ୍‌ଏସି କରିବାକୁ ଘୋଷଣା କରିଥିଲେ। ବିଜେପି ସରକାର ଯେଉଁ ନୂଆ ଏନ୍‌ଏସି ଘୋଷଣା କରିଛନ୍ତି, ସେହି ତାଲିକାରେ କୁଜଙ୍ଗର ନାଁ ନାହିଁ। ଆମେ ପୂର୍ବରୁ ବହୁବାର ବର୍ତ୍ତମାନର ସରକାରଙ୍କୁ ଦାବିପତ୍ର ଦେଇସାରିଛୁ। ଆମେ କୁଜଙ୍ଗ ବନ୍ଦ ଡାକରା ଦେଇଥିବା ବେଳେ ପାରାଦୀପ ବିଧାୟକ ତଥା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପାରାଦୀପ ସର୍କିଟ ହାଉସରେ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରି ଏନ୍‌ଏସି ଘୋଷଣା ପାଇଁ ତିନି ମାସ ଅବଧି ରଖିଥିଲେ। ତେବେ ଇତି ମଧ୍ୟରେ କୁଜଙ୍ଗ ଏନ୍‌ଏସି ପାଇଁ ସମସ୍ତ କାଗଜପତ୍ର କୁଜଙ୍ଗ ପ୍ରଶାସନ ପ୍ରସ୍ତୁତି କରି ଜିଲ୍ଲା ପ୍ରଶାସନକୁ ହସ୍ତାନ୍ତର କରି ସାରିଛି। ଘଟଣାର ତିନି ମାସ ଟପି ପାଞ୍ଚ ମାସ ହେବାରୁ କୁଜଙ୍ଗ କୁହୁଳିଛି। ତେବେ ସଭା ସ୍ଥଳରେ ଅଚାନକ ଶାସକ ବିଜେପି ଦଳର ଜିଲ୍ଲା ଉପସଭାପତି ଦୀପ୍ତିରେଖା ନାୟକ ପହଞ୍ଚି ଆନ୍ଦୋଳନକୁ ସମର୍ଥନ କରିଥିଲେ। ସେ ବ୍ୟକ୍ତିଗତ ସ୍ତରରେ ମୁଖ୍ୟମନ୍ତ୍ରୀ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କୁ ଭେଟି ଲୋକଙ୍କ ଦୁଃଖ ଜଣେଇବେ ବୋଲି କହିଥିଲେ।

ସଭାରେ ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ସଂଗ୍ରାମୀ ତଥା ବରିଷ୍ଠ ଆଡଭୋକେଟ ବାସୁଦେବ, ବାବୁରାମ ଚୌଧୁରୀ, ଦେବୀପ୍ରସାଦ ମହାରଣା, ସୁବାସ ମହାପାତ୍ର, ଶିକ୍ଷକ ନେତା ସରୋଜ କୁମାର ବେହେରା, ଦୁଷ୍ମନ୍ତ ମାଝୀ, ଦିପୁ ସାମଲ, ବିକ୍ରମ ନାରାୟଣ ଦାସ, ଜାନକୀ ମହାରଥା, ଜପହରି ବାରିକ, ଓକିଲ ରଞ୍ଜିତ ବିଶ୍ୱାଳ, ରାମଦାସ ମହାନ୍ତି, ବିବେକାନନ୍ଦ ଦାସ, ବାବାଜୀ ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବିଜୟ ଖଟେଇ ଧନ୍ୟବାଦ ଅର୍ପଣ କରିଥିଲେ।



# ଜିଲ୍ଲାସ୍ତରୀୟ ସର୍ଭାଇଭର ନେଟୱର୍କ ବୈଠକ




ଢେଙ୍କାନାଳ, ୨୭ ।୨(ସମିସ): ବିଶ୍ୱ ଯୁବକେନ୍ଦ୍ର ଦ୍ୱାରା ପରିଚାଳିତ ଆକ୍ସେସ ଟୁ ଜଷ୍ଟିସ ପ୍ରକଳ୍ପ ମାଧ୍ୟମରେ ଲେଖକ ସଂସଦରେ ଶିଶୁ ଯୌନ ନିର୍ଯାତନା ଓ ଅପହରଣ, ବାଲ୍ୟବିବାହ ଓ ଶିଶୁ ଚାଲାଣ ପୀଡ଼ିତ ଓ ସେମାନଙ୍କ ଅଭିଭାବକଙ୍କୁ ନେଇ ଏକ ସର୍ଭାଇଭର ନେଟୱର୍କ ବୈଠକ ଅନୁଷ୍ଠିତ ହେଇଛି । କାର୍ଯ୍ୟକ୍ରମରେ ସହକାରୀ ଶ୍ରମ ଅଧିକାରୀ ସଂଗ୍ରାମ ଦଳାଇ, ଶିଶୁ ସୁରକ୍ଷା ଅଧିକାରୀ କବିତା ଦାସ, ଶିଶୁ ମଙ୍ଗଳ କମିଟି ସଦସ୍ୟ ଜିତେନ୍ଦ୍ର କୁମାର ପାଣି, ପୁଲିସ ଅଧିକାରୀ ଅମ୍ବିକା ପ୍ରସାଦ ପଟ୍ଟନାୟକ, ପୂର୍ବତନ ଶିଶୁ ସୁରକ୍ଷା କମିଟି ଅଧ୍ୟକ୍ଷ ପୁଷ୍ପକ ତ୍ରିପାଠୀ, ଏଲପିଓ ପ୍ରଦୀପ କୁମାର ସାହୁ, ଶିଶୁ ହେଲ୍ପ ଲାଇନ ଜିଲ୍ଲା ସଂଯୋଜକ ରୋଶନ କୁମାର ନନ୍ଦ ଅତିଥି ଭାବେ ଯୋଗଦେଇଥିଲେ । ବିଶ୍ୱ ଯୁବକେନ୍ଦ୍ରର ନିର୍ଦ୍ଦେଶକ ମନୋଜ ମହାପାତ୍ର ଅତିଥିଙ୍କୁ ସ୍ୱାଗତ କରି ଜିଲ୍ଲାରେ ଶିଶୁ ବିବାହ, ଚାଲାଣ ଓ ଯୌନ ନିର୍ଯାତନା ପାଇଁ ସଂଯୋଜିତ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ । ଶେଷରେ ସମସ୍ତ ପୀଡ଼ିତଙ୍କୁ ବିଶ୍ୱ ଯୁବକେନ୍ଦ୍ର ତରଫରୁ ଉପହାର କିଟ୍ (ବ୍ୟାଗ, ପାଣି ବୋତଲ, ହ୍ୟାଣ୍ଡୱାସ, ସାନିଟାରୀ ନାପକିନ) ପ୍ରଦାନ କରାଯାଇଥିଲା । ପ୍ରକଳ୍ପ ସଂଯୋଜିକା ସୁମିତ୍ରା ସ୍ୱାଇଁ ସ୍ୱାଗତ କରିଥିଲେ । ଆଭା ପ୍ରକଳ୍ପ ସଂଯୋଜକ ରାକେଶ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ବିଶ୍ୱ ଯୁବକେନ୍ଦ୍ରର ପ୍ରକଳ୍ପ ସହାୟିକା ସୁମିତ୍ରା ଦେହୁରୀ, ଜୁଲି ସ୍ୱାଇଁ, ବିଦ୍ୟୁଲତା ସ୍ୱାଇଁ, କୁମୁଦିନୀ ସ୍ୱାଇଁ, ପ୍ରକଳ୍ପ କାଉନସିଲର ମନସ୍ୱିତା ନାୟକ ସହଯୋଗ କରିଥିଲେ ।

# ଜନଗଣନା ଅଧିକାରୀଙ୍କ ସମୀକ୍ଷା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଢେଙ୍କାନାଳ, ୨୭ ।୨(ସମିସ)




ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ଜନଗଣନା ଅଧିକାରୀମାନଙ୍କୁ ନେଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ସଦର ଉପଜିଲ୍ଲାପାଳ ବିବୁଧ ଗଡ଼ନାୟକ, କାମାକ୍ଷାନଗର ଉପଜିଲ୍ଲାପାଳ ଦୀନମଣି ନାୟକ, ହିନ୍ଦୋଳ ଉପଜିଲ୍ଲାପାଳ ପ୍ରଭାସ କୁମାର ବେହୁରା, ସମ୍ପୃକ୍ତ ଅଧିକାରୀଗଣ, ସମସ୍ତ ବିଡିଓ, ତହସିଲଦାର, ଅତିରିକ୍ତ ତହସିଲଦାର ଏବଂ କାର୍ଯ୍ୟକାରୀ ସହାୟକମାନେ ଯୋଗଦେଇଥିଲେ । ଆଇଟି ଅଫିସର ରାଜେନ୍ଦ୍ର କୁମାର ସାହୁ ଏବଂ ଜିଲ୍ଲା ଇନଚାର୍ଜ ଅଫିସର ଅଲେଖ ମଲ୍ଲିକ ଉପସ୍ଥିତ ରହି ସାଧାରଣ ପରିବାର, ଅନୁଷ୍ଠାନଗତ ପରିବାର ଓ ଗୃହହୀନ ପରିବାରର ସଦସ୍ୟଙ୍କଠାରୁ କିଭଳି ସଠିକ ଭାବେ ତଥ୍ୟ ସଂଗ୍ରହ କରାଯିବ ସେ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ପରିବାର ମୁଖ୍ୟଙ୍କ ଦ୍ୱାରା ପ୍ରଦତ୍ତ ତଥ୍ୟାଦିକୁ ବୈଧ ତଥ୍ୟ ଭାବେ ଗ୍ରହଣ କରାଯିବ ବୋଲି ବୁଝାଇଥିଲେ । ଜନଗଣନା କାର୍ଯ୍ୟରେ ଜନଗଣନାକାରୀ ଓ ସୁପରଭାଇଜରମାନଙ୍କ କାର୍ଯ୍ୟ ଓ ଦାୟିତ୍ୱ ସମ୍ପର୍କରେ ଅବଗତ କରାଇଥିଲେ । ନିର୍ଭୁଲ ଭାବେ କିପରି ସମସ୍ତ ତଥ୍ୟ ସଂଗ୍ରହ କରିବେ ସେ ସମ୍ପର୍କରେ ପାୱାରପଏଣ୍ଟ ମାଧ୍ୟମରେ ପ୍ରକାଶ କରିଥିଲେ ।

# ରାସ୍ତା ଉପରେ ବିଦ୍ୟୁତ ଟ୍ରାନ୍ସଫର୍ମର



ଢେଙ୍କାନାଳ, ୨୭ ।୨(ସମିସ): ସ୍ଥାନୀୟ ମୀନାବଜାରସ୍ଥିତ ଜଗନ୍ନାଥ ରୋଡ ୟୁନିଅନ ବ୍ୟାଙ୍କ ସମ୍ମୁଖ ରାସ୍ତା ଉପରେ ବିଦ୍ୟୁତ ଟ୍ରାନ୍ସଫର୍ମର ଥିବାରୁ ଏବଂ ଏହାର ଚାରିପାଖ ଜାଲିରେ ହୋର୍ଡିଂ ଲାଗିଥବାରୁ ପାର୍ଶ୍ୱ ରାସ୍ତାରୁ ଆସୁଥିବା ଏବଂ ଯିବାକୁଥିବା ଯାନବାହାନ ଓ ପଥଚାରୀଙ୍କୁ ଦକ୍ଷିଣ ଦିଗରୁ ଆସୁଥିବା ଯାନବାହାନଗୁଡ଼ିକ ଦୃଶ୍ୟମାନ ହେଉନାହିଁ । ଫଳରେ ଦୁର୍ଘଟଣାମାନ ଘଟୁଛି । ଏଥିପ୍ରତି କର୍ତ୍ତୃପକ୍ଷ ଧ୍ୟାନ ଦେବାକୁ ମୀନାବଜାର ବାସୀନ୍ଦା ଲଳିତ କୁମାର ପଟ୍ଟନାୟକ ଅନୁରୋଧ କରିଛନ୍ତି ।

# ବିଦେଶୀ ମଦ ବିକ୍ରୟ କେନ୍ଦ୍ରରେ ଅନିୟମିତତା

ଗଁଦିଆ, ୨୭ ।୨(ସମିସ): ଗଁଦିଆ ହାଟ ଛକରେ ଥିବା ବିଦେଶୀ ମଦ ଦୋକାନରେ ଚାଲିଛି ମନମାନି । ଦୋକାନ କର୍ମଚାରୀମାନେ ମଦର କୃତ୍ରିମ ଅଭାବ ସୃଷ୍ଟିକରି ଗ୍ରାହକଙ୍କଠାରୁ ଉଚ୍ଚ ଦର ନେଉଥିବା ଅଭିଯୋଗ ହେଉଛି । ଅପର ପକ୍ଷରେ ଉକ୍ତ




ଦୋକାନରୁ ଖୁଲମଖୁଲା କୁଚିଆ ବେପାରୀମାନେ ବେଆଇନ ଭାବେ ବସ୍ତା ବସ୍ତା ମଦ ହୋଇନେଇ ଗ୍ରାମାଞ୍ଚଳରେ ମନଇଚ୍ଛା ଦରରେ ବିକ୍ରି କରୁଥିବା ଦେଖିବାକ ମିଳୁଛି । ଏଥି ପ୍ରତି ଅବକାରୀ ବିଭାଗ କିମ୍ବା ପୁଲିସ ଦୃଷ୍ଟି ଦେଉ ନ ଥିବାରୁ ଗ୍ରାହକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଧାର୍ଯ୍ୟ ମୂଲ୍ୟଠାରୁ ଅଧିକ ଦରରେ ମଦ ବିକ୍ରି କରିବା, ଗ୍ରାହକଙ୍କ ପରିବର୍ତ୍ତେ ବେପାରୀଙ୍କୁ ମାତ୍ରାଧିକ ମଦ ବିକ୍ରି କରିବା ଆଦି ବହୁ ଅଭିଯୋଗ ଏହି ମଦ ଦୋକାନ ବିରୋଧରେ ରହିଛି । ଅନ୍ୟପଟେ ଅଭିଯୋଗର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗଁଦିଆ ଅବକାରୀ ଅଧିକାରୀ କହିଛନ୍ତି ।

# ବଡ଼ହାଟରେ ଅଷ୍ଟପ୍ରହର ନାମଯଜ୍ଞ



ଭୁବନ, ୨୭ ।୨(ସମିସ): ଭୁବନ ଏନ୍ଏସି ବଡ଼ହାଟରେ ମା' କାଲୁଣିଙ୍କ ମନ୍ଦିର ପ୍ରତିଷ୍ଠା ଅବସରରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଛି । ପଣ୍ଡିତ ବେହେରାଙ୍କ ନେତୃତ୍ୱରେ ସଂକୀର୍ତ୍ତନ ଗୁରୁ ରାମଚନ୍ଦ୍ର ରାଉତ, ହୃଦାନନ୍ଦ ବେହେରା, ସଂକୀର୍ତ୍ତନ ସଂଯୋଜକ ଚକ୍ରଧର ସାହୁ, ବଡ଼ହାଟ ଗ୍ରାମ ସଭାପତି ସୁବ୍ରତ ସାହୁ, ଡମ୍ବରୁଧର ସାହୁ, ରଥ ସେଠୀ, ଅନୁକୂଳ ପୋଥାଳ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ । ପୁରୁଷୋତ୍ତମ ସାହୁ ଠାକୁରଙ୍କୁ ଗ୍ରାମ ପରିକ୍ରମା କରାଇଥିଲେ ।

# ହିନ୍ଦୋଳ ସାମ୍ବାଦିକ ସଙ୍ଘର ବନ୍ଧୁ ମିଳନ



ହିନ୍ଦୋଳ/ଖଜୁରିଆକଟା, ୨୭ ।୨(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ସାମ୍ବାଦିକ ସଂଘର ବନ୍ଧୁମିଳନ କାର୍ଯ୍ୟକ୍ରମ ପୁରୀରେ ଅନୁଷ୍ଠିତ ହୋଇଛି । ସଙ୍ଘ ସଭାପତି ସୁମନ୍ତ ଦେହୁରୀ ଓ ସମ୍ପାଦକ ପ୍ରଭାତରଞ୍ଜନ ପୃଷ୍ଟିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ସଦସ୍ୟ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ସହ ହିନ୍ଦୋଳବାସୀଙ୍କ ଶୁଭକାମନା କରିଥିଲେ । ପୁରୀସ୍ଥିତ ପୁରୀ ହୋଟେଲ ଅଭ୍ୟର୍ଥନା କକ୍ଷରେ ଆୟୋଜିତ ବୈଠକରେ ସଙ୍ଘର ଆଗାମୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ହେବାସହ ହିନ୍ଦୋଳବାସୀଙ୍କ ବିକାଶ ଓ ନ୍ୟାୟ ପାଇଁ ସମସ୍ତ ସଦସ୍ୟ ସଙ୍କଳ୍ପବଦ୍ଧ ହେବାକୁ ନିଷ୍ପତ୍ତି ନିଆଯାଇଛି । ସମାଜର ଅସହାୟ, ନିଷ୍ପେସିତଙ୍କ ପାଇଁ ସମସ୍ତ ସଦସ୍ୟ କାର୍ଯ୍ୟ କରିବେ ବୋଲି ଶପଥ କରିଛନ୍ତି ।

# ବିଜେପି ନେତାମନ୍ତ୍ରୀଙ୍କ ବିରୋଧରେ କଂଗ୍ରେସର ଏତଲା

ଢେଙ୍କାନାଳ, ୨୭ ।୨(ସମିସ): ରାହୁଲ ଗାନ୍ଧୀଙ୍କ ବିରୋଧରେ ଅପଶବ୍ଦ ବ୍ୟବହାର କରାଯାଇଥିବା ଅଭିଯୋଗ କରି ଜିଲ୍ଲା କଂଗ୍ରେସ ସଭାପତି ଛବିରାଜ ବିଶ୍ୱାଳଙ୍କ ନେତୃତ୍ୱରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ହରଦିପ ସିଂ ପୁରୀ, ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ ରିଜିଜୁ, ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କ ବିରୋଧରେ ଢେଙ୍କାନାଳ ଏସ୍‌ପିଙ୍କୁ ଏତଲା ପ୍ରଦାନ କରାଯାଇଛି । ଦଳୀୟ ନେତା ଓ କର୍ମୀମାନେ ଗାନ୍ଧୀ ମନ୍ଦିରଠାରୁ ଶୋଭାଯାତ୍ରାରେ ବାହାରି ବିଜେପି ନେତାମାନଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ୍ ଦେଇ ଏସ୍‌ପିଙ୍କ କାର୍ଯ୍ୟାଳୟରେ ପହଞ୍ଚି ଏଫଆଇଆର ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ସଭାପତି ସୁନୀଲ ଦାସ, ଗୋପାଳ ସାହୁ, ବିନୟ ସାହୁ, ଜିତେନ୍ଦ୍ର ସାହୁ, ନିଶାକର ସାହୁ, ଡା. ତୁଷାର କାନ୍ତି ନାୟକ, ରୁଦ୍ରପ୍ରକାଶ ଶରଣ, ପ୍ରେମଶଙ୍କର ମିଶ୍ର, ପ୍ରିୟବ୍ରତ ଗଡ଼ନାୟକ, ସ୍ମିତାରାଣୀ ସାମଲ, ଗୋବର୍ଦ୍ଧନ ଶେଖର ନାଏକ,




ବିପ୍ରବର ସାହୁ, ବିକାଶ ସ୍ୱାଇଁ, ସୁଶାନ୍ତ ଧଳ, ଅଜିତାନନ୍ଦ ବିହାରୀ, ବନମାଳୀ ଦାସ, ନୁରୁଲ ଇସଲାମ, ପ୍ରମୋଦ ମହାପାତ୍ର, ପ୍ରଭୁଦତ୍ତ ଭଟ୍ଟ, ଅବିନାଶ ପଣ୍ଡା, ରୁମେନା ବେଗମ୍ ପ୍ରମୁଖ ସାମିଲ ହୋଇଥିଲେ ।

# ଟାଟା ପାୱାର ମନମୁଖି କାର୍ଯ୍ୟ ବିରୋଧରେ ପ୍ରତିବାଦ ସଭା

ଢେଙ୍କାନାଳ, ୨୭ ।୨(ସମିସ): ଢେଙ୍କାନାଳ ଜିଲ୍ଲା ଓକିଲ ସଙ୍ଘ ନେତୃତ୍ୱରେ ଢେଙ୍କାନାଳ ଜିଲ୍ଲା ବିଦ୍ୟୁତ ଉପଭୋକ୍ତା କମିଟି ତରଫରୁ ଟାଟା ପାୱାରର ମନମୁଖୀ କାର୍ଯ୍ୟ ସହିତ ଜୋରଜବରଦସ୍ତ ଉପଭୋକ୍ତାମାନଙ୍କ ଘରେ ସ୍ମାର୍ଟ ମିଟର ଲଗାଇବା କାର୍ଯ୍ୟକୁ ବିରୋଧ କରିବା ପାଇଁ ଗଣେଷ ବଜାରସ୍ଥିତ ଗୋପବନ୍ଧୁ ଟାଉନହଲ ସମ୍ମୁଖରେ ଏକ ପ୍ରତିବାଦ ସଭାର ଆୟୋଜନ କରାଯାଇଛି । ଏହି ସଭାରେ




ରାଜ୍ୟ ବିଦ୍ୟୁତ ଉପଭୋକ୍ତା ସଙ୍ଘର ସଭାପତି ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ ଓ ଉପଦେଷ୍ଟା ରାଜ୍ୟର ବରିଷ୍ଠ ସାମ୍ବାଦିକ ରବି ଦାସ ଯୋଗଦେଇ ଉଦବୋଧନ ଦେଇଥିଲେ । ସହରର ବୁଦ୍ଧିଜୀବୀ ଓ ସଚେତନ ନାଗରିକମାନଙ୍କୁ ଅନୁରୋଧ ବହୁ ସଂଖ୍ୟାରେ ଯୋଗଦେଇ ପ୍ରତିବାଦ ସଭାକୁ ସଫଳ କରିଥିଲେ ।

# ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣ ଉତ୍ସବ

କାମାକ୍ଷାନଗର, ୨୭ ।୨(ସମିସ): କାମାକ୍ଷାନଗର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଛି । ପ୍ରଧାନଶିକ୍ଷକ ସୁରଥ କୁମାର ଚିନାରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜ୍ୟ ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସଞ୍ଜୁକ୍ତାରାଣୀ ନାୟକ ମୁଖ୍ୟଅତିଥି ଓ ପୂର୍ବତନ ପ୍ରଧାନଶିକ୍ଷକ ତପନ କୁମାର ଶତପଥୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଦୁର୍ଗାପ୍ରସାଦ ତ୍ରିପାଠୀ ସ୍ୱାଗତ ଭାଷଣ ଓ ସଭା ପରିଚାଳନା କରିଥିଲେ । ଖେଳ ଶିକ୍ଷୟିତ୍ରୀ କୈକେୟୀ ଦେହୁରୀଙ୍କ ନେତୃତ୍ୱରେ କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା । ସୁପର ସିନିଅର ବାଳକ ବର୍ଗରେ ଦଶମ ଶ୍ରେଣୀର କ୍ରିଷ୍ଣା ମଲ୍ଲିକ, ବାଳିକାରେ ନବମ ଶ୍ରେଣୀର ଅଜିମତ ପରବିନ, ବରିଷ୍ଠ ବାଳକ ବର୍ଗରେ ଅଷ୍ଟମ ଶ୍ରେଣୀର ସମ୍ବିତ ମଲ୍ଲିକ, ବାଳିକାରେ ଅଷ୍ଟମ ଶ୍ରେଣୀର ସଙ୍ଗୀତା ନାଏକ, କନିଷ୍ଠ ବର୍ଗରେ ପଞ୍ଚମ ଶ୍ରେଣୀ ଛାତ୍ର ଗିରିଜା ଶଙ୍କର ବିଶ୍ୱାଳ ଓ ସର୍ବକନିଷ୍ଠ ବର୍ଗରେ ତୃତୀୟ ଶ୍ରେଣୀର ଶ୍ରୀରାମ ସେଠୀ ଚାମ୍ପିଅନ ହୋଇଥଲେ । କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରିଥିଲେ । ଶିକ୍ଷୟିତ୍ରୀ ସ୍ମିତାଞ୍ଜଳି ସାମଲ, ଆରତୀ ସାହୁ, ପୁଷ୍ପଲଳିତା କୁଜୁର, ଶିକ୍ଷକ ଯଶୋବନ୍ତ ମହାପାତ୍ର, ଅଶେଷ କୁମାର ମାର୍ଥା, କର୍ମଚାରୀ ଈଶ୍ୱର ତ୍ରିପାଠୀ ଓ ଦେବୀପ୍ରସାଦ ମହାପାତ୍ର ସହଯୋଗ କରିଥିଲେ । ଶିକ୍ଷୟିତ୍ରୀ ସ୍ମିତାଞ୍ଜଳି ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।




# ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଅଭିଯାନ

ଢେଙ୍କାନାଳ, ୨୭ ।୨(ସମିସ): ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନର ଜିଲ୍ଲା ଯୋଜନା ବୈଠକ ଜିଲ୍ଲା ବିଜେପି ସଭାପତି ରାସବିହାରୀ ବେହେରାଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବେ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ସମ୍ମାନିତ ଅତିଥି ଭାବେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ଢେଙ୍କାନାଳ ପୌରାଧକ୍ଷା ଜୟନ୍ତୀ ପାତ୍ର ପ୍ରମୁଖ ଯୋଗଦେଇଥିଲେ । ଦଳର ଆଭିମୁଖ୍ୟ ଓ ବିଚାରଧାରାରେ ସମସ୍ତଙ୍କୁ ବାନ୍ଧି ରଖିବା ପାଇଁ ଦୀନଦୟାଲ ଉପାଧ୍ୟାୟ କିଭଳି କାର୍ଯ୍ୟକର୍ତ୍ତାଙ୍କୁ ସମାଜର ଅନ୍ତିମ ସ୍ତରରେ ଥିବା ବ୍ୟକ୍ତିର ଉତ୍ଥାନ ପାଇଁ ପରାମର୍ଶ ଦେଇଥିଲେ ସେହି ସମ୍ବନ୍ଧରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ । ବୈଠକର ଦ୍ୱିତୀୟ ଅଧିବେଶନରେ ବିଜେପି ରାଜ୍ୟ ଉପସଭାପତି ଯତୀନ ମହାନ୍ତି, ରାଜ୍ୟ ପ୍ରବକ୍ତା ଅନିଲ ବିଶ୍ୱାଳ, ଜିଲ୍ଲା ପ୍ରଭାରୀ ସ୍ମୃତି ପଟ୍ଟନାୟକ, ପୂର୍ବତନ ଜିଲ୍ଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇ ବିଧାନସଭା ଅନୁସାରେ ସମୁଦାୟ ୩୧ଟି ମଣ୍ଡଳର ଆଗାମୀ ଯୋଜନା ବୈଠକ, ବର୍ଗ ସ୍ଥାନ, ବର୍ଗ ସଞ୍ଚାଳନ ସମିତି, ଆପେକ୍ଷିତ ସୂଚୀ ଓ ପ୍ରଶିକ୍ଷଣ ପରିଚାଳନା ସମ୍ବନ୍ଧୀୟ ରିପୋର୍ଟ ନେଇଥିଲେ ।




## ● ପୌରପାଳିକାରେ ପେପର ଟେଣ୍ଡରକୁ ନେଇ ବଢ଼ିଲା ଅସନ୍ତୋଷ

# ଧାରଣାରେ ବସିଲେ ବିଜେଡି କାଉନସିଲର

ଢେଙ୍କାନାଳ, ୨୭ ।୨(ସମିସ): ଢେଙ୍କାନାଳ ପୌରପାଳିକାରେ ୧୨୦ଟି ହସ୍ତବୃତ୍ତ ଠିକା ପ୍ରସ୍ତାବ ପେପେର ଟେଣ୍ଡରକୁ ବିରୋଧ କରି ବିଜେଡି କାଉନସିଲରମାନେ ଅସନ୍ତୋଷ ପ୍ରକାଶ କରିବା ସହିତ ଧାରଣା ଦେଇଥିଲେ । ସୂଚନା ଅନୁସାରେ ଗତ ୧୭ ତାରିଖ ୪୮୩ ନମ୍ବର ଅନୁସାରେ ୨୩ଟି ୱାର୍ଡରେ ୧୨୦ଟି ପେପର ଟେଣ୍ଡର ଆହ୍ୱାନ କରାଯାଇଛି । ପ୍ରତ୍ୟେକ କାର୍ଯ୍ୟର ମୂଲ୍ୟ ୫ଲକ୍ଷ ଟଙ୍କା ଏଭଳି ପ୍ରାୟ ୫ କୋଟି ଟଙ୍କାର କାମ ପାଇଁ ଏହି ଟେଣ୍ଡର କରାଯାଇଛି । ବିଭିନ୍ନ ୱାର୍ଡରେ ମାତ୍ରାଧିକ ଠିକାଦାର ନିଯୁକ୍ତି କରାଗଲେ କାର୍ଯ୍ୟର ମାନ ହ୍ରାସ ପାଇବ ବୋଲି ଅଭିଯୋଗ କରାଯାଇଥିବା ବେଳେ ସହରରେ ଉପଯୁକ୍ତ ଠିକା ସଂସ୍ଥା ଏବଂ ଠିକାଦାର ଥିବା ବେଳେ କେବଳ ତାଲିକାଭୁକ୍ତ ଠିକାଦାରଙ୍କୁ ପ୍ରାଧାନ୍ୟ ଦେବା ଆଇନ ବିରୁଦ୍ଧ ବୋଲି ଅଭିଯୋଗ କରିଛନ୍ତି । ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ନିର୍ଦ୍ଦିଷ୍ଟ ପ୍ରକାର କାର୍ଯ୍ୟ ପାଇଁ ପ୍ରସ୍ତାବ ନ କରି ଛୋଟ ଛୋଟ ଭାବେ ବିଭକ୍ତ କରିବା, ଇ-ଟେଣ୍ଡର କରା ନ ଯାଇ ପେପେର ଟେଣ୍ଡର କରିବା ଭଳି କାର୍ଯ୍ୟକୁ ବିଜେଡି କାଉନସିଲରମାନେ ବିରୋଧ କରିଛନ୍ତି । ପୌରପାଳିକାକୁ ଆସୁଥିବା ଅର୍ଥ ବ୍ୟୟ ପରିଚାଳନା ପରିବର୍ତ୍ତେ ଏହା କିପରି ଅପଚୟ ହେବ ତାହାର ପ୍ରମାଣ ବୋଲି କହିବା ସହ ଏହି ଟେଣ୍ଡରକୁ ପ୍ରତ୍ୟାହାର ଦାବି କରି ଶୁକ୍ରବାର ସକାଳୁ ଧାରଣା ଦେଇଥିଲେ । ତୁରନ୍ତ ଇ-ଟେଣ୍ଡର ମାଧ୍ୟମରେ କାର୍ଯ୍ୟ କରିବାକୁ ଦାବି କରିଛନ୍ତି । ଏଭଳି ଟେଣ୍ଡରକୁ ନେଇ ପୁଣି ଥରେ ପୌର ପାଳିକା ଚର୍ଚ୍ଚାରେ ରହିଛି । ଘଟଣାକୁ ନେଇ ଉପାଧ୍ୟକ୍ଷ ପ୍ରକାଶ କୁଅଁର ପ୍ରତିବାଦ କରିବା ସହ ଏଭଳି ବେଆଇନ ଟେଣ୍ଡରକୁ ବିରୋଧ କରିଥିଲେ । ଏହି ଟେଣ୍ଡର କେବଳ ବିଜେପି ଠିକାଦାରଙ୍କୁ ପ୍ରଦାନ କରାଯାଉଥିବା କହିଥିଲେ । ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ପୁଲିସ ଉପସ୍ଥିତ ଥିଲେ ।

# କୋର୍ଟ ଆଦେଶ ପରେ ନଗରପାଳ ଆସନ ଗ୍ରହଣ କଲେ ଶୁଭେନ୍ଦୁ

ଭୁବନ, ୨୭ ।୨(ସମିସ): କର୍ତ୍ତବ୍ୟରେ ଅବହେଳା ଓ କ୍ଷମତାର ଅପବ୍ୟବହାର ଆଳରେ ଭୁବନ ଏନ୍ଏସିର ନଗରପାଳ ଶୁଭେନ୍ଦୁ କୁମାର ସାହୁଙ୍କୁ ୨୦୨୫ ସେପ୍ଟେମ୍ବର ୯ରେ ସରକାର ବରଖାସ୍ତ କରିଥିଲେ । ଏହା ପରେ ସେପ୍ଟେମ୍ବର ୧୨ରେ ଉପ ନଗରପାଳ ମାନିନୀ ସାହୁଙ୍କୁ ନିର୍ବାହୀ ଅଧିକାରୀ ପ୍ରଦତ୍ତ କୁମାର ସାହୁ ନଗରପାଳ ଭାବେ ଦାୟିତ୍ୱ ଅର୍ପଣ କରିଥିଲେ । ନଗରପାଳ ପଦବୀରୁ କ୍ଷମତାଚ୍ୟୁତ ହେବା ପରେ ଶୁଭେନ୍ଦୁ ସରକାରଙ୍କ ବିରୋଧରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଅପିଲ କରିଥିଲେ । ଉଚ୍ଚ ନ୍ୟାୟାଳୟ ସରକାରଙ୍କ ବହିଷ୍କାର ଆଦେଶକୁ ଖାରଜ କରିଦେବା ପରେ ଶୁଭେନ୍ଦୁ ସାହୁ ଶୁକ୍ରବାର ଦଳୀୟ କର୍ମୀ ଓ ଶୁଭେଚ୍ଛୁଙ୍କ ଗହଣରେ ଏନ୍ଏସି କାର୍ଯ୍ୟାଳୟକୁ ଆସି ଆସନ ଅଳଙ୍କୃତ କରିଛନ୍ତି । ନିର୍ବାହୀ ଅଧିକାରୀଙ୍କ ନିର୍ଦ୍ଦେଶରେ କର୍ମଚାରୀମାନେ ତାଙ୍କୁ ପାଛୋଟି ନେଇଥିଲେ । ଭାରପ୍ରାପ୍ତ ଅଧକ୍ଷା ମାନିନୀ ସାହୁଙ୍କ ସମେତ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ବ୍ଲକ ବିଜେଡି ସଭାପତି ରମେଶ ଚନ୍ଦ୍ର ସାହୁ, ଜିଲ୍ଲା ବିଜେଡି ଉପ ସଭାପତି ସୁଧାକର ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ନରେନ୍ଦ୍ର କୁମାର ସାହୁ, ଅଜୟ ସେଠୀ, ଅଭିମନ୍ୟୁ ବେହେରା, ସୋମନାଥ ମହାରଣା, ସମ୍ପାଦକ ପିଣ୍ଟୁ ଦାସ, ବିଶ୍ୱଜିତ୍ ବାରିକ, କାଉନସିଲର ଗିରିଧାରୀ ସାହୁ, ପପୁ କୁମାର ସାହୁଙ୍କ ସମେତ ବରିଷ୍ଠ କର୍ମୀ ମୁରଲୀ ମୋହନ ମାହୁନ୍ତ, ସନ୍ତୋଷ କୁମାର ବେହେରା, ବିନୋଦ କୁମାର ବେହେରା, ନାରାୟଣ ନାୟକ, ରାକେଶ କୁମାର ପୃଷ୍ଟି ପ୍ରମୁଖ ଶୁଭେନ୍ଦୁଙ୍କୁ ପୁଷ୍ପଗୁଚ୍ଛ ଦେଇ ଦେଇ ଅଭିନନ୍ଦନ ଓ ସ୍ୱାଗତ ଜଣାଇଥିଲେ ।



# ମୋଟରୀ ଉପ୍ରା ବିଦ୍ୟାଳୟର ବାର୍ଷିକୋତ୍ସବ

ଢେଙ୍କାନାଳ, ୨୭ ।୨(ସମିସ): ସଦର ବ୍ଲକ ଅନ୍ତର୍ଗତ ମୋଟରୀ ଉପ୍ରା ବିଦ୍ୟାଳୟର ବାର୍ଷିକୋତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଅବସରରେ ପ୍ରଧାନଶିକ୍ଷକ ବିଷ୍ଣୁମଲ୍ଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ମଧୁସାହୁପାଟଣା ଗ୍ରାମପଞ୍ଚାୟତର ସମିତିସଭ୍ୟା ଗୀତାଞ୍ଜଳି ସାହୁ, ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ସୁଦାମ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ସିଆରସିସି ଅର୍ଜୁନ ନାୟକ, ନୃସିଂହଚରଣ ବେହେରା ଓ ସମାଜସେବୀ ସୁବାଷ ଚନ୍ଦ୍ର ସାହୁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଶିକ୍ଷା ବିକାଶର ଚାବିକାଠି । ଛାତ୍ରଛାତ୍ରୀମାନେ ନିଷ୍ଠା ଓ ଅଧବସାୟ ବଳରେ ଜ୍ଞାନ ଅର୍ଜନ କରି ସୁସ୍ଥ ଓ ବିକଶିତ ସମାଜ ଗଠନରେ ନିଜକୁ ନିୟୋଜିତ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ । ପୂର୍ବରୁ ସମାହିତ ହୋଇଥିବା କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଶିକ୍ଷକ ପ୍ରଦ୍ୟୁମ୍ନ ଦାସ ମଞ୍ଚ ସଞ୍ଚାଳନ କରିଥିବାବେଳେ ଶିକ୍ଷକ ସନ୍ତୋଷ କୁମାର ଧଳ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ଆୟୋଜନରେ କମିଟି ସଭାପତି କାର୍ତ୍ତିକେଶ୍ୱର ଖିଲାର, ଶିକ୍ଷୟିତ୍ରୀ ସ୍ୱର୍ଣ୍ଣପ୍ରଭା ମିଶ୍ର, ଶୋଭାଶ୍ରୀ ଦଳେଇ, ସ୍ନିଗ୍ଧମୟୀ ନାୟକ ପ୍ରମୁଖ ସହଯୋଗ କରିଥିଲେ ।

# ବିପଦପୂର୍ଣ୍ଣ ଅବସ୍ଥାରେ ବାଜିରାଉତ ସେତୁ

## ଭାଙ୍ଗିଯାଇଛି ସୁରକ୍ଷା ବାଡ଼, ପ୍ରଶାସନ ନିଦାବିଷ୍ଟ

ଗଁଦିଆ, ୨୭ ।୨(ସମିସ)



ଢେଙ୍କାନାଳ ଜିଲ୍ଲା ମଦାରଠାରେ ବ୍ରାହ୍ମଣୀ ନଦୀ ଉପରେ ନିର୍ମିତ ବାଜିରାଉତ ସେତୁର ସୁରକ୍ଷା ବାଡ଼ ଭାଙ୍ଗିରୁଜି ଗଲାଣି । ସେତୁ ପାର୍ଶ୍ୱରେ ଥିବା କଂକ୍ରିଟ୍ ରେଲିଂ ସମ୍ପୂର୍ଣ୍ଣ ଭାବେ ଉପୁଡ଼ି ପଡ଼ିଛି ଏବଂ କେବଳ ଲୁହା ରଡ୍‌ଗୁଡ଼ିକ ବାହାରକୁ ଦିଶୁଛି । ପ୍ରତିଦିନ ଏହି ସେତୁ ଦେଇ ହଜାର ହଜାର ଲୋକ ଏବଂ ଯାନବାହନ ଯାତାୟାତ କରନ୍ତି । ସୁରକ୍ଷା ବାଡ଼ ନ ଥିବାରୁ ବିଶେଷ କରି ରାତି ସମୟରେ ଓ ସକାଳେ କୁହୁଡ଼ିଆ ଦିନରେ ଏଠାରେ ବଡ଼ ଧରଣର ଦୁର୍ଘଟଣା ଘଟିବା ଆଶଙ୍କା ରହିଛି । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ଏ ନେଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ମରାମତି କାର୍ଯ୍ୟ କରାଯାଇ ନାହିଁ । ଏ ବାଡ଼ ଭାଙ୍ଗିବା ପରେ ଅଘଟଣ ଉପରେ ଅଘଟଣ ଘଟିବାରେ ଲାଗିଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ତୁରନ୍ତ ଏହାର ମରାମତି କରିବାକୁ ଦାବି ହେଉଛି ।

# ଜିଲ୍ଲାସ୍ତରୀୟ ବିକଶିତ ଭାରତ ଯୁବ ସଂସଦ

ଢେଙ୍କାନାଳ, ୨୭ ।୨(ସମିସ): ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ବିକଶିତ ଭାରତ ଯୁବ ସଂସଦ ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ବିକଶିତ ଭାରତ ଓ ବିକଶିତ ଓଡ଼ିଶା ଗଠନରେ ଯୁବପିଢ଼ିଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ବରାଳ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିବା ସହିତ ଯୁବପିଢ଼ିଙ୍କୁ ଜ୍ଞାନ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଅଗ୍ରଣୀ ହେବାକୁ ପରାମର୍ଶ ଦେଇଥିଲେ । ବିକଶିତ ଭାରତ ଯୁବ ସଂସଦର ଜିଲ୍ଲା ନୋଡାଲ ଅଧିକାରୀ ଡ. ରବର୍ଟ ଉଇଲସନ ଭାତ୍ରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. ବିଭୁଦତ୍ତ ଦାସ ଉପସ୍ଥିତ ଥିଲେ । ଏଥିରେ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରୁ ଯୋଗଦେଇଥିବା ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଜରୁରୀକାଳୀନ ପରିସ୍ଥିତିର ୫୦ ବର୍ଷ ଭାରତୀୟ ଗଣତନ୍ତ୍ର ପାଇଁ ଶିକ୍ଷା ଶୀର୍ଷକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପାଞ୍ଚଜଣ କୃତୀ ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରୀୟ ପ୍ରତିଯୋଗିତା ନିମନ୍ତେ ଚୟନ କରାଯାଇଛି । ସହକାରୀ ପ୍ରଫେସର ଡ. ମିନୁରାଣୀ ଦଳାଇ ସହଯୋଗ କରିଥିଲା ବେଳେ ସହକାରୀ ପ୍ରଫେସର ରଶ୍ମିରଞ୍ଜନ ନାୟକ ସଂଯୋଜନା କରିଥିଲେ । ସହକାରୀ ପ୍ରଫେସର ଡ. ସସ୍ମିତା ଧନ୍ୟବାଦ ଜ୍ଞାପନ କରିଥିଲେ ।



## ଐତିହାସିକ ପର୍ଯ୍ୟଟନସ୍ଥଳୀ 'ଲୁଣିଆ'ର ଭିତ୍ତିଭୂମି ଦୁର୍ବଳ

# ୭ ବର୍ଷରେ ଜଣେ ବି ପର୍ଯ୍ୟଟକ ଆସିଲେନି



**ଅସୁରାଳି, ୨୭ ।୨(ସମିସ)**

ଧାମନଗର ବ୍ଲକରେ ଥିବା ଐତିହାସିକ ସ୍ଥାନ ଲୁଣିଆକୁ ରାଜ୍ୟ ସରକାର ପର୍ଯ୍ୟଟନସ୍ଥଳୀ ମାନ୍ୟତା ପ୍ରଦାନ କରିଛନ୍ତି। ପର୍ଯ୍ୟଟନସ୍ଥଳୀ ଘୋଷଣାର ୭ ବର୍ଷ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ଉକ୍ତ ସ୍ଥାନକୁ ଜଣେ ବି ପର୍ଯ୍ୟଟକ ଏଯାଏଁ ଆସିନାହାନ୍ତି। କାଗଜପତ୍ରରେ ପର୍ଯ୍ୟଟନ କ୍ଷେତ୍ରର ପରିଚୟ ପାଇଥିବା ଲୁଣିଆର ଭିତ୍ତିଭୂମି ବିକାଶ ପାଇଁ ସରକାରଙ୍କ ଆନ୍ତରିକତା ନଥିବା ଯୋଗୁଁ ଏଠାକୁ ବାହାରୁ କେହି ପର୍ଯ୍ୟଟକ ଆସୁନଥିବା ଅଞ୍ଚଳବାସୀ ଅଭିଯୋଗ କରୁଛନ୍ତି।

ସୂଚନାଯୋଗ୍ୟ, ଖପରପଦା ଏବଂ କଟସାହି ପଞ୍ଚାୟତର ସୀମାବର୍ତ୍ତୀ ଅଧୁନା ସହିଦ ନଗରରେ ରହିଛି ପର୍ଯ୍ୟଟନସ୍ଥଳ ଲୁଣିଆ। ୧୯୪୨ ମସିହା ସେପ୍ଟେମ୍ବର ୨୨ ତାରିଖ ଦିନ ଘଟିଥିବା ଲୁଣିଆ ଗୁଳିକାଣ୍ଡର ସ୍ମାରକୀ ପୀଠ ତତ୍କାଳୀନ ଲୁଣିଆ ଚାନ୍ଦିଆପଶି ପଡ଼ିଆରେ ଇଂରେଜ ସରକାରଙ୍କ ପୁଲିସ ଗୁଳିରେ ୯ ଜଣ ଦେଶପ୍ରେମୀ ସହିଦ ହୋଇଥିଲେ। ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ରକ୍ତର ସ୍ୱାକ୍ଷର ଛାଡ଼ିଥିବା ରକ୍ତତୀର୍ଥ ଲୁଣିଆ(ସହିଦ୍‌ନଗର) ଛାତିରେ ବୀରତ୍ୱ ଗାଥା ଉଜ୍ଜୀବିତ ହୋଇ ରହିଛି। ଏହି ସ୍ଥାନକୁ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ୨୦୧୭-୧୮ ମସିହାରେ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ଘୋଷଣା କରିଥିଲେ। ସରକାରଙ୍କ ଏହି ଘୋଷଣା ଧାମନଗରବାସୀଙ୍କୁ ଖୁସି କରିଥିଲା। ପର୍ଯ୍ୟଟନ ସ୍ଥାନ ଘୋଷଣା ପରେ ସ୍ଥାନୀୟ ଜନସାଧାରଣ ଆଶା ବାନ୍ଧିଥିଲେ ସେମାନଙ୍କ ମାଟିର ବୀରତ୍ୱ ଗୌରବ ପ୍ରାଚୀନ ଉପଲବ୍ଧିକୁ ଦେଖିବାକୁ ଜାଣିବାକୁ ବାହାରୁ ପର୍ଯ୍ୟଟକ ଆସିବେ। ଏମିତି ହେଲେ ଲୋକଙ୍କ ଆର୍ଥିକ ବିକାଶ ସହିତ ଅଞ୍ଚଳର ପରିଚୟ ଆହୁରି ସମୃଦ୍ଧ ହେବ। ହେଲେ ବିଗତ ୭ବର୍ଷ ମଧ୍ୟରେ ସେଭଳି କୌଣସି ସୁଯୋଗ କି ସମ୍ଭାବନା ସୃଷ୍ଟି ହୋଇନାହିଁ। ପର୍ଯ୍ୟଟକ ଆକୃଷ୍ଟ ହେବା ଭଳି ସାମାନ୍ୟ ସୁବିଧା ପର୍ଯ୍ୟଟକଙ୍କ ପାଇଁ ହୋଇଥିବା ଘର ରେ ରହୁଛନ୍ତି ଠିକାଦାରଙ୍କ କର୍ମଚାରୀ। ଏଣୁ ଜଣେ ମଧ୍ୟ ପର୍ଯ୍ୟଟକଙ୍କ ପାଦ ପଡ଼ିନାହିଁ। ମୋଟାମୋଟି ଏହି କ୍ଷେତ୍ରର ଭିତ୍ତିଭୂମି ବିକାଶ କଥା ପାଶୋରି ଯାଇଛନ୍ତି ସରକାର। କେବଳ କାଗଜପତ୍ରରେ ସୀମିତ ରହିଛି ପର୍ଯ୍ୟଟନସ୍ଥଳୀର ମାନ୍ୟତା। ଏ ବିଷୟରେ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲ୍ଲାପାଳ କାର୍ତିକ ନାଥ ମଣ୍ଡଳ କହିଛନ୍ତି ଯେ ପର୍ଯ୍ୟଟନସ୍ଥଳୀକୁ ପର୍ଯ୍ୟଟକ ଆକୃଷ୍ଟ ହେବା ପରି ସେମିତି କିଛି ନାହିଁ। ଏଥିପାଇଁ ଯୋଜନା ପ୍ରସ୍ତୁତ କରାଯାଇ ସରକାରଙ୍କ ଅନୁମୋଦନ ନିମନ୍ତେ ପଠାଯାଇଛି। ଆର୍ଥିକ ମଞ୍ଜୁରୀ ପରେ ସ୍ଥାନର ଭିତ୍ତିଭୂମି ବିକାଶ ପାଇଁ ପଦକ୍ଷେପ ଗ୍ରହଣ କରାଯିବ।

# ରାସ୍ତା ମରାମତି ହେଉନି; ବଢୁଛି ଦୁର୍ଘଟଣା



**ବାରିକପୁର, ୨୭ ।୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଜାତୀୟ ରାଜପଥ ସଂଲଗ୍ନ ପାଳଦା ବାଙ୍କ ଠାରୁ ପଡ଼ୋଶୀ ଯାଜପୁର ସହର ବିରଜା କ୍ଷେତ୍ରକୁ ପୂର୍ବ ରାସ୍ତା ସଂଯୋଗ ହୋଇଛି। ବିଭିନ୍ନ ସ୍ଥାନକୁ ଯିବାକୁ ପଥର ଦୂରତା ହ୍ରାସ ଓ ସମୟ ବଞ୍ଚାଇବା ସକାଶେ ପ୍ରାୟ ୧୩ କିମି ବିଶିଷ୍ଟ ଏହି ରାସ୍ତା ଦେଇ ଦୈନିକ ହଜାର ହଜାର ଜନସାଧାରଣ ବିଭିନ୍ନ ଯାନବାହାନ ରେ ଯାତାୟାତ କରିଥାନ୍ତି। ଏହାଛଡ଼ା ରାତି ପାହିଲେ ଶହଶହ ବାଇକ୍ ସହିତ ଅନେକ ଯାତ୍ରୀବାହୀ ଓ ମାଲ ପରିବହନ ଯାନ, ବାଲି ଓ ଇଟା ଗାଡ଼ି ଏହି ରାସ୍ତାରେ ଯାତାୟାତ କରିଥାଏ। ହଜାର ହଜାର କଲେଜ ଓ ସ୍କୁଲ ଛାତ୍ରଛାତ୍ରୀ ମଧ୍ୟ ଗମନାଗମନ କରିଥାନ୍ତି। ପାଳଦା ବାଙ୍କ ଠାରୁ ମଣିନାଥପୁର ବଲ୍ଲଭୀ ଘାଟ ସେତୁ ଯାଏଁ ରାସ୍ତା ପାର୍ଶ୍ୱରେ ଅନେକ ଗାଁ, ଛୋଟବଡ଼ ଗ୍ରାମ୍ୟ ବଜାର ଓ ସ୍କୁଲ ରହିଥିବା ବେଳେ ପଥଟି ସର୍ବଦା ଚଳଚଞ୍ଚଳ ଥାଏ। ସମ୍ପୂର୍ଣ୍ଣ ରାସ୍ତାଟି ଦୀର୍ଘ ବର୍ଷ ହେବ କଂକ୍ରିଟ ନିର୍ମାଣ ହୋଇଥିବା ବେଳେ ଅନେକ ସମୟରେ ଏହି ପଥରେ ଯିବା ବେଳେ ଲୋକମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ରାଢ଼ୋ ହନୁମାନ ବଜାର, କଣ୍ଟାଘର ଛକ ନିକଟସ୍ଥ ପୋଲ, ପୁରସ୍ତମପୁର, ମାଳଦା ବଜାର, ସରତାପୋଲ, ଜଳହରି ଆଦି ସ୍ଥାନରେ ଦୈନିକ ଦୁର୍ଘଟଣା ଘଟୁଛି। ଏହି ସ୍ଥାନରେ ରାସ୍ତା ଅତ୍ୟଧିକ ଭଗ୍ନ ଅବସ୍ଥାରେ ରହିଛି। ତେଣୁ ବାଇକ ଓ ସାଇକେଲ ରେ ଯାଉଥିବା ଲୋକ ମାନେ ପ୍ରାୟତଃ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ପୂର୍ବରୁ ପଟା ପୋଲ ଠାରୁ ସରସଦା ଓ ପାଳଦା ବାଙ୍କ ଯାଏଁ ଏଭଳି ଅବସ୍ଥା ସୃଷ୍ଟି ହୋଇଥିଲା। କିଛି ଦିନ ହେବ ଏଠାରେ ମରାମତି କାର୍ଯ୍ୟ ହୋଇଥିବା ବେଳେ ବାକି ୯ କିମି ରାସ୍ତାର ଅନେକ ସ୍ଥାନ ଏଯାଏଁ ଦୁର୍ବଳ ତଥା ଭଙ୍ଗାରୁଜା ଅବସ୍ଥାରେ ରହିଛି। ତେଣୁ ରାସ୍ତା ମରାମତି ପାଇଁ ସ୍ଥାନୀୟ ବାସିନ୍ଦା ଓ ବୁଦ୍ଧିଜୀବୀ ଦୃଢ଼ ଦାବି କରିଛନ୍ତି। ଏ ନେଇ ବିଭାଗୀୟ ଯନ୍ତ୍ରୀଙ୍କ ମତାମତ ନେବାରୁ ଯଥାଶୀଘ୍ର ରାସ୍ତା ମରାମତି ହେବ ବୋଲି ମତପ୍ରକାଶ କରିଛନ୍ତି।

## ଭଦ୍ରକରେ ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ




**ଭଦ୍ରକ, ୨୭ ।୨(ସମିସ):** ଓଡ଼ିଶା ରାଜ୍ୟ ମହିଳା କମିଶନ ଓ ଭଦ୍ରକ ଜିଲ୍ଲା ପ୍ରଶାସନଙ୍କ ମିଳିତ ଆନୁକୂଲ୍ୟରେ ଭଦ୍ରକ ସହିଦ ସ୍ମୃତି ଭବନଠାରେ ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତି ମୁଖ୍ୟ ବକ୍ତା ଭାବେ ଯୋଗଦେଇ ମହିଳାଙ୍କ ଅଧିକାର, ସୁରକ୍ଷା ଓ ଆଇନ ଜ୍ଞାନର ପ୍ରସାର ଉପରେ ଜୋର ଦେଇଥିଲେ। ଉଦ୍‌ଘାଟନୀ ଅବସରରେ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ, ଭଦ୍ରକ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ଭଦ୍ରକ ଓକିଲ ସଂଘ ସଭାପତି ସନ୍ତୋଷ କୁମାର ଆଚାର୍ଯ୍ୟ, ଜିଲ୍ଲା ପରିଷଦ ସଦସ୍ୟମାନେ, ସରପଞ୍ଚମାନେ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ରୂପାଲି ମିତ୍ର, କନସଲ୍‌ଟାଣ୍ଟ ଡା. ଏମ୍. ଟୁନା ସାହୁ, ଭଦ୍ରକ ଉପଭୋକ୍ତା ବିବାଦ ସମାଧାନ ଆୟୋଗ ସଭାପତି ଶିବପ୍ରସାଦ ମହାନ୍ତି ଓ ସମାଜସେବୀ ଲଲାଟେନ୍ଦୁ ମହାନ୍ତି ରେସୋର୍ସ ପର୍ସନ୍ ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଲିଙ୍ଗଗତ ବୈଷ୍ୟମତା, ଘରୋଇ ହିଂସା, ମହିଳା ସୁରକ୍ଷା ଆଇନ ଓ ସରକାରଙ୍କ ବିଭିନ୍ନ ଯୋଜନା ସମ୍ବନ୍ଧରେ ସୁଚିନ୍ତିତ ମତାମତ ପ୍ରକାଶ କରିଥିଲେ। ବାଲ୍ୟବିବାହ ନିଷେଧ, ଯୌତୁକ ନିବାରଣ, ଘରୋଇ ହିଂସା ପ୍ରତିରୋଧ, କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କୁ ଯୌନ ନିର୍ଯାତନା ପ୍ରତିଷେଧ, ଡାହାଣୀ ପ୍ରଥା ନିବାରଣ, ପୋକସୋ ଆଇନ ଓ ମାନବ ଚାଲାଣ ନିବାରଣ ଆଇନ ବିଷୟରେ ବିସ୍ତୃତ ଆଇନଗତ ସଚେତନତା କରାଯାଇଥିଲା। ଏହି ଅବସରରେ ବାଲ୍ୟବିବାହ ଓ ଶିଶୁ ସୁରକ୍ଷା ପାଇଁ ସାମୂହିକ ଶପଥ ପାଠ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ, ସ୍ୱୟଂ ସହାୟକ ଦଳ ସଦସ୍ୟା, ପଞ୍ଚାୟତିରାଜ ପ୍ରତିନିଧି, ସଖୀ ୱାନ୍ ଷ୍ଟପ୍ ସେଣ୍ଟର କର୍ମଚାରୀ, ଶକ୍ତି ସଦନ ସଭ୍ୟା, ସ୍ୱେଚ୍ଛାସେବୀ ସଂଗଠନ ପ୍ରତିନିଧି, ଯୁବ ପ୍ରତିନିଧି, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଓ ସୁପରଭାଇଜରମାନଙ୍କ ସହ ୩୦୦ରୁ ଅଧିକ ମହିଳା ଅଂଶଗ୍ରହଣ କରିଥିଲେ। ଶେଷରେ ଜିଲ୍ଲା ସୁରକ୍ଷା ଅଧିକାରୀ ସବିତା ବେହେରା ସଭା ସାଙ୍ଗ କରି ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି

## ଚିନ୍ତାମଣି ସ୍ମାରକୀ ଆଞ୍ଚଳିକ ପରିଷଦର ସାଂସ୍କୃତିକ ମହୋତ୍ସବ ଉଦ୍‌ଘାଟିତ

**ଧାମନଗର, ୨୭ ।୨(ସମିସ):** ଯୁଗ ଯୁଗରୁ ଗ୍ରାମାଞ୍ଚଳରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତିକୁ ବଞ୍ଚାଇ ରଖିବାରେ ଛୋଟ ଛୋଟ ଅନୁଷ୍ଠାନ ଗୁଡିକର ଭୂମିକା ଅତୁଳନୀୟ। ସରକାରଙ୍କର ବିନା ଆର୍ଥିକ ସହଯୋଗରେ ଅକୁଣ୍ଠିତ ନିଜସ୍ୱ ଅନୁଦାନରୁ ପାଲା, ଦାସକାଠିଆ, ଘୋଡାନାଚ, ଛଉ ନୃତ୍ୟ ଭଳି ବିଭିନ୍ନ ଲୋକ କଳା ପରିବେଷଣ କରାଇ ଉତ୍କଳୀୟ ସଂସ୍କୃତିର ପ୍ରଚାର ପ୍ରସାର ସହିତ ରୀତି ଯୁଗୀୟ ଭଳି ଉତ୍କୃଷ୍ଟ ସାହିତ୍ୟକୁ ବଞ୍ଚାଇ ରଖିଛନ୍ତି। ସେଥିପାଇଁ ଓଡ଼ିଆ ଭାଷା ଆଜି ଶାସ୍ତ୍ରୀୟ ମାନ୍ୟତା ପାଇପାରିଛି। ଧାମନଗର ବ୍ଲକରୁ ମୁଖ୍ୟଅତିଥି ଭାବେ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପୁହାଣ, ମୁଖ୍ୟବକ୍ତା ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସମ୍ମାନ ପ୍ରାପ୍ତ ଗୁରୁ ସୁବାସ ଚନ୍ଦ୍ର ମଲ୍ଲିକ, ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି ମନୋଜ ମଲ୍ଲିକ, ସମାଜସେବୀ ଚତୁର୍ଭୁଜ ନାୟକ, କବି ରାମଚନ୍ଦ୍ର ମିଶ୍ର, ସମାଜସେବୀ କ୍ଷୀରୋଦ ଧଳ, ଶିଳ୍ପପତି ଭୀମସେନ ରାଉତ, ସମାଜସେବୀ ଫନୀଭୂଷଣ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ମତ ପ୍ରକାଶ କରିଥିଲେ। ପ୍ରକାଶ ଥାଉକି ଆଜିଠାରୁ ଆସନ୍ତା ୧ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ମହୋତ୍ସବର ତଥା ପରିଷଦର ପ୍ରାଣ ପ୍ରତିଷ୍ଠାତା ଶିଳ୍ପପତି ଭୀମସେନ ରାଉତ ଏବଂ ଶିଳ୍ପପତି ନବଘନ ଖଟୁଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତିନିଦିନ ଧରି ପାଲା ପରିବେଷଣ ସହିତ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସୌଜନ୍ୟରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବାକୁ ସ୍ଥିର କରାଯାଇଛି। ଏହି ୯ମ ବାର୍ଷିକ ମହୋତ୍ସବର ଉଦଘାଟନୀ ଉତ୍ସବରେ ଗାୟକ ଉମାକାନ୍ତ ହୋତା ଓ ଗାୟିକା ମମତା ପୁଟିଂଆ ପାଲା ପରିବେଷଣ କରିଥିବା ବେଳେ ସରକାରଙ୍କ ତରଫରୁ କେନ୍ଦ୍ରାପଡ଼ାର ଭଜନ ଗ୍ରୁପ ଭଜନ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ପ୍ରଭାତ ଆରଣ ଓ ଶିଶିର ଆରଣ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ଉଗ୍ରସେନ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।



## ଷାଠିବାଙ୍କୁଡ଼ାରେ ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉତ୍ସବ



**ଆରଡ଼ି, ୨୭।୨(ସମିସ):** ଷାଠିବାଙ୍କୁଡା ଗ୍ରାମସ୍ଥ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଶାସ୍ତ୍ରୀୟ ବିଧି-ନିୟମ ଅନୁଯାୟୀ ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ପ୍ରତିଷ୍ଠା ଆରମ୍ଭ ହୋଇଯାଇଚି। ଗ୍ରାମବାସୀଙ୍କ ସମୁହିକ ପ୍ରୟାସରେ ଏହି ଉତ୍ସବ ଆୟୋଜିତ ହୋଇଛି। କାର୍ଯ୍ୟସୂଚୀ ଅନୁଯାୟୀ ୨୬ ଫେବୃୟାରୀ (ଗୁରୁବାର) ଦିନ ଅଧିବାସ, ଅଙ୍କୁରାରୋପଣ, ଧାନ୍ୟାଧିବାସ, ପଞ୍ଚଗବ୍ୟ, ଇନ୍ଦ୍ରାୟଣ, କୁଣ୍ଡ ଓ ମଣ୍ଡଳ ନିର୍ମାଣ କରା ଯାଇଥିଲା। ସେହିପରି (ଶୁକ୍ରବାର) କଳସଯାତ୍ରା, ପରିକ୍ରମା, ସୂର୍ଯ୍ୟପୂଜା, ମନ୍ଦିରସ୍ନାନ, ଦେବତାସ୍ନାନ, ପୀଠପୂଜା କରାଯାଇ ଥିଲା।୨୮ ଫେବୃୟାରୀ (ଶନିବାର) ପ୍ରସାଦସେବନ ଓ ଶାସ୍ତ୍ରୀୟ ସଭା କରାଯିବ ଓ ୧ ମାର୍ଚ୍ଚ (ରବିବାର) ପୂର୍ଣ୍ଣାହୁତି ଓ କର୍ମ ସମାପନ କରାଯିବ ବେଳେ ଓ ୩ ମାର୍ଚ୍ଚ (ମଙ୍ଗଳବାର) ଠାରୁ ପାଞ୍ଚଦିନିଆ ଦୋଳ ପୂର୍ଣ୍ଣମୀ ଉତ୍ସବ ପାଳନ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଆୟୋଜକ ମଣ୍ଡଳୀ ସଦସ୍ୟ ମାନଙ୍କ ମଧ୍ୟରେ ସଦାନନ୍ଦ ନାୟକ, ଲକ୍ଷ୍ମୀଧର ବାରିକ, ଚୈତନ୍ୟଚରଣ ବାରିକ, ହରିହର ପରିଡ଼ା, ସତ୍ୟଜିତ୍ ପଲାଇ, ସହଦେବ ପଲାଇ, ଦୁର୍ଯ୍ୟୋଧନ ମହାକୁଡ, ପଣ୍ଡିତ ଦେବେନ୍ଦ୍ର ପଣ୍ଡା, ଗୋବର୍ଦ୍ଧନ ମହାପାତ୍ର, ଲକ୍ଷ୍ମଣ ପାଣିଗ୍ରାହୀ, ସନ୍ତୋଷ ପଣ୍ଡା, ସରୋଜ ପଣ୍ଡା, ରବୀନ୍ଦ୍ର ମହାକୁଡ଼, ସୁନାକାର ପଲାଇ, ତପନ ପଲାଇ, ସୀତାରାମ ପଲାଇ, ସହଦେବ ପଲାଇ, କମଳ ଲୋଚନ ମହାକୁଡ଼, ଦୁର୍ଯ୍ୟୋଧନ ମହାକୁଡ଼, ନୀଳମଣି ମହାକୁଡ଼, ହରିହର ପରିଡ଼ା, ରବୀନ୍ଦ୍ର ପରିଡ଼ା, ଶିଳ୍ପୀ ଅଭିମନ୍ୟୁ ମହାକୁଡ଼, କର୍ତ୍ତା ପ୍ରଫୁଲ୍ଲ ନାୟକ ଏବଂ ସହଧର୍ମିଣୀ ସତ୍ୟଭାମା ନାୟକ ଅନ୍ୟାନ୍ୟ ଗ୍ରାମବାସୀଙ୍କ ସମୁହିକ ପ୍ରୟାସରେ ଏହି ଉତ୍ସବ ଶାନ୍ତି ଶୃଙ୍ଖଳା ରେ ଆୟୋଜିତ କରାଯାଉଚି। ପ୍ରଭାତରେ ଶହ ଶହ ଶ୍ରଦ୍ଧାଳୁ ଗ୍ରାମ ବାସୀଙ୍କ ଦ୍ୱାରା ଗ୍ରାମ ପରିକ୍ରମା କରାଯାଇ ବୈତରଣୀ ନଦୀରୁ ପୂର୍ଣ୍ଣ କୁମ୍ଭ ଆଣି ପୀଠରେ ସ୍ଥାପନ କରାଯାଇଥିଲା। ପରେ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ଗ୍ରାମରେ ଏହି ପ୍ରତିଷ୍ଠା ଉତ୍ସବ କେବଳ ଧାର୍ମିକ ଆଚାର-ବିଧିର ପାଳନ ନୁହେଁ, ଏହା ଗ୍ରାମବାସୀଙ୍କ ସମୁହିକ ଏକତା, ଆସ୍ଥା ଓ ସାମୁଦାୟିକ ସଂସ୍କୃତିର ପ୍ରତୀକ। ମଧ୍ୟାହ୍ନରେ ସମସ୍ତ ଭକ୍ତ ମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ସହିତ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମ ରେ ଅତିଥି ଭାବେ ଯୋଗଦାନ କରିଥିଲେ ବରିଷ୍ଠ ସାମ୍ବାଦିକ ସନ୍ତୋଷ ଦାସ ଦୀପ୍ତି ରଞ୍ଜନ ନାୟକ ଯୁବ ସାମ୍ବାଦିକ ରତିକାନ୍ତ ନାୟକ। ଏହି କାର୍ଯ୍ୟକ୍ରମରେ ଗ୍ରାମର ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

## ରାଜ୍ୟସ୍ତରୀୟ ମୀରାମ୍ବିକା ନୃତ୍ୟ ମହୋତ୍ସବ ଓ ଚିତ୍ରକଳା ପ୍ରଦର୍ଶନୀ

**ଭଦ୍ରକ, ୨୭ ।୨(ସମିସ):** ଭଦ୍ରକ ଜିଲ୍ଲା ଚାନ୍ଦବାଲିର ପ୍ରତିଷ୍ଠିତ ନୃତ୍ୟ ଓ ଚିତ୍ରକଳା ମହାବିଦ୍ୟାଳୟ ମୀରାମ୍ବିକା ଆନୁକୂଲ୍ୟରେ ବିଜୁ ସ୍ମୃତି ଭବନରେ ରାଜ୍ୟସ୍ତରୀୟ ନୃତ୍ୟ ମହୋତ୍ସବ ଓ ଚିତ୍ରକଳା ପ୍ରଦର୍ଶନୀ- ୨୦୨୬ ଉଦ୍‌ଘାଟିତ ହୋଇଛି। ଏହି ମହୋତ୍ସବକୁ ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟଗୁରୁ ବିଦୂଷୀ ସୁଜାତା ମହାପାତ୍ର ପ୍ରଭୁ ଶ୍ରୀଜଗନ୍ନାଥ ଓ ଆଧ୍ୟାତ୍ମିକ ଦାର୍ଶନିକ ଶ୍ରୀମା ଅରବିନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପ୍ରାରମ୍ଭିକ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀ ଗାନ କରାଯିବା ପରେ ମୁଖ୍ୟ ଅତିଥି ବିଦୂଷି ଶ୍ରୀମତୀ ମହାପାତ୍ର ଚିତ୍ରକଳା ପ୍ରଦର୍ଶନୀକୁ ମଧ୍ୟ ଉଦ୍‌ଘାଟନ କରିଥିଲେ। ମୀରାମ୍ବିକା ମହାବିଦ୍ୟାଳୟର ଅଧ୍ୟକ୍ଷା ସାଗରୀକା ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଦଘାଟନୀ ଉତ୍ସବରେ ସମ୍ମାନିତ ଅତିଥି ସାହିତ୍ୟିକ ତଥା ସଂସ୍କୃତି ଗବେଷକ ପ୍ରଫୁଲ୍ଲ କୁମାର ଦାସ ଯୋଗ ଦେଇ ଓଡ଼ିଶୀ ନୃତ୍ୟର ଭବିଷ୍ୟତ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏଥିରେ ଶିକ୍ଷାବିତ ଅମୂଲ୍ୟ କୁମାର ରାଉତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିବା ସଙ୍ଗେ ସଙ୍ଗେ ମଞ୍ଚ ପରିଚାଳନା କରିଥିଲେ। ଏଥିରେ ଓଡ଼ିଶୀ, ଲୋକ ନୃତ୍ୟ, ସଙ୍ଗୀତର ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଗାନ୍ଧାର କଳାର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ନୃତ୍ୟଗୁରୁ କେଶବ କର, କୃତ୍ତିବାସ ଜେନା, ରଘୁନାଥ ନାୟକଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ମହୋତ୍ସବ କମିଟି ସଭାପତି ସରୋଜ ମଲ୍ଲିକଙ୍କ ନେତୃତ୍ୱରେ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ଶେଷରେ କମିଟିର ସମ୍ପାଦକ ବାବୁ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ




## ଶିଶୁ ସୁରକ୍ଷା କର୍ମଶାଳା

**ଭଦ୍ରକ, ୨୭ ।୨(ସମିସ):** ଜିଲ୍ଲା ପୁଲିସ ସଭାଗୃହ ପରିସରରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ୨ଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ଶିଶୁ ମଙ୍ଗଳ କମିଟିର ସଦସ୍ୟ ପ୍ରଦୀପ୍ତ କରଙ୍କ ପୌରୋହିତ୍ୟରେ ମିଶନ ବାତ୍ସଲ୍ୟ ଅନ୍ତର୍ଗତ ଅଣ-ଆନୁଷ୍ଠାନିକ ଯତ୍ନ ସେବା ମାଧ୍ୟମରେ ଶିଶୁଙ୍କୁ ବିଭିନ୍ନ ଯୋଜନାରେ ସାମିଲ କରିବା ଓ ଦକ୍ଷତା, କୌଶଳ ମାଧ୍ୟମରେ ଶିଶୁଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ପ୍ରଶିକ୍ଷଣ ଦିଆଯାଇଥିଲା। ମୁଖ୍ୟ ଅତିଥି ଭାବେ ଏସ୍‌ପି ମନୋଜ ରାଉତ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସମ୍ବିତ ମାଝୀ, ଜିଲ୍ଲା କର୍ମ ନିୟୋଜନ ଅଧିକାରିଣୀ ଅନିତା ନାୟକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, ଜନଶିକ୍ଷଣ ସଂସ୍ଥାନର କାର୍ଯ୍ୟକ୍ରମ ମ୍ୟାନେଜର ମିଲୁ ମହାନ୍ତି, ପ୍ରମୁଖ ଯୋଗଦାନ କରିଥିଲେ। ବରିଷ୍ଠ ଆଇନ୍ ଅଧିକାରୀ ସୁବ୍ରତ ଦାସ ଦୁଇଦିନ ବ୍ୟାପୀ କର୍ମଶାଳାର ଆଭିମୁଖ୍ୟ ଓ ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ।

# ନୂଆ ରୂପ ନେଉଛି ପୁରୁଷଣ୍ଡ ବିଦ୍ୟାଳୟ

**ବନ୍ତ/ଆଗରପଡ଼ା, ୨୭।୨(ସମିସ)**





ସରକାର ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ବିଭିନ୍ନ ପ୍ରକାର ଯୋଜନା ପ୍ରଣୟନ କରୁଥିବାବେଳେ ବିଭାଗୀୟ ଅଧିକାରୀଙ୍କ ଦୂର ଦୃଷ୍ଟିର ଅଭାବ ଯୋଗୁଁ ଯୋଜନା ଗୁଡ଼ିକର ସଫଳ ରୂପାୟନ ହୋଇପାରୁନଥିବା ବନ୍ତ ଶିକ୍ଷାଧିକାରୀଙ୍କ ଅଧୀନରେ ଥିବା ବିଭିନ୍ନ ବିଦ୍ୟାଳୟର ପାରିପାର୍ଶ୍ୱିକ ଅବସ୍ଥାକୁ ଦେଖିଲେ ସ୍ପଷ୍ଟ ବାରି ହୋଇପଡୁଛି। ଏହିପରି ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଥିଲା ତୋଫାବିବି କ୍ଲଷ୍ଟର ଅନ୍ତର୍ଗତ ୧୯୫୫ ମସିହାରେ ପ୍ରତିଷ୍ଠିତ ପୁରୁଷଣ୍ଡ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ। ଦିନକୁ ଦିନ ଉକ୍ତ ବିଦ୍ୟାଳୟର ପାରିପାର୍ଶ୍ୱିକ ପରିସ୍ଥିତି ଗୁଣାତ୍ମକ ଶିକ୍ଷାଦାନ କ୍ଷେତ୍ରରେ ବାଧା ସୃଷ୍ଟି କରିବାରେ ଲାଗିଥିଲା। ବିଦ୍ୟାଳୟରେ ଲାଗି ରହିଥିବା ବିଭିନ୍ନ ସମସ୍ୟାକୁ ଗତ ଜୁଲାଇ ମାସଠାରୁ ପର୍ଯ୍ୟାୟକ୍ରମେ ଦୈନିକ 'ସକାଳ' ମାଧ୍ୟମରେ ଜନନାୟକଙ୍କ ଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଯାହାକି ପ୍ରଶାସନର ଦୃଷ୍ଟିକୁ ଆସିପାରିଛି। ଫଳରେ ଏହି ବିଦ୍ୟାଳୟ ଏବେ ନୂଆ ରୂପ ପାଇବାରେ ଲାଗିଛି। ଦିନକୁ ଦିନ ବିଭିନ୍ନ ସମସ୍ୟାର ସମାଧାନ ହେବା ସହ ଏକ ଶୈକ୍ଷିକ ବାତାବରଣ ସୃଷ୍ଟି ହେଉଛି। ଏଠାରେ ପ୍ରକାଶ ଥାଉକି; ଗତ ଜୁନ ମାସରେ ପୁରୁଷଣ୍ଡ ନୋଡାଲ ବିଦ୍ୟାଳୟର ଏକ ଶ୍ରେଣୀ ଗୃହ ଛାତରୁ ପ୍ଲାଷ୍ଟର ଗଳିପଡ଼ିଥିବା ଦେଖିବାକୁ ମିଳିଥିଲ । । ସୌଭାଗ୍ୟବଶତଃ ଶ୍ରେଣୀ ଗୃହରେ କେହି ପିଲା ଉପସ୍ଥିତ ନଥିବାରୁ ଏକ ସୁନିଶ୍ଚିତ ବିପଦରୁ ରକ୍ଷା ମିଳିଯାଇଥିଲା। ସେ

ହିଭଳି ବିଦ୍ୟାଳୟ ସମ୍ମୁଖ ଭାଗରେ ଜଳ ନିଷ୍କାସନର କୌଣସି ସୁବନ୍ଦୋବସ୍ତ କରାଯାଇନଥିବାରୁ ଏବଂ ବିଦ୍ୟାଳୟ ସମ୍ମୁଖ ଭାଗରେ ଯାଇଥିବା ରାସ୍ତା ବିଦ୍ୟାଳୟ ପରିସରରୁ ଅଧିକ ଉଚ୍ଚତାରେ ଥିବାରୁ ବର୍ଷାଋତୁରେ ବର୍ଷା ପାଣି ବିଦ୍ୟାଳୟ ପରିସରକୁ ପଶୁଥିଲା। ବିଦ୍ୟାଳୟ ପରିସରର ପାଣି ମଧ୍ୟ ନିଷ୍କାସନ ହୋଇ ନପାରି ଜମି ରହି ପିଲାଙ୍କ ପାଇଁ ଆଉ ଏକ ବିପଦ ସୃଷ୍ଟି କରୁଥିଲା। ବିଦ୍ୟାଳୟ ପରିସରରେ ବହୁ ପୁରୁଣା ଗଛ ଥିବା ବେଳେ ଏହା ବର୍ଷ ବର୍ଷ ଧରି କଟା ଯାଉନଥିବାରୁ ଉକ୍ତ ଗଛ ବିଦ୍ୟାଳୟ ଶ୍ରେଣୀ ଗୃହ ସମେତ ପିଲାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଥିଲା। ଏହିପରି ବିଦ୍ୟାଳୟରେ ଲାଗି ରହିଥିବା ବିଭିନ୍ନ ସମସ୍ୟା ଦୈନିକ 'ସକାଳ'ରେ ପ୍ରକାଶ ପାଇବା ପରେ ବିଭିନ୍ନ ସମୟରେ ଜିଲ୍ଲା ପ୍ରଶାସନ, ବ୍ଲକର ପ୍ରଶାସନିକ ଅଧିକାରୀ, ସ୍ଥାନୀୟ ନେତୃବୃନ୍ଦ, ସ୍ଥାନୀୟ ବିଧାୟକ ଏବଂ ବିଭାଗୀୟ ଅଧିକାରୀ ଘଟଣାସ୍ଥଳକୁ ଆସି ବିଦ୍ୟାଳୟର ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ଏଥିସହ ସମସ୍ୟାରେ ସୁଧାର ଆଣିବାକୁ ସହଯୋଗର ହାତ ବଢ଼ାଇଥିଲେ। ଏବେ ବିଦ୍ୟାଳୟରେ ଲାଗିରହିଥିବା ଜଳ ନିଷ୍କାସନର ସମସ୍ୟାର ସ୍ଥାୟୀ ସମାଧାନ ସହ ବିପଦ ସୃଷ୍ଟି କରୁଥିବା ପରିସରରେ ଥିବା ପୁରୁଣା ଗଛଗୁଡ଼ିକୁ କଟାଯାଇପାରିଛି। ସେହିପରି ବିଦ୍ୟାଳୟ ଶ୍ରେଣୀ ଗୃହ ଛାତରୁ ପାଣି ଗଳିବା ସହ ପ୍ଲାଷ୍ଟର ସବୁ ଖସି ପିଲାଙ୍କ ପ୍ରତି ଯେଉଁ ବିପଦ ସୃଷ୍ଟି କରୁଥିଲା ତାହାର ମଧ୍ୟ ମରାମତି କରାଯାଇଛି। ବିଦ୍ୟାଳୟ ପରିସରକୁ ନୂଆ ରଙ୍ଗ ମଧ୍ୟ କରାଯାଇଛି। ଏଥିସହ ଖୁବ୍‌ଶୀଘ୍ର ନୂତନ ଶ୍ରେଣୀ ଗୃହ ନିର୍ମାଣ ହେବ ବୋଲି ଜଣାପଡ଼ିଛି।

## ବାରିପଦାରେ ଲୋକ ଅଧିକାର ଯାତ୍ରା

# ଜଳ-ଜଙ୍ଗଲ-ଜମି ଓ ଜୀବିକାର ସୁରକ୍ଷା ପାଇଁ ଆହ୍ୱାନ

ବାରିପଦା, ୨୭ ।୨(ସମିସ)

ଜଳ-ଜଙ୍ଗଲ ଓ ଜମିର ସୁରକ୍ଷା ସହିତ ପ୍ରତିଟି ସାଧାରଣ ମଣିଷର ଜୀବିକା ରକ୍ଷା ଲାଗି ଜାତିର ଗୌରବ ଉତ୍କଳ ଗୌରବ ମଧୁସୂଦନ ଦାଶଙ୍କ ଜନ୍ମପୀଠ ସତ୍ୟଭାମାପୁରରୁ ଆରମ୍ଭ ହୋଇଥିବା ଲୋକ ଅଧିକାର ଯାତ୍ରା ବାରିପଦାରେ ପହଞ୍ଚିବା ପରେ ସ୍ଥାନୀୟ ସମ୍ପର୍କ (ସତ୍ୟସାଇ) ଛକଠାରେ ଅଭିଯାତ୍ରୀ ଦଳଙ୍କୁ ସ୍ଥାନୀୟ ବହୁ ବୁଦ୍ଧିଜୀବୀ, ସଂଗଠକ ସ୍ୱାଗତ ଜଣାଇ ଏକ ଶୋଭାଯାତ୍ରାରେ ଅବସରପ୍ରାପ୍ତ କର୍ମଚାରୀ ଭବନ ନିକଟକୁ ପାଛୋଟି ନେଇଥିଲେ। ବିଶିଷ୍ଟ ସମାଜସେବୀ ଆର୍ଯ୍ୟଭଟ୍ଟ ମହାନ୍ତିଙ୍କ ସଭାପତିତ୍ୱରେ କର୍ମଚାରୀ ଭବନରେ ଆୟୋଜିତ ବୈଠକରେ ବିଶିଷ୍ଟ ପରିବେଶବିତ ତଥା ଗ୍ରୀନ ନୋବେଲ ବିଜେତା ପ୍ରଫୁଲ୍ଲ ସାମନ୍ତରା, ପଶ୍ଚିମ ଓଡ଼ିଶା କୃଷକ ସଂଗଠନର ନେତା ଲିଙ୍ଗରାଜ, ଗାନ୍ଧୀବାଦୀ ନେତା ତଥା ଲୋକ ଅଧିକାର ଯାତ୍ରାର ସଂଯୋଜକ ଡାକ୍ତର ବିଶ୍ୱଜିତ, ଜନଆନ୍ଦୋଳନର ରାଷ୍ଟ୍ରୀୟ ସମନ୍ୱୟର ରାଜ୍ୟ ଆବାହକ ନରେନ୍ଦ୍ର ମହାନ୍ତି, ସାମାଜିକ କର୍ମୀ କଲ୍ୟାଣ ଆନନ୍ଦ, ସାଂସ୍କୃତିକ କର୍ମୀ ରାଜକିଶୋର ସୁନାନୀ, ଯୁବନେତା ଲକ୍ଷ୍ମଣ ନାୟକ, ମହମ୍ମଦ ଇସଲାମ, ଅଧ୍ୟାପକ ସେକ ନାସିର ବକ୍ସ, ଅରୁଣ ଜେନା, ସୁଶାନ୍ତ ମହାନ୍ତି, ରାଜୀବ କୁମାର, କ୍ଷେତ୍ରମୋହନ ମହାନ୍ତ, ସର୍ବେଶ୍ୱର ସାହୁ, ସୁକାନ୍ତ ପ୍ରଧାନ ପ୍ରମୁଖ ଯୋଗଦେଇ ଜଳ-ଜଙ୍ଗଲ-ଜମି ଓ ଜୀବିକାର ସୁରକ୍ଷା ତଥା ଲୋକଙ୍କ ବଞ୍ଚିବାର ଅଧିକାର ପାଇଁ ଏକ ବିକଳ୍ପ ବିକାଶ ଧାରା ପାଇଁ ଆହ୍ୱାନ ଦେଇଥିଲେ।

କେବଳ ଖଣି ଖନନ ଓ ଶିଳ୍ପ ମାଧ୍ୟମରେ ରାଷ୍ଟ୍ରର ସର୍ବକାଳୀନ ବିକାଶ ଅସମ୍ଭବ। ଯଦି ମାଟିତଳେ ଥିବା ଖଣିଜ ସମ୍ପଦ ବ୍ୟବହାର କରାଯାଏ, ତେବେ ଆଗାମୀ ୫୦ ବର୍ଷ ପରେ ଖଣିଜ ସମ୍ପଦ ସରିଗଲେ ଆଗାମୀ ପିଢ଼ି କ'ଣ କରିବେ? ବିକାଶ କିଭଳି ହେବ ବୋଲି କହିଥିଲେ। ଏଣୁ ପ୍ରାକୃତିକ ସମ୍ପଦ ଜଳ, ଜଙ୍ଗଲ ଜମିର ସଦୁପଯୋଗ କରାଯାଇ ବିକଳ୍ପ ବିକାଶ ଦିଗରେ ସରକାରଙ୍କ ସହିତ ଆମେ ସମସ୍ତେ ସଚେତନ ହେବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ବୈଠକରେ ବାରିପଦାର ପୂର୍ବତନ ବିଧାୟକ କିଶୋର ଦାସ, ସମାଜସେବୀ ଶରତ ଚନ୍ଦ୍ର ନାୟକ, ଯୁବ ସଂଗଠକ ସଞ୍ଜୀବ ରାଉତ, ସଂଗଠକ ନନ୍ଦ କୁମାର ମହାପାତ୍ର, ବିବେକାନନ୍ଦ ପଟ୍ଟନାୟକ, ବିଷ୍ଣୁ ପୂର୍ତ୍ତି, ଗୌରୀ ନାଏକ, ମୀନକେତନ ବେହେରା ପ୍ରମୁଖ ଜଳ, ଜଙ୍ଗଲ, ଜମିର ସୁରକ୍ଷା ନେଇ ବକ୍ତବ୍ୟ ରଖିଥିବାବେଳେ ସାମ୍ବାଦିକ ଦୀପକ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଲୋକ ଅଧିକାର ଯାତ୍ରା ଲୋକଶକ୍ତି ଅଭିଯାନ, ଜନ ଆନ୍ଦୋଳନଙ୍କ ରାଷ୍ଟ୍ରୀୟ ସମନ୍ୱୟ ସେଣ୍ଟର ଫର କ୍ଲାଇମେଟ ଜଷ୍ଟିସ, ବିଭିନ୍ନ ଗାନ୍ଧୀବାଦୀ ସଂଗଠନ ଓ ଲୋକଙ୍କ ଅଧିକାର ସୁରକ୍ଷା ପାଇଁ ଲଢୁଥିବା ସଂଗଠନକୁ ନେଇ ଆରମ୍ଭ ହୋଇଥିବା ଏହି ଯାତ୍ରା ମାର୍ଚ୍ଚ ୨୯ ତାରିଖରେ ସହିଦ ଲକ୍ଷ୍ମଣ ନାୟକଙ୍କ ସହିଦ ଦିବସରେ ଶେଷ ହେବ।






## ରାଇରଙ୍ଗପୁରରେ ପୁଣି କଳା ପଲସର ଆତଙ୍କ

# ରାସ୍ତାରେ ଗାଡ଼ି ଅଟକାଇ ଲୁଟି ନେଲେ ଲକ୍ଷାଧିକ ଟଙ୍କାର ଗହଣା

**ରାଇରଙ୍ଗପୁର, ୨୭।୨(ସମିସ):** କିଛି ଦିନର ବ୍ୟବଧାନ ପରେ ରାଇରଙ୍ଗପୁର ଅଞ୍ଚଳରେ ପୁଣି କଳା ପଲସର ଆତଙ୍କ ଦେଖିବାକୁ ମିଳିଛି। ବନ୍ଧୁକ ମୁନରେ ଗହଣା ବ୍ୟବସାୟୀଙ୍କଠାରୁ ଲକ୍ଷାଧିକ ଟଙ୍କାର ଗହଣା ଲୁଟ କରି ଚମ୍ପଟ ମାରିଛନ୍ତି। ଲୁଟର ଶିକାର ହୋଇଥିବା ମୁଣ୍ଡାଠାକରା ଅଞ୍ଚଳର ଗହଣା ବ୍ୟବସାୟୀ ନିତ୍ୟାନନ୍ଦ ପରିଡ଼ା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରିଛନ୍ତି। ସେ ହାଟରେ ଗହଣା ବ୍ୟବସାୟ କରନ୍ତି। ପ୍ରତିଦିନ ଭଳି ହାଟରେ ବ୍ୟବସାୟ ସାରି ସନ୍ଧ୍ୟାରେ ଘରକୁ ଫେରୁଥିଲେ। ଉକ୍ତ ସମୟରେ କିଛି ଦୁର୍ବୃତ୍ତ ଏକ କଳା ପଲସରରେ ତାଙ୍କୁ ପିଛା କରିଥିଲେ। ସନ୍ଧ୍ୟା ପ୍ରାୟ ୬ଟା ସମୟରେ ବଡ଼ଜିଆଣି ଗ୍ରାମ ପାରି ହେବା ପରେ ଦୁର୍ବୃତ୍ତମାନେ ଅତର୍କିତ ଭାବେ ତାଙ୍କୁ ଘେରି ଯାଇ ଅଟକାଇଥିଲେ। ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଭୟଭୀତ କରି ଲୁଟ କରିଥିଲେ। ତାଙ୍କ ନିକଟରେ ଥିବା ୫୦୦ ଗ୍ରାମ ରୁପା ଅଳଙ୍କାର, ବାଇକ ଓ ମୋବାଇଲ ଲୁଟ କରି ଚମ୍ପଟ ମାରିଥିଲେ। ଲୁଟ ରୁପା ଅଳଙ୍କାରର ଆନୁମାନିକ ମୂଲ୍ୟ ୧, ୫୦, ୦୦୦ ଟଙ୍କାରୁ ଅଧିକ ହେବ। ଲୁଟ୍‌ର ଶିକାର ହେବା ପରେ ଘଟଣା ସମ୍ପର୍କରେ ସ୍ଥାନୀୟ ଲୋକ ଓ ଥାନାକୁ ଜଣାଇଥିଲେ। ଅଭିଯୋଗକୁ ଆଧାର କରି ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାରେ ଏକ ମାମଲା ରୁଜୁ କରାଯିବା ସହ ପୁଲିସ ଘଟଣାର ତଦନ୍ତ ଜାରି ରଖିଛି। ସ୍ଥାନୀୟ ସିସିଟିଭି ଜରିଆରେ ତାଙ୍କ ଗତିବିଧି ଅନୁଧ୍ୟାନ କରାଯାଉଛି। ସନ୍ଧ୍ୟା ସମୟରେ ପୁଣି ଘର ନିକଟରୁ ଲୁଟେରା ଏଭଳି ବନ୍ଧୁକ ମୁନରେ ଲୁଟ କରିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ତଦନ୍ତ ଜାରି ରଖିଥିବାବେଳେ ଖୁବଶୀଘ୍ର ଦୁର୍ବୃତ୍ତ ଧରାପଡ଼ିବେ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

## ପେଟ୍ରୋଲ ପମ୍ପ କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ

# ୩ ଜଣଙ୍କ ନାମରେ ମାମଲା ରୁଜୁ

**ବୈଶିଙ୍ଗା, ୨୭।୨(ସମିସ):** ବୈଶିଙ୍ଗା-ମାଣତ୍ରୀ ରାସ୍ତା ପାର୍ଶ୍ୱରେ ଥିବା 'ପରିଡ଼ା କିଷାନ ସେବା' ପେଟ୍ରୋଲ ପମ୍ପରେ କାର୍ଯ୍ୟରତ କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ ମାମଲାରେ ୩ ଅଭିଯୁକ୍ତଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ପୂର୍ବକ ନୋଟିସ କରି ପୁଲିସ ଛାଡ଼ିଛି।

ସୂଚନା ମୁତାବକ, ଗତକାଲି ଅପରାହ୍ନରେ ପରିଡ଼ା କିଷାନ ସେବା ପମ୍ପରେ ସ୍ଥାନୀୟ ମୋହନପୁର ଗ୍ରାମର ସମା ସିଂ କାର୍ଯ୍ୟରତ ଥିବା ସମୟରେ ଏକ ବାଇକରେ ୩ ଜଣ ଯୁବକ ଆସି ପହଞ୍ଚିଥିଲେ। ଜଣେ ଯୁବକ ପେଟ୍ରୋଲ ପକାଉଥିବା ସମୟରେ ଅନ୍ୟ ଯୁବକ ସିଗାରେଟ ଟାଣି ତେଲ ଗଚ୍ଛିତ ଥିବା ସ୍ଥାନରେ ପହଞ୍ଚି ଥିଲେ। ସମା ସେମାନଙ୍କୁ ସିଗାରେଟ ଟାଣିବାକୁ ବାରଣ କରିବାରୁ ଯୁବକମାନେ ଉତକ୍ଷିପ୍ତ ହୋଇ ଜାତିଆଣ ଆକ୍ଷେପ ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ମାଡ଼ ମାରିଥିଲେ। ମାରଣାସ୍ତ୍ର ଦେଖାଇ ତାକୁ ମାରିବାର ଧମକ ଦେଇଥିଲେ। ଏହା ଦେଖି ଅନ୍ୟ ଜଣେ କର୍ମଚାରୀ ଲକ୍ଷ୍ମଣ ସିଂ ସେଠାରେ ପହଞ୍ଚିବାରୁ ତାଙ୍କୁ ମଧ ୩ ଯୁବକ ମିଶି ମାଡ଼ ମାରିଥିଲେ। ଏନେଇ ସମା ବୈଶିଙ୍ଗା ଥାନାରେ ଅଭିଯୋଗ କରିବା ପରେ ପୁଲିସ ୯୧/୨୬ରେ ଏକ ମାମଲା ରୁଜୁ କରି ଖୁଣ୍ଟାପୁର ଅଞ୍ଚଳର ନିରଞ୍ଜନ ଦାସ, ପୁରୁଣିଆର ସତ୍ୟ ମଣ୍ଡଳ ଓ ରଙ୍ଗାମାଟିଆ ଗ୍ରାମର ଆଦିତ୍ୟ ନାଥଙ୍କୁ ତଦନ୍ତ ପରିସରଭୁକ୍ତ କରିଛି। ଅନ୍ୟପକ୍ଷରେ ନିରଞ୍ଜନ ଦାସ ପାଲଟା ଅଭିଯୋଗ କରିଥିବାବେଳେ ପୁଲିସ ଅନ୍ୟଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ମାର୍ଚ୍ଚ ମାସର ମିଳିତ ଜନଅଭିଯୋଗ ଶୁଣାଣି ଶିବିର କାର୍ଯ୍ୟସୂଚୀ

**ବାରିପଦା, ୨୭ ।୨(ସମିସ):** ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ତତ୍ତ୍ୱାବଧାନରେ ଆସନ୍ତା ମାର୍ଚ୍ଚ ମାସରେ ଅନୁଷ୍ଠିତ ହେବାକୁ ଥିବା ମିଳିତ ଜନଅଭିଯୋଗ ଶୁଣାଣି ଶିବିର ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ ହୋଇଥିବା କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ମାର୍ଚ୍ଚ ମାସର ପ୍ରଥମ ସୋମବାର ୨ ତାରିଖରେ ସଦର ଉପଖଣ୍ଡ ବାରିପଦା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ଦ୍ୱିତୀୟ ସୋମବାର ୯ ତାରିଖ ବାମନଘାଟି ଉପଖଣ୍ଡ ପାଇଁ ରାଇରଙ୍ଗପୁରସ୍ଥ ବାମନଘାଟି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ତୃତୀୟ ସୋମବାର ୧୬ ତାରିଖ ପାଞ୍ଚପିଢ଼ ଉପଖଣ୍ଡ ପାଇଁ କରଞ୍ଜିଆ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ଚତୁର୍ଥ ସୋମବାର ୨୩ ତାରିଖ କପ୍ତିପଦା ଉପଖଣ୍ଡ ପାଇଁ ଉଦଳାସ୍ଥ କପ୍ତିପଦା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହେବ।

ସେହିପରି ପଞ୍ଚମ ସୋମବାର ୩୦ ତାରିଖ ସାରସକଣା ନିର୍ବାଚନମଣ୍ଡଳୀର ପାକଟିଆ ପଞ୍ଚାୟତ କାର୍ଯ୍ୟାଳୟରେ ମିଳିତ ଜନଶୁଣାଣି ଅନୁଷ୍ଠିତ ହେବ ବୋଲି ଜିଲ୍ଲା ଲୋକସମ୍ପର୍କ ଓ ସୂଚନା ଅଧିକାରୀ ଶିଶିର କୁମାର ମୁନ୍ଦୟା କହିଛନ୍ତି।

ବାରିପଦା ଓ ପାକଟିଆରେ ଅନୁଷ୍ଠିତ ହେବାକୁ ଥିବା ଶିବିରରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ଜିଲ୍ଲାସ୍ତରୀୟ ଲାଇନ ବିଭାଗ ଅଧିକାରୀ, ବାରିପଦା ଉପଖଣ୍ଡ ଅନ୍ତର୍ଗତ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାର, ସମସ୍ତ ତହସିଲଦାର ଓ ସମସ୍ତ ସିଡିପିଓଙ୍କ ଉପସ୍ଥିତି ଏବଂ ଜିଲ୍ଲାର ଅନ୍ୟ ଉପଖଣ୍ଡରେ ଅନୁଷ୍ଠିତ ହେବାକୁ ଥିବା ଶିବିରରେ ସମ୍ପୃକ୍ତ ଉପଖଣ୍ଡର ସମସ୍ତ ଉପଖଣ୍ଡସ୍ତରୀୟ ଅଧିକାରୀ, ଲାଇନ ବିଭାଗ ଅଧିକାରୀ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସମସ୍ତ ତହସିଲଦାର ଓ ସିଡିପିଓ ଉପସ୍ଥିତ ରହିବେ। ଉକ୍ତ ଧାର୍ଯ୍ୟ ତାରିଖ ଓ ସ୍ଥାନରେ ଅନୁଷ୍ଠିତ ହେବାକୁ ଥିବା ଶୁଣାଣି ଶିବିରରେ ସମ୍ପୃକ୍ତ ଉପଖଣ୍ଡ ଅଞ୍ଚଳର ଜନସାଧାରଣ ନିଜ ନିଜର ବ୍ୟକ୍ତିଗତ ଓ ସାମୂହିକ ସମସ୍ୟା ସମ୍ପର୍କିତ ଅଭିଯୋଗ ଜଣାଇପାରିବେ ବୋଲି କୁହାଯାଇଛି।

# ବ୍ଲକ୍‌ସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



**ବଡ଼ସାହି, ୨୭।୨(ସମିସ):** ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ବଡସାହି ମଧୁଇଂରାଜୀ ବିଦ୍ୟାଳୟ ପଡ଼ିଆରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବ୍ଲକ ଅଧିନ ୩୦ଟି ପଞ୍ଚାୟତରୁ ୫୩୪ ଜଣ ହିତାଧିକାରୀଙ୍କୁ ପଞ୍ଜିକୃତ କରାଯାଇଥିଲା। ୧୯ଟି ଷ୍ଟଲ୍ ଖୋଲାଯାଇ ବିଭିନ୍ନ ସେବା ଯୋଗାଇ ଦିଆଯାଇଥିଲା। ଦିବ୍ୟାଙ୍ଗଙ୍କୁ ପଞ୍ଜିକୃତ କରାଯାଇ ସେମାନଙ୍କ ଫଟୋ ଉଠାଯିବା ପରେ ଜିଲ୍ଲାରୁ ଆସିଥିବା ବିଶେଷଜ୍ଞଙ୍କ ଦ୍ୱରା ସେମାନଙ୍କର ପରୀକ୍ଷା କରାଯାଇଥିଲା। ମାତ୍ର ଶିବିରରେ ଅନଲାଇନ ବ୍ୟବସ୍ଥା ନ ଥିବାରୁ ହତାଧିକାରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ବାହାରେ ଜନସେବା କେନ୍ଦ୍ରରେ ପ୍ରବଳ ଭିଡ ପାଇଁ ବହୁ ହିତାଧିକାରୀ ଅନଲାଇନ କରି ନ ପାରି ଶେଷରେ ଫେରିଛନ୍ତି। କେତେକ ଅନଲାଇନ କେନ୍ଦ୍ରରେ ମଧ ହିତାଧିକାରୀଙ୍କୁ ଶୋଷଣ କରାଯାଇଥିବାର ଅଭିଯୋଗ ହେଉଛି।

ଉକ୍ତ ଶିବିରରେ ଦୃଷ୍ଟିବାଧିତ, ମାନସିକ ଅନଗ୍ରସର, ଶ୍ରବଣବାଧିତ, ଅସ୍ଥିଶଲ୍ୟ ଦିବ୍ୟାଙ୍ଗଙ୍କୁ ଚିହ୍ନଟ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୩୫୪ ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର, ଅସ୍ତ୍ରୋପଚାର ପାଇଁ ୫ ଜଣ, ଭିନ୍ନକ୍ଷମ ଉପକରଣ ପ୍ରଦାନ ପାଇଁ ୧୦୦ ଜଣ, ବଡସାହି ତହସିଲ ପକ୍ଷରୁ ୧୪୧ ଜଣଙ୍କୁ ଆୟ ପ୍ରମାଣପତ୍ର, ୫୦୩ ଜଣଙ୍କୁ ଫଟୋ ଉଠାଯାଇଥିବାବେଳେ ୨୭୧ଜଣଙ୍କୁ ବସ୍‌ପାଶ୍ ପ୍ରଦାନ କରାଯାଇଥିବା ଜଣାଯାଇଛି। ୩ ଜଣ ବାଣୀଶ୍ରୀ ବୃତ୍ତି ଓ ୨ ଜଣ ଦକ୍ଷତା ବିକାଶ, ୧୫ ଜଣ ଗ୍ରାମୀଣ ଘର, ପେନସନ ପାଇଁ ୬ ଜଣ, ମଧୁବାବୁ ପେନସନ ପାଇଁ ୬୦ ଜଣ, ଭିନ୍ନକ୍ଷମ ଏସଏସଜି ଗ୍ରୁପର ସହାୟତା ପାଇଁ ଗୋଟିଏ ଗ୍ରୁପ ଜଣେ ଆବେଦନ କରିଥିବାର ଜଣାଯାଇଛି। ସେହିପରି ଡିଆର୍‌ଆଇ ଋଣ ପାଇଁ ୧୭ ଜଣ ହିତାଧିକାରୀ ଆବେଦନ କରିଥିବା ଜଣାଯାଇଛି। ସାମାଜିକ ଶିକ୍ଷା ସଂଗଠକ ସାରନା ହେମ୍ବ୍ରମଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ବଡ଼ସାହି ବିଡିଓ ବନଜା ଦାସ, ସହକାରୀ ନିର୍ବାହୀ ଯନ୍ତ୍ରୀ ଭୀମଚରଣ ଟୁଡୁ ଓ ଦଶରଥ ମହାନ୍ତ, ବ୍ଲକ ଅଧକ୍ଷା ମିନତୀ ସିଂ, ଉପାଧକ୍ଷ କାଞ୍ଚନ କୁମାର ପ୍ରଧାନ, ଜିପିଡିଓ ଅବିନାଶ ପଣ୍ଡା, ମଙ୍ଗଳ ଅଧିକାରିଣୀ ବାସନ୍ତୀ ସିଂ, ଏସିପି ମାନସ ଦଳେଇ, ଏପିଓ ଆଲୋକ, ସିପି ନରେନ୍ଦ୍ର ସିଁ, ବିଆରଟି ବାସନ୍ତୀ ମ୍ୟାଡାମ ପ୍ରମୁଖ ଉପସ୍ଥିତ ଥିଲେ। ଡିଡିଆରସି, ଏଆରସି ଓ ଡିଏସଏସଓଙ୍କ ସହିତ ବ୍ଲକର ସମସ୍ତ ଏବିଇଓ, ସିଆରସିସି, ବ୍ଲକର ସମସ୍ତ କନିଷ୍ଠ ଯନ୍ତ୍ରୀ, ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ, ସମ୍ପ୍ରସାରଣ ଅଧିକାରୀ, ଜିଆର୍‌ଏସ୍, ଡାଟା ଏଣ୍ଟ୍ରି ଅପରେଟର, ଶିକ୍ଷକ ପ୍ରତିନିଧି, ବିଦ୍ୟାଳୟର ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ



**କୁଆମରା, ୨୭ ।୨(ସମିସ):** ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟର ୩୩ତମ ବାର୍ଷିକ ଉତ୍ସବ ଆଜି କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ସରୋଜ ରଞ୍ଜନ ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ରାଜ୍ୟସଭା ସଦସ୍ୟ ବୀରଭଦ୍ର ସିଂ, ମୁଖ୍ୟବକ୍ତା ବାରିପଦା ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ସୁବ୍ରତ କୁମାର ରଣା, ସମ୍ମାନିତ ଅତିଥି କଲେଜ ପରିଚାଳନା କମିଟିର ସଦସ୍ୟ ଇଂ ପ୍ରଫୁଲ୍ଲ ଚନ୍ଦ୍ର ମାଝୀ, ପୂର୍ବତନ ବ୍ଲକ ଅଧକ୍ଷା ପୁଷ୍ପଲତା ମାରାଣ୍ଡି, କାର୍ଯ୍ୟକ୍ରମ ସଂଗଠନ ସମ୍ପାଦକ ଅଧ୍ୟାପିକା ଗୋପା ସିଂହ ପ୍ରମୁଖ ଯୋଗଦେଇ କଠିନ ପରିଶ୍ରମ ଓ ତ୍ୟାଗ ଛାତ୍ରଛାତ୍ରୀଙ୍କୁ ଉଚ୍ଚକୁ ନେବା ସହ ଅନ୍ତର୍ନିହିତ ପ୍ରତିଭାର ବିକାଶ ଘଟାଇ ଥାଏ ବୋଲି ମତବ୍ୟକ୍ତ କରିଥିଲେ। କଲେଜ ପ୍ରଶାସନିକ ଅଧିକାରୀ ଅଧ୍ୟାପକ ପ୍ରମୋଦ କୁମାର ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଅଧ୍ୟାପିକା ହିରଣ୍ମୟୀ ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏ ଅବସରରେ ଚଳିତ ବର୍ଷ ପ୍ରକାଶିତ ବନବୀଣା ପୁସ୍ତିକା ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। କଲେଜ ପ୍ରତିଷ୍ଠା ସମୟରେ ବିଶେଷ ଅବଦାନ ଥିବା ସ୍ୱର୍ଗତ ସନ୍ୟାସୀ ଚରଣ ମହାନ୍ତି, ମନ୍ମଥ ଜେନା, ପ୍ରଦୀପ ଚୌଧୁରୀ, ପ୍ରତାପ ଚନ୍ଦ୍ର ରଥ, ଶ୍ରୀପଦ ମହାନ୍ତି, ନୀଳମଣି ଦାସ ଓ କର୍ମଚାରୀ ଚାକୁରାଥ ସୋରେନଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା। ଚଳିତ ବର୍ଷ ବିଭିନ୍ନ କ୍ଷେତ୍ରରେ ସଫଳତା ଆଣିଥିବା ଅଧ୍ୟାପିକା ହିରନ୍ମୟୀ ଶତପଥୀ, ପ୍ରିୟଦର୍ଶିନୀ ଇପସିତା ଦାସ, ଗୋପା ସିଂହ ଓ ଗ୍ରନ୍ଥାଗାର କର୍ମଚାରୀ ଯୁଗେଶ୍ୱର ମାଝୀ, ଚଳିତ ବର୍ଷ କଲେଜର ସର୍ବୋଚ୍ଚ ନମ୍ବର ରଖିଥିବା ପାର୍ଥବୀର ଗିରିଙ୍କୁ କଲେଜ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ବାର୍ଷିକ କ୍ରୀଡ଼ାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା। ଅଧ୍ୟାପିକା ମଧୁସ୍ମିତା ପାଇନ ଧନ୍ୟବାଦ ଦେଇଥିଲେ। ଅପରାହ୍ନରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ମା' କାଳିକା ମନ୍ଦିର ପ୍ରତିଷ୍ଠା ଉତ୍ସବ



**ରାସଗୋବିନ୍ଦପୁର, ୨୭।୨(ସମିସ):** ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ରାଘବପୁର ପଞ୍ଚାୟତ କଳମା ଗ୍ରାମରେ ଅବସ୍ଥିତ ମା' କାଳିକାଙ୍କ ପୀଠ ଦୀର୍ଘଦିନ ଧରି ଅବହେଳିତ ଅବସ୍ଥାରେ ଥିବାବେଳେ ଗ୍ରାମବାସୀଙ୍କ ସାମୂହିକ ପ୍ରୟାସ ଓ ଅଞ୍ଚଳବାସୀଙ୍କ ଆର୍ଥିକ, ମାନସିକ ସହଯୋଗରେ ଏବେ ସେଠାରେ ଭବ୍ୟ ମନ୍ଦିର ନିର୍ମାଣ କରାଯାଇ ପ୍ରତିଷ୍ଠା ଉତ୍ସବ ଧୁମଧାମରେ ପାଳିତ ହୋଇଯାଇଛି। ଗତ ୨୫ ତାରିଖରୁ ଆରମ୍ଭ ହୋଇଥିବା ଏହି ତିନିଦିନିଆ ଉତ୍ସବ ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ପ୍ରଥମ ଦିନ ଭକ୍ତଙ୍କ ଉତ୍ସାହ ମଧ୍ୟରେ ଭବ୍ୟ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଶତାଧିକ ମହିଳା ମୁଣ୍ଡରେ କଳସ ବହନ କରି ଭକ୍ତିମୟ ପରିବେଶରେ ଗ୍ରାମ ପରିକ୍ରମା କରିଥିଲେ। ଦ୍ୱିତୀୟ ଦିନ ବିଧିବତ୍ ଯଜ୍ଞ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ବେଦ ମନ୍ତ୍ର ଧ୍ୱନିରେ ସମଗ୍ର ଅଞ୍ଚଳ ଧର୍ମମୟ ହୋଇଯାଇଥିଲା। ତୃତୀୟ ଦିନ ପୂର୍ଣ୍ଣାହୁତି ପୂଜା ସହ ମନ୍ଦିର ପ୍ରତିଷ୍ଠା ଅନୁଷ୍ଠାନ ସଫଳତାର ସହ ଶେଷ ହୋଇଥିଲା। ପରେ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ହଜାର ହଜାର ଭକ୍ତ ମା' କାଳୀକାଙ୍କ ଦର୍ଶନ କରି ଆଶୀର୍ବାଦ ଗ୍ରହଣ କରିଥିଲେ। ମନ୍ଦିରର ମୁଖ୍ୟ ପରିଚାଳକ କେଦାର ନାଥ ରାମ, ପ୍ରଦୀପ କୁମାର ମହାନ୍ତି, ଗଣେଶ କୁମାର ଜେନା, ଶ୍ରୀନିବାସ ରାମ, ଲମ୍ବୋଧର ରାମ, ବିପିନ ରାମ, ରଣଜିତ ଜେନା, ପୃଥିବାସ ରାମ, ପ୍ରମୋଦ ରାମ, ଦିଲ୍ଲୀପ ରାମ, ଗଗନ ବିହାରୀ ଜେନା, ସାବିତ୍ରୀ ଜେନା, ଲାବଣ୍ୟ ରାମ ପ୍ରମୁଖଙ୍କ ସହ ଗ୍ରାମବାସୀଙ୍କ ସକ୍ରିୟ ଭୂମିକାରେ ଏହି ଉତ୍ସବ ସଫଳ ହୋଇଥିଲା। ଏହି ଭବ୍ୟ ମନ୍ଦିର ପ୍ରତିଷ୍ଠା ମାଧ୍ୟମରେ କଳମା ଗ୍ରାମରେ ଧାର୍ମିକ ଚେତନାର ନୂଆ ପରିଚୟ ସୃଷ୍ଟି ହୋଇଛି ବୋଲି ଅଞ୍ଚଳବାସୀ ମତ ପ୍ରକାଶ କରିଛନ୍ତି।

# ତେଣ୍ଡାକୁ ରାଜସ୍ୱ ଗ୍ରାମ ମାନ୍ୟତା ଦାବି



**ଶରତ/ଉଦଳା, ୨୭।୨(ସମିସ):** ମୟୂରଭଞ୍ଜ ଜିଲ୍ଲାର ସମ୍ପୂର୍ଣ୍ଣ ଆଦିବାସୀ ବହୁଳ କପ୍ତିପଦା ବ୍ଲକର କଳମଗଡ଼ିଆ ପଞ୍ଚାୟତ ଅନ୍ତର୍ଗତ ତେଣ୍ଡା ଗ୍ରାମକୁ ରାଜସ୍ୱ ଗ୍ରାମ ମାନ୍ୟତା ପ୍ରଦାନ କରାଯିବା ଦାବି ନେଇ କପ୍ତିପଦା ବ୍ଲକର ଶରତ ବିକାଶ ମଞ୍ଚ ସଭାପତି ଗାମାଏ ରୀମିଲ ସିଂ ଗୋଇପାଇ, ଯୁଗ୍ମ ସମ୍ପାଦକ ନବୀନ ମୁଣ୍ଡୁରୀଙ୍କ ନେତୃତ୍ୱରେ କପ୍ତିପଦା ଉପଖଣ୍ଡ ଡେପୁଟି କଲେକ୍ଟର ପ୍ରତୀକ କୁମାର ପଣ୍ଡାଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଗ୍ରାମରେ ୪୫ରୁ ଅଧିକ ଜନଜାତି ପରିବାର (୪୫୦ରୁ ଅଧିକ ଜନସଂଖ୍ୟା) ପୁରୁଷାନୁକ୍ରମେ ରହି ଆସିଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ତାଙ୍କ ଗ୍ରାମ ରାଜସ୍ୱ ଗ୍ରାମ ମାନ୍ୟତା ପାଇପାରି ନ ଥିବାରୁ ଗ୍ରାମରେ ମନରେଗା (ପରିବର୍ତ୍ତିତ ଭିବିଜି ରାମଜୀ) ଯୋଜନା କାର୍ଯ୍ୟକାରୀ ନ ହେବ, ବିଭିନ୍ନ ଜନକଲ୍ୟାଣ ଯୋଜନାରୁ ବଞ୍ଚିତ ଅଛନ୍ତି। ଏପରିକି ଉକ୍ତ ଗ୍ରାମକୁ ବିଦ୍ୟୁତ୍ ଯୋଗାଣ ହୋଇନାହିଁ। ମୁଖ୍ୟମନ୍ତ୍ରୀଙ୍କ ସଡ଼କ ଓ ପ୍ରଧାନମନ୍ତ୍ରୀଙ୍କ ଗ୍ରାମ୍ୟ ସଡ଼କ ଯୋଜନାରେ ଉକ୍ତ ଗ୍ରାମର ରାସ୍ତା ନିର୍ମାଣ ହୋଇପାରୁନାହିଁ। ଗ୍ରାମରେ ଭଲ ରାସ୍ତା ନ ଥିବାରୁ ଗ୍ରାମବାସୀ ଡାକ୍ତରଖାନାକୁ ସଙ୍ଗୀଭାର ବା ଖଟିଆରେ ବୁହା ହୁଅନ୍ତି। ଗ୍ରାମରେ ପାନୀୟ ଜଳର ସମସ୍ୟା ରହିଥିବାବେଳେ ଏଠି ବିଲ, ନାଳ ଓ ଚୁଆ ପାଣି ଗ୍ରାମବାସୀଙ୍କ ଶୋଷ ମେଣ୍ଟାଉଛି। ଗ୍ରାମରେ ନେଟୱର୍କ ସାତସପନ ହୋଇରହିଛି। ଏହି ଗ୍ରାମର ବାସିନ୍ଦା ଜଙ୍ଗଲ ଜମି ଅଧିକାର ଆଇନ-୨୦୦୬ ଅନୁଯାୟୀ ଜମିପଟ୍ଟା ମଧ ପାଇପାରୁ ନ ଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ତେଣ୍ଡା ଗ୍ରାମ ମୟୂରଭଞ୍ଜ ଜିଲ୍ଲାର କପ୍ତିପଦା ବ୍ଲକ ଅନ୍ତର୍ଗତ ସରଡିହା ପଞ୍ଚାୟତର ସୀମାନ୍ତବର୍ତ୍ତୀ ଓ କଳମଗଡ଼ିଆ ପଞ୍ଚାୟତର ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ ଥିବା ଶୁଖୁଆପଟା ପାଦଦେଶର ମଧ୍ୟବର୍ତ୍ତୀ ସ୍ଥାନରେ ରହିଛି।

୨୦୨୫ ମାର୍ଚ୍ଚ ମାସରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ରାଜ୍ୟରେ ଅନେକ ପଡ଼ା ଗ୍ରାମକୁ ରାଜସ୍ୱ ଗ୍ରାମ ମାନ୍ୟତା ପ୍ରଦାନ କରାଯିବା ନିମନ୍ତେ ସରକାର ପଦକ୍ଷେପ ଗ୍ରହଣ କରିବେ ବୋଲି ଘୋଷଣା କରିଥିବା ପରିପ୍ରେକ୍ଷୀରେ ତେଣ୍ଡା ଗ୍ରାମକୁ ରାଜସ୍ୱ ଗ୍ରାମ ମାନ୍ୟତା ମିଳିବା ନେଇ ଗ୍ରାମବାସୀଙ୍କ ମନରେ ଆଶା ସଞ୍ଚାର ହୋଇଛି। ଦାବିପତ୍ର ପ୍ରଦାନ ସମୟରେ ସରଡିହା ପଞ୍ଚାୟତର ସିଦିଓ ସିଂ ଗୋଇପାଇ, ମାଘୁ କୁଙ୍କାଲ, ସାନତୁରୀ ବାର୍ଜ, ରାମ ହେମ୍ବ୍ରମ, ତୁରୀ ବାର୍ଜ ଓ ଲାଣ୍ଡୁ ସିଦୁ ପ୍ରମୁଖ ଉପସ୍ଥିତ ଥିଲେ।

## ତଳିଆ କର୍ମଚାରୀଙ୍କୁ ଜଳ ବିଭାଜିକା ପିଡ଼ିଙ୍କ ଜାତିଆଣ ଆକ୍ଷେପ ଘଟଣା

# ଅଭିଯୋଗର ୪ ମାସ ପରେ ତଦନ୍ତ ଆରମ୍ଭ

ରାଇରଙ୍ଗପୁର, ୨୭।୨(ସମିସ)

ଜିଲ୍ଲା ଜଳ ବିଭାଜିକାର ପ୍ରକଳ୍ପ ନିର୍ଦ୍ଦେଶକ ମଳୟକୁମାର ସାହୁ ଜାମଦା ମୃତ୍ତିକା ସଂରକ୍ଷଣ ପର୍ଯ୍ୟବେକ୍ଷକଙ୍କୁ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିବା ଘଟଣାର ତଦନ୍ତ ଆରମ୍ଭ ହୋଇଛି। ଅଭିଯୋଗ କରିବାର ୪ ମାସ ପରେ ରାଷ୍ଟ୍ରପତି ଭବନରୁ ତଦନ୍ତ ନିମନ୍ତେ

**ରାଷ୍ଟ୍ରପତି ଭବନରୁ ନିର୍ଦ୍ଦେଶକ୍ରମେ ତଦନ୍ତ କଲେ ସ୍ୱତନ୍ତ୍ର ଟିମ୍**

ନିର୍ଦ୍ଦେଶକ୍ରମେ ତଦନ୍ତ କରିଛନ୍ତି। ଏ ନେଇ ଜଳ ବିଭାଜିକାର ଅତିରିକ୍ତ ସଚିବ ଭୀମସେନ ସେଠୀ ଓ କେନ୍ଦୁଝର ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ସେନାପତିଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ତଦନ୍ତ କରିଛନ୍ତି। ଜାମଦା ମୃତ୍ତିକା ସଂରକ୍ଷଣ ପର୍ଯ୍ୟବେକ୍ଷକ ପ୍ରଦୀପ କୁମାର କାଳନ୍ଦୀଙ୍କୁ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ସାହୁ ଜାତିଆଣ ଆକ୍ଷେପ କରି ଦୁର୍ବ୍ୟବହାର ନେଇ ସଙ୍ଗିନ ଅଭିଯୋଗ ହୋଇଛି। ଗତ ୩୦ ଅକ୍ଟୋବରରେ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ସାହୁ ଉନ୍ନୟନମୂଳକ କାର୍ଯ୍ୟର ତଦନ୍ତ କରିବାକୁ ଜାମଦା ମୃତ୍ତିକା ସଂରକ୍ଷଣ କାର୍ଯ୍ୟାଳୟରେ ବିଳମ୍ବିତ ସମୟରେ ପହଞ୍ଚିଥିଲେ। କର୍ମଚାରୀଙ୍କୁ ନେଇ ସନ୍ଧ୍ୟା ଅନ୍ଧାରରେ ଫିଲଡ଼ ଭିଜିଟ କରିଥିଲେ। ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ତଦନ୍ତ କରିବା ସମୟରେ ଦୁଇଜଣ କର୍ମଚାରୀଙ୍କ ଜାତିକୁ ନେଇ ଆକ୍ଷେପ କରି ଗାଳିଗୁଲଜ କରିଥିଲେ। ଏନେଇ ଗତ ଅକ୍ଟୋବର ୩୧ ତାରିଖରେ ଶ୍ରୀ କାଳନ୍ଦୀ ଜାମଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଉକ୍ତ ମାମଲାକୁ ଥାନାରୁ ଅପସାରଣ କରିନେବାକୁ ଅଜଣା ନମ୍ବରରେ ଧମକପୂର୍ଣ୍ଣ ଫୋନ ଆସିଥିଲା। ଯାହାକୁ ନେଇ ସେ ତତ୍କାଳୀନ ରାଇରଙ୍ଗପୁର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟିଥିଲେ। ଏହାପରେ ମଧ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ, ଜିଲ୍ଲାପାଳଙ୍କୁ ଅଭିଯୋଗ ଜଣାଇଥିଲେ। କିନ୍ତୁ କୌଣସି ଉତ୍ତର ମିଳି ନ ଥିଲା। ତେବେ ଦୀର୍ଘ ୪ ମାସ ପରେ ରାଷ୍ଟ୍ରପତି ଭବନରୁ ନିର୍ଦ୍ଦେଶ ଆସିବା ପରେ ସ୍ୱତନ୍ତ୍ର ଟିମ୍ ଏହାର ତଦନ୍ତ ଆରମ୍ଭ କରିଛନ୍ତି। ଉକ୍ତ ଟିମ ଜାମଦା କାର୍ଯ୍ୟାଳୟ ସମେତ ବାରିପଦା କାର୍ଯ୍ୟାଳୟକୁ ଆସି ତଦନ୍ତ କରୁଛନ୍ତି। ବାବୁଙ୍କ ଜାତିଆଣ ଆକ୍ଷେପ ଅଭିଯୋଗକୁ ନେଇ ଉଭୟଙ୍କୁ ପଚରାଉଚରା କରିବା ପରେ ରିପୋର୍ଟ ପ୍ରସ୍ତୁତ କରି ବିଭାଗକୁ ପ୍ରଦାନ କରିଛନ୍ତି। ବିଭାଗୀୟ ନିଷ୍ପତ୍ତିକ୍ରମେ ଆଗାମୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ତଦନ୍ତକାରୀ ଟିମ କହିଛନ୍ତି।





# ପିସିଆର୍ କର୍ମଚାରୀଙ୍କ ଟଙ୍କା ଆଦାୟ

- ଅଭିଯୋଗ ପରେ ଚେତିଲେ ଚାଳକ, ଏସ୍‌ପିଓ ବହିଷ୍କୃତ
- ଏଣିକି ଅଭିଯୋଗ ଆସିଲେ ଜେଲ୍ ଯିବେ କର୍ମଚାରୀ



ଭୁବନେଶ୍ୱର, ୨୭।୨ (ସମିସ): ରାଜଧାନୀରେ ପିସିଆର୍ କର୍ମଚାରୀଙ୍କ ବେଆଇନ୍ କାରବାର ବଢ଼ିବାରେ ଲାଗିଛି। ପାଟ୍ରୋଲିଂ କରିବା ପରିବର୍ତ୍ତେ ବେଆଇନ ଭାବେ ଟଙ୍କା ଆଦାୟରେ ମାତିଛନ୍ତି ପିସିଆର୍ କର୍ମଚାରୀ। ଚନ୍ଦକା ଥାନା ଅଞ୍ଚଳରୁ ଏଭଳି ଅଭିଯୋଗ ଆସିବା ପରେ ଚେତିଛି କମିସନରେଟ ପୁଲିସ। ଅବସରପ୍ରାପ୍ତ ସେନା କର୍ମଚାରୀ ତଥା ପିସିଆର୍ ଏସପିଓ ଏବଂ ସମ୍ପୃକ୍ତ ଡ୍ରାଇଭରଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଛି। ଏଥିସହିତ ଭବିଷ୍ୟତରେ ଏଭଳି ଅଭିଯୋଗ ଆସିଲେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ନିଆଯିବ, ସେନେଇ ନିର୍ଦ୍ଦେଶାବଳୀ ପ୍ରକାଶ ପାଇଛି। ତେବେ ଦୁଇ ଜଣଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବା ପରେ ପିସିଆର୍ କର୍ମଚାରୀମାନେ ଟଙ୍କା ଆଦାୟ କରୁଥିବା ଅଭିଯୋଗକୁ ପ୍ରମାଣିତ କରିଛି।

ସୂଚନା ମୁତାବକ, ଚନ୍ଦକା ଥାନା ଅଧିନରେ କାମ କରୁଥିବା ଇଆରଏସ୍‌ଏସ୍ (୧୧୨) ତଥା ପିସିଆର୍ ୪୧ର କର୍ମଚାରୀମାନେ କିଛି ବ୍ୟକ୍ତିଙ୍କ ଠାରୁ ବେଆଇନ ଭାବେ ଟଙ୍କା ଆଦାୟ କରୁଥିବା ଅଭିଯୋଗ ଆସିଥିଲା। ଅଭିଯୋଗର ଅନୁସନ୍ଧାନ କରିବା ପରେ ତାହା ସତ୍ୟ ବୋଲି ପ୍ରମାଣ ମିଳିଥିଲା। ଆଉ ଏହାପରେ ପୁଲିସ ବିଭାଗରେ ତତ୍ପରତା ପ୍ରକାଶ ପାଇଥିଲା। ପିସିଆରରେ କାର୍ଯ୍ୟରତ ଅବସରପ୍ରାପ୍ତ ସେନା କର୍ମଚାରୀ ତଥା ପିସିଆର୍ ୪୧ର ଏସପିଓ (ସ୍ପେଶାଲ୍ ପୁଲିସ ଅଫିସର) ଓ ଡ୍ରାଇଭରଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି। ଏଥିସହିତ ପିସିଆର୍ କର୍ମଚାରୀଙ୍କ ପାଇଁ ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ପିସିଆର୍ ଇନଚାର୍ଜ (ଏସପିଓ) ତଥା ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ଅଭିଯୋଗ ଆସିଲେ, ଚାକିରିରୁ ବହିଷ୍କାର କରାଯିବା ସହ ଅପରାଧିକ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯିବ। ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ଆର୍ମି ୱେଲଫେୟାର ବୋର୍ଡକୁ ଚିଠି ଲେଖାଯିବା ସହ ପେନସନ୍ ବନ୍ଦ କରିବାକୁ କାର୍ଯ୍ୟାନୁଷ୍ଠାନ ନିଆଯିବ। ସେହିପରି ହାବିଲଦାର, କନେଷ୍ଟବଳ ଓ ଓଏପିଏଫମାନଙ୍କୁ ନିଲମ୍ବନ କରାଯାଇ ଗିରଫ କରାଯିବା ସହ ହୋମଗାର୍ଡଙ୍କୁ ବହିଷ୍କାର କରାଯାଇ କୋର୍ଟ ଚାଲାଣ କରାଯିବ। ଏଥିସହିତ ଇଆରଏସ୍‌ଏସ୍ ଓ ଇଆରଭି ଡ୍ରାଇଭରଙ୍କ ବିରୋଧରେ ଅଭିଯୋଗ ଆସିଲେ, ଚାକିରିରୁ ନିବୃତ୍ତ କରି ଗିରଫ କରାଯିବା ସହିତ ସେ ପାଇଥିବା ଦରମାକୁ ଫେରାଇ ଅଣାଯିବ। ଏନେଇ ଅତିରିକ୍ତ ଆରକ୍ଷୀ ଆୟୁକ୍ତ (କଣ୍ଟ୍ରୋଲ ରୁମ୍)ଙ୍କ ପକ୍ଷରୁ ନିର୍ଦ୍ଦେଶାବଳୀରେ ପ୍ରକାଶ ପାଇଛି।

ତେବେ ପିସିଆର୍ କର୍ମଚାରୀଙ୍କ ବିରୋଧରେ ଇଏ କେବଳ ଗୋଟିଏ ଘଟଣା ନୁହଁ, ପୂର୍ବରୁ ମଧ୍ୟ ମାଳ ମାଳ ଅଭିଯୋଗ ଆସିଛି। ଘଟଣାସ୍ଥଳରୁ ଦୁର୍ଘଟଣା ଗାଡ଼ି ଛାଡ଼ିବା ଠାରୁ ଆରମ୍ଭ କରି ବେଆଇନ ବାଲି, ମୋରମ୍ ଓ ମାଙ୍କଡ଼ା ପଥର ଗାଡ଼ି ଅଟକାଇ ଟଙ୍କା ଆଦାୟ କରିବା ଯାଏଁ, ଲମ୍ବା ଅଭିଯୋଗ ଆସିଛି। ଏବେ ମଧ୍ୟ ଅନେକ ପିସିଆର୍ କର୍ମଚାରୀ ବେଆଇନ ଭାବେ ଟଙ୍କା ଆଦାୟରେ ଲିପ୍ତ ରହିଛନ୍ତି। କିଏ ରାତି ଅଧରେ ଆଦାୟ କରୁଛନ୍ତି ତ କେହି ମାସିକିଆ ଟଙ୍କା ନେଉଛନ୍ତି। ବିଶେଷକରି ଦଶହରା ସମୟରେ, ନିଜ ନିଜ ଥାନା ଅଞ୍ଚଳର ବିଭିନ୍ନ ଛୋଟମୋଟ ଦୋକାନୀଙ୍କ ଠାରୁ ଆରମ୍ଭ କରି ବ୍ୟବସାୟୀକ ପ୍ରତିଷ୍ଠାନ ବୁଲି ଟଙ୍କା ଆଦାୟ କରୁଥିବାର ନଜର ମଧ୍ୟ ରହିଛି। ଏସବୁ ଦୀର୍ଘଦିନ ଧରି ଚାଲି ଆସୁଥିଲେ ମଧ୍ୟ ଏଥିରେ କୌଣସି ପରିବର୍ତ୍ତନ ଆସିପାରିନାହିଁ।

## ପଥରରେ ଛେଚି ଆକ୍ରମଣ; ୨ ଗିରଫ



ଭୁବନେଶ୍ୱର, ୨୭।୨(ସମିସ): ଜମି ବିବାଦକୁ କେନ୍ଦ୍ର କରି ପଥରେ ଛେଚି ଆକ୍ରମଣ ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୁଲିସ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସୋମନାଥ ଭୋଇ ଏବଂ ମଧୁସୂଦନ ଭୋଇ। ସୂଚନାଯୋଗ୍ୟ ଯେ, ଗତ ୨୬ ସକାଳ ପ୍ରାୟ ୧୦ରେ ପୁରୀ ବାଇପାସ ନିକଟରେ ଥିବା ଖାତା ନମ୍ବର ୯୩ ଅନ୍ତର୍ଗତ ପ୍ଲଟ ନମ୍ବର ୩୯ ୯୬ ଉପରେ ଜମି ବିବାଦକୁ କେନ୍ଦ୍ର କରି ଏକ ଘଟଣା ଘଟିଥିଲା। ଅଭିଯୁକ୍ତ ମହେନ୍ଦ୍ର ଭୋଇ, ମଧୁସୂଦନ ଭୋଇ, ରୀନା ଭୋଇ ଏବଂ ତାଙ୍କ ପରିବାର ସଦସ୍ୟମାନେ ରୀନା ଭୋଇଙ୍କ ନାମରେ ପ୍ରାୟ ୨ଗୁଣ୍ଠ ଜମି ହଡ଼ପ କରି ଘର ନିର୍ମାଣ କରିବାକୁ ଚେଷ୍ଟା କରୁଥିବା ସୂଚନା ପାଇ, ଅଭିଯୋଗକାରୀ ତାଙ୍କ ପରିବାର ସଦସ୍ୟମାନଙ୍କ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେହି ସମୟରେ ଅଭିଯୁକ୍ତ ମହେନ୍ଦ୍ର ଭୋଇ, ମଧୁସୂଦନ ଭୋଇ ଏବଂ ସୋମନାଥ ଭୋଇ ମିଳିତ ଭାବରେ ପଥରରେ ଜଗନ୍ନାଥ ଭୋଇ ଏବଂ ବିମଳ ଭୋଇଙ୍କୁ ଆକ୍ରମଣ କରିଥିଲେ। ଯାହାର ଫଳରେ ସେମାନଙ୍କ ଶରୀରରେ ରକ୍ତାକ୍ତ ଆଘାତ ଲାଗିଥିଲା। ତଦନ୍ତ ସମୟରେ ଏହା ସ୍ପଷ୍ଟ ହୋଇଥିଲା ଯେ ଉଭୟ ପକ୍ଷ ଘନିଷ୍ଠ ସମ୍ପର୍କିତ ଏବଂ ବିବାଦଟି ପୈତୃକ ଜମି ବିଭାଜନ ଏବଂ କଥିତ ଅତ୍ୟଧିକ ବିନିଯୋଗ ସହିତ ସମ୍ପୃକ୍ତ। ପୁଲିସ ସୋମନାଥ ଏବଂ ମଧୁସୂଦନକୁ ପାଣ୍ଡରା ଗ୍ରାମ ନିକଟରୁ ଗିରଫ କରିଥିଲା।

## ସୁଧ କାରବାର ଅଭିଯୋଗରେ ଯୁବକ ଗିରଫ



ହଂସପାଳ, ୨୭।୨(ସମିସ): ସୁଧ ଆକାରରେ ଟଙ୍କା ଆଉ ସୁନା ନେଇ ଫେରସ୍ତ ନ କରିବା ଅଭିଯୋଗରେ ସୌମ୍ୟରଞ୍ଜନ ଦାସ (୨୭)ଙ୍କ ଲିଖିତ ରିପୋର୍ଟ ଆଧାରରେ ପାହାଳ ଥାନା ପୋଲିସ ବାଲେଶ୍ୱର ଜିଲ୍ଲା ଖଇରା ଅଚ୍ୟୁତପୁର ଗ୍ରାମର ଦେବବ୍ରତ ପାର୍‌ହୀ (୩୫)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ ମେ ୨୦୨୩ରୁ ଅକ୍ଟୋବର ୨୦୨୩ ପର୍ଯ୍ୟନ୍ତ ଅଭିଯୋଗକାରୀଙ୍କ ସଂଗଠନ ଅର୍ଥାତ୍ ମ୍ୟାକ୍ସ ଲାଇଫ୍ ଇନସ୍ୟୁରାନ୍ସ କୋ. ଲିମିଟେଡ୍‌ରେ ସୁପରଭାଇଜର ଭାବରେ କାର୍ଯ୍ୟ କରୁଥିବା ଅଭିଯୁକ୍ତ ନୂତନ ବ୍ୟବସାୟ ପ୍ରତିଷ୍ଠା ପାଇଁ ୨% ରୁ ୩% ମାସିକ ସୁଧ ପ୍ରଦାନ କରିବାର ମିଥ୍ୟା ପ୍ରତିଶ୍ରୁତି ଦେଇ ଅଭିଯୋଗକାରୀଙ୍କୁ ଅସାଧୁ ଭାବରେ ୧୧ ଲକ୍ଷ ଟଙ୍କା ନଗଦ ଏବଂ ପ୍ରାୟ ୩୩୦ ଗ୍ରାମ ସୁନା ଅଳଙ୍କାର ଦେବାକୁ ପ୍ରବର୍ତ୍ତାଇଥିଲେ। ସେ ପୂର୍ବରୁ ଅଭିଯୋଗକାରୀଙ୍କ ମାଆଙ୍କଠାରୁ ୨ଲକ୍ଷ ଟଙ୍କା ମଧ୍ୟ ନେଇଥିଲେ। କିନ୍ତୁ, ଟଙ୍କା ଏବଂ ସୁନା ପାଇବା ପରେ, ଅଭିଯୁକ୍ତ କୌଣସି ସୁଧ ଦେଇନଥିଲେ କିମ୍ବା ମୂଳ ଟଙ୍କା ଫେରସ୍ତ କରିନଥିଲେ ଏବଂ ଅଭିଯୋଗକାରୀଙ୍କୁ ଜାଣିଶୁଣି ଏଡାଇ ଯାଇଥିଲେ। ତଦନ୍ତ ସମୟରେ ପ୍ରାସଙ୍ଗିକ ବ୍ୟାଙ୍କ କାରବାର ସମ୍ବନ୍ଧୀୟ ରେକର୍ଡ ଜବତ କରାଯାଇଥିଲା। ତଦନ୍ତରୁ ଆହୁରି ସ୍ପଷ୍ଟ ହୋଇଥିଲା ଯେ ଅଭିଯୁକ୍ତ ସମାନ ଧରଣରେ ଅନ୍ୟ ଲୋକମାନଙ୍କୁ ମଧ୍ୟ ଠକିଥିଲେ, ଯାହାମଧ୍ୟରୁ ସୁବାସ ଚନ୍ଦ୍ର ପାତ୍ର ଜଣେ ଥିଲେ, ଯାହାଙ୍କଠାରୁ ସେ ସମାନ ମିଥ୍ୟା ବାହାନାରେ ୨୦୨୩ ମସିହାରେ ଚେକ୍ ମାଧ୍ୟମରେ ୬ଲକ୍ଷ ଟଙ୍କା ଗ୍ରହଣ କରିଥିଲେ। ନିର୍ଭରଯୋଗ୍ୟ ସୂଚନା ପାଇବା ପରେ ପାହାଳ ଥାନା ଅଧିକାରୀ ଅଶ୍ୱିନୀ ଜେନା ଚଢାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲେ।

## ରାଜପଥରୁ ଝାମ୍ପିନେଲେ ସୁନା ଚେନ୍

ଯାଁଳା, ୨୭ ।୨(ସମିସ): ପୁଣି ମାତିଲେ ଲୁଟିଆ। ୧୬ ନମ୍ବର ଜାତୀୟ ରାଜପଥ ଭୁଆସୁଣୀ ମନ୍ଦିର ସମ୍ମୁଖରୁ ଜଣେ ମହିଳାଙ୍କ ବେକରୁ ଦୁର୍ବୃତ୍ତମାନେ ସୁନା ଚେନ୍ ଝାମ୍ପିନେଇଛନ୍ତି। ଲୁଟର ଶିକାର ହୋଇଥିବା ଦମ୍ପତି ହେଲେ ନୟାଗଡ଼ ଜିଲ୍ଲା ଭାପୁର କଇଁଫୁଲିଆ ଗ୍ରାମର ତାରେଶ୍ୱର ନାଏକ ଓ ତାଙ୍କ ସ୍ତ୍ରୀ କୁନି। ମିଳିଥିବା ସୂଚନା ଅନୁସାରେ ତାରେଶ୍ୱର ତାଙ୍କ ପରିବାର ଧରି ଖଣ୍ଡଗିରି ଥାନା ସରକନ୍ତରା ଗ୍ରାମରେ ରୁହନ୍ତି। ଗୁରୁବାର ସୁଦଶା ବ୍ରତ ଥିବାରୁ ତାରେଶ୍ୱର ଓ ତାଙ୍କ ସ୍ତ୍ରୀ ନିଜ ଗାଁ କୁ ଯାଇଥିଲେ। ଶୁକ୍ରବାର ଅପରାହ୍ଣରେ ସରକନ୍ତରା ଫେରୁଥିଲେ। ଇନଫୋସିଭ୍ୟାଲି ଥାନା ଭୁଆସୁଣୀ ମନ୍ଦିର ସମ୍ମୁଖରେ ଅତିକ୍ରମ କରୁଥିବା ବେଳେ ପଛରୁ ଜଣେ ଯୁବକ ପଲସର ଯୋଗେ ଦୃତ ଗତିରେ ଆସିଥିଲେ। ହଠାତ ତାରେଶ୍ୱରଙ୍କ ଗାଡି ପାଖରେ ଅଟକି ଥିଲେ। ତାରେଶ୍ୱରଙ୍କ ସ୍ତ୍ରୀ ଙ୍କ ବେକରୁ ଚେନ ଝାମ୍ପି ଭୁବନେଶ୍ୱର ଅଭିମୁଖେ ଦୃତ ଗତିରେ ଚାଲି ଯାଇଥିଲେ। ତାରେଶ୍ୱର ଓ ତାଙ୍କ ସ୍ତ୍ରୀ କୁନି ଚିତ୍କାର କରି ପଛେ ପଛେ ଗୋଡାଇ ଥିଲେ ମଧ୍ୟ ଲୁଟେରାର ଟେର ପାଇ ନ ଥିଲେ।

## ମୋବାଇଲ୍ ଛିନ୍‌ତାଇ; ନାବାଳକ ସମେତ ୨ ଗିରଫ

ଭୁବନେଶ୍ୱର, ୨୭।୨(ସମିସ): ମୋବାଇଲ ଛିନ୍‌ତାଇ ଅଭିଯୋଗରେ ଜଣେ ନାବାଳକଙ୍କ ସମେତ ଜଣେ ଅଭିଯୁକ୍ତ ଏବଂ ଚୋରା ମୋବାଇଲ୍ କିଣୁଥିବା ବ୍ୟବସାୟୀ ଗିରଫ ହୋଇଛନ୍ତି। ଅଭିଯୁକ୍ତମାନଙ୍କ ଠାରୁ ୮ଟି ମୋବାଇଲ ଏବଂ ଗୋଟିଏ ମୋଟର ସାଇକେଲ୍ ଜବତ କରାଯାଇଛି। ପୁଲିସ ସୂଚନା ମୁତାବକ, ଅଭିଯୋଗକାରିଣୀ ତାଙ୍କ ନାବାଳକ ପୁଅ ସହିତ ଭୁବନେଶ୍ୱର ୟୁନିଟ୍-୮ ଅବସ୍ଥିତ ଜଗନ୍ନାଥ ମନ୍ଦିରରୁ ଘରକୁ ଫେରୁଥିବା ସମୟରେ ଦୁଇଜଣ ଅଜଣା ବ୍ୟକ୍ତି ଏକ ମୋଟରସାଇକେଲରେ ଆସି ମନ୍ଦିର ଅଞ୍ଚଳ ନିକଟରେ ଅଭିଯୋଗକାରିଣୀଙ୍କ ପୁଅଠାରୁ ଏକ ମୋବାଇଲ୍ ଫୋନ୍ ଛଡ଼ାଇ ନେଇଥିଲେ। ଅଭିଯୁକ୍ତ ବାଦଲ ପରିଡ଼ା ଜଣେ ନାବାଳକଙ୍କ ସହଯୋଗରେ ଉକ୍ତ ଅପରାଧ ଘଟାଇଥିଲେ। ଏହାପରେ ଏକ ଚଢାଉ କରାଯାଇ ଅଭିଯୁକ୍ତ ବାଦଲ ପରିଡ଼ାକୁ ଗିରଫ କରାଯିବା ସହିତ ସମ୍ପୃକ୍ତ ନାବାଳକଙ୍କୁ ପଚରାଉଚରା ପାଇଁ ଥାନାକୁ ଅଣାଯାଇଥିଲା। ପୂର୍ବରୁ ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରୁ ଅନେକ ମୋବାଇଲ୍ ଫୋନ୍ ଛିନତାଇ କରିଥିବା କଥା ମଧ୍ୟ ସ୍ୱୀକାର କରିଥିଲେ। ଏହା ସହ ସେମାନେ ଚୋରି ହୋଇଥିବା ମୋବାଇଲ୍ ଫୋନ୍‌ଗୁଡ଼ିକୁ ଜଣେ ଅଭିଯୁକ୍ତ କିଶୋର ଲେଙ୍କାଙ୍କୁ ବିକ୍ରି କରିଥିବା ମଧ୍ୟ ସ୍ୱୀକାର କରିଥିଲେ। ଏହାପରେ କିଶୋର ଲେଙ୍କାଙ୍କ ଘରେ ଚଢାଉ କରାଯାଇ ତାଙ୍କ ନିକଟରୁ ବିଭିନ୍ନ ମଡେଲର ସାତଟି ଚୋରି ମୋବାଇଲ୍ ଫୋନ୍ ଉଦ୍ଧାର କରି ଜବତ କରାଯାଇଥିଲା। ଅଭିଯୁକ୍ତ ବାଦଲ ପରିଡ଼ା ଓ କିଶୋର ଲେଙ୍କାଙ୍କୁ କୋର୍ଟକୁ ଚାଲାଣ କରାଯାଇଥିବା ବେଳେ ସମ୍ପୃକ୍ତ ନାବାଳକଙ୍କୁ ଜେଜେବିଙ୍କ ସମ୍ମୁଖରେ ହାଜର କରାଯାଇଛି। ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଜାରି ରହିଛି।

## ଲୁହାଛଡ଼ ଚୋରି କରି ଜଣେ ଗିରଫ

ଯାଁଳା, ୨୭ ।୨(ସମିସ): ଏକ ନିର୍ମାଣାଧୀନ ସଂସ୍ଥାରୁ ଲୁହାଛଡ଼ ଚୋରି ଅଭିଯୋଗରେ ଇନଫୋସିଭ୍ୟାଲି ଥାନା ପୁଲିସ ଜଣେ ଚୋରକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲା ଇନଫୋସିଭ୍ୟାଲି ଥାନା ଅନ୍ତର୍ଗତ ମଦନପୁର ଶବର ସାହିର ବାଳକୃଷ୍ଣ ମାଝି। ଅଭିଯୁକ୍ତ ନିକଟରୁ ଚୋରି ସାମଗ୍ରୀ ଜବତ କରିବା ସହ ଆଜି ଅଦାଲତ ଚାଲାଣ କରିଛି ପୁଲିସ।

ସୂଚନା ଅନୁସାରେ ଇନଫୋସିଭ୍ୟାଲି ଥାନା ଅନ୍ତର୍ଗତ ମଦନପୁର ଠାରେ "ଡିଏନ ଫେୟାରୀଟେଲ ଏକ୍ସଟେନ୍ସନ ସାଇଟ" ରେ ବିଭିନ୍ନ ଧରଣର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଗୁରୁବାର ପ୍ରାତଃ ସମୟରେ ଅଭିଯୁକ୍ତ ବାଳକୃଷ୍ଣ ମାଝୀ ସୁଯୋଗ ନେଇ ଉକ୍ତ କନଷ୍ଟ୍ରକ୍ସନ ସାଇଟ ଭିତରେ ପ୍ରବେଶ କରି ନିର୍ମାଣ କାର୍ଯ୍ୟ ଲାଗି ମହଜୁଦ ଥିବା ଲୁହାଛଡ ମଧ୍ୟରୁ ୩୦ କେଜି ଓଜନର ୨୦ ଗୋଟି କଟପିସ ଲୁହାଛଡ ଚୋରିକରି ନେଇଯାଇଥିଲେ। ଏନେଇ ଅଭଯୋଗକାରୀ ମଳୟ ନାଏକ ଥାନାରେ ଅଭିଯୋଗ କରିଥିଲେ। ମାମଲାର ତଦନ୍ତ ସମୟରେ ପୁଲିସ ଏକ ବିଶ୍ୱସ୍ତ ସୂଚନା କ୍ରମେ ଚଢଉ କରି ଅଭିଯୁକ୍ତ ବାଳକୃଷ୍ଣ ମାଝୀଙ୍କୁ ଗିରଫ କରିଥିଲେ।

## ବିଏମ୍‌ସି ଦେଲା ୩୬ ହଜାର ୟୁଜର୍ସ ଫି

ଭୁବନେଶ୍ୱର, ୨୭।୨(ସମିସ): ଭୁବନେଶ୍ୱର ମହାନଗର ନିଗମ ଦେଲା ୩୬ ହଜାର ଟଙ୍କା ଆଜି ପୈଠ କରିଛି। ନିୟମ ଅନୁଯାୟୀ ବିଏମ୍‌ସି ଅଞ୍ଚଳରେ ବସବାସ କରୁଥିବା ସାଧାରଣ ନାଗରିକଙ୍କଠାରୁ ଆରମ୍ଭ କରି ସମସ୍ତ ସରକାରୀ, ଅର୍ଦ୍ଧ ସରକାରୀ, ବେସରକାରୀ, ରାଷ୍ଟ୍ରାୟତ କାର୍ଯ୍ୟାଳୟ, ଅନୁଷ୍ଠାନ, ପ୍ରତିଷ୍ଠାନ, ଅଧିକାରୀ, କର୍ମଚାରୀ ୟୁଜର ଫି ଦେବେ। ଏହି କ୍ରମରେ ବିଏମ୍‌ସିର ମେୟର, ଡେପୁଟି ମେୟର, କମିସନର, ଅତିରିକ୍ତ କମିସନର, ସମସ୍ତ କର୍ପୋରେଟର, ଅଧିକାରୀ ଓ କର୍ମଚାରୀ ମଧ୍ୟ ନିଜେ ରହୁଥିବା ଅଞ୍ଚଳର ସମ୍ପୃକ୍ତ ସ୍ୱଚ୍ଛସାଥୀ, ସ୍ୱଚ୍ଛ ସୁପରଭାଇଜର, ଏସ୍‌ଆଇମାନଙ୍କୁ ୟୁଜର ଫି ଦେଉଛନ୍ତି। ୟୁଜର ଫି ପ୍ରଦାନ କରିବା ପାଇଁ ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ମଧ୍ୟ କମିସନର ପତ୍ର ଲେଖିଛନ୍ତି। ତଦନୁଯାୟୀ ସ୍ୱଚ୍ଛସାଥୀମାନେ ବିଭିନ୍ନ କାର୍ଯ୍ୟାଳୟକୁ ଯାଇ ୟୁଜର ଫି ଆଦାୟ କରୁଛନ୍ତି। ବହୁ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଅନଲାଇନରେ ମଧ୍ୟ ପୈଠ କରୁଛନ୍ତି। ୟୁଜର ଫି ଭୁବନେଶ୍ୱର ମହାନଗର ନିଗମକୁ ଆହୁରି ସ୍ୱଚ୍ଛ, ସବୁଜ ସୁନ୍ଦର କରିବାରେ ସହାୟକ ହେବ ବୋଲି ବିଏମ୍‌ସି କମିସନର ଚଞ୍ଚଳ ରାଣା କହିଛନ୍ତି।

## ଆଚାର୍ଯ୍ୟ ହରିହରଙ୍କ ପ୍ରତିମୂର୍ତ୍ତି ଲୋକାର୍ପିତ



ଭୁବନେଶ୍ୱର, ୨୭ ।୨(ସମିସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଭୁବନେଶ୍ୱର ସ୍ଥିତ ଆଚାର୍ଯ୍ୟ ହରିହର ପାର୍କରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ ତଥା ଶିକ୍ଷାବିତ ଆଚାର୍ଯ୍ୟ ହରିହର ଦାସଙ୍କ ପ୍ରତିମୂର୍ତ୍ତି ଲୋକାର୍ପିତ ହୋଇଯାଇଛି। ଶୁକ୍ରବାର ଆଚାର୍ଯ୍ୟ ହରିହର ଦାସଙ୍କ ଜୟନ୍ତୀ ପାଳନ ଅବସରରେ ବିଧାୟକ ବାବୁ ସିଂ, ଭୁବନେଶ୍ୱର ମେୟର ସୁଲୋଚନା ଦାସ ଆଚାର୍ଯ୍ୟ ହରିହର ଦାସଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଲୋକାର୍ପିତ କରିବା ସହ ଆଚାର୍ଯ୍ୟ ହରିହରଙ୍କ ସ୍ମୃତିଚାରଣ କରିଥିଲେ। ଆଚାର୍ଯ୍ୟ ହରିହର ଥିଲେ ସମାଜସେବା ଓ ଶିକ୍ଷା କ୍ଷେତ୍ରରେ ଜଣେ ଅନିର୍ବାଣ ଆଲୋକଶିଖା। ସ୍ୱାଧୀନତା ସଂଗ୍ରାମରେ ମଧ୍ୟ ସେ ସକ୍ରିୟ ଭୂମିକା ନିର୍ବାହ କରିଥିଲେ। ଆଚାର୍ଯ୍ୟ ହରିହରଙ୍କ ଆଦର୍ଶରେ ଆଜିର ଯୁବପିଢ଼ି ଅନୁପ୍ରାଣିତ ହୁଅନ୍ତୁ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଏହି ଅବସରରେ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ଉପ ନିର୍ଦ୍ଦେଶକ ଦେବଯାନୀ ଭୂୟାଁ, ଶିକ୍ଷାବିତ, ବୁଦ୍ଧିଜୀବୀ, ସମାଜସେବୀ ପ୍ରମୁଖ ଉପସ୍ଥିତ ରହି ଆଚାର୍ଯ୍ୟ ହରିହର ଦାସଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।



ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ନିକଟରେ ଗଢ଼ିଉଠିଥିବା ଜବରଦଖଲକୁ ଉଚ୍ଛେଦ କରୁଛି ବିଏମ୍‌ସି

## ଡକାୟତି ଉଦ୍ୟମ ପଣ୍ଡ; ୪ ଗିରଫ



ଭୁବନେଶ୍ୱର, ୨୭।୨(ସମିସ): ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଏକ ଡକାୟତି ଉଦ୍ୟମକୁ ପୁଲିସ ପଣ୍ଡ କରିଛି। ଏହାସହ ପୂର୍ବରୁ ଅପରାଧୀକ ରେକର୍ଡ ଥିବା ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବାପି ନାୟମ, ମିଞ୍ଜା ନାୟକ, ଅମୀୟ କୁମାର ଦାସ ଏବଂ ବାପି ସ୍ୱାଇଁ। ଏମାନଙ୍କ ଠାରୁ ଗୋଟିଏ ଲୁହା ଖଣ୍ଡା, ଗୋଟିଏ ଲୁହା କଟୁରି, ଗୋଟିଏ ଲୁହାଛଡ୍ ଏବଂ ଗୋଟିଏ ଲଙ୍କା ପାଉଡର ପ୍ୟାକେଟ ଜବତ ହୋଇଥିଲା।

ପୁଲିସ ସୂଚନା ମୁତାବକ, ଗତ ୨୭ତାରିଖରେ ଚନ୍ଦ୍ରଶେଖରପୁର ଥାନାର ପୁଲିସ ଟିମ ରାତ୍ରି ପେଟ୍ରୋଲିଂ ଡ୍ୟୁଟି କରୁଥିବା ସମୟରେ ପଟିଆର ବରଦେଇ ମନ୍ଦିର ନିକଟରେ ମାରଣାସ୍ତ୍ର ସଜ୍ଜିତ ପାଞ୍ଚ ଜଣ ଅସାମାଜିକ ବ୍ୟକ୍ତି ଏକତ୍ରିତ ହୋଇଥିଲେ। ଯେଉଁମାନେ ସେହି ବାଟ ଦେଇ ଯାଉଥିବା ଲୋକଙ୍କ ଉପରେ ଡକାୟତି କରିବା ପାଇଁ ଯୋଜନା କରୁଥିଲେ। ପୁଲିସ ଘଟଣାସ୍ଥଳରେ ଏକ ଚଢ଼ଉ କରିଥିଲା। ଘଟଣାସ୍ଥଳରୁ ଚାରି ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ଜଣେ ଅଭିଯୁକ୍ତ ଖସିଯିବାରେ ସଫଳ ହୋଇଥିଲେ। ଏହା ସହିତ ଘଟଣାସ୍ଥଳରୁ ଖାଲି ମଦ ବୋତଲ, ଡିସପୋଜେବଲ୍ ଗ୍ଲାସ, ପାଣି ବୋତଲ ଏବଂ ସିଗାରେଟ୍ ସାମଗ୍ରୀ ମଧ୍ୟ ଜବତ କରାଯାଇଛି। ପଚରାଉଚରା ବେଳେ ସେମାନେ ବିଚ୍ଛିନ୍ନ ଅଞ୍ଚଳରେ ଡକାୟତି କରିବା ପାଇଁ ପ୍ରସ୍ତୁତି ସହିତ ସେଠାରେ ଏକତ୍ରିତ ହୋଇଥିବା ସ୍ୱୀକାର କରିଥିଲେ। ସମସ୍ତ ଅଭିଯୁକ୍ତ ଅଭ୍ୟାସଗତ ଅପରାଧୀ ଏବଂ ଡକାୟତି, ଅସ୍ତ୍ରଶସ୍ତ୍ର ଅପରାଧ, ଏନଡିପିଏସ୍ ଆକ୍ଟ, ଚୋରି ଓ ଆକ୍ରମଣ ସମେତ ବହୁ ପୂର୍ବ ଅପରାଧିକ ମାମଲାରେ ସମ୍ପୃକ୍ତ। ସେମାନଙ୍କର ଅପରାଧିକ ପୂର୍ବାବଲୋକନ ବ୍ୟାପକ ଭାବେ ଯାଞ୍ଚ କରାଯାଉଛି। ପଳାତକ ଅଭିଯୁକ୍ତଙ୍କୁ ଧରିବା ପାଇଁ ପ୍ରୟାସ ଜାରି ରହିଥିବା ବେଳେ ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଜାରି ରହିଛି।

**ନିୟମ ନିଜେ କରୁଛି, ନିଜେ ଭାଙ୍ଗୁଛି ବିଏମ୍‌ସି**

# ଡ୍ରେନ୍ ଉପରେ ହେବ ଭେଣ୍ଡିଂ ଜୋନ୍




ଭୁବନେଶ୍ୱର, ୨୭।୨(ସମିସ): ରାସ୍ତା କିମ୍ବା ଡ୍ରେନ୍ ଉପରେ ଠେଲା କିମ୍ବା ଦୋକାନ ରହିଲେ ଏହାକୁ ଉଚ୍ଛେଦ କରାଯିବ। ବିଏମ୍‌ସି ପକ୍ଷରୁ ଏଭଳି ନିୟମ କରାଯାଇଛି। ବିଗତ ଦିନରେ ଏହି ନିୟମକୁ ଆଧାର କରି ବହୁ ସଂଖ୍ୟାରେ ଉଠା ଦୋକାନକୁ ଉଚ୍ଛେଦ କରାଯାଇଛି। ଯାହାଦ୍ୱାରା ଡ୍ରେନ୍ ସଫେଇରେ କୌଣସି ଅସୁବିଧା ହେବନାହିଁ। ଏହାସହ ଡ୍ରେନ୍ ଜବରଦଖଲମୁକ୍ତ ମଧ୍ୟ ରହିବ। କିନ୍ତୁ ଏହି ନିୟମକୁ ବିଏମ୍‌ସି ଏବେ ନିଜେ ଭାଙ୍ଗିବାକୁ ଯାଉଛି। ୟୁନିଟ୍-୧ ଅଞ୍ଚଳର ରୋଡ୍ ନମ୍ବର ୧୦ ଏବଂ ୧୧ରେ ଡ୍ରେନ୍ ଏବଂ ରାସ୍ତା ଉପରେ ଭେଣ୍ଡିଂ ଜୋନ୍ ନିର୍ମାଣ ଜୋରସୋରରେ ଚାଲିଛି। ଏଭଳି ଡ୍ରେନ୍ ଉପରେ ଭେଣ୍ଡିଂ ଜୋନ୍ ନିର୍ମାଣ କରି ବିଏମ୍‌ସି ରାଜଧାନୀର ଜବରଦଖଲକାରୀଙ୍କୁ ଏକ ବାର୍ତ୍ତା ଦେବାକୁ ଚାହୁଁଛି ଯେ ଡ୍ରେନ୍ ଉପରେ ଭେଣ୍ଡିଂ ଜୋନ୍ ନିର୍ମାଣ କଲେ ବି କିଛି ଅସୁବିଧା ନାହିଁ।

ୟୁନିଟ୍-୧ ମାର୍କେଟରେ ନିଆଁ ଲାଗିବା ପରେ ବହୁ ସଂଖ୍ୟାରେ ଉଠା ଦୋକାନ ଜଳିଯାଇଥିଲା। ଏହାପରେ ବିଏମ୍‌ସି ରାସ୍ତା ପାଇଁ କିଛି ଉଠା ଦୋକାନୀଙ୍କୁ ହଟାଇ ଜବରଦଖଲମୁକ୍ତ କରିଥିଲା। ଏହି ଦୁଇଟି ଘଟଣାରେ ମୋଟ୍ ୬୩ ଜଣ ବ୍ୟବସାୟୀ ସେଠାରୁ ନିଜର ଜୀବିକା ହରାଇଲେ। ବ୍ୟବସାୟୀ ମାନେ ଜିଦ୍ ଧରିଛନ୍ତି, ଯେଉଁଠି ପୋଡିଲା ସେଇଠି ଦୋକାନ ଦିଅ। ଅପରପକ୍ଷେ ବିଏମ୍‌ସି ଆଦିବାସୀ ପଡ଼ିଆ ରାସ୍ତାରେ ନୂଆ ଭେଣ୍ଡିଂ ଜୋନ୍ ତିଆରି କଲାଣି। ବାସ୍ତବରେ ସେଠାରେ କିନ୍ତୁ ରାସ୍ତାକୁ ଅଧା ମାଡି ବସି ଭେଣ୍ଡିଂ ଜୋନ୍ ତିଆରି ହେଉଛି। ଫଳରେ ଆହୁରି ଟ୍ରାଫିକ୍ ଜାମ ହେବ।

ଯଦି ଦୋକାନୀ ନ ଗଲେ, ତାହାଲେ ଏହାକୁ କାରସାଦି କରି ବିକ୍ରି କରିବାକୁ ବିଏମ୍‌ସି ଯୋଜନା କରୁଛି। ଏପଟେ ନିଆଁ ଲାଗିଥିବା ଦୋକାନୀ ଏହି ରାସ୍ତାକୁ ମାଡ଼ି ବସିବେ। ସେପଟେ ନୂଆ ଭେଣ୍ଡିଂ ଜୋନ୍ ରାସ୍ତା ଗିଳିବ। ଫଳରେ ଦୁଇ ରାସ୍ତାରେ ପ୍ରବଳ ଟ୍ରାଫିକ୍ ଜାମ ସୃଷ୍ଟି ହେବ। ୟୁନିଟ୍-୧ ହାଟ ଭେଣ୍ଡିଂଜୋନ୍ ପୋଡିଥିବା ବ୍ୟବସାୟୀଙ୍କୁ ବିଏମ୍‌ସି ଥଇଥାନ କରିବାକୁ ନୂଆ ଭେଣ୍ଡି ଜୋନ୍ ନିର୍ମାଣ କରୁଛି। ଡ୍ରେନ୍ ଉପରେ ବେଆଇନ୍ ଭାବେ ଏହି ଭେଣ୍ଡିଂ ଜୋନ୍ ଖୋଦ୍ ବିଏମ୍‌ସି ନିର୍ମାଣ କରୁଛି। ୨୦ ଫୁଟ ରାସ୍ତାର ଏକ ଚତୁର୍ଥାଂଶ ନିର୍ମାଣ କାର୍ଯ୍ୟରେ ଯିବ। ବାକି ରାସ୍ତାରେ ଲୋକେ ପାର୍ଟି କରିବେ। ଫଳରେ ଏହି ରାସ୍ତାରେ ଗାଡି ଯିବା ଆସିବା କରିବା ସମ୍ଭବ ହେବ ନାହିଁ ଉକ୍ତ ଜାଗା ସାଧାରଣ ପ୍ରଶାସନ ବିଭାଗର। ଏହି ଜାଗାରେ ଭେଣ୍ଡିଂ ଜୋନ୍ ନିର୍ମାଣ କରିବାକୁ ହେଲେ ଜିଏର ଅନୁମତି ଆବଶ୍ୟକ ରହିଛି। ହେଲେ ଭେଣ୍ଡିଂ ଜୋନ୍ ନିର୍ମାଣ କରିବାକୁ ଜିଏ ଅନୁମତି ଦେଇନାହିଁ। ବିଏମ୍‌ସି କିପରି ଭେଣ୍ଡିଂ ଜୋନ୍ ନିର୍ମାଣ କରୁଛି ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଏହା ସହ ଏହି ରାସ୍ତାକୁ ଲାଗି ଆଦିବାସୀ ପଡ଼ିଆ ସହିତ ଅନେକ ଗୁଡିଏ ସରକାରୀ ଅଫିସ ରହିଛି। ଏହି ଅଫିସକୁ ପ୍ରତିଦିନ ହଜାର ହଜାର ଲୋକେ ଯାଉଛନ୍ତି। ଏଜି- ରାଜମହଲ ଛକ ଜାମ ହେଲେ ଏହି ରାସ୍ତା ଦେଇ ଲୋକେ ବାଏ ପାସ୍‌ରେ ଯାଆନ୍ତି। ଯଦି ଏହାକୁ ବି ଜବରଦଖଲକାରୀଙ୍କ ହାତରୁ ବିଏମ୍‌ସି ଟେକିଦେବ ତାହାଲେ ସାଧାରମ ଲୋକେ ଅସୁବିଧାର ପଡ଼ିବେ।


ଏସମ୍ପର୍କରେ ବିଭାଗୀୟ ଅଧିକାରୀ ଅଜୟ ମହାନ୍ତି କହିଛନ୍ତି ଆମେ ସେଠାରେ ଅସ୍ଥାୟୀ ନିର୍ମାଣ କରୁଛୁ। ଏହା ସ୍ଥାୟୀ ନୁହେଁ। ଡେନ୍‌ର ଚଉଡା ଅଧିକ ହୋଇଥିବାରୁ ଏଠାରେ ସେଭଳି କିଛି ଅସୁବିଧା ହେବ ନାହିଁ।





## ମନୋଜ ଦାସ ଜୟନ୍ତୀ ପାଳିତ

# ‘ମନୋଜଙ୍କ ପ୍ରତିଟି ରଚନାରେ ଅଦମ୍ୟ ପରିପକ୍ୱତା’



ଭୁବନେଶ୍ୱର, ୨୭ ।୨(ସମିସ): ମନୋଜ ଦାସଙ୍କ ଭାଷାରେ, ଭାବରେ, ଚରିତ୍ର ଚିତ୍ରଣରେ ଉତ୍ତୁଙ୍ଗ ପରିପକ୍ୱତା ପରିଲକ୍ଷିତ ହୁଏ। ନିସର୍ତ୍ତ ଭାବରେ ମଣିଷକୁ ସ୍ୱାଗତ କରିବା, ମଣିଷର ଅସହାୟତା, ବିଷାଦ, ଶୋକକୁ ଉପସ୍ଥାପନ କରିବାରେ ସେ ଓସ୍ତାଦ୍ ଥିଲେ। ମନୋଜ ଦାସ ଜଣେ ବିରଳ ଶିଳ୍ପୀ। ଯିଏ ବିଷାଦର ଚମତ୍କାର ଚିତ୍ରଣ କରିଛନ୍ତି। କଷ୍ଟକର ଜୀବନକୁ ସହଜ ସୁନ୍ଦର୍ ଭାବରେ ବର୍ଣ୍ଣନା କରିବାରେ ମନୋଜ ଦାସ ଜଣେ ସିଦ୍ଧ ଶିଳ୍ପୀ ବୋଲି ବିଶିଷ୍ଟ ସମାଲୋଚକ ଓ କଥାକାର ଡ. ଆଦିକନ୍ଦ ସାହୁ କହିଛନ୍ତି। ମନୋଜ ଦାସ ସ୍ମୃତି ସଂସଦ ଓ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ଉଦ୍ୟମରେ ଗୀତଗୋବିନ୍ଦ ସଦନରେ ଆୟୋଜିତ ମନୋଜ ଦାସ ଜୟନ୍ତୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡ. ଆଦିକନ୍ଦ ସାହୁ ମନୋଜ ଦାସଙ୍କ ପ୍ରତିଟି ରଚନାରେ ଅଦମ୍ୟ ପରିପକ୍ୱତା ରହିଥିବା କହିଥିଲେ। ମୁଖ୍ୟବକ୍ତା ଭାବେ କଥାକାର ଯଶୋଧାରା ମିଶ୍ର ଯୋଗଦେଇ କହିଥିଲେ, ମନୋଜ ଦାସଙ୍କ ଲେଖାରେ କେବଳ ମଣିଷ ପ୍ରେମ ନୁହଁ, ପ୍ରକୃତି ଓ ପଶୁ ପକ୍ଷୀଙ୍କ ସହ ବି ପ୍ରେମ ନେଇ ବର୍ଣ୍ଣନା କରିଥାନ୍ତି। ତାଙ୍କ ଗଳ୍ପର କାହାଣୀ ହିଁ ପାଠକଙ୍କୁ ଶେଷଯାଏ ବାନ୍ଧି ରଖେ। ତାଙ୍କର ଶୈଳୀରେ କୌଣସି ଲୋକପ୍ରିୟ ଧାରା ନଥିଲା। ସେ ନିଜର ଏକ ସ୍ୱତନ୍ତ୍ର ଗଠନ ଧାରା ତିଆରି କରିଥିଲେ। ସଂସଦର ସଭାପତି ଅଧ୍ୟାପକ ବିଶ୍ୱରଞ୍ଜନ ମନୋଜ ଦାସଙ୍କ ଯାତ୍ରା ସୀମାହୀନ ବୋଲି କହିଥିଲେ।ଏହି ଅବସରରେ ଇତି ସାମନ୍ତଙ୍କ ସଂକଳିତ କାଦମ୍ବିନୀ ପ୍ରକାଶିତ ‘ମନୀଶୀ ମନୋଜ’ ପୁସ୍ତକ ଲୋକାର୍ପିତ ହୋଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପବିତ୍ର ମୋହନ ଦାଶ, ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା, ମନୋଜ ଦାସ ସ୍ମୃତି ସଂସଦ ସମ୍ପାଦକ ଗୌତମବୁଦ୍ଧ ଦାସ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ସଂସଦର କାର୍ଯ୍ୟନିର୍ବାହୀ ସମ୍ପାଦକ ସରୋଜ ବଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଠିକାଦାର ମହାସଂଘ ପକ୍ଷରୁ ଆମରଣ ଅନଶନ

ଭୁବନେଶ୍ୱର, ୨୭।୨(ସମିସ): ଫେବୃଆରୀ ୨୦ରୁ ରାଜଧାନୀର ଲୋୟର୍ ପିଏମଜିରେ ଗଣ ଧାରଣାରେ ବସିଥିବା ନିଖିଳ ଓଡ଼ିଶା ଠିକାଦାର ମହାସଂଘ ଶୁକ୍ରବାରଠାରୁ ଆମରଣ ଅନଶନରେ ବସିଛନ୍ତି। ରାଜ୍ୟବ୍ୟାପୀ ସରକାରୀ ନିର୍ମାଣ କାର୍ଯ୍ୟ ଠପ୍ ହେବ ବୋଲି ଚେତାବନୀ ଦେଇଛନ୍ତି। ଏହା ସହିତ ଆଲୋକ, ପାନୀୟ ଜଳ ବ୍ୟବସ୍ଥା ଓ ସ୍ୱେରେଜ କାମ ସହ ରାଜ୍ୟର ତିନି ପ୍ରମୁଖ ଠିକାଦାର ସଙ୍ଘ, ୭୦ ହଜାର ଠିକାଦାର ଓ ତାଙ୍କ ସହ ଜଡ଼ିତ ୫୦ ଲକ୍ଷ ପରିବାର ପ୍ରଭାବିତ ହେବ। ମିଳିତ ମଞ୍ଚ ର ଆବାହକ



ଅନିଲ କୁମାର ମହାଲିକଙ୍କ ସଂଯୋଜନାରେ ଏକ ସାମ୍ବାଦିକ ସମ୍ମିଳନୀରେ ମିଳିତ ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ୮ଦଫା ଦାବି ପ୍ରଦାନ କରାଯାଇଛି। ୧୮ ଫେବୃଆରୀ ସୁଦ୍ଧା ରାଜ୍ୟ ସରକାର ଦାବି ପୂରଣ ନକଲେ ୨୦ତାରିଖରେ ସମସ୍ତ ନିର୍ମାଣ କାର୍ଯ୍ୟ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ କରି ରାଜଧାନୀ ରାଜରାସ୍ତାରେ ବିଶାଳ ବିକ୍ଷୋଭ ସମାବେଶ କରାଯିବା ନେଇ ଚେତାବନୀ ଦେଇଥିଲା ମହାସଂଘ। ପୂର୍ତ୍ତ ବିଭାଗ ସରକୁଲାର ରଦ୍ଦ କରି ଟେଣ୍ଡର ମୂଲ୍ୟକୁ ୦.୦୦ ପ୍ରତିଶତରୁ କମ ନକରିବା ପାଇଁ ନୂତନ ଆଇନ ପ୍ରଣୟନ, ଏସଓଆର ସ୍ଥିରୀକରଣ, ଟେଣ୍ଡର ସୀମା ବୃଦ୍ଧି, ଏକ ରାଜ୍ୟ ଏକ ଆଇନ, ଖଣିଜ ଦ୍ରବ୍ୟ ସମସ୍ୟା, ଜରିମାନା ଛାଡ଼, ଦରଦାମ ବୃଦ୍ଧି ହିସାବ ଆଦି ୮ ଦଫା ଦାବି ଉପସ୍ଥାପନା କରିଛି ମିଳିତ ଠିକାଦାର ମହାସଂଘ। ଆଗାମୀ ଦିନରେ କାର୍ଯ୍ୟବନ୍ଦ ଯୋଗୁଁ ସାଧାରଣ ଜୀବନ ଯାତ୍ରା ପ୍ରଭାବିତ ହେଲେ ସେଥିପାଇଁ ସରକାର ସମ୍ପୂର୍ଣ୍ଣ ଦାୟୀ ରହିବେ ବୋଲି ମଧ୍ୟ ଚେତାବନୀ ଦେଇଛି ମହାସଂଘ।

# ଚିତ୍ରକଳା ପ୍ରଦର୍ଶନୀର ତୃତୀୟ ଦିବସ

ଭୁବନେଶ୍ୱର, ୨୭।୨(ସମିସ): କଳିଙ୍ଗ ଚାରୁକଳା ମହାବିଦ୍ୟାଳୟର ୮ମ ପ୍ରତିଷ୍ଠା ଦିବସ ପାଳନର ତୃତୀୟ ଦିନରେ ରାଜ୍ୟ ସଂଗ୍ରହାଳୟସ୍ଥିତ କଳିଙ୍ଗ ଆର୍ଟ ଗାଲେରୀ ପରିସରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ତାରାକାନ୍ତ ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ମୂଖ୍ୟ ଅତିଥି ଭାବେ ବରିଷ୍ଠ କଳା ଐତିହାସିକ ଡ. ଅଲେଖ ଚନ୍ଦ୍ର ସାହୁ ଯୋଗଦେଇ ସମସାମୟିକ ଚିତ୍ରକଳା ଓ ଶିକ୍ଷାର ଗୁରୁତ୍ୱ ତାର ବ୍ୟବହାର ବିଷୟରେ ଆଲୋକପାତ କରିଥିଲେ। ବରେଣ୍ୟ ଅତିଥି ଭାବେ ରାଜ୍ୟ ସଂଗ୍ରହାଳୟର ଅଧ୍ୟକ୍ଷା ଡ. ଭାରତୀ ପାଲ ଯୋଗଦେଇ ପୁରୁଣା ଚିତ୍ରକୁ କିପରି ସଂରକ୍ଷଣ କରିବ ସେ ବିଷୟରେ ଆଲୋଚନା କରିଥିଲେ। ସମ୍ମାନନୀୟ ଅତିଥି ଭାବେ ସଂସ୍କୃତି ବିଭାଗର ଓଏସଡି ପ୍ରୀତିଶ କୁମାର ପଣ୍ଡା, କଳାପ୍ରେମୀ ରେବତୀ ପାଣି, ସମାଜସେବୀ ଜ୍ୟୋତିର୍ମୟ ଦାସ ଉପସ୍ଥିତ ଥିଲେ। ବିନିତ ଚୌଧୁରୀଙ୍କ ତରଫରୁ ଚୌଧୁରୀ ଧୂର୍ଜ୍ୟଧନ ଦାସ ମେମୋରିଆଲ ପୁରସ୍କାର ୩ ଜଣ ଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହିତ ଆଇଏସ ଅମରେନ୍ଦ୍ର ପଟ୍ଟନାୟକ ମେମୋରିଆଲ ୨ ଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କଳିଙ୍ଗ ଚାରୁକଳା ମହାବିଦ୍ୟାଳୟର ସଦସ୍ୟ ବିକାଶ ଚୌଧୁରୀ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଚିତ୍ରକଳା ପ୍ରଦର୍ଶନୀଟି ଆସନ୍ତା ୧ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି କଲେଜର ସଦସ୍ୟ ସୁବ୍ରତ ମହାନ୍ତି ଜଣାଇଛନ୍ତି।

# ଉତ୍କଳ ବିଶ୍ୱବିଦ୍ୟାଳୟରେ ମନୋଜ ଦାସଙ୍କ ଜୟନ୍ତୀ



ଭୁବନେଶ୍ୱର, ୨୭।୨(ସମିସ): ମନୋଜ ଦାସଙ୍କ ୯୩ ତମ ଜୟନ୍ତୀ ସ୍ନାତକୋତ୍ତର ଓଡ଼ିଆ ବିଭାଗରେ ପାଳିତ ହୋଇଛି। ପ୍ରଫେସର ମଣୀନ୍ଦ୍ର କୁମାର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଜୟନ୍ତୀ ସଭାରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ବିଭାଗର ପାଠଚକ୍ର ସମ୍ପାଦକ ଦିନେଶ କୁମାର ନାଏକ। ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଦାଶରଥୀ ଦାଶ, ଅରୁଣ କୁମାର ଡାକୁଆ, ଉର୍ମିଳା ଜେନା, ପ୍ରିୟଙ୍କା ପ୍ରିୟଦର୍ଶିନୀ, ଲୋପାମୁଦ୍ରା ମଲିକ, ରାଧିକା ସାହୁ ପ୍ରମୁଖ ମନୋଜ ଦାସଙ୍କ କାଳଜୟୀ ସାହିତ୍ୟ କୃତି ସମ୍ପର୍କରେ ସ୍ୱନିଷ୍ଠ ମୌଳିକ ଅନୁଭବ ବ୍ୟକ୍ତ କରିଥିଲେ। ସଭାପତି ପ୍ରଫେସର ମେହେର ମନୋଜ ଦାସଙ୍କ ‘କେତେ ଦିଗନ୍ତ’ ପୁସ୍ତକର ଦୃଷ୍ଟାନ୍ତ ଉପସ୍ଥାପନ କରିଥିଲେ। ‘ମୋତେ ଭଲ ଲାଗିଥିବା ମନୋଜ ଦାସଙ୍କ ଗଳ୍ପ’ ରଚନା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା କୃତୀ ଛାତ୍ରଛାତ୍ରୀ ବିଶ୍ୱଜିତ ସାହୁ, ସମର୍ପିକା ଦଳାଇ, ଆଶୁତୋଷ ଦାସ, ରାଧିକା ସାହୁ ପ୍ରମୁଖଙ୍କୁ ମନୋଜ ସାହିତ୍ୟ ପରିଷଦ ତରଫରୁ ପ୍ରମାଣପତ୍ର ଓ ପୁରସ୍କାର ବଣ୍ଟନ କରାଯାଇଥିଲା।

# ଡାଳଖାଇ ଠାକୁରାଣୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ



ଭୁବନେଶ୍ୱର, ୨୭।୨ (ସମିସ): ଶିଶୁପାଳଗଡ଼ସ୍ଥିତ ବଡଟାଙ୍ଗୀ ଗ୍ରାମଠାରେ ମା ଡାଳଖାଇ ଠାକୁରାଣୀଙ୍କ ଚତୁର୍ଥ ବାର୍ଷିକ ମନ୍ଦିର ପ୍ରତିଷ୍ଠା ଉତ୍ସବ ଏବଂ ଷଷ୍ଠଦଶ ବାର୍ଷିକ ଅଷ୍ଟପ୍ରହାରୀ ନାମ ସଂକୀର୍ତ୍ତନ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ ଏବଂ ରବୀନ୍ଦ୍ର କୁମାର ପାତ୍ର, ସଂଗ୍ରାମ କେଶରୀ ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସମସ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା।

## ‘ଉତ୍କଳ’ରେ ଜାତୀୟ ସମ୍ମିଳନୀ

# ଭାରତୀୟ ଜ୍ଞାନ ପରମ୍ପରା ଅତୀତର ସ୍ମୃତି ନୁହେଁ; ଜୀବନ୍ତ ବ୍ୟବସ୍ଥା



ଭୁବନେଶ୍ୱର, ୨୭ ।୨(ସମିସ): ଉତ୍କଳ ବିଶ୍ୱବିଦ୍ୟାଳୟ ଲୋକ ପ୍ରଶାସନ ବିଭାଗ ପକ୍ଷରୁ ‘ଭାରତୀୟ ଜ୍ଞାନ ପରମ୍ପରା: ସାମ୍ପ୍ରତିକ ଶାସନ ବ୍ୟବସ୍ଥାରେ ଏହାର ପ୍ରାସଙ୍ଗିକତା’ ଶୀର୍ଷକରେ ଦୁଇ ଦିନିଆ ଜାତୀୟ ସମ୍ମିଳନୀ ଉଦଘାଟିତ ହୋଇଛି। ମୁଖ୍ୟ ଅତିଥି ଭାବେ ଶ୍ରମ କମିଶନର ଇନ୍ଦ୍ରମଣି ତ୍ରିପାଠୀ ଯୋଗଦେଇ ଅର୍ଥଶାସ୍ତ୍ର ଏବଂ ଭଗବଦ୍ ଗୀତାରୁ ନୈତିକ ଉଦାହରଣ ଦେଇ ଭାରତୀୟ ଜ୍ଞାନ ପରମ୍ପରା କେବଳ ଅତୀତର ସ୍ମୃତି ନୁହେଁ, ବରଂ ଏହା ଏକ ଜୀବନ୍ତ ବ୍ୟବସ୍ଥା ଯାହା ଆଧୁନିକ ପ୍ରଶାସନକୁ ଦିଗଦର୍ଶନ ଦେଇପାରିବ ବୋଲି କହିଛନ୍ତି। ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ଯୋଗଦେଇଥିଲେ। କୁଳପତି ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ ଶାସନ ବ୍ୟବସ୍ଥାରେ ଧର୍ମ, ଅର୍ଥ ଓ କାମର ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିଥିବାବେଳେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷା ପ୍ରଫେସର ମିତାଲି ଚିନ୍ନାରା, କୁଳସଚିବ ଡ. ସ୍ୱାତି ମିଶ୍ର ଏବଂ ବିଭାଗୀୟ ମୁଖ୍ୟ ଡ. ପ୍ରତିମା ଷଡ଼ଙ୍ଗୀ ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ। ଶେଷରେ ସହକାରୀ ପ୍ରଫେସର ଡ. ହେମନ୍ତ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଶାସନ ନୀତି ଏବଂ ଚାଣକ୍ୟଙ୍କ ଅର୍ଥଶାସ୍ତ୍ର ଉପରେ ଆଧାରିତ ତିନୋଟି ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଛନ୍ତି।

# ‘ଚାକିରି ପଛରେ ନ ଗୋଡ଼ାଇ ନିଜେ ଉଦ୍ୟୋଗ କରନ୍ତୁ’

ଭୁବନେଶ୍ୱର, ୨୭।୨(ସମିସ): ସ୍ଥାନୀୟ ବୁଦ୍ଧ ମନ୍ଦିର ପରିସରରେ ଓଡ଼ିଶା ଉଦ୍ୟୋଗୀ ପରିବାରର ସଂକ୍ରାନ୍ତ ଆଲୋଚନା, ସମୀକ୍ଷା ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ଶିବ ନାରାୟଣ ମିଶ୍ରଙ୍କ ସଭାପତିତ୍ୱ ଓ ଶ୍ରୀକାନ୍ତ ଶେଖର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ରକ୍ରମରେ ସଭାପତି ଶ୍ରୀ ମିଶ୍ର କହିଥିଲେ ଯେ, ଯୁବ ଉଦ୍ୟୋଗୀମାନେ ଚାକିରି ପଛରେ ନ ଗୋଡ଼ାଇ ନିଜ ଉଦ୍ୟମରେ ଉଦ୍ୟୋଗ କରିବା ପାଇଁ ଆଗେଇ ଆସନ୍ତୁ। ସେହିଭଳି ପ୍ରକାଶିକା ସମାଜସେବିକା ଡ଼ ସୁନିତ ମୁଣ୍ଡ, ସଫଳ ଉଦ୍ୟୋଗୀ ଏ, ବି ପଟନାୟକ, ଅନ୍ୟତମ ସମ୍ମାନିତ ଅତିଥି ଶ୍ରୀକାନ୍ତ ବିଶ୍ୱାଳ ଉଦ୍ୟୋଗର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ଉଦ୍ୟୋଗୀ ନୀଳୟକାନ୍ତ ନାୟକ, ସିଇଓ ଅମୀୟ ମିଶ୍ର, ସୀତାଂଶୁ ଶେଖର ମହାରଣା, ମନୋରଞ୍ଜନ ବାରିକ ପ୍ରମୁଖ ପରିଚାଳନା କରିଥିବା ବେଳେ ବରିଷ୍ଠ ଉଦ୍ୟୋଗୀ ବି, ପି ସିଂଙ୍କ ସମେତ ପ୍ରଶାନ୍ତ ସାମନ୍ତରାୟ, ସତ୍ୟଜିତ ପରିଜା, ବିଜୟ କୁମାର ସାହୁଙ୍କୁ ସମ୍ମାନିତ କରାଯାଇଥିଲା।

## ମଧୁପୁର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

# ଏମ୍‌ସିସିକୁ ହରାଇ ଗ୍ରୀନ୍‌ଷ୍ଟାର୍ ବିଜୟୀ



ଯାଁଳା, ୨୭ ।୨(ସମିସ): ମଧୁପୁର ଖେଳ ପଡ଼ିଆରେ ୨୩ତମ ମଧୁପୁର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନୀ ଉତ୍ସବରେ ଏମସିସିକୁ ୮୦ ରନରେ ହରାଇ ଗ୍ରୀନଷ୍ଟାର ବିଜୟୀ ହୋଇ କ୍ୱାର୍ଟର ଫାଇନାଲକୁ ଉନ୍ନିତ ହୋଇଛି। ଆଜି ମ୍ୟାଚରେ ଗ୍ରିନଷ୍ଟାର ପ୍ରଥମେ ଟସ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଗ୍ରୀନଷ୍ଟାର ଦଳ ନିର୍ଦ୍ଧାରିତ ୧୫ ଓଭରରେ ୮ ୱିକେଟ ହରାଇ ୧୮୦ ରନ ସଂଗ୍ରହ କରିଥିଲେ। ୧୮୧ ରନର ବିଜୟ ଲକ୍ଷ ନେଇ ବିପକ୍ଷ ଏମସିସି ଦଳ ନିର୍ଦ୍ଧାରିତ ୧୪ ଓଭରରେ ସମସ୍ତ ୱିକେଟ୍ ହରାଇ ମାତ୍ର ୧୦୦ ରନ କରି ପରାସ୍ତ ହୋଇଥିଲେ। ମ୍ୟାଚରେ ବିଜୟୀ ଦଳର ଦେବାଶିଷ ପରିଡ଼ା ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଆଜିର ଏହି ଉଦ୍‌ଟନି ଉତ୍ସବରେ ଉଚ୍ଚ ନ୍ୟାୟାଳୟର ଆଇନଜୀବୀ ରାଜେଶ କୁମାର ବେହେରା, ସମାଜସେବୀ ଜୀବନ କୁମାର ପ୍ରଧାନ, ଅଜିତ୍ କୁମାର ମହାକୁଡ଼, ପ୍ରଶାନ୍ତ କୁମାର ନାଟୁଆ ଓ ମହେନ୍ଦ୍ର କୁମାର ବେହେରା ଅତିଥି ଭାବେ ଯୋଗ ଦେଇଥିଲେ। ମଧୁପୁର କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ବିଭୁତି ଭୂଷଣ ସାମନ୍ତରାୟ, ବିଶ୍ୱ ଭୂଷଣ ସାମନ୍ତରାୟ, ଜ୍ୟୋତି ରଞ୍ଜନ ବରାଳ, ଆଶୁତୋଷ ବରାଳ, ସ୍ମୃତି ରଞ୍ଜନ ସାମନ୍ତରାୟ ଓ ସୁମନ୍ତ କୁମାର ବରାଳ ପ୍ରମୁଖ ସହଯୋଗ କରିଥିଲେ।

# ଡ. ବୈଷ୍ଣବ ସାମଲଙ୍କ ଜୟନ୍ତୀରେ ଦୁଇ ପୁସ୍ତକ ଲୋକାର୍ପିତ

ଭୁବନେଶ୍ୱର, ୨୭ ।୨(ସମିସ): ସାହିତ୍ୟିକ ପ୍ରଫେସର ଡ. ବୈଷ୍ଣବ ଚରଣ ସାମଲଙ୍କ ୮୮ତମ ସ୍ୱନକ୍ଷତ୍ର ଉତ୍ସବ ବୁଦ୍ଧମନ୍ଦିରରେ ପାଳିତ ହୋଇଯାଇଛି। ଏହି ଅବସରରେ ତାଙ୍କ ଲିଖିତ ପ୍ରବନ୍ଧ ପୁସ୍ତକ ‘ପ୍ରାବନ୍ଧିକ ମାନସ ମନିଷା’ ଓ ‘ପ୍ରବନ୍ଧ ବିମର୍ଷ’ ଲୋକାର୍ପିତ ହୋଇଯାଇଛି। ଧାରାଶ୍ରୀରାଧା ଟ୍ରଷ୍ଟ ପକ୍ଷରୁ ପ୍ରଫେସର ଡ. ପ୍ରଫୁଲ୍ଲ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ସନ୍ଥ ପରମହଂସ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ଉଦ୍‌ଘାଟନ କରିଥିଲେ। ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ କଥାକାର ପ୍ରଫେସର ଡ. ଶାନ୍ତନୁ କୁମାର ଆଚାର୍ଯ୍ୟ କହିଲେ ଯେ ଡ. ବୈଷ୍ଣବ ଚରଣ ସାମଲଙ୍କ ସାହିତ୍ୟ ସାଧନା ଅନନ୍ୟ, ତାଙ୍କର ଶିକ୍ଷାଦାନ ଶୈଳୀ ମଧ୍ୟ ଅନୁକରଣୀୟ। ଏହି ଅବସରରେ କବି ଉମାକାନ୍ତ ପୃଷ୍ଟିଙ୍କ ‘ସ୍ମୃତିର ସାହାନାଇ’ ଓ ଡ. ସୁନାକର ଦାସଙ୍କ ‘ପୁରାଣ ପୃଷ୍ଠାରୁ ପଶୁପକ୍ଷୀଙ୍କ କାହାଣୀ’ ଏବଂ ‘ସନ୍ଥ କବି ଭୀମଭୋଇ’ ଆଦି ପୁସ୍ତକକୁ ଅତିଥିମାନେ ଲୋକାର୍ପଣ କରିଥିଲେ। ଏହାପରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପାଇଁ କାର୍ଯ୍ୟ କରୁଥିବା ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନୀତ କରାଯିବା ସହ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପ୍ରଫେସର ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ଧାରାଶ୍ରୀ ରାଧା ଟ୍ରଷ୍ଟର ଅଧ୍ୟକ୍ଷ ଅମରେନ୍ଦ୍ର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଉପାଧ୍ୟକ୍ଷ ପୂର୍ବତନ ବରିଷ୍ଠ ପ୍ରଶାସକ ସହଦେବ ଜୟସିଂହ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଅରବିନ୍ଦ ତ୍ରିପାଠୀ ପରିଚାଳନା କରିଥିଲେ।

# ‘ସମର୍ପଣ’ ଉଦ୍‌ଯାପନୀ ସନ୍ଧ୍ୟାରେ ମୀରା ଭଜନ

ଭୁବନେଶ୍ୱର, ୨୭।୨(ସମିସ): ଭୁବନେଶ୍ୱର ମ୍ୟୁଜିକ ସର୍କଲ ପକ୍ଷରୁ ଚାଲିଥିବା ସମର୍ପଣ ଉତ୍ସବର ଶେଷ ସନ୍ଧ୍ୟାରେ ଡ. ପ୍ରିୟା କାନୁନ୍‌ଗୋଙ୍କ ଦ୍ୱାରା ମୀରା ଭଜନ ପରିବେଷଣ ହୋଇଥିଲା। ଉତ୍ସବର ଅନ୍ତିମ ଏବଂ ବିଶେଷ ପ୍ରସ୍ତୁତି ଥିଲା ‘ଚାର ୟାର’ । ତାଙ୍କ ଟିମ୍‌ରେ ତାଙ୍କୁ ଭୀମସେନ୍ ପରିଜା ତବଲାରେ ଓ ଆକାଶ ରଞ୍ଜୀବ ବିଶ୍ୱାଳ ହାରମୋନିୟମ୍‌ରେ ସହଯୋଗ କରିଥିଲେ। ଚାର ୟାର୍‌ରେ ଡ. ମଦନ ଗୋପାଳ ସିଂ ଏବଂ ଅନ୍ୟ ସଦସ୍ୟମାନେ ନିଜମାନଙ୍କର ବିବିଧତାକୁ ଉତ୍ସବମୟ କରି ସାବଜନୀନ ପ୍ରେମ ଓ ଭ୍ରାତୃତ୍ୱର ବାର୍ତ୍ତା ପ୍ରସାର କରଥିଲେ। ଏଥିରେ ମଦନ ଗୋପାଳ ସିଂ ଭୋକାଲିଷ୍ଟ ରୂପେ ଉପସ୍ଥାପନା କରିଥିବା ସହ ଦୀପକ କାଷ୍ଟେଲିନୋ ଗିଟାର ଓ ବଞ୍ଜୋ, ପ୍ରିତମ ଘୋଷାଲ ଶରଦ ଓ ଜନାବ ଅମ୍‌ଜାଦ୍ ଖାନ୍ ରିଦିମ୍‌ରେ ସହଯୋଗ କରିଥିଲେ।

# ଦିବାକର ସ୍ୱାଇଁ ଦିବାରାତ୍ର ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ନନ୍ଦନକାନନ, ୨୭।୨(ସମିସ): ବାରଙ୍ଗ ନରଣପୁର ମହାବୀର ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଦିବାକର ସ୍ୱାଇଁ ମେମୋରିଆଲ ଦିବାରାତ୍ର ଫୁଟବଲ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଆରମ୍ଭ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ବଛା ବଛା ୧୬ଟି ଦଳ ଭାଗ ନେଇଛନ୍ତି। ପ୍ରଥମ ଦିନରେ ୮ଟି ଦଳ ଅଂଶ ଗ୍ରହଣ କରିଥିଲେ। ଉଦଘାଟନ ମ୍ୟାଚ କଟକ ଉରାଳୀ ସହିତ ଜୟଦେବ ମେମୋରିଆଲ ଅଡଶପୁର ମଧ୍ୟରେ ହୋଇଥିଲା। ଗୋଲ ଶୂନ୍ୟ ରହିବା ଫଳରେ ଉରାଳୀ କ୍ଲବ ୫-୪ ଟାଏବ୍ରେକର ଗୋଲ ଜରିଆରେ କ୍ୱାର୍ଟର ଫାଇନାଲ ଖେଳିବାର ଯୋଗ୍ୟତା ଅର୍ଜନ କରିଥିଲା। ଦ୍ୱିତୀୟ ମ୍ୟାଚରେ ୟୁଥ ସ୍ପୋର୍ଟ୍ସ କ୍ଲବ ମରିଚିଆ ୧-୦ଗୋଲରେ ମଧୁବନ କ୍ଲବକୁ ପରାସ୍ତ କରି ସେ ମଧ୍ୟ ଅଷ୍ଟମ ପର୍ଯ୍ୟାୟ ମ୍ୟାଚ ଖେଳିବା ପାଇଁ ଯୋଗ୍ୟତା ଅର୍ଜନ କରିଥିଲା।

ଅତିଥି ଭାବେ ଅଲମ୍ପିକ ଆସୋସିଏସନ ସମ୍ପାଦକ ଅଭିଜିତ ପାଲ, ପୂର୍ବତନ ଭାରତୀୟ ମହିଳା ଫୁଟବଲ ଦଳର କୋଚ ମହମ୍ମଦ ସହିଦ ଜବାର, ଓଡ଼ିଶା ଫୁଟବଲ ଆସୋସିଏସନ ଉପସଭାପତି ଭକ୍ତବଲ୍ଲଭ ଦାସ, ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ଓଡ଼ିଶା ଫୁଟବଲ ଟିମ ପୂର୍ବତନ କ୍ୟାପଟେନ ମାନସ ସାମଲ, ବେଲଗଛିଆ ସରପଞ୍ଚ ମାନିନୀ ସାହୁ, ସମିତି ସଭ୍ୟ ନାରାୟଣ ସେନାପତି, ବାରଙ୍ଗ ଶାନ୍ତି କମିଟି ସମ୍ପାଦକ ସୁରେଶ ଚନ୍ଦ୍ର ମହାନ୍ତି, ଗ୍ରାମର ମୁରବୀ ଭରତ ସ୍ୱାଇଁ, ଧୀରେନ୍ଦ୍ର ବିଶ୍ୱାଳ, ରଞ୍ଜନ ସାହୁ, ରାଜେନ୍ଦ୍ର ସ୍ୱାଇଁ, ପ୍ରଭାକର ରାଉତ, କ୍ଲବର ଚେୟାରମ୍ୟାନ ସୁରେନ୍ଦ୍ର ବିଶ୍ୱାଳ ଉପସ୍ଥିତ ଥିଲେ। କ୍ଲବର ସଭାପତି ଅକ୍ଷୟ ବିଶ୍ୱାଳ, ସମ୍ପାଦକ ସଞ୍ଜୟ ସ୍ୱାଇଁ, ଦିନେଶ ରଞ୍ଜନ ରାଉତ, କୋଷାଧକ୍ଷ ତାପସ ସ୍ୱାଇଁ, ଦିନେଶ ରଞ୍ଜନ ରାଉତଙ୍କ ସମେତ କ୍ଲବର ସଭ୍ୟମାନେ ଖେଳକୁ ପରିଚାଳନା କରିଥିଲେ। ଏହି ମ୍ୟାଚଗୁଡିକୁ ରେଫରୀ ବ୍ରହ୍ମାନନ୍ଦ ଭୋଇ, ସଞ୍ଜୀବ ଦାସ, ଅବଦୁଲ ମାର୍ଟିନ ଓ ଲକି ହେମ୍ବ୍ରମ ପରିଚାଳନା କରିଥିବାବେଳେ ଭାଷ୍ୟକାର ରଙ୍କନିଧି ରାଉତ ଧାରା ବିବରଣୀ ଦେଇଥିଲେ।

# ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନର ଆଲୋଚନାଚକ୍ର



ଭୁବନେଶ୍ୱର, ୨୭ ।୨(ସମିସ): ‘ମୁକ୍ତ ଚିନ୍ତନ ମଞ୍ଚ’ ଓ ‘ଭାରତୀୟ ବିଦ୍ୟାଭବନ’ର ମିଳିତ ଆନୁକୂଲ୍ୟରେ ‘ଉତ୍କଳୀୟ ସଂସ୍କୃତିରେ ପୂଜ୍ୟପୂଜା ପରମ୍ପରା’ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ‘ନିତିଦିନ’ର ସମ୍ପାଦକ ମନୋଜ କୁମାର ମହାପାତ୍ରଙ୍କ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ଦାଶ ବେନହୁର, ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ଅର୍ଥମନ୍ତ୍ରୀ ପଞ୍ଚାନନ୍ କାନୁନ୍‌ଗୋ ଯୋଗ ଦେଇଥିଲେ। ସଭାରେ ଲେଖିକା ବନଜ ଦେବୀଙ୍କ ‘ଶ୍ରେଷ୍ଠ କଥା ଦଶକ’ ଓ କୁସୁମ ପଟେଲଙ୍କର ଗଳ୍ପ ‘ଚଳନ୍ତି ସମୟର ଧାରା’ ଅତିଥିମାନେ ଲୋକାର୍ପଣ କରିଥିଲେ। ପୂଜ୍ୟପୂଜା ପରମ୍ପରାକୁ ସମ୍ମାନ ଜଣାଇ ‘ଫୁଲ ଭଗବାନ ଫାଉଣ୍ଡେସନ’ ଓ ‘ଅନ୍ନପୂର୍ଣ୍ଣା ନବଘନ ଟ୍ରଷ୍ଟ’ ଏହି ସଭାରେ ଶ୍ରେଷ୍ଠ ପରିଚାଳିତ ସମବାୟ ସଂସ୍ଥା ଭାବେ ‘ଆସିକା ସମବାୟ ଚିନିଶିଳ୍ପ’କୁ ପୁରସ୍କୃତ କରିଥିଲେ। ସେହିପରି ଶ୍ରେଷ୍ଠ ପରିଚାଳିତ ଶିକ୍ଷାନୁଷ୍ଠାନ ଭାବେ ‘ଗୋନାସିକା ଶିକ୍ଷାନୁଷ୍ଠାନ’ କେନ୍ଦୁଝରକୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସଭାରେ ଶ୍ରେଷ୍ଠ ସମବାୟବିତ୍ ଭାବରେ ଅତିଥିମାନେ ଜନାର୍ଦ୍ଦନ ଦାଶଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପୀତବାସ ରାଉତରାୟ ସ୍ୱାଗତଭାଷଣ ସହ ସଭା ପରିଚାଳନା କରିଥିଲେ। ରମାକାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ମିଡିଆ ଫେଷ୍ଟ ଉଦ୍‌ଯାପିତ

ଭୁବନେଶ୍ୱର, ୨୭।୨(ସମିସ): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ମିଡିଆ ଫେଷ୍ଟ ମିଡ଼ିଆ ଅନ୍ତରର ଶୁକ୍ରବାର ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ତଥା ଅଭିନେତା ସିଦ୍ଧାନ୍ତ ମହାପାତ୍ର ଯୋଗ ଦେଇ କହିଥିଲେ, ଏବେ ଓଡ଼ିଆ ଭାଷାରେ ବହୁତ ବିସଂଗତି ରହୁଛି। ମାତ୍ର ଗଣମାଧ୍ୟମରେ ଶୁଦ୍ଧ ଭାଷା ରହିବା ଦରକାର। ତେଣୁ ଭାଷା ବଞ୍ଚାଇବା ଦାୟିତ୍ୱ ଗଣମାଧ୍ୟମ ହାତରେ। କେବଳ ଗଣମାଧ୍ୟମ ନୁହେଁ ସାମାଜିକ ଗଣମାଧ୍ୟମ ଯୁଗରେ ସମସ୍ତଙ୍କର ସାମାଜିକ ଦାୟିତ୍ୱବୋଧ ରହିବା ଉଚିତ।



ବିଶ୍ୱବିଦ୍ୟାଳୟ ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗର ସଂଯୋଜକ ଏବଂ ବିଭାଗର ମୁଖ୍ୟ ଡକ୍ଟର ଅମ୍ବିକା ଶଙ୍କର ମିଶ୍ର ସମ୍ମାନିତ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଦୈନିକ ଖବର କାଗଜ ‘ସକାଳ’ର ପ୍ରକାଶକ ଅମିତ ମଲ୍ଲିକ ଗଣମାଧ୍ୟମରେ ନୂଆ ବୈଷୟିକ ଜ୍ଞାନ କୌଶଳ ବିନିଯୋଗ ବାବଦରେ କହିଥିଲେ। ଟିଆରପି ପଛରେ ନ ଧାଇଁ ସତ୍ୟ ଖବର ପଛରେ ଯିବାକୁ ପରାମର୍ଶ ଦେଇଥିଲେ। କୁଳପତି ପ୍ରଫେସର ଚଣ୍ଡି ଚରଣ ରଥ କହିଥିଲେ, ସମୟ ଆସିବ ଆମେ ଅମ୍ଳଜାନ ପାଉଚ ଧରି ଘରୁ ବାହାରିବାକୁ ପଡ଼ିବ ବୋଲି କହିଥିଲେ।

ଏହି ଅବସରରେ ଗିରିଜା ମେମୋରିଆଲ ରୋଡ଼ ସେଫଟି ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ପ୍ରସ୍ତୁତ ସଚେତନଧର୍ମୀ ଭିଡିଓ ‘ସମୟ’ ଉନ୍ମୋଚିତ ହୋଇଥିଲା। ଟ୍ରଷ୍ଟ ଅଧକ୍ଷା ଅଧ୍ୟାପିକା ଅମୀୟବାଳା ପରିଡ଼ା ସଡ଼କ ସୁରକ୍ଷା ସମ୍ପର୍କରେ କହିଥିଲେ। ପରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅଧ୍ୟାପିକା ଅମୀୟବାଳା, ବରିଷ୍ଠ ସାମ୍ବାଦିକ ରାମଜୀବନ ଗୋଛାୟତ, ଦେବାଶିଷ ସାମଲ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀ ଚିନ୍ମୟୀ ଜେନାଙ୍କ ସମେତ ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗର ଛାତ୍ରୀମାନେ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



# ହୋଲି ପାଇଁ ଚଳଚଞ୍ଚଳ ହାଟ ବଜାର

ଭୁବନେଶ୍ୱର, ୨୭ ।୨(ସମିସ): ହୋଲିକୁ ଆଉ ଦିନ କେଇଟା ଥିବା ବେଳେ ଏବେଠାରୁ ସହରର ବିଭିନ୍ନ ହାଟବଜାରଚଳଚଞ୍ଚଳହୋଇପଡ଼ିଲାଣି।ଏବେଠାରୁ ଲୋକମାନେ ହୋଲି ପାଇଁ ବିଭିନ୍ନ ପ୍ରକାରର ସାମଗ୍ରୀ କିଣାକିଣି କରିବାରେ ଲାଗିପଡ଼ିଛନ୍ତି।

ରାଜଧାନୀର ବଭିନ୍ନ ହାଟ ବଜାରରେ ହୋଲି ପାଇଁ ହୋଲି ପ୍ରିଣ୍ଟ ଗଞ୍ଜି ପସରା ମେଲାଇଛି। ହୋଲିରେ ଧଳାରଙ୍ଗ ପୋଷାକକୁ ଅନେକ ଲୋକମାନେ ପରିଧାନ କରିଥାନ୍ତି। ଲୋକମାନଙ୍କର ଏହି




## ପସରା ମେଲାଇଛି ହୋଲି ପ୍ରିଣ୍ଟ ଗଞ୍ଜି

ଚାହିଦାକୁ ଦେଖି ହୋଲି ପ୍ରିଣ୍ଟ ଗଞ୍ଜି ବିକ୍ରି ହେଉଛି। ଏହି ଗଞ୍ଜିକୁ ଛୋଟ ଛୁଆରୁ ନେଇ ବଡ଼ଲୋକମାନେ ସମସ୍ତେ ବ୍ୟବହାର କରିପାରିବେ। ଗଞ୍ଜିରେ ହୋଲିର ବିଭିନ୍ନ ପ୍ରକାରର ରଙ୍ଗବେରଙ୍ଗ ଚିତ୍ର ପ୍ରିଣ୍ଟ ହୋଇଥିବାରୁ ଛୋଟ ଛୁଆମାନେ ଅଧିକ ଆକର୍ଷିତ ହେଉଛନ୍ତି। ସହରର ମାର୍କେଟ ବିଲ୍ଡିଂ, କଲ୍ୟାଣି ମାର୍କେଟ, ଜାଗମରା, ବରମୁଣ୍ଡା ଆଦି ଛକ ମାନଙ୍କରେ ଏହି ହୋଲି ପ୍ରିଣ୍ଟ ଗଞ୍ଜି ବିକ୍ରି ହେଉଛି। ଛୋଟ ଛୁଆଙ୍କର ଗଞ୍ଜିର ମୂଲ୍ୟ ୧୫୦ ଟଙ୍କା ରହିଥିବା ବେଳେ ବଡ଼ ଲୋକମାନଙ୍କର ୧୮୦ ଟଙ୍କା ଗଞ୍ଜିର ଦର ରହିଛି।

ହୋଲି ପ୍ରିଣ୍ଟ ଗଞ୍ଜି ପାଇଁ ମାସେ ଆଗରୁ ଦିଲ୍ଲୀ ସମେତ କୋଲକାତର ବେପାରୀଙ୍କୁ ଅର୍ଡ଼ର ଦେବାକୁ ପଡ଼ିଥାଏ। ହୋଲିକୁ ଗୋଟେ ସପ୍ତାହ ଥିବ ଗଞ୍ଜି ଆସି ପହଁଚିଥାଏ। ଫଳରେ ବେପାର କରିବାକୁ ସୁବିଧା ହୋଇଥାଏ ବୋଲି ମାର୍କେଟ ବିଲ୍ଡିଂ ବେପାରୀ ପ୍ରଶାନ୍ତ ସାହୁ କହିଛନ୍ତି। ଏହପରି କଲ୍ୟାଣୀ ମାର୍କେଟ ପାଖରେ ବିକ୍ରି କରୁଥିବା ନୂଆପଲ୍ଲୀ ନୂଆସାହିର ସନ୍ତୋଷ ସାମନ୍ତରାୟ କୁହନ୍ତି ସେ ସବୁବେଳେ ସିଜିନ୍ ବେପାର କରନ୍ତି। ହୋଲି ପାଇଁ ଆଉ କିଛି ଦିନ ଥିବାରୁ ଏବେଠାରୁ ହୋଲି ଗଞ୍ଜି ବିକ୍ରି ଆରମ୍ଭ କରିଛନ୍ତି ବୋଲି କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି କି ଅନେକ ଲୋକ ଏହି ଗଞ୍ଜିକୁ ଅନ୍‌ଲାଇନ୍‌ରୁ ଅର୍ଡ଼ର କରିଦେଉଛନ୍ତି ଯାହା ଫଳରେ ବେପାର ଟିକେ ମାନ୍ଦା ହୋଇଯାଏ। ତଥାପି ହୋଲିକୁ ଆଉ କିଛି ଦିନ ଥିବାରୁ ବେପାର ଭଲ ହବ ବୋଲି ଆଶା ରହିଛି ବୋଲି ସେ କହିଛନ୍ତି।

ଗଞ୍ଜି କିଣୁଥିବା ରଶ୍ମିତା ପାତ୍ର କୁହନ୍ତି ଆଗରୁ ଛୋଟ ଛୁଆମାନେ ଘର ପିନ୍ଧା ଡ୍ରେସ୍ ପିନ୍ଧି ହୋଲି ଖେଳୁଥିଲେ ହେଲେ ଏବେ ଏହି ହୋଲି ଗଞ୍ଜି ଆସିବାରୁ ପିଲା।ମାନେ ଏହି ଗଞ୍ଜି ପ୍ରତି ବହୁତ ଆଗ୍ରହ ଦେଖାଉଛନ୍ତି ବୋଲି ସେ କହିଛନ୍ତି। ଏଥିସହିତ ଏହି ଗଞ୍ଜିକୁ ହୋଲିରେ ସାଙ୍ଗସାଥିଙ୍କୁ ଉପହାର ଦେବା ପାଇଁ ମଧ୍ୟ ସେ କିଣି ନେଉଛନ୍ତି ବୋଲି କହିଛନ୍ତି।

## ପତ୍ର, ଫୁଲ ଓ ମାଟିରୁ ୩୦ ପ୍ରକାର ରଙ୍ଗ

ଆଉ ଦିନ କେଇଟା ପରେ ରଙ୍ଗର ପର୍ବ ହୋଲି। ସେଥିପାଇଁ ବଜାରରେ ଭଳିକି ଭଳି ରଙ୍ଗ ବିକ୍ରି ଆରମ୍ଭ ହେଲାଣି। ହେଲେ ଏହାରି ମଧ୍ୟରେ କିଛି ପରିବେଶ ପ୍ରେମୀ ପରିବେଶ ସଚେତନତାର ବାର୍ତ୍ତା ଦେବାକୁ ଭୁଲିବାହାନ୍ତି। ସେଥିପାଇଁ ଆରମ୍ଭ ହେଲାଣି ପ୍ରାକୃତିକ ରଙ୍ଗର ପ୍ରସ୍ତୁତି।



ସେଥିମଧ୍ୟରୁ ଅନ୍ୟତମ ହେଉଛନ୍ତି ପ୍ରିୟଦର୍ଶନୀ ଦାସ। ଦୀର୍ଘ ୬ ବର୍ଷ ଧରି ସେ ଏପରି ପରିବେଶ ସଚେତନତାର ବାର୍ତ୍ତା ଦେବା ପାଇଁ ପ୍ରାକୃତିକ ରଙ୍ଗରେ ହୋଲି ଖେଳିବା ତାଙ୍କର ଏକ ନିଆରା ପ୍ରୟାସ ଜାରି ରଖିଛନ୍ତି। ଏଭଳି ପ୍ରାକୃତିକ ରଙ୍ଗରେ ହୋଲି ଖେଳିବା ପାଇଁ ସେ ତାଙ୍କ ଆଖପାଖ ଲୋକଙ୍କୁ ବୁଝେଇବା ସହ ସେ ତିଆରି କରିଥିବା ଭଳିକି ଭଳି ପ୍ରାକୃତିକ ରଙ୍ଗ ବାଣ୍ଟିଥାନ୍ତି ମଧ୍ୟ। ପୂର୍ବରୁ ସେ ରାସାୟନିକ ରଙ୍ଗରେ ହୋଲି ଖେଳି ଲୋକଙ୍କୁ ବିଭିନ୍ନ ସମୟରେ ଆଖି ଏବଂ ଚର୍ମ ସମ୍ବନ୍ଧିତ ସମସ୍ୟା ହେଉଥିବା ଦେଖି ତାଙ୍କ ମନରେ ଏପରି ପ୍ରାକୃତିକ ରଙ୍ଗ ପ୍ରସ୍ତୁତି କରିବା ପାଇଁ ପ୍ରୟାସ କରିଥିଲେ ବୋଲି କୁହନ୍ତି। ଏହି ରଙ୍ଗ ପ୍ରସ୍ତୁତି କାର୍ଯ୍ୟରେ ତାଙ୍କ ସହ ଆହୁରି ୧୦ରୁ ୧୫ ଜଣ ମହିଳା ସାମିଲ ଥାନ୍ତି। ହୋଲି ଦିନ ପାଖେଇ ଆସିଲେ ଏହି ମହିଳାମାନେ ପ୍ରତିଦିନ ସନ୍ଧ୍ୟାରେ ରଙ୍ଗ ପ୍ରସ୍ତୁତି କାର୍ଯ୍ୟରେ ଲାଗିପଡ଼ନ୍ତି। ଏହିସବୁ ରଙ୍ଗ ସେ ପତ୍ର, ଫୁଲ, ମାଟି ଓ କଞ୍ଚା ହଳଦୀରୁ ପ୍ରସ୍ତୁତ କରନ୍ତି। ବିଶେଷତଃ ନିମ୍ବ, କୁଙ୍କୁମ, ବେଲ ପତ୍ର, ହଳଦୀ ପତ୍ର, ମେହେନ୍ଦୀ ପତ୍ର, କରଞ୍ଜ ପତ୍ର ଓ ରଙ୍ଗବେରଙ୍ଗର ଫୁଲରୁ ତିଆରି ହୋଇଥାଏ। ଯେଉଁଥିରେ ସେ ପାଖାପାଖି ୩୦ ପ୍ରକାରର ରଙ୍ଗ ତିଆରି କରିଆସୁଥିବା କୁହନ୍ତି। ଯାହା ସ୍ୱାସ୍ଥ୍ୟ ପାଇଁ ହିତକର ହୋଇଥାଏ।ଯ ପ୍ରିୟଦର୍ଶନୀଙ୍କ ଦ୍ୱାରା ପ୍ରସ୍ତୁତ ଏହି ରଙ୍ଗ ପିଲାଙ୍କ ପ୍ରତି କୌଣସି ହାନୀକାରକ ନୁହଁ ବରଂ ହିତକର ବୋଲି ଉତ୍ତର ଦେଇଥିଲେ। ଏହିସବୁ ରଙ୍ଗ ସେମାନେ ତିଆରି କଲାପରେ ସେ ରହୁଥିବା କଲୋନୀ ଏବଂ ସମ୍ପର୍କୀୟଙ୍କ ମଧ୍ୟରେ ବାଣ୍ଟିଥାନ୍ତି। ଯାହାକୁ ପାଖାପାଖି ୪୮ ରୁ ୫୦ ଜଣ ଖେଳିବା ଭଳି ପରିମାଣର ତିଆରି ହୋଇଥାଏ। ଚଳିତ ବର୍ଷ ଆଉ ଏକ ନୂଆ ଜିନିଷ ଏଥିରେ ସାମିଲ କରିଛନ୍ତି। ଯାହାର ନାମ ହୋଲି ରଙ୍ଗର ରସଗୋଲା ବୋଲି ରଖିଛନ୍ତି। ଅର୍ଥାତ୍ ଛୋଟ ପିଲାମାନେ ଯେଉଁ ବେଲୁନ୍ ଭିତରେ ରଙ୍ଗ ଭରି ଖେଳନ୍ତି, ତାହା ବିପଦପୂର୍ଣ୍ଣ ହୋଇଥିବାବେଳେ ତା ବଦଳରେ ଧୋତି ବା କପଡ଼ାର ଛୋଟ ଖଣ୍ଡକୁ ଏହି ପ୍ରାକୃତିକ ରଙ୍ଗରେ ବୁଡେଇ ହୋଲି ଖେଳିବା ଉଦେଶ୍ୟରେ ତିଆରି କରିଛନ୍ତି। ଫଳରେ ଏହା ଦେହ କିମ୍ବା ଆଖିରେ ଭୁଲ ବସତ ପଳେଇଲେ ମଧ୍ୟ କିଛି କ୍ଷତି ହେବ ନାହିଁ।

## ପୁରୁଣା ଫଟୋ : ପୁରୁଣା ସ୍ମୃତି




ଭୁବନେଶ୍ୱର, ୨୭।୨ (ସମିସ): ପ୍ରାୟ ଦେଢ଼ ଶତାବ୍ଦୀ ଧରି ସାରା ଦେଶରେ ଯୋଗାଯୋଗର ଏକ ବଳିଷ୍ଠ ମାଧ୍ୟମ ହୋଇଛି ରେଳବାଇ। ଏପରିସ୍ଥଳେ ରେଳବାଇର ଅତୀତ ଇତିହାସ ବେଶ ରୋମାଞ୍ଚକ। କେବଳ ଭାରତବର୍ଷ ନୁହେଁ ଓଡ଼ିଶାରେ ପ୍ରମୁଖ ରେଳପଥ ମଧ୍ୟରେ ପୁରୀରୁ କୋଲତାକା ରେଳ ଚଳାଚଳ ଏକ ଯୁଗାନ୍ତକାରୀ ପଦକ୍ଷେପ। ଧାର୍ମିକ ପୀଠାରୁ ପାରମ୍ପରିକ ମେଟ୍ରୋ ସହରକୁ ଚଳାଚଳ କରୁଥିବା ରେଳଗାଡ଼ିଗୁଡ଼ିକ ବେଶ ଆକର୍ଷଣୀୟ ଏବଂ ଗୁରୁତ୍ୱପୂର୍ଣ୍ଣ।

ଆଜିର ଏହି ଉପସ୍ଥାପନାରେ ସେହିଭଳି ଏକ ଫଟୋ ଚିତ୍ର ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରାଯାଇଥିବା ଦେଖିବାକୁ ମିଳିଛି। ଯାହା ପୁରୁଣା ଦିନର କିଛି ସ୍ମୃତି ବଖାଣୁଛି। ଏହି ଫଟୋଟି ପାଖାପାଖି ୫୦ ବର୍ଷ ପୁରୁଣା ଅଟେ। ଯେବେ ପୁରୀ ଏବଂ କୋଲକାତାକୁ ସଂଯୋଗ କରୁଥିବା ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ ୨ ଜୁନ୍ ୧୯୭୬ରେ ଏହାର ପ୍ରଥମ ଯାତ୍ରା ଆରମ୍ଭ କରିଥିଲା। ଏହା ପାରମ୍ପରିକ ଭାବରେ ପୁରୀ ଏବଂ ହାୱଡ଼ା ମଧ୍ୟରେ ଚଳାଚଳ କରୁଥିଲା। ସାମାଜିକ ଗଣମାଧ୍ୟମରେ ଏହି ଫଟୋ ଅନେକ ଲୋକଙ୍କ ମଧ୍ୟରେ ପୁରୁଣା ସ୍ମୃତି ଜାଗ୍ରତ କରିଥିବା ପରିଲକ୍ଷିତ ହେଉଛି।

## ୬୦ ଲକ୍ଷର ପ୍ରକଳ୍ପ ପାଇଁ ଭୂମିପୂଜନ



ଭୁବନେଶ୍ୱର, ୨୭ ।୨(ସମିସ): ଏକାମ୍ର ନିର୍ବାଚନ ମଣ୍ଡଳୀ ବାସୁଆଘାଇ ପଞ୍ଚାୟତର କୋରଡ଼କଣ୍ଟା ଗ୍ରାମ, କେଶୁରା ଗ୍ରାମ, ବାଙ୍କୁଆଳ ଗ୍ରାମରେ ୬୦ ଲକ୍ଷ ରୁ ଅଧିକ ଟଙ୍କାର ବିଭିନ୍ନ ଉନ୍ନତି ମୂଳକ ପ୍ରକଳ୍ପର ଭୂମିପୂଜନ ଶୁକ୍ରବାର ହୋଇଯାଇଛି। ଭୂମି ପୂଜନ ଉତ୍ସବରେ ଏକାମ୍ର ବିଧାୟକ ବାବୁ ସିଂ, ଭୁବନେଶ୍ୱର ବ୍ଲକ ଅଧ୍ୟକ୍ଷା ନିରୂପମା ସାହୁ ଅତିଥିଭାବେ ଯୋଗଦେଇ ଏହି ପ୍ରକଳ୍ପକୁ ଆନୁଷ୍ଠାନିକ ଭାବେ ଶୁଭ ଦେଇଥିଲେ। ଏହି ଅବସରରେ ବିଧାୟକ ବାବୁ ସିଂ କହିଛନ୍ତି ଯେ, ପ୍ରଗତି ପଥେ ଆମ ଏକାମ୍ର ନିର୍ବାଚନ ମଣ୍ଡଳୀ। ବାସୁଆଘାଇ ପଞ୍ଚାୟତର କୋରଡ଼କଣ୍ଟା ଗ୍ରାମ, କେଶୁରା ଗ୍ରାମ, ବାଙ୍କୁଆଳ ଗ୍ରାମରେ ୬୦ ଲକ୍ଷରୁ ଅଧିକ ଟଙ୍କାର ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପର ଭୂମି ପୂଜନ କରାଯାଇଛି। ଏକାମ୍ର ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣ ମିଳିମିଶି ଲୋକଙ୍କ ମୌଳିକ ସମସ୍ୟାର ସମାଧାନ କରି ଏକାମ୍ର ନିର୍ବାଚନ ମଣ୍ଡଳୀ ଓ ରାଜ୍ୟକୁ ବିକଶିତ କରିବା ଅଭିମୁଖେ ଆଗେଇ ନେବାକୁ ଆମେ ସଂକଳ୍ପ ନେବା ବୋଲି ବିଧାୟକ ଶ୍ରୀ ସିଂ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସମସ୍ତ ସରପଞ୍ଚ, ସମିତି ସଭ୍ୟ, ୱାର୍ଡ଼ ସଭ୍ୟ, ମଣ୍ଡଳ ସଭାପତି, ଜିଲ୍ଲା ପଦାଧିକାରୀଙ୍କ ସମେତ ବହୁ ସଂଖ୍ୟକ ଗ୍ରାମବାସୀ ଉପସ୍ଥିତ ରହିଥିଲେ।

## ସୋଆ ଏସ୍‌ପିଏସ୍‌ର ବାର୍ଷିକ ଉତ୍ସବ ଉଦ୍‌ଘାଟିତ

ଭୁବନେଶ୍ୱର, ୨୭ ।୨(ସମିସ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ସ୍କୁଲ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନ୍‌ସେସ୍‌ର ୨ଦିନିଆ ବାର୍ଷିକ ଉତ୍ସବ 'ଆମିଟି-୨୦୨୬' ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସୋଆ ଉପକୁଳପତି ପ୍ରଫେସର ଡ. ଅନୁପ କୁମାର ସାମନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନେ ନିଜ କ୍ଷେତ୍ରରେ ଶ୍ରେଷ୍ଠ ହେବା ନିମନ୍ତେ ଲକ୍ଷ୍ୟ ରଖିବା ଜରୁରୀ ବୋଲି କହିଥିଲେ। କାର୍ଯ୍ୟକ୍ରମରେ କବି ଡ. ଶକ୍ତି ପ୍ରସନ୍ନ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ ସୋଆ ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ଉତ୍କର୍ଷତାକୁ ପ୍ରତିପାଦିତ କରିବା ସହିତ ନିଜ ଜୀବନର ମୂଳ ଉଦ୍ଦେଶ୍ୟ କ'ଣ ଓ ଏହାକୁ ଜାଣି କେଉଁ ସବୁ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ। ଶିକ୍ଷାନୁଷ୍ଠାନର ପତ୍ରିକା 'ଆରୋନ୍ ୨୦୨୬'ର ବାର୍ଷିକ ସଂଖ୍ୟା ଉନ୍ମୋଚିତ ହୋଇଥିଲା। ପ୍ରାରମ୍ଭରେ ପ୍ରଫେସର ଡ. ଦେବଜ୍ୟୋତି ଦାସ ସ୍ୱାଗତ ଭାଷଣ ଦେବା ସହ ପ୍ରଫେସର ଡ. ଏଙ୍କେଟେଶ୍ୱର ସୁବୁଦ୍ଧି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀ ଏବଂ ଫ୍ୟାକଲ୍ଟି ମେମ୍ବର୍ସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।




## ଶିଶୁ କିଶୋର ଉପଯୋଗୀ ପୁସ୍ତକ ଅନୁସୃଜନ କର୍ମଶାଳା



ଭୁବନେଶ୍ୱର, ୨୭ ।୨(ସମିସ): ଭୁବନେଶ୍ୱରସ୍ଥିତ 'ଭାରତ ଜ୍ଞାନ ବିଜ୍ଞାନ ସମିତି' ପକ୍ଷରୁ ଆୟୋଜିତ ଶିଶୁ କିଶୋର ଉପଯୋଗୀ ପୁସ୍ତକ ଅନୁସୃଜନ କର୍ମଶାଳାରେ ଅନୁବାଦକ ଓ ଶିଶୁ ସାହିତ୍ୟକମାନେ ଯୋଗ ଦେଇଥିଲେ। ବରମୁଣ୍ଡା ହାଉସିଂବୋର୍ଡ କଲୋନୀସ୍ଥିତ 'ଭାରତ ଜ୍ଞାନ ବିଜ୍ଞାନ ସମିତି' କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ଦିବସସୀୟ କର୍ମଶାଳାରେ ସାହିତ୍ୟକ ଡ. ଉଦ୍ଧବ ଚରଣ ନାୟକ ସଭାପତିତ୍ୱ କରିଥିଲେ। ଏହି କର୍ମଶାଳାରେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଡ. ଅରବିନ୍ଦ ବେହେରା, ଶିଶୁ ସାହିତ୍ୟକ ଡ. କୃତିବାସ ନାୟକ, ଡ. ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, ଡ. ସୁନାମଣି ରାଉତ, ଡ. ଆଦିତ୍ୟ ପ୍ରତାପ ଧଳ, ବୀରେନ୍ଦ୍ର କୁମାର ମହାନ୍ତି, ବାସନ୍ତୀ ମହାନ୍ତି ପ୍ରମୁଖ ଯୋଗ ଦେଇ ଅନୁସୃଜନର ଆବଶ୍ୟକତା ଓ ଉପଯୋଗୀତା ଉପରେ ଆଲୋକପାତ କରିଥିଲେ। ହିନ୍ଦୀ ଭାଷାର ୪୦ଟି ଉଚ୍ଚକୋଟୀର ପୁସ୍ତକ ଓଡ଼ିଆ ଭାଷାରେ ଅନୁସୃଜନ କରିବା ପାଇଁ ସ୍ଥିର ହୋଇଥିଲା। 'ଭାରତ ଜ୍ଞାନ ବିଜ୍ଞାନ ସମିତି'ର ସମ୍ପାଦକ ବ୍ଲୋରିନ୍ କୁମାର ମହାନ୍ତି ପ୍ରାରମ୍ଭିକ ସୂଚନା ଓ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କର୍ମଶ।।ରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ବହୁ ଅନୁବାଦକ ଓ ଶିଶୁ ସାହିତ୍ୟକମାନେ ଯୋଗଦେଇଥିଲେ।

## ଜାଇଡସ ଏରୋଫୋର୍ସ ତରଫରୁ 'ଏରୋକନ'




ଭୁବନେଶ୍ୱର, ୨୭।୨(ସମିସ): ପୁନରାବୃତ୍ତି ସଂକ୍ରମଣ, ଯକ୍ଷ୍ମା ପରବର୍ତ୍ତୀ ଫୁସଫୁସ କ୍ଷତି, ପ୍ରଦୂଷଣ ଏବଂ ବିଳମ୍ବରେ ରୋଗ ନିର୍ଣ୍ଣୟ ଯୋଗୁଁ ଭାରତରେ ବ୍ରୋଙ୍କିଏକ୍ଟାସିସ୍ ବର୍ଦ୍ଧିତ କ୍ଲିନିକାଲ୍ ଧ୍ୟାନ ଆକର୍ଷଣ କରୁଛି। ସେହି ପରିପ୍ରେକ୍ଷୀରେ ବିହାର ଥୋରାସିକ୍ ସୋସାଇଟି, ଏୟାରଭାନା ଫାଉଣ୍ଡେସନ୍ ସହିତ ଓଡ଼ିଶାର ପ୍ରମୁଖ ପଲ୍‌ମୋନୋଲୋଜିଷ୍ଟଙ୍କ ମାର୍ଗଦର୍ଶନରେ, ୧୨୦ରୁ ଅଧିକ ଡାକ୍ତର ଯୋଗଦାନରେ ଜାତୀୟ ବ୍ରୋଙ୍କିଏକ୍ଟାସିସ୍ ସିମ୍‌ପୋଜିୟମ ଆୟୋଜିତ ହୋଇଛି। ଜାଇଡସ୍ ହେଲଥକେୟାରର ଏକ ବିଭାଗ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭିକ ରୋଗ ନିର୍ଣ୍ଣୟ, ଫେନୋଟାଇପ୍-ଚାଳିତ ପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିଲା ଏବଂ ବ୍ୟକ୍ତିଗତ ଶ୍ୱାସକ୍ରିୟା ଚିକିତ୍ସା ପାଇଁ ତିନୋଟି ପ୍ରତିରୋଧ ବଳ ସହିତ ଭାରତର ପ୍ରଥମ ଓପେପ ଡିଭାଇସ୍ ପିପେୟାରର ଶୁଭାରମ୍ଭ କରିଥିଲା। ଏହି ପଦକ୍ଷେପର ଲକ୍ଷ୍ୟ ସମଗ୍ର ଭାରତରେ କ୍ଲିନିକାଲ୍ ନିଷ୍ପତ୍ତି ଗ୍ରହଣକୁ ସୁଦୃଢ଼ କରିବା ଏବଂ ବ୍ରୋଙ୍କିଏକ୍ଟାସିସ୍ ଯତ୍ନକୁ ଉନ୍ନତ କରିବା। ଏହି କାର୍ଯ୍ୟକ୍ରମରେ ଡା. ଇନ୍ଦୁ ବୁବନା ଏବଂ ଡା. ଏସ.କେ ମଧୁକେର ମୁଖ୍ୟ ନେତୃତ୍ୱ ନେଇଥିଲେ।

## ମୁକ୍ତିଲାଭ କଲା ଓଡ଼ିଆ ଚଳଚ୍ଚିତ୍ର 'ଚାରିକାନ୍ଧ'

ଭୁବନେଶ୍ୱର, ୨୭ ।୨(ସମିସ): ରିତୁପ୍ରିୟା ପ୍ରଡକ୍ସନ ବ୍ୟାନରରେ ନିର୍ମିତ ଓଡ଼ିଆ ସିନେମା ଚାରିକାନ୍ଧ ବଡ଼ ପରଦାରେ ମୁକ୍ତିଲାଭ କରିଛି। ମାତ୍ର ୩୭ ମିନିଟରେ ଏହି କାହାଣୀକୁ ବଡ଼ ପରଦାରେ ଦେଖି ଦର୍ଶକ ଭାବବିହ୍ୱଳ ହୋଇପଡ଼ିଥିଲେ। ବର୍ତ୍ତମାନର ସାମାଜିକ ପରିସ୍ଥିତିରେ ସମାଜର ବାସ୍ତବତା ଓ ବାର୍ଦ୍ଧକ୍ୟର ଏକୁଟିଆପଣ ଏବଂ ମଣିଷର ମୃତ୍ୟୁ ପରେ ମଶାଣିକୁ ନେବାକୁ ପାଇଁ ଚାରିକାନ୍ଧର ଅଭାବ ପଡ଼ିବ। ସେମିତି ଏକ ଛୋଟ ଗପକୁ ନେଇ ବଡ଼ ପରଦାରେ ଓଡ଼ିଆ ଦର୍ଶକଙ୍କୁ ଦେଖାଇବା ପାଇଁ ପ୍ରଯୋଜକ ଅତୀଶ କୁମାର ରାଉତ ପ୍ରୟାସ କରିଛନ୍ତି। ଏହାର ପ୍ରଯୋଜନା ଅତିଶ କୁମାର ରାଉତ କରିଥିବା ବେଳେ ନିର୍ଦ୍ଦେଶନା ଦେଇଛନ୍ତି ବିଶ୍ୱନାଥ ରଥ। ଭୁବନେଶ୍ୱରରେ ପିଭିଆରରେ ଏହାର ପ୍ରିୟମୟ ଶୋ'ରେ କ୍ରିଏଟିଭ ପବ୍ଲିସିଟି ଡିଜାଇନର ଶ୍ୟାମା ପ୍ରସାଦ ମିଶ୍ର, ଅଭିନେତା ଶକ୍ତି ବରାଳ, ଶତାବ୍ଦୀ ସୁର୍ଯ୍ୟସ୍ନାତା, ସୁଶିଲ ମିଶ୍ର, ଗୌରବ ମହାନ୍ତି, ଶିବାନୀ ଖରା, ପ୍ରଭଞ୍ଜନ ମିଶ୍ର ପ୍ରମୁଖଙ୍କ ସମେତ ସିନେମାର ପୁରା ଟିମ୍ ଯୋଗଦେଇଥିଲେ।

## ଆଇସିସି ପକ୍ଷରୁ ଏଚ୍‌ଆର୍ ଲିଡର୍‌ସିପ୍ ସମ୍ମିଳନୀ




ଭୁବନେଶ୍ୱର, ୨୭ ।୨(ସମିସ): ଇଣ୍ଡିଆନ ଚାମ୍ବର ଅଫ୍ କର୍ମସ ପକ୍ଷରୁ ଏଚ୍‌ଆର ଲିଡରସିପ୍ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିକଶିତ ଓଡ଼ିଶା ୨୦୩୬ ଓ ୨୦୪୭ ସାକାର କରିବା ମାନବ ସମ୍ବଳ ବିକାଶ ଦିଗରେ ଆମେ ସଙ୍କଳ୍ପବଦ୍ଧ ଶୀର୍ଷକ ନେଇ ଏଥିରେ ଆଲୋଚନା କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ ଯୋଗ ଦେଇଥିଲେ। ଆଇସିସି ଓଡ଼ିଶା କାଉନ୍ସିଲର ଅଧ୍ୟକ୍ଷ ରାଜୀବ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଆଇସିସି ରାଜ୍ୟ ପରିଷଦ ଏଚ୍‌ଆର ଆଣ୍ଡ ଆଇଆର କମିଟି ଆବାହକ ସଞ୍ଜୟ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଇପିକଲର କାର୍ଯ୍ୟକାରୀ ନିର୍ଦ୍ଦେଶକ କଲ୍ୟାଣ ମହାନ୍ତି ଯୋଗ ଦେଇଥିଲେ। ଆଇସିସି ଆଞ୍ଚଳିକ ନିର୍ଦ୍ଦେଶକ ଜେପି ପାଲ ଉପସ୍ଥିତ ଥିଲେ। ଶେଷରେ ଆଇସିସି ଓଡ଼ିଶା କାଉନ୍ସିଲର ପୂର୍ବତନ ଅଧ୍ୟକ୍ଷ ଜେ ବି ପାଣି ଧନ୍ୟବାଦ ପ୍ରଦାନ କରିଥିଲେ।

## ମାର୍ଚ୍ଚ ୧୪ରେ ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ

ଭୁବନେଶ୍ୱର, ୨୭ ।୨(ସମିସ): ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକଅଦାଲତ ଆସନ୍ତା ମାସ ୧୪ ତାରିଖରେ ଅନୁଷ୍ଠିତ ହେବ। ଖୋର୍ଦ୍ଧା ଜିଲ୍ଲାର ସମସ୍ତ ବିଚାର ବିଭାଗୀୟ ଅଦାଲତ ଯଥା ଭୁବନେଶ୍ୱର, ଖୋର୍ଦ୍ଧା, ବାଣପୁର, ଚିଲିକା, ଟାଙ୍ଗୀ, ଜଟଣୀ ଓ ବେଗୁନିଆଠାରେ ଏହା ଅନୁଷ୍ଠିତ ହେବ ବୋଲି ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କ ସଚିବ ସଲୋମୀ ସାହୁ ସୂଚନା ଦେଇଛନ୍ତି। ଉକ୍ତ ଲୋକଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧୀନ ଥିବା ମାମଲା ଯଥା ଫୌଜଦାରୀ (ସାଲିସ ଯୋଗ୍ୟ), ଚେକ୍ ବାଉନ୍ସ, ବ୍ୟାଙ୍କ ଋଣ, ରାଜସ୍ୱ, ମୋଟର ଯାନ ଦୁର୍ଘଟଣା, ଶ୍ରମ ଓ ନିଯୁକ୍ତି, ବିଦ୍ୟୁତ, ପାନୀୟ ଜଳ ଓ ଟେଲିଫୋନ୍ ଅନାଦେୟ, ବ୍ୟାଙ୍କ ଋଣ ଖିଲାପି/ ଅନାଦେୟ, ବୈବାହିକ ବିବାଦ (ଛାଡ଼ପତ୍ର ବ୍ୟତୀତ), ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ (ଦରମା ଓ ଅବସରକାଳୀନ ପ୍ରାପ୍ୟ) ଓ ସମସ୍ତ ପ୍ରକାରର ଦେୱାନି ମାମଲାର ଆପୋଷ ସହମତି ଭିତ୍ତିରେ ସମାଧାନ କରାଯାଇ ପାରିବ।

## ଇଚ୍ଛାଶକ୍ତି ଆଗରେ ହାର ମାନିଛି ଅକ୍ଷମତା

# ହ୍ୱିଲ୍ ଚେୟାରରେ ଫୁଡ୍ ଡେଲିଭରୀ

ଭୁବନେଶ୍ୱର, ୨୭ ।୨(ସମିସ): ଦିବ୍ୟାଙ୍ଗ ହୋଇ ଜନ୍ମ ନେଉଥିବା ମଣିଷ ସକାଳୁ ଉଠିବା ଠାରୁ ଆରମ୍ଭକରିରାତିରେଶୋଇବାପର୍ଯ୍ୟନ୍ତସେଅନ୍ୟରସାହାରାଖୋଜେ।ଅନେକ ସମୟରେ ଏହଭଳି ପରିସ୍ଥିତିରେ ବି ପରିବାର ଲୋକେ ମୁହଁ ଫେରାଇ ନିଅନ୍ତି। ହେଲେ ଅନ୍ୟର ସାହାରା ନେବା ବଦଳରେ ଅନ୍ୟ ପାଇଁ ସାହାରା ପାଲଟିଥିବା ଦିବ୍ୟାଙ୍ଗଙ୍କ ଇଚ୍ଛାଶକ୍ତି ଆଗରେ ହାର ମାନିଛି ଅକ୍ଷମତା। ସାଧାରଣ ଲୋକଙ୍କ ଠାରୁ ସେ କୌଣସି ଥିରେ ଭିନ୍ନ ନୁହଁନ୍ତି ବୋଲି ପ୍ରମାଣିତ କରିଛନ୍ତି ରାଜଧାନୀର ତ୍ରିଲୋଚନ ସାହୁ। ହ୍ୱିଲ ଚେୟାରରେ ଜୀବନ ବିତାଉଥିବା ତ୍ରିଲୋଚନ ଏବେ ସହରର ଗଳିକନ୍ଦିରେ ଲୋକଙ୍କ ଦୁଆର ମୁହଁରେ ଅନଲାଇନ୍ ଦ୍ୱାରା ଅର୍ଡର ଆସୁଥିବା ଖାଦ୍ୟ ସାମଗ୍ରୀ ଠାରୁ ଆରମ୍ଭ କରି ଅନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇଉଛନ୍ତି। ଯାହାକି ଅନ୍ୟ ଦିବ୍ୟାଙ୍ଗଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି।

ପୋଖରୀପୁଟ ଅଞ୍ଚଳର କାର୍ଗିଲ ବସ୍ତିରେ ମା'ଙ୍କ ସହ ରୁହନ୍ତି ତ୍ରିଲୋଚନ। ଏକ ଦୁର୍ଘଟଣାରେ ତାଙ୍କର ଗୋଡ଼ରେ ଆଘାତ ଲାଗିଥିବାରୁ ସେ ବିନା ସାହାରାରେ ସଳଖି ଛିଡ଼ା ହୋଇ ପାରୁନଥିଲେ ବି ଅନ୍ୟ ଦିବ୍ୟାଙ୍ଗଙ୍କ ପାଇଁ ସାହାରା ପାଲଟିଛନ୍ତି। ତ୍ରିଲୋଚନ ଅଟୋ ଚଳାଇ ପରିବାର ଭରଣପୋଷଣ କରୁଥିବା ବେଳେ ୨ମାସ ହେବ ଅନଲାଇନ୍ ଡେଲିଭରୀ ବୟ ଭାବେ କାର୍ଯ୍ୟ



କରୁଛନ୍ତି। ପୋଖରୀପୁଟ ଅଞ୍ଚଳ ସମେତ ସହରର ବିଭିନ୍ନ ସ୍ଥାନରେ ସେ ଜଳଖିଆ ଠାରୁ ଆରମ୍ଭ କରି ପନିପରିବା ସମେତ ଅତ୍ୟାବଶ୍ୟକୀୟ ସାମଗ୍ରୀ ଅନଲାଇନ୍ ମାଧ୍ୟମରେ ଲୋକଙ୍କ ନିକଟରେ ପହଞ୍ଚାଉଛନ୍ତି। ତେବେ ଅର୍ଡର ଆସିବା ବେଳେ ସେ ଦିବ୍ୟାଙ୍ଗ ଜାଣି ଯଦିଓ ଅନେକ ଗ୍ରାହକ ଅର୍ଡର କ୍ୟାନସଲ କରିଦିଅନ୍ତି। ଦିବ୍ୟାଙ୍ଗ ହୋଇଥିବାରୁ ସେ ନିର୍ଦ୍ଧାରିତ ସମୟରେ ସାମଗ୍ରୀ ପହଞ୍ଚାଇ ପାରିବେ କି ନାହିଁ ସେଥିପାଇଁ ଅନେକ ଅର୍ଡର କ୍ୟାନସଲ କରୁଥିବା ବେଳେ ତଥାପି କେତେକ ବଦାନ୍ୟ ବ୍ୟକ୍ତି ତାଙ୍କୁ ବେଶ୍ ସହଯୋଗ କରୁଥିବା ତ୍ରିଲୋଚନ କହିଛନ୍ତି। ଦିନକୁ ସେ ୫୦୦ରୁ ଉର୍ଦ୍ଧ୍ୱ ଟଙ୍କା ରୋଜଗାର କରୁଥିବା କହିଛନ୍ତି। ସବୁଠାରୁ ବଡ଼କଥା ହେଉଛି ତ୍ରିଲୋଚନ ପାରା ଆଥେଲେଟରେ ଜାତୀୟ ସ୍ତରରେ ପୁରସ୍କାରେ ଲାଭ କରିଛନ୍ତି। ଡିସକସ୍ ଥ୍ରୋରେ ନିଟକରେ ରାଜ୍ୟସ୍ତରରେ ଦ୍ୱିତୀୟ ସ୍ଥାନେ ଅଧିକାର କରି ରୌପ୍ୟ ପଦକ ହାସଲ କରିଛନ୍ତି। ଏଥିପାଇଁ ସେ ନିୟମିତ କଳିଙ୍ଗ ଷ୍ଟାଡିମୟରେ ଭ୍ୟାସ କରୁଥିବା କହିଛନ୍ତି।

ସୂଚନା ଅନୁସାରେ, ତ୍ରିଲୋଚନ ଏଆରସି, ଡିଡିଆରସି ସହ ଯୋଗଯୋଗ କରି ୧ହଜାର ଦିବ୍ୟାଙ୍ଗଙ୍କ କୃତ୍ରିମ ଗୋଡ଼, ହାତ ଲଗାଇବାରେ ସହଯୋଗ କରିଛନ୍ତି। ଏହାସହିତ ଦିବ୍ୟାଙ୍ଗ ଉପକରଣ ଯଥା ହ୍ୱିଲ ଚେୟାର, ମୋଟରାଇଜଡ୍ ଟ୍ରାଇସାଇକଲ, ଟ୍ରାଇସାଇକଲ, ବୃଦ୍ଧ ବୃଦ୍ଧରା ପାଇଁ ମିଳୁଥିବା ସହାୟକ ଉପକରଣ ପ୍ରଦାନ କରାଯିବାରେ ତାଙ୍କର ସହଯୋଗ ରହିଛି। ତାଙ୍କର ଏଭଳି କାର୍ଯ୍ୟ ପାଇଁ ୨୦୨୨ରେରାଜ୍ୟସରକାରଙ୍କପକ୍ଷରୁତାଙ୍କୁଷ୍ଟେଟ୍‌ଆୱାର୍ଡପ୍ରଦାନକରାଯାଇଥିଲା।

## ସାଇବର କବଚ ଅଭିଯାନ

# ୫୬ ଲକ୍ଷ ଠକେଇ ମାମଲାରେ ୧୨ ଅଭିଯୁକ୍ତଙ୍କୁ ନୋଟିସ

ଝାରସୁଗୁଡା, ୨୭।୨(ସମିସ)

ବ୍ରଜରାଜନଗର ପୁଲିସ ପକ୍ଷରୁ ଜାରୀରହିଥିବା 'ସାଇବର କବଚ' ଅଭିଯାନରେ ଏକ ବିରାଟ ସଂଗଠିତ ସାଇବର ଅପରାଧ ନେଟୱାର୍କକୁ ଠାବ କରିବାରେ ବ୍ରଜରାଜନଗର ପୁଲିସକୁ ସଫଳତା ମିଳିଛି। ମ୍ୟୁଲ୍ ଆକାଉଣ୍ଟ ଜରିଆରେ ସାରା ଦେଶରେ ଆର୍ଥିକ ହେରଫେର କରାଯାଉଥିବା ବେଳେ ଏହି ଘଟଣାରେ ଝାରସୁଗୁଡା ଜିଲ୍ଲାରୁ ଅନେକ ଆନ୍ତରାଜ୍ୟ ଓ ଅନ୍ତର୍ଜାତୀୟ ସାଇବର ଅପରାଧୀଙ୍କୁ ଗିରଫ କରିବାରେ ସଫଳତା ମିଳିଛି। ଏହି କ୍ରମରେ ବ୍ରଜରାଜନଗର ପୁଲିସ ନ୍ୟାସନାଲ ସାଇବର କ୍ରାଇମ ରିପୋର୍ଟିଂ ପୋର୍ଟାଲ ତଥ୍ୟ ଆଧାରରେ ପ୍ରାୟ ୫୬, ୧୬, ୪୧୦ ଟଙ୍କାର ସାଇବର



ଠକେଇ ମାମଲାରେ ପୁଲିସ ୯ ଜଣ ପ୍ରାଥମିକ ଆକାଉଣ୍ଟଧାରୀ ଏବଂ ୩ ଜଣ ମୁଖ୍ୟ ଅଭିଯୁକ୍ତଙ୍କୁ ଚିହ୍ନଟ କରିବାରେ ସଫଳ ହୋଇଛି। ମୁଖ୍ୟ ଅଭିଯୁକ୍ତମାନେ ହେଲେ ଓରିଏଣ୍ଟ ଥାନା ମଣ୍ଡଳିଆର ଅମିତ ସିଂହ, ବ୍ରଜରାଜନଗର ରାମପୁରର ସୋନୁ ଦାସ ଏବଂ ବ୍ରଜରାଜନଗର ରାଜପୁରର ପିଙ୍କି ଦୁଆନ ବୋଲି ପୋଲିସ ତରଫରୁ ସୂଚନା ଦିଆଯାଇଥିବା ବେଳେ ସମସ୍ତ ଅଭିଯୁକ୍ତଙ୍କୁ ନୋଟିସ ଜାରି କରାଯାଇଛି। ଅଭିଯୁକ୍ତମାନଙ୍କ ନିକଟରୁ ବିଭିନ୍ନ ବ୍ୟାଙ୍କର ୯ ଟି ଆକାଉଣ୍ଟ ସହିତ ଏଟିଏମ୍ କାର୍ଡ ଓ ସିମକାର୍ଡ ଆଦିକୁ ଜବତ କରାଯାଇଛି। ମୁଖ୍ୟ ଅଭିଯୁକ୍ତ ତଥା ଏଜେଣ୍ଟମାନେ ସ୍ଥାନୀୟ ବାସିନ୍ଦାଙ୍କୁ କମିସନ୍‌ର ଲୋଭ ଦେଖାଇ ସେମାନଙ୍କ ନାମରେ ବ୍ୟାଙ୍କ ଆକାଉଣ୍ଟ ଖୋଲୁଥିଲେ। ଏହି ଆକାଉଣ୍ଟଗୁଡ଼ିକର ଏଟିଏମ କାର୍ଡ, ସିମକାର୍ଡ, ପାସବୁକ ଏବଂ ଚେକବୁକକୁ ମୁଖ୍ୟ ସାଇବର ଅପରାଧୀଙ୍କୁ ହସ୍ତାନ୍ତର କରାଯାଉଥିଲା। ଏହି ମ୍ୟୁଲ୍ ଆକାଉଣ୍ଟ ଗୁଡ଼ିକୁ ବିଭିନ୍ନ ପ୍ରକାରର ଡିଜିଟାଲ୍ ଠକେଇ ଓ ଇନ୍‌ଭେଷ୍ଟମେଣ୍ଟ ଫ୍ରଡରୁ ମିଳୁଥିବା ଅର୍ଥକୁ ଲୁଚାଇବା ପାଇଁ ବ୍ୟବହାର କରାଯାଉଥିବା ନେଇ ବ୍ରଜରାଜନଗର ପୋଲିସ ତରଫରୁ ସୂଚନା ଦିଆଯାଇଛି।

## ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦ୍‌ଯାପିତ

**ଝାରସୁଗୁଡ଼ା, ୨୭।୨(ସମିସ):** ଜିଲ୍ଲା ପ୍ରଶାସନ ଓ ପ୍ରାଣୀ ସମ୍ପଦ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଦୁଇ ଦିନିଆ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଆଜି ଉଦ୍‌ଯାପିତ ହୋଇଯାଇଛି। ଏହି ଉଦଯାପନୀ ସମାରୋହରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ ଏବଂ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ସମୀର କୁମାର ଦାସ ଯୋଗଦେଇ ଚାଷୀଙ୍କୁ ବୈଷୟିକ ଜ୍ଞାନକୌଶଳ ସମ୍ପର୍କରେ ଅବଗତ କରାଇଥିଲେ। ଏହି ଅବସରରେ ବିଧାୟକ ଶ୍ରୀ ତ୍ରିପାଠୀ କାମଧେନୁ ଯୋଜନା ମାଧ୍ୟମରେ ରାଜ୍ୟର ପ୍ରାଣୀପାଳନ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆସିବାକୁ ଯାଉଛି ବୋଲି କହିବା ସହ ଚାଷୀମାନଙ୍କ ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରିବା ଏବଂ ସେମାନଙ୍କୁ ସ୍ୱାବଲମ୍ବୀ କରିବା ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ବୋଲି କହିଥିଲେ। ଏହା ସହିତ ସେ ଜିଲ୍ଲାର ସଫଳ ମତ୍ସ୍ୟ ଓ ପ୍ରାଣୀସମ୍ପଦ ଚାଷୀମାନଙ୍କୁ ସେମାନଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ ପୁରସ୍କୃତ କରିଥିଲେ। ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ ଡା. ଦୟାସାଗର ଧୁରିଆଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ




ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ପ୍ରଦୀପ କୁମାର ଚୌଧୁରୀ ପରିଚାଳନା କରିଥିଲେ। ଏହି ଦୁଇ ଦିନିଆ ମେଳାରେ ଚାଷୀମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ପିତୃହତ୍ୟା ମାମଲାରେ ପୁତ୍ର ନିର୍ଦ୍ଦୋଶରେ ଖଲାସ

**ଦେବଗଡ଼, ୨୭।୨(ସମିସ):** ଦେବଗଡ଼ ଜିଲା ଓ ଦୌରାଜଜ୍ ଦେବାଶିଷ ରାଉତ ଏକ ପିତୃହତ୍ୟା ମାମଲାର ରାୟ ପ୍ରକାଶ କରି ଅଭିଯୁକ୍ତ ପୁତ୍ରକୁ ନିର୍ଦ୍ଦୋଶରେ ଖଲାସ କରିଛନ୍ତି। ସୂଚନାନୁଯାୟୀ, ୨୦୨୩ ଜୁନ୍‌ମାସ ୧୧ ତାରିଖରେ ଲଇମୁରା ଥାନାଞ୍ଚଳ ଭାଲୁଗୁହା ଗ୍ରାମର ମିଶ୍ର କିସାନ (୨୦) ଓ ତାଙ୍କ ପିତା ଗୁରୁଚରଣ କିସାନଙ୍କ ମଧ୍ୟରେ କୌଣସି କାରଣରୁ ବଚସା ହୋଇଥିଲା। ଏଥିରେ ଉତକ୍ଷୀପ୍ତ ହୋଇ ପୁତ୍ର ମିଶ୍ର ଏକ ଠେଙ୍ଗା ସାହାଯ୍ୟରେ ପିତା ଗୁରୁଚରଣଙ୍କୁ ମରଣାନ୍ତକ ଆକମ୍ରଣ କରିଥିଲା। ଘଟଣା ସ୍ଥଳରେ ହିଁ ଗୁରୁଚରଣଙ୍କର ମୃତ୍ୟୁ ଘଟିଥିଲା। ଏନେଇ ଗୁରୁଚରଣଙ୍କ ସାନପୁଅ ବଳରାମ କିସାନ ଲଇମୁରା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ହତ୍ୟା ମାମଲା ରୁଜୁକରି ଘଟଣାର ତଦନ୍ତ କରିବା ସହ ପୁଅ ମିଶ୍ରକୁ ଗିରଫ କରି କୋର୍ଟ ଚାଲଣ କରିବା ସହ ଚାର୍ଜସିଟ ଦାଖଲ କରିଥିଲା। ଅଦାଲତ ମୋଟ ୨୦ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରିବା ସହ ଉଭୟ ପକ୍ଷର ଓକିଲଙ୍କ ଜବାବ ସୁଆଲକୁ ଭିତ୍ତି କରି ଉପଯୁକ୍ତ ପ୍ରମାଣ ଅଭାବରୁ ଅଭିଯୁକ୍ତ ପୁଅ ମିଶ୍ରକୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତ ପକ୍ଷରୁ ବରିଷ୍ଠ ଆଇନଜୀବୀ ଦିଲ୍ଲିପ କୁମାର ଗୁରୁଙ୍କ ସହିତ ସିଦ୍ଧେଶ୍ୱର ଗୁରୁ ଓ ବିଜ୍ଞା ବିନମ୍ରତା ଦ୍ୱିବେଦୀ ମାମଲା ପରିଚାଳନା କରୁଥିଲେ।

## ଗୌନ୍ତିଆ ବିରଞ୍ଚି ପଟେଲଙ୍କ ପରଲୋକ

**କୋଲାବିରା, ୨୭ ।୨(ସମିସ):** ଅଞ୍ଚଳର ଟାଇମର ଭାବରେ ଜଣାଶୁଣା ସମାଜସେବୀ ତଥା ବେଲମୁଣ୍ଡା ଗୌନ୍ତିଆ ବିରଞ୍ଚି କୁମାର ପଟେଲଙ୍କ ପରଲୋକ ହୋଇଛି। ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ବିଲମ୍ବିତ ରାତିରେ ତାଙ୍କର ପରଲୋକ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୫ ବର୍ଷ ବୟସ ହୋଇଥିଲା। ମରଶରିରକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯିବା ପରେ ଗାଁ



ଶ୍ମଶାନରେ ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଥିଲା। ଭଉଣୀ ନିଲେନ୍ଦ୍ରୀ, ଦୁଇଝିଅ ସୀମା, ସୁମନ, ଭାଇ ଦୀଲିପ, ଜ୍ୱାଇଁ ଅନୁପ ଓ ସୁବ୍ରତ ପ୍ରମୁଖ ଉପସ୍ଥିତ ଥିଲେ। ପୁତୁରା ଅବିନାଶ ମୁଖାଗ୍ନି ଦେଇଥିଲେ। ବ୍ରଜରାଜନଗର ପୂର୍ବତନ ବିଧାୟିକା ଅଲକା ମହାନ୍ତି, ଯୁବନେତା ଦୁର୍ଗେଶ ମହାନ୍ତି, ଅଙ୍କୁ ମହାନ୍ତି, ଝାରସୁଗୁଡା ପୂର୍ବତନ ବିଧାୟିକା ଦିପାଳି ଦାସ, ଜିଲ୍ଲା ପରିଷଦ ସଭ୍ୟ ନୃପଲାଲ ପଶାୟତ, ତ୍ରୀନାଥ ଗୁଆଲ, ତାପସ ରାୟ ଚୌଧୁରୀ, ସିଆରାମ ଦାସ, ପପ୍ପୁ ଜୈନ, ଚମନ ଶର୍ମା, ବଣ୍ଟି ଶର୍ମା, ନବୀନ ଚନ୍ଦ୍ର ନାଏକ, ବୀରେନ୍ଦ୍ର କୁମାର ମହାପାତ୍ର ପ୍ରମୁଖ ତାଙ୍କର ଶେଷ ଦର୍ଶନ କରିବା ସହିତ ଶୋକ ପ୍ରକାଶ କରିଛନ୍ତି। ତାଙ୍କର ଆବର୍ତ୍ତମାନରେ ବିଜେଡି ଦଳରେ ଜଣେ ବରିଷ୍ଠ ମାର୍ଗଦର୍ଶକଙ୍କ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ତାଙ୍କର ସମାଜସେବା, ସମୟାନୁବର୍ତ୍ତିତା ଓ ସାଧନା ଆଗାମୀ ପିଢି ପାଇଁ ସର୍ବଦା ପ୍ରେରଣାର ଉତ୍ସ ହୋଇରହିବ ବୋଲି ପୂର୍ବତନ ବିଧାୟିକା ସୁଶ୍ରୀ ଦିପାଳି ଦାସ ନିଜ ଶୋକବାର୍ତ୍ତାରେ କହିଛନ୍ତି।

## ଅଚିହ୍ନା ମାନସିକ ଅନଗ୍ରସର ବ୍ୟକ୍ତି ଉଦ୍ଧାର



**ଦେବଗଡ଼, ୨୭।୨(ସମିସ):** ଦୀର୍ଘ ବର୍ଷ ହେଲା ଦେବଗଡ଼ ସହରରେ ଅସହାୟ ଅବସ୍ଥାରେ ବୁଲୁଥିବା ଜଣେ ଅଚିହ୍ନା ମାନସିକ ଅନଗ୍ରସର ବ୍ୟକ୍ତିଙ୍କୁ ଆଜି ଉଦ୍ଧାର କରି ସୋନପୁର ସ୍ଥିତ ପିପୁଲସ୍ ଫୋରମକୁ ପଠାଯାଇଛି। ଆଜି ସମ୍ବଲପୁର ସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ପରିଚୟ'ର ବିପିନ ବିହାରୀ ପଣ୍ଡାଙ୍କ ନେତୃତ୍ୱରେ ଏକ ଦଳ ଏଠାକୁ ଆସି ସ୍ଥାନୀୟ ଇନ୍ଦିରା ଗାନ୍ଧି ଷ୍ଟାଡିୟମରୁ ଉକ୍ତ ମାନସିକ ଅନଗ୍ରସର ବ୍ୟକ୍ତିକୁ ଉଦ୍ଧାର କରିବା ପରେ ଦେବଗଡ଼ ଥାନାକୁ ଆଣିଥିଲେ। ସେଠାରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀନିବାସ ଜାନୀ ଓ ଦେବଗଡ଼ ଆଦର୍ଶ ଥାନା ଅଧିକାରୀ ଶବ୍ୟସାଚୀ ଶତପଥିଙ୍କ ଉପସ୍ଥିତିରେ ଔପଚାରିକତା ସମ୍ପନ୍ନ ହେବାପରେ ସୋନପୁର ସ୍ଥିତ ପିପୁଲସ୍ ଫୋରମକୁ ପଠାଯାଇଥିଲା। ସେଠାରେ ତାଙ୍କର ଆବଶ୍ୟକ ଯତ୍ନ ଓ ଚିକିତ୍ସା ନିମନ୍ତେ ଥଇଥାନ କରାଯିବ ବୋଲି ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି।

## ଜଙ୍ଗଲରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ଦେବଗଡ଼, ୨୭।୨(ସମିସ):** ରିଆମାଳ ଥାନା ରତନପୁର ଗ୍ରାମ ନିକଟସ୍ଥ ୫୩ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରୁ ମାତ୍ର ୧୦୦ ମିଟର ଦୂରତାରେ ଥିବା ଜଙ୍ଗଲ ମଧ୍ୟରୁ ଆଜି ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତକ ଯୁବକ ଜଣକ ବାରକୋଟ ଥାନା ଖଡିନାଳି ଗ୍ରାମର ଲକ୍ଷ୍ମଣ ସାହୁଙ୍କ ପୁଅ ଅମରନାଥ ସାହୁ ଓ ସେ ସମ୍ବଲପୁର ଜିଲ୍ଲାର ନାକଟିଦେଉଳରେ ବିଦ୍ୟୁତ ବିଭାଗରେ କାର୍ଯ୍ୟ କରୁଥିଲେ ବୋଲି ଜଣାପଡ଼ିଛି। ସୂଚନାନୁଯାୟୀ, ରତନପୁର ଗ୍ରାମ ନିକଟସ୍ଥ ଜଙ୍ଗଲ ମଧ୍ୟରେ ଗଛରେ ଜଣେ ଯୁବକଙ୍କର ମୃତଦେହ ଝୁଲୁଥିବା କେତେକ ଗ୍ରାମବାସୀ ଦେଖି ପୁଲିସକୁ ସୂଚନା ଦେଇଥିଲେ। ରିଆମାଳ ଥାନା ଅଧିକାରୀ ବିନୟ କେର୍କେଟା ସଦଳବଳେ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିବା ସହ ନିକଟରେ ଥିବା ଏକ ବାଇକ(ନଂ-ଓଡି-୦୯-କ୍ୟୁ-୯୮୮୮) ଓ ଏକ ବ୍ୟାଗ ଜବତ କରିଥିଲେ। ଅମରନାଥଙ୍କ ପରିବାର ଲୋକେ ଘଟଣା ସ୍ଥଳରେ ପହଞ୍ଚିବାପରେ ପୁଲିସ ଝୁଲନ୍ତା ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିବା ଜଣାପଡ଼ିଛି। ପାରିପାର୍ଶ୍ୱିକ ପରିସ୍ଥିତିରୁ ଅମରନାଥ ଆତ୍ମହତ୍ୟା କରିଥିବା ଜଣାପଡୁଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି।

## ଜନଗଣନା ପାଇଁ ପ୍ରଶିକ୍ଷଣ ଶିବିର



**ଦେବଗଡ଼, ୨୭।୨(ସମିସ):** ୨୦୨୭ ଜନଗଣନା ପାଇଁ ଦୁଇ ଦିନିଆ ଜିଲ୍ଲାସ୍ତରୀୟ ଜନଗଣନା ଅଧିକାରୀଙ୍କ ସମୀକ୍ଷା ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ତଥା ପ୍ରମୁଖ ଜନଗଣନା ଅଧିକାରୀ କବିନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଭୁବନେଶ୍ୱର ଜନଗଣନା ନିର୍ଦ୍ଦେଶାଳୟର ଏସଆଇଜିଆର୍ ବସନ୍ତ କୁମାର ସେନାପତି ଓ କୁମୁରା କାର୍ତ୍ତିକ ପ୍ରମୁଖ ଯୋଗଦେଇ ଜନଗଣନା ଓ ଗୃହ ତାଲିକା କିପରି କରାଯିବ ସେ ବିଷୟରେ ଆଲୋକପାତ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଏପ୍ରିଲ ୧ ରୁ ଏପ୍ରିଲ ୧୫ ମଧ୍ୟରେ ସ୍ୱଜନଗଣନା ସେନ୍ ସସ୍ ୱେବସାଇଟ ମାଧ୍ୟମରେ ନିଜେ ଲଗ୍‌ଇନ୍ କରି ନିଜର ନାମ ତଥ୍ୟ ପ୍ରଦାନ କରିପାରିବେ। ଏପ୍ରିଲ ୧୬ ରୁ ମେ ୧୫ ଗୃହ ଗଣନା କାର୍ଯ୍ୟକ୍ରମ କରାଯିବ। ଏହି ପ୍ରଶିକ୍ଷଣ ଶିବିରରେ ଡେପୁଟି କଲେକ୍ଟର ଲକ୍ଷ୍ମଣ ଅମାତ, ଡେପୁଟି କଲେକ୍ଟର ଅଞ୍ଜୁନି କୁଜୁର, ଦେବଗଡ଼ ତହସିଲଦାର କର୍ଣ୍ଣ ମଲିକ, ରିଆମାଳ ତହସିଲଦାର ବିଜୟଲକ୍ଷ୍ମୀ ନାୟକ, ବାରକୋଟ ତହସିଲଦାର ରବୀନ୍ଦ୍ର ସାମଲ, ପୌରପରିଷଦ ନିର୍ବାହୀ ଅଧିକାରୀ ରିତିକାନ୍ତ ଶୁକ୍ଳା, ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ଅତିରିକ୍ତ ତହସିଲଦାର ଓ ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଅଲଟ୍ରାଟେକ୍ ପକ୍ଷରୁ ଏସ୍‌ଏଚ୍‌ଜି ମହିଳାଙ୍କୁ ବାଦ୍ୟଯନ୍ତ୍ର ବଣ୍ଟନ

**ଝାରସୁଗୁଡା, ୨୭।୨(ସମିସ):** ଝାରସୁଗୁଡା ଜିଲ୍ଲା କିର୍ମୀରା ବ୍ଲକ ଅର୍ଡା ପଞ୍ଚାୟତ ଧୁତରା ନିକଟସ୍ଥ ଅଲଟ୍ରାଟେକ ସିମେଣ୍ଟ ୱାର୍କ୍ସ ଦ୍ୱାରା କର୍ପୋରେଟ ସୋସିଆଲ ରେସପନ୍ସିବିଲିଟି (ସିଏସ୍‌ଆର୍) ପରିକଳ୍ପନା ଅଧୀନରେ ଧୁତ୍ରା ଅଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚଜି) ମହିଳାମାନଙ୍କୁ ସଙ୍ଗୀତ ବାଦ୍ୟଯନ୍ତ୍ର ବଣ୍ଟନ




କରାଯାଇଛି। ମହିଳା ଉଦ୍ୟମିତା ବିକାଶ କାର୍ଯ୍ୟସୂଚୀ ଅଧିନରେ ଆୟୋଜିତ କାର୍ଯ୍ୟକ୍ରମରେ ଅଲଟ୍ରାଟେକ ସିମେଣ୍ଟ କାରଖାନା ମାନବ ସମ୍ବଳ ଅଧିକାରୀ ପିତାମ୍ବର ପ୍ରୁସେଠ ଓ ଉନ୍ନୟନ ଅଧିକାରୀ ସେମିଅନ୍ ବାରିକ ଧୁତ୍ରା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ଢୋଲ, ମୃଦଙ୍ଗ, ପୋର୍ଟେବଲ୍ ସାଉଣ୍ଡ ସିଷ୍ଟମ୍ ସହିତ ଅନ୍ୟାନ୍ୟ ସଙ୍ଗୀତ ସାମଗ୍ରୀ ପ୍ରଦାନ କରାଯାଇଥିଲା। ଏହି ପଦକ୍ଷେପ ଫଳରେ ମହିଳାମାନେ ଗ୍ରାମ୍ୟ ଅଞ୍ଚଳରେ ସ୍ୱାସ୍ଥ୍ୟ ସଚେତନତା ଶିବିର, ନୁକ୍କଡ଼ ନାଟକ ଓ ବିଭିନ୍ନ ସାମାଜିକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିପାରିବେ ବୋଲି ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ମତପ୍ରକାଶ କରିଥିଲେ। ଏହା ସହିତ ପଥପ୍ରାନ୍ତ ନାଟକ ମାଧ୍ୟମରେ ସ୍ୱଚ୍ଛତା, ପୋଷଣ, ମହିଳା ସଶକ୍ତିକରଣ ଓ ଶିକ୍ଷା ଭଳି ବିଷୟରେ ସମାଜକୁ ସଚେତନ କରାଯିବ ବୋଲି କହିଥିଲେ। କାରଖାନା ଅଧିକାରୀ ଶ୍ରୀ ପ୍ରୁସେଠ ଧୁତରାସ୍ଥିତ ଅଲଟ୍ରାଟେକ୍ କମ୍ପାନୀ ସଦା ବେଳେ ସ୍ଥାନୀୟ ଅଞ୍ଚଳର ସମଗ୍ର ବିକାଶ ପାଇଁ ପ୍ରତିବଦ୍ଧ। ମହିଳାମାନଙ୍କୁ ଆତ୍ମନିର୍ଭର କରାଇବା ସହ ସମାଜରେ ସଚେତନତା ବଢ଼ାଇବା ଏହି ପ୍ରୟାସର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମତବ୍ୟକ୍ତ କରିଥିଲେ। ଅଲ୍ଟ୍ରାଟେକ୍ ସିମେଣ୍ଟ ମହିଳା ସଶକ୍ତିକରଣ ଓ ସାମାଜିକ ଉନ୍ନତି ପାଇଁ ଏପରି ବିଭିନ୍ନ କାର୍ଯ୍ୟକ୍ରମ ଜାରି ରଖିବ ବୋଲି କାରଖାନା ଉନ୍ନୟନ ଅଧିକାରୀ ଶ୍ରୀ ବାରିକ ସୂଚିତ କରିଥିଲେ।

## ଆମ ପୁଲିସ ସମିତି ପକ୍ଷରୁ ଶାନ୍ତି କମିଟି ବୈଠକ

**ବ୍ରଜରାଜନଗର, ୨୭।୨ (ସମିସ):** ବ୍ରଜରାଜନଗର ଥାନା ପରିସରରେ ଆମ ପୁଲିସ ତରଫରୁ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏସଡିପିଓ ଚିନ୍ତାମଣି ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଗାମୀ ଦିନରେ ହୋଲି, ରାମ ନବମୀ, ହିନ୍ଦୁ ନବ ବର୍ଷ, ଇଦ ପର୍ବ, ଥିବାରୁ ସହରରେ ଶାନ୍ତି ପ୍ରତିଷ୍ଠା କରିବା ଉପରେ ସମସ୍ତେ ନିଜ ନିଜର ମତାମତ ରଖିଥିଲେ। ଲୋକମାନଙ୍କ ମତାମତକୁ ଦୃଷ୍ଟିରେ ରଖି ପୁଲିସ ଆଗାମୀ ଦିନରେ କାର୍ଯ୍ୟ କରିବ ବୋଲି ମତ ପ୍ରକାଶ ପାଇଥିଲା। ଏଥିରେ ବ୍ରଜରାଜନଗର ଥାନା ଅଧିକାରୀ ଧବଳେଶ୍ୱର ସାହୁ, ଅତିରିକ୍ତ ଅଧିକାରୀ ପୂର୍ଣ୍ଣିମା ଓରାମ, ଓରିଏଣ୍ଟ ଥାନା ଅଧିକାରୀ ଖ୍ୟାମାସାଗର ନାୟକ, ଅତିରିକ୍ତ ଅଧିକାରୀମାନଙ୍କ ସହିତ ଦୁଇ ଥାନାର କର୍ମଚାରୀ, ବ୍ରଜରାଜନଗର ଭାରପ୍ରାପ୍ତ ପୌରାଧକ୍ଷ କ୍ରିଷ୍ଟା ଗୋପାଳ ସିତାନି, ରାଜପୁର, ଚାନ୍ଦିନୀମାଲ, ଗୌଡ଼ମାଲ ଓ ଲୋଇସିଂ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ଓ ବ୍ରଜରାଜନଗର ପୌରପରିଷଦର କାଉନସିଲରମାନେ, ବ୍ରଜରାଜନଗର ଅଞ୍ଚଳର ସମସ୍ତ ଧର୍ମର ବୁଦ୍ଧିଜୀବୀ, ରାଜନୈତିକ ଦଳର ପଦାଧିକାରୀମାନେ ଉପସ୍ଥିତ ଥିଲେ।

### ବ୍ରଜରାଜନଗରରେ ଖାଦ୍ୟ ଆୟୋଗ ଅଧ୍ୟକ୍ଷଙ୍କ ସମୀକ୍ଷା

## ଅଷ୍ଟମ ଶ୍ରେଣୀ ଥିବା ସ୍କୁଲରେ ଖୋଲିବ ନବମ, ଦଶମ



**ବ୍ରଜରାଜନଗର, ୨୭।୨(ସମିସ):** ଶୁକ୍ରବାର ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷ ଅବନୀ କାନ୍ତ ସାହୁ ବ୍ରଜରାଜନଗର ଗସ୍ତରେ ଆସି ଯୋଗାଣ ହେଉଥିବା ବିଭିନ୍ନ ଖାଦ୍ୟର ଯାଞ୍ଚ କରିବା ସହ ସମୀକ୍ଷା କରିଛନ୍ତି। ପ୍ରତ୍ୟେକ ମାସର ୨୩ ତାରିଖରେ ଜିଲ୍ଲା ବାହାରୁ ସ୍କ୍ୱାର୍ଡ ଆସି ସରକାର ଯୋଗାଉଥିବା ଖାଦ୍ୟର ଯାଞ୍ଚ କରିବେ ବୋଲି ପ୍ରକାଶ କରିବା ସହ ଅଷ୍ଟମ ଶ୍ରେଣୀ ଥିବା ସ୍କୁଲରେ ନବମ ଓ ଦଶମ ଶ୍ରେଣୀ ଖୋଲିବା ପାଇଁ ଜିଲ୍ଲାପାଳଙ୍କୁ ପରାମର୍ଶ ଦେବେ ବୋଲି କହିଛନ୍ତି। ଅଧ୍ୟକ୍ଷ ଶ୍ରୀ ସାହୁ ଆଜି ମା' ମଙ୍ଗଳା ଏସଏଚଜି ଗ୍ରୁପ ଦ୍ୱାରା ପରିଚାଳିତ ଛତୁଆ କେନ୍ଦ୍ର ପରିଦର୍ଶନ କରିଛନ୍ତି। ଖାଦ୍ୟ ଆୟୋଗ ଅଧ୍ୟକ୍ଷ ଅବନୀ କାନ୍ତ ସାହୁ ବ୍ରଜରାଜନଗର ପୈରାଞ୍ଚଳର ରାମଗଡ଼ଠାରେ ଥିବା ଅଙ୍ଗନବାଡ଼ି କେନ୍ଦ୍ରରେ ଛୁଆ ମାନଙ୍କୁ ଯୋଗାଇଦିଆଯାଉଥିବା ଖାଦ୍ୟର ମାନ ଯାଞ୍ଚ କରିବା ସହ ଖଲିଆକାନି ଗ୍ରାମରେ ଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପହଞ୍ଚି ମଧ୍ୟାହ୍ନ ଭୋଜନର ଖାଦ୍ୟ ଯାଞ୍ଚ କରିଥିଲେ। ପରେ ଉକ୍ତ ଗ୍ରାମରେ ଥିବା ମା' ମେଟାକାନୀ ଏସଏଚଜି ନାମରେ ଥିବା କଣ୍ଟ୍ରୋଲ ଦୋକାନକୁ ଯାଇ ସୁକ୍ଷମ ଚାଉଳ ବଣ୍ଟନର ତଦାରଖ କରିଥିଲେ। ସହରରେ ଥିବା ଅଙ୍ଗନବାଡି କେନ୍ଦ୍ରକୁ ଯୋଗାଇ ଦେଉଥିବା ମା' ମଙ୍ଗଳା ଏସଏଚଜି ଛତୁଆ କେନ୍ଦ୍ରକୁ ଯାଇ ଛତୁଆର ମାନ ପରୀକ୍ଷା କରିଥିଲେ। ଆଜି ଖାଦ୍ୟ ଆୟୋଗଙ୍କ ଗସ୍ତ ସମୟରେ ଜିଲ୍ଲା ଯୋଗାଣ ଅଧିକାରୀ ଦୂର୍ଗା ଚରଣ ବେସ୍ରା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜୟନ୍ତୀ ଗଡ଼ତିଆ, ବ୍ରଜରାଜନଗର ଶିଶୁ ବିକାଶ ଅଧିକାରିଣୀ ସ୍ୱର୍ଣ୍ଣ ମଞ୍ଜରୀ ସାମଲ, ବ୍ରଜରାଜନଗର ଖାଦ୍ୟ ଯୋଗାଣ ନିରୀକ୍ଷକ ମାନସ ରଞ୍ଜନ ମାହନ୍ତ, ବେଲପାହାଡ଼ ଖାଦ୍ୟ ଯୋଗାଣ ନିରୀକ୍ଷକ ଆଶୁତୋଷ କିଶାନ ଉପସ୍ଥିତ ଥିଲେ।



## ଜିତେନ୍ଦ୍ର ହରିପାଲଙ୍କ ପତ୍ନୀ ବିୟୋଗ

**ସମ୍ବଲପୁର, ୨୭।୨(ସମିସ):** ସୁନାମଧନ୍ୟ ସମ୍ବଲପୁରୀ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲଙ୍କ ପତ୍ନୀ ମଲ୍ଲିକା ହରିପାଲଙ୍କ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୬୯ ବର୍ଷ ବୟସ ହୋଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ବୁର୍ଲାର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ପରଲୋକ ଘଟିଥିଲା।

## ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ

**କୋଲବିରା, ୨୭ ।୨ (ସମିସ):** ଝାରସୁଗୁଡ଼ା ଜିଲ୍ଲା କୋଲାବିରା ବ୍ଲକ ପୋଖରାସାହ୍ଲେ ପଞ୍ଚାୟତସଦର ଗ୍ରାମରେ ଚାରିଦିନ ଧରି ଚାଲିଥିବା ନବ ନିର୍ମିତ ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ ହୋଇଛି। ଶୁକ୍ରବାର ରାଧାକୃଷ୍ଣ ବିଗ୍ରହ ପ୍ରାଣ ପ୍ରତିଷ୍ଠା ଓ ମନ୍ଦିର ଭିତରେ ବିଗ୍ରହ ସ୍ଥାପନ ହୋଇଯାଇଛି। ଏହି ଅବସରରେ ଚାରିଦିନ ଧରି ଚାଲିଥିବା ଧନୁଯାତ୍ରା ମହୋତ୍ସବର ଚତୁର୍ଥ ଦିବସ ସନ୍ଧ୍ୟାରେ କୃଷ୍ଣ ବଳରାମଙ୍କ ଦ୍ୱାରା କଂସ ବଧ ମଞ୍ଚସ୍ଥ ହୋଇଛି। ବରଗଡ଼ର ସଦାନନ୍ଦ ସାହୁ କଂସ ଭୂମିକାରେ ଅଭିନୟ କରିଥିଲେ। ଏଥିରେ ମୁଖ୍ୟ କର୍ତ୍ତା ଭାବେ ଦେବ ଲୋଚନ ନାଏକ ଓ ପତ୍ନୀ ସାବିତ୍ରୀ ନାଏକ ଏବଂ ଗୋପବନ୍ଧୁ କୁମୁରା ଓ ପତ୍ନୀ ଗୋଲାପି କୁମୁରା ରହିଥିବା ବେଳେ ମୁଖ୍ୟ ପୂଜକ ପ୍ରଶାନ୍ତ କୁମାର ପୁଝାରୀ ଓ ଜିତେନ୍ଦ୍ର ନନ୍ଦ ଆଚାର୍ଯ୍ୟ ଭାବେ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ସହଯୋଗୀ ପୂଜକ ଅମରେଶ ଚନ୍ଦ୍ର ପଣ୍ଡା, ଦୀପକ ଦାସ, ଜେକେ ଶୁଶ୍ରୀ, ଦେବାନନ୍ଦ ନାୟକ, ଅଶୋକ ତିୱାରୀ, ଜୟନାରାୟଣ ରଥ, ଶୁଶାନ୍ତ ପୁଝାରୀ, ଭଗବାନ ଦାସ ଏବଂ ପ୍ରମୋଦ ପୁଝାରୀ ସହଯୋଗ କରିଥିଲେ। ଜଗନ୍ନାଥ ସଂସ୍କୃତି ପ୍ରଚାରକ କିର୍ତ୍ତନ ବାଗ ଚାରିଦିନ ଧରି ଧାରା ବିବରଣୀ ଦେଇଥିଲେ। ଏଥିରେ ପାନୀୟ ଜଳ ପଞ୍ଚାୟତ ରାଜମନ୍ତ୍ରୀ ରବିନାରାୟଣ ନାଏକ, ବିଧାୟକ ଟଙ୍କଧର ତ୍ରିପାଠୀ, ପୂର୍ବତନ ବିଧାୟିକା ଦୀପାଳି ଦାସ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୋଜରାଜ ପଟେଲ, ଜିଲ୍ଲା ପରିଷଦ ସଭ୍ୟ ନୃପଲାଲ ପଶାୟତ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୟନ୍ତୀ ବାହୁକ ଯୋଗ ଦେଇଥିଲେ। ଲୋକଙ୍କ ମନୋରଞ୍ଜନ ପାଇଁ କଂସ ଦରବାର ମଞ୍ଚସ୍ଥ ରହିଥିବା ବେଳେ କିର୍ତ୍ତନଧାରା, ଶୈଲେନ୍ଦ୍ରି ଜାଲ, ବର୍ଷା ବେହେରା, ଟୁମକି ବେହେରା ଓ ତିଳକ ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ରାଜ୍ୟ ଖାଦ୍ୟ କମିଶନ ଅଧ୍ୟକ୍ଷଙ୍କ ଝାରସୁଗୁଡ଼ା ଗସ୍ତ

# ଖାଦ୍ୟ ସୁରକ୍ଷା ଓ ଅଙ୍ଗନବାଡି ବ୍ୟବସ୍ଥାର କଲେ ସମୀକ୍ଷା

ଝାରସୁଗୁଡ଼ା, ୨୭।୨(ସମିସ)

ରାଜ୍ୟ ଖାଦ୍ୟ କମିଶନର ଅଧ୍ୟକ୍ଷ ଅବନୀକାନ୍ତ ସାହୁ ଆଜି ଝାରସୁଗୁଡ଼ା ଜିଲ୍ଲା ଗସ୍ତ କରି ବିଭିନ୍ନ ଜନହିତକର ଯୋଜନାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଏହି ଅବସରରେ ସେ ଜିଲ୍ଲାପାଳଙ୍କ ସମେତ ବିଭାଗୀୟ ଅଧିକାରୀମାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୋଗଦେଇ ଖାଦ୍ୟ ସୁରକ୍ଷା ଓ ଶିଶୁ ବିକାଶ କାର୍ଯ୍ୟକ୍ରମକୁ ଅଧିକ ସ୍ୱଚ୍ଛ କରିବା ପାଇଁ ଅନେକ ପ୍ରସ୍ତାବ ଓ ପରାମର୍ଶ ଦେଇଛନ୍ତି। ଖାଦ୍ୟ ସୁରକ୍ଷା ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବା ପାଇଁ ପ୍ରତ୍ୟେକ ରାସନ କାର୍ଡଧାରୀଙ୍କ ଘର ସମ୍ମୁଖରେ 'ରାସନ୍ କାର୍ଡ ବ୍ରାଣ୍ଡିଂ' ବା ଚିହ୍ନଟ ପ୍ରକ୍ରିୟା କରିବାକୁ ସେ ପରାମର୍ଶ ଦେଇଛନ୍ତି। ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକର ପରିଚାଳନାକୁ ଅଧିକ ଶୃଙ୍ଖଳିତ କରିବା ପାଇଁ ଏଣିକି ପ୍ରତି ମାସ ୨୩ ତାରିଖରେ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଜିଲ୍ଲାର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ଓ ଛତୁଆ ପ୍ରସ୍ତୁତି କେନ୍ଦ୍ର ପରିଦର୍ଶନ କରି ସମୀକ୍ଷା କରିବେ। ଏହା ସହିତ ଜିଲ୍ଲାରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବଢୁଥିବା 'ଡ୍ରପ୍ ଆଉଟ୍' ସମସ୍ୟା ଉପରେ ସେ ଉଦ୍‌ବେଗ ପ୍ରକାଶ କରିବା ସହ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାରେ ଥିବା ୮, ୩୭୬ ଅନ୍ତୋଦୟ



### ହିତାଧିକାରୀଙ୍କ ଘର ସମ୍ମୁଖରେ 'ରାସନ କାର୍ଡ ବ୍ରାଣ୍ଡିଂ' ପାଇଁ ପ୍ରସ୍ତାବ

### ପ୍ରତି ମାସ ୨୩ରେ ଯାଞ୍ଚ ହେବ ଅଙ୍ଗନବାଡ଼ି ଓ ଛତୁଆ କେନ୍ଦ୍ର

କାର୍ଡଧାରୀଙ୍କ ମଧ୍ୟରୁ ଅଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରି ସେମାନଙ୍କୁ ତାଲିକାରୁ ବାଦ୍ ଦେବା ଏବଂ ସେହି ସ୍ଥାନରେ ପ୍ରକୃତ ଯୋଗ୍ୟ ତଥା ଗରିବ ଲୋକଙ୍କୁ ସାମିଲ କରିବା ପାଇଁ ଅଧ୍ୟକ୍ଷ ଗୁରୁତ୍ୱାରୋପ କରିଛନ୍ତି। ଗସ୍ତ ସମୟରେ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଦୁଇଜଣ ଭିନ୍ନକ୍ଷମ ହିତାଧିକାରୀଙ୍କୁ ଅଧ୍ୟକ୍ଷ ଶ୍ରୀ ସାହୁ ହ୍ୱିଲଚେୟାର ପ୍ରଦାନ କରିଥିଲେ। ଏହି ସମୀକ୍ଷା ବୈଠକରେ ଜିଲ୍ଲା ଯୋଗାଣ ଅଧିକାରୀଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ।

### ଜିଲ୍ଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି ଏବଂ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ

# ସ୍ୱାସ୍ଥ୍ୟ, ଶିକ୍ଷା, ସହ ରୋଜଗାରକୁ ପ୍ରାଥମିକତା ଦେବା:ଧର୍ମେନ୍ଦ୍ର






**ସମ୍ବଲପୁର, ୨୭ା୨ (ସମିସ)**

ବିକଶିତ ସମ୍ବଲପୁର ଓ ବିକଶିତ ଓଡ଼ିଶା ଗଠନ ପାଇଁ ସ୍ୱାସ୍ଥ୍ୟ, ଶିକ୍ଷା, ପରିମଳ, ପାନୀୟ ଜଳ ଏବଂ ରୋଜଗାରକୁ ଆମକୁ ପ୍ରାଥମିକତା ଦେବାକୁ ହେବ। ଏହା କେବଳ ସରକାରୀ ଯୋଜନା ନୁହେଁ, ବରଂ ଏକ ସାମାଜିକ ଜନଆନ୍ଦୋଳନରେ ପରିଣତ ହେବା ଦରକାର ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଶୁକ୍ରବାର ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପ୍ରେକ୍ଷାଳୟରେ ଆୟୋଜିତ 'ଜିଲ୍ଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି ଏବଂ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ'ରେ ଯୋଗଦେଇ 'ସ୍ୱାସ୍ଥ୍ୟ ସେବାରେ ଗୋଷ୍ଠୀ ସହାୟତା' ବିଷୟରେ ବିସ୍ତୃତ ଆଲୋଚନା କରିଛନ୍ତି। ସମ୍ବଲପୁର ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ସେ ଆଶା ଭଉଣୀ ଓ ସମିତିର ସଭ୍ୟମାନଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କ ଅନୁଭୂତି ଶୁଣିବା ସହ ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଗ୍ରହଣ କରିଛନ୍ତି।

ସମ୍ବଲପୁରର ବିକାଶ ଓ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସୁରକ୍ଷା କ୍ଷେତ୍ରରେ ଆମର 'ଆଶା' ଭଉଣୀ ଓ 'ଗାଁ କଲ୍ୟାଣ ସମିତି'ର ସଦସ୍ୟମାନେ ହେଉଛନ୍ତି ପ୍ରକୃତ ସୈନିକ। ସେ ଆଶାକର୍ମୀମାନଙ୍କୁ ସମାଜର 'ରାଣୀ ଝାନ୍ସି' ଭାବେ ଅଭିହିତ କରିଛନ୍ତି। ସେ କହିଛନ୍ତି ଯେ, ଜଣେ ଗର୍ଭବତୀ ମା'କୁ ସାହାଯ୍ୟ ଦରକାର ହୁଏ କିମ୍ବା ଶିଶୁର ଟୀକାକରଣର ସମୟ ଆସେ, ସେତେବେଳେ ପ୍ରଥମେ ଆଶା ଭଉଣୀଙ୍କ କଥା ମନକୁ ଆସେ। ମାତୃ ଓ ଶିଶୁ ମୃତ୍ୟୁହାର କମାଇବାରେ ଆଶା କର୍ମୀଙ୍କ ଅବଦାନ ଅତୁଳନୀୟ। ସମ୍ବଲପୁର ଜିଲ୍ଲାର ପ୍ରାୟ ୧୫ ଲକ୍ଷ ଜନସଂଖ୍ୟା ଓ ୩ ଲକ୍ଷ ପରିବାର ପାଇଁ ମାସିକ ଘରକୁ ଘର ବୁଲି ସେବା ଯୋଗାଉଥିବା ପ୍ରାୟ୧୦୭୮ ଜଣ ଆଶା ଦିଦିଙ୍କ ନିଷ୍ଠା ପ୍ରଶଂସନୀୟ। ଆମର ଆଶା ଦିଦିମାନଙ୍କ କାର୍ଯ୍ୟ କେତେ ପ୍ରଭାବଶାଳୀ, ତାହାର ବଡ଼ ପ୍ରମାଣ ହେଉଛନ୍ତି ବାଲେଶ୍ୱର ନୀଳଗିରିର ଯମୁନାମଣି ସିଂହ। ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ସେବାର ଶକ୍ତି ହେଉଛି ଗାଁ କଲ୍ୟାଣ ସମିତି। ପରିମଳ ବ୍ୟବସ୍ଥା, ବିଶୁଦ୍ଧ ପାନୀୟ ଜଳ ଏବଂ ସାମଗ୍ରିକ ସ୍ୱାସ୍ଥ୍ୟ ବଜାୟ ରଖିବାରେ ଏହି ସମିତିର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଆପଣମାନେ ହିଁ ସରକାରୀ ଯୋଜନାକୁ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଉଥିବା ସୁଦୃଢ଼ ସେତୁ। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକ୍ରମେ ଆମକୁ 'ବିକଶିତ ଓଡ଼ିଶା' ଏବଂ 'ବିକଶିତ ଭାରତ' ଗଢ଼ିବାକୁ ହେବ। ଏଥିପାଇଁ ସ୍ୱାସ୍ଥ୍ୟ, ଶିକ୍ଷା, ପରିମଳ ଏବଂ ପାନୀୟ ଜଳ କ୍ଷେତ୍ରରେ ପରିବର୍ତ୍ତନ ଆଣିବାସହ ରୋଜଗାରକୁ ପ୍ରାଧାନ୍ୟ ଦେବା ଜରୁରୀ। ସମ୍ବଲପୁରର ସ୍ୱଚ୍ଛତା ଓ ଜୀବନଶୈଳୀକୁ ବଦଳାଇବା ପାଇଁ ଏହାକୁ ଏକ 'ଜନଆନ୍ଦୋଳନ' କରିବା ପାଇଁ ପ୍ରୟାସ କରିବା ପାଇଁ ଶ୍ରୀ ପ୍ରଧାନ ଆହ୍ୱାନ କରିଛନ୍ତି।କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।



ମହାନଦୀ କୂଳ ରିଂରୋଡ୍‌ରେ ଶେମେଲ୍ ଫୁଲ (ଶିମୁଳି ଫୁଲ)ର ସମ୍ଭାର।

## ଜେଲଗଲା ମାତୃହନ୍ତା ପୁଅ

**ସମ୍ବଲପୁର/ରେଢ଼ାଖୋଲ, ୨୭ା୨ (ସମିସ) :** ଖାଇବାକୁ ନଦେବାରୁ ମା।'କୁ ଲୁହା ପାଇପ୍‌ରେ ପିଟିପିଟି ହତ୍ୟା କରିବା ଭଳି ଅଭାବନୀୟ ଘଟଣା ଘଟିଛି ସମ୍ବଲପୁର ଜିଲ୍ଲା ଯୁଯୋମୁରା ଥାନା ରେଙ୍ଗାଲକାନୀ ଗାଁରେ ଘଟିଛି। ଅଭିଯୁକ୍ତ ପୁଅକୁ ଗିରଫ କରି ଯୁଯୋମୁରା ପୁଲିସ କୋର୍ଟଚାଲାଣ କରିଛି। ଗୁରୁବାର ମା' ଜନନୀ ଭୋଇ (୭୫) ଘରେ ଏକା ଥିବାବେଳେ ସାନପୁଅ ପୂର୍ଣ୍ଣଚନ୍ଦ୍ର ଭୋଇ (୩୩) ଘରକୁ ଆସି ମା'ଙ୍କୁ ଖାଇବାକୁ ମାଗିଥିଲା। ମା' ଜନନୀ କିଛି ରୋଷେଇ କରି ନ ଥିବାରୁ ତାଙ୍କୁ ଖାଇବାକୁ ଦେଲେନାହିଁ। ଖାଇବାକୁ ନଦେବାରୁ ପୁଅ ରାଗିଯାଇ ଏକ ଲୁହା ପାଇପରେ ମା'ର ମୁଣ୍ଡରେ ଓ ଶରୀର ବିଭିନ୍ନ ସ୍ଥାନରେ ମାଡ଼ ମାରିଥିଲା। ଫଳରେ ଘଟଣାସ୍ଥଳରେ ମା' ଜନନୀ ଭୋଇଙ୍କ ମୃତ୍ୟୁ ଘଟିଥିଲା। ପୁଅ ପୂର୍ଣ୍ଣଚନ୍ଦ୍ର ହତ୍ୟା କରି ଫେରାର ମାରୁଥିବାବେଳେ ଗାଁଲୋକେ ତାକୁ କାବୁ କରିଥିଲେ। ଖବରପାଇ ଯୁଯୋମୁରା ପୁଲିସ ସାଇଣ୍ଟିଫିକ୍ ଦଳ ସହ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ପୁଅ ପୂର୍ଣ୍ଣଚନ୍ଦ୍ର ଭୋଇକୁ ଗିରଫ କରିଛି। ହତ୍ୟାରେ ବ୍ୟବହୃତ ଲୁହାଛଡ଼କୁ ପୁଲିସ ଜବତ କରିଛି। ଯୁଯୋମୁରା ଥାନା କେସ ନଂ.୪୦/୨୦୨୬ରେ ମାମଲା ରୁଜୁକରି ମୃତକଙ୍କ



ଶବ ଉଦ୍ଧାରକରି ପୁଲିସ ବ୍ୟବଚ୍ଛେଦ ପାଇଁ ମେଡିକାଲକୁ ପଠାଇଥିଲା।ବ୍ୟବଚ୍ଛେଦ ପରେ ଶବ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ପୁଲିସ ଅଭିଯୁକ୍ତ ପୂର୍ଣ୍ଣଚନ୍ଦ୍ରକୁ କୋର୍ଟଚାଲାଣ କରିବାସହ ଘଟଣାର ତଦନ୍ତ ଜାରି ରଖିଥିବା ଯୁଯୋମୁରା ଥାନାଧିକାରୀ ଅନିମା ଏକ୍କା ସୂଚନା ଦେଇଛନ୍ତି।

## ୧୬୦ କଫସିରପ୍ ଜବତ, ଜଣେ ଗିରଫ

**ସମ୍ବଲପୁର, ୨୭ା୨ (ସମିସ) :** ଅବକାରୀ ବିଭାଗର ସମ୍ବଲପୁର ମୋବାଇଲ ୟୁନିଟ୍ ଧନୁପାଲି ଥାନା ଅନ୍ତର୍ଗତ ନକ୍ସାପାଲିରେ କଫସିରପ୍ କାରବାର କରୁଥିବାବେଳେ ଚଢ଼ଉ କରି ଜଣେ ଯୁବକଙ୍କୁ ଗିରଫ କରିଛି। ସେ ନକ୍ସାପାଲିର ବିଭୀଷଣ ବେହେରା (୪୮) ବୋଲି ସୂଚନା ମିଳିଛି। ତାଙ୍କଠାରୁ ୧୬୦ ବୋତଲ କଫସିରପ୍ ଜବତ କରିଛି। ଶୁକ୍ରବାର ଏନ୍‌ଡିପିଏସ୍ ଆକ୍ଟରେ ଅଭିଯୁକ୍ତ ବିଭୀଷଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଅବକାରୀ ବିଭାଗ ସୂଚନା ଦେଇଛି।

## ସିଟି ଷ୍ଟେସନ ନିକଟରୁ ମୃତଦେହ ଉଦ୍ଧାର

**ସମ୍ବଲପୁର, ୨୭ା୨(ସମିସ):** ସମ୍ବଲପୁର ସିଟି ରେଳଷ୍ଟେସନ ନିକଟରୁ ଏକ ମୃତଦେହ ଉଦ୍ଧାର ହୋଇଛି। ମୃତ ଯୁବକଙ୍କ ପରଚୟ ମିଳିପାରିନାହିଁ। ଜିଆର୍‌ପି ପୁଲିସଅପମୃତ୍ୟୁ ମାମଲା ସଂଖ୍ୟା ୯/୨୦୨୬ରେ ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଆଇଆଇସି ସୂଚନା ଦେଇଛନ୍ତି।

## 'ଆମ ବସ୍' ଭଙ୍ଗାରୁଜା, ଜଣେ ଗିରଫ

**ସମ୍ବଲପୁର, ୨୭ା୨ (ସମିସ) :** ସମ୍ବଲପୁର ହୀରାକୁଦ ଥାନା ଅଞ୍ଚଳରେ ସରକାରୀ ସମ୍ପତ୍ତି ନଷ୍ଟ କରିବାସହ ବସ୍ ଚାଳକଙ୍କୁ ଗାଳିଗୁଲଜ ଓ ଧମକ ଚମକ ଦେବା ଅଭିଯୋଗରେ ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ଜଣକ ଖ୍ରୀଷ୍ଟିଆନପଡ଼ାର ମାନସ ନାଗ (୨୩) ବୋଲି ପୁଲିସ କହିଛି। ପୁଲିସର ସୂଚନାନୁଯାୟୀ, ମାନସ 'ଆମ ବସ୍'ର କାଚ ଭାଙ୍ଗିବାସହ ବସ ଚାଳକଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏନେଇ ଅଭିଯୋଗ ହେବାପରେ ହୀରାକୁଦ ଥାନା କେସ ନଂ. ୪୪/୨୦୨୬ରେ ମାମଲା ରୁଜୁ କରି ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି। ପୁଲିସର ସୂଚନା ଅନୁଯାୟୀ, ଅଭିଯୁକ୍ତ ମାନସ ନାମରେ ପୂର୍ବରୁ ୨୦୨୨ ମସିହାରେ ହୀରାକୁଦ ଥାନାରେ ଏକ ଅପରାଧିକ ମାମଲା ରହିଛି।

## ମଞ୍ଚ କଳାକାର ଶାଶ୍ୱତ ପୂଜାରୀଙ୍କ ପରଲୋକ

**ସମ୍ବଲପୁର, ୨୭ା୨ (ସମିସ) :** ଝାଡ୍ରୁଆପଡ଼ା ମୂଳନିବାସୀ ମଞ୍ଚ କଳାକାର ଶାଶ୍ୱତ ପୂଜାରୀଙ୍କ ଆଜି ତାଙ୍କ ମୁଦିପଡ଼ାସ୍ଥିତ



ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୫୭ ବର୍ଷ ବୟସ ହୋଇଥିଲା। ସେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ସୋସିଓଲୋଜି ସହକାରୀ ପ୍ରଫେସର ଭାବେ କାର୍ଯ୍ୟ କରୁଥିଲେ। ସମ୍ବଲପୁରୀ ନାଟ୍ୟ ଜଗତରେ ତାଙ୍କ ନିଖୁଣ ଅଭିନୟ ତାଙ୍କୁ ଜଣେ ସ୍ୱନାମଧନ୍ୟ କଳାକାର ଭାବେ ପରିଚିତି ଦେଇଥିଲା। ତାଙ୍କ ପଛରେ ପତ୍ନୀ ଝରଣା, ଝିଅ ସଂସ୍କୃତି ଓ ପୁଅ ସ୍ୱୟଂ ରହିଛନ୍ତି। ଆସନ୍ତାକାଲି ସ୍ଥାନୀୟ ରାଜଘାଟରେ ତାଙ୍କ ଅନ୍ତେଷ୍ଟିକ୍ରିୟା କରାଯିବ ବୋଲି ପରିବାର ସୂତ୍ରରୁ ପ୍ରକାଶ।

## ଉନ୍ନତ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା ଲାଗି ଏମ୍‌ସିଏଲ୍ ଦ୍ୱାରା ୪୬.୫୧ କୋଟିର ବୁଝାମଣାପତ୍ର ସ୍ୱାକ୍ଷର

**ସମ୍ବଲପୁର, ୨୭ା୨ (ସମିସ) :** ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍) ପକ୍ଷରୁ କଟକସ୍ଥିତ ଅଗ୍ରଣୀ ସରକାରୀ ମେଡ଼ିକାଲ ପ୍ରତିଷ୍ଠାନ ଗୁଡ଼ିକ ସହିତ ଦୁଇଟି ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ଓଡ଼ିଶାରେ





ସାର୍ବଜନୀନ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ୪୬.୫୧କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏଥିରେ ମୁଖ୍ୟତଃ ଶ୍ରୀ ରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଓ ହସ୍ପିଟାଲ (ଏସ୍‌ସିବି ଏମ୍‌ସିଏଚ୍), କଟକରେ ଉନ୍ନତ ନିଦାନ ସୁବିଧାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟ ରହିଛି। ଏମ୍‌ସିଏଲ୍, ଏହାର ସିଏସ୍‌ଆର୍ ପଦକ୍ଷେପ ଅଧୀନରେ, କଟକସ୍ଥିତ ଏସ୍‌ସିବି ଏମ୍‌ସିଏଚ୍‌ଠାରେ ଦୁଇଟି ୧୨୮ ସ୍ଲାଇସ୍ ଡୁଆଲ୍ ଏନର୍ଜି ସିଟି ସ୍କାନ୍ ମେସିନ୍ ଏବଂ ଗୋଟିଏ ୧.୫ ଟେସ୍ଲା ଏମ୍.ଆର୍.ଆଇ ମେସିନ୍ କ୍ରୟ ଓ ସ୍ଥାପନ ପାଇଁ ୪୬.୩୪ କୋଟି ଟଙ୍କା ବ୍ୟୟବରାଦ କରିଛି। ଏହି ହସ୍ପିଟାଲରେ ପ୍ରତିଦିନ ହାରାହାରି ୮୦୦୦-୧୦୦୦୦ ରୋଗୀଙ୍କ ଓପିଡି ସହିତ ଉନ୍ନତ ଇମେଜିଂ ସିଷ୍ଟମ ସ୍ଥାପନ ହେବା ଦ୍ୱାରା ରୋଗ ନିର୍ଣ୍ଣୟ ସଠିକତା ବୃଦ୍ଧି ପାଇବ, ପରୀକ୍ଷା ପାଇଁ ଅପେକ୍ଷା ସମୟ ହ୍ରାସ ପାଇବ ଏବଂ ବାର୍ଷିକ ଓଡ଼ିଶା ତଥା ଆଖପାଖ ଅଞ୍ଚଳର ପ୍ରାୟ ୨୫-୩୦ ଲକ୍ଷ ରୋଗୀ ଉପକୃତ ହେବେ। ଅନ୍ୟ ଏକ ପଦକ୍ଷେପରେ, ଏମ୍‌ସିଏଲ୍ କଟକସ୍ଥିତ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ସ୍ନାତକୋତ୍ତର ଶିଶୁ ଚିକିତ୍ସା ସଂସ୍ଥାନ (ଏସଭିପିପିଜିଆଇପି) ସହିତ ମଧ୍ୟ ଗୋଟିଏ ଏମଓୟୁ ସ୍ୱାକ୍ଷର କରିଛି ଯାହା 'ଶିଶୁ ଭବନ' ଭାବେ ପରିଚିତ। ଏହି ଏମଓୟୁ ଅନ୍ତର୍ଗତ ଏମ୍‌ସିଏଲ୍ ଦ୍ୱାରା ତିନୋଟି ୮ ସିଟ୍ ବିଶିଷ୍ଟ ବ୍ୟାଟେରୀ-ଚାଳିତ ଯାତ୍ରୀବାହୀ ଯାନ କ୍ରୟ ପାଇଁ ୧୬.୯୯ ଲକ୍ଷ ଟଙ୍କାର ସିଏସ୍‌ଆର୍ ସହାୟତା ପ୍ରଦାନ କରାଯିବ। ଏହା ଡାକ୍ତରଖାନା ପରିସରରେ ରୋଗୀ, ବିଶେଷ କରି ଶିଶୁ ଏବଂ ସେମାନଙ୍କ ପରିବାରର ନିରାପଦ, ସୁଗମ ଏବଂ ପରିବେଶ ଅନୁକୂଳ ଗତିବିଧିକୁ ସୁନିଶ୍ଚିତ କରିବ। ଏହି ପଦକ୍ଷେପ ଗୁଡ଼ିକ ମାଧ୍ୟମରେ, ଏମ୍‌ସିଏଲ୍ ଏହାର ମୂଳ ବ୍ୟବସାୟିକ କାର୍ଯ୍ୟକଳାପଠାରୁ ଆଗକୁ ବଢ଼ିଛି ଏବଂ ଓଡ଼ିଶାରେ ସ୍ୱାସ୍ଥ୍ୟସେବା ସୁବିଧାଗୁଡ଼ିକୁ ମଜବୁତ କରିବା, ଜୀବନ ରକ୍ଷାକାରୀ ଭିତ୍ତିଭୂମି ଏବଂ ସମ୍ପ୍ରଦାୟ କଲ୍ୟାଣକୁ ସମର୍ଥନ କରିବା ଦିଗରେ ଏହାର ନିରନ୍ତର ପ୍ରତିବଦ୍ଧତାକୁ ଦୃଢ଼ କରୁଛି।

### ■ ମାଳିମୁଣ୍ଡା ଓ ତୁରିପଡ଼ାରେ ଦନ୍ତା ଉପଦ୍ରବ

## ବନବିଭାଗ ପକ୍ଷରୁ ହାତୀର ଗତିବିଧି ନିରୀକ୍ଷଣ

**ରେଢ଼ାଖୋଲ, ୨୭ ।୨(ସମିସ):** ସମ୍ବଲପୁର ଜିଲ୍ଲା ପଢ଼ିଆବାହାଲ ରେଞ୍ଜ ଅଞ୍ଚଳର ମାଳିମୁଣ୍ଡା ଓ ତୁରିପଡ଼ାରେ ଏକ ଦନ୍ତା ବିଳମ୍ବିତ ରାତ୍ରିରେ ବୁଲି ବୁଲି ପନିପରିବା ଚାଷ ନଷ୍ଟ କରୁଛି। ଏଥିରେ ଅଞ୍ଚଳର ଚାଷୀମାନେ ବହୁ କଷ୍ଟରେ ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ ପନିପରିବା ଚାଷ କରୁଛନ୍ତି। ହେଲେ ରାତି ହେଲେ ଦନ୍ତାହାତୀ ଆସି ପନିପରିବା ଚାଷ ଗୁଡ଼ିକୁ ଖାଇ, ଦଳି ଉପଦ୍ରବ କରି ନଷ୍ଟ କରି ଦେଉଛନ୍ତି। ଫଳରେ ଚାଷୀଙ୍କ ବ୍ୟାପକ କ୍ଷୟକ୍ଷତି ହେଉଛି। ଏ ସଂକ୍ରାନ୍ତରେ ଅଭିଯୋଗ ପରେ ବନ ବିଭାଗ ପକ୍ଷରୁ ଗତ ବିଳମ୍ବିତ ରାତିରେ ଏବଂ ଆଜି ହାତୀର ଗତିବିଧି ନଜର ରଖିବା ସହ ବାଣ ଫୁଟାଇ ଜଙ୍ଗଲ ଭିତରକୁ ଘଉଡାଇ ଦିଆଯାଉଛି।

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା, ୨ ଗୁରୁତର

**ରେଢ଼ାଖୋଲ, ୨୭ ।୨(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହର ହଳଦୀଘାଟ ନିକଟରେ ଶୁକ୍ରବାର ଦିନ ସଂଧ୍ୟା ସମୟରେ ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣେ ଆହତ ହୋଇଥିବା ବେଳେ ଆଉ ଜଣେ ଗୁରୁତର ଆହତ ହୋଇଛନ୍ତି। ଆହତ ଜଣକ ହେଲେ କୁକୁଡାବାହାଲି ପଞ୍ଚାୟତ ଅଧୀନ କୁଲହମଳିଆ ଗ୍ରାମର ବାସିନ୍ଦା ବୈଜୟନ୍ତ ନାଏକ ଏବଂ ଗୁରୁତର ଜଣକ ହେଲେ ଗୋଗୁଆ ଗ୍ରାମର ଅକ୍ଷୟ କୁମାର ବେହେରା। ଅକ୍ଷୟ ବେହେରାଙ୍କ ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ପାଇଁ ଡାକ୍ତର ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତରିତ କରିଥିଲେ।ଘଟଣାସ୍ଥଳରେ ରେଢ଼ାଖୋଲ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରୁଥିବା ସୂଚନା ମିଳିଛି।

## ବାସନ୍ତୀ ପ୍ରଧାନଙ୍କ ପରଲୋକ

**ସମ୍ବଲପୁର, ୨୭ା୨ (ସମିସ) :** ସମ୍ବଲପୁର ଦାନୀପାଲି କୁଲତାପଡ଼ାର ମୁରଲୀ ପ୍ରଧାନଙ୍କ ପତ୍ନୀ ବାସନ୍ତୀ ପ୍ରଧାନ (୬୫) ଙ୍କର ଆଜି ସନ୍ଧ୍ୟାରେ ପରଲୋକ ହୋଇଯାଇଛି। ସେ ଜଣେ ମିଷ୍ଟଭାଷୀ, ଧର୍ମପରାୟଣା ମହିଳା



ଥିଲେ। ରଣେଶ୍ୱର ରାମଚଣ୍ଡୀ ମନ୍ଦିର ପ୍ରତିଷ୍ଠାତା ସଦସ୍ୟା ହେବାସହ ସେ ରାମଚଣ୍ଡୀ ଛାତ୍ରବାସ ତଥା ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମରେ କର୍ତ୍ତା ଦାୟିତ୍ୱ ତୁଲାଇବାସହ ସାମିଲ ହେଉଥିଲେ। ତାଙ୍କ ବିୟୋଗରେ ବନ୍ଧୁ ବାନ୍ଧବ, କୁଲତା ସମାଜର ସଦସ୍ୟ ତଥା ଜ୍ଞାତିପରିଜନ ମହଲରେ ଶୋକପ୍ରକାଶ ପାଇଛି। ଶେଷ ସମୟରେ ସ୍ୱାମୀ ମୁରଲୀ, ଦୁଇପୁଅ ଡିଲେଶ୍ୱର ଓ ବିନୟ, ବୋହୂ ସୁଷମା ଓ ଝରଣା, ଝିଅ ସୁଜାତା ଓ ଜ୍ୱାଇଁ ଶାନ୍ତନୁ ତଥା ନାତିନାତୁଣୀମାନେ ଉପସ୍ଥିତ ଥିଲେ। ସ୍ଥାନୀୟ ରାଜଘାଟରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବାବେଳେ ବଡ଼ପୁଅ ଡିଲେଶ୍ୱର ମୁଖାଗ୍ନି ଦେଇଥିଲେ।

## ସ୍ନାତକୋତ୍ତର ଆଇନ ବିଭାଗରେ ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ

**ସମ୍ବଲପୁର, ୨୭ା୨ (ସମିସ) :** ସମ୍ବଲପୁର ବିଶ୍ୱବିଦ୍ୟାଳୟର ସ୍ନାତକତ୍ତୋର ଆଇନ ବିଭାଗରେ 'ଭାରତରେ ଆଇନ ଏବଂ ସାମାଜିକ ପରିବର୍ତ୍ତନ' ଉପରେ ଦ୍ୱିଦିବସୀୟ ଜାତୀୟ ସମ୍ମିଳନୀର ଉଦ୍‌ଘାଟିତ ହୋଇଯାଇଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ. ସଂଯୁକ୍ତା ଦାସଙ୍କ ସଭାପତିତ୍ୱରେ ବାଙ୍କୁରା ବିଶ୍ୱବିଦ୍ୟାଳୟ, ପଶ୍ଚିମବଙ୍ଗର ଆଇନ ବିଭାଗ ମୁଖ୍ୟ ଡ. ସୁବିର ରାୟ ସମ୍ମାନିତ ଅତିଥି ଏବଂ ଓଡ଼ିଶା ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ଡ. ରଙ୍ଗିନ ତ୍ରିପାଠୀ ମୁଖ୍ୟବକ୍ତା ଭାବରେ ଯୋଗଦେଇଥିଲେ। ସମ୍ମିଳନୀର ସଂଯୋଜକ ଡ. ମୀନକେତନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ନିର୍ଦ୍ଦେଶକ ଡ. ପ୍ରୟାସ ଦଣ୍ଡସେନା ଓ ଆୟୋଜନ ସମ୍ପାଦକ ଡ. ଦିପ୍ତିରେଖା ମହାପାତ୍ର ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ବିଭିନ୍ନ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ପ୍ରାଧ୍ୟାପିକା, ଗବେଷକ ଗବେଷିକା ଓ ଶତାଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ତିନୋଟି ବୈଷୟିକ ଅଧିବେଶନ ହୋଇଥିଲା। ଏଥିରେ ଅନେକ ନିବନ୍ଧ ଉପସ୍ଥାପନ କରାଯାଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।




## ବିଶ୍ୱ ମାତୃଭାଷା ଦିବସ ପାଳିତ



**ସମ୍ବଲପୁର, ୨୭ା୨ (ସମିସ) :** ମ୍ୟୁନିସିପାଲିଟି ଛକ ନିକଟସ୍ଥ ସାମ୍ବାଦିକ ଭବନଠାରେ ଭାରତୀୟ ଭାଷା ଅଭିଯାନ, ଓଡ଼ିଶା ପଶ୍ଚିମ ପ୍ରାନ୍ତ ପକ୍ଷରୁ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ସଭାପତି ରତନଲାଲ ଶର୍ମାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପ୍ରାକ୍ତନ ଅର୍ଥନୀତି ବିଭାଗ ପ୍ରଫେସର ଡଃ ଉତ୍ତମ କୁମାର ପ୍ରଧାନ ମୁଖ୍ୟଅତିଥି, ମହିଳା ମହାବିଦ୍ୟାଳୟ ସହଯୋଗୀ ପ୍ରଫେସର ଡଃ ସୁନୀଲ କୁମାର ଗୁରୁ ମୁଖ୍ୟବକ୍ତା ଏବଂ ବିଶିଷ୍ଟ କଣ୍ଠଶିଳ୍ପୀ ଗୁରୁ ତ୍ରିଲୋଚନ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। 'ଭାଷା ହିଁ ନିଜର ସ୍ଥିତି, ଭାଷା ହିଁ ନିଜର ପରିଚୟ ଏବଂ ଭାଷା ହିଁ ଭବିଷ୍ୟତ' ଶୀର୍ଷକ ଆଲୋଚନାରେ ଅତିଥିମାନେ ମାତୃଭାଷାର ବ୍ୟବହାର ଓ ସୁରକ୍ଷା ବିଷୟରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଶ୍ରୀ ତ୍ରିପାଠୀ ନିଜ ମାତୃଭାଷା ଉପରେ ଏକ ଗୀତ ପରିବେଷଣ କରିଥିଲେ। ଜୀବନାନନ୍ଦ ଷଡ଼ଙ୍ଗୀ ମଞ୍ଚ ସଞ୍ଚାଳନ କରିଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ପ୍ରହ୍ଲାଦ କୁମାର ସାହୁ ଅତିଥି ପରିଚୟ ପ୍ରଦାନ ଏବଂ ଉଦ୍ଧବ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ନାଟ୍ୟ ମହୋତ୍ସବ ପ୍ରସ୍ତୁତି ବୈଠକ

**ସମ୍ବଲପୁର, ୨୭ା୨ (ସମିସ) :** ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ଭୁବନେଶ୍ୱର ପକ୍ଷରୁ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ପରିଷଦ, ସମ୍ବଲପୁର



ମିଳିତ ସହଯୋଗରେ ଆସନ୍ତା ମାର୍ଚ୍ଚ ୯ରୁ ୧୩ ତାରିଖ ପର୍ଯ୍ୟନ୍ତ ତପସ୍ୱିନୀ ହଲ୍‌ରେ ପ୍ରଥମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ 'ରଙ୍ଗ ସଙ୍ଗମ' ଆୟୋଜିତ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଏକାଡେମୀର ସାଧାରଣ ପରିଷଦ ସଦସ୍ୟ ତଥା ମଞ୍ଚ ନାୟକର ସମ୍ପାଦକ ପ୍ରଦୀପ ପଣ୍ଡାଙ୍କ ଆବାହକତ୍ୱରେ ସମ୍ବଲପୁରର ବିଭିନ୍ନ ନାଟ୍ୟ ଅନୁଷ୍ଠାନର ନାଟ୍ୟକର୍ମୀ ମାନଙ୍କୁ ନେଇ ସ୍ଥାନୀୟ ସମ୍ବଲପୁର କଳା କେନ୍ଦ୍ରଠାରେ ଆଜି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନାଟ୍ୟ ମହୋତ୍ସବର ସଫଳ ରୂପାୟନ କେମିତି ହେବ ସେ ଉପରେ ରଙ୍ଗକର୍ମି ମାନେ ନିଜ ନିଜ ମତ ମତ ରଖିଥିଲେ। ବୈଠକରେ ଏକାଡେମୀର କାର୍ଯ୍ୟକାରୀ ସଦସ୍ୟ ରଞ୍ଜନ କୁମାର ସାହୁଙ୍କ ସମେତ ଡ. ସୁରୁବାବୁ ମେହେର, ବିପିନ ବିହାରୀ ଦାସ, ସନ୍ତୋଷ ମିଶ୍ର, ପ୍ରଶାନ୍ତ ମହାରଣା, ଦିଲ୍ଲୀପ କୁମାର ଦେବ, ଜଗଦୀଶ ନାରାୟଣ ମହାପାତ୍ର, ପୁଷ୍ପାଞ୍ଜଳି ବେହେରା, ସତ୍ୟରଞ୍ଜନ ବେହେରା, ପ୍ରଶାନ୍ତ କୁମାର ମାଝୀ, ସଞ୍ଜୀବ କୁମାର ପାଢ଼ୀ, ଆଶିଷ କୁମାର ସୋନାର, ଡ. ସିଦ୍ଧାର୍ଥ କୁମାର ପଣ୍ଡା, ବିରୁପାକ୍ଷ ପ୍ରଧାନ, ମମତା ପଣ୍ଡା, ଅତୀଶ କୁମାର ଶତପଥୀ, ମାନସ ରଞ୍ଜନ ମିଶ୍ର, ଜୟଶ୍ରୀ ପୁରୋହିତ, ସୌମ୍ୟଜିତ ବଡ଼ପଣ୍ଡା, ସଙ୍ଗୀତା ସାହୁ, ସୁଜିତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏକାଡେମୀର କାର୍ଯ୍ୟକାରୀ ସଦସ୍ୟ ଶ୍ରୀ ସାହୁ ଆସନ୍ତା ମହୋତ୍ସବରେ ବିଭିନ୍ନ ଅନୁଷ୍ଠାନ, କଳା ସାହିତ୍ୟ ସଂସ୍କୃତିପ୍ରେମୀ ତଥା ସମ୍ବଲପୁରବାସୀଙ୍କ ସହଯୋଗ କାମନା କରିଥିଲେ।

## ଏଏମ୍‌ବିଏ-ବିଜିଏ ଅନ୍ତର୍ଜାତୀୟ ମାନ୍ୟତା ଯାତ୍ରାରେ ଆଇଆଇଏମ୍ ସମ୍ବଲପୁର

**ସମ୍ବଲପୁର, ୨୭ା୨ (ସମିସ)**

ପ୍ରମୁଖ ପ୍ରବନ୍ଧନ ଶିକ୍ଷା ସଂସ୍ଥାନ, ଆଇଆଇଏମ ସମ୍ବଲପୁରକୁ ଏକଦିବସୀୟ ଗସ୍ତରେ ଆସିଥିବା ଏସୋସିଏସନ୍ ଅଫ୍ ଏମ୍‌ବିଏଜ୍ (ଏଏମ୍‌ବିଏ) ଏବଂ ବିଜନେସ୍ ଗ୍ରାଜୁଏଟ୍ସ ଏସୋସିଏସନ୍ (ବିଜିଏ) ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଣ୍ଡ୍ରୁ ମେନ୍ ଉଇଲସନ୍ ଓ ଭାରତ ପାଇଁ ଏଏମ୍ବିଏର କୌଶଳଗତ ସମ୍ପର୍କ ପ୍ରବନ୍ଧକ ଶିଖା ଟାଉଙ୍କଙ୍କୁ ଏହାର କ୍ୟାମ୍ପସରେ ସ୍ୱାଗତ କରିଛି। ଏହି ଗସ୍ତ ସଂସ୍ଥାନର ବିଶ୍ୱସ୍ତରୀୟ ସମ୍ପର୍କ ସୁଦୃଢ଼ କରିବା ସହିତ ଦାୟିତ୍ୱଶୀଳ ପ୍ରବନ୍ଧନ ଶିକ୍ଷା ପ୍ରତି ଏହାର ଦୃଢ ସଂକଳ୍ପକୁ ପ୍ରତିଫଳିତ କରୁଛି। ଆଇଆଇଏମ ସମ୍ବଲପୁରକୁ ବିଜନେସ୍ ଗ୍ରାଜୁଏଟ୍ସ ଏସୋସିଏସନ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀଙ୍କ ପରିଦର୍ଶନ କରିବା ସଂସ୍ଥାନ କିପରି ଆନ୍ତର୍ଜାତୀୟ ଶିକ୍ଷାମାନ ଅନୁସରଣ କରିବା ସହିତ ମୂଳସ୍ତରରେ ପ୍ରଭାବ ସୃଷ୍ଟି କରୁଛି, ତାହା ଦର୍ଶାଇଛି। ଏହି ଗସ୍ତ ସମୟରେ ଶ୍ରୀ ଉଇଲସନ୍, ସଂସ୍ଥାନର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ, ଡିନ୍, ବିଜିଏ ସମିତି ଏବଂ କାର୍ଯ୍ୟକ୍ରମ ଅଧ୍ୟକ୍ଷମାନଙ୍କ ସମେତ ବରିଷ୍ଠ ନେତୃତ୍ୱ ଦଳ ସହ ବିସ୍ତୃତ ଆଲୋଚନା କରିଥିଲେ। ଆଲୋଚନାର କେନ୍ଦ୍ରବିନ୍ଦୁ ଥିଲା ଗୁଣାତ୍ମକ ଶିକ୍ଷା, ବିଶ୍ୱ ମାନ୍ୟତା ମାନଦଣ୍ଡ, କ୍ୟାମ୍ପସ ଉନ୍ନୟନ, କୌଶଳଗତ ସହଯୋଗ, ଡିଜିଟାଲ୍ ପରିବର୍ତ୍ତନ ଏବଂ ପ୍ରବନ୍ଧନ ଶିକ୍ଷାରେ ଉଦୀୟମାନ ପ୍ରଯୁକ୍ତିର ସମାବେଶ।



ଆଇଆଇଏମ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ଜୟସ୍ୱାଲ କହିଛନ୍ତି, ଆଇଆଇଏମ ସମ୍ବଲପୁରରେ ଆମର ଦୃଷ୍ଟିକୋଣ ହେଉଛି ବିଶ୍ୱସ୍ତରୀୟ ପ୍ରଯୁକ୍ତିକୁ ଏମ୍‌ବିଏ କ୍ଲାସରୁମ୍ ସୀମାରୁ ବାହାରକୁ ନେଇ ସେହି ଛାତ୍ରଛାତ୍ରୀଙ୍କ ପାଖରେ ପହଞ୍ଚାଇବା, ଯେଉଁମାନେ ବ୍ୟବସାୟ ଗଢ଼ିବା ଏବଂ ବିକାଶ କରିବାକୁ ଲକ୍ଷ୍ୟ ରଖିଛନ୍ତି। କୃତ୍ରିମ ବୁଦ୍ଧିମତ୍ତା, ଆନ୍ତର୍ଜାତୀୟ ସହଯୋଗ ଏବଂ ଶିକ୍ଷାଗତ ମାନଦଣ୍ଡର ଉନ୍ନତିକରଣ ମାଧ୍ୟମରେ ଆମେ ଆମର ମୂଳ ଗଠନକୁ ଆହୁରି ସୁଦୃଢ଼ କରୁଛୁ। ଏଏମ୍‌ବିଏ ଏବଂ ବିଜିଏର ସିଇଓ ଆଣ୍ଡ୍ରୁ ମେନ୍ ୱିଲସନ୍ କହିଥିଲେ, ମୁଁ ୧୮୦ରୁ ଅଧିକ ଦେଶ ଭ୍ରମଣ କରିଛି ଏବଂ ୨୦୦ରୁ ଅଧିକ ବିଜନେସ୍ ସ୍କୁଲ୍‌ସହ ନିକଟତମ ଭାବେ କାମ କରିଛି। ଏହି ଅନୁଭବରୁ ମୁଁ ନିଶ୍ଚିତ ଭାବେ କହିପାରେ ଯେ, ଭାରତ ବିଶ୍ୱର ଅନେକ ଅଞ୍ଚଳଠାରୁ ଅଧିକ ଭଲ ସ୍ଥିତିରେ ଅଛି। ଆଇଆଇଏମ ସମ୍ବଲପୁର ପରି ସଂସ୍ଥାଗୁଡ଼ିକ ଆତ୍ମବିଶ୍ୱାସୀ ଏବଂ ଅନୁକୂଳନଶୀଳ ନେତାମାନଙ୍କୁ ଗଢ଼ୁଛନ୍ତି, ଯାହା ତାଙ୍କ ସ୍ନାତକମାନଙ୍କୁ କଠିନ ବିଶ୍ୱ ଚାକିରି ବଜାରରେ ମଧ୍ୟ ପ୍ରକୃତ ଆଗୁଆ ଅବସ୍ଥାନ ଦେଇଛି।

ଏହି ପରିଦର୍ଶନ ସମାପ୍ତି ସହିତ ସଂସ୍ଥାନ ବିଶ୍ୱସ୍ତରୀୟ ମାନଦଣ୍ଡକୁ ସମୁଦାୟ ପରିବର୍ତ୍ତନ ସହ ଏକତ୍ର କରିବା ପ୍ରତି ନିଜର ଦୃଢ ପ୍ରତିବଦ୍ଧତାକୁ ଦର୍ଶାଇଛି। ଆନ୍ତର୍ଜାତୀୟ ଶିକ୍ଷା ମାନକକୁ ଅନ୍ତର୍ଭୂକ୍ତିମୂଳକ ଉଦ୍ୟମୀତା ଏବଂ ସ୍ଥାନୀୟ ସଶକ୍ତିକରଣ ସହ ଏକତ୍ର କରି, ସଂସ୍ଥାନ ସ୍ଥାୟୀ ଏବଂ ଦାୟିତ୍ୱଶୀଳ ଆର୍ଥିକ ଉନ୍ନତି ପାଇଁ ନେତୃତ୍ୱ ଗଢ଼ି ତୋଳୁଛି।



ସମ୍ବଲପୁରର ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀଙ୍କ ଦ୍ୱାଦଶାହ କାର୍ଯ୍ୟରେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଦେଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

### ପୂର୍ବତନ ମୃତ୍ତିକା ସଂରକ୍ଷଣ ଅଧିକାରୀ ଭିଜିଲାନ୍ସ କୋର୍ଟରେ ଦଣ୍ଡିତ

## ୩ ବର୍ଷ ଜେଲ୍ ସହ ୨୦ ହଜାର ଟଙ୍କା ଜରିମାନା

**ଭବାନୀପାଟଣା, ୨୭ ।୨ (ସମିସ):** କଳାହାଣ୍ଡି ଜିଲ୍ଲା ନର୍ଲା ଜଳ ଛାୟା ପ୍ରକଳ୍ପ -୧ର ପୂର୍ବତନ ପ୍ରକଳ୍ପ କାର୍ଯ୍ୟକାରୀ କର୍ତ୍ତୃପକ୍ଷ ତଥା କନିଷ୍ଠ ମୃତ୍ତିକା ସଂରକ୍ଷଣ ଅଧିକାରୀ ଅମର କୁମାର ଦାସ ଗତ ୨୦୦୯ ମସିହାର ଏକ ଲାଞ୍ଚ ମାମଲାରେ ଶୁକ୍ରବାର ଭିଜିଲାନ୍ସ କୋର୍ଟରେ ଦଣ୍ଡିତ ହୋଇଛନ୍ତି । ଭବାନୀପାଟଣା ସ୍ଥିତ ଜିଲ୍ଲା ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ବିଚାରପତି ବଦ୍ରୀ ନାରାୟଣ ନନ୍ଦ ମାମଲାର ବିଚାର କରି ଅଭିଯୁକ୍ତ କନିଷ୍ଠ ମୃତ୍ତିକା ସଂରକ୍ଷଣ ଅଧିକାରୀ ଦାସଙ୍କୁ ୩ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇବା ସହ ୨୦ ହଜାର ଟଙ୍କା ଜରିମାନା କରିଛନ୍ତି । ଜରିମାନା ଅନାଦେୟ ହେଲେ ଆହୁରି ୩ ମାସ ଅତିରିକ୍ତ ଜେଲ ଦଣ୍ଡାଦେଶ ଭୋଗିବାକୁ ପଡ଼ିବ ବୋଲି ନିଜ ରାୟରେ ଉଲ୍ଲେଖ କରିଛନ୍ତି ।ମିଳିଥିବା ସୂଚନା ଅନୁଯାୟୀ, ଭବାନୀପାଟଣା ଆରଇଓ କଲୋନୀର ସଞ୍ଜୀବ କୁମାର ପାତ୍ର (ଅଭିଯୋଗ କାରୀ) ନର୍ଲା ଦଧିବାମନ ମାଇକ୍ରୋ ୱାଟରସେଡ ପ୍ରୋଜେକ୍ଟ -୧ରେ ବିଭିନ୍ନ ପ୍ରକାରର ଉନ୍ନତି ମୂଳକ କାର୍ଯ୍ୟ ଗୁଡିକର ନିରୀକ୍ଷଣ କରୁଥିବାବେଳେ ୟୁଟିଲାଇଜେସନ ସାର୍ଟିଫିକେଟ ଜରିଆରେ ଏକ କାମର ଅନୁଦାନ ରିଲିଜ କରିବାକୁ ଅଭିଯୁକ୍ତ ମୃତ୍ତିକା ସଂରକ୍ଷଣ ଅଧିକାରୀ ଦାସଙ୍କୁ ଅନୁରୋଧ କରିଥିଲେ । ତେବେ ଏହି କାମ କରିଦେବା ପାଇଁ ଅଭିଯୋଗ କାରୀ ପାତ୍ରଙ୍କୁ ଅଭିଯୁକ୍ତ ମୃତ୍ତିକା ସଂରକ୍ଷଣ ଅଧିକାରୀ ଦାସ ୬୮୬୫ ଟଙ୍କା ଲାଞ୍ଚ ମାଗିଥିଲେ । ଯାହାଫଳରେ ଏହାକୁ ନେଇଁ ଅଭିଯୋଗ କାରୀ ପାତ୍ର ୧୧.୧୧.୨୦୦୯ ରେ ଭବାନୀପାଟଣା ଭିଜିଲାନ୍ସ ବିଭାଗ ଠାରେ ଅଭିଯୋଗ କରିଥିଲେ । ଏହାର ଦିନକ ପରେ ଅର୍ଥାତ ୧୨ ତାରିଖ ନିଜ କାର୍ଯ୍ୟାଳୟରେ ଅଭିଯୋଗ କାରୀ ପାତ୍ରଙ୍କ ଠାରୁ ଅଭିଯୁକ୍ତ ମୃତ୍ତିକା ସଂରକ୍ଷଣ ଅଧିକାରୀ ଦାସ ୬୮୬୫ ଟଙ୍କା ଲାଞ୍ଚ ନେଉଥିବାବେଳେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଟିମ ତାଙ୍କୁ ମାଡି ବସିଥିଲା । ପରବର୍ତ୍ତୀ ସମୟରେ ଭିଜିଲାନ୍ସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସୁଧୀର କୁମାର ପଣ୍ଡା ଓ ଇମ୍ରାନ ଖାଁ ପରିଚାଳନା କରିଥିଲେ ।

## ଅଞ୍ଚଳ ମହାବିଦ୍ୟାଳୟ ଓଡ଼ିଆ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ



**ପଦ୍ମପୁର, ୨୭ ।୨(ସମିସ):** ଶୁକ୍ରବାର ସ୍ଥାନୀୟ ଅଞ୍ଚଳ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଓଡ଼ିଆ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାଶ ସଭାପତିତ୍ୱ କରି ସାହିତ୍ୟର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଅଧ୍ୟାପିକା ରୀନା ଧର୍ମ ବିନାୟକ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବାବେଳେ ଓଡ଼ିଆ ବିଭାଗର ମୁଖ୍ୟ ଡ. ସରୋଜ କୁମାର ନାଏକ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ନିର୍ମଳ କୁମ୍ଭାର ବାର୍ଷିକ ବିବରଣୀ ପାଠ କରିଥିଲେ । ଡ. ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ବିଭିନ୍ନ ସାହିତ୍ୟ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ବିଶିଷ୍ଟ ସାହିତ୍ୟିକ କୃତି ପାଇଁ ଯୁକ୍ତ ତିନି ଛାତ୍ର କିରଣ କୁମାର ବାଗ ଏବଂ ଯୁକ୍ତ ଦୁଇ ଛାତ୍ର ସୌରଭ ଦାଶଙ୍କୁ ସମ୍ମାନିତ କରାଯାଇଥିଲା । ଶେଷରେ ପ୍ରାଧ୍ୟାପିକା ପୂର୍ଣ୍ଣିମା ଦୋରା ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରାଧ୍ୟାପକ ତାରାପ୍ରସାଦ ଶତପଥୀ, ପ୍ରମୋଦ କୁମାର ତ୍ରିପାଠୀ, ସନ୍ତୋଷ କୁମାର ମିଶ୍ର, କ୍ୟାପ୍ଟେନ୍ ଜୟକୁମାର ଭୁଏ, ଅଧ୍ୟାପିକା ସୁରେଶ୍ୱରୀ ପାଣ୍ଡେ ସହଯୋଗ କରିଥିଲେ ।

### ନାମକୁ ମାତ୍ର କପାମଣ୍ଡି ମୁଖ୍ୟ ସୂତ୍ରଧର ସାଜିଛନ୍ତି ଦଲାଲ

# କପାରୁ ଜିଲ୍ଲା ହରାଉଛି ରାଜସ୍ୱ

**ଭବାନୀପାଟଣା, ୨୭ ।୨(ସମିସ)**

କଳାହାଣ୍ଡି କପାର ଉନ୍ନତ ଗୁଣବତ୍ତା ପାଇଁ ବିଦେଶକୁ ରପ୍ତାନୀ ହେବାର ନଜିର ରହିଛି । କେବଳ ସେତିକି ନୁହେଁ କପା ଚାଷକୁ ନେଇ କଳାହାଣ୍ଡି ଜିଲ୍ଲା ରାଜ୍ୟରେ ସର୍ବାଗ୍ରେ ରହିବାର ସୁଯୋଗ ସୃଷ୍ଟି କରିପାରିଛି । କପା ଚାଷପରେ ଅମଳ ଓ ବିକ୍ରି ନୀତି ପାଇଁ ଚାଷୀ କେଉଁଠି ଲାଭବାନ ହେଉଛି ତ ଅଧିକାଂଶ ଚାଷୀ କଷ୍ଟ ଉପାର୍ଜିତ ପ୍ରାପ୍ୟ ପାଇନଥିବା ଲକ୍ଷ୍ୟ କରାଯାଇଛି ।କପା ବିକ୍ରି କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି ଦଲାଲ । ବାହାରି ବେପାରୀଙ୍କ ସଲାସୁତରରେ ଦଲାଲ ମାଧ୍ୟମରେ କପା ଜିଲ୍ଲା ବାହାରକୁ ଚାଲାଣ ହେଉଛି । ଆଶ୍ଚର୍ଯ୍ୟର ବିଷୟ କପା ବିକ୍ରିରେ କୌଣସି କଟକଣା ନାହିଁ କି କୌଣସି ସ୍ଥାନରେ ଚେକ ପଏଣ୍ଟ କିମ୍ବା ଚେକ ଗେଟଟର ବ୍ୟବସ୍ଥା ସରକାର ରଖିନାହାନ୍ତି ବୋଲି କପା ସ୍କିମ ଅଧିକାରୀ ପ୍ରକାଶ କରିଛନ୍ତି । କଳାହାଣ୍ଡିର କପା ଦୀର୍ଘ, ତନ୍ତୁଜାତୀୟ ଓ ଶକ୍ତ । କପା ଚାଷ ପାଇଁ ଚଳିତ ବର୍ଷ ପ୍ରାୟ ୨୫ ହଜାରରୁ ଉଜାର ଚାଷୀଙ୍କ ନାମ ପଞ୍ଜୀକୃତ ହୋଇଥିବା ସୂଚନା ମିଳିଛି । ଚଳିତ ବର୍ଷ କୃଷି ବିଭାଗ ୭୧, ୯୯୦ ହେକ୍ଟର ଜମିରେ କପା ଚାଷ କରାଯାଇଥିବା କଥା କହିବା ସହିତ ପ୍ରାୟ ୧୦.୭୧ ଲକ୍ଷ କୁଣ୍ଟାଲରୁ ଉର୍ଦ୍ଧ୍ୱକପା ଉତ୍ପାଦିତ ହେବ ବୋଲି ପ୍ରାକ ଆକଳନ କରିଥିଲେ । ଫସଲ କଥା ଦେଖିଲେ ଏହି ବର୍ଷ ୬ ରୁ ୭ ଲକ୍ଷ୍ୟ କୁଇଣ୍ଟାଲ କପା ଉତ୍ପାଦନ ହେବ ବୋଲି ବିଭାଗୀୟ ଅଧିକାରୀ ସ୍ୱୀକାର କରିଛନ୍ତି । ଏଯାବତ ୮୭୨୩ ଜଣ ଚାଷୀ ମାତ୍ର ୨ ଲକ୍ଷ ୪୧ ହଜାର ୪୪୦କୁଇଣ୍ଟାଲ କପା ବିକ୍ରି କରିଥିବା ବିଷୟ କପା ସ୍କିମ ଅଫିସରଙ୍କ ଠାରୁ ସୂଚନା ମିଳିଛି । ଚଳିତ



ବର୍ଷ କପାଚାଷୀ ମାନେ ନିଜର ଉତ୍ପାଦିତ କପାକୁ ନେଇ ଚିନ୍ତିତ ।କପାର ଏମଏସ୍‌ପି ମୂଲ୍ୟ ଏହିଥର ୮୧୧୦ଟଙ୍କା ହୋଇଥିଲେ ସୁଦ୍ଧା ଚାଷୀ ମଣ୍ଡି ଉପରେ ଭରସା ନକରି ଦଲାଲ ହାତରେ କମ ଦରରେ କପା ଟେକିଦେଉଛି । ଅନ୍ୟପଟେ କଟନ କର୍ପୋରେସନ ଇଣ୍ଡିଆ ଲିଃ ରାୟଗଡ଼ା ଶାଖା କାର୍ଯ୍ୟାଳୟ ରିପୋର୍ଟ ଆଧାରରେ ଜଣାପଡ଼ିଛି ଯେ ଯାହା କପା ମଣ୍ଡିରୁ ବିକ୍ରି ହୋଇଛି ତାହାକୁ ସିସିଆଇ ଜରିଆରେ ସମ୍ଭବ ହୋଇପାରିଛି । ତେବେ ଗତମାସ ୨୬ତାରିଖରୁ ମଣ୍ଡି ଚାଲୁ କରାଯାଇଥିଲେ ମଧ୍ୟ କପା ମଣ୍ଡିକୁ ଆଣି ବିକ୍ରି କରିବାରେ ଚାଷୀର ଅନିଚ୍ଛାଭାବ କାହିଁକି ପ୍ରଶାସନ ବୁଝିବା ଅତ୍ୟନ୍ତ ଜରୁରୀ । ଛୋଟ ଛୋଟ କପା ଚାଷୀ ମଣ୍ଡିକୁ କପା ଆଣିବା ପୂର୍ବରୁ ଦୁଆର ମୁହଁରେ ଦଲାଲ ହାଜର ହୋଇ କୁଇଣ୍ଟାଲ ପିଛା ସରକାରୀ ଦରଠାରୁ କମ ଟଙ୍କାରେ ମୂଲ ଚାଲ କରି କପା ଉଠାଇ ନେଉଛି ।ଦ୍ୱିତୀୟରେ କଳାହାଣ୍ଡି ଜିଲ୍ଲାରେ ଚୋରା ଚାଲାଣ ହେଉଥିବା କପା ଗାଡିକୁ ଅଟକାଇବାର କୌଣସି ସାଧନ ନାହିଁ ।

### ବ୍ୟବସ୍ଥା ପ୍ରତି ଧ୍ୟାନ ନାହିଁ
### ସମ୍ବେଦନଶୀଳ ସ୍ଥିତିରେ କପା ଚାଷୀ

କାରଣ ସରକାର ଗେଟ ବ୍ୟବସ୍ଥା ଆଉ ରଖିନାହାନ୍ତି । ଫଳରେ ଯିଏ ଯାହା ସୁବିଧା ଦେଖି କପା ପାର କରି ଖୁସ । କଳାହାଣ୍ଡିର କଳାମାଟିରେ ଉତ୍ପାଦିତ କପା ଅନ୍ତର୍ଜାତୀୟ ବଜାର ଠାରୁ ଆରମ୍ଭ କରି ମହାରାଷ୍ଟ୍ର, ଗୁଜୁରାଟ ପର୍ଯ୍ୟନ୍ତ ଚାହିଦା ରହିଆସିଛି । ସେତିକି ନୁହେଁ କଳାହାଣ୍ଡି ଚାଷୀ ଥାଇଲାଣ୍ଡ ଓ ବାଂଲାଦେଶ ଭଳି ସ୍ଥାନକୁ କପା ପଠାଇବାରେ ସଫଳତା ପ୍ରାପ୍ତ କରିଛନ୍ତି । କିନ୍ତୁ ଏଥର ସରକାରୀସ୍ତରରେ କପା ମଣ୍ଡି ଖୋଲିବାଠାରୁ ବିକ୍ରି ପ୍ରକ୍ରିୟା ପର୍ଯ୍ୟନ୍ତ ଯେଉଁଭଳି ତଦାରଖ କରାଯିବା କଥା ବୋଧେ ତାହା ହୋଇନାହିଁ । କାରଣ ଖରିଫ ଧାନ ସଂଗ୍ରହ ଜିଲ୍ଲା ପ୍ରଶାସନର ମୁଣ୍ଡବିନ୍ଧାର କାରଣ ସାଜିଛି । କପାର ଦର ଯାହାହେଉ ବାହାର ବେପାରୀଙ୍କୁ ବିକ୍ରି କରି ଲାଭବାନ ହେବାର ଆଶା ସେପଟେ ମଣ୍ଡିକୁ କପା ଆଣି ଗୁଣବତ୍ତା ନଥିବା କାରଣରୁ କମ୍ ଦରରେ କପାକୁ ବିକ୍ରି କରିବାର ଚିନ୍ତା ଚାଷୀକୁ ଅଡୁଆରେ ପକାଇ ଆସୁଛି । ଅନ୍ୟ ପକ୍ଷରେ ପଡୋଶୀ ଜିଲ୍ଲା ଓ ନାଗପୁର ଓ ଆନ୍ଧ୍ରର କିଛି ଦଲାଲ କପାଚାଷୀଙ୍କୁ ପ୍ରଲୋଭନ ଦେଖାଇ ଚୋରାରେ ଜିଲ୍ଲା ବାହାରକୁ ନେଇ ଯାଉଥିବା ଜଣାପଡ଼ିଛି । ଜିଲ୍ଲାର ଆଠରୁ ଦଶଟି ସ୍ଥାନରେ ବାହାର ବ୍ୟବସାୟୀମାନ ପ୍ରତିବର୍ଷ ଦେଢ ଲକ୍ଷରୁ ଦୁଇ ଲକ୍ଷରୁ ଉର୍ଦ୍ଧ୍ୱ କୁଇଣ୍ଟାଲ ପର୍ଯ୍ୟନ୍ତ କପା ଚୋରା ଚାଲାଣ ହେଉଥିଲେ ହେଁ ପ୍ରଶାସନ ତରଫରୁ କୌଣସି ଅଙ୍କୁଶ ଲଗାଇବା ବ୍ୟବସ୍ଥା କରାଯାଉନାହିଁ । ପ୍ରଶ୍ନ ଉଠୁଛି ଚଳିତ ବର୍ଷ ଅମଳ ହୋଇଥିବା କପାରୁ ସିସିଆଇ ପ୍ରାୟ ୨ ଲକ୍ଷ ୪୧ ହଜାର କୁଣ୍ଟାଲ କପା ନେବା ମଧ୍ୟରେ ଆରଏମସି ରାଜସ୍ୱ ବାବଦକୁ ଯାହା ପାଇଥିଲେ ସୁଦ୍ଧା ବଳକା ୫କୁଇଣ୍ଟାଲରୁ ଉର୍ଦ୍ଧ୍ୱ କପା କେଉଁ ଗଳା ବାଟରେ ଜିଲ୍ଲା ବାହାରକୁ ଗଲା ସେ ହିସାବ କାହାପାଖରେ ନାହିଁ । ସେହି ପରିମାଣ କପାର ରାଜସ୍ୱ ଆରଏମସି ହରାଇବା କପା ବିକ୍ରୀର ସାଙ୍ଘାତିକ ସ୍ଥିତି ଓ ଆଖିବୁଜା ନୀତିକୁ ପଦାରେ ପକାଇଛି ।

## ଚକରକେନ୍ଦ ମହାବିଦ୍ୟାଳୟରେ ରକ୍ତଦାନ ଶିବିର



**ବରଗଡ଼, ୨୭ ।୨(ସମିସ):** ବରଗଡ଼ ସ୍ଥିତ ସନ୍ଥକବି ଭୀମଭୋଇ ମହିମା +୩ ମହାବିଦ୍ୟାଳୟ ଚକରକେନ୍ଦ ଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡଙ୍ଗୀ ଯୋଗଦେଇ ଥିଲେ । ଶିବିରରେ ପ୍ରାୟ ୫୦ ଜଣ ରକ୍ତଦାତା ଯୋଗଦେଇ ଥିଲାବେଳେ ୩୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କଲେଜର ସମସ୍ତ ମେମ୍ବର ଯୋଗଦେଇ ଥିଲେ । ପୂର୍ଣ୍ଣଚନ୍ଦ୍ର ସାହୁ, ରାଜଲକ୍ଷ୍ମୀ ବାରିକ, ପଦ୍ମାଳୟା ପଧାନ, ଖଗେଶ୍ୱର ଭୋଇ, ସୁଶୀଳ ବାରିକ, ଜୁବିଲି ପଧାନ, ମାନସୀ ଖମାରି, ଅଙ୍କିତ କୁମାର ଦାଶ, ଉଦିତ କୁମାର ମହାପାତ୍ର, ଦେବରାଜ ସାହୁ, ଲୀଳାବତୀ ପଧାନ, ଚିନ୍ମୟୀ ମହାପାତ୍ର, ହରିବୋଲ ପଧାନ, ପ୍ରତାପ ସାହୁ ଶଙ୍କର୍ଷଣ ପଧାନ, ଅହଲ୍ୟା ସାହୁ ଓ ପ୍ରମୋଦ ସେଠ ସହଯୋଗ କରିଥିଲେ ।

## ନିରନ୍ତର ବିକାଶ ଲକ୍ଷ୍ୟ ଉପରେ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ

**ବରଗଡ଼, ୨୭।୨(ସମିସ):** ତୃଣମୂଳସ୍ତରରେ ନିରନ୍ତର ବିକାଶ ଲକ୍ଷ୍ୟ-୨୦୩୦ର କାର୍ଯ୍ୟାନ୍ୱୟନକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଏକଦିନିଆ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମକୁ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହା ଶୁଭାରମ୍ଭ କରି ଦୀର୍ଘସ୍ଥାୟୀ ବିକାଶ ନିମନ୍ତେ ସମସ୍ତେ କାର୍ଯ୍ୟ କରିବା ପାଇଁ ଆହ୍ୱାନ କରିଥିଲେ । ଜିଲ୍ଲା ଯୋଜନା ପର୍ଯ୍ୟାଲୋଚନା ବିଭାଗୀୟ ଯୁଗ୍ମ ନିର୍ଦ୍ଦେଶକ ଉଦ୍ଧବ ଚନ୍ଦ୍ର ନାୟକ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ପ୍ରଶିକ୍ଷଣରେ ସାଧନ କର୍ମୀ ଭାବେ କଳାହାଣ୍ଡି ଡିପିଏମୟୁ ଏମପିଏଲଇ ଡ. କୁମଦିନୀ ମିଶ୍ରଙ୍କ ସମେତ ଯୁଗ୍ମ ନିର୍ଦ୍ଦେଶକ ଶ୍ରୀକାନ୍ତ କୁମାର ଦଲେଇ ଏବଂ ପାଇକମାଲ ବ୍ଲକ ଏବିପି ଫେଲୋ ମଧୁସ୍ମିତା ବେହେରା ଉପସ୍ଥିତ ରହି ନିରନ୍ତର ବିକାଶ ଲକ୍ଷ୍ୟ-୨୦୩୦ ଅନ୍ତର୍ଗତ ୧୭ ଗୋଟି ଲକ୍ଷ୍ୟ ତଥା ଏହାର ପ୍ରସଙ୍ଗିକତା ଉପରେ ଆଲୋଚନା କରିଥିଲେ । ଏଥିସହ ଏସଡ଼ିଜିର ସମସ୍ତ ଇଣ୍ଡିକେଟର ଫ୍ରେମୱାର୍କ, ମନିଟରିଂ ପ୍ରଣାଳୀ, ତଥ୍ୟ ସଂଗ୍ରହର ଉତ୍ସ ଏବଂ ବିକାଶ ପାଇଁ ଲୋକ ପ୍ରତିନିଧି ଏବଂ ସରକାରୀ କର୍ମଚାରୀଙ୍କ ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରିବା ଉପରେ ଆଲୋଚନା କରିଥିଲେ ।



### ବିଜେପୁର ବ୍ଲକ୍‌ରେ ମିଳୁନି ଉଚ୍ଚଶିକ୍ଷାର ସୁବିଧା

## ୧୨୮ ରେ ସୀମିତ ବିଜେପୁର ଡିଗ୍ରୀ କଲେଜ ସିଟ୍

**ବିଜେପୁର, ୨୭ ।୨(ସମିସ):** ବରଗଡ଼ ଜିଲ୍ଲା ବିଜେପୁର ଅଞ୍ଚଳରେ ଉଚ୍ଚ ଶିକ୍ଷାର ପ୍ରସାର ପାଇଁ ୧୯୮୯-୯୦ ମସିହାରେ ବିଜେପୁର ଡିଗ୍ରୀ ମହାବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା । ଉଚ୍ଚଶିକ୍ଷାର ବିକାଶ ପାଇଁ ଏହି ଗୋଟିଏ ମହାବିଦ୍ୟାଳୟ ସେହି ସମୟରେ ଅଞ୍ଚଳ ପାଇଁ ପର୍ଯ୍ୟାପ୍ତ ରହିଥିଲା । ଏବେ ସ୍ଥିତିରେ ପରିବର୍ତ୍ତନ ଆସିଛି । ଉକ୍ତ ମହାବିଦ୍ୟାଳୟରେ ଯୁକ୍ତ ତିନି କଳାର ସିଟ୍ ସଂଖ୍ୟା ରହିଛି ୧୨୮ । ଅନ୍ୟପକ୍ଷରେ ଉକ୍ତ ବ୍ଲକରେ ବିଜେପୁର, ତାଳପଦର, ପୁଟୁକିଗ୍ରିଜେଲ, ଲାଉମୁଣ୍ଡା, ଜାଲପାଳି, କଟାପାଳି ଏବଂ ବିଜେପୁରରେ ଏକ ଘରୋଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରହିଛି । ଏହା ବ୍ୟତିତ ଗାଇସିଲେଟ ବ୍ଲକର ଗୁଦେରପାଳି ଓ ବରପାଳି ବ୍ଲକର କଟାପାଳି ସମେତ କେତେକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମଧ୍ୟ ବିଜେପୁର ନିକଟରେ ରହିଛି । ୯ରୁ ଅଧିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରତିବର୍ଷ ଗୋଟିଏ ଶ୍ରେଣୀରେ ୧୫ଶହରୁ ଅଧିକ ଛାତ୍ର ଛାତ୍ରୀ ପାଠ ପଢୁଛନ୍ତି । ତେଣୁ ଯୁକ୍ତ ଦୁଇ କଳା ପାଠ ସରିବା ପରେ ନିକଟସ୍ଥ ବିଜେପୁର ଡିଗ୍ରୀ ମହାବିଦ୍ୟାଳୟ ଠାରେ ସିଟ୍ ଟିଏ ପାଇବା ପାଇଁ ଅଧିକାଂଶ ଛାତ୍ର ଛାତ୍ରୀଙ୍କ ନଜର ରହୁଛି । ମାତ୍ର ସମୁଦ୍ରକୁ ଶଂଖେ ସଦୃଶ ୧୨୮ ସିଟ୍‌କୁ ନେଇ ପ୍ରତିବର୍ଷ ନିରାଶ ହେଉଛନ୍ତି ଛାତ୍ରଛାତ୍ରୀ । ବର୍ଷେ ପୂର୍ବରୁ ବ୍ଲକ ଅଧୀନ କଟାପାଳି ଠାରେ ଏକ ଯୁକ୍ତ ତିନି ମହିଳା ମହାବିଦ୍ୟାଳୟ ଆରମ୍ଭ ହୋଇଥିବାରୁ କିଛିଟା ଛାତ୍ରୀଙ୍କୁ ସହାୟ ହୋଇପାରିଛି ।





ବିଜେପୁର ଅଞ୍ଚଳରେ ଉଚ୍ଚଶିକ୍ଷାର ବିକାଶ ପାଇଁ ଡିଗ୍ରୀ ମହାବିଦ୍ୟାଳୟ ପ୍ରତିଷ୍ଠା ହୋଇଥିବା ବେଳେ ଅଞ୍ଚଳରେ ପର୍ଯ୍ୟାପ୍ତ ସୁଯୋଗ ମିଳିପାରୁ ନାହିଁ ବୋଲି ବିଜେପୁର ଅଞ୍ଚଳର ଶିକ୍ଷାପ୍ରେମୀ ମତ ପ୍ରକାଶ କରିଛନ୍ତି । ପ୍ରାୟ ତିନି ଦଶନ୍ଧି ହେବ ସିଟ ସଂଖ୍ୟାରେ ବୃଦ୍ଧି କରାଯାଇ ନାହିଁ । ଫଳରେ ପ୍ରାୟ ୭୫-୮୦ପ୍ରତିଶତ କଟଅଫ ମାର୍କ ଯାଉଥିବା ବେଳେ ସ୍ଥାନୀୟ ଛାତ୍ର ଛାତ୍ରୀମାନେ ପାଠପଢ଼ାରୁ ବଞ୍ଚିତ ହେଉଛନ୍ତି । ଏହି ସମସ୍ୟା ସଂକ୍ରାନ୍ତରେ ମହାବିଦ୍ୟାଳୟ ଅଧକ୍ଷ ପ୍ରଦୀପ ମିଶ୍ରଙ୍କୁ ପଚରାଯିବାରୁ ନାମ ଲେଖାଇବା ପାଇଁ ଅନ୍‌ଲାଇନରେ ପିଲାଏ ପଞ୍ଜିକରଣ କରୁଛନ୍ତି ଏବଂ ମାର୍କ ଆଧାରରେ ସିଟ ପାଉଛନ୍ତି ବୋଲି କହିଛନ୍ତି । ଯୁକ୍ତ ତିନି ନାମ ଲେଖାଇବା ପାଇଁ ବିଗତ କିଛି ବର୍ଷରୁ ସରକାର ଅନଲାଇନ ବ୍ୟବସ୍ଥା କରିଛନ୍ତି ଏବଂ ପିଲାମନେ ମାର୍କ ଆଧାରରେ ନାମ ଲେଖାଇବା ପାଇଁ ଯୋଗ୍ୟ ବିବେଚିତ ହେଉଛନ୍ତି । କିନ୍ତୁ ନାମଲେଖାଇବା ସମୟରେ ପସନ୍ଦ ତାଲିକାରେ ଛାତ୍ର ଛାତ୍ର ମାନେ ସ୍ଥାନୀୟ ମହାବିଦ୍ୟାଳୟକୁ ପ୍ରଥମ ପସନ୍ଦରେ ରଖିଥାନ୍ତି । ଏପରିକି ବହୁ ସଂଖାରେ ଛାତ୍ର ଛାତ୍ରୀମାନେ ନିକଟସ୍ଥ କଲେଜରେ ସିଟ ନ ପାଇଲେ ଡ୍ରପ୍ ଆଉଟ୍ ହେଉଛନ୍ତି । ଗତ ୨୦୨୫-୨୬ ଶିକ୍ଷାବର୍ଷରେ ଯୁକ୍ତ ତିନି କଳାରେ ୩୭୯ଜଣ ଛାତ୍ର ଛାତ୍ରୀଙ୍କ ପ୍ରଥମ ପସନ୍ଦ ଉକ୍ତ ମହାବିଦ୍ୟାଳୟ ରହିଥିଲା । ତେଣୁ ବ୍ଲକରେ ଏକମାତ୍ର ସାଧାରଣ ଡିଗ୍ରୀ ମହାବିଦ୍ୟାଳୟ ଏବଂ ତହିଁରେ କମ ସଂଖ୍ୟାରେ ସିଟ୍ ସ୍ଥାନୀୟ ଅଞ୍ଚଳରେ ଉଚ୍ଚ ଶିକ୍ଷାର ପ୍ରସାର ପାଇଁ ବାଧକ ସୃଷ୍ଟି କରୁଛି ବୋଲି ଆଲୋଚନା ହେଉଛି ।

### ଗଣ୍ଡାବାହାଲି ମୁଖ୍ୟ ରାସ୍ତା ନିର୍ମାଣ କାର୍ଯ୍ୟ ବାଟବଣା

# ବାରମ୍ବାର ଅଭିଯୋଗ ସତ୍ତ୍ୱେ ଚୁପ୍ ଜିଲ୍ଲା ପ୍ରଶାସନ

**ସିନାପାଲି, ୨୭ ।୨(ସମିସ)**

ସିନାପାଲିରୁ ଖଡ଼ିଆଳ ମୁଖ୍ୟ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁଥିବା ବେଳେ ଗଣ୍ଡାବାହାଲି ନିକଟରେ ରାସ୍ତା କାମ ଅଟକି ରହିଥିବା ଦେଖିବାକୁ ମିଳୁଛି । ରାସ୍ତା ନିର୍ମାଣ ସହ ପ୍ରଶସ୍ତିକରଣ ଦ୍ୱାରା ଗଣ୍ଡାବାହାଲି ଠାରେ ଅନେକ ଘର କୋଠା ଭାଙ୍ଗିବା ଆବଶ୍ୟକ ରହିଛି । ହେଲେ ଏନେଇ ରାଜସ୍ୱ ବିଭାଗ ଜବରଦଖଲ ଉଚ୍ଛେଦ କରି କୋଠା ଭାଙ୍ଗିବା ରେ ସକ୍ଷମ ହୋଇପାରୁ ନାହିଁ । ଯଦ୍ୱାରା ଗଣ୍ଡାବାହାଲି ଠାରେ ମୁଖ୍ୟ ରାସ୍ତା ନିର୍ମାଣ ବାଟବଣା ବୋଲି ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି । ରାଜସ୍ୱ ବିଭାଗ ଜବରଦଖଲ ଚିହ୍ନଟ କରି ସାରିଛି । ହେଲେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇପାରୁ ନାହିଁ । ଏଥିରେ ସିନାପାଲି ରାଜସ୍ୱ ବିଭାଗ ନୀରବ ପାଲଟିବାର ଅସଲ ଉଦ୍ଦେଶ୍ୟ କଣ ବୋଲି ପ୍ରଶ୍ନବାଚୀ ସୃଷ୍ଟି କରିଛି । ସିନାପାଲି ତହସିଲଦାର ତଥା ଜିଲ୍ଲା ରାଜସ୍ୱ ବିଭାଗ କାହା ଚାପରେ ପଡ଼ି ଉଚ୍ଛେଦ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପରିବର୍ତ୍ତେ ହାତ ବାନ୍ଧି ବସିଛନ୍ତି ବୋଲି ମତ ପ୍ରକାଶ ପାଇଛି । ଏ ପରିସ୍ଥିତିରେ ଏହା ତହସିଲଦାରଙ୍କ ଅବହେଳା ବୋଲି ଅଭିଯୋଗ



କରିଛନ୍ତି ପ୍ରକାଶ ଯୋଗ୍ୟ ଯେ ବର୍ଷବର୍ଷ ଧରି ଉକ୍ତ ରାସ୍ତା ନଈ ପାଲଟିଛି । ଦୈନିକ ଶହଶହ ଯାନବାହାନ ତଥା ଲୋକେ ଯାତାୟତରେ ଅସୁବିଧା ହେବା ସହ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଠାକାର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି । ବାରମ୍ବାର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅବଗତ କରାଯାଉଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିବା ପ୍ରକାଶ କରିଛନ୍ତି । ଜିଲ୍ଲାପାଳଙ୍କ ତାଗିଦ୍ ସତ୍ତ୍ୱେ ରାଜସ୍ୱ ବିଭାଗ କେବଳ ପ୍ରତିଶ୍ରୁତି ଦେଇ ଦିନ ପରେ ଦିନ ଗଡ଼ାଇ ଚାଲିଛନ୍ତି ।

### ମାର୍ଚ୍ଚ ୫ରୁ ରାସ୍ତା ରୋକ ଆନ୍ଦୋଳନ
### ତହସିଲର ଅପାରଗତା

ଏଭଳି ଅବହେଳାକୁ ନେଇ ବିଗତ ଦିନରେ ଗ୍ରାମବାସୀଙ୍କ ଦ୍ୱାରା ତହସିଲ ଅଫିସ ମଧ୍ୟ ଘେରାଉ କରାଯାଇଥିଲା । କେବଳ ପ୍ରତିଶ୍ରୁତି ଦେଇ ତହସିଲଦାର ନୀରବ ରହିଗଲେ । ପୁଣି ଗତ ୨୨ ତାରିଖ ଦିନ ଗ୍ରାମବାସୀଙ୍କ ଅଭିଯୋଗ ପରେ ସିନାପାଲି ପୁଲିସ ଅଧିକାରୀ ଯାଇ ଲୋକଙ୍କୁ ବୁଝାସୁଝା କରି ନିଜ ହାତରେ କୋଦାଳ ଧରି ରାସ୍ତାରୁ ଅଳିଆ ପାଣି ନିଷ୍କାସନ ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା । ହେଲେ ଏଭଳି ସ୍ଥିତିରେ ରାଜସ୍ୱ ବିଭାଗ ର ନିରବତା ଲୋକଙ୍କ ଅସନ୍ତୋଷର କାରଣ ପାଲଟିଛି । ଏପରିପ୍ରେକ୍ଷୀରେ ସ୍ଥାନୀୟ ଲୋକେ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହ ତୁରନ୍ତ ରାସ୍ତାକାମ ଆରମ୍ଭ ନହେଲେ ରାଜ ରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଥିଲେ । ହେଲେ କୌଣସି ପ୍ରକାର ପଦକ୍ଷେପ ନନେବାରୁ ପୁଣି ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ବୋଡେନ ରେ ଲିଖିତ ଅଭିଯୋଗ କରିଛନ୍ତି । ତୁରନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ନହେଲେ ଆସନ୍ତା ୫ତାରିଖରୁ ରାଜରାସ୍ତାରେ ଓହ୍ଲାଇ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଆନ୍ଦୋଳନ କହିବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି । ଉକ୍ତ ସମସ୍ୟାକୁ ନେଇ ବାରମ୍ବାର ଅଭିଯୋଗ କରି ଲୋକେ ଅଥୟ ହୋଇ ପଡ଼ିଥିବା ବେଳେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନେଇ ନଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଜିଲ୍ଲାପାଳ ଦୃଷ୍ଟିଦେବାକୁ ଦାବି ହୋଇଛି ।

## କଚେରି ଛକରେ ବାଟବଣା ହେଉଛନ୍ତି ପର୍ଯ୍ୟଟକ



**ସମ୍ବଲପୁର, ୨୭।୨ (ସମିସ) :** ଜିଲ୍ଲା ତଥା ରାଜ୍ୟ ବାହାରୁ ସମ୍ବଲପୁରକୁ ବୁଲିବା ପାଇଁ ଆସୁଥିବା ପର୍ଯ୍ୟଟକମାନେ ବିଭିନ୍ନ ସ୍ଥାନକୁ ଯିବା ସମୟରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏପରିସ୍ଥଳେ ସମ୍ବଲପୁରର ପର୍ଯ୍ୟଟନ କିଭଳି ବିକଶିତ ହେବ ବୋଲି ସଚେତନ ମହଲରେ ଉଦ୍‌ବେଗ ପ୍ରକାଶ ପାଉଛି ।

ସମ୍ବଲପୁରର ଚାରୋଟି ପ୍ରବେଶ ପଥ ରାସ୍ତା ମାନଙ୍କରେ ବି ସଠିକ୍ ପଥ ପ୍ରଦର୍ଶନକାରୀ ଫଳକ ନାହିଁ । ବିଡ଼ମ୍ବନାର ବିଷୟ ଜଣେ ପର୍ଯ୍ୟଟକ କଚେରୀ ଛକରେ ପହଞ୍ଚିବା ପରେ ସମଲେଶ୍ୱରୀ ମନ୍ଦିର ଯିବାକୁ ରାସ୍ତା ପଚାରିବାକୁ ପଡୁଛି । ଚାଉଁରପୁର ପୋଲ କଡ଼ରେ ଥିବା ଫଳକ ସାମ୍ନାରେ ପୁଲିସ ପହରା କ୍ୟାବିନ୍ ରହିଥିବାରୁ ତାହା ଦେଖାଯାଉନାହିଁ । ବାହାରୁ ଆସୁଥିବା ପର୍ଯ୍ୟଟକମାନେ ଚାଉଁରପୁର ପୋଲ ଉପରେ ଯାଇ ପାରିହେବା ପରେ ପୁଣି ପଛକୁ ଫେରୁଛନ୍ତି । କେହି କେହି ଭୁଲକ୍ରମେ ଘଣ୍ଟେଶ୍ୱରୀ ମନ୍ଦିର କିମ୍ବା ବସନ୍ତପୁର, ଗୋଶାଳା ପଟକୁ କେଇ କିଲୋମିଟର ଗଲାପରେ ଭୁଲ ରାସ୍ତା ବୋଲି ଜାଣିବାକୁ ପାଉଛନ୍ତି । ଜିଲ୍ଲା ପ୍ରଶାସନ ଓ ମହାନଗର ନିଗମକୁ କଚେରୀ ଛକରେ ତୀର ଚିହ୍ନ ସହ 'ସମଲେଶ୍ୱରୀ ମନ୍ଦିରକୁ ରାସ୍ତା' ଓ 'ଘଣ୍ଟେଶ୍ୱରୀ ମନ୍ଦିରକୁ ରାସ୍ତା' ବୋଲି ଫଳକ ଦେବାକୁ ଦାବି କରାଯାଇଥିଲେ ହେଁ ତାହା କର୍ଣ୍ଣପାତ କରାଯାଉନାହିଁ । ଏହାସହ ସମ୍ବଲପୁର ମହାନଗରର ପ୍ରତିଟି ମୁଖ୍ୟ ଛକରେ ସଠିକ୍ ଫଳକ ଲଗାଇବା ଆବଶ୍ୟକତା ରହିଛି । ପୁନଶ୍ଚ ପ୍ରଶାସନ ପକ୍ଷରୁ ଲଗାଯାଇଥିବା ଛୋଟ ଛୋଟ ଫଳକ କଡ଼ରେ ଉଠାଦୋକାନ କିମ୍ବା ବଡ଼ ବଡ଼ ଆକର୍ଷଣୀୟ ହୋର୍ଡିଙ୍ଗ ଲାଗିଥିବାରୁ ତାହା ବାହାରୁ ଆସିଥିବା ପର୍ଯ୍ୟଟକଙ୍କ ନଜରରେ ପଡୁନାହିଁ ।

ସମ୍ବଲପୁରବାସୀ ଡକ୍ଟର ସିଦ୍ଧାର୍ଥ ପଣ୍ଡାଙ୍କ ଅନୁଯାୟୀ, ସମ୍ବଲପୁରର ବହୁସ୍ଥାନରେ ଫଳକ ବା ସାଇନ୍‌ବୋର୍ଡ ଗୁଡ଼ିକ ଦେଖାଯାଉନାହିଁ । ସେଗୁଡ଼ିକ ଅଭାବରୁ ବାହାରୁ ଆସିଥିବା ଲୋକେ ହଇରାଣ ହେଉଛନ୍ତି । ସନ୍ଧ୍ୟାପରେ ଏହି ସମସ୍ୟା ବୃଦ୍ଧି ପାଉଥିବାବେଳେ ବିଳମ୍ବିତ ରାତିରେ ପର୍ଯ୍ୟଟକମାନେ ଭୁଲ ରାସ୍ତାରେ ଯାଇ ବେଳେବେଳେ ଲୁଟ୍‌ର ମଧ୍ୟ ଶିକାର ହେଉଛନ୍ତି । ଏଦିଗରେ ମହାନଗର ନିଗମ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ ।

## ମୁନିବାବା ମନ୍ଦିର ରତ୍ନମୁଦ ଉତ୍ସବ



**ବରଗଡ଼, ୨୭।୨(ସମିସ):** ସୋହେଲା ବ୍ଲକ ଶ୍ରିଗିଡ଼ା ପଞ୍ଚାୟତ ବାଇପାଲି ଗ୍ରାମର ମୁନିଗାଡ ପରିସରରେ ମୁନିବାବାଙ୍କ ମନ୍ଦିରର ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଅଷ୍ଟ ପ୍ରହରୀ ନାମ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଗ୍ରାମବାସୀଙ୍କ ଦ୍ୱାରା କଳସ ଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ମୁନିଗାଡ଼ର ଜଳକୁ ପୂଜନ କରାଯାଇଥିଲା। ଆଚାର୍ଯ୍ୟ ତରଣି ପଣ୍ଡିତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସିଦ୍ଧପୀଠରେ ମୁନିବାବାଙ୍କ ମନ୍ଦିର ରତ୍ନମୁଦ ମହୋତ୍ସବରେ ଆଖପାଖ ଅଞ୍ଚଳର ସହସ୍ରାଧିକ ଭକ୍ତଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ଏହି ଅବସରରେ ପଦ୍ମଶ୍ରୀ ଡ. ହଳଧର ନାଗ, ଡ. ସୁବାସ ମେହେର, ପ୍ରଫେସର କେଶ ରଞ୍ଜନ ପ୍ରଧାନ, ଦିଲ୍ଲୀପ ଯାଦବ, ଟିକେଲାଲ ତ୍ରିପାଠୀ, କପିଳେଶ୍ୱର ବାଗ, ଗୋପବନ୍ଧୁ ପୁରୋହିତ ପ୍ରମୁଖ ଉପସ୍ଥିତ ରହି ମୁନିବାବାଙ୍କ ମହିମା ବିଷୟରେ ଆଲୋକପାତ କରିଥିଲେ। ବାଇପାଲି ଗ୍ରାମବାସୀଙ୍କ ଉଦ୍ୟମରେ ସମସ୍ତ ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିବା ବେଳେ ଭଜନ କୀର୍ତ୍ତନରେ ଉକ୍ତ ପରିସର ଭକ୍ତି ମୟ ହୋଇଥିଲା।

### ବଢୁଛି ବାଲି ଚୋରା ଚାଲାଣ

## ସବୁଜାଣି ଚୁପ୍ ପ୍ରଶାସନ, ମାଇନିଂ ବିଭାଗ

ବରଗଡ଼, ୨୭।୨(ସମିସ)

ବରଗଡ଼ ଜିଲ୍ଲାରେ ବଢ଼ିଚାଲିଛି ବାଲି ମାଫିଆଙ୍କ ରାଜ୍। ମାଫିଆଙ୍କ କବ୍ଜାରେ ରହିଛି ଦନ୍ତା, ଜିରା ଓ ଅଙ୍ଗ ନଦୀ। ଭେଡେନରୁ ବରଗଡ଼, ବରଗଡ଼ରୁ ପଦ୍ମପୁର ସବୁଠି ବାଲି ଲୁଟ୍ ହେଉଥିବା ବେଳେ ଜିଲ୍ଲା ପ୍ରଶାସନ ଠାରୁ ଲୋକ ପ୍ରତିନିଧି ସମସ୍ତେ

### ଅସହାୟତା ପ୍ରକାଶ କଲେ ମାଇନିଂ ଅଧିକାରୀ

ଆଖି ବୁଜି ଦେଇଥିବା ଅଭିଯୋଗ ହୋଇଛି। କାଁଭାଁ ଲୋକ ଦେଖାଣିଆ ରେଡ୍ କରି ପ୍ରଶାସନ ଓ ମାଇନିଂ ବିଭାଗ ଚୁପ୍ ବସିବାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଭେଡନ ବ୍ଲକର ଦନ୍ତା ଓ ଜୀରା ନଦୀରୁ ପ୍ରତିଦିନ ଟ୍ରିପ୍‌ଟ୍ରିପ୍ ବାଲି ଚୋରି ହେଉଛି। ଏନେଇ ଥାନାରେ ମାମଲା ମଧ୍ୟ ରୁଜୁ ହୋଇଛି ହେଲେ କାର୍ଯ୍ୟାନୁଷ୍ଠାନ ଶୂନ ରହୁଛି। ଦୁଇ ଦିନ ପୂର୍ବରୁ ଜଣେ ବାଲି ବୋଝେଇ ହାଇୱା ଗାଡ଼ିକୁ ଗ୍ରାମବାସୀ ଅଟକାଇବାରୁ ସମ୍ପୃକ୍ତ ଗାଡ଼ି



ଚାଳକ ଲୋକଙ୍କୁ ଗାଡ଼ି ଚଢ଼ାଇ ମାରିବାକୁ ଧମକ ଦେଇଥିବା ଅଭିଯୋଗ ହୋଇଛି। ଭେଡେନ ପୁଲିସ ସମ୍ପୃକ୍ତ ଗାଡ଼ିକୁ ଜବତ କରି ଏହାର ଅଧିକ ତଦନ୍ତ ଜାରିରଖିଛି। ଅନ୍ୟପଟେ ଡୁରୁମରୁ ଉଦେପୁର ପର୍ଯ୍ୟନ୍ତ ମହାନଦୀର ବିଭିନ୍ନ ଘାଟରୁ ମଧ୍ୟ ବ୍ୟାପକ ମାତ୍ରରେ ବେଆଇନ ବାଲି ଚୋରି ଚାଲିଛି। ମାଫିଆମାନେ ଚାଲାକ ହୋଇ ଗୋଟିଏ ଘାଟ ଲିଜ୍ ନେଇ ୫ ରୁ ୬ ଟି ଘାଟରୁ ଉଠାଉଛନ୍ତି ବାଲି। ଏପରିସ୍ଥଳେ ଦେବଗଡ଼, ସମ୍ବଲପୁର ଓ ବରଗଡ଼ ତିନିଟି ଜିଲ୍ଲାରେ ଜଣେ ମାଇନିଂ ଅଧିକାରୀ ଦାୟିତ୍ୱରେ ରହିଛନ୍ତି। ଏତେ ବଡ ଏରିଆରେ ଏକା କିପରି ସବୁ କାର୍ଯ୍ୟ କରି ପାରିବି ବୋଲି ପ୍ରତିକ୍ରିୟା ରଖି ନିଜର ଅସହାୟତା ପ୍ରକାଶ କରିଛନ୍ତି ମାଇନିଂ ଅଧିକାରୀ। ଅନ୍ୟପଟରେ ଜଣେ ଅଧିକାରୀ ତିନି ଜିଲ୍ଲା ଦାୟିତ୍ୱରେ ଥିବାର ସୁଯୋଗ ନେଇ ମାଫିଆମାନେ ଅନାୟସରେ ବାଲି ଚୋରା ଚାଲାଣ କରୁଥିବା ନେଇ ସାଧାରଣରେ ମତ ପ୍ରକାଶ ପାଇଛି। ରାଜସ୍ୱ ବିଭାଗ ଓ ମାଇନିଂ ବିଭାଗ ସହ ଆଲୋଚନା କଲାପରେ ବେଆଇନ ବାଲି ଚୋରା ଚାଲାଣ କିପରି ସମ୍ପୂର୍ଣ୍ଣ ଭାବେ ବନ୍ଦ ହେବ ସେନେଇ ପଦକ୍ଷେପ ନିଆଯିବ ବୋଲି ଜିଲ୍ଲାପାଳ ଆଦିତ୍ୟ ଗୋୟଲ କହିଛନ୍ତି।

## ମହିଳା ବୁଣାକାରଙ୍କ କ୍ଷମତା ବିକାଶ କର୍ମଶାଳା ଉଦ୍‌ଯାପିତ



**ବରଗଡ଼, ୨୭।୨(ସମିସ):** ସ୍ଥାନୀୟ ଟୁଲି ଗେଷ୍ଟ ହାଉସଠାରେ ଅନୁଷ୍ଠିତ ୩୦ ଜଣ ମହିଳା ବୁଣାକାରଙ୍କ ଚାରିଦିନିଆ କ୍ଷମତା ବିକାଶ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ମିଳିତ ଜାତିସଂଘ ମହିଳା(ୟୁଏନ୍ ମହିଳା), ଭାରତ ସରକାରଙ୍କ ବସ୍ତ୍ର ମନ୍ତ୍ରଣାଳୟ ଅଧୀନ ବୟନଶିଳ୍ପ ବିକାଶ ଆୟୁକ୍ତ କାର୍ଯ୍ୟାଳୟ ଓ ଭାରତୀୟ ହସ୍ତଶିଳ୍ପ ପ୍ରଯୁକ୍ତି ପ୍ରତିଷ୍ଠାନ, ବରଗଡ଼ର ସହଯୋଗରେ ଆୟୋଜିତ ହୋଇଥିଲା। ସମାପନ ସମାରୋହରେ ଭାରତୀୟ ହସ୍ତଶିଳ୍ପ ପ୍ରଯୁକ୍ତି ପ୍ରତିଷ୍ଠାନ, ବରଗଡ଼ର ନିର୍ଦ୍ଦେଶକ ବ୍ରିଜେଶ କୁମାର ଅବସ୍ଥୀ ଅଧ୍ୟକ୍ଷତା କରିଥିବା ବେଳେ ତାଙ୍କ ଉଦ୍‌ବୋଧନରେ ସେ କହିଥିଲେ ଯେ, ଏପରି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମହିଳା ବୁଣାକାରମାନଙ୍କୁ ଆତ୍ମନିର୍ଭର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏହି ଅବସରରେ ଶାନ୍ତନୁ କୁମାର ମେହେର, ୟୁଏନ୍ ଟ୍ରେନର ଶିରିନ କୌର, ବରିଷ୍ଠ ଅଧ୍ୟାପକ ଦେବେନ୍ଦ୍ର କୁମାର ଯାଦବ, ବରିଷ୍ଠ ଅଧ୍ୟାପକ ଧର୍ମେନ୍ଦ୍ର କୁମାର ଓ ଅରବିନ୍ଦ କୁମାର ଉପସ୍ଥିତ ଥିଲେ।

## ବରଗଡ଼ରେ ଯୁବ କଂଗ୍ରେସର ବିକ୍ଷୋଭ

**ବରଗଡ଼, ୨୭।୨(ସମିସ):** ଯୁବ କଂଗ୍ରେସର ରାଷ୍ଟ୍ରୀୟ ଅଧ୍ୟକ୍ଷ ଉଦୟ ଭାନୁ ଚିବଙ୍କୁ ଗିରଫ କରାଯାଇ ତାଙ୍କ ସ୍ୱରକୁ ଦମନ କରାଯାଉଥିବା ଅଭିଯୋଗ କରି ଆଜି ବରଗଡ଼ ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ ବରଗଡ଼ ଗାନ୍ଧୀ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଜିଲ୍ଲା ଯୁବ କଂଗ୍ରେସ ସଭାପତି ଅମିତ୍ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଯୁବ କଂଗ୍ରେସ କର୍ମକର୍ତ୍ତାମାନେ ଏକ ଶୋଭାଯାତ୍ରାରେ ଆସି ଗାନ୍ଧୀ ଛକରେ ପହଞ୍ଚି କେନ୍ଦ୍ର ସରକାର ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିରୁଦ୍ଧରେ ନାରାବାଜି ଦେଇଥିଲେ। ଅଖିଳ ଭାରତ ଯୁବ କଂଗ୍ରେସ ସଭାପତି ଓ ତାଙ୍କ ସହଯୋଗୀମାନେ ଶାନ୍ତି ପୂର୍ଣ୍ଣ ଭାବରେ ପ୍ରତିବାଦ କରୁଥିବା ବେଳେ ମିଛ ମୋକଦ୍ଦମା କରି ତାଙ୍କୁ ଗିରଫ କରି ଯେଉଁଳି କରାଗଲା ତାହା ସମ୍ବିଧାନ ବିରୋଧୀ ଅଟେ ବୋଲି ଦଳ କହିଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଗିରଫ ନିଷ୍ପତ୍ତିକୁ ତୁରନ୍ତ ରଦ୍ଦ କରିବାକୁ ଦାବି କରିଥିଲେ ସେମାନେ ଦାବି କରିଥିଲେ। ଜିଲ୍ଲା କଂଗ୍ରେସ ଉପସଭାପତି ମାନସ କୁମାର ଦାସ, ନଗର କଂଗ୍ରେସ ସଭାପତି ସୁଧିର ଜେନା, ଅନନ୍ତ ତାଣ୍ଡି, ରବିନ୍ ସେଟ୍, ଶ୍ୟାମ ଅଗ୍ରୱାଲ, ଉମାଶଙ୍କର ଭୋସାଗର, ଯୁବ କଂଗ୍ରେସ ବିଧାନସଭା ସଭାପତି ପ୍ରିୟରଞ୍ଜନ ଦାସ, ମୁଜାଫର ହୁସେନ, ସରୋଜ ଭୋଇ, ସଦାନନ୍ଦ, ସୁବରାଜ ନାଏକ, ନିତିସ ସୁନା, ସୁଶିଲ ହରିପାଲ, ମୁନକର ପ୍ରମୁଖ ଯୁବ କଂଗ୍ରେସ କର୍ମୀ ଏହି ବିକ୍ଷୋଭ ସମାବେଶରେ ସାମିଲ ହୋଇଥିଲେ।




## ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟରେ ଚାଷୀଙ୍କ ବିକ୍ଷୋଭ



**ଭଟଲି, ୨୭।୨(ସମିସ):** ବିଦ୍ୟୁତ ବିଭ୍ରାଟ ଏବଂ ମାତ୍ରାଧିକ ବିଦ୍ୟୁତ୍ ବିଲ ଆଦାୟର ସମାଧାନ ପାଇଁ ଥବିର ସାହୁଙ୍କ ନେତୃତ୍ୱରେ ଶତାଧିକ ଚାଷୀ ବିଦ୍ୟୁତ ବିଭାଗ ଏସଡିଓଙ୍କ କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅତାବିରା ଅଞ୍ଚଳରେ ଏକର ପ୍ରତି ୩୦୫ ଟଙ୍କା ବର୍ଷକୁ ବିଦ୍ୟୁତ ବିଲ୍ ହେଉଥିବା ବେଳେ ବିକଳ୍ପ ଜଳସେଚନ ଭାବେ ବିବେଚିତ ଗଭୀର ନଳକୂପରେ ବିଦ୍ୟୁତ ବିଲ ବର୍ଷକୁ ୪୦ ହଜାର ଟଙ୍କା ହେଉଛି। ଏଣୁ ଗତବର୍ଷ ପରି ୪ ହଜାର ଟଙ୍କା ବିଦ୍ୟୁତ ବିଲ୍ ବାବଦକୁ ପ୍ରଦାନ କରିବାକୁ ଚାଷୀମାନେ ଦାବି କରିଥିଲେ। ଖବରପାଇ ଏସ୍‌ଡିଓ ବିଜୟୀ କିସାନ, ଜେଇ ସ୍ୱାଧୀନ କୁମାର ସାହୁ ଆନ୍ଦୋଳନ ସ୍ଥଳରେ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିଥିଲେ। ହେଲେ ଏସଡିଓ ୬ ହଜାର ଟଙ୍କା ଦେବାପାଇଁ କହିବା ସହ ଏହି ପ୍ରସଙ୍ଗ ନେଇ ଉପରିସ୍ଥ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇବା ପାଇଁ କହିଥିଲେ। ପରେ ଚାଷୀମାନେ ଲିଖିତ ଭାବରେ ଉପରିସ୍ଥ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପତ୍ର ପ୍ରଦାନ କରିଥିଲେ। ବୋରିଂ ପ୍ରତି ୪ ହଜାର ଟଙ୍କା ଦେବାକୁ ଦାବି କରିବା ସହ ନିଷ୍ପତ୍ତି ନ ହେବା ପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ ନ କାଟିବା ପାଇଁ ନିବେଦନ କରିଥିଲେ। ଏସ୍‌ଡିଓ ବିଦ୍ୟୁତ ସଂଯୋଗ କଟାଯିବ ନାହିଁ ବୋଲି ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ଫେରିଥିଲେ। ଏହି ବିକ୍ଷୋଭରେ ସଂଯୁକ୍ତ କୃଷକ ସଙ୍ଗଠନ ଉପଦେଷ୍ଟା ରମେଶ ମହାପାତ୍ର ନେତୃତ୍ୱ ନେଇଥିବା ବେଳେ କନ୍ଦର୍ପ ବାରିକ, ଅଶୋକ ସାହୁ, ପବିତ୍ର ପାତ୍ର, ଧନୁର୍ଯ୍ୟ ଛୁରିଆ, ସନ୍ତୋଷ ସାହୁ, ମଧୁ ସାହୁଙ୍କ ସମେତ ଶତଧିକ ଚାଷୀ ସାମିଲ ହୋଇଥିଲେ।

## ପଞ୍ଚାୟତ କଲେଜରେ ଜାତୀୟ କର୍ମଶାଳା




**ବରଗଡ଼, ୨୭।୨(ସମିସ):** ପଞ୍ଚାୟତ ମହାବିଦ୍ୟାଳୟ ସ୍ନାତକୋତ୍ତର ଅର୍ଥନୀତି ବିଭାଗ ଆନୁକୂଲ୍ୟରେ ତ୍ରିଦିବସୀୟ ଜାତୀୟ କର୍ମଶାଳା ଅଧ୍ୟକ୍ଷ ଡ. ନକୁଳ ସେଠଙ୍କ ସଭାପତିତ୍ୱରେ ଉଦ୍‌ଘାଟିତ ହୋଇଯାଇଛି। ବିଭାଗ ମୁଖ୍ୟ ତଥା କାର୍ଯ୍ୟକ୍ରମ ନିର୍ଦ୍ଦେଶିକା ଡ. ଅଞ୍ଜଳି ଦାଶ ଉକ୍ତ କର୍ମଶାଳାର ଉଦ୍ଦେଶ୍ୟ, ଗୁରୁତ୍ୱ ଓ ବୈଶିଷ୍ଟ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ବିଭାଗର ବରିଷ୍ଠ ପ୍ରଫେସର ଡ. ଉମାଶଙ୍କର ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଆନ୍ତର୍ଜାତିକ ଜନବିଜ୍ଞାନ ଅନୁଷ୍ଠାନର ପ୍ରଫେସର ଡ. ଉଦୟଶଙ୍କର ମିଶ୍ର ଉଦ୍‌ଘାଟନୀ ବକ୍ତବ୍ୟ ରଖିଥିବା ବେଳେ ଅନ୍ୟତମ ଅତିଥି ଭାବେ ସମ୍ବଲପୁରର ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଡ. ମୂରଲି ଧର ମାଝୀ ଯୋଗଦେଇଥିଲେ। ବିଭାଗର ସହକାରୀ ପ୍ରଫେସର ଖୁଲନା ମଲ୍ଲିକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସହକାରୀ ପ୍ରଫେସର ବାସନ୍ତୀ ମେହେର ଧନ୍ୟବାଦ ଦେଇଥିଲେ।

## କ୍ଲଷ୍ଟରସ୍ତରୀୟ ଟିଏଲ୍‌ଏମ୍ କର୍ମଶାଳା

**ଝାରବନ୍ଧ, ୨୭।୨(ସମିସ):** ବରଗଡ଼ ଜିଲ୍ଲାର ଝାରବନ୍ଧ ବ୍ଲକ ଗୌଡମାଲ ଓ ବୈତାଲି କ୍ଲଷ୍ଟରରେ ଟିଏଲଏମ୍ (ଶିକ୍ଷଣ-ଶିକ୍ଷଣ ସାମଗ୍ରୀ) କ୍ଲଷ୍ଟରସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଛି। ଗୌଡମାଲ କ୍ଲଷ୍ଟର ଅନ୍ତର୍ଗତ କୁର୍ମା ୟୁପିଏସ୍‌ରେ ଆୟୋଜିତ କର୍ମଶାଳାରେ ରିସୋର୍ସ ପର୍ସନ୍ ଭାବେ ବିରଞ୍ଚି ନାୟକ, ହୃଷୀକେଶ ବାଗ ଓ ଶରତ ସାହୁ ଯୋଗଦେଇ ଟିଏଲଏମ୍‌ର ଲକ୍ଷ୍ୟ, ଉପକାରିତା ଓ ପାଠଦାନରେ ଏହାର ପ୍ରୟୋଗ ବିଷୟରେ ଶିକ୍ଷକମାନଙ୍କୁ ଅବଗତ କରାଇଥିଲେ। ଏଥିସହ ବିଭିନ୍ନ ବିଷୟ ଅନୁଯାୟୀ ନବୀନ ଓ ସୃଜନଶୀଳ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି ଓ ବ୍ୟବହାର ପ୍ରଣାଳୀ ସମ୍ପର୍କରେ ପ୍ରାୟୋଗିକ ମାର୍ଗଦର୍ଶନ ମଧ୍ୟ ଦେଇଥିଲେ। ସ୍ଥାନୀୟ ସିଆରସିସି ପୁରନ୍ଦର କୁମ୍ଭାରଙ୍କ ନେତୃତ୍ୱ ଓ ନିରୀକ୍ଷଣରେ କାର୍ଯ୍ୟକ୍ରମଟି ସମ୍ପନ୍ନ ହୋଇଥିଲା। ସେହିପରି ବୈତାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସିଆରସିସି ଦିବସ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଦୁଇଦିନିଆ କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ବୈତାଲି କ୍ଲଷ୍ଟର ୧୦ଟି ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ସକ୍ରିୟଭାବେ ଯୋଗଦେଇଥିଲେ। କର୍ମଶାଳାରେ ଜଗନ୍ନାଥ ପଧାନ, ଶର୍ମିଷ୍ଠା ସ୍ୱାଇଁ, ପ୍ରଦୀପ କୁମାର ଭୋଇ ଓ ଉପେନ୍ଦ୍ର ପଟେଲ ମାର୍ଗଦର୍ଶକ ଭାବେ ଯୋଗଦେଇଥିଲେ। ଦୁଇଟି କ୍ଲଷ୍ଟରରେ ଆୟୋଜିତ ଏହି କର୍ମଶାଳା ମାଧ୍ୟମରେ ଶିକ୍ଷକଶିକ୍ଷୟିତ୍ରୀମାନେ ନବୀନ ଓ ସୃଜନଶୀଳ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିଥିଲେ।




## ମିଶନ ଶକ୍ତି ଗୋଷ୍ଠୀ ସହାୟିକାଙ୍କ ସମୀକ୍ଷା ବୈଠକ

**ଝାରବନ୍ଧ, ୨୭।୨(ସମିସ):** ଝାରବନ୍ଧ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଓଡ଼ିଶା ଜୀବିକା ମିଶନ ଅଧୀନରେ ବ୍ଲକର ସମସ୍ତ ଏମ୍‌ବିକେ, ବ୍ୟାଙ୍କ ମିତ୍ର ଓ ସିଆରପିମାନଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଝାରବନ୍ଧ ବିଡିଓ ପର୍ଶୁରାମ ପଣ୍ଡା ଓ ବିପିଏମ ସତ୍ୟ କୁମ୍ଭାର ଉପସ୍ଥିତ ରହି ସମୀକ୍ଷା କରିଥିଲେ। ଏଥିରେ ପଞ୍ଚାୟତସ୍ତରର ସାମାଜିକ ଅନ୍ତର୍ଭୁକ୍ତିକରଣ କାର୍ଯ୍ୟକ୍ରମ 'ଲକ୍ଷପତି ଦିଦି' ଏଣ୍ଟ୍ରିର ପ୍ରଗତି, ନୂତନ ଏସ୍‌ଏଚ୍‌ଜିମାନଙ୍କ ପ୍ରୋଫାଇଲ ଅନଲାଇନ ଏଣ୍ଟ୍ରି ଏବଂ ବ୍ୟାଙ୍କରେ ଏସ୍‌ଏଚ୍‌ଜି ଆକାଉଣ୍ଟ ଖୋଲିବା ପାଇଁ ଆବଶ୍ୟକ ନଥିପତ୍ର ପ୍ରଦାନର ସ୍ଥିତି ସମ୍ପର୍କରେ ବିସ୍ତୃତ ଉପସ୍ଥାପନା ହୋଇଥିଲା। ବିଡିଓ ପର୍ଶୁରାମ ପଣ୍ଡା ଗୋଷ୍ଠୀ ସହାୟିକାମାନଙ୍କ କ୍ଷେତ୍ରସ୍ତରରେ ହେଉଥିବା ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରି ସମାଧାନମୂଳକ ପଦକ୍ଷେପ ଗ୍ରହଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଗୋଷ୍ଠୀ ମାଧ୍ୟମରେ ମହିଳାମାନଙ୍କ ଆର୍ଥିକ ସଶକ୍ତୀକରଣକୁ ଆଗେଇ ନେବାରେ ସମସ୍ତଙ୍କୁ ସମନ୍ୱୟ ରଖି କାମ କରିବାକୁ ସେ ଆହ୍ୱାନ ଦେଇଥିଲେ।

## ଜୟ ବୁଢ଼ାରଜା କ୍ରିକେଟ କପ୍; ସେମିରେ ସାଇପଲା



**ପାଇକମାଲ, ୨୭।୨(ସମିସ):** ପାଇକମାଲ ବ୍ଲକ ମାଣ୍ଡୋସିଲ ପଞ୍ଚାୟତ ଭୂତମୁଣ୍ଡାରେ ଚାଲିଥିବା ୬ଷ୍ଠ ଜୟ ବୁଢ଼ାରଜା କ୍ରିକେଟ କପରେ ଶୁକ୍ରବାର ୫ଟି ମ୍ୟାଚ ସମେତ ଗୋଟିଏ କ୍ୱାର୍ଟର ଫାଇନାଲ ଖେଳାଯାଇଥିଲା। କ୍ୱାର୍ଟର ଫାଇନାଲରେ ନୂଆପରାକୁ ହରାଇ ସାଇପଲା ସେମିଫାଇନାଲରେ ପ୍ରବେଶ କରିଛି। ଅତିଥି ଭାବରେ ମିହିର ମହାନ୍ତି, ରକ୍ଷଦେବ ରଣା, ଲୋକନାଥ ସାହୁ, ଅଜିତ ପ୍ରଧାନ, ସରଜୁ ପ୍ରସାଦ ବାରିକ, ସଚ୍ଚିଦାନନ୍ଦ ସାହୁ, ବିନୋଦ ବିହାରୀ ପଟେଲ, ସଞ୍ଜୀବ ପ୍ରଧାନ, ରାଜେଶ ମାଝୀ, ଆଶିଷ ପ୍ରଧାନ, ଜୟ ମାଝୀ, କାଳିଆ ସେଠ ପ୍ରମୁଖ ଉପସ୍ଥିତ ଥିଲେ। ସାର୍ଥକ ମାଝୀ, ଶଶିକାନ୍ତ ସାହୁ, ହେମନ୍ତ ମାଝୀ ଖେଳ ପରିଚାଳନା କରିଥିଲେ। ଯଦୁମଣି ମାଝୀ, ଅମିୟ ପ୍ରଧାନ ସ୍କୋରର ଥିବା ବେଳେ ସୌମ୍ୟରଞ୍ଜନ ମହାନ୍ତି ଓ ଦୁଃଖିଶ୍ୟାମ ସରିଆଁ ଧାରା ବିବରଣୀ ପ୍ରଦାନ କରିଥିଲେ। ଏଥିରେ ସମସ୍ତ କ୍ଲବ୍‌ର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

## ଶ୍ୟାମ ବିହାରୀଜୀଙ୍କ ବସନ୍ତ ମହୋତ୍ସବ

**ଭଟଲି, ୨୭।୨(ସମିସ):** ଭଟଲି କୁସନପୁରୀସ୍ଥିତ ଶ୍ୟାମ ବିହାରୀଜୀଙ୍କ ବସନ୍ତ ମହୋତ୍ସବ ଶୁକ୍ରବାର ପାଳିତ ହୋଇଛି। ସକାଳୁ ବରଗଡ଼ ସ୍ୱର୍ଣ୍ଣ ସିଦ୍ଧା ଭବନରୁ ଭଟଲି ପର୍ଯ୍ୟନ୍ତ ନିଶାନ ପଦଯାତ୍ରା ଆୟୋଜିତ ହୋଇଥିଲା। ଗତକାଲିଠାରୁ ବରଗଡ଼ ସ୍ୱର୍ଣ୍ଣ ସିଦ୍ଧା ଭବନରେ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ଭୋର ୩ଟାରୁ ମାନସିକ ରଖିଥିବା ଭକ୍ତମାନେ ନିଶାନ ତଥା ଧ୍ୱଜା ଧରି ଭଟଲିରେ ଥିବା ଶ୍ୟାମ ବିହାରୀ ମନ୍ଦିରକୁ ଚାଲି ଚାଲି ଆସି ପ୍ରଭୁଙ୍କୁ ଦର୍ଶନ କରିଥିଲେ। ଏହି ଉପଲକ୍ଷେ ଶ୍ୟାମ ବିହାରୀଜୀଙ୍କ ଭବ୍ୟ ଶୃଙ୍ଗାର ଅନୁଷ୍ଠିତ ହୋଇଥିଲା। ସକାଳ ସାତଟାରେ ବାବାଙ୍କ ଅଖଣ୍ଡ ଜ୍ୟୋତି ଲଗାଯାଇଥିଲା। ମନ୍ଦିର ପରିସରକୁ ଏକ ନବ ବଧୁ ପରି ସଜ ଫୁଲରେ ସଜା ଯାଇଥିଲା ଏବଂ ଆଲୋକମାଳାରେ ସଜ୍ଜିତ କରାଯାଇଥିଲା। ଦିନ ତିନିଟାରେ ଏକ ବିରାଟ ସତରଙ୍ଗି ରଥଯାତ୍ରା ଅନୁଷ୍ଠିତ ହୋଇଥିଲା। ଗୋଟିଏ ରଥରେ ଶ୍ରୀକୃଷ୍ଣ ଭଗବାନ ରଥାରୂଢ ଥିଲେ ଏବଂ ଅନ୍ୟ ରଥରେ ଶ୍ୟାମ ବାବାଙ୍କ ସହିତ ପଞ୍ଚୁ ପାଣ୍ଡବ ବେଶରେ ସଜ୍ଜିତ ହୋଇଥିଲେ। ରଥ ଦ୍ୱୟ ଶ୍ୟାମ ମନ୍ଦିରରୁ ବାହାରି ବିଜୟା ଛକ, ରଥଦାଣ୍ଡ ପଡ଼ିଆରେ ଥିବା ମାଉସୀ ମା' ମନ୍ଦିର ନିକଟରେ କିଛି ସମୟ ରହିବା ପରେ ପୁଣି ଶ୍ୟାମ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲା। ଏହି ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ବିଭିନ୍ନ ପ୍ରକାରର ସଂକୀର୍ତ୍ତନ ଦଳ ତଥା ଘଣ୍ଟପାର୍ଟି ସାମିଲ ହେବା ସହିତ ଶତାଧିକ ଶ୍ୟାମ ଭକ୍ତ ହୋଲି ଖେଳିବାର ଦେଖିବାକୁ ମିଳିଥିଲା। ପରେ ସନ୍ଧ୍ୟା ସାତଟାରେ ସାଂସ୍କୃତିକ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କାନପୁରର ଶେଫାଳି ଦ୍ୱିବେଦୀ, କୋଲକତାର ପୂଜା ନଥାନୀ ଓ ଅରବିନ୍ଦ ସହଲ ଭଜନ ପରିବେଷଣ କରିଥିଲେ। ମନ୍ଦିର କମିଟି ତରଫରୁ ଭକ୍ତଙ୍କ ପାଇଁ ପ୍ରସାଦର ବ୍ୟବସ୍ଥା କରାଯାଇଥିଲା।




### ନବମ ୱାଇଏମ୍‌ସିଏ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ପ୍ରଥମ ସେମିରେ ଜାମପାଲି ଓ ଡଙ୍ଗରକେର୍ମେଲି

ମେଲଛାମୁଣ୍ଡା, ୨୭।୨(ସମିସ)

ଘେଁସ ନିକଟସ୍ଥ ଶନିମାଲ ହାଇସ୍କୁଲ ପଡ଼ିଆଠାରେ ଆଜି ନବମ ୱାଇଏମସିଏ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ଶନିମାଲ ୱାଇଏମସିଏ କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାକୁ କ୍ଲବର ସଭାପତି ସୁନୀଲ ରାଉତ, ସମ୍ପାଦକ ନିପନ୍ ଦାଶ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଫିତା କାଟି ଉଦ୍‌ଘାଟନ କରିଥିଲେ। ୧୬ଟି ଦଳ ଟୁର୍ଣ୍ଣାମେଣ୍ଟରେ ଭାଗ ନେଉଥିବା ବେଳେ କ୍ରିକେଟ ମହାକୁମ୍ଭ ତିନି ଦିନ ଧରି ଚାଲିବ। ଆଜି ପ୍ରଥମ ଦିବସରେ ଜାମପାଲି, ଚୁହାନପାଲି,



ବାଲିପଟା, ଖଲିଆମୁଣ୍ଡା, ଡଙ୍ଗରକେର୍ମେଲି, ଏସ୍ ଜାମପାଲି ଏବଂ ବେଲମୁଣ୍ଡା ଦଳ ମଧ୍ୟରେ କଡ଼ା ମୁକାବିଲା ହୋଇଥିଲା। ଶେଷରେ ଉନ୍ନତ ପ୍ରଦର୍ଶନ କରି ଜାମପାଲି ଓ ଡଙ୍ଗରକେର୍ମେଲି ଦଳ ପ୍ରଥମ ସେମିଫାଇନାଲକୁ ପ୍ରବେଶ କରିଛନ୍ତି। ମ୍ୟାଚଗୁଡ଼ିକୁ ଅମ୍ପାୟର ନରୋତ୍ତମ ପଧାନ, ଉମେଶ ଚନ୍ଦ୍ର ଭୋଇ, ଚନ୍ଦ୍ରମଣି ବରିହା, ଅପୁ ଦାଶ ଓ ରିପନ୍ ଭୋଇ ପରିଚାଳନା କରିଥିଲେ। ସୁନୀଲ ରାଉତ, ବାବୁଲ ସାହୁ, ସୁନୀଲ ପାତ୍ର ଧାରାବିବରଣୀ ପ୍ରଦାନ କରିଥିଲେ। ନିପୁ ଦାଶ, ଧୀରେନ୍ଦ୍ର ପଧାନ, ସରୋଜ ବରିହା, ବାଦଲ ବରିହା, ପ୍ରକାଶ ଶିଖା, ବିକାଶ ଶିଖା, ଅକ୍ଷୟ ମଲ୍ଲିକ, ଅମୃତ ବରିହା, ରମଣୀ ବରିହା ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ। ଶନିବାର ଦ୍ୱିତୀୟ ଦିବସରେ କୁଆମନିଆ, ଶନିମାଲ, ବିର୍ଜାମ, ବୈରାଗଟିକିରା, ସିଧିରା, ବାଟତେର୍ମା, ସାହାଡେରା ଓ ସାଲେପାଲି ଦଳ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।

## ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଉପଲକ୍ଷେ ପଦଯାତ୍ରା




**ଝାରବନ୍ଧ, ୨୭।୨(ସମିସ):** ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜନ୍ମ ଜୟନ୍ତୀ ଉପଲକ୍ଷେ ଝାରବନ୍ଧ ବ୍ଲକରେ ପଦଯାତ୍ରା ଓ ଶପଥ ପାଠ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବ୍ଲକ ପଡ଼ିଆରୁ ପଦଯାତ୍ରା ଆରମ୍ଭ ହୋଇ ନଗର ପରିକ୍ରମା କରିଥିଲା। ଅଂଶଗ୍ରାହୀମାନେ ଜାତୀୟ ଏକତା, ଅଖଣ୍ଡତା ଓ ସମ୍ମିଳିତ ଉନ୍ନତି ପାଇଁ ଶପଥ ଗ୍ରହଣ କରିଥିଲେ। ଝାରବନ୍ଧ ବିଡିଓ ପର୍ଶୁରାମ ପଣ୍ଡା, ତହସିଲଦାର ଅଲେଖ ଘୁଟା, ବିଜେପି ନେତା ଦୁର୍ଗାପ୍ରସାଦ ଅଗ୍ରୱାଲ, ସିଡିପିଓ ସୁଷମା ପଟେଲ, ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ ବେହେରା, ଜର୍ଣ୍ଣାଲିଷ୍ଟ ଆସୋସିଏସନ ଝାରବନ୍ଧର ସଭାପତି ମୋତିଲାଲ ବାଗ ଓ ଡିଗ୍ରୀ କଲେଜ ଅଧ୍ୟକ୍ଷ ଶ୍ୟାମ ସୁନ୍ଦର ବେହେରା, ଅଧ୍ୟାପିକା ଯାଜ୍ଞସେନି ନାୟକ, ବିଏସ୍‌ଏସ୍‌ଓ ଆଶିଷ କାଣ୍ଡୁଲାନା, ବିପିଏମ୍ ସତ୍ୟ କୁମ୍ଭାର, ବ୍ଲକ କେସିଅର ଜୟଦେବ କିଷାନ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ବିଭାଗର କର୍ମଚାରୀ, ଅଧ୍ୟାପକ ଅଧ୍ୟାପିକା, ଅଙ୍ଗନବାଡି କର୍ମୀ, କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ଓ କଲେଜ ଛାତ୍ରଛାତ୍ରୀମାନେ ପଦଯାତ୍ରାରେ ସାମିଲ ହୋଇଥିଲେ।

# ସଚେତନତାରେ ସୀମିତ ସଡ଼କ ସୁରକ୍ଷା

ବାଲେଶ୍ୱର, ୨୭।୨(ରୁଚିକ ରଞ୍ଜନ ମହାପାତ୍ର)

ବାଲେଶ୍ୱର ଜିଲ୍ଲାରେ ସଡ଼କ ଦୁର୍ଘଟଣା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି ଏବଂ ଜାତୀୟ ରାଜପଥ ଅସୁରକ୍ଷିତ ହେବାରେ ଲାଗିଛି। ସରକାରୀ ତଥ୍ୟାନୁସାରେ, ଗତ ୨୦୨୩ରୁ ୨୦୨୫ ମସିହା, ୩ ବର୍ଷ ମଧ୍ୟରେ ଜିଲ୍ଲାରେ ମୋଟ ୧୩୦୭ଟି ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ୭୧୩ ଜଣ ଲୋକ ଜୀବନ ହାରାଇଛନ୍ତି। ୭୭୭ ଜଣ ଗୁରୁତର ଆହତ ଓ ୨୧୮ ଜଣ ସାମାନ୍ୟ ଆହତ ହୋଇଛନ୍ତି। ପ୍ରତିବର୍ଷ ଦୁର୍ଘଟଣା ସଂଖ୍ୟା ବୃଦ୍ଧି ପାଇଥିବା ଚିତ୍ର ଜିଲ୍ଲାର ସଡ଼କ ସୁରକ୍ଷା ବ୍ୟବସ୍ଥାକୁ ନେଇ ଗଭୀର ଚିନ୍ତା ସୃଷ୍ଟି କରିଛି।

୨୦୨୩ରେ ୪୨୧ଟି ଦୁର୍ଘଟଣାରେ ୨୩୩ ଜଣଙ୍କ ମୃତ୍ୟୁ ଘଟିଥିଲା। ୨୦୨୪ରେ ଦୁର୍ଘଟଣା ସଂଖ୍ୟା ବଢ଼ି ୪୩୨ରେ ପହଞ୍ଚିଥିବାବେଳେ ମୃତ୍ୟୁ ସଂଖ୍ୟା ୨୫୭କୁ ଛୁଇଁଥିଲା। ୨୦୨୫ରେ ଦୁର୍ଘଟଣା ଆହୁରି ବୃଦ୍ଧି ପାଇ ୪୫୪ ରେ ପହଞ୍ଚିଛି। ୨୨୩ ଜଣଙ୍କ ମୃତ୍ୟୁ ହୋଇଛି। ତିନି ବର୍ଷରେ ସମୁଦାୟ ମୃତ୍ୟୁ ସଂଖ୍ୟା ୭୧୩କୁ ଅତିକ୍ରମ କରିଥିବା ଏହି ତଥ୍ୟ ଜିଲ୍ଲା ପାଇଁ ଏକ ଭୟାବହ ସତ୍ୟକୁ ଉଜାଗର କରୁଛି। ଜିଲ୍ଲା ମଧ୍ୟରେ ଯାଇଥିବା ଜାତୀୟ ରାଜପଥ ଏନଏଚ ୧୬ରେ ଦୁର୍ଘଟଣାର ହାର ଅଧିକ ରହିଛି। ପ୍ରତିଦିନ ହଜାରହଜାର ଭାରୀଯାନ ଟ୍ରକ୍ ଓ ବସ୍ ଚଳାଚଳ କରୁଥିବାରୁ ଏହି ରାସ୍ତାରେ ଦ୍ରୁତ ଗତିରେ ଯାତାୟାତ ସାଧାରଣ ଘଟଣା ହୋଇପଡ଼ିଛି। ବର୍ଷ ବର୍ଷ ଧରି ଜାତୀୟ ରାଜପଥ ସଂପ୍ରସାରଣ କାର୍ଯ୍ୟ ସରୁ ନଥିବା ବେଳେ ନିର୍ମାଣ କାର୍ଯ୍ୟ ନେଇଥିବା ଠିକା ସଂସ୍ଥା ବ୍ରିଜ ଗୋପାଳ କମ୍ପାନୀର ମନମାନୀ ପଦାରେ ପଡ଼ିଛି। ସମ୍ପ୍ରସାରଣ କାର୍ଯ୍ୟରେ ବିଳମ୍ବ ଯୋଗୁଁ ରାସ୍ତାରେ ଖାଲଖମା ସାଙ୍ଗକୁ ନିର୍ମାଣ ସମୟରେ ଧୂଳି ଲୋକଙ୍କୁ ବ୍ୟଥିତ କଲାଣି। ଏହା ସାଙ୍ଗକୁ ବେଆଇନ ଡିଭାଇଡର କଟ୍, ଅନୁମୋଦନ ବିହୀନ ୟୁ-ଟର୍ନ, ସର୍ଭିସ୍ ରୋଡ଼ର ରାସ୍ତା ଖରାପଜନିତ ସମସ୍ୟା ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି।

- ସରୁନି ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ; ବଢୁଛି ଦୁର୍ଘଟଣା
- ୩ ବର୍ଷରେ ବାଲେଶ୍ୱର ଜିଲ୍ଲାରେ ୧୩୦୭ ସଡ଼କ ଦୁର୍ଘଟଣା
- ଗଲାଣି ୭୧୩ ଜଣଙ୍କର ଜୀବନ



ସୋର, ସଦର, ରେମୁଣା ଓ ଭୋଗରାଇ ଅଞ୍ଚଳର କିଛି ସ୍ଥାନକୁ 'ବ୍ଲାକ୍ ସ୍ପଟ୍' ଭାବେ ଚିହ୍ନଟ କରାଯାଇଥିଲେ ମଧ୍ୟ ସ୍ଥାୟୀ ସମାଧାନ ହୋଇ ନଥିବା ଅଭିଯୋଗ ରହିଛି। ଟ୍ରାଫିକ ନିୟମ ଉଲ୍ଲଂଘନ ମଧ୍ୟ ଦୁର୍ଘଟଣା ବୃଦ୍ଧିର ମୁଖ୍ୟ କାରଣ ଭାବେ ଚିହ୍ନଟ ହୋଇଛି। ହେଲମେଟ ଓ ସିଟବେଲ୍ଟ ବ୍ୟବହାରରେ ଅବହେଳା, ମୋବାଇଲ୍ ଫୋନ୍ ବ୍ୟବହାର କରି ଗାଡ଼ି ଚଳାଇବା, ମଦ୍ୟପାନ ପରେ ଡ୍ରାଇଭିଂ ଓ ଅପ୍ରାପ୍ତ ବୟସ୍କଙ୍କ ଯାନ ଚଳାଚଳ ମୃତ୍ୟୁହାରକୁ ବଢ଼ାଇଛି। ବିଶେଷକରି ଯୁବ ବର୍ଗ ମଧ୍ୟରେ ଦ୍ରୁତଗତିରେ ବାଇକ୍ ଚଳାଇବା ପ୍ରବୃତ୍ତି ଭୟଙ୍କର ରୂପ ନେଇଛି।

ସଡ଼କ ସୁରକ୍ଷା ସମିତିର ସଭାରେ ପ୍ରତିବର୍ଷ ଆଲୋଚନା ହେଉଥିଲେ ମଧ୍ୟ ସଚେତନତା ସହ ସଡକ ସୁରକ୍ଷା ଦିଗରେ କଠୋର ପଦକ୍ଷେପ ଗ୍ରହଣ ନ ହେବାରୁ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଜିଲ୍ଲାରେ ସୋର, ବସ୍ତା, ସଦର, ନୀଳଗିରି, ସହଦେବଖୁଣ୍ଟା ଥାନା ଅଧୀନରେ ଦୁର୍ଘଟଣା ସଂଖ୍ୟା ଅଧିକ ରହିଛି।

ସେପଟେ ଜିଲ୍ଲାରେ ଦୁର୍ଘଟଣା ପ୍ରବଣ ଅଞ୍ଚଳ ଭାବେ ୨୦୨୪ ମସିହା ସୁଦ୍ଧା ବିଭିନ୍ନ ଥାନାଞ୍ଚଳରେ ସମୁଦାୟ ୧୮ ଟି ବ୍ଲାକ ସ୍ପଟ ଚିହ୍ନଟ କରିଛି ପ୍ରଶାସନ; ହେଲେ, ୧ ବର୍ଷ ପରେ ମଧ୍ୟ ରାସ୍ତାର କୌଣସି ନୂଆ ବ୍ଲାକ ସ୍ପଟ ଚିହ୍ନଟ କରିପାରିନି ପ୍ରଶାସନ। କେବଳ ବର୍ଷକୁ ଥରେ ସଡକ ସୁରକ୍ଷା ସପ୍ତାହ ପାଳନ କରି ବିଭାଗ ଚୁପ ବସିଥିବା ବେଳେ ଦୁର୍ଘଟଣା ସଂଖ୍ୟା କମିବା ପରିବର୍ତ୍ତେ ବଢ଼ିବଢ଼ି ଚାଲିଛି, ଯାହା ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଚିହ୍ନ ଛିଡ଼ା କରିଛି। ଜାତୀୟ ରାଜପଥରେ ସିସିଟିଭି ନିରୀକ୍ଷଣ, ସ୍ପିଡ୍ କ୍ୟାମେରା ବୃଦ୍ଧି, ବ୍ଲାକ୍ ସ୍ପଟ୍ ସଂଶୋଧନ ଓ ସର୍ଭିସ୍ ରୋଡ଼ ନିର୍ମାଣ କାର୍ଯ୍ୟ ତୁରନ୍ତ ଶେଷ କରାଯିବାକୁ ଦାବି ଉଠିଛି। ପ୍ରତିବର୍ଷ ଶତାଧିକ ପରିବାର ଏହି ସଡ଼କ ଦୁର୍ଘଟଣାରେ ନିଜ ପ୍ରିୟଜନଙ୍କୁ ହରାଉଥିବା ଦୃଶ୍ୟ ଜିଲ୍ଲା ପାଇଁ ଏକ ଦୁଃଖଦ ସତ୍ୟ। ଯଦି ଏବେ ଠୋସ୍ ପଦକ୍ଷେପ ନ ନିଆଯାଏ, ତେବେ ଆସନ୍ତା ବର୍ଷଗୁଡ଼ିକରେ ପରିସ୍ଥିତି ଆହୁରି ଭୟାବହ ହେବାର ଆଶଙ୍କା ରହିଛି। ସଡ଼କ ସୁରକ୍ଷାକୁ କେବଳ ଅଭିଯାନରେ ସୀମିତ ନ ରଖି ଭିତ୍ତିଭୂମିସ୍ତରରେ ଉନ୍ନତି ସହ ଅମାନିଆଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଏବଂ ସାମାଜିକ ସଚେତନତା ଜରୁରୀ ବୋଲି ବୁଦ୍ଧିଜୀବୀ ମତ ରଖିଛନ୍ତି।

ଏନେଇ ବାଲେଶ୍ୱର ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିୱାକର କୁହନ୍ତି, ସଡ଼କ ସୁରକ୍ଷା ସଚେତନତା ଅଭିଯାନ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରାଯାଉଛି। ଟ୍ରାଫିକ ନିୟମ ଉଲ୍ଲଂଘନ, ମଦ୍ୟପାନ କରି ଗାଡ଼ି ଚଳାଇବା, ଅତ୍ୟଧିକ ବେଗରେ ଯାନ ଚଳାଚଳ ଆଦି ଉପରେ କଡ଼ା ନିୟନ୍ତ୍ରଣ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏଥିସହ ଅନ୍ୟାନ୍ୟ ବିଭାଗ ସହ ସମନ୍ୱୟ ରଖି ସାଇନ୍ ବୋର୍ଡ ସ୍ଥାପନ ଏବଂ ସାଇନ ବୋର୍ଡ ତ୍ରୁଟି ସଂଶୋଧନ ପାଇଁ ଜାତୀୟ ରାଜପଥ ସହ ରାଜ୍ୟ ରାସ୍ତାର କର୍ତ୍ତୃପକ୍ଷଙ୍କ ଆଲୋଚନା କରି ଜନସାଧାରଣଙ୍କ ସୁରକ୍ଷା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ମତ ପ୍ରକାଶ କରିଛନ୍ତି।

# ବୃକ୍ଷ ରୋପଣ ପ୍ରକଳ୍ପ ନେଇ ସରପଞ୍ଚ-ଗ୍ରାମବାସୀ ମୁହାଁମୁହିଁ

**ନୀଳଗିରି, ୨୭।୨ (ସମିସ):** ନୀଳଗିରି ବ୍ଲକର ମହିଷାପଟା ପଞ୍ଚାୟତର ଏକ ବୃକ୍ଷ ରୋପଣ ପ୍ରକଳ୍ପକୁ ନେଇ ସରପଞ୍ଚ ଓ ଗ୍ରାମବାସୀ ମୁହାଁମୁହିଁ ହୋଇଛନ୍ତି। କଥା କଟାକଟି ପରେ ଘଟଣାଟି ଥାନାରେ ପହଞ୍ଚିଛି। ଉକ୍ତ ପଞ୍ଚାୟତର ପାଟଣା ଗ୍ରାମର ବଡ଼ପୋଖରୀ ହୁଡ଼ାରେ ବୃକ୍ଷ ରୋପଣ ବାବଦରେ ଦୁଇ ଲକ୍ଷରୁ

**ଥାନାରେ ପୃଥକ୍ ମାମଲା**

ଅଧିକ ଟଙ୍କାର ଅନୁଦାନରେ ବିଭିନ୍ନ ପ୍ରକାରର ଗଛ ମଧ୍ୟ ଲଗାଯାଇଥିଲା। ମାତ୍ର ପୋଖରୀ ହୁଡ଼ାରେ ବହୁ କମ୍ ଗଛ ଲଗା ଯାଇଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ। ଏହାପରେ ସରପଞ୍ଚ ରବୀନ୍ଦ୍ର ସିଂ ସମେତ କିଛି ସହଯୋଗୀ ଘଟଣାସ୍ଥଳକୁ ନିରୀକ୍ଷଣ ପାଇଁ ଯାଇଥିଲା ବେଳେ ସାମ୍ବାଦିକଙ୍କୁ ଦେଖି ଉତକ୍ଷିପ୍ତ ହୋଇପଡ଼ିଥିଲେ। ଏନେଇ ଗ୍ରାମର ଉଷାମଣି ବେହେରା, ଗୀତାଞ୍ଜଳି ବେହେରା, ସୁଦାମ ବିନ୍ଧାଣି, ରେବତୀ ବିନ୍ଧାଣି, ଜୟନ୍ତ ଖିଲାର, ମନୋରଞ୍ଜନ ବେହେରା, ଅରୁଣ କୁମାର ବିନ୍ଧାଣିଙ୍କୁ ସରପଞ୍ଚ ଶ୍ରୀ ସିଂ ସମେତ କିଛି ଅସାମାଜିକ ଯୁବକ ଗାଳି ଗୁଲଜ କରିଥିଲେ। ଥାନାରେ ଅଭିଯୋଗ କଲେ ସରକାରଙ୍କ ସମସ୍ତ ସୁବିଧାରୁ ବଞ୍ଚିତ ହେବ ବୋଲି ଧମକ ଦେଇଥିବାର ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି। ଅପରପକ୍ଷେ ସରପଞ୍ଚଙ୍କୁ ଉକ୍ତ ଗ୍ରାମର ପରମାନନ୍ଦ ବିନ୍ଧାଣୀ, ଅରୁଣ ବିନ୍ଧାଣୀ, ମନୋରଞ୍ଜନ ବେହେରା ପରମାନନ୍ଦ ବିନ୍ଧାଣୀ 'ଟଙ୍କା ଖାଇଛୁ' କହି ଠେଙ୍ଗାରେ ପିଟିଥିବା ବେଳେ ମନୋରଞ୍ଜନ ବେହେରା ପଥର ଖଣ୍ଡ ଧରି ଜୀବନରୁ ମାରିଦେବାକୁ ଚେଷ୍ଟା କରିଥିଲେ। ଏନେଇ ରବୀନ୍ଦ୍ର ସିଂ ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି। ଥାନାରେ ଦୁଇଟି ପୃଥକ୍ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରହିଛି।

# କଟକ ସ୍ଥାନାନ୍ତର ବେଳେ ଦୁର୍ଘଟଣାଗ୍ରସ୍ତଙ୍କ ମୃତ୍ୟୁ

**ସୋର, ୨୭।୨(ସମିସ):** ବାରିପଦା ମୁଖ୍ୟ ଚିକିତ୍ସାଳୟରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର ବେଳେ ସୋର ମେଡିକାଲରେ ଜଣେ ଦୁର୍ଘଟଣାଗ୍ରସ୍ତ ରୋଗୀଙ୍କ ମୃତ୍ୟୁ ହୋଇଯାଇଛି। ମୟୂରଭଞ୍ଜ ଜିଲ୍ଲା ମାଣତ୍ରୀ ଅଞ୍ଚଳର ସରୋଜ କୁମାର ନାୟକ (୩୨) ଆଜି ସକାଳେ ମାଣତ୍ରୀ ବଜାରର ଏକ ଦୋକାନ ସମ୍ମୁଖରେ ବସିଥିବା ବେଳେ ଏକ ଟ୍ରାକ୍ଟର ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ମାଣତ୍ରୀ ଡାକ୍ତରଖାନାରେ ଭର୍ତ୍ତି କରିବା ପରେ ଡାକ୍ତର ତାଙ୍କୁ ବାରିପଦା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ପରିବାର ଲୋକେ ତାଙ୍କୁ ଏକ ୧୦୮ ଆମ୍ବୁଲାନ୍ସରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରିଥିବା ବେଳେ ସୋର ଉତ୍ତରେଶ୍ୱର ନିକଟରେ ତାଙ୍କ ଅବସ୍ଥା ଅତି ଗୁରୁତର ହେବାରୁ ତାଙ୍କୁ ସୋର ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସୋର ପୁଲିସ ମେଡିକାଲରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ରଖିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି।

# ଋଣ ନ ଶୁଝିବାରୁ ଘର ସହ ଜମି ସିଲ୍

**ସୋର, ୨୭।୨(ସମିସ):** ସୋର ଥାନା ଗୁଡ଼ ଗ୍ରାମରେ ଜମି ବନ୍ଧକ ରଖି ବ୍ୟାଙ୍କରୁ ଋଣ ନେଇ ନ ଶୁଝିବାରୁ ଘର ସମେତ ଜମିକୁ ସିଲ କରିଛି ପ୍ରଶାସନ। ଏହି ଗ୍ରାମର ଅନ୍ନପୂର୍ଣ୍ଣା ଦାସ, କାମଳେନ୍ଦୁ ଦାଶଶର୍ମା, ଶଶିଭୂଷଣ ଦାଶଶର୍ମା, ଶଶିକଳା ପଣ୍ଡା ୩୨ ଡ଼ିସିମିଲ ଜମିକୁ ବାସୁଦେବପୁର କାନାରା ବ୍ୟାଙ୍କରେ ବନ୍ଧକ ରଖି ଲୋନ ନେଇଥିଲେ। ପରେ ଲୋନ ଟଙ୍କା ନ ଶୁଝିବାରୁ ସୁଧ ମୂଳ ସହ ଏହା ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହୋଇଯାଇଥିଲା। କିନ୍ତୁ ଉପରୋକ୍ତ ଲୋନଧାରୀମାନେ ଏହି ଟଙ୍କାକୁ ନ ଶୁଝିବାରୁ ବ୍ୟାଙ୍କ କତୃପକ୍ଷ ନ୍ୟାୟାଳୟର ଆଶ୍ରୟ ନେଇଥିଲେ। ଫଳରେ ଆଜି ବ୍ୟାଙ୍କ କର୍ତ୍ତୃପକ୍ଷ ସୋର ଅତିରିକ୍ତ ତହସିଲଦାର, ସୋର ପୁଲିସ ଉପସ୍ଥିତିରେ ଗ୍ରାମରେ ପହଞ୍ଚି ଉକ୍ତ ଜମିରେ ଗଢି ଉଠିଥିବା ଏକ ପକା ଘର ସମେତ ୩୨ ଡ଼ିସିମିଲ ଜାଗାକୁ ସିଲ କରିଥିବା ଜଣାପଡିଛି।

# ବ୍ୟବସାୟୀଙ୍କ ବିୟୋଗରେ ବଜାର କମିଟିର ଶୋକ



**ଚନ୍ଦନେଶ୍ୱର,୨୭।୨(ସମିସ):** ଭୋଗରାଇର ଅନ୍ୟତମ ପ୍ରମୁଖ ଚନ୍ଦନେଶ୍ୱର ବଜାର କମିଟି ପକ୍ଷରୁ ବିଶିଷ୍ଟ ମାଛ ବ୍ୟବସାୟୀ ମଣ୍ଟୁ ସାହୁ(୭୧)ଙ୍କ ବିୟୋଗରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଚନ୍ଦନେଶ୍ୱର ବଜାର ମଧ୍ୟରେ ଏନେଇ ଆୟୋଜିତ ସଭାକୁ ବଜାର କମିଟିର ସଭାପତି ଅଭିଜିତ ପଣ୍ଡା ପୌରୋହିତ୍ୟ କରିଥିଲେ। ଏଥିରେ ବିଶିଷ୍ଟ ବ୍ୟବସାୟୀ ଗୌରାଙ୍ଗ ଜେନା ଯୋଗଦେଇ ସ୍ୱର୍ଗତ ସାହୁଙ୍କ ବ୍ୟକ୍ତିତ୍ୱ ଓ ମଣିଷ ପଣିଆ ସମ୍ପର୍କରେ କହିଥିଲେ।ବ୍ୟବସାୟୀ ଗଣପତି ସାହୁ, ଜଗନ୍ନାଥ ଗିରି, ସପନ ସେନାପତି, ଅମିତ ଜେନା, ପୁରେନ୍ଦ୍ର ଜେନା,କାର୍ତ୍ତିକ ପାତ୍ର, ରମେଶ ଜେନା, ସୁବ୍ରତ ଦାସ, ଲକ୍ଷ୍ମଣ ଲାୟା, ପ୍ରଶାନ୍ତ ଦାସ ପ୍ରମୁଖ ଯୋଗଦେଇଥିଲେ। ମୃତକଙ୍କ ପୁତ୍ର ଖଗେନ୍ଦ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସମସ୍ତେ ତାଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ ପୂର୍ବକ ନିରବ ପ୍ରାର୍ଥନା କରିଥିଲେ। ଏହାଛଡା ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶୁକ୍ରବାର ଅପରାହ୍ନରେ ବଜାର ବନ୍ଦ ରଖାଯାଇଥିଲା। ସୂଚନା ଥାଉ କି, ମୃତକ ମଣ୍ଟୁ ଭୋଗରାଇର ହୁଗୁଳି ପଞ୍ଚାୟତ ଅଧୀନ ବରବରିଆ ଗାଁର ବାସିନ୍ଦା।

# ମାତୃ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ଉଦ୍‌ଘାଟିତ

**ସିମୁଳିଆ, ୨୭।୨୯ସମିସ):** ସିମୁଳିଆ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼.ମୁକେଶ କୁମାର ମହାଲିଙ୍ଗ ଦ୍ୱାରା ଉଦଘାଟିତ ହୋଇଯାଇଛି। ସିମୁଳିଆ ବିଜେପି ପକ୍ଷରୁ ଡାକବଙ୍ଗଳା ନିକଟରୁ ଘୋଡାଗାଡିରେ ବିରାଟ ଶୋଭାଯାତ୍ରାରେ ମନ୍ତ୍ରୀ ଶ୍ରୀ ମହାଲିଙ୍ଗଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ପରିସରକୁ ଅଣାଯାଇଥିଲା। ସେଠାରେ ତିନୋଟି ପ୍ରକଳ୍ପ ୩୦ ଶଯ୍ୟା ବିଶିଷ୍ଟ ୪ କୋଟି ୮୬ଲକ୍ଷ ଟଙ୍କାର ମାତୃ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ, ୭୪ଲକ୍ଷ ଟଙ୍କାର ଗୋଷ୍ଠୀ ଜନସ୍ୱାସ୍ଥ୍ୟ କେନ୍ଦ୍ର ଓ ୩୦ଲକ୍ଷ ଟଙ୍କାର ଡିଜିଟାଲ ଜେରକ୍ସ ମେସିନର ଶୁଭ ଉଦଘାଟନ କରାଯାଇଥିଲା। ପରେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏକ ସଭାରେ ମୁଖ୍ୟଅତିଥି ଭାବେ ପରିବାର କଲ୍ୟାଣ ମନ୍ତ୍ରୀ ଡ଼. ମହାଲିଙ୍ଗ, ସମ୍ମାନିତ ଅତିଥି ଭାବେ ବିଧାୟକ ପଦ୍ମଲୋଚନ ପଣ୍ଡା, ଅନ୍ୟତମ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରଭାତ ବେହେରା, ଜିଲ୍ଲା ପରିଷଦ ରମେଶଚନ୍ଦ୍ର ସାହୁ, ବ୍ଲକ ଅଧକ୍ଷ ବାବାଜୀ ଚରଣ ମଲ୍ଲିକ, ସିମୁଳିଆ ଭାରପ୍ରାପ୍ତ ଚିକିତ୍ସାଧିକାରୀ ସମ୍ବିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବିଧାୟକ ଶ୍ରୀ ପଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ର ନିମନ୍ତେ ଜରୁରୀ ଆବଶ୍ୟକ ଶଲ୍ୟ ବିଭାଗ ବିଶେଷଜ୍ଞ, ଏମବିବିଏସ ଡାକ୍ତର ୫ଜଣ, ନର୍ସ ୧୦ଜଣ, ଝାଡୁଦାର ୮ ଜଣ, ସିକ୍ୟୁରିଟି ଗାର୍ଡ ୮ ଜଣ, ୪ଜଣ ଆଟେଣ୍ଡାଣ୍ଟ କର୍ମଚାରୀ, କର୍ମଚାରୀଙ୍କ ନିମନ୍ତେ ଷ୍ଟାଫ ଗୃହ, ଅନ୍ତର୍ବିଭାଗ ଗୃହ ସମେତ ସିଟିସ୍କାନ ମେସିନ ଆବଶ୍ୟକତାକୁ ଆଖି ଆଗରେ ମନ୍ତ୍ରୀଙ୍କୁ ଦାବି କରିଥିଲେ। ମନ୍ତ୍ରୀ ଏହାକୁ ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଗୋଷ୍ଠୀ ହିସାବ ପରିଚାଳକ ଅନିରୁଦ୍ଧ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଗୋଷ୍ଠୀ କାର୍ଯ୍ୟକ୍ରମ ପରିଚାଳକ ଗୋବିନ୍ଦ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଯୁବନେତା ନୀଳମାଧବ ପଣ୍ଡା ସମେତ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ପୌର କାର୍ଯ୍ୟାଳୟ ଘେରିଲେ ୱାର୍ଡବାସୀ

ସୋର, ୨୭।୨(ସମିସ): ସୋର ପୌରପାଳିକା ଅନ୍ତର୍ଗତ ୬ ନମ୍ବର ୱାର୍ଡ ପାରମହଲାରେ ରାସ୍ତାରେ ପାଣି ଜମି ରହିବାରୁ ଲୋକେ ନାହିଁ ନଥିବା ଅସୁବିଧାକୁ ସମ୍ମୁଖୀନ ହେଉଛନ୍ତି। ଏନେଇ ଗତ ୨୩ ତାରିଖରେ ୱାର୍ଡର ପାରିଷଦ ରହିମାତୁନ ବିବିଙ୍କ ସମେତ ୱାର୍ଡବାସୀ ପୌର ପାଳିକାରେ ଲିଖିତ ଅଭିଯୋଗ କରିଥିଲେ। ଫଳରେ ୨୭ ତାରିଖ ମଧ୍ୟରେ ଏହି ସମସ୍ୟାର ସମାଧାନ କରିବାକୁ ପୌରପାଳିକା ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ମାତ୍ର ପୌରପାଳିକା ତରଫରୁ ଏହି ସମସ୍ୟାର ସମାଧାନ ନ ହେବାରୁ ଆଜି ଅପରାହ୍ଣରେ ପାରିଷଦଙ୍କ ସହ ୱାର୍ଡବାସୀ ପୌରପାଳିକା କାର୍ଯ୍ୟାଳୟ ଘେରିଥିଲେ। ପରେ କନିଷ୍ଠଯନ୍ତ୍ରୀ ସଞ୍ଜୟ ସେଣ କ୍ଷେତ୍ର ପରିଦର୍ଶନ କରିବା ସହ ୨ ତାରିଖ ମଧ୍ୟରେ ଜଳ ନିଷ୍କାସନର ବ୍ୟବସ୍ଥା କରିବାକୁ ପ୍ରତିଶୃତି ଦେବା ପରେ ପରିବେଶ ଶାନ୍ତ ପଡ଼ିଥିଲା। ଆଗାମୀ ୨ତାରିଖ ମଧ୍ୟରେ ଏହାର ସ୍ଥାୟୀ ସମାଧାନ ନହେଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିବେ ବୋଲି ପାରିଷଦ ରହିମାତୁନ ବିବି କହିଛନ୍ତି।

# ଦୁଇଟି ଥାନାରୁ ୯ଟି ମ୍ୟୁଲ ଆକାଉଣ୍ଟ ଠାବ

**ରାଇରଙ୍ଗପୁର/ଗୋରୁମହିଷାଣୀ, ୨୭।୨(ସମିସ):** ବାଦାମପାହାଡ଼ ଓ ଗୋରୁମହିଷାଣୀ ଥାନା ଅଞ୍ଚଳରୁ ଗୋଟିଏ ଦିନରେ ୯ଟି ମ୍ୟୁଲ ଆକାଉଣ୍ଟ ଠାବ ହୋଇଛି। ଅନୈତିକ ଭାବେ ଅପରାଧିକ କାର୍ଯ୍ୟକଳାପ ପାଇଁ ଅର୍ଥ ନେଣଦେଣ ସକାଶେ ବ୍ୟବହୃତ ଉକ୍ତ ଆକାଉଣ୍ଟ ଜବତ ହୋଇଛି। ରାଜ୍ୟର ବିଭିନ୍ନ ବ୍ୟାଙ୍କରେ ଖୋଲାଯାଇଥିବା ମ୍ୟୁଲ ଆକାଉଣ୍ଟ ସମ୍ପର୍କରେ ଯାଞ୍ଚ ନିର୍ଦ୍ଦେଶ ଦିଆଯାଇଛି। ସାଇବର କ୍ରାଇମ କୋର୍ଡିନେସନ କେନ୍ଦ୍ର ସହାୟତାରେ କ୍ରାଇମବ୍ରାଞ୍ଚ ଦ୍ୱାରା ଅପରେସନ ସାଇବର କବଚ ଯାଞ୍ଚ ସମୟରେ ମ୍ୟୁଲ ଆକାଉଣ୍ଟ ଠାବ କରାଯାଇଛି। ବାଦାମପାହାଡ଼ ଥାନା ଅଞ୍ଚଳରେ ୪ଟି ଆକାଉଣ୍ଟ ଠାବ କରାଯାଇଛି। ସେଗୁଡିକ ଜୋରଦା ଗ୍ରାମର ପ୍ରାଞ୍ଜଳ ଗିରି, ଭୀମଚରଣ ମାଝୀ, ବଡ଼ଜୟଧାନପୋଷି ଗ୍ରାମର ଅଜିତ ମୁର୍ମୁ ଓ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଉପରବେଡା ଗ୍ରାମର ଅନୀତା ଗିରି। ସେହିପରି ଗୋରୁମହିଷାଣୀ ଥାନା ପକ୍ଷରୁ ୫ଟି ଆକାଉଣ୍ଟ ଠାବ କରାଯାଇଛି। ସେଗୁଡିକ ମୁଚେଇନେତ୍ରା ଗ୍ରାମର ଗୁରୁଚରଣ ମୁଣ୍ଡା, ହିମାବତୀ ନାୟକ, ବାଲିଆବଦୀ ଗ୍ରାମର ସୀମାଳ ମୁର୍ମୁ, ଡଙ୍ଗାପାଣି ଗ୍ରାମର ସିନି ନାଏକ, ନଧାବଣି ଗ୍ରାମର ପଙ୍କଜ ସିଂ। ଉକ୍ତ ଆକାଉଣ୍ଟଧାରୀଙ୍କ ଉଭୟ ଥାନା ଅନ୍ତର୍ଗତ ବିଭିନ୍ନ ବ୍ୟାଙ୍କରେ ମ୍ୟୁଲ ଆକାଉଣ୍ଟ ରହିଛି। ବ୍ୟାଙ୍କରେ ଥିବା ଉକ୍ତ ଆକାଉଣ୍ଟ ଦ୍ୱାରା ଅବୈଧ ଭାବେ ଧନରାଶି ତଥ୍ୟ ସମ୍ମୁଖକୁ ଆସିଛି। ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଥାନାରେ ଉକ୍ତ ଆକାଉଣ୍ଟ ଠାବ କରାଯାଇଛି। ଓଡ଼ିଶାର କ୍ରାଇମ ସାଇବର ତଦନ୍ତ ପ୍ରକ୍ରିୟା ଜାରି ରଖିଛନ୍ତି। ଉକ୍ତ ଆକାଉଣ୍ଟ ଦ୍ୱାରା ଅର୍ଥରାଶିର ମୂଳ ଉତ୍ସକୁ ଲୁଚାଯାଇପାରେ। ଏଭଳି ଆକାଉଣ୍ଟ ସାଧାରଣତଃ ଭୁଲ ପରିଚୟପତ୍ର ଦେଇ କିମ୍ବା ନିରୀହ ଲୋକଙ୍କୁ ପ୍ରଭାବିତ କରି ବ୍ୟାଙ୍କରେ ଖାତା ଖୋଲାଯାଇଥାଏ। ଉକ୍ତ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯିବା ସହିତ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ ଆରମ୍ଭ ହୋଇଛି।

# ହାଟରୁ ବାଇକ୍ ଚୋରି

**ରାଇରଙ୍ଗପୁର/ଗୋରୁମହିଷାଣୀ, ୨୭।୨(ସମିସ):** କୁଳେଇଶିଳା ସପ୍ତାହିକ ହାଟ ପରିସରରୁ ବାଇକ୍ ଚୋରି ହୋଇଛି। ଏ ନେଇ କୁସୁମଘାଟି ଗ୍ରାମର ସୁନୀଲ ନାଏକ ଗୋରୁମହିଷାଣୀ ଥାନାରେ ଅଭିଯୋଗ କରିଛନ୍ତି। ସଉଦା କଣିବାକୁ ହାଟ ଯାଇଥିବାବେଳେ ହାଟ ନିକଟରେ ନିଜ ବାଇକ ପାର୍କିଂ କରି ଯାଇଥିଲେ। ସେଠାରୁ ଫେରି ଦେଖିବା ବେଳକୁ ବାଇକ ନ ଥିଲା। ବହୁ ଖୋଜା ଖୋଜି କରି ନପାଇ ଥାନାରେ ଅଭିଯୋଗ କରିଛନ୍ତି।

# ବାଲି ବ୍ୟବସାୟୀଙ୍କ ନାଁରେ ଏତଲା

ଚନ୍ଦନେଶ୍ୱର,୨୭।୨ (ସମିସ): ପଶ୍ଚିମବଙ୍ଗକୁ ବେଆଇନ ବାଲି ଗାଡ଼ି ଚାଲାଣ ଘଟଣାରେ ବାଲି ବ୍ୟବସାୟୀ ସୁବଳ ସାହୁଙ୍କ ବିରୋଧରେ ତାଳସାରୀ ସାମୁଦ୍ରିକ ଥାନାରେ ଅଭିଯୋଗ ହୋଇଛି। ଭୋଗରାଇ ବ୍ଲକ ଗୋଛିଦା ତେଘରୀ ପଞ୍ଚାୟତର ବିଜେପି କର୍ମୀ ଦିଲ୍ଲୀପ କାମିଳାଙ୍କୁ ସୁବଳ ମୋବାଇଲ ଫୋନରେ ଜୀବନରୁ ମାରି ଦେବାର ଧମକ ଦେଇଥିଲେ। ଏହାର ଅଡିଓ ଭାଇରାଲ ହେବା ପରେ ଶ୍ରୀ କାମିଳା ଅଭିଯୋଗ କରିଛନ୍ତି। ଓଡିଶାରୁ ପଶ୍ଚିମବଙ୍ଗକୁ ବେଆଇନ ବାଲି ଚାଲାଣ ନେଇ ସମାଜସେବୀ ଦିଲ୍ଲୀପ କାମିଳା ପ୍ରତିବାଦ କରିଥିଲେ। ଚୋରା ଲଘୁ ଖଣିଜ ସମ୍ପଦକୁ ରୋକିବା ଦିଗରେ ପଦକ୍ଷେପ ନେବାକୁ ପ୍ରଶାସନକୁ ନିବେଦନ କରିଥିଲେ। ପ୍ରଶାସନ ପକ୍ଷରୁ କନିଷ୍ଠ ଖଣି ଅଧିକାରୀ ତାପସ କୁମାର ବେହେରା ଓ ତହସିଲଦାର ସୂର୍ଯ୍ୟକୁମାର ନାୟକ ଗୋଟିଏ ରାତି ପାଟ୍ରୋଲିଂ କରିବା ପରେ ବାଲି ମାଫିଆଙ୍କ ଭିତରେ ଛନକା ପଶିଥିଲା। ଏହାକୁ ନେଇ ବାଲି ବ୍ୟବସାୟୀମାନେ ଦିଲ୍ଲୀପ କାମିଳାକୁ ଜୀବନରୁ ମାରି ଦେବାକୁ ଉଦ୍ୟମ କରିଛନ୍ତି ବୋଲି ସେ ଅଭିଯୋଗ ଆଣିଛନ୍ତି।

# ତାରାପୁର ହାଇସ୍କୁଲରେ ଶିକ୍ଷକ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ

**ଭୋଗରାଇ ୨୭।୨(ସମିସ):** ବାଲେଶ୍ୱର ଜିଲ୍ଲା ଭୋଗରାଇର ନିମାତପୁର ପଞ୍ଚାୟତର ତରାପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ପାଇଁ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ ଶୁକ୍ରବାର ଉଦଯାପିତ ହୋଇଯାଇଛି। ପାଞ୍ଚଦିନ ଧରି ଚାଲିଥିବା କାର୍ଯ୍ୟକ୍ରମରେ ପ୍ରଶିକ୍ଷକ ଭାବେ ସିଆରସିସି କାର୍ତ୍ତିକଚନ୍ଦ୍ର ପାଳ, ପୂର୍ବତନ ସିଆରସିସି ଲମ୍ବୋଦର ଜେନା, ସିଆରସିସି ତାରାପଦ ପ୍ରଧାନ, ଆକାଶ ଜ୍ୟୋତି ମାଝୀ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ବିଆରସିସି ତଥା ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଜ୍ୟୋତ୍ସ୍ନାରାଣୀ ପଣ୍ଡା ଉଦ୍‌ଘାଟନ କରିଥିବା ବେଳେ ଗୋଷ୍ଠୀ ଶିକ୍ଷାଧିକାରୀ ଯଜ୍ଞେଶ୍ୱର ଜେନା ଚତୁର୍ଥ ଦିବସରେ ପରିଦର୍ଶନରେ ଆସି ଶିବିରର ଭିତ୍ତିଭୂମି ଓ ପରିଚାଳନା ଉପରେ ସନ୍ତୋଷ ପ୍ରକାଶ କରିଥିଲେ। ପସରବିନ୍ଧା ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ଅନୁପମ ସାହୁଙ୍କ ସଂଚାଳନରେ ଆୟୋଜିତ ଉଦଯାପନୀ ସଭାରେ ଅତିଥି ଭାବେ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଅମୃତା ସାହୁ, ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ପର୍ଶୁରାମ ଦାସ, ସମ୍ବାଦ ପ୍ରତିନିଧି ଶିଶିର ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରବିନ୍ଦ୍ର ରଣା ପ୍ରମୁଖ ଯୋଗଦେଇଥିଲେ। ବରିଷ୍ଠ ଶିକ୍ଷା କର୍ମଚାରୀ ଅଜିତ କୁମାର ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ପରିଚାଳନାରେ ଶିକ୍ଷକ ଧନଞ୍ଜୟ ପରିଡା, ଶକ୍ତିଧର ସାହୁ, ମାମୀ ସାହୁ, ଜ୍ୟୋତିର୍ମୟୀ ନାୟକ, ଶୁଭ୍ରକାନ୍ତ ଜେନା, ସବିତା ମଣ୍ଡଳ, ଗୀତାରାଣୀ ଦାସ, ବାସନ୍ତୀ ଦଳାଇ, ସଞ୍ଜୟ ନନ୍ଦୀ, ସୁଶାନ୍ତ ସେଠୀ, ସୁବ୍ରତ ପାତ୍ର, ବନମାଳୀ ବେହେରା ସମେତ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ମାନେ ସହଯୋଗ କରିଥିଲେ।



# ପିକ୍‌ଅପ୍ ଧକ୍କାରେ ବାଇକ୍ ଆରୋହୀ ମୃତ

**ନୀଳଗିରି, ୨୭।୨(ସମିସ):** ଶୁକ୍ରବାର ପୂର୍ବାହ୍ନ ସମୟରେ ଏକ ପିକ୍‌ଅପ ଭ୍ୟାନ ବାଇକକୁ ଧକ୍କା ଦେବାରୁ ୧୯ ବର୍ଷୀୟ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ତେଲିପାଳ ପଞ୍ଚାୟତ ହୁଡ଼ିସାହି ଗ୍ରାମର ନିରଞ୍ଜନ ସିଂଙ୍କ ପୁଅ ଶଙ୍କର। ନୀଳଗିରି ବ୍ଲକ ଅଯୋଧ୍ୟା ଫାଣ୍ଡି ଅଯୋଧ୍ୟା-ବରହମପୁର ରାସ୍ତାର ଅଯୋଧ୍ୟା ଛକଠାରୁ ମାତ୍ର ୫୦୦ ମିଟର ଦୂର ରାସ୍ତାର ଟର୍ନିଙ୍ଗ ପଏଣ୍ଟରେ ଅଯୋଧ୍ୟାରୁ ବରହମପୁରକୁ ଦ୍ରୁତ ଗତିରେ ଯାଉଥିବା ଓଡି଼୦୧ ବି ଏଫ୧୪୩୯ ନମ୍ବର ବିଶିଷ୍ଟ ଏକ ପିକ୍‌ଅପ ଭ୍ୟାନ ସହ ବିପରୀତ ବରହମପୁରରୁ ଅଯୋଧ୍ୟାକୁ ଯାଉଥିବା ଓଡି଼୦୧ଏୱାଇ ୪୦୩୨ ନମ୍ବର ବାଇକର ପରସ୍ପର ଧକ୍କା ହୋଇଥିଲା। ଶଙ୍କରଙ୍କୁ ନୀଳଗିରି ମେଡିକାଲ ଅଣାଯିବା ପରେ ବାଲେଶ୍ୱର ମେଡିକାଲକୁ ସ୍ଥାନାନ୍ତରିତ ହେଉଥିବା ବେଳେ ତାଙ୍କ ମୃତ୍ୟୁ ହୋଇଥିଲା। ପିକଅପ ମାଲିକା ବରହମପୁର ଅଞ୍ଚଳର ହୋଇଥିବା ବେଳେ ଦୁର୍ଘଟଣାସ୍ଥଳରୁ ଡ୍ରାଇଭର ଫେରାର ହୋଇଯାଇଛି। ବାଇକ ଓ ପିକ୍‌ଅପକୁ ଅଯୋଧ୍ୟା ଫାଣ୍ଡି ପୁଲିସ ଜବତ କରିଛି। ନୀଳଗିରି ଥାନା ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବା ସହ ତଦନ୍ତ ଜାରି ରହିଛି।

# ଯୁଗସ୍ରଷ୍ଟା ସାଧକ ମନୋଜ ଦାସଙ୍କ ଜୟନ୍ତୀ

ଚନ୍ଦନେଶ୍ୱର, ୨୭।୨ (ସମିସ)

ଭୋଗରାଇ ବ୍ଲକ ଶଙ୍ଖାରୀସ୍ଥିତ ମନ୍ମଥ-ମନୋଜ ସ୍ମାରକୀ ପୀଠରେ ଆଜି ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ପଦ୍ମଭୂଷଣ ମନୋଜ ଦାସଙ୍କ ୯୩ତମ ଜୟନ୍ତୀ ପାଳିତ ହୋଇଯାଇଛି। ପଦ୍ମଭୂଷଣ ମନୋଜ ଦାସ ୧୯୩୪ ଫେବୃଆରୀ ୨୭ ତାରିଖରେ ବାଲେଶ୍ୱର ଜିଲ୍ଲା ଭୋଗରାଇର ଶଙ୍ଖାରୀ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ଏବଂ ମନ୍ମଥ-ମନୋଜ ଫାଉଣ୍ଡେସନ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ମାରକୀ ପରିସରସ୍ଥ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ସମ୍ମିଳନୀ କକ୍ଷରେ ଭୋଗରାଇର ପୂର୍ବତନ ବିଧାୟକ ତଥା ଫାଉଣ୍ଡେସନର ସଭାପତି ସୁଶାନ୍ତ କୁମାର ଚାନ୍ଦଙ୍କ ସଭାପତିତ୍ୱରେ ସଭାରେ




ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସନିକ ସେବା ଅଧିକାରୀ ତଥା ସାହିତ୍ୟିକ ଓ ସ୍ତମ୍ଭକାର ନିରଞ୍ଜନ ସାହୁ, ମୁଖ୍ୟବକ୍ତା ଭାବେ ନାଇଜର ଭୁବନେଶ୍ୱର ଅବସରପ୍ରାପ୍ତ କୁଳସଚିବ ତଥା ସୁସାହିତ୍ୟିକ ଅଭୟ ନାୟକ, ସମ୍ମାନିତ ଅତିଥି ଭାବେ ଓଡ଼ିଶା ସାହିତ୍ୟିକ ଏକାଡେମୀ ଭୁବନେଶ୍ୱରର ସଞ୍ଜୟ କୁମାର ଛୁଆଳସିଂ, ଫାଉଣ୍ଡେସନର ସମ୍ପାଦକ ଶିକ୍ଷାବିତ ସୁବାସ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଫାଉଣ୍ଡେସନର ଯୁଗ୍ମ ସମ୍ପାଦକ ସୁଶାନ୍ତ ନାୟକ ମଞ୍ଚ ସଞ୍ଚାଳନ କରିଥିବା ବେଳେ ସାମ୍ବାଦିକ ଅନନ୍ତ ପ୍ରଧାନ ମଞ୍ଚ ଆହ୍ୱାନ, ପୁଷ୍ପଲତା ପଣ୍ଡା

ଅତିଥି ପରିଚୟ ଓ ପ୍ରାକ୍ତନ ଭୋଗରାଇ ଓଷ୍ଟା ସଭାପତି ଶ୍ରୀନିବାସ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସ୍ଥାନୀୟ ଅଞ୍ଚଳର ବହୁ ମନୋଜପ୍ରେମୀଙ୍କ ସହିତ ବିଦ୍ୟାଳୟର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଫାଉଣ୍ଡେସନର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ପରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଭୁବନେଶ୍ୱର ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ଅପରେସନ୍ ସାଇବର କବଚ

# ପ୍ରି-ଆକ୍ଟିଭେଟେଡ୍ ସିମ୍‌କାର୍ଡ ଯୋଗାଇବା ଅଭିଯୋଗରେ ଜଣେ ଗିରଫ



ବ୍ରହ୍ମପୁର, ୨୭ ।୨ (ସମିସ): ଅପରାଧୀଙ୍କୁ ପ୍ରି-ଆକ୍ଟିଭେଟେଡ୍ ସିମ୍ କାର୍ଡ ଯୋଗାଇବା ଅଭିଯୋଗରେ ସାଇବର ଥାନା ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଅଭିଯୁକ୍ତ ହେଲେ ଦିଗପହଣ୍ଡି ପନ୍ଦରା ସାହିର ପ୍ରଶାନ୍ତ ବେହେରା (୩୩) । ପୁଲିସ ଅଭିଯୁକ୍ତଙ୍କ ଠାରୁ ଗୋଟିଏ ମୋବାଇଲ, ୫ ସିମ୍‌କାର୍ଡ ଜବତ କରିଛି । ସାଇବର ଅପରାଧ ଉପରେ ଲଗାମ ଲଗାଇବା ପାଇଁ ଓଡ଼ିଶା ପୁଲିସ ପକ୍ଷରୁ ଆରମ୍ଭ ହୋଇଥିବା ବିଶେଷ ଅଭିଯାନ "ଅପରେସନ ସାଇବର କବଚ' ସମଗ୍ର ରାଜ୍ୟରେ ଜାରି ରହିଛି । ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଏସପି ମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ସାଇବର କ୍ରାଇମ୍ ୟୁନିଟ୍ ମାନଙ୍କ ଦ୍ୱାରା ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଏହି ଅଭିଯାନ ଅଧୀନରେ ସାଇବର ଠକେଇରେ ବ୍ୟବହୃତ ମ୍ୟୁଲ୍ (ବେନାମୀ) ବ୍ୟାଙ୍କ ଆକାଉଣ୍ଟ ଏବଂ ଏଥିରେ ସମ୍ପୃକ୍ତ ସହାୟକମାନଙ୍କୁ ଚିହ୍ନଟ କରାଯାଇ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଗଞ୍ଜାମ ଜିଲ୍ଲାରେ ମୋଟ ୨୭୧ଟି ମ୍ୟୁଲ୍ (ବେନାମୀ) ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରାଯାଇ ଜଣେ ଅଭିଯୁକ୍ତ ଗିରଫ ଗିରଫ କରାଯିବା ସହ ୬୮ ଜଣଙ୍କୁ ଆଇନଗତ ନୋଟିସ୍ ଜାରି କରାଯାଇଥିବା ଜଣାପଡିଛି । ସେଥିମଧ୍ୟରୁ ଗଞ୍ଜାମ ପୁଲିସ ଜିଲ୍ଲାରେ ୨୨୦ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ମ୍ୟୁଲ୍ ବ୍ୟାଙ୍କ ସଂପୃକ୍ତ ୬ଟି ଏବଂ ଏଟିଏମ୍ ଟଙ୍କା ଉଠାଣ ସଂପୃକ୍ତ ୧ଟି ମାମଲା ରୁଜୁ କରି ୧ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ୨୬ଜଣଙ୍କୁ ନୋଟିସ୍ ଜାରି ହୋଇଛି ।

ସେହିପରି ବ୍ରହ୍ମପୁର ଜିଲ୍ଲା ପୁଲିସ ୫୧ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୨ଟି ପୁରୁଣା ଏଫ୍‌ଆଇଆର୍ ସଂପୃକ୍ତ ୪୨ଜଣଙ୍କୁ ଆଇନଗତ ନୋଟିସ୍ ଜାରି କରି କରି ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଥିବା ଜଣାପଡ଼ିଛି । ଏହି ଅଭିଯାନ ସାଇବର ଅପରାଧରେ ବ୍ୟବହୃତ ମ୍ୟୁଲ୍ ବ୍ୟାଙ୍କ୍ ଆକାଉଣ୍ଟ୍ ଏବଂ ପ୍ରି-ଆକ୍ଟିଭେଟେଡ୍ ସିମ୍ କାର୍ଡଗୁଡ଼ିକୁ ଲକ୍ଷ୍ୟ କରିଛି । ବ୍ରହ୍ମପୁର ବିଶ୍ୱସନୀୟ ଗୁଇନ୍ଦା ସୂତ୍ର ଏବଂ ରିପୋର୍ଟ ଆଧାରରେ ବ୍ରହ୍ମପୁରର ବଡ଼ବଜାର ସ୍ଥିତ ଏକ ସିମ୍ ବିକ୍ରି ସ୍ଥାନରେ ଚଢ଼ଉ କରିଥିଲା । ତଦନ୍ତ ସମୟରେ ଜଣାପଡ଼ିଥିଲା ଯେ, ଅଭିଯୁକ୍ତ ପ୍ରସନ୍ତ ବେହେରାଙ୍କ ନାମରେ ଏକ ସିମ୍‌କାର୍ଡ ମାନ୍ୟତାପ୍ରାପ୍ତ କେଓ୍ୱାଇସି ନିୟମ ଅନୁସାରେ ଗତ ୨୦୨୧ ଫେବୃଆରୀ ଦୁଇ ତାରିଖ ଜାରି କରାଯାଇଥିଲା । ଏହି ସିମ୍ କାର୍ଡ ତେଲେଙ୍ଗାନାର ବିକ୍ରବାଦ୍ ଟାଉନ୍‌ରେ ଏକ ବଡ଼ ଠକେଇ ମାମଲା ସହିତ ଜଡ଼ିତ ଥିବା ସାଇବର ଗ୍ୟାଙ୍ଗ ଟେଲିଗ୍ରାମ୍ ଏବଂ ହ୍ୱାଟସଆପ୍ ମାଧ୍ୟମରେ "ପାର୍ଟ-ଟାଇମ୍ ଜବ୍' ଅଫର୍ ଦେଇ ଲୋକଙ୍କୁ ପ୍ରଲୋଭିତ କରିଥିଲେ । ମୋଟ ୪ ଲକ୍ଷ ୭୭ ହଜାର ୪୩୩ ଟଙ୍କା ଠକି ନେଇଥିଲେ । ସିମ କାର୍ଡ ଯୋଗାଇବା ଅଭିଯୋଗରେ ସାଇବର ଥାନା ପୁଲିସ ପ୍ରସନ୍ନ ବେହେରାଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି ।। ଅଭିଯୁକ୍ତଙ୍କ ଠାରୁ ପୁଲିସ ଗୋଟିଏ ମୋବାଇଲ୍ ଫୋନ୍ ଓ ପାଞ୍ଚଟି ସିମ୍ କାର୍ଡ ଜବତ କରିଛି । ଜିଲ୍ଲାରେ ଏଭଳି ଅଭିଯାନ ଜାରି ରହିଛି ଯାହା ମ୍ୟୁଲ୍ ଆକାଉଣ୍ଟ୍ ଏବଂ ଅବୈଧ ସିମ୍ କାର୍ଡଗୁଡ଼ିକୁ ନିଷ୍କ୍ରିୟ କରିବାକୁ ଲକ୍ଷ୍ୟ ରଖିଛି ବୋଲି ବ୍ରହ୍ମପୁର ଏସପି ଡା ସର୍ବଣା ବିବେକ ଏମ. ସୂଚନା ଦେଇଛନ୍ତି ।

- ମୋବାଇଲ୍, ୫ ସିମ୍‌କାର୍ଡ ଜବତ
- ଜିଲ୍ଲାରେ ୨୭୧ଟି ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ
- ଜଣେ ଅଭିଯୁକ୍ତ ଗିରଫ, ୬୮ ଜଣଙ୍କୁ ଆଇନଗତ ନୋଟିସ୍ ଜାରି


## ୩ ଚୋରି ବାଇକ୍ ଉଦ୍ଧାର; ଜଣେ ଗିରଫ



ବ୍ରହ୍ମପୁର,୨୭ ।୨(ସମିସ): ବଡ଼ବଜାର ଥାନା ପୁଲିସ ୨ଜଣିଆ ବାଇକ ଚୋର ଗ୍ୟାଙ୍ଗକୁ ଧରିଛି । ସେମାନଙ୍କ ନିକଟରୁ ୩ଟି ଚୋରି ବାଇକ ଉଦ୍ଧାର କରିଛି । କାବୁ ହୋଇଥିବା ଏହି ୨ଜଣଙ୍କ ମଧ୍ୟରୁ ଲକ୍ଷ୍ମୀନୃସିଂହ ସାହିର ରାହୁଲ କ୍ଷେତ୍ରୀ(୨୧) ରହିଥିବା ବେଳେ ଆଉ ଜଣେ ସେହି ଅଞ୍ଚଳର ୧୭ ବର୍ଷୀୟ ନାବାଳକ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି । ଆସିକାରୋଡ ସ୍ଥିତ ହୋଣ୍ଡା ଶୋରୁମ୍ ନିକଟରେ ବଡ଼ବଜାର ପୁଲିସ ପକ୍ଷରୁ ଗାଡ଼ିମଟର ଯାଞ୍ଚ ଚାଲିଥିଲା । ଏହି ସମୟରେ ବିନା ନମ୍ବର ପ୍ଲେଟ୍ ବିଶିଷ୍ଟ ଏକ ନୀଳ ରଙ୍ଗର ଦାମୀ ବାଇକରେ ଅଭିଯୁକ୍ତ ରାହୁଲ ଓ ନାବାଳକ ଆସିକା ରୋଡ ପଟୁ ଦ୍ରୁତ ଗତିରେ ଆସୁଥିଲେ । ପୁଲିସ ଉଭୟଙ୍କୁ ଅଟକାଇ ପଚରାଉଚରା କରିଥିଲା । ନମ୍ବର ପ୍ଲେଟ ନଥିବାରୁ ଇ-ଚାଲାଣ ମେସିନ୍ ସାହାଯ୍ୟରେ ଉକ୍ତ ଦାମୀ ବାଇକର ଇଞ୍ଜିନ ଓ ଚେଚିସ୍ ନମ୍ବର ଯାଞ୍ଚ କରିବା ପରେ ଏହି ବାଜାଜ୍ ଭି-୧୫ ବାଇକ୍‌ଟି (ଓଡି-୦୭-ଏନ-୬୪୫୭) ଗତ ୨୪ ତାରିଖରେ ମାର୍ଥା ସାହିରୁ ଚୋରି ହୋଇଥିଲା ବୋଲି ପୁଲିସ ଜାଣିବାକୁ ପାଇଥିଲା । ପଚରାଉଚରା ବେଳେ ଅଭିଯୁକ୍ତମାନେ ପିଟିପିଟିଆ ନଗରର ଏକ ପରିତ୍ୟକ୍ତ ସ୍ଥାନରେ ଆଉ ୨ଟି ଚୋରା ବାଇକ୍ ରଖିଥିବା ସୂଚନା ଦେଇଥିଲେ । ସେହିକ୍ରମରେ ପୁଲିସ ଉକ୍ତ ସ୍ଥାନରେ ଚଢଉ କରି ଚୋରା ବାଇକ ଜବତ କରିଥିଲା । ଅଭିଯୁକ୍ତ ରାହୁଲ ଜଣେ ଅଭ୍ୟାସଗତ ଅପରାଧୀ । ୨୦୨୫ ନଭେମ୍ବରରେ ଚୋରି ମାମଲାରେ ଗିରଫ ହୋଇ ଜେଲ୍ ଯାଇଥିଲା । ଜାମିନରେ ଆସିବା ପରେ ପୁଣି ଏହି ଅପରାଧରେ ଲିପ୍ତ ହୋଇଥିବା ପୁଲିସ ତଦନ୍ତରୁ ଜଣାପଡିଛି । ରାହୁଲଙ୍କୁ କୋର୍ଟଚାଲାଣ କରାଯାଇଥିବା ବେଳେ ନାବାଳକଙ୍କୁ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି ।

## ମତ୍ସ୍ୟ ବିଜ୍ଞାନ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ବ୍ରହ୍ମପୁର,୨୭ ।୨(ସମିସ): ମାଣ୍ଡିଆପଲ୍ଲୀ ସ୍ଥିତ ମତ୍ସ୍ୟ ବିଜ୍ଞାନ ମହାବିଦ୍ୟାଳୟର ୨୬ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଓୟୁଏଟିର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଏଥିରେ ଅଧକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ମତ୍ସ୍ୟ କ୍ଷେତ୍ରର ଉନ୍ନତି ପାଇଁ ମତ୍ସ୍ୟ ବିଜ୍ଞାନ ମହାବିଦ୍ୟାଳୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ । ଡିନ୍ ପ୍ରଫେସର ନିତ୍ୟାନନ୍ଦ ଦାଶ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଦେଶ



ବିଦେଶରେ ଖ୍ୟାତି ଅର୍ଜନ କରିଥିବା କହିଥିଲେ । ଛାତ୍ର କମିଟିର ଚେୟାରମ୍ୟାନ ଦେବବ୍ରତ ପଣ୍ଡା ଛାତ୍ରଛାତ୍ରୀମାନେ ପାଠପଢ଼ା ପରେ କିପରି ନିଯୁକ୍ତି ପାଇବେ ତାହାରି ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ । ଛାତ୍ର କମିଟିର ଆବାହକ ପ୍ରୀତିଦୀପନ ମାଣ୍ଡିଲି ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ପରାମର୍ଶଦାତା ଡ଼.ଧରିତ୍ରୀ ଚୌଧୁରୀ ଅତିଥି ପରିଚୟ ଦେଇଥିଲେ । ଏ ଅବସରରେ ଛାତ୍ର କମିଟି ଦ୍ୱାରା ପ୍ରକାଶିତ 'ମତ୍ସ୍ୟକନ୍ୟା' ପତ୍ରିକା ଅତିଥିମାନେ ଉନ୍ମୋଚିତ କରିଥିଲେ ।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ବକ୍ସିଂ ପୁରୁଷ ଦଳର ହରିୟାଣା ଗସ୍ତ

ବ୍ରହ୍ମପୁର,୨୭ ।୨(ସମିସ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ପକ୍ଷରୁ ବକ୍ସିଂ ପୁରୁଷ ଦଳ ହରିୟାଣା ଗସ୍ତ କରିଛନ୍ତି । ହରିୟାଣା ସ୍ଥିତ କୁରୁକ୍ଷେତ୍ର ୟୁନିଭର୍ସିଟିରେ ମାର୍ଚ୍ଚ ୨ରୁ ୭ ପର୍ଯ୍ୟନ୍ତ ହେବାକୁ ଥିବା ଅଲଇଣ୍ଡିଆ ଆନ୍ତଃ ବିଶ୍ୱବିଦ୍ୟାଳରେ ଅଂଶଗ୍ରହଣ କରିବେ । ଦଳରେ ଗୁରାଣ୍ଡି ଏମ.କେ ଡିଗ୍ରୀ କଲେଜର ମୋହନ ଅ୍ଂକୁଳ, ବିଜୟ କୁମାର ଅ୍ଂକୁଳ, ଡୁରା ଆର ଏନ ଡିଗ୍ରୀ କଲେଜର ରୋଶନ




ଗୌଡ, ଜି.ଯୋଗୀନନ୍ଦ, ବ୍ରହ୍ମପୁର ବିନାୟକ ଆଚାର୍ଯ୍ୟ କଲେଜ ସମିର ନାୟକ ରହିଥିବା ବେଳେ ମ୍ୟାନେଜର ଭାବେ ଗୁରାଣ୍ଡି ଏମ.କେ ଡିଗ୍ରୀ କଲେଜ ପିଇଟି ସୁରେଶ ଚନ୍ଦ୍ର ମଲ୍ଲିକ, କୋଚ ଭାବେ ତନ୍ମୟ କୁମାର ସାହୁ ଦଳରେ ଗସ୍ତ କରିଛନ୍ତି । କ୍ରୀଡ଼ା ପରିଷଦ ପକ୍ଷରୁ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, କ୍ରୀଡ଼ା ପରିଷଦ ସମ୍ପାଦକ ପ୍ରଫେସର ଧ୍ରୁବ ଚରଣ ପଣ୍ଡା, ରାଜେଶ ମହାନ୍ତି, ଦୁଷ୍ମନ୍ତ କୁମାର ପାଢ଼ୀ, କବିରାଜ ଗୌଡ଼, ମନୋରମା ମହାରଣା, ପ୍ରଫୁଲ କୁମାର ମହାନ୍ତି ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି ।

### ● ଚେତାବନୀ ସତ୍ତ୍ୱେ ଚାଲିଥିଲା ହୁକାବାର୍

## ହୋଟେଲ ମାଲିକ ଗିରଫ

ବ୍ରହ୍ମପୁର,୨୭ ।୨(ସମିସ): ଚେତାବନୀ ସତ୍ତ୍ୱେ ହୁକା ବାର ଚଳାଇବା ଅଭିଯୋଗରେ ଜଣେ ହୋଟେଲ ମାଲିକକୁ ଟାଉନ୍ ଥାନା ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଜଣକ ହେଲେ ଲକ୍ଷ୍ମୀନୃସିଂହ ସାହି ତୃତୀୟ ଲାଇନର ବି. ଅମୀର କୁମାର ପାତ୍ର (୩୬) । ୪ଟି ହୁକା ମେସିନ, ଗୋଟିଏ ବରଫ ଫିଲ୍ଟର, ୧୦ଟି ହୁକା ଫିଲ୍ଟର, ୩ଟି ହୁକା ପାଇପ୍, ୩ଟି ହୁକା ମସଲାର ପକେଟକୁ ପୁଲିସ ଜବତ କରିଛି । ଆଡ୍ଡା ହୋଟେଲ ନାମରେ ଏକ ରେଷ୍ଟୁରାଣ୍ଟରେ ଚାଲିଥିବା ହୁକା ବାର୍ ଉପରେ ଟାଉନ ଥାନା ପୁଲିସ ପକ୍ଷରୁ ଚଢ଼ଉ କରାଯାଇଥିଲା । ଚଢ଼ଉ ସମୟରେ କିଛି ଲୋକ ରେଷ୍ଟୁରାଣ୍ଟ ଭିତରେ ହୁକା ଧୂମପାନ କରୁଥିବା ଜଣାପଡ଼ିଥିଲା ।



ମାଲିକ କୌଣସି ବୈଧ ଲାଇସେନ୍ସ ଦେଖାଇ ପାରିନଥିଲେ । ପୁଲିସ ୫ ହୁକା ପାତ୍ର, ୩ ଫିଲ୍ଟର, ଗୋଟିଏ ପକେଟ କଏଲ, ୦୬ ଚିଲମ୍, ୭ ପାଇପ୍, ୦୫ ହୁକା ପାଇପ୍, ୫ ସ୍ପ୍ରିଙ୍ଗ, ୮ ହୁକା ମସଲା ଜବତ କରିଥିଲା । ଏହି ପରିପ୍ରେକ୍ଷୀରେ ୨୫ତାରିଖରେ ଟାଉନ୍ ପୁଲିସ ହୋଟେଲ ମାଲିଲ ବି. ଅମୀର କୁମାର ପାତ୍ରଙ୍କ ବିରୁଦ୍ଧରେ ମାମଲା ରୁଜୁ ତାଙ୍କୁ ନୋଟିସ୍ ଦିଆଯାଇଥିଲା । ଏହା ପୁନଃରାବୃତ୍ତି ନକରିବା ପାଇଁ ଚେତାବନୀ ଦିଆଯାଇଥିଲା । ପୁଣି ଉକ୍ତ ହୋଟେଲରେ ୨୬ ତାରିଖରେ ଚଢ଼ଉ କରାଯାଇଥିଲା । ଏହି ସମୟରେ କିଛି ଲୋକ ରେଷ୍ଟୁରାଣ୍ଟ ଭିତରେ ହୁକା ପାନ କରୁôଥବା ଜଣାପଡ଼ିବା ପରେ ପୁଲିସ ମାଲିକ ଉପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଥାନା ଅଧିକାରୀ ରାମ ସୁବ୍ରମଣ୍ୟମ ପ୍ରଧାନ ସୂଚନା ଦେଇଛନ୍ତି ।

## ଛତ୍ରପୁର ଓ ସୋନପୁରକୁ ଗଡ଼ିଲା 'ଆମ ବସ୍'

ବ୍ରହ୍ମପୁର,୨୭ ।୨(ସମିସ): ବ୍ରହ୍ମପୁର ସହରର ବିଭିନ୍ନ ସ୍ଥାନକୁ ମୋଟ ୬ଟି ରୁଟ୍‌ରେ 'ଆମ ବସ୍' ଗଡିଥିବା ବେଳେ ବର୍ତ୍ତମାନ ସେଥିରେ ଆଉ ୨ଟି ରୁଟ୍ ଯୋଡ଼ି ହୋଇଛି । ବସ୍ ନମ୍ବର ୩୦୫ରେ ଯାତ୍ରୀମାନେ ବ୍ରହ୍ମପୁର ରେଳ ଷ୍ଟେସନ ଠାରୁ ଛତ୍ରପୁର ପର୍ଯ୍ୟନ୍ତ ଯାତ୍ରା କରିପାରିବେ । ସେହିପରି ଅନ୍ୟଏକ ରୁଟ୍ ତଥା ବସ୍ ନମ୍ବର ୩୦୬ରେ ମହାତ୍ମା ଗାନ୍ଧୀ ଷ୍ଟାଡ଼ିୟମରୁ ସୋନପୁର ଭାୟା ଭୈରବୀ ମନ୍ଦିର ଦେଇ ଯାତ୍ରୀମାନେ ଯାତ୍ରା କରିପାରିବେ ବୋଲି 'ଆମ ବସ' ପରିଚାଳନା ସଂସ୍ଥା କ୍ରୁଟ ପକ୍ଷରୁ କୁହାଯାଇଛି । ଅନ୍ୟପକ୍ଷରେ ପୂର୍ବରୁ ବିଭିନ୍ନ ରୁଟ୍‌ରେ ଚାଲିଥିବା 'ଆମ ବସ' ସେବାରେ କିଛି ପରିବର୍ତ୍ତନ ହୋଇଛି । ପୂର୍ବରୁ ୩୦୦ ନମ୍ବର ବସ୍ ନିଷ୍ଟ ବିଶ୍ୱବିଦ୍ୟାଳୟରୁ ଫାଷ୍ଟଗେଟ୍ ରୁଟ୍ ଗଡୁଥିଲା, ଯାହାକି ବର୍ତ୍ତମାନ ଭାୟା ସୁରଳ ଜଙ୍କସନ ହୋଇ ସୁନାପୁର ବେଳାଭୂମି ପର୍ଯ୍ୟନ୍ତ ଚାଲିବ । ସେହିପରି ୩୦୨ ରୁଟ୍‌ରେ ବ୍ରହ୍ମପୁର ରେଳ ଷ୍ଟେସନରୁ ରେଗିଡ଼ି ଛକ ପର୍ଯ୍ୟନ୍ତ ଚାଲୁଥିବା ବେଳେ ତାହା ବର୍ତ୍ତମାନ ଭାୟା ରେଗିଡ଼ି ଛକ ହୋଇ ତାରାତାରିଣୀ ପର୍ଯ୍ୟନ୍ତ ଚାଲିବ । ୩୦୩-ଇ ରୁଟ୍ ବର୍ତ୍ତମାନ ଡୁଡୁମା କଲୋନୀ ଠାରୁ ଧବଳେଶ୍ୱର ମନ୍ଦିର ଭାୟା ଡୁରା ପଥରା ଦେଇ ଚାଲିବ । ୩୦୪ରୁଟ୍ ରେଳ ଷ୍ଟେସନ ଠାରୁ ଡି. ପାଟପୁର ପର୍ଯ୍ୟନ୍ତ ଚାଲୁଥିବା ବେଳେ ବର୍ତ୍ତମାନ ଭାୟା ନନ୍ଦିକ ହୋଇ ରାଳବ ଛକ ପର୍ଯ୍ୟନ୍ତ ଚାଲିବ । ସେହିପରି ୩୦୧ରୁଟ୍‌ଟି ଅପରିବର୍ତ୍ତିତ ରହିଛି । ଅନ୍ୟପକ୍ଷରେ ଏନେଇ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ (ବିଇଡ଼ିଏ) ପରିସରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି । ବିଇଡ଼ିଏ ଉପାଧ୍ୟକ୍ଷ ପ୍ରଥମେଶ ଅରବିନ୍ଦ ରାଜର୍ଶିକେ, ବିଇଡ଼ିଏ ସେକ୍ରେଟେରୀ ରମେଶ ହାଁସଦା, ଗଞ୍ଜାମ ଆରଟିଓ ଦେବାଶିଷ ସ୍ୱାଇଁଙ୍କ ସମେତ କ୍ରୁଟର ଅଧିକାରୀ ଓ ଘରୋଇ ବସ୍ ମାଲିକ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ । ଏମାନଙ୍କ ଭିତରେ ଏକ ସମନ୍ୱୟ ବୈଠକ ହୋଇଥିଲା । ନୂତନ ବସ୍ ଚାଲିବା ନେଇ ସମୟ ସମେତ ବିଭିନ୍ନ ବିଷୟ ଉପରେ ଆଲୋଚନା କରାଯାଇଥିଲା ।

**ବିଇଡିଏରେ ସମନ୍ୱୟ ବୈଠକ**

### ଭୋଜି ଖାଇ ଯାଇଥିଲା ପିଲା; ଚୋରି ସନ୍ଦେହରେ ତୁମୂଳକାଣ୍ଡ

## ମେଣ୍ଟୁଛକରେ ଉତ୍ତେଜନା; ରାସ୍ତାରୋକ



ବ୍ରହ୍ମପୁର,୨୭।୨(ସମିସ): ପିଲା ଚୋରିକୁ କେନ୍ଦ୍ରକରି ବଡ଼ବଜାର ଥାନା ଅନ୍ତର୍ଗତ ପୁରୁଣା ବ୍ରହ୍ମପୁର ମେଣ୍ଟୁ ଛକରେ ଶୁକ୍ରବାର ସନ୍ଧ୍ୟାରେ ଉତ୍ତେଜନା ପ୍ରକାଶ ପାଇବା ସହ ଓ ରାସ୍ତାରୋକ ହୋଇଛି । ସେହି ଅଞ୍ଚଳର ଜଣେ ନାବାଳକ ଆଜି ସନ୍ଧ୍ୟାରେ କେଉଁଆଡେ ନିଖୋଜ ହୋଇଯାଇଥିଲେ । ପରିବାର ଲୋକେ ତାଙ୍କୁ ଖୋଜି ନିରାଶ ହେବା ପରେ କୌଣସି ପିଲାଚୋର ଏହି ନାବାଳକଙ୍କୁ ନେଇ ଯାଇଥିବା ଅଭିଯୋଗ ହୋଇଥିଲା । ପିଲା ଚୋରଙ୍କୁ ଧରିବା ଓ ନାବାଳକଙ୍କୁ ଖୋଜି ବାହାର କରିବା ଦାବିରେ ଅଞ୍ଚଳବାସୀ ମେଣ୍ଟୁ ଛକରେ ଏକାଠି ହୋଇଥିଲେ । ଧୀରେ ଧୀରେ ଲୋକଙ୍କ ଭିଡ଼ ଜମିବା ସହ ଉତ୍ତେଜନା ବଢ଼ିଥିଲା । ସାହିବାସିନ୍ଦା ଛକରେ ଟାୟାର ଜାଳି ରାସ୍ତାରୋକ କରିଥିଲେ । ଫଳରେ ହରିଡାଖଣ୍ଡି-ଅନ୍ଧପସରା ରୋଡ଼ ସହ ଲାଠି ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା । ଖବରପାଇ ପୁଲିସ ପହଞ୍ଚି ବୁଝାସୁଝା କରିଥିଲା । ତେବେ ରାତି ୯ଟା ବେଳେ ସଂପୃକ୍ତ ନାବାଳକ ଜଣଙ୍କ ଏକ ଭୋଜିରେ ଯୋଗ ଦେବାକୁ ଯାଇଥିବା ଜଣାପଡ଼ିବା ପରେ ରାସ୍ତାରୋକ ହଟିଥିଲା ।

### ଭବିଷ୍ୟତ ଗଢ଼ିବାକୁ ବାଜିରେ ଲାଗୁଛି ଜୀବନ

## ବିପଦସଂକୁଳ ଭାବେ କେନ୍ଦ୍ରକୁ ଯାଉଛନ୍ତି ମାଟ୍ରିକ୍ ପରୀକ୍ଷାର୍ଥୀ



ବ୍ରହ୍ମପୁର,୨୭ ।୨(ସମିସ): ଭବିଷ୍ୟତ ଗଢ଼ିବାକୁ ବାଜିରେ ଲାଗୁଛି ଜୀବନ । ବିପଦସଂକୁଳ ଭାବେ କେନ୍ଦ୍ରକୁ ଯାଉଛନ୍ତି ମାଟ୍ରିକ୍ ପରୀକ୍ଷାର୍ଥୀ । ଏମିତି ଏକ ଦୃଶ୍ୟ ବ୍ରହ୍ମପୁର ସହରରେ କିଛି ଦିନ ହେବ ଦେଖିବାକୁ ମିଳିଛି । ଗୋଟିଏ ଅଟୋରେ ୧୪ରୁ ଅଧିକ ଛାତ୍ରଛାତ୍ରୀ ଦଶମ ପରୀକ୍ଷା ଦେବାକୁ ଯାଉଥିବା ଦେଖିବାକୁ ମିଳିଛି । ସେଥିମଧ୍ୟରୁ କିଛି ଦଶମ ଶ୍ରେଣୀର ଛାତ୍ର ଅଟୋର ପଛ ଭାଗରେ ଅତ୍ୟଧିକ ଭିଡ଼ ମଧ୍ୟରେ ବସି ପରୀକ୍ଷା କେନ୍ଦ୍ରକୁ ଯାଉଛନ୍ତି । ସେଥି ମଧ୍ୟରୁ କେହି ବିନା ଜୋତାରେ ଅଟୋରେ ବାହାରକୁ ପାଦ ଝୁଲାଇ ରଖିଛନ୍ତି । ରାସ୍ତାରେ ଯାନ ଚଳାଚଳ ଚାଲିଥିବା ସମୟରେ ଏଭଳି ଯାତ୍ରା କୌଣସି ମହୁର୍ତ୍ତରେ ଦୁର୍ଘଟଣାକୁ ଆମନ୍ତ୍ରଣ କରିପାରେ । ବାଲିପଡ଼ା ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ବିନାୟକ ଆଚାର୍ଯ୍ୟ ସରକାରୀ ଉଚ୍ଚ ବିଦ୍ୟାଳୟରେ ପରୀକ୍ଷା କେନ୍ଦ୍ର ରହିଛି । ବିଦ୍ୟାଳୟଠାରୁ ପରୀକ୍ଷା କେନ୍ଦ୍ରର ଦୂରତା ପ୍ରାୟ ୮ରୁ ୧୦ କିଲୋମିଟର ରହିଥିବା ବେଳେ ପ୍ରତି ପରୀକ୍ଷା ଦିନ ଛାତ୍ରଛାତ୍ରୀ ଅଟୋ ସାହାଯ୍ୟରେ ପରୀକ୍ଷା କେନ୍ଦ୍ରକୁ ଆସିଥାନ୍ତି । ପର୍ଯ୍ୟାପ୍ତ ଯାତାୟାତ ବ୍ୟବସ୍ଥା ନଥିବାରୁ ଛାତ୍ରଛାତ୍ରୀମାନେ ଏଭଳି ବିପଦଜନକ ଭାବରେ ଅଟୋରେ ଯାତାୟାତ କରୁଛନ୍ତି ।

ଅନ୍ୟପକ୍ଷରେ ଛାତ୍ରଛାତ୍ରୀଙ୍କୁ ନେଇ ଏଭଳି ବିପଦ ସଙ୍କୁଳ ଅବସ୍ଥାରେ ଯାତାୟତ କରିବା ପରିବହନ ବିଭାଗର ନିୟମର ସମ୍ପୂର୍ଣ୍ଣ ଉଲଂଘନ କରାଯାଉଛି । ସେହିଭଳି ଗୋଟିଏ କେନ୍ଦ୍ର ନୁହେଁ ବରଂ ବହୁ କେନ୍ଦ୍ରକୁ ପରୀକ୍ଷା ଦେବାକୁ ଆସୁଥିବା ଛାତ୍ରଛାତ୍ରୀ ବିପଦସଂକୁଳ ଭାବେ ଆଟୋରେ ଆସୁଥିବା ଦେଖାଦେଇଛି । ଏହି ଘଟଣା ଯାତାୟାତ ସୁରକ୍ଷା ଓ ପରୀକ୍ଷା ସମୟରେ ପ୍ରଶାସନୀକ ପ୍ରସ୍ତୁତି ନେଇ ପ୍ରଶ୍ନ ଉଠାଇଛି । ଶିକ୍ଷା ଓ ଜିଲ୍ଲା ପ୍ରଶାସନଙ୍କ ପକ୍ଷରୁ ଛାତ୍ରଛାତ୍ରୀଙ୍କ ସୁରକ୍ଷିତ ଯାତାୟାତ ପାଇଁ ବିଶେଷ ବ୍ୟବସ୍ଥା ନେବା ଆବଶ୍ୟକ ବୋଲି ସାଧାରଣରେ ଦାବି ଉଠିଛି । ଭବିଷ୍ୟତ ଗଢିବା ଆଶାରେ ପରୀକ୍ଷାକୁ ଯାଉଥିବା ଏହି ଛାତ୍ରଛାତ୍ରୀଙ୍କ ପାଇଁ ସୁରକ୍ଷିତ ଯାତ୍ରା ସୁନିଶ୍ଚିତ କରିବା ପ୍ରଶାସନର ପ୍ରଥମ କର୍ତ୍ତବ୍ୟ ରହିଥିବା ବିଭିନ୍ନ ମହଲରେ ଦାବି ହୋଇଛି ।

**ପରିବହନ ବିଭାଗର ନିୟମକୁ ଫୁ'**

### ସମସ୍ତ ଦେଶୀ ମଦଦୋକାନ ପାଇଁ ଟ୍ରେଡ୍ ଲାଇସେନ୍ସ ବାଧ୍ୟତାମୂଳକ: କମିଶନର

## ୯ ଦୋକନରୁ ୫୬ ହଜାରରୁ ଉର୍ଦ୍ଧ୍ୱ ଫି' ଆଦାୟ

ବ୍ରହ୍ମପୁର,୨୭ ।୨(ସମିସ): ବ୍ରହ୍ମପୁର ମହାନଗର ନିଗମରେ ଥିବା ସମସ୍ତ ଦେଶୀ ମଦ ଦୋକାନ ଟ୍ରେଡ ଲାଇସେନ୍ସ କରିବା ବାଧ୍ୟତାମୂଳକ । ଏଥିପାଇଁ ଆବଶ୍ୟକ ନଥିପତ୍ର ଦାଖଲ କରି ଅନଲାଇନରେ ପଞ୍ଜୀକରଣ କରିବା ଜରୁରୀ । ପୂର୍ବରୁ ସହରରେ ଥିବା ସମସ୍ତ ବିଦେଶୀ ମଦ ଦୋକାନ ଟ୍ରେଡ ଲାଇସେନ୍ସରେ ପଞ୍ଜିକୃତ ହୋଇ ଫି' ଦାଖଲ କରୁଛନ୍ତି । ତେବେ ଦେଶୀ ମଦ ଦୋକାନ ଗୁଡିକ ପଞ୍ଜୀକରଣ କରିନଥିଲେ କିମ୍ବା ଟ୍ରେଡଲାଇସେନ୍ସ ଦେଉନଥିବା ବିଇଏମସି ନଜରକୁ ଆସିଥିଲା । ଯଦ୍ୱାରା ବିଇଏମସିକୁ ବହୁ ରାଜସ୍ୱ କ୍ଷତି ସହିବାକୁ ପଡୁଥିଲା । ଏହାର ତନାଘନା କରିବା ପରେ ସହରରେ ମୋଟ ୧୮ ଟି ଦେଶୀ ମଦ ଦୋକାନ ରହିଥିବା ଜଣାପଡିଛି । ଏନେଇ ଆଜି ଅବକାରୀ ନୀରିକ୍ଷକ ଓ ବିଇଏମସି ସହକାରୀ କମିଶନର ବିକ୍ରମ ଶୁଣ୍ଡିଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟିମ ଦ୍ୱାରା ସମସ୍ତ ଦେଶୀ ମଦ ଦୋକାନ ଯାଞ୍ଚ କରାଯାଇଛି । ଯାଞ୍ଚ ବେଳେ ୯ଟି ଦେଶୀ ମଦ ଦୋକାନରୁ ମୋଟ ୫୬ହଜାର ୨୭୭ଟଙ୍କା ଟ୍ରେଡ ଲାଇସେନ୍ସ ଫି' ଆଦାୟ କରାଯାଇଥିଲା । ଅବଶିଷ୍ଟ ୯ଟି ଦୋକାନର ଆବଶ୍ୟକ ନଥିପତ୍ର ନଥିବା କାରଣରୁ ପଞ୍ଜୀକରଣ ହୋଇପାରିନଥିଲା । ସେମାନଙ୍କୁ ତୁରନ୍ତ ଆବଶ୍ୟକ ନଥିପତ୍ର ଦାଖଲ କରି ପଞ୍ଜୀକୃତ ହେବାକୁ କୁହାଯାଇଛି । ଖୁବ୍‌ଶୀଘ୍ର ଉକ୍ତ ଦୋକାନ ଗୁଡ଼ିକୁ ପୁଣି ଯାଞ୍ଚ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କମିଶନର ପ୍ରଥମେଶ ଅରବିନ୍ଦ ରାଜେଶିର୍କେର୍ ସୂଚନା ଦେବା ସହ ବିଇଏମସି ଇଲାକାରେ ଥିବା ସମସ୍ତ ଦୋକାନୀଙ୍କୁ ଟ୍ରେଡ୍ ଲାଇସେନ୍ସ ବଧ୍ୟତାମୂଳକ ବୋଲି ସେ ସ୍ପଷ୍ଟ କରିଛନ୍ତି ।

### ପୀତବାସ ପଣ୍ଡା ହତ୍ୟା ମାମଲା

## ହସ୍ପିଟାଲ୍‌ରେ ବିକ୍ରମଙ୍କ ସହାୟତା ପାଇଁ ପତ୍ନୀଙ୍କୁ ଅନୁମତି

ବ୍ରହ୍ମପୁର,୨୭ ।୨(ସମିସ): ପୀତବାସ ପଣ୍ଡା ହତ୍ୟା ମାମଲାରେ ଛନ୍ଦି ହୋଇପଡ଼ିଥିବା ପୂର୍ବତନ ବିଧାୟକ ତଥା ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ବିକ୍ରମ ପଣ୍ଡା ବର୍ତ୍ତମାନ ସ୍ୱାସ୍ଥ୍ୟଗତ କାରଣରୁ ଏମକେସିଜି ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ତେବେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କୁ ସହାୟତା କରିବାକୁ ପୁଲିସ ପକ୍ଷରୁ କଟକଣା ଜାରି କରାଯାଇଛି । ଯାହାକୁ ନେଇ ବିକ୍ରମଙ୍କ ପକ୍ଷରୁ ତାଙ୍କ ଓକିଲ ପିଟିସନ ଜରିଆରେ ବିକ୍ରମଙ୍କୁ ସହାୟତା କରିବାକୁ ତାଙ୍କ ପତ୍ନୀ ଅଥବା ପରିବାର ସଦସ୍ୟଙ୍କୁ ଅନୁମତି ପାଇଁ ନିବେଦନ କରିଥିଲେ । ପିଟିସନର ଶୁଣାଣି କରି ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ବିବସ୍ୱତ ଗୌତମ ଚିକିତ୍ସା ସମୟରେ ବିକ୍ରମଙ୍କ ସହାୟତା ପାଇଁ ପତ୍ନୀଙ୍କୁ ପାଖରେ ରହିବାକୁ ଅନୁମତି ପ୍ରଦାନ କରିଛନ୍ତି । ସେହିଭଳି ଚିକିତ୍ସାଧିନ ଅବସ୍ଥାରେ ଜେଲ ମାନୁଆଲର କଡ଼ାକଡ଼ି ପାଳନ ସହିତ ମାନବାଧିକାର ଯେଭଳି ଉଲ୍ଲଂଘନ ନହୁଏ ସେଥିପ୍ରତି ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ସେପଟେ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ଆଇନଜୀବୀ ମଦନ ଦଳେଇ ଓ କର୍ପୋରେଟର ମଳୟ ବିଶୋୟୀଙ୍କୁ ଉତ୍ତମ ଚିକିତ୍ସା ପାଇଁ ମଧ୍ୟ ସେମାନଙ୍କ ପକ୍ଷରୁ କରାଯାଇଥିବା ପିଟିସନର ଶୁଣାଣି ହୋଇଛି । ଶୁଣାଣି ବେଳେ ଗତ ୨୬ତାରିଖରେ କିଭଳି ମଳୟ ବିଶୋୟୀଙ୍କୁ ତରବରିଆ ଭାବେ ଆଇସିୟୁରୁ ଜେଲକୁ ସ୍ଥାନାନ୍ତର କରାଯାଇଥିଲ ମଳୟଙ୍କ ଓକିଲ ଦୀପକ ପଟ୍ଟନାୟକ କୋର୍ଟକୁ ଜଣାଇଥିଲେ । ଜଣେ ଗୁରୁତର ରୋଗୀକୁ ପ୍ରାରମ୍ଭରୁ ଆଇସିୟୁରେ ରଖି ଡାକ୍ତରଖାନା କର୍ତ୍ତୃପକ୍ଷ ଚିକିତ୍ସା କରୁଥିବା ବେଳେ ପରିବାର ବର୍ଗଙ୍କୁ ସୂଚନା ନଦେଇ ହଠାତ ଡିସଚାର୍ଜ କରି ତାଙ୍କୁ ଜେଲକୁ ନେବା ମାନବାଧିକାରର ଖୋଲାଖୋଲି ଉଲଂଘନ ବୋଲି ଅଭିଯୋଗ କରିଥିଲେ । ଏପରିକି ଏକ୍ଷେତ୍ରରେ ମଳୟଙ୍କ ପତ୍ନୀ ତଥା ପୂର୍ବତନ କର୍ପୋରେଟର ମିନତି ବିଶୋୟୀ ଜେଲରେ ମଳୟଙ୍କର ଯଦି କିଛି ଅଘଟଣ ଘଟେ ତେବେ ସେଥିପାଇଁ ଜେଲ କର୍ତ୍ତୃପକ୍ଷ, ଡାକ୍ତରଖାନା କର୍ତ୍ତୃପକ୍ଷ, ପୁଲିସ ଓ ପ୍ରଶାସନ ଦାୟୀ ରହିବେ ବୋଲି ଉଲ୍ଲେଖ କରି କୋର୍ଟରେ ଏକ ସତ୍ୟପାଠ ଦାଖଲ କରିଥିବା ମଳୟଙ୍କ ଓକିଲ ଦୀପକ ପଟ୍ଟନାୟକ ସୂଚନା ଦେଇଛନ୍ତି । ଉଭୟ ପିଟିସନର ଶୁଣାଣି କରି ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ବିବଶ୍ୱତ ଗୌତମ ବ୍ରହ୍ମପୁର ମଣ୍ଡଳ କାରାଗାରର ବରିଷ୍ଠ ଅଧିକ୍ଷକ ଓ ଏମକେସିଜି ମେଡିକାଲ ଅଧିକ୍ଷକଙ୍କ ଠାରୁ ମଳୟ ବିଶୋୟୀ ଓ ମଦନ ଦଳେଇଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ରିପୋର୍ଟ ତଲବ କରିଛନ୍ତି । ରିପୋର୍ଟ ଆଧାରରେ ପରବର୍ତ୍ତି ଶୁଣାଣି ସହ ରାୟ ପ୍ରକାଶ ପାଇବ ବୋଲି ଜଣାପଡିଛି ।

**ଜେଲ୍ ଓ ଏମ୍‌କେସିଜି କର୍ତ୍ତୃପକ୍ଷଙ୍କୁ ମଦନ ଏବଂ ମଳୟଙ୍କ ସ୍ୱାସ୍ଥ୍ୟ ରିପୋର୍ଟ ତଲବ**

### ମିଲର ନିର୍ଯାତନାରେ ଚାଷୀ ଆଖି ବୁଜିବା ଘଟଣା

# ତ୍ରିଲୋଚନଙ୍କ ପତ୍ନୀ କଲେ ଲିଖିତ ଅଭିଯୋଗ





**ରେଡକ୍ରସ୍ ପାଣ୍ଠିରୁ ମୃତକଙ୍କ ପରିବାରକୁ ୨୦ ହଜାର ସହାୟତା**

**ରାଜନଗର, ୨୭।୨(ସମିସ):** ରାଜନଗର ବ୍ଲକ ଜୁଣଗଡ଼ି ଗ୍ରାମର ଚାଷୀ ତ୍ରିଲୋଚନ ନାୟକ ମିଲର ନିର୍ଯାତନାରେ ଆଖି ବୁଜିଛନ୍ତି। ୩ ଦିନ କାଳ ମିଲ୍ ସାମ୍ନାରେ ଖୋଲା ଆକାଶ ତଳେ ଅଖିଆ ଅପିଆ ପଡି ରହି ଅସୁସ୍ଥ ହୋଇ ଘରେ ପହଞ୍ଚିବା କ୍ଷଣି ତାଙ୍କର ମୃତ୍ୟୁ ଘଟିଥିଲା। ୪୦ ଦିନ ମଣ୍ଡି ଓ ମିଲକୁ ଦୌଡ଼ି ଦୌଡ଼ି ନିର୍ଯାତିତ ହେବା ପରେ ଶେଷରେ ଚାଷୀଙ୍କ ଜୀବନ ଅକାଳରେ ଝରି ପଡିଛି। ଚାଷୀ ମୃତ୍ୟୁ ଖବର ସାରା ରାଜ୍ୟରେ ଆଲୋଡନ ସୃଷ୍ଟି କରିଥିବାବେଳେ ଆଜି ମୃତ ଚାଷୀଙ୍କ ପତ୍ନୀ ଭାରତୀ ନାୟକ ମିଲର ଓ ସମବାୟ ସମିତି କର୍ମଚାରୀଙ୍କ ନିର୍ଯାତନା ପାଇଁ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ହୋଇଥିବା ନେଇ ଲିଖିତ ଭାବେ ରାଜନଗର ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଲିଖିତ ଅଭିଯୋଗ କରିଛନ୍ତି। ଆଜି ଅପରାହ୍ନରେ ତହସିଲଦାର ଯୀଶୁକୃଷ୍ଣ ଦାସ ମୃତ ପରିବାରକୁ ଭେଟି ସମବେଦନା ଜଣାଇବା ସହିତ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରିଛନ୍ତି। ମୃତ ଚାଷୀଙ୍କ ପତ୍ନୀ ଭାରତୀ ଗାଁ ଦାଣ୍ଡରେ ତହସିଲଦାରଙ୍କ ଗୋଡ ତଳେ ପଡି ନ୍ୟାୟ ମାଗିବା ସହିତ ସ୍ୱାମୀଙ୍କ ମୃତ୍ୟୁ ପାଇଁ ଦାୟୀ ମିଲର ଓ କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ମୃତ ତ୍ରିଲୋଚନଙ୍କ ପତ୍ନୀ ଭାରତୀ ନାୟକ ଆଜି ରାଜନଗର ତହସିଲରେ ପହଞ୍ଚି ଲିଖିତ ଭାବେ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ପାଇଁ ସେବା ସମବାୟ ସମିତି କର୍ମଚାରୀ ଓ ମିଲର ଦାୟୀ ବୋଲି ଅଭିଯୋଗ କରିଛନ୍ତି। ମୋ' ସ୍ୱାମୀ ଜଣେ ସରଳ, ନିଷ୍ଠାବାନ ଓ ପରିଶ୍ରମୀ ଚାଷୀ ଥିଲେ। ସେ ଆମ ପରିବାରର ଏକମାତ୍ର ଆର୍ଥିକ ଆଧାର ଥିଲେ। କିନ୍ତୁ ମଣ୍ଡି ଓ ମିଲ୍ ପକ୍ଷରୁ ଅନ୍ୟାୟ, ଅବହେଳା ଓ ଅତ୍ୟାଚାର ସହି ନ ପାରି ସେ ଅକାଳରେ ପ୍ରାଣ ହରାଇଛନ୍ତି। ଜାନୁଆରୀ ୧୬ ତାରିଖରେ ମଣ୍ଡିରେ ଧାନ ବିକ୍ରୟ ପାଇଁ ମୋବାଇଲ୍‌ରେ ସୂଚନା (ଟୋକନ୍) ଆସିଥିଲା ଓ ଫେବୃଆରୀ ୧୫ ଶେଷ ତାରିଖ ନିର୍ଦ୍ଧାରିତ ଥିଲା। ସେହିଦିନଠାରୁ ସ୍ୱାମୀ ଓ ତାଙ୍କ ଭାଇମାନେ ନିୟମିତ ଈଶ୍ୱରପୁରସ୍ଥ ଡାଙ୍ଗମାଳ ସେବା ସମବାୟ ସମିତି ମଣ୍ଡିକୁ ଯାଉଥିଲେ। କିନ୍ତୁ ସମିତି ଇଚ୍ଛାପୂର୍ବକ ଧାନ ଗ୍ରହଣ କରୁ ନ ଥିଲେ ଓ ବାରମ୍ବାର ଦୌଡାଉଥିଲେ। ମୋ' ସ୍ୱାମୀ ୪୦ ଦିନ ଧରି ମଣ୍ଡି ଓ ମିଲ୍‌କୁ ଦୌଡ଼ି ଦୌଡ଼ି ନିର୍ଯାତିତ ହୋଇଥିଲେ। ୨୨ ତାରିଖ ଦିନ ସହସମ୍ପାଦକ କ୍ୱିଣ୍ଟାଲ ପିଛା ୬ କେଜି କଟାଯିବ କହିବା ସହ ଆମଠାରୁ ୧୦୦୦ ଟଙ୍କା ନେଇ ରାମଚଣ୍ଡୀ ମିଲରେ ଧାନ ଦେବାକୁ କହିଥିଲେ। ମୋ' ସ୍ୱାମୀ ୨୩ ତାରିଖ ଦିନ ନିଜ ଖର୍ଚ୍ଚରେ ଟ୍ରାକ୍ଟର ଭଡା କରି ମିଲକୁ ଧାନ ନେଇଥିଲେ। ସେ ତିନି ଦିନ ଧରି ଖୋଲା ଆକାଶ ତଳେ ମିଲ୍ ସାମ୍ନାରେ ଅଖିଆ ଅପିଆ ପଡ଼ି ରହିଥିଲେ। ସେ ଶାରୀରିକ ଭାବେ ଦୁର୍ବଳ ଓ ଗୁରୁତର ଅସୁସ୍ଥ ହୋଇପଡ଼ିଥିଲେ। ଅସୁସ୍ଥତା ସମୟରେ ମଧ୍ୟ ମିଲର୍ ପକ୍ଷରୁ ଧାନ ଅନ୍‌ଲୋଡ୍ କରିବା ପାଇଁ ୩,୦୦୦ ଟଙ୍କା ଅବୈଧ ଦାବି କରାଯାଇଥିଲା ଓ ପ୍ରତି କ୍ୱିଣ୍ଟାଲ୍‌କୁ ୩ କେଜି କରି କଟ୍‌ନୀ କରାଯାଇଥିଲା। ସ୍ୱାମୀଙ୍କ ନାମରେ ୫୧ କ୍ୱିଣ୍ଟାଲ୍ ୨୦ କେଜି ଧାନ ୨୫ ତାରିଖରେ ରିସିଭ୍ ହୋଇଥିବା ଚିଠା ଦିଆଯାଇଛି। ସେ ସମୟରେ ସେ ଗୁରୁତର ଅସୁସ୍ଥ ଅବସ୍ଥାରେ ଘରକୁ ଫେରିଥିଲେ। ଘରକୁ ଫେରିବା ପରେ ମୋ' ସ୍ୱାମୀଙ୍କ ସ୍ୱାସ୍ଥ୍ୟ ଅତ୍ୟନ୍ତ ଅବନତି ହେବାରୁ ପ୍ରଥମେ ଈଶ୍ୱରପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଯେଉଁଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ମୃତ୍ୟୁ କେବଳ ଏକ ସାଧାରଣ ମୃତ୍ୟୁ ନୁହେଁ; ଏହା ମଣ୍ଡି ଓ ମିଲ୍ ପକ୍ଷରୁ ଅନବରତ ନିର୍ଯାତନା, ଅବହେଳା ଓ ମାନସିକ ଚାପର ଫଳ। ସ୍ୱାମୀଙ୍କ ମୃତ୍ୟୁ ପରେ ଆମ ପରିବାର ଅତ୍ୟନ୍ତ ଦୟନୀୟ ପରିସ୍ଥିତିରେ ଅଛି। ଆମର କୌଣସି ସ୍ଥାୟୀ ଆୟର ଉତ୍ସ ନାହିଁ। ଏକମାତ୍ର ପୁଅର ଭବିଷ୍ୟତ ଅନ୍ଧକାରମୟ ହୋଇପଡ଼ିଛି। ଚାଷୀଙ୍କ ପ୍ରତି ଏପରି ଅନ୍ୟାୟ ଘଟିଲେ ଅନ୍ୟ ଚାଷୀ ମଧ୍ୟ ଭୟଭୀତ ହେବେ ଓ ସରକାରୀ ବ୍ୟବସ୍ଥା ପ୍ରତି ଆସ୍ଥା ହରାଇବେ। ଏହି ଘଟଣାର ଉଚ୍ଚସ୍ତରୀୟ ନ୍ୟାୟିକ ତଦନ୍ତ କରାଯାଉ। ସମ୍ପୃକ୍ତ ଦୋଷୀ ବିରୁଦ୍ଧରେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ମୋର ପରିବାରକୁ ଅନ୍ୟୁନ ୨୦ ଲକ୍ଷ ଟଙ୍କା ସରକାରୀ ସାହାଯ୍ୟ ପ୍ରଦାନ କରାଯାଉ। ପୁଅକୁ ସରକାରୀ ଚାକିରି ପ୍ରଦାନ କରି ଆମ ପରିବାରକୁ ଜୀବନଯାପନର ସୁବିଧା ଦିଆଯାଉ। ଭବିଷ୍ୟତରେ ଏପରି ଘଟଣାର ପୁନରାବୃତ୍ତି ନ ହେବା ପାଇଁ ମଣ୍ଡି ଓ ମିଲ୍ ପ୍ରଣାଳୀରେ ସଂଶୋଧନ ଓ କଠୋର ନିରୀକ୍ଷଣ ବ୍ୟବସ୍ଥା କରାଯାଉ ବୋଲି ମୃତ ଚାଷୀଙ୍କ ପତ୍ନୀ ଲିଖିତ ଭାବେ ଜଣାଇବା ସହିତ ଅନ୍ୟାୟର ବିଚାର କରି ଆମକୁ ନ୍ୟାୟ ଓ ସହାୟତା ପ୍ରଦାନ କରିବେ ବୋଲି ନେହୁରା ହୋଇଛନ୍ତି। ଅତିରିକ୍ତ ତହସିଲଦାର ଆଶିଷ କୁମାର ଜେନା ଅଭିଯୋଗ ଗ୍ରହଣ କରିଛନ୍ତି।

## ଠାକୁରପାଟଣାରେ ଭାଗବତ ପାରାୟଣ

**ପଟ୍ଟାମୁଣ୍ଡାଇ,୨୭।୨(ସମିସ):** ପଟ୍ଟାମୁଣ୍ଡାଇ ପୌର ପରିଷଦ ଅନ୍ତର୍ଗତ ବେଲତଳ ଠାକୁରପାଟଣା ବାସୁଦେବ ମନ୍ଦିର ପ୍ରାଙ୍ଗଣରେ ଶ୍ରୀମଦ ଭାଗବତ ପାରାୟଣ ଅନୁଷ୍ଠିତ ହୋଇଯାଇଛି। ସର୍ବପ୍ରଥମେ ଶୁଭାଧିବାସ, ଭାଗବତ ପାରାୟଣ, ବଳିଦାନ ଆଦି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏ ଅବସରରେ ଆୟୋଜିତ ପ୍ରବଚନ କାର୍ଯ୍ୟକ୍ରମରେ ପୁରୀର ପ୍ରବଚକ ଛନ୍ଦା ଚରଣ ଦାଶ, ଯାଜପୁରର ବାବାଜୀ ବିଜୟ ରାଘବେନ୍ଦ୍ର ଦାଶ, ବେଲତଳର ପଣ୍ଡିତ ତ୍ରିଜୀବ ଦାଶ ଓ କୃପାସିନ୍ଧୁ ଦାଶ ଯୋଗଦେଇ ଦିବ୍ୟ ପ୍ରବଚନ ଦେଇଥିଲେ। ଏହି ମହାର୍ଘ୍ୟ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ଶହ ଶହ ଶ୍ରଦ୍ଧାଳୁ ଯୋଗଦେଇ ଭଗବତ କୃପା ଲାଭ କରିଥିଲେ। ଏଥିରେ ବାସୁଦେବ ମନ୍ଦିର ପରିଚାଳନା କମିଟି ଉପଦେଷ୍ଟା ନୃସିଂହ ଚରଣ ପାଢ଼ୀ, ଅଧ୍ୟାପକ ମନୋଜ ପରିଡା, ମିଟୁ ମନୋଜ ନାୟକ, ସୁଧାଂଶୁ ଦାସ, ସରୋଜ ପାଢ଼ୀ, ବିଭୂତି ଭୂଷଣ ଦାଶ, ପୂର୍ବତନ କାଉନସିଲର ଲକ୍ଷ୍ମୀପ୍ରିୟା ପାଢ଼ୀ, କାଳନ୍ଦୀ ବେହେରା ପ୍ରମୁଖଙ୍କ ସହ ଗ୍ରାମବାସୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସନ୍ତୋଷ ପାଢ଼ୀ, ଅଜୟ ବେହେରା, ତପନ ଦାସ, ସୁବାସ ବେହେରା, ଶ୍ରୀବତ୍ସ ଦାଶ ପରିଚାଳନା କରିଥିଲେ।

## ପଟ୍ଟାମୁଣ୍ଡାଇ ତହସିଲରେ ରାଜସ୍ୱ ଜନଶୁଣାଣି ଶିବିର



**ପଟ୍ଟାମୁଣ୍ଡାଇ,୨୭।୨(ସମିସ):** ପ୍ରଶାସନକୁ ଜନସାଧାରଣଙ୍କ ନିକଟତର କରିବା ସହିତ ବିଭିନ୍ନ ରାଜସ୍ୱ ମାମଲାର ତ୍ୱରିତ ଫଇସଲା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ପଟ୍ଟାମୁଣ୍ଡାଇ ତହସିଲ ଅଫିସରେ ରାଜସ୍ୱ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସହକାରୀ ଉପଜିଲ୍ଲାପାଳ ସନ୍ଧ୍ୟାଞ୍ଜଳି ମାଝି, ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ, ଅତିରିକ୍ତ ତହସିଲଦାର ଦିଲ୍ଲୀପ ନାୟକ ଓ ପ୍ରଣବ ପଣ୍ଡା ଯୋଗଦେଇ ୨୦ରୁ ଅଧିକ ବିଭିନ୍ନ ରାଜସ୍ୱ ମାମଲା ଫଇସଲା କରିଥିଲେ। ବିଭିନ୍ନ ରାଜସ୍ୱ ମାମଲା ଫଇସଲା କରିବାରେ ପ୍ରଶାସନକୁ ସରକାରୀ ଓକିଲ ଶିଶିର ମଲ୍ଲିକ ସହାୟତା କରିଥିଲେ।

### ସରକାରୀ ଜାଗାରେ ମଣ୍ଡପ

## ମହିଳାଙ୍କ ପ୍ରତିବାଦ ଯୋଗୁଁ ଉଚ୍ଛେଦ ବାତିଲ



**ମହାକାଳପଡ଼ା,୨୭।୨(ସମିସ):** ଆଜି ମହାକାଳପଡ଼ା ବ୍ଲକ୍ ତିଖିରି ପଞ୍ଚାୟତର ବାଲିସୁଆଁ ଗ୍ରାମରେ ସରକାରୀ ଜାଗାରେ ନିର୍ମିତ ଗଜଲକ୍ଷ୍ମୀ ପୂଜା ମଣ୍ଡପକୁ କୋର୍ଟ ନିର୍ଦ୍ଦେଶ ମୁତାବକ ଜେସିବି ଆଣି ଉଚ୍ଛେଦ କରିବାକୁ ଆସିଥିବା ମହାକାଳପଡା ତହସିଲ ପ୍ରଶାସନ ଗ୍ରାମବାସୀ ଓ ମହିଳାଙ୍କ ଅଭିନବ ପ୍ରତିବାଦ ଯୋଗୁଁ ବିଫଳ ହୋଇ ଫେରିଥିବା ଦେଖିବାକୁ ମିଳିଛି। ଗ୍ରାମର ହନୁମାନଜୀଉଙ୍କ ମନ୍ଦିର ନିକଟରେ ସର୍ବସାଧାରଣ ରାସ୍ତାଠାରୁ ଢେର ଦୂରରେ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଏହି ମଣ୍ଡପର ସ୍ଥାୟୀ ପକ୍କା ଗୃହକୁ ସେହି ଗ୍ରାମର ଅରୁଣ ରାଉତ ବ୍ୟକ୍ତିଗତ ଆକ୍ରୋଶ ରଖି ଉଦ୍ଦେଶ୍ୟମୂଳକ ଭାବେ ଉଚ୍ଛେଦ କରିବାକୁ କୋର୍ଟର ଦ୍ୱାରସ୍ଥ ହେବା ଘଟଣାକୁ ଗ୍ରାମବାସୀ ନିନ୍ଦା କରିବା ସହିତ ଉଚ୍ଛେଦ କରିବାକୁ ଆସିଥିବା ପ୍ରଶାସନିକ ଅଧିକାରୀଙ୍କୁ ଏପରି ନ କରିବା ପାଇଁ ଲିଖିତ ଭାବେ ନିବେଦନ କରିଛନ୍ତି।

ସୂଚନା ମୁତାବକ, ପ୍ଲଟ ନଂ ୬୬୬, ଖାତାନଂ୨୫୨ ଏ ୦.୩୧ ଡିସିମିଲ ଜାଗାଟି ଅତୀତରେ ଏକ ପାଟନାଳୀ ଥିବାବେଳେ ସମୟାନୁକ୍ରମେ ଏହା ଆଂଶିକ ପୋତି ହୋଇପଡ଼ିଥିଲା। ଏଠାରେ ପ୍ରତିବର୍ଷ ଗ୍ରାମର ଲୋକ ଅଗ୍ନି ଉତ୍ସବ ପାଳନ କରୁଥିବାବେଳେ ପିଲାମାନେ ଖେଳିଥା'ନ୍ତି। ନିର୍ମିତ ଗୃହଟି ଲକ୍ଷ୍ମୀପୂଜା ସମୟରେ ପୂଜା ପାଇଁ ବ୍ୟବହାର ହେଉଥିବାବେଳେ ଅନ୍ୟ ସମୟରେ ବର୍ଷ ତମାମ ପିଲାମାନେ ଖେଳ ସାମଗ୍ରୀ ରଖନ୍ତି ଓ ନିକଟସ୍ଥ ମନ୍ଦିରର କାର୍ଯ୍ୟରେ ମଧ୍ୟ ବ୍ୟବହୃତ ହୋଇଥାଏ। ଗ୍ରାମର ଅରୁଣ ରାଉତ ସର୍ବସାଧାରଣ ଜାଗାରେ ନିର୍ମିତ ଏହି ଲକ୍ଷ୍ମୀ ମଣ୍ଡପ ଉଚ୍ଛେଦ କରିବାକୁ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। କୋର୍ଟ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବାକୁ ଅତିରିକ୍ତ ତହସିଲଦାର ପ୍ରଭଞ୍ଜନ ମିଶ୍ରଙ୍କ ନେତୃତ୍ୱରେ ତିଖିରି ରାଜସ୍ୱ ନିରୀକ୍ଷକ ଗିତୁରଞ୍ଜନ ବେହେରା ମାର୍ଶାଘାଇ ପୁଲିସ ସହିତ ପହଞ୍ଚି ଥିବାବେଳେ ସେଠାରେ ଗ୍ରାମର ଶତାଧିକ ମହିଳାଙ୍କ ସହ ଗ୍ରାମବାସୀ ପୂଜାପାଠ, ହୋମଯଜ୍ଞ ଓ ନାମ ସଂକୀର୍ତ୍ତନ କରି ଅଭିନବ ପ୍ରତିବାଦ କରୁଥିବା ଦେଖିବାକୁ ମିଳିଥିଲା। ବାଧ୍ୟ ହୋଇ ସେମାନେ ପୂଜା ଶେଷ ପର୍ଯ୍ୟନ୍ତ ଅପେକ୍ଷା କରି ରହିଥିଲେ ମଧ୍ୟ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ପୂଜାର୍ଚ୍ଚନା ଜାରି ରହିଥିବାରୁ ବାଧ୍ୟ ହୋଇ ଫେରିଯାଇଛନ୍ତି। କୋର୍ଟ ଆଦେଶ ପାଳନ ପାଇଁ ଆଉ ଏକ ଦିନ ଧାର୍ଯ୍ୟ କରି ଉଚ୍ଛେଦ କରାଯିବ ବୋଲି ଅତିରିକ୍ତ ତହସିଲଦାର ମିଶ୍ର ସୂଚନା ଦେଇଛନ୍ତି। ଗୃହ ନିର୍ମାଣ ସମୟରେ ଅରୁଣ ରାଉତ ନିଜେ ସ୍ଥାନ ନିରୂପଣ କରି ଗୃହ ନିର୍ମାଣ ପାଇଁ ରାଜି ହୋଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ସାମୂହିକ ଭାବେ ଆୟୋଜିତ ଅଷ୍ଟମ ପ୍ରହରୀ ନାମଯଜ୍ଞରୁ ଆତ୍ମସାତ କରିଥିବା ୩୬ ହଜାର ଟଙ୍କା ଗ୍ରାମବାସୀ ମାଗିବାରୁ ସେ ଏହି ଗୃହ ଉଚ୍ଛେଦ ପାଇଁ ପ୍ରୟାସ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

### ୨ ବର୍ଷ ବୟସରେ ଅସାଧାରଣ ପ୍ରତିଭା

## ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସରେ ଲଲାଟେନ୍ଦୁ



**ଗରଦପୁର,୨୭।୨(ସମିସ):** ପ୍ରତିଭା କେବଳ ବୟସ ଦେଖି ଆସେନି। ଏହାର ଉଦାହରଣ ସୃଷ୍ଟି କରିଛନ୍ତି ଗରଦପୁର ବ୍ଲକ ପାଖଡ଼ ଗ୍ରାମର ଦୁଇବର୍ଷ ତିନି ମାସର ଶିଶୁ ଲଲାଟେନ୍ଦୁ ସେନାପତି। ଏତେ କମ୍ ବୟସରେ ସେ ନିଜ ଅସାଧାରଣ ସ୍ମୃତିଶକ୍ତି ଓ ପ୍ରତିଭା ଦ୍ୱାରା ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସରେ ସ୍ଥାନ ପାଇ ସମଗ୍ର ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଲଲାଟେନ୍ଦୁ ଅନ୍‌ଲାଇନ୍ ମାଧ୍ୟମରେ ନିଜର ଦକ୍ଷତା ପ୍ରଦର୍ଶନ କରି ୨୦ଟି ପକ୍ଷୀ, ଶରୀରର ୨୩ଟି ଅଂଶ, ୮ ଜଣ ସ୍ୱାଧୀନତା ସଂଗ୍ରାମୀଙ୍କ ନାମ, ୧୬ଟି ମୋଟର ଗାଡ଼ି, ୨୩ଟି ଫୁଲ, ୧୨ଟି ପର୍ବପର୍ବାଣି, ୨୦ଟି ପଶୁ, ଇଂରାଜୀର ସମସ୍ତ ଅକ୍ଷର, ୩ଟି ମନ୍ତ୍ର, ୬ଟି ଋତୁ ଓ ୧୨ଟି ଜାତୀୟ ଚିହ୍ନ ସହଜରେ କହି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସରେ ସ୍ଥାନ ପାଇଛନ୍ତି। ଏହି ସଫଳତା ପାଇଁ ଲଲାଟେନ୍ଦୁଙ୍କୁ ପ୍ରମାଣପତ୍ର, ସ୍ୱର୍ଣ୍ଣ ପଦକ, ପୁସ୍ତକ ଓ କଲମ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଛି। ଲଲାଟେନ୍ଦୁ ପ୍ରକୃତିବନ୍ଧୁ ଦ୍ୱାରିକାନାଥ ସେନାପତିଙ୍କ ପୌତ୍ର, କାନ୍ତଶକ୍ତି ଅଧିପତି ସେନାପତି ଓ ରଶ୍ମିରାଣୀ ମହାପାତ୍ରଙ୍କ ପୁତ୍ର। ତାଙ୍କର ଏହି କୃତିତ୍ୱ ପାଇଁ ଅଞ୍ଚଳର ବୁଦ୍ଧିଜୀବୀ ଶ୍ରୀକାନ୍ତ ନାୟକ, ଡ. ହୃଷିକେଶ ସେନାପତି, ଇଂ. ଫକୀରମୋହନ ସେନାପତି ଓ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ କିଶୋର ମହାନ୍ତି ଶୁଭେଚ୍ଛା ଓ ଆଶୀର୍ବାଦ ଜଣାଇଛନ୍ତି। ଶିକ୍ଷାବିତ୍ ଲିଙ୍ଗରାଜ ଶତପଥୀ ଓ ସମାଜସେବୀ ଶ୍ରୀକାନ୍ତ ନାୟକ କହିଛନ୍ତି, ଏତେ କମ୍ ବୟସରେ ଏଭଳି ଅସାଧାରଣ ପ୍ରତିଭା ଦେଖାଇବା ନିଶ୍ଚୟ ଗର୍ବର ବିଷୟ। ଭବିଷ୍ୟତରେ ସେ ଜିଲ୍ଲା ଓ ରାଜ୍ୟ ପାଇଁ ଆହୁରି ଗୌରବ ଆଣିବେ।

## ଆୟତନ ମେଳଣରେ ପ୍ରବଳ ଜନସମାଗମ



**ରାଜକନିକା,୨୭।୨(ସମିସ):** କନିକାର ପ୍ରସିଦ୍ଧ ରାଜମେଳଣର ଆଜି ଦ୍ୱିତୀୟ ଦିନରେ ଆୟତନଠାରେ ପ୍ରବଳ ଜନସମାଗମ ହୋଇଛି। ଗତବର୍ଷଠାରୁ ଆୟତନ ମେଳଣ କମିଟି ପକ୍ଷରୁ ହାଇସ୍କୁଲ ସମ୍ମୁଖ ପଡ଼ିଆରେ ମେଳଣ ଉତ୍ସବ ଅନୁଷ୍ଠିତ ହୋଇଥିବାରୁ ଶ୍ରୀଜୀଉଙ୍କୁ ଦର୍ଶନ କରିବା ବେଶ ସନ୍ତୋଷଜନକ ହୋଇଛି। ଆଜିର ମିଳନ ଉତ୍ସବ ପାଇଁ କନିକାର ବିଭିନ୍ନ ମଠ ମନ୍ଦିରରେ ପୂଜା ପାଉଥିବା ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିକୁ ଦୋଳବିମାନରେ ମେଳଣ ପଡିଆକୁ ଆଣି ଭୋଗ ଲାଗି କରାଯାଇଛି। ହୋଲି ଗୀତ ସାଙ୍ଗକୁ ଫଗୁର ରଙ୍ଗରେ ପରସ୍ପରକୁ ଅବିର ବୋଳି ହୋଲି ଖେଳିବାର ଭାଇଚାରା ବାଣ୍ଟୁଥିବା ଏହି ପର୍ବ ଅନୁକୂଳ ପାଗ ଯୋଗୁ ବେଶ ଉପଭୋଗ୍ୟ ହୋଇଛି। ଭକ୍ତ ଓ ଭଗବାନ ମିଳନର ଅପୂର୍ବ ଆନନ୍ଦ ଦେଉଥିବା ଏହି ପର୍ବ ଦୋଳବିମାନରେ ଶ୍ରୀଜୀଉଙ୍କୁ ବେରଙ୍ଗର ପତାକା, ଢୋଲ, ମହୁରୀ, କାହାଳୀ, ଛତ୍ର ଛତ୍ରୀ, ଆଲଟ ଚାମର, ରଙ୍ଗଢୋଲ ଓ ନର୍ତ୍ତକୀଙ୍କ ରଙ୍ଗରସର ଉଦଣ୍ଡ ନୃତ୍ୟରେ ପରିବେଶକୁ ମୁଖରିତ କରିଥିଲା। ଆସନ୍ତାକାଲି ଦେଉଳିମେଳଣ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି।

## ଚୋରା ବାଲି ବୋଝେଇ ହାଇୱା ଜବତ

**ରାଜକନିକା,୨୭।୨(ସମିସ):** କନିକା ତହସିଲ ଅନ୍ତର୍ଗତ ବରିପଡ଼ା ଗାଁ ମୁଣ୍ଡରେ ଏକ ଚୋରା ବାଲି ବୋଝେଇ ହାଇୱା ଯାଉଥିବାବେଳେ କେନ୍ଦ୍ରାପଡ଼ା ଉପଜିଲ୍ଲାପାଳ ଅରୁଣ ନାୟକ ଜବତ କରିଥିବା ଜଣାପଡ଼ିଛି। ଏକ ଜରୁରୀ କାମରେ ଯାଇ ଫେରୁଥିବାବେଳେ ଚୋରା ବାଲି ବୋଝେଇ ହାଇୱାକୁ ଅଟକାଇ କାଗଜ ପତ୍ର ଓ ପରିମିସନ ଯାଞ୍ଚ କରିବା ସମୟରେ କୌଣସି କାଗଜ ପତ୍ର ଠିକ ନ ଥିବାରୁ ଗାଡ଼ିକୁ ଜବତ କରି କନିକା ତହସିଲରେ ରଖି ମିନେରାଲ ମାଇନ୍ସ ବିଭାଗକୁ ହସ୍ତାନ୍ତର କରିଥିବା ସୂଚନା ମିଳିଛି। ଗାଡ଼ିଟି ଚାନ୍ଦବାଲି ଅଞ୍ଚଳର ବୋଲି ଜଣାପଡ଼ିଛି।

## ମୃତ ଚାଷୀଙ୍କ ପରିବାରକୁ ଭେଟିଲେ କଂଗ୍ରେସ ନେତା



**ରାଜନଗର, ୨୭।୨ (ସମିସ):** ରାଜନଗର ବ୍ଲକ୍ ଜୁଣଗଡ଼ି ଗ୍ରାମର ମୃତ ଚାଷୀ ତ୍ରିଲୋଚନ ନାୟକଙ୍କ ପରିବାରକୁ ଭେଟିଛନ୍ତି କଂଗ୍ରେସ ନେତା। ଆଜି ବ୍ଲକ କଂଗ୍ରେସ ସଭାପତି ପ୍ରଶାନ୍ତ ରାଉତଙ୍କ ନେତୃତ୍ୱରେ ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ଦାମୋଦର ବିଶ୍ୱାଳ, ଜିଲ୍ଲା ସମ୍ପାଦକ ନାଗେଶ୍ୱର ସାହୁ, ବରିଷ୍ଠ ନେତା ନିରଞ୍ଜନ ବାରିକ, ଯୁବ ନେତା ସୁଶୀଲ ପ୍ରଧାନ, ବିଜୟ ରାଉଳ ପ୍ରମୁଖ ମୃତ ପରିବାର ପାଖରେ ପହଞ୍ଚି ସମବେଦନା ଜଣାଇଛନ୍ତି। ପ୍ରଶାସନର ଖାମ୍‌ଖିଆଲ ନୀତି ଓ ଦାୟିତ୍ୱହୀନତା ପାଇଁ ତ୍ରିଲୋଚନଙ୍କ ମୃତ୍ୟୁ ଘଟିଛି ବୋଲି ଦାବି କରିଛନ୍ତି। ସମ୍ପୃକ୍ତ ମିଲର ଓ ସମବାୟ ସମିତି ସମ୍ପାଦକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ସହିତ ମୃତ ଚାଷୀ ପରିବାରକୁ ୨୦ ଲକ୍ଷ ଟଙ୍କା ସହାୟତା ଦେବାକୁ ଦାବି କରିଛନ୍ତି।

● ଝିଅକୁ ଅଶ୍ଳୀଳ ଇଙ୍ଗିତ

## ବାରଣ କରିବାରୁ ବାପାଙ୍କୁ ସଂଘବଦ୍ଧ ଆକ୍ରମଣ

**ଡେରାବିଶ, ୨୭।୨ (ସମିସ):** କେନ୍ଦ୍ରାପଡ଼ା ସଦର ଥାନା ତଥା ଚାନ୍ଦୋଳ ଫାଣ୍ଡି ଅଧୀନସ୍ଥ ଗଣେଶପୁର ଗ୍ରାମରେ ଗତକାଲି ରାତିରେ ଦୁଇ ଝିଅଙ୍କୁ ଅଶ୍ଳୀଳ ଇଙ୍ଗିତ କରୁଥିବା ଦୁର୍ବୃତ୍ତଙ୍କୁ ବାରଣ କରିବାରୁ ସେମାନେ ସଂଘବଦ୍ଧ ଭାବେ ଝିଅର ବାପାଙ୍କୁ ଆକ୍ରମଣ କରି ଗୁରୁତର କରିଛନ୍ତି। ଏ ସମ୍ପର୍କରେ ଥାନାରେ ଅଭିଯୋଗ ହେବା ପରେ ଚାନ୍ଦୋଳ ଫାଣ୍ଡି ପୁଲିସ୍ ଘଟଣାକୁ ଗୁରୁତର ସହ ନେଇ ଜଣେ ଅଭିଯୁକ୍ତକୁ ଥାନାରେ ଅଟକ ରଖିଥିବାବେଳେ ଫେରାର ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଖୋଜିବା ଆରମ୍ଭ କରିଛି। ଏ ସମ୍ପର୍କରେ ସଦର ଥାନାରେ ୧୩୪/୨୬ରେ ଏକ ମାମଲା ରୁଜୁ ହୋଇଛି। ୨୬ ତାରିଖ ରାତିରେ ଗଣେଶପୁର ଗ୍ରାମରେ ରାମଚରିତ ମାନସର ପୂର୍ଣ୍ଣାହୁତି ହେଉଥିଲା। ଏହି କାର୍ଯ୍ୟକ୍ରମରେ ଆହତ ବ୍ୟକ୍ତି ଓ ତାଙ୍କ ଦୁଇ ଝିଅ ଯୋଗ ଦେଇଥିଲେ। ଏହି ସମୟରେ ଗ୍ରାମର ବିଜୟ ଓଝା ଦୁଇ ଝିଅଙ୍କୁ ଅଶ୍ଳୀଳ ଇଙ୍ଗିତ କରି ଟଣାଓଟରା କରିଥିଲେ। ଏହା ଦେଖି ଯୁବତୀଙ୍କ ବାପା ପ୍ରତିବାଦ କରିବାରୁ ବିଜୟ, କିଷନ ଶତପଥୀ ଓ ଦୁର୍ଗାପ୍ରସାଦ ଶତପଥୀ ମାଇକ୍‌ର ଲୁହା ଷ୍ଟାଣ୍ଡ ଓ କାଠ ଫାଳିଆ ଧରି ତାଙ୍କୁ ଆକ୍ରମଣ କରି ଲହୁଲୁହାଣ କରିଥିଲେ। ସେଠାରେ ଉପସ୍ଥିତ ଗ୍ରାମବାସୀ ଯୁବତୀଙ୍କ ବାପାଙ୍କୁ ଦୁର୍ବୃତ୍ତଙ୍କ କବଳରୁ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ପରେ ଅଭିଯୋଗ ପାଇବା ପରେ ଚାନ୍ଦୋଳ ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଜଣେ ଅଭିଯୁକ୍ତକୁ ଥାନାରେ ଅଟକ ରଖିଥିବା ଜଣାଯାଇଛି।

## ଜୁଆଣିଆ ପଞ୍ଚାୟତରେ ପାନୀୟଜଳ ସମସ୍ୟା

**ଗୋବିନ୍ଦପୁର,୨୭ ।୨ (ସମିସ):** ପାନୀୟ ଜଳ ଯୋଗାଣରେ ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତା ଓ ଦୁର୍ନୀତିଖୋର ମନୋଭାବ ଯୋଗୁଁ ସୁବିଧାରେ ଲୋକେ ପିଇବା ପାଣି ପାଇବାରୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ଅବସ୍ଥା ଦେଖିବାକୁ ମିଳିଛି ଆଳି ବ୍ଲକ୍ ଅନ୍ତର୍ଗତ ଜୁଆଣିଆ ପଞ୍ଚାୟତରେ ଦେଖିବାକୁ ମିଳିଛି। ଏହି ପଞ୍ଚାୟତ ଅନ୍ୟାନ୍ୟ କ୍ଷେତ୍ରରେ ସଫଳ ହୋଇଥିଲେ ମଧ୍ୟ ପାନୀୟଜଳ ଯୋଗାଣ ସମସ୍ୟା ରହିଛି। ଜୁଆଣିଆ ଓ ହତୁଆରେ ଦୁଇଟି ପାନୀୟ ଜଳ ପ୍ରକଳ୍ପ ଅଛି। ପ୍ରକଳ୍ପର ପାଣି ଲେୟାର କମିଯିବାରୁ ପାଣିର ପ୍ରେସର ରହୁନି। ଫଳରେ ଲୋକେ ପାଣି ପାଇଁ ବହୁ ହୀନସ୍ତା ଭୋଗୁଛନ୍ତି। ପାଇପ୍ ବିଭିନ୍ନ ସ୍ଥାନରେ ଫାଟି ଯାଇ ପାଣି ଲିକେଜ୍ ହେଉଛି। ଗ୍ରୀଷ୍ମଋତୁ ଆରମ୍ଭ ହୋଇଗଲାଣି। ଜଳ କଷ୍ଟ ଯୋଗୁଁ ଲୋକଙ୍କ ଯନ୍ତ୍ରଣା ବଢିଯିବ। ଖରାଦିନେ ପାଣି ସମସ୍ୟା ନେଇ ଲୋକଙ୍କ ଭାଳେଣି ପଡ଼ିବ। ଆରଡବ୍ଲ୍ୟୁଏସଏସ ଅଧିକାରୀ ଜାଣି ମଧ୍ୟ ନିରବ ରହିଛନ୍ତି। ଏହାର ପ୍ରତିକାର କରୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ପଞ୍ଚାୟତରେ ଆବଶ୍ୟକ ମୁତାବକ ନଳକୂଅ ନାହିଁ। ୧୦ଟି ନୂତନ ନଳକୂଅ ବସାଇବାକୁ ଦାବି କରାଯାଇଛି। ସରପଞ୍ଚ ସୁବ୍ରତ ନାୟକ ଓ ପଞ୍ଚାୟତବାସୀ ବିଭାଗୀୟ ଅଧିକାରୀ ଓ ଜିଲ୍ଲାପାଳଙ୍କ ନିକଟରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ ସମସ୍ୟା ଦୂର ହେଉନି। ପାନୀୟଜଳ ସମସ୍ୟା ଦୂର କରା ନ ଗଲେ ପଞ୍ଚାୟତବାସୀ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି।

## 'ଆମ ପରିବେଶ ଆମ ଦିବସ' ପୁସ୍ତକ ଉନ୍ମୋଚିତ

**ପଟ୍ଟାମୁଣ୍ଡାଇ,୨୭।୨(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଅଞ୍ଚଳର ବିଶିଷ୍ଟ କବି ପରିବେଶବିତ ତଥା ଶିକ୍ଷକନେତା ଅନ୍ତର୍ଯ୍ୟାମୀ ବେଜଙ୍କ ଲିଖିତ ଚେତନାଧର୍ମୀ ପୁସ୍ତକ "ଆମ ପରିବେଶ ଆମ ଦିବସ' ଉନ୍ମୋଚିତ ହୋଇଛି। କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ପୁସ୍ତକ ଉନ୍ମୋଚନ କରିବା ସହିତ ଏହା ସମୟୋପଯୋଗୀ ବୋଲି ମତ ପ୍ରକାଶ କରିଥିଲେ। ଉନ୍ମୋଚନ ଉତ୍ସବରେ ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକ ମୁଖ୍ୟବକ୍ତା, ଶିକ୍ଷା ପ୍ରଶିକ୍ଷଣ ଅଧ୍ୟକ୍ଷା ସୁଲୋଚନା ଦେଉରୀ, ଗାଳ୍ପିକ ପ୍ରଦୀପ ନାୟକ, ଶିକ୍ଷାବିତ୍ ବିଧୁଭୂଷଣ ମହାନ୍ତି, କବୟିତ୍ରୀ ସରୋଜିନୀ ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପୁସ୍ତକ ଲେଖକ କବି ଅନ୍ତର୍ଯ୍ୟାମୀ ବେଜ ସ୍ୱାଗତ ଭାଷଣ ଦେଇ ପରିବେଶ ସୁରକ୍ଷା ପୁସ୍ତକର ଲକ୍ଷ୍ୟ ଓ ଆଭିମୁଖ୍ୟ ବୋଲି ପ୍ରକାଶ କରିଥିଲେ। ଜିଲ୍ଲା ସହକାରୀ ଶିକ୍ଷାଧିକାରୀ, ସମସ୍ତ ବ୍ଲକ ଶିକ୍ଷାଧିକାରୀ, ବିଆରସିସି, ସିଆରସିସି ଓ ବହୁ କବି, ସାହିତ୍ୟିକ ଯୋଗ ଦେଇଥିଲେ।

## ବେଲତଳ ଠାକୁରପାଟଣା ଗ୍ରାମରେ ଗୋ ମହୋତ୍ସବ



**ପଟ୍ଟାମୁଣ୍ଡାଇ,୨୭।୨(ସମିସ):** ପୌର ପରିଷଦ ଅନ୍ତର୍ଗତ ବେଲତଳ ଠାକୁରପାଟଣା ଗ୍ରାମରେ ଗୋ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ପୁରୀ ଗୋବର୍ଦ୍ଧନ ପୀଠ ସନ୍ଥ ସଂରକ୍ଷକ ତଥା ପଟ୍ଟାମୁଣ୍ଡାଇ ରାଧାରମଣ ମଠ ମହନ୍ତ ସ୍ୱାମୀ ଅସୀମାନନ୍ଦ ଦାସ ଉଦଘାଟନ କରିଥିଲେ। ସ୍ଥାନୀୟ ଅଞ୍ଚଳର ଶତାଧିକ ଗୋ ମାତାଙ୍କୁ ପୂଜାର୍ଚ୍ଚନା ସହ ଖାଦ୍ୟ ବଣ୍ଟନ କରାଯାଇଥିଲା। ଏଥିରେ ବାସୁଦେବ ମନ୍ଦିର ପରିଚାଳନା କମିଟି ଉପଦେଷ୍ଟା ନୃସିଂହ ଚରଣ ପାଢ଼ୀ, ପ୍ରବଚକ ତ୍ରିଜୀବ ଦାଶ, ଅଧ୍ୟାପକ ମନୋଜ ପରିଡା, ମିଟୁ ମନୋଜ ନାୟକ, ସୁଧାଂଶୁ ଦାସ, ସରୋଜ ପାଢ଼ୀ, ବିଭୂତି ଭୂଷଣ ଦାଶ, ପୂର୍ବତନ କାଉନସିଲର ଲକ୍ଷ୍ମୀପ୍ରିୟା ପାଢ଼ୀ, କାଳନ୍ଦୀ ବେହେରା ପ୍ରମୁଖ ବହୁ ଗୋସେବକ ଯୋଗ ଦେଇଥିଲେ।

### ବଞ୍ଚି ଥାଉ ଥାଉ ସରକାରୀ ରେକର୍ଡରେ ମୃତ

# ଭତ୍ତା ଓ ରାସନ ବନ୍ଦ; ଦୁର୍ଦ୍ଦିନରେ ଦିନ କାଟୁଛନ୍ତି ବୃଦ୍ଧ



**କେନ୍ଦ୍ରାପଡ଼ା,୨୭।୨(ସମିସ):** ସରକାରୀ ବ୍ୟବସ୍ଥାର ଏକ ଦୁଃଖଦ ଚିତ୍ର ଗରଦପୁର ବ୍ଲକରୁ ସାମ୍ନାକୁ ଆସିଛି। ବଞ୍ଚି ଥିବା ସତ୍ତ୍ୱେ ସରକାରୀ କାଗଜପତ୍ରରେ ଜଣେ ବୃଦ୍ଧଙ୍କୁ 'ମୃତ' ଦେଖାଯାଇଥିବାରୁ ତାଙ୍କ ଭତ୍ତା ଓ ରାସନ ବନ୍ଦ ହୋଇଯାଇଛି। ଫଳରେ ବୃଦ୍ଧ ଜଣକ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ଗରଦପୁର ବ୍ଲକ ବ୍ରହ୍ମପୁର ଗ୍ରାମର ବାବାଜୀ ନାୟକଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି।

ସୂଚନା ମୁତାବକ, ବାବାଜୀ ନାୟକ ଦୀର୍ଘଦିନ ଧରି ସରକାରଙ୍କ ପକ୍ଷରୁ ମିଳୁଥିବା ରାସନ ସାମଗ୍ରୀ ଓ ସାମାଜିକ ସୁରକ୍ଷା ଭତ୍ତା ପାଇଆସୁଥିଲେ। ହଠାତ୍ ତାଙ୍କ ଭତ୍ତା ଓ ରାସନ ବନ୍ଦ ହୋଇଯାଇଥିଲା। ଏ ନେଇ ସେ ସ୍ଥାନୀୟ ରାସନ ଡିଲରଙ୍କୁ ଯୋଗାଯୋଗ କରିଥିଲେ। ପରେ ଗରଦପୁର ବ୍ଲକ ଯୋଗାଣ ବିଭାଗ ଓ ସାମାଜିକ ସୁରକ୍ଷା ବିଭାଗକୁ ବାରମ୍ବାର ଯାଇଥିଲେ। ତେବେ କୌଣସି ବିଭାଗରେ ତାଙ୍କର ଟିପ୍ ଚିହ୍ନ ଓ ଆଖି ସ୍କାନ ସଫଳ ହୋଇପାରି ନ ଥିଲା। ପରେ ତାଙ୍କୁ ଗରଦପୁର ବ୍ଲକସ୍ଥ ଆଧାର କେନ୍ଦ୍ରକୁ ପଠାଯାଇଥିଲା। ସେଠାରେ ଆଧାର କାର୍ଡ ଭେରିଫିକେସନ ସମୟରେ ଚମତ୍କାର ସୂଚନା ସାମ୍ନାକୁ ଆସିଥିଲା।

ସରକାରୀ ରେକର୍ଡରେ ବାବାଜୀ ନାୟକଙ୍କୁ 'ମୃତ' ଦେଖାଯାଇଥିବାରୁ ତାଙ୍କର ସମସ୍ତ ସୁବିଧା ବନ୍ଦ ହୋଇଯାଇଥିବା ଜଣାପଡ଼ିଥିଲା। ବଞ୍ଚି ଥିବା ଜଣେ ବ୍ୟକ୍ତିଙ୍କୁ ସରକାରୀ କାଗଜପତ୍ରରେ ମୃତ ଦେଖାଇଥିବାରୁ ଏବେ ବାବାଜୀ ନାୟକ ଗଭୀର ଅସୁବିଧାରେ ପଡ଼ିଛନ୍ତି। ତାଙ୍କ ଭତ୍ତା ଓ ରାସନ ବନ୍ଦ ହୋଇଥିବାରୁ ସେ ଜୀବିକା ଚଳାଇବାରେ ଅସମର୍ଥ ହେଉଥିବା କହିଛନ୍ତି। ସବୁଠୁ ବଡ଼ ପ୍ରଶ୍ନ ହେଉଛି, ଜଣେ ଜୀବିତ ବ୍ୟକ୍ତିଙ୍କୁ ସରକାରୀ ରେକର୍ଡରେ ମୃତ ଦେଖାଇଲା କିଏ? କେଉଁ ପରିସ୍ଥିତିରେ ଏଭଳି ଗୁରୁତର ତ୍ରୁଟି ଘଟିଲା? ଏଥିପାଇଁ ଦାୟୀ କିଏ?"ଏହି ଘଟଣା ସରକାରୀ ବ୍ୟବସ୍ଥାର ଗୁରୁତର ତ୍ରୁଟିକୁ ପ୍ରଦର୍ଶିତ କରୁଥିବାବେଳେ ତୁରନ୍ତ ତଦନ୍ତ କରି ବାବାଜୀ ନାୟକଙ୍କୁ ନ୍ୟାୟ ଦେବା ସହିତ ତାଙ୍କର ଭତ୍ତା ଓ ରାସନ ପୁନର୍ବାର ଚାଲୁ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଜଣେ ଜୀବିତ ବ୍ୟକ୍ତି ନିଜକୁ ଜୀବିତ ବୋଲି ପ୍ରମାଣ କରିବାକୁ ସରକାରୀ କାର୍ଯ୍ୟାଳୟ ଦୌଡ଼ିବା ଘଟଣା ଏବେ ଗରଦପୁର ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

# ଶ୍ରୀକ୍ଷେତ୍ର ସିଟି

୨୭/୨/୨୦୨୬ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୩୫,୫୨୩/- ସୁନା:୩୯.୫୦୦ ଗ୍ରାମ୍ ରୁପା: ୧୭.୩୦୦ ଗ୍ରାମ୍



▶ ମାର୍ଚ୍ଚ ୩ରେ ଦୋଳ ପୂର୍ଣ୍ଣିମା

## ପ୍ରସ୍ତୁତ ହେଉଛି ଦୋଳବେଦୀ

ପୁରୀ,୨୭।୨(ସମିସ): ଆସନ୍ତା ମାର୍ଚ୍ଚ ୩ ତାରିଖରେ ପବିତ୍ର ଦୋଳ ପୂର୍ଣ୍ଣିମା। ଏଥିପାଇଁ ସଜେଇ ହେଲାଣି ଦୋଳବେଦୀ। ଦୋଳ ପୂର୍ଣ୍ଣିମାରେ ଦୋଳବେଦୀ କୁଞ୍ଜରେ ଦୋଳି ଖେଳିବେ ଶ୍ରୀଦୋଳଗୋବିନ୍ଦ। ଏହାକୁ କାନ୍ଥକୁ ଆଉ ରଙ୍ଗ ଦେବାକୁ ପଡୁନାହିଁ। କାରଣ ଖଣ୍ଡେଲାଇଟ ପଥରରେ ୨୦୨୪ରେ ଏହାକୁ ନୂଆ କରି ନିର୍ମାଣ କରାଯାଇଥିଲା। ଦୋଳବେଦୀ ଉପର ଚଟାଣ ଚାରିପାଖର୍ ସ୍ତମ୍ଭରେ ପିତ୍ତଳ ନିର୍ମିତ ବ୍ୟାରିକେଡ୍ ରହିଛି। ତ୍ରୟୋଦଶ ଖ୍ରୀଷ୍ଟାବ୍ଦରେ ତୃତୀୟ ଅନଙ୍ଗ ଭୀମ ଦେବଙ୍କ ସମୟରେ ଏହି ଦୋଳବେଦି ନିର୍ମାଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ଖୋର୍ଦ୍ଧା ରାଜା ବୀରକିଶୋର ଦେବଙ୍କ ରାଜାମାତାଙ୍କ ଦ୍ୱାରା ଦିନ ଏହି ବେଦୀକୁ ଶ୍ରୀଦୋଳଗୋବିନ୍ଦ, ଶ୍ରୀଦେବୀ ଓ ଭୂଦେବୀଙ୍କ ଚଳନ୍ତି ପ୍ରତିମା ବିଜେ କରିଥାନ୍ତି। ଏଠାରେ ଦେବଦେବୀଙ୍କ କେତେକ ସ୍ୱତନ୍ତ୍ର ନୀତି ସମ୍ପାଦନ କରାଯାଏ। ଠାକୁରମାନେ ଦୋଳବେଦି କୁଞ୍ଜରେ





ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଦୋଳବେଦୀକୁ ପ୍ରସ୍ତୁତ କରାଯାଉଛି। ଦୁଇବର୍ଷ ପୂର୍ବେ ଦୋଳବେଦୀକୁ ଦିଆଯାଇଥିଲା ନୂଆ ରୂପ। ଶହ ଶହ ବର୍ଷ ହେବ ରଙ୍ଗ ଆଉ ଚୂନରେ ଲୁଚି ରହିଥିବା ଯୋଗୁ ଶ୍ରୀମନ୍ଦିର ପରମ୍ପରା ସହ ଜଡିତ କୀର୍ତ୍ତିରାଜି ଦର୍ଶନରୁ ବଞ୍ଚିତ ହେଉଥିଲେ ଭକ୍ତ। ଏସବୁ ପ୍ରାଚୀନ ମୂର୍ତ୍ତିରାଜିକୁ ନୂଆ ଜୀବନ ଦିଆଯାଇଛି। ଦୋଳବେଦୀର ବାହ୍ୟ ଲଗାଯାଇଥିଲା, ଯାହାକୁ କେବଳ ସଫା କରାଯାଉଛି। ସେହିପରି ଠାକୁର ଯେଉଁ କୁଞ୍ଜରେ ବସି ଦୋଳି ଖେଳିବେ ତାହାକୁ ଶୁକ୍ରବାର ଦୋଳବେଦୀକୁ ଅଣାଯାଇଛି।

ଗବେଷକଙ୍କ ମତରେ ଶ୍ରୀମନ୍ଦିର ଉତ୍ତର-ପୂର୍ବ କୋଣରେ ଥିବା ମହାପ୍ରଭୁଙ୍କ ଦୋଳବେଦୀ ପ୍ରାୟ ତିନିଶହ ବର୍ଷ ପୁରୁଣା। ଶ୍ରୀମନ୍ଦିର ସମସାମୟିକ ଦୋଳବେଦି ଦୋଳମଣ୍ଡପ ସାହି ଜହ୍ନିମୁଣ୍ଡିଆ ଛକରେ ୧୭୩୭ରୁ ୧୭୯୩ ଖ୍ରୀଷ୍ଟାବ୍ଦ ମଧ୍ୟରେ ଶ୍ରୀମନ୍ଦିର ଉତ୍ତର-ପୂର୍ବ କୋଣରେ ନୂଆ ଦୋଳବେଦି (ବର୍ତ୍ତମାନର ଦୋଳବେଦି) ନିର୍ମାଣ କରାଯାଇଥିଲା। ଏହାର ଓସାର ପ୍ରାୟ ୮୦ ଫୁଟ ଓ ଲମ୍ବ ପ୍ରାୟ ୮୦ ଫୁଟ। ଏହାର ୪ଟି କୋଣ ରହିଛି। ଦୋଳବେଦି ଉପରେ ଆଉ ଏକ ୪ ଇଞ୍ଚ ଉଚ୍ଚତାର ମଣ୍ଡପ ରହିଛି, ଯାହାର ଲମ୍ବ ୩୫ ଫୁଟ ଓ ଓସାର ୩୦ ଫୁଟ।

ସୂଚନାଥାଉ କି, ଦୋଳପୂର୍ଣ୍ଣିମା ଝୁଲିଥାନ୍ତି। ଶ୍ରଦ୍ଧାଳୁମାନେ ଦେବଦେବୀଙ୍କୁ ଦର୍ଶନ କରିବା ସହ ଭୋଗ, ପୂଜାର୍ଚ୍ଚନା ଏବଂ ଅବିର ଲାଗି କରିଥାନ୍ତି। ବିଳମ୍ବିତ ରାତିରେ ପ୍ରତିମାମାନେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥାନ୍ତି। ବିଶ୍ୱାସ ରହିଛି ରଥରେ ବାମନରୂପୀ ଶ୍ରୀଜଗନ୍ନାଥଙ୍କୁ, ଚାପରେ ମଧୁସୂଦନଙ୍କୁ ଏବଂ ଦୋଳ ଝୁଲଣରେ ଶ୍ରୀଗୋବିନ୍ଦଙ୍କୁ ଦର୍ଶନ କଲେ ମନୁଷ୍ୟ ମୁକ୍ତି ଲାଭ କରିଥାଏ।

ରାଜ୍ୟସ୍ତରୀୟ ବିଶ୍ୱ ସ୍ୱେଚ୍ଛାସେବୀ ସଙ୍ଗଠନ ଦିବସ

## ୧୮ ଅନୁଷ୍ଠାନକୁ 'କର୍ତ୍ତବ୍ୟ ୨୦୨୬' ସମ୍ମାନ

ପୁରୀ,୨୭।୨(ସମିସ): ପୁରୀ ଜିଲ୍ଲା ସ୍ୱେଚ୍ଛାସେବୀ ସଙ୍ଗଠନ ସାମ୍ମୁଖ୍ୟ ଦ ବେଲ୍, ପରିବର୍ତ୍ତନ ଓଡ଼ିଶା, ମହା ବିନାୟକ ସେବା ଟେମ୍ପଲ ଟ୍ରଷ୍ଟ ଓ ଶ୍ରୀଜଗନ୍ନାଥ ଫାଉଣ୍ଡେଶନ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ଶୁକ୍ରବାର ରାଜ୍ୟସ୍ତରୀୟ ବିଶ୍ୱ ସ୍ୱେଚ୍ଛାସେବୀ ସଙ୍ଗଠନ ଦିବସ "କର୍ତ୍ତବ୍ୟ ୨୦୨୬' ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମହିପ୍ରକାଶ ମଠର ମଠାଧୀଶ ସ୍ୱାମୀ ଶୁଭାନନ୍ଦ ପୁରୀ ଯୋଗଦେଇ ଅଧୁନା ପରିସ୍ଥିତିରେ ସମସ୍ତ ଅନୁଷ୍ଠାନ ନିଜ ନିଜ ଭିତରେ ମତପ୍ରାର୍ଥକ୍ୟ ନ ରଖି ସାମୁହିକ



### ରାଜନୀତିରେ ସ୍ୱେଚ୍ଛାସେବୀ ସଙ୍ଗଠନମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭାବରେ ସଙ୍ଗଠିତ ହୋଇ କାର୍ଯ୍ୟ କଲେ ସମାଜର ବୃହତ୍ ସ୍ୱାର୍ଥ ସମାଧାନ ହେବ। ଏଥିସହ ସଙ୍ଗଠନ ଗୁଡ଼ିକର କାର୍ଯ୍ୟ ପରିସର ବୃଦ୍ଧି ପାଇବ ବୋଲି କହିଥିଲେ। ବରିଷ୍ଠ ସମାଜ କର୍ମୀ ସବିତା ମିଶ୍ର, ଲକ୍ଷ୍ମୀ ବାରିକ, ସଂଘମିତ୍ରା ମିଶ୍ର, ଡ. ନେତାଜୀ ହରିଚନ୍ଦନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଦ ବେଲ୍ ର ଅଧ୍ୟକ୍ଷ ସିଦ୍ଧାର୍ଥ ରାୟଙ୍କ ଅଧ୍ୟକ୍ଷତାର ଆୟୋଜିତ ଏହି ସଭାରେ ସମାଜର ବିଭିନ୍ନ କ୍ଷେତ୍ରରେ ସଫଳତା ସହିତ କାର୍ଯ୍ୟ କରିଥିବା ୧୮ଟି ଅନୁଷ୍ଠାନକୁ କର୍ତ୍ତବ୍ୟ ସମ୍ମାନ ୨୦୨୬ରେ ସମ୍ମାନିତ କରାଯାଇଥିଲା। ଏହି ଅନୁଷ୍ଠାନଗୁଡ଼ିକ ହେଉଛି ପୁରୀ ସେବା ସମିତି, ପୁରୀ ବିଚ୍ ଫଟୋଗ୍ରାଫର ମହାସଂଘ, ମିତ୍ର ସଂଘ, ଶ୍ରୀଜଗନ୍ନାଥ ଗୋ ସେବା ସଂସ୍ଥାନ, ଆପଣଙ୍କ ସେବାରେ, ବିବେକାନନ୍ଦ ଯୁବଶକ୍ତି ସଙ୍ଗଠନ, ସମର୍ପଣ, ନାରୀ ସେବା ସଦନ, ମାଟିର ମଣିଷ, ଶ୍ରୀନୃସିଂହ ଦେବ ଆଞ୍ଚଳିକ ଯୁବ ପରିଷଦ, ଶିଶୁ ସମାଚାର, ହାପିନେସ୍ ଫାଉଣ୍ଡେଶନ, ମିଶନ ଓଡିଶା, ଝାଡେଶ୍ୱରୀ କ୍ଲବ, କୁମାର କବି ଫାଉଣ୍ଡେଶନ, ହୋପ୍ ଇଜ ଲାଇଫ, ଶ୍ରୀକ୍ଷେତ୍ର ପୁସ୍ତକ ମେଳା କମିଟି ଓ ପ୍ରଣତି କଳା ମନ୍ଦିର।

ସଭା କାର୍ଯ୍ୟ ଦ୍ୱିତୀୟ ପର୍ବରେ ରାଜନୀତିରେ ସଙ୍ଗଠନମାନଙ୍କ ଭୂମିକା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ସାମାଜିକ କର୍ମୀ ବିରଞ୍ଚି ମିଶ୍ର, ପରିବର୍ତ୍ତନ ଓଡ଼ିଶା ମୁଖପାତ୍ର ଗଣେଶ ମହାସୁଆର, ବରିଷ୍ଠ ସାମ୍ବାଦିକ ଜଗନ୍ନାଥ ବସ୍ତିଆ, ସୁରୋଜିତ ଘୋଷ, ଡ. ଜୟନ୍ତୀ ମହାପାତ୍ର ପ୍ରମୁଖ ଯୋଗଦେଇ ସାମାଜିକ ସଙ୍ଗଠନଗୁଡ଼ିକର ରାଜନୀତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ମହାବିନାୟକ ସେବା ଟେମ୍ପୁଲ ଟ୍ରଷ୍ଟ, ଶ୍ରୀଜଗନ୍ନାଥ ଫାଉଣ୍ଡେଶନ ଟ୍ରଷ୍ଟ, ପରିବର୍ତ୍ତନ ଓଡିଶା ଓ ବେଲ୍ ସଦସ୍ୟ ସଦସ୍ୟା ପରିଚାଳନା କରିଥିଲେ।

ଜାତୀୟ ନାଟକ ମହୋତ୍ସବ

## ଅନ୍ନପୂର୍ଣ୍ଣାରେ ମଞ୍ଚସ୍ଥ ହେଲା 'କାରାଗାରର କାହାଣୀ'

ପୁରୀ,୨୭।୨(ସମିସ): ସ୍ଥାନୀୟ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ 'ରଙ୍ଗଶାଳା' ପକ୍ଷରୁ ଚାଲିଛି ୧୬ତମ ଜାତୀୟ ନାଟକ ମହୋତ୍ସବ। ଶୁକ୍ରବାର ଦ୍ୱିତୀୟ ସନ୍ଧ୍ୟାରେ ରାଉରକେଲାର ନ୍ୟୁ କ୍ୱେଷ୍ଟ ରିପୋର୍ଟ୍ରି ପକ୍ଷରୁ ଡ. ବିଜୟ ଶତପଥୀଙ୍କ ରଚିତ ଏବଂ ଯୁବ ନିର୍ଦ୍ଦେଶକ ନଳିନୀ ନିହାର ନାୟକଙ୍କ ନିର୍ଦ୍ଦେଶିତ 'କାରାଗାରର କାହାଣୀ' ମଞ୍ଚସ୍ଥ ହୋଇଥିଲା।



ନାଟକର ସାରାଂଶ ଥିଲା ଏମିତି। ଶାସକଙ୍କ ଅହଂକାର, ଗର୍ବ ଓ ଉଦ୍ଧତ ପଣିଆର ପ୍ରତୀକ ହୋଇ ଯୁଗେ ଯୁଗେ ଠିଆ ହୋଇଥାଏ କାରାଗାର। ମନୁଷ୍ୟର ସ୍ୱାଧୀନ ଚିନ୍ତା ଓ ଚେତନାକୁ ନିର୍ମମ ଭାବେ ପାଦଦଳିତ କରାଯାଇଥାଏ କାରାଗାର ବକ୍ଷରେ। ପୁଣି ଏଇ କାରାଗାର ବକ୍ଷରୁ ନବଚେତନାର ଉନ୍ମେଷ ଘଟେ ଓ ପରିବର୍ତ୍ତନର ଆଲୋକ ରେଖା ଲମ୍ବି ଯାଇଥାଏ କାହିଁ କେତେ ଦୂରକୁ! ଅବସାନ ଘଟେ ଅନ୍ଧାର ଘେରା ଝଡ ରାତିର। କାରାଗାର ଭାଙ୍ଗୁଥାଏ ଓ ଗଢ଼ା ହୋଇଥାଏ ଶାସକର ନିର୍ଦ୍ଦେଶରେ ବାରମ୍ବାର। ମନୁଷ୍ୟର ଚେତନାରେ ବି ଏହି କାରାଗାରର ଭଙ୍ଗାଗଢା ରୀତି। ବନ୍ଦୀ, ମୁକ୍ତି, ପୁଣି ମୁକ୍ତିର ସ୍ୱପ୍ନ ମଧ୍ୟରେ ମଣିଷର ଜୀବନ ରେଖା। କାରାଗାର ବାହାରେ ଆହୁରି ତ ଅନେକ କାରାଗାର। ବାହାରର କାରାଗାର ଆହୁରି ଭୀଷଣ ଓ ଅଶାନ୍ତ। ନର ପିଶାଚମାନଙ୍କର ଆତଜାତ ସେଠି। ମଣିଷର ସ୍ୱାଧୀନ ଚିନ୍ତା ସେଠାରେ ନିର୍ମମ ଭାବରେ ପୀଡିତ। ସେଦିନ ପୁରାଣ ଆଉ ଇତିହାସରେ କାରାଗାର ହୋଇଥିଲା ପରିବର୍ତ୍ତନର ଏନ୍ତୁଡିଶାଳ? ଆଉ ଆଜି ବଦଳିଯାଇଛି କାରାଗାରର ସଂଜ୍ଞା। ଏଭଳି ବାସ୍ତବତାକୁ ନେଇ ଗତିଶୀଳ ହୋଇଛି ନାଟକ 'କାରାଗାରର କାହାଣୀ'। ଅନ୍ନପୂର୍ଣ୍ଣାରେ ମଞ୍ଚସ୍ଥ ଏହି ବାସ୍ତବବାଦୀ ନାଟକକୁ ବେଶ୍ ମନଭରି ଉପଭୋଗ କରିଥିଲେ ନାଟ୍ୟପ୍ରେମୀ। ସନ୍ଧ୍ୟାରେ ପ୍ରସନ୍ନ କୁମାର ମିଶ୍ର ମୁଖ୍ୟଅତିଥି, ପ୍ରଦୀପ୍ତ କୁମାର ମିଶ୍ର, ବିଭୁତି ଭୂଷଣ ପଟ୍ଟନାୟକ, ବିକାଶ ଦତ୍ତ, ବିକ୍ରମ ବରାଳ, ପ୍ରଦୀପ ପ୍ରଧାନ, ସନ୍ତୋଷ କୁମାର ଦାସ, ସନ୍ଦୀପ୍ତ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଦେବାଶିଷ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

### ରାଷ୍ଟ୍ରୀୟ ଯୁବ କଂଗ୍ରେସ ସଭାପତିଙ୍କ ଗିରଫକୁ ବିରୋଧ

ପୁରୀ,୨୭।୨(ସମିସ): ରାଷ୍ଟ୍ରୀୟ ଯୁବ କଂଗ୍ରେସ ସଭାପତି ଉଦୟ ଭାନୁ ଚିବଙ୍କୁ ଅସାମ୍ବିଧାନିକ ଏବଂ ଅଗଣତାନ୍ତ୍ରିକ ଭାବେ ଗିରଫ କରିବା ପ୍ରତିବାଦରେ ପୁରୀ ବିଧାନସଭା ଯୁବ କଂଗ୍ରେସ ପକ୍ଷରୁ ପ୍ରତିବାଦ କରାଯାଇଛି। ଶୁକ୍ରବାର ଭିଆଇପି ରୋଡସ୍ଥିତ ସୁବାସ ବୋଷ ଛକରେ ପୁରୀ ସଦର ବିଧାନସଭା ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ପକ୍ଷରୁ କର୍ମକର୍ତ୍ତାମାନେ ଏକତ୍ରିତ ହୋଇ ନାରାବାଜି ଦେବା ସହ ତୁରନ୍ତ ରାଷ୍ଟ୍ରୀୟ ଯୁବ କଂଗ୍ରେସ ସଭାପତି ଉଦୟ ଭାନୁଙ୍କୁ ଖଲାସ କରିବା ଲାଗି ଦାବି କରିଛନ୍ତି। ଏହା ନ ହେଲେ ଯୁବ କଂଗ୍ରେସ ପକ୍ଷରୁ ସମଗ୍ର ରାଜ୍ୟରେ ଆନ୍ଦୋଳନକୁ ଜୋର୍‌ଦାର କରାଯିବ ବୋଲି ପୁରୀ ବିଧାନସଭା ଯୁବ କଂଗ୍ରେସ ସଭାପତି ମନୋଜ କୁମାର ମଣ୍ଡଳ ଚେତାବନୀ ଦେଇଛନ୍ତି।

ପୁରୀରେ ଏନ୍‌ଏଚ୍‌ଆରସିଙ୍କ ସ୍ୱତନ୍ତ୍ର ମନିଟର

## ଜେଲ୍, ଶିକ୍ଷାନୁଷ୍ଠାନ ପରିଦର୍ଶନ କଲେ

ପୁରୀ, ୨୭।୨ (ସମିସ): ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆରସି)ଙ୍କ ସ୍ୱତନ୍ତ୍ର ମନିଟର ବାଳକ୍ରୀଷ୍ଣ ଗୋଏଲ ତାଙ୍କ ଗସ୍ତର ଦ୍ୱିତୀୟ ଦିନରେ ଶୁକ୍ରବାର ବାଙ୍ଗର ଜେଲ୍ ପରିଦର୍ଶନ କରିଥିଲେ। ଜେଲ୍ ପରିସରରେ ତାଙ୍କୁ ସ୍ୱାଗତ କରାଯାଇଥିଲା। ଶ୍ରୀ ଗୋଏଲ ଜେଲ୍ ପରିସର ଅନୁଧ୍ୟାନ ସହ ଅନ୍ତେବାସୀମାନଙ୍କ ସହିତ ଆଲୋଚନା ଓ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଜେଲ୍‌ଅଧୀକ୍ଷକ ଓ ଅନ୍ୟ ଅଧିକାରୀ, କର୍ମଚାରୀମାନଙ୍କୁ ସେମାନଙ୍କ କାର୍ଯ୍ୟ ସମ୍ପର୍କରେ ପଚାରି ଥିଲେ। ଅନ୍ତେବାସୀମାନଙ୍କ ଖାଦ୍ୟ ପେୟ, ଚିକିତ୍ସା ବ୍ୟବସ୍ଥା, ରହଣୀ ବ୍ୟବସ୍ଥା ଇତ୍ୟାଦି ନିରୀକ୍ଷଣ କରିଥିଲେ। ଏହାପରେ ଶ୍ରୀ ଗୋଏଲ ଆଇଆଇସି ବା ଇଣ୍ଟିଗ୍ରେଟେଡ ଇନଫ୍ରାଷ୍ଟ୍ରକ୍‌ଚର କମ୍ପ୍ଲେକ୍ସ ପରିଦର୍ଶନ କରିଥିଲେ। ଆଇଆଇସିରେ ମାନସିକ ଅନଗ୍ରସର, ଦୃଷ୍ଟି ବାଧିତ ଓ ବରିଷ୍ଠ ନାଗରିକ ମାନଙ୍କ ରହଣୀ, ଖାଦ୍ୟ ପାନୀୟ, ସ୍ୱାସ୍ଥ୍ୟରକ୍ଷା ବ୍ୟବସ୍ଥା ପିପୁଲ୍ସ ଫୋରମ, ପିଙ୍ଗଳାକ୍ଷୀ ୱେଲ୍‌ଫେୟାର ଅର୍ଗାନାଇଜେସନ ଓ ଓଡିଶା ପତିତା ଉଦ୍ଧାର ସମିତି ପକ୍ଷରୁ ପରିଚାଳିତ ହେଉଛି। ଏହାକୁ ପରିଦର୍ଶନ ସହ ଅନ୍ତେବାସୀ ଓ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ପରେ ପରେ ଶ୍ରୀ ଗୋଏଲ କୋଣାର୍କସ୍ଥିତ ଜବାହର ନବୋଦୟ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ସେଠାରେ ପିଲାମାନଙ୍କ ଶିକ୍ଷାଦାନ, ମଧ୍ୟାହ୍ନ ଭୋଜନ, ପରିଷ୍କାର ପରିଚ୍ଛନ୍ନତା ଇତ୍ୟାଦି ନିରୀକ୍ଷଣ କରିଥିଲେ। ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ସହ ଆଲୋଚନା କରିଥିଲେ। ଏହି ଗସ୍ତ ସମୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଓ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଡେପୁଟି କଲେକ୍ଟର ଅନୁଶ୍ରବ ଗନ୍ତାୟତ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭବମ ପ୍ରଧାନ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦନ ବାରିକ ଓ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

### ଦୁର୍ଦ୍ଦାନ୍ତ ଅପରାଧୀ ପପୁ ବରାଳ ସମେତ ୨ ଗିରଫ

ପୁରୀ,୨୭।୨(ସମିସ): ବଳିଆପଣ୍ଡା ଥାନା ଅଞ୍ଚଳରେ ଶିବୁନା ପଲେଇଙ୍କ ଉପରକୁ ବୋମାମାଡ଼ ଘଟଣାରେ ଦୁର୍ଦ୍ଦାନ୍ତ ଅପରାଧୀ ଧୀରେନ୍ଦ୍ରନାଥ ବରାଳ ଓରଫ୍ ପପୁ (୪୦)ଙ୍କ ସମେତ ୨ ଜଣଙ୍କୁ ଗିରଫ କରିଛି ବଳିଆପଣ୍ଡା ପୁଲିସ। ପୂର୍ବରୁ ଏହି ଘଟଣାରେ ୪ ଜଣ ଗିରଫ ହୋଇଥିଲେ। ଶୁକ୍ରବାର ପୁଲିସ ଧାନକୁଟି ସାହିର ପପୁ ବରାଳ ଏବଂ ବିର୍ଲା ଗେଷ୍ଟ ହାଉସ୍ ଛକର ଶଙ୍କର୍ଷଣ ସାହୁ (୩୯)ଙ୍କୁ ଗିରଫ କରାଯାଇଛି ବୋଲି ଏସ୍‌ପି ପ୍ରତୀକ୍ ସିଂ କହିଛନ୍ତି।



ଗତ ୧୦ ତାରିଖ ରାତି ୧୦ଟାରେ ଗୌଡବାଡ ସାହି ବିର୍ଲା ଛକର ଶିବୁନା ପଲେଇ (୩୬) ଲାଇଟ୍ ହାଉସ୍ ଛକ ନିକଟ ସ୍ୱପ୍ନା ଇନ୍ ହୋଟେଲ ସମ୍ମୁଖରେ ଛିଡା ହୋଇଥିବା ବେଳେ ୨ଜଣ ଅଭିଯୁକ୍ତ ସ୍କୁଟିରେ ଆସି ଜୀବନରେ ମାରିଦେବା ଉଦ୍ଦେଶ୍ୟରେ ଶିବୁନା ଏବଂ ତାଙ୍କ ବନ୍ଧୁଙ୍କ ଉପରକୁ ୩ଟି ବୋମାମାଡ଼ କରିଥିଲେ। ଗୁରୁବାର ପୁଲିସ ୪ ଅଭିଯୁକ୍ତ ବିଶାଳ ପାତ୍ର, ସମୀର ସାମନ୍ତରାୟ, ସଞ୍ଜୟ ସରକାର ଓ ପ୍ରିୟବ୍ରତ ଜେନାଙ୍କୁ ଗିରଫ କରିଥିଲା। ଶୁକ୍ରବାର ପପୁ ଏବଂ ଶଙ୍କର୍ଷଣଙ୍କୁ କୋର୍ଟଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନଙ୍କ କଥାରେ ରାଜି ନ ହେବାରୁ ଯୋଜନାବଦ୍ଧ ଭାବେ ଶିବୁନାଙ୍କ ଉପରକୁ ବୋମାମାଡ଼ କରିଥିଲେ। ଅଭିଯୁକ୍ତମାନେ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିବା ସହ ଦାଦାବଟି ମାଗିଥାନ୍ତି ବୋଲି ଏସ୍‌ପି କହିଛନ୍ତି।

■ ମାର୍ଚ୍ଚ ୨ରେ ପରିଚାଳନା କମିଟି ବୈଠକ

### ସ୍ଥିର ହେବ ରତ୍ନ ଅଳଙ୍କାର ଗଣତିମଣତି ତାରିଖ

ପୁରୀ,୨୭।୨(ସମିସ): ଆସନ୍ତା ମାର୍ଚ୍ଚ ୨ ତାରିଖରେ ଅନୁଷ୍ଠିତ ହେବ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଅପରାହ୍ନ ସାଢେ ୪ଟାରେ ଅନୁଷ୍ଠିତ ହେବାକୁ ଥିବା ବୈଠକରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଅଧ୍ୟକ୍ଷତା କରିବେ। ଏଥିରେ ମୁଖ୍ୟତଃ ମହାପ୍ରଭୁଙ୍କର ରତ୍ନ ଅଳଙ୍କାର କେଉଁଦିନ ଗଣତି ମଣତି କରାଯିବ ତାହା ସ୍ଥିର ହେବ। ଗଣତି ମଣତି ଲାଗି ପ୍ରସ୍ତୁତ ଏସ୍‌ଓପି ବା ମାର୍ଗଦର୍ଶିକାକୁ ରାଜ୍ୟ ସରକାର ଅନୁମୋଦନ ଦେବା ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏକ ବୈଠକ ବସି ଏହା ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ପରିଚାଳନା କମିଟି କେଉଁଦିନ ଗଣତି ମଣତି ଆରମ୍ଭ କରାଯିବ ତାହା ସ୍ଥିର କରିବେ ବୋଲି ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ ସୂଚନା ଦେଇଥିଲେ। ତେଣୁ ପରିଚାଳନା କମିଟି ବୈଠକରେ ଗଣତି ମଣତିର ତାରିଖ ଚୂଡ଼ାନ୍ତ ହେବ। ଏହି ଗଣତି ମଣତି ସମୟରେ ଯେପରି ମହାପ୍ରଭୁଙ୍କ ନୀତିକାନ୍ତି ଏବଂ ଭକ୍ତଙ୍କ ଦର୍ଶନରେ ବାଧା ନ ଉପୁଜିବ ତା' ଉପରେ ବି ଆଲୋଚନା କରାଯିବ। ଶ୍ରୀମନ୍ଦିର ପ୍ରଶାସନର ୨୦୨୫-୨୬ ଆର୍ଥିକବର୍ଷର ସଂଶୋଧିତ ଅଟକଳ ଏବଂ ୨୦୨୬-୨୭ ଆର୍ଥିକବର୍ଷର ବଜେଟ୍ ଅଟକଳ କରାଯିବ। ଗତ ୨୪ ତାରିଖରେ ଅନୁଷ୍ଠିତ ଅର୍ଥ ସବ୍ କମିଟି ବୈଠକର ବିବରଣୀ ଅନୁମୋଦନ ଏବଂ ଗତ ଜାନୁୟାରୀ ୧୭ ତାରିଖରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକର ବିବରଣୀ ପଠନ ଓ ଦୃଢୀକରଣ କରାଯିବ। ସଭାପତିଙ୍କ ଅନୁମୋଦନ କ୍ରମେ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ମଧ ଆଲୋଚନା କରାଯିବାର ସମ୍ଭାବନା ରହିଛି।

ପୁଲିସର ସାହିଯାତ ପ୍ରସ୍ତୁତି

## କାଳିକା ଦେବୀ ସାହିରେ ସମନ୍ୱୟ ସଭା

ପୁରୀ,୨୭।୨(ସମିସ): ପାଖେଇ ଆସିଲାଣି ଶ୍ରୀକ୍ଷେତ୍ରର ସାହିଯାତ। ଏହାକୁ ଶାନ୍ତିଶୃଙ୍ଖଳାର ସହ ସୂଚାରୁ ରୂପେ ପାଳନ କରିବା ଲାଗି ପ୍ରସ୍ତୁତି ଆରମ୍ଭ କରିଦେଲାଣି ପୁରୀ ପୁଲିସ। ଏହି କ୍ରମରେ ଶୁକ୍ରବାର କାଳିକାଦେବୀ ସାହିରେ ସାହି କମିଟି ସମନ୍ୱୟ ସଭା ଅନୁଷ୍ଠିତ ହୋଇଯାଇଛି। ଏସ୍‌ପି ପ୍ରତୀକ୍ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପୁଲିସ ଅଧିକାରୀମାନଙ୍କ ସହ ସାହିର ସ୍ଥାନୀୟ କମିଟି ସଦସ୍ୟ ଓ ବରିଷ୍ଠ ନାଗରିକମାନେ ଉପସ୍ଥିତ ଥିଲେ। ସଭାରେ ସହିଯାତ ଅବସରରେ ଭିଡ଼ ନିୟନ୍ତ୍ରଣ, ଆପାତକାଳୀନ ସେବା ଓ ସାଧାରଣ ଲୋକଙ୍କ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ବିଷୟ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଯାତ୍ରା ସମୟରେ ସାହି ମାଧ୍ୟମରେ ଯାଉଥିବା ପ୍ରମୁଖ ରୁଟ୍, ବିକଳ୍ପ ରୁଟ୍ ଚିହ୍ନଟ, ସମ୍ବେଦନଶୀଳ ସ୍ଥାନ ଓ ସଂକୀର୍ଣ୍ଣ ରାସ୍ତାଗୁଡ଼ିକରେ ବିଶେଷ ପୁଲିସ ବ୍ୟବସ୍ଥା କରିବାକୁ ନିଷ୍ପତ୍ତି ହୋଇଥିଲା। ଟ୍ରାଫିକ ଡିଏସ୍‌ପିଙ୍କ ପକ୍ଷରୁ ଯାତ୍ରା ଦିନ ଟ୍ରାଫିକ ବ୍ୟବସ୍ଥା ଲାଗୁ କରାଯିବା ସମ୍ବନ୍ଧରେ ସୂଚନା ଦିଆଯାଇଥିଲା। ପ୍ରମୁଖ ସ୍ଥାନଗୁଡ଼ିକରେ ଡାଇଭର୍ସନ ବ୍ୟବସ୍ଥା କରାଯିବ ଓ ଆବଶ୍ୟକତାନୁସାରେ ପୁଲିସ ଓ ଟ୍ରାଫିକ କର୍ମଚାରୀ ମୁତୟନ କରାଯିବ। ଏସ୍‌ପି ସ୍ଥାନୀୟ ସାହି କମିଟି ସଦସ୍ୟମାନଙ୍କୁ ସହଯୋଗ ପାଇଁ ଅନୁରୋଧ କରି କହିଥିଲେ ଯେ, ପୁଲିସ ଓ ଜନସାଧାରଣ ସମନ୍ୱୟ ଦ୍ୱାରା ଏପରି ପାରମ୍ପରିକ ଯାତ୍ରାକୁ ଶୃଙ୍ଖଳିତ ଓ ସୁରକ୍ଷିତ ଭାବେ ସମ୍ପନ୍ନ କରିହେବ। ସାହି ଭିତର ରାସ୍ତା ସଫା ସୁତୁରା ରଖିବା, ବେଆଇନ ପାର୍କିଂ ରୋକିବା, ବିଦ୍ୟୁତ୍ ତାର ଓ ଅସ୍ଥାୟୀ ଟେଣ୍ଟ ଯାଞ୍ଚ କରିବା ପାଇଁ ସ୍ଥାନୀୟ କମିଟିଙ୍କ ସହଯୋଗ କାମନା କରାଯାଇଥିଲା।




ଏହି ବୈଠକରେ ସିଟି ଡିଏସ୍‌ପି ରଶ୍ମି ରଞ୍ଜନ ମହାପାତ୍ର, ଟ୍ରାଫିକ ଡିଏସ୍‌ପି ରାଜକୁମାର ପରିଡା, ଟାଉନ ଥାନା ଅଧିକାରୀ ଗୋକୁଳ ରଞ୍ଜନ ଦାସ, ଟ୍ରାଫିକ ଥାନା ଅଧିକାରୀ ସଙ୍ଗୀତା ଦାଶଙ୍କ ସହ ଅନ୍ୟାନ୍ୟ ପୁଲିସ ଅଧିକାରୀ ଯୋଗଦେଇଥିଲେ।

● ପୁରୀ ପୁଲିସର ସାପ୍ତାହିକ ପରେଡ

### ଭକ୍ତ, ପର୍ଯ୍ୟଟକଙ୍କ ସୁରକ୍ଷା ନିଶ୍ଚିତ କରିବା ପୁଲିସର ପ୍ରାଥମିକ ଦାୟିତ୍ୱ

ପୁରୀ,୨୭।୨(ସମିସ): ଭକ୍ତ, ପର୍ଯ୍ୟଟକଙ୍କ ସୁରକ୍ଷା ନିଶ୍ଚିତ କରିବା ପୁରୀ ପୁଲିସର ପ୍ରାଥମିକ ଦାୟିତ୍ୱ ବୋଲି କହିଛନ୍ତି ଏସ୍‌ପି ପ୍ରତୀକ୍ ସିଂ। ଶୁକ୍ରବାର ପୁରୀ ରିଜର୍ଭ ପୁଲିସ ଲାଇନ୍‌ରେ ସାପ୍ତାହିକ ପରେଡରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଏସ୍‌ପି ସିଂ ଡ୍ରିଲ୍, ଶାରୀରିକ ଫିଟନେସ୍, ୟୁନିଫର୍ମର ଶୃଙ୍ଖଳା, ଅସ୍ତ୍ର ଶସ୍ତ୍ରର ରକ୍ଷା ଓ ସାମଗ୍ରିକ ପ୍ରସ୍ତୁତିର ସମୀକ୍ଷା କରିଥିଲେ। ପୋଲିସକୁ ସଦା ସଜାଗ, ସୁସଜ୍ଜିତ ଓ କାର୍ଯ୍ୟଦକ୍ଷ ରଖିବା ଏହି ପରେଡ୍‌ର ମୂଳ ଉଦ୍ଦେଶ୍ୟ ଥିଲା। ପରେଡ ପରେ ଏସ୍‌ପି ଶ୍ରୀ ସିଂ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ସମ୍ବୋଧନ କରି ପୁଲିସ ସର୍ବଦା ସାଧାରଣ ଲୋକଙ୍କ ସହ ଭଦ୍ର ଓ ଶିଷ୍ଟ ଆଚରଣ ପ୍ରଦର୍ଶନ କରିବା ସହ ଏବଂ ନିଜ କର୍ତ୍ତବ୍ୟ ଶତ ପ୍ରତିଶତ ନିଷ୍ଠାର ସହିତ ପାଳନ କରିବାକୁ ପରାମର୍ଶ ଦେଇଥିଲେ। ଏହି ପରେଡରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସଚିନ ପଟେଲ, ସୌମ୍ୟ ରଞ୍ଜନ ମଲ୍ଲିକ, ଶତାରା ଜସ୍ମିନ ଗୁରିଆ, ଡିଏସ୍‌ପି ତପନ ଦାସ, ଆରଆଇ ଚିତ୍ତରଞ୍ଜନ ମହାନ୍ତି, ବାସୁଦେବ ପଣ୍ଡାଙ୍କ ସମେତ ସହିତ ସବୁ ସିଟି ସବ୍‌ଡିଭିଜନର ଥାନା ଅଧିକାରୀ ଉପସ୍ଥିତ ଥିଲେ। ଜିଲ୍ଲାର ବିଭିନ୍ନ ଥାନା ଓ ୟୁନିଟ୍‌ର ପୁଲିସ ଅଧିକାରୀ ଓ କର୍ମଚାରୀମାନେ ପରେଡରେ ଅଂଶଗ୍ରହଣ କରିଥିଲେ।

## ହରିରାଜପୁର ମେଳଣ ପଡ଼ିଆ ପରିଦର୍ଶନ କଲେ ଏସ୍‌ପି

ପୁରୀ,୨୭।୨(ସମିସ): ଆସନ୍ତା ମାର୍ଚ୍ଚ ୮ରୁ ୧୨ ତାରିଖ ପର୍ଯ୍ୟନ୍ତ ହରିରାଜପୁର ମେଳଣ ଅନୁଷ୍ଠିତ ହେବ। ଏହି ମେଳଣ ଯେପରି ଶୃଙ୍ଖଳା ଏବଂ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହେବ ସେ ନେଇ ଶୁକ୍ରବାର ମେଳଣ ପଡ଼ିଆ ପରିଦର୍ଶନ କରିବା ସହ ସମୀକ୍ଷା କରିଛନ୍ତି ଏସ୍‌ପି ପ୍ରତୀକ୍ ସିଂ। ଭିଡ଼ ନିୟନ୍ତ୍ରଣ, ଯାତାୟାତ, ପାର୍କିଂ, ଅଗ୍ନି ନିରାପତ୍ତା ବ୍ୟବସ୍ଥା ସହ ଆପତକାଳୀନ ସେବାକୁ ଏସ୍‌ପି ବେଶ୍ ଗୁରୁତ୍ୱ ଦେଇଥିଲେ। ବିଶେଷକରି ମେଳଣ ପଡ଼ିଆ, ପ୍ରବେଶ ଓ ପ୍ରସ୍ଥାନ ପଥରେ ସିସିଟିଭି କ୍ୟାମେରା ସଂସ୍ଥାପନ ଓ ୨୪ ଘଣ୍ଟିଆ ନିରୀକ୍ଷଣ ବ୍ୟବସ୍ଥା ଉପରେ ଜୋର୍ ଦିଆଯାଇଥିଲା। ସେହିପରି ସ୍ୱଚ୍ଛତା ଉପରେ ମଧ୍ୟ ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଭକ୍ତମାନଙ୍କ ପାଇଁ ପର୍ଯ୍ୟାପ୍ତ ଅସ୍ଥାୟୀ ଶୌଚାଳୟ, ପାନୀୟ ଜଳ ଓ ପରିଷ୍କାର ପରିଚ୍ଛନ୍ନତା ନିଶ୍ଚିତ କରିବାକୁ ମେଳଣ କମିଟି ସହ ସମନ୍ୱୟ କରାଯାଇଥିଲା। ମହିଳା, ବୃଦ୍ଧ ଓ ଶିଶୁମାନଙ୍କ ସୁରକ୍ଷା ପାଇଁ ବିଶେଷ ପୁଲିସ ବ୍ୟବସ୍ଥା ରହିବା ସହିତ ହେଲ୍ପଡେସ୍କ ସ୍ଥାପନ ନେଇ ଆଲୋଚନା ହୋଇଥିଲା।

ଏହି ପରିଦର୍ଶନ ସମୟରେ ଅତିରିକ୍ତ ଏସ୍‌ପି ସଚିନ ପଟେଲ, ଏସ୍‌ଡିପିଓ ପିପିଲି



ଦେବାଶିଷ ମିଶ୍ର, ଡେଲାଙ୍ଗ ଥାନା ଓଆଇସି ମମତା ବିଶ୍ୱାଳଙ୍କ ସହ ହରିରାଜପୁର ମେଳଣ ସଂଘ ସଭାପତି, ସମ୍ପାଦକ ଓ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ବୈଠକରେ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରିବା, ସନ୍ଦେହଜନକ ବ୍ୟକ୍ତି ଓ କାର୍ଯ୍ୟକଳାପ ଉପରେ ନିରନ୍ତର ନଜର ରଖିବା, ସୋସିଆଲ ମିଡିଆ ମାଧ୍ୟମରେ କୌଣସି ଭ୍ରମାତ୍ମକ ସୂଚନା ପ୍ରସାର ହେଲେ ତୁରନ୍ତ ସେ ଦିଗରେ ପଦକ୍ଷେପ ନେବାକୁ ଏସ୍‌ପି ଶ୍ରୀ ସିଂ ନିର୍ଦ୍ଦେଶ ଦେଇଥିଲେ।

# ଚୋରି କରିବାରେ ବିଫଳ ହେବା ପରେ ନାବାଳକଙ୍କ ହାତ କାଟିଲେ ଦୁର୍ବୃତ୍ତ



ଉଦଳା,୨୭।୨(ସମିସ): ଘରେ ପୁଅ ଏକୁଟିଆ ଥିବାବେଳେ ଚୋରି କରିବାକୁ ପଶିଲେ ଦୁଇ ମୁଖାପିନ୍ଧା ଦୁର୍ବୃତ୍ତ। ଚୋରି କରି ନ ପାରିବାରୁ ନାବାଳକଙ୍କ ଦୁଇ ହାତ କାଟିଦେଇ ଚାଲିଗଲେ। ଏଭଳି ଘଟଣା ଘଟିଛି ଉଦଳା ଥାନା ଅନ୍ତର୍ଗତ ୧୨ନଂ ୱାର୍ଡରେ। ଦିଲ୍ଲୀପ ସେଠୀ ଓ ତପସ୍ୱିନୀ ସେଠୀଙ୍କ ବଡ଼ପୁଅ ନାବାଳକ ସୁଧାଂଶୁ ସେଠୀ ତାଙ୍କ ବଡ଼ବାପାଙ୍କ ଘରେ ଏକୁଟିଆ ଥିଲେ। ଅପରାହ୍ନରେ ସେ ଘର ବାହାରକୁ ଆସିଥିବାବେଳେ ଅଚାନକ ଦୁଇଜଣ ମୁଖା ପିନ୍ଧା ଦୁର୍ବୃତ୍ତ ଆସି ତାଙ୍କ ଘର ଭିତରକୁ ଧସେଇ ପଶିଥିଲେ। ଗଡ଼ରେଜ ଖୋଲି ଚୋରି କରିବାକୁ ଉଦ୍ୟମ କରିଥିଲେ। ନାବାଳକ ସୁଧାଂଶୁ ଏହାକୁ ବିରୋଧ କରିବା ସହିତ ଧସ୍ତାଧସ୍ତି ହେବା ପରେ ଦୁଇ ଦୁର୍ବୃତ୍ତ ଚୋରି କରି ନ ପାରିବାରୁ ସୁଧାଂଶୁଙ୍କ ଦୁଇ ହାତ କାଟି ଦେଇ ଚାଲିଯାଇଥିଲେ। ସୁଧାଂଶୁ ଚେତାଶୂନ୍ୟ ହୋଇ ଘର ଭିତରେ ପଡ଼ିରହିଥିଲେ। ତାଙ୍କ ବଡ଼ମାଆ ଓ ପରିବାର ଲୋକ ଘରେ ପହଞ୍ଚିବା ପରେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଉଦଳା ମେଡିକାଲରେ ଭର୍ତ୍ତି କରିଥିଲେ। ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ଲୁଟ ପାଇଁ ଏହା ଘଟିଛି ନା ଏହା ପଛରେ ଅନ୍ୟ କିଛି କାରଣ ରହିଛି, ତାହା ତଦନ୍ତ ପରେ ସ୍ପଷ୍ଟ ହେବ।

## ଇଟା ବୋଝେଇ ଟ୍ରାକ୍ଟର ଧକ୍କାରେ ଜଣେ ମୃତ

ମାଣଡ୍ରୀ, ୨୭ ।୨(ସମିସ): ବୈଶିଙ୍ଗା ଥାନା ଅଧୀନ ମାଣଡ୍ରୀ ହାଟ ଛକରେ ଶୁକ୍ରବାର ଟ୍ରାକ୍ଟରଧକ୍କାରେଜଣେଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ସରୋଜ ନାଏକ(୨୫)। ସେ ସ୍ଥାନୀୟ ଫେବ୍ରିକେସନ ଦୋକାନରେ କାମ କରନ୍ତି। ଶୁକ୍ରବାର ସକାଳେ ଦୋକାନ ସମ୍ମୁଖ ରାସ୍ତାକୁ ଆସୁଥିବାବେଳେ ଦ୍ରୁତଗାମୀ ଇଟା ବୋଝେଇ ଟ୍ରାକ୍ଟର ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ମାଣଡ୍ରୀ ଡାକ୍ତରଖାନା ଓ ପରେ ବାରିପଦା ପିଆରଏମ ମେଡିକାଲ ଓ ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର ସମୟରେ ସୋର ନିକଟରେ ତାଙ୍କର ମୃତ୍ୟୁ ଘଟିଥିଲା। ରିପୋର୍ଟ ଲେଖାଯିବା ବେଳକୁ ଥାନାରେ ଅଭିଯୋଗ ହୋଇନାହିଁ। ମାଣଡ୍ରୀ ହାଟ ଛକରେ ଦୋକାନ ରାସ୍ତା ଉପରକୁ ମାଡି ଆସୁଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି । ପୁଲିସ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହେଉଛି। ମୃତକଙ୍କ ପତ୍ନୀ ଓ ୨ଟି ସନ୍ତାନ ଥିବା ଜଣାପଡିଛି।

## କୃଷକଙ୍କୁ ମାଣ୍ଡିଆ ଚାଷ ତାଲିମ

ତୁରୁମୁଙ୍ଗା, ୨୭।୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ କୃଷି ଓ କୃଷକ ତାଲିମ କେନ୍ଦ୍ରରେ ଶୁକ୍ରବାର ମାଣ୍ଡିଆ ଚାଷ ଉପରେ ତାଲିମ ପ୍ରଦାନ କରାଯାଇଛି। ବୁଢ଼ୀକାପୁଡ଼ି ଓ ମିରିଖୋଜି ପଞ୍ଚାୟତର ୧୬ ଜଣ ଚାଷୀ ତାଲିମ ଗ୍ରହଣ କରିଥିଲେ। ବ୍ଲକ୍ କୃଷି ଅଧିକାରୀ ବର୍ଷା ବୈଶାଳୀଙ୍କ ତତ୍ତ୍ୱାବଧାନରେ ସହକାରୀ କୃଷି ଅଧିକାରୀ ଦେବାର୍ଚ୍ଚନ ଦ୍ୱିବେଦୀ, କୃଷି ଅଧିଦର୍ଶକ ଦୁର୍ଗାଚରଣ ତ୍ରିପାଠୀ, ବୀରଭଦ୍ର ନାଏକ ପ୍ରମୁଖ ମାଣ୍ଡିଆ ଚାଷ ଉପରେ ତାଲିମ ପ୍ରଦାନ କରିଥିଲେ। ତାଲିମର ଦ୍ୱିତୀୟ ଦିନରେ ଉନ୍ନତ କିସମ ମାଣ୍ଡିଆ ଚାଷ, ବିହନ ବିଶୋଧନ, ଅଧିକ ଅମଳକ୍ଷମ କରିବାର ତାଲିମ ପ୍ରଦାନ କରାଯାଇଛି।

## 'ନିତି' ଆୟୋଗ ପକ୍ଷରୁ ସମ୍ପୂର୍ଣ୍ଣତା ଅଭିଯାନ



ମହୁଲଡିହା,୨୭।୨(ସମିସ): ଭାରତ ସରକାରଙ୍କ ନୀତି ଆୟୋଗ ଆନୁକୂଲ୍ୟରେ ଠାକୁରମୁଣ୍ଡା ବ୍ଲକ ସଭାଗୃହରେ ସମ୍ପୂର୍ଣ୍ଣତା ଅଭିଯାନ ୨-୦ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ସ୍ୱପ୍ନେଶ୍ୱର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ନୀତି ଆୟୋଗ ୱାଇପି କାବ୍ୟା ରାଓ, ଏପିଡି ଜୀବନ ଜୀବିକା ମଧୁସ୍ମିତା ଭୂୟାଁ, ସିଡିପିଓ ପ୍ରେମଲତା ସେଠୀ, ବ୍ଲକ ଉପାଧ୍ୟକ୍ଷ ସନ୍ତୋଷ ମହାନ୍ତ ପ୍ରମୁଖ ଯୋଗଦେଇ ଲକ୍ଷ୍ୟ, ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ନୀତି ଆୟୋଗ ସ୍ଥିର କରିଥିବା ୬ଟି ସୂଚକାଙ୍କ ବିଭାଗୀୟ ସହଯୋଗ ମାଧ୍ୟମରେ କିପରି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ହାସଲ କରାଯାଉଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ। ମୟୂରଭଞ୍ଜ ଜିଲ୍ଲାର ଆକାଂକ୍ଷୀ ବ୍ଲକ ଭାବେ ଠାକୁରମୁଣ୍ଡା ବ୍ଲକ ଚିହ୍ନଟ ହୋଇଥିବାରୁ ୬ଟି ସୂଚକାଙ୍କ ଉପରେ ଅଧିକ ଗୁରୁତ୍ୱର ସହ କାର୍ଯ୍ୟ ହେଉଛି। ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ପୁଷ୍ଟିକର ଖାଦ୍ୟ ସହାୟତା, ମଧୁମେହ ସ୍ଥିତି, ଉଚ୍ଚ ରକ୍ତଚାପ, ଏସଏଚଜିଙ୍କ ଘୂର୍ଣ୍ଣନ ପାଣ୍ଠି ଉପରେ ବିଶେଷ ଅନୁଧ୍ୟାନ କରାଯାଇ ସ୍ଥିତି ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇଥିଲା। ୬୦ ଜଣଙ୍କ ମଧୁମେହ ଓ ଉଚ୍ଚ ରକ୍ତଚାପ ପରୀକ୍ଷା କରାଯାଇଥିଲା। କୃଷି, ଶିକ୍ଷା, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଯୋଗ ଦେଇଥିଲେ। ଅସ୍ପାଇରେସନାଲ ବ୍ଲକ ସହଯୋଗୀ ତାପସ ଦାସ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

# ଜନଗଣନା ପ୍ରଥମ ପର୍ଯ୍ୟାୟ ପାଇଁ ଦୁଇଦିନିଆ ପ୍ରଶିକ୍ଷଣ

ବାରିପଦା, ୨୭ ।୨(ସମିସ)






ଜନଗଣନା ୨୦୨୭ ପ୍ରଥମ ପର୍ଯ୍ୟାୟ ଅନ୍ତର୍ଗତ ଗୃହତାଲିକା ଓ ଗୃହ ଗଣନା ସମ୍ପର୍କିତ ଦୁଇଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ୨୬ ଓ ୨୭ ତାରିଖରେ ବାରିପଦା ଜିଲ୍ଲା ପରିଷଦ ସମ୍ମେଳନ କକ୍ଷରେ ସଫଳତାର ସହିତ ଆୟୋଜିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ଜନଗଣନାର ବିଭିନ୍ନ ଦିଗ ଉପରେ ଆଲୋକପାତ କରି ଏହାକୁ ସୂଚାରୁରୂପେ ସମ୍ପାଦନ କରିବାକୁ ଗୁରୁତ୍ୱ ଦେଇଛନ୍ତି। ଏହି ପ୍ରଶିକ୍ଷଣରେ ଜିଲ୍ଲାସ୍ତରୀୟ ଅଧିକାରୀ, ଚାର୍ଜ ଜନଗଣନା ଅଧିକାରୀ, ନଗରପାଳିକା ଓ ୟୁଏଲବି/ଏନ୍ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ, ବ୍ଲକ ଉନ୍ନୟନ ଅଧିକାରୀ ଓ ସମ୍ବନ୍ଧିତ କର୍ମଚାରୀ ନିଜ ନିଜ ସହାୟକ ସହିତ ଅଂଶଗ୍ରହଣ କରିଥିଲେ। ଜନଗଣନା ୨୦୨୭ କାର୍ଯ୍ୟକ୍ରମକୁ ସୁଚାରୁରୂପେ କାର୍ଯ୍ୟାନ୍ୱୟନରେ କରିବା ପାଇଁ ଜିଲ୍ଲା ଓ ଚାର୍ଜ ସ୍ତର ଅଧିକାରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି ସମୟରେ ଗୃହ ତାଲିକା ଓ ଗୃହ ଗଣନାର ପ୍ରକ୍ରିୟା, ନିୟମାବଳୀ ଓ କାର୍ଯ୍ୟପନ୍ଥା ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନା କରାଯାଇଥିଲା। ବିଶେଷକରି ଡିଜିଟାଲ୍ ପ୍ରଣାଳୀର ଉପଯୋଗ, ସିଏମଏମ୍ଏସ ପୋର୍ଟାଲ ଓ ଏଚ୍ଏଲବିସି ୱେବ୍ ଆପ୍ଲିକେସନ୍ର ବିଭିନ୍ନ ବୈଶିଷ୍ଟ୍ୟ ବିଷୟରେ ପ୍ରାୟୋଗିକ ଶିକ୍ଷା ଦିଆଯାଇଥିଲା। ତଥ୍ୟର ସଠିକତା, ସମୟୋପଯୁକ୍ତ ରିପୋର୍ଟ ପ୍ରଦାନ, ଡିଜିଟାଲ୍ ମନିଟରିଂ ବ୍ୟବସ୍ଥା ଓ ସଠିକ ଡକ୍ୟୁମେଣ୍ଟେସନ୍ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଜନଗଣନା ନିର୍ଦ୍ଦେଶାଳୟର ସହକାରୀ ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ଦାସ, ଷ୍ଟାଟିଷ୍ଟିକାଲ ଇନଭେଷ୍ଟିଗେଟର ଏମ୍.ସି ପୁରୁଧୁଲ୍, ତନ୍ମୟ ଗୁପ୍ତା ପ୍ରମୁଖ ଉପସ୍ଥିତ ରହି ତାଲିମ୍ ଦେବା ସହ ବିଭିନ୍ନ ଦିଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହ ଗଣନା ପ୍ରକ୍ରିୟା, ସତ୍ୟାପନ ପଦ୍ଧତି, କ୍ଷେତ୍ରସ୍ତରର ସମନ୍ୱୟ ଓ ଅଭିଯୋଗ ନିରାକରଣ ବ୍ୟବସ୍ଥା ସମ୍ପର୍କରେ ସବିଶେଷ ଭାବେ ଅବଗତ କରାଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀଗଣ ମଧ୍ୟ ଆଲୋଚନାରେ ସକ୍ରିୟ ଭାଗ ନେଇ ନିଜ ନିଜ ସନ୍ଦେହ ଦୂର କରିଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଜିଲ୍ଲା ପ୍ରଶାସନ, ନଗର ପ୍ରଶାସନ, ରେଭେନ୍ୟୁ ବିଭାଗ ଓ ଅନ୍ୟାନ୍ୟ ସମ୍ବନ୍ଧିତ ବିଭାଗଙ୍କ ମଧ୍ୟରେ ସମନ୍ୱୟକୁ ସୁଦୃଢ଼ କରାଯାଇଥିଲା। ସେନସସ୍ ୨୦୨୭ ପ୍ରଥମ ପର୍ଯ୍ୟାୟରେ ଘର ଗଣନା, ଆବାସିକ ପରିସ୍ଥିତି, ଅନ୍ୟାନ୍ୟ ଉପଲବ୍ଧ ସୁବିଧା ସହିତ ବିଭିନ୍ନ ମୌଳିକ ତଥ୍ୟ ସଂଗ୍ରହ କରାଯିବ, ଯାହା ପରବର୍ତ୍ତୀ ଜନଗଣନା ପର୍ଯ୍ୟାୟ ପାଇଁ ପଥ ଉନ୍ମୁକ୍ତ କରିବ। ଜିଲ୍ଲା ପ୍ରଶାସନ ଜନଗଣନା ୨୦୨୭ କାର୍ଯ୍ୟକ୍ରମକୁ ସଠିକ, ପାରଦର୍ଶୀ ଓ ପ୍ରଯୁକ୍ତିବିଦ୍ୟା ଯୁକ୍ତ ଭାବେ ସଫଳତାର ସହିତ କାର୍ଯ୍ୟାନ୍ୱୟନ କରିବାକୁ ଆଶା ରଖିଛି। ସଭା ଶେଷରେ ଡେପୁଟି କଲେକ୍ଟର ଦୀପାଞ୍ଜଳୀ ସିଂ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

**ବିଶୋଇରେ ପହଞ୍ଚିଲା ଲୋକ ଅଧିକାର ଯାତ୍ରା**

## ବିକାଶ ନାମରେ ଜଳ, ଜମି ଓ ଜଙ୍ଗଲକୁ ଶେଷ କରା ନ ଯାଉ

ବିଶୋଇ,୨୭ ।୨(ସମିସ): ଜଳ, ଜଙ୍ଗଲ ଓ ଜମିର ସୁରକ୍ଷା ସହିତ ପ୍ରତିଟି ମଣିଷର ଜୀବିକା ରକ୍ଷା ଲାଗି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମପୀଠ ସତ୍ୟଭାମାପୁରରୁ ଆରମ୍ଭ ହୋଇଥିବା ଲୋକ ଅଧିକାର ଯାତ୍ରା ଶୁକ୍ରବାର ବିଶୋଇଠାରେ ପହଞ୍ଚିଛି। ବିଶୋଇକୁ ପହଞ୍ଚିବା ପରେ ବିଶୋଇ ଅଞ୍ଚଳର ବୁଦ୍ଧିଜୀବୀ ଓ ଯୁବ ସଂଗଠକ ଯାତ୍ରାର ନେତୃତ୍ୱ ବହନ କରୁଥିବା ପରିବେଶ ପ୍ରେମୀଙ୍କୁ ବିପୁଳ ସ୍ୱାଗତ ଜଣାଇଥିଲେ। ଲୋକ ଅଧିକାର ଯାତ୍ରାରେ ସାମିଲ ଥିବା ବ୍ୟକ୍ତିଗଣ ଗ୍ରୀନ ନୋବେଲ ବିଜେତା ତଥା ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା, ପଶ୍ଚିମ ଓଡ଼ିଶା କୃଷକ ସଂଗଠନର ନେତା ଲିଙ୍ଗରାଜ, ଗାନ୍ଧୀବାଦୀ ନେତା ତଥା ଲୋକ ଅଧିକାର ଯାତ୍ରାର ସଂଯୋଜକ ଡାକ୍ତର ବିଶ୍ୱଜିତ୍, ଜନ ଆନ୍ଦୋଳନଙ୍କ ରାଷ୍ଟ୍ରୀୟ ସମନ୍ୱୟର ରାଜ୍ୟ ଆବାହକ ନରେନ୍ଦ୍ର ମହାନ୍ତି, ସାମାଜିକ କର୍ମୀ କଲ୍ୟାଣ ଆନନ୍ଦ, ସାଂସ୍କୃତିକ କର୍ମୀ ରାଜକିଶୋର ସୁନାନୀ, ଯୁବନେତା ଲକ୍ଷ୍ମଣ ନାୟକ, ସୁଶାନ୍ତ ମହାନ୍ତି, ରାଜୀବ କୁମାର, କ୍ଷେତ୍ରମୋହନ ମହାନ୍ତ, ସର୍ବେଶ୍ୱର ସାହୁ, ସୁକାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ବିକାଶ ନାମରେ ଜଳ,ଜଙ୍ଗଲ ଓ ଜମିକୁ ନଷ୍ଟ କରାନଯାଇ ଏହାର ବିକଳ୍ପ ଉପାୟ ଚିନ୍ତା କରିବା ପାଇଁ ଆହ୍ୱାନ ଦେଇଥିଲେ। ମାଟି ତଳେ ଗଚ୍ଛିତ ଥିବା ଖଣିଜ ସମ୍ପଦର ଅହେତୁକ ବ୍ୟବହାର ହୋଉଥିବା ବେଳେ ଆଗାମୀ ୫୦ ବର୍ଷ ପରେ ଖଣିଜ ସମ୍ପଦ ଶେଷ ହୋଇଗଲେ ଆଗାମୀ ପିଢ଼ି କଣ କରିବେ ସେନେଇ ପ୍ରଶ୍ନ ରଖିଥିଲେ।ଏଣୁ ପ୍ରାକୃତିକ ସମ୍ପଦକୁ ସଦୁପଯୋଗ କରି ବିକଳ୍ପ ବିକାଶ ଦିଗରେ ସରକାରଙ୍କ ସହିତ ଆମେ ସମସ୍ତେ ସଚେତନତା ରହିବାର ଆବଶ୍ୟକତା ରହିଛି ବୋଲି ବ୍ୟକ୍ତବ ରଖିଥିଲେ। ବିଶୋଇ ଅଞ୍ଚଳର ଯୁବ ସମାଜସେବୀ ଦେବାଶିଷ ପଣ୍ଡା, ମାନସ ରଞ୍ଜନ ମହାପାତ୍ର,ସଚିନ୍ଦ୍ର ମହାନ୍ତ,ପଙ୍କଜ ମହାପାତ୍ର ଯାତ୍ରାରେ ବ୍ୟକ୍ତବ ରଖିଥିବା ବେଳେ ଶେଷରେ ବିଶୋଇ ଅଞ୍ଚଳର ବରିଷ୍ଠ କଂଗ୍ରେସ ନେତା ସୁବାଷ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।ସୂଚନାଥାଉକି, ପ୍ରାକୃତିକ ସମ୍ପଦ ସୁରକ୍ଷା ନିମନ୍ତେ ଆରମ୍ଭ ହୋଇଥିବା ଏହି ସୁରକ୍ଷା ଯାତ୍ରା ଓଡ଼ିଶାର କୋଣ ଅନୁକୋଣ ବୁଲି ୨୯ ତାରିଖ ଦିନ ସହିଦ ଲକ୍ଷ୍ମଣ ନାୟକଙ୍କ ସହିଦ ଦିବସରେ ସମାପ୍ତ ହେବ ବୋଲି ଜଣାପଡିଛି।




## ସୁନଗଡ଼ିଆ ବାସନ୍ତୀ ପୂଜା ପାଇଁ ଶୁଭସ୍ତମ୍ଭ ସ୍ଥାପିତ



ବାରିପଦା, ୨୭ ।୨(ସମିସ): ବସନ୍ତର ଶେଷ ଭାଗରେ ମଧୁ ପାର୍ବଣର ବାର୍ତ୍ତା ନେଇ ଜଗତ ଜନନୀ ମା' ବାସନ୍ତୀଙ୍କ ଧରାବତରଣର ସ୍ୱାଗତ ପାଇଁ ବାରିପଦାସ୍ଥ ୱାର୍ଡନଂ ୨୦ ଷ୍ଟେସନରୋଡ (ସୁନଗଡିଆ) ରେ ଶୁକ୍ରବାର ଶ୍ରଦ୍ଧାଳୁ, କର୍ମକର୍ତ୍ତା ଓ ଶୁଭେଚ୍ଛୁଙ୍କ ଗହଣରେ ସକାଳେ ୭୩ତମ ପୂଜା ପାଇଁ ଶୁଭସ୍ତମ୍ଭ ସ୍ଥାପନ ହୋଇଛି। ଏହି ଉତ୍ସବ ଉପଲକ୍ଷେ କମିଟିର ସଭାପତି ତରୁଣ ମହାନ୍ତି, ସମ୍ପାଦକ ପରମାନନ୍ଦ ଷଡଙ୍ଗୀ, କୋଷାଧ୍ୟକ୍ଷ ଡ.ମହେନ୍ଦ୍ରନାଥ ଦାସ ଓ ଅନ୍ୟ କର୍ମକର୍ତ୍ତା ଦିଲ୍ଲୀପ କମିଳା, ସଞ୍ଜୟ ରାମ, ଶୈଳେଶ ରଣା, ପ୍ରଦୀପ ପଣ୍ଡା, ଜ୍ଞାନରଞ୍ଜନ ପଣ୍ଡା, ଗୋପାଳ ବେହେରା, ହରିଚନ୍ଦ୍ର ମହାନ୍ତି, ମୋହିତ କୁମାର ପଣ୍ଡା, ରାଜେଶ କୁମାର ବଳା, ରାଜକୁମାର ସାହୁ, ଅନୀତା ସେଠୀ, ମୁକେଶ ବଳା, ପୂଜକ ସୁଦର୍ଶନ ଦ୍ୱିବେଦୀ ଓ ସାହିର ଅନ୍ୟ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

## କାଳିଆପଦା ଗ୍ରାମକୁ ପଞ୍ଚାୟତ ଘୋଷଣା ଦାବି

କୁଆମରା,୨୭ ।୨(ସମିସ): ରାଜ୍ୟ ସରକାରଙ୍କ ପଞ୍ଚାୟତ ପୁନଃ ଗଠନ ପ୍ରକ୍ରିୟାରେ ଗୋପବନ୍ଧୁନଗର ବ୍ଲକ ସାଇଁକୁଳା ପଞ୍ଚାୟତ ଅଧୀନରେ ଥିବା କାଳିଆପଦା ରାଜସ୍ୱ ଗ୍ରାମକୁ ପଞ୍ଚାୟତ ଘୋଷଣା କରିବାକୁ କାଳିଆପଦା, ପହଁରାଡୁବା ଓ ଅଙ୍ଗାରଗଡିଆ ଗ୍ରାମର ଶତାଧିକ ଲୋକ ରାଜସ୍ୱ ମନ୍ତ୍ରୀ, ମୟୂରଭଞ୍ଜ ଜିଲ୍ଲାପାଳ, ଉଦଳା ଉପଜିଲ୍ଲାପାଳ, ଗୋପବନ୍ଧୁନଗର ତହସିଲଦାରଙ୍କ ଉଦ୍ଦେଶ୍ୟରେ ବିଡିଓ ପୃଥୀରାଜ ପରିଡାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ରାଜସ୍ୱ ଗ୍ରାମରେ ୨ ହଜାରରୁ ଅଧିକ ଜନସଂଖ୍ୟା ଥିବା ଦର୍ଶାଇଛନ୍ତି। ଜୟପୁର ପଞ୍ଚାୟତ ଅନ୍ତର୍ଗତ ଅଙ୍ଗାରଗଡିଆ ଗ୍ରାମ ପଞ୍ଚାୟତ ମୁଖ୍ୟ କାର୍ଯ୍ୟାଳୟଠାରୁ ବହୁ ଦୂରରେ ଅବସ୍ଥିତ ଥିବାରୁ ଆବଶ୍ୟକ ବିକାଶ କାର୍ଯ୍ୟ ସଠିକ ଭାବେ ହୋଇପାରୁ ନ ଥିବାବେଳେ ବିଭିନ୍ନ ମୌଳିକ ସୁବିଧାରୁ ବଞ୍ଚିତ ହୋଇଆସୁଛନ୍ତି। ଏଣୁ ପ୍ରଶାସନିକ ସୁବିଧା, ସମାନ ବିକାଶ ଓ ଆଦିବାସୀଙ୍କ ସାମାଜିକ ଓ ଆର୍ଥିକ ଉନ୍ନତି ପାଇଁ ଏହି ରାଜସ୍ୱ ଗ୍ରାମକୁ ନେଇ ସ୍ୱତନ୍ତ୍ର ପଞ୍ଚାୟତ ଗଠନ କରିବା ପାଇଁ ଦାବି କରିଛନ୍ତି।



## ସମାଜସେବୀଙ୍କ ଘରୁ ଚୋରି

ବୈଶିଙ୍ଗା,୨୭।୨(ସମିସ): ବୈଶିଙ୍ଗା ଥାନା ଅଧୀନ ୧୮ ନଂ ଜାତୀୟ ରାଜପଥ ପାର୍ଶ୍ୱ ରଙ୍ଗାମାଟିଆ ଛକ ନିକଟରେ ଥିବା ବିଶିଷ୍ଟ ସମାଜସେବୀ ଇନ୍ଦ୍ରମଣି ମହାପାତ୍ରଙ୍କ ଘର ତାଲା ଭାଙ୍ଗି ଲୁଟ୍ କରିଛନ୍ତି ଦୁର୍ବୃତ୍ତ। ଇନ୍ଦ୍ରମଣି ମହାପାତ୍ର ଓ ତାଙ୍କ ପରିବାର ବୈଶିଙ୍ଗା ଅଞ୍ଚଳକୁ ସମ୍ପର୍କୀୟଙ୍କ ଦଶାହ କାର୍ଯ୍ୟରେ ଯାଇଥିଲେ। ଘରକୁ ଫେରି ପରିବାର ଲୋକ ଦେଖିବାକୁ ପାଇଥିଲେ ଯେ ଦୁର୍ବୃତ୍ତମାନେ ଘର ମୁଖ୍ୟ କବାଟ ତାଲା ଭାଙ୍ଗି ଭିତରେ ପଶି ଶୋଇବା ଘରେ ଥିବା ଏକାଧିକ ଗଡ଼ରେଜ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନାରୂପା ଅଳଙ୍କାର ସମେତ ନଗଦ ଟଙ୍କା ଲୁଟି ନେଇଛନ୍ତି।

## ବାଲି ଟ୍ରାକ୍ଟର ଜବତ

ତୁରୁମୁଙ୍ଗା, ୨୭।୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ପୁଲିସ ବେଆଇନ ବାଲି ଚୋରା ଚାଲାଣ ସମୟରେ ଅଙ୍କୁରା ନିକଟରୁ ଏକ ବାଲି ବୋଝେଇ ଟ୍ରାକ୍ଟର ଜବତ କରିଛି। ବୈତରଣୀ ନଦୀରୁ ବେଆଇନ ଭାବରେ ବାଲି ଉତ୍ତୋଳନ କରି ଚାଲାଣ କରୁଥିବା ସମୟରେ ପାଟଣା ଥାନା ଏଏସଆଇ ଧନେଶ୍ୱର ପାତ୍ର ଚଢ଼ଉ କରି ଟ୍ରାକ୍ଟରକୁ ଜବତ କରିଛନ୍ତି।


## ପୁରୁଣିଆ-ମହିଷାଶୋଳ ରାସ୍ତାରେ ବେଆଇନ ମାଟି ଚାଲାଣ

**ମାତିଛନ୍ତି ମାଫିଆ**



ପୁରୁଣିଆ, ୨୭।୨(ସମିସ): ବେତନଟୀ ବ୍ଲକ ଅନ୍ତର୍ଗତ ପୁରୁଣିଆ-ମହିଷାଶୋଳ ରାସ୍ତାର ତାଳସାହିଠାରେ ଚାଲିଛି ବେଆଇ ମାଟି ଉତ୍ତୋଳନ ଓ ଚାଲାଣ। ଜେସିବି ଯୋଗେ ବେଆଇନ ଭାବେ ମାଟି ଖୋଳାଯିବା ସହିତ ଟ୍ରାକ୍ଟର ଯୋଗେ ବାହାରକୁ ଚାଲାଣ କରାଯାଉଛି। ମାଟି ବୋଝେଇ ହେବା ପରେ ଟ୍ରାକ୍ଟର ଦ୍ରୁତ ଗତିରେ ଯାଉଥିବାରୁ ରାସ୍ତା ଉପରେ ମାଟି ଛିଟିକି ପଡି ରାସ୍ତା ଖରାପ ହେବା ସହିତ ଏଥିପାଇଁ ଦୁର୍ଘଟଣା ମଧ୍ୟ ବଢୁଛି। ସ୍ଥାନୀୟ ଲୋକେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଥିବାବେଳେ ମଧୁପୁରା ଓ ପୁରୁଣିଆ ଗ୍ରାମର ଦୁଇଜଣ ଦୁର୍ଘଟଣାର ଶିକାର ହୋଇଛନ୍ତି। ବେଆଇନ ମାଟି ଚାଲାଣ ହେଉଥିବାବେଳେ ବିଭାଗୀୟ ଅଧିକାରୀ କିପରି ଜାଣି ପାରୁନାହାଁନ୍ତି ନା ସବୁ ଜାଣିଶୁଣି ମାଟି ଚାଲାଣ ପାଇଁ ସୁଯୋଗ ସୃଷ୍ଟି କରୁଛନ୍ତି, ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି।

## କେନ୍ଦୁଜିଆଣି ଫରେଷ୍ଟ ବିଟ୍ ଅଞ୍ଚଳରେ ହରିଣ ମୃତ



ଠାକୁରମୁଣ୍ଡା,୨୭।୨(ସମିସ): କରଞ୍ଜିଆ ବନଖଣ୍ଡ ଠାକୁରମୁଣ୍ଡା ରେଞ୍ଜ କେନ୍ଦୁଜିଆଣି ଫରେଷ୍ଟ ବିଟ ଅନ୍ତର୍ଗତ ଜଡିବିଲ ସଂରକ୍ଷିତ ଜଙ୍ଗଲ କଡ଼କୁ ଚାଲି ଆସିଥିବା ଏକ ହରିଣର ମୃତ୍ୟୁ ଘଟିଛି। ମୃତ ଅଣ୍ଡିରା ହରିଣର ବୟସ ପ୍ରାୟ ଅଢେଇ ବର୍ଷ ହେବ ବୋଲି ଅନୁମାନ କରିଛି ବନ ବିଭାଗ। ଶୁକ୍ରବାର ଦିନ ସୀମାନ୍ତ କେନ୍ଦୁଝର ଜିଲ୍ଲା ମାଛଗଡ଼ ଜଙ୍ଗଲରୁ ଆସିଥିବା ହରିଣ ସକାଳ ପ୍ରାୟ ୮ଟା ସମୟରେ ଜଡିବିଲ ଗ୍ରାମ ସଂରକ୍ଷିତ ଜଙ୍ଗଲ କଡ଼ରେ ମୁର୍ମୁଷ ଅବସ୍ଥାରେ ପଡିଥିବା ଦେଖି ସ୍ଥାନୀୟ ଲୋକେ ବନ ବିଭାଗକୁ ସୂଚନା ଦେଇଥିଲେ। ଖବର ପାଇ ଠାକୁରମୁଣ୍ଡା ରେଞ୍ଜ ଅଧିକାରୀ ଉମାକାନ୍ତ ବେହେରା, ଫରେଷ୍ଟର ନଳିନୀକାନ୍ତ ମହାନ୍ତ, ଫରେଷ୍ଟ ଗାର୍ଡ ଗାୟତ୍ରୀ ମହାନ୍ତ, ପ୍ରମୋଦ କୁମାର ମହାନ୍ତ, କିଶୋର କୁମାର ପାତ୍ର ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଥିଲେ। ମୁର୍ମୁଷ ଅବସ୍ଥାରେ ପଡିରହିଥିବା ହରିଣକୁ ଚିକିତ୍ସା ପାଇଁ ବନ ବିଭାଗ ଆଣିବାକୁ ଉଦ୍ୟମ ସମୟରେ ହରିଣର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। କେହି ପଛରୁ ଦୌଡ଼ାଇବା କାରଣରୁ ବିଚଳିତ ଅବସ୍ଥାରେ ଦୌଡ଼ି ଆସିଥିବା ହରିଣର ହୃତଘାତରୁ ମୃତ୍ୟୁ ହୋଇଥିବା କୁହାଯାଉଛି। ମୃତ ହରିଣକୁ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ବ୍ୟବଚ୍ଛେଦ ପରେ ବନ ବିଭାଗ ପୋତି ଦେଇଥିବା ଜଣାପଡ଼ିଛି।

**ଭିଜି ଟ୍ରଫି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ**

## ଇଷ୍ଟ ଜୋନ୍‌ରୁ ଖେଳିବେ କେନ୍ଦୁଝରର ସାର୍ଥକ



କେନ୍ଦୁଝର,୨୭।୨(ସମିସ): ବିସିସିଆଇ ଆନୁକୂଲ୍ୟରେ ଜାତୀୟସ୍ତରୀୟ ଆନ୍ତବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ 'ଭିଜି ଟ୍ରଫି'ରେ ଇଷ୍ଟଜୋନ୍ ତରଫରୁ ଖେଳିବା ପାଇଁ କେନ୍ଦୁଝରର ଉଦୀୟମାନ ଖେଳାଳି ସାର୍ଥକ ସ୍ୱୟଂପ୍ରକାଶ ଚୟନ ହୋଇଛନ୍ତି। ମାର୍ଚ୍ଚ ୧ ତାରିଖରୁ ଗୋଆରେ ଏହି ପ୍ରତିଯୋଗିତା ଆରମ୍ଭ ହେବ। ଏଥିରେ ଇଷ୍ଟ ଜୋନ୍ ସହ ୱେଷ୍ଟ ଜୋନ୍, ନର୍ଥ ଜୋନ ଓ ସାଉଥ୍ ଜୋନ୍ ଅଂଶଗ୍ରହଣ କରିବେ। ୨୦୨୪ ଓ ୨୦୨୫ରେ ସାର୍ଥକ ଓଡ଼ିଶା ଅଣ୍ଡର-୧୯ କ୍ରିକେଟ୍ ଟିମ୍‌ରେ ସାମିଲ୍ ହୋଇ କୁଚବେହାର ଟ୍ରଫିରେ ଖେଳିଛନ୍ତି। ୨୦୨୧ରେ ଅଣ୍ଡର-୧୬ ରାଜ୍ୟ ଟିମ୍‌ରେ ବିଜୟ ମର୍ଚେଣ୍ଟ ଟ୍ରଫିରେ ଖେଳିବା ପାଇଁ ସାମିଲ ହୋଇଥିଲେ। ସାର୍ଥକ ନିର୍ମଳା କନଭେଣ୍ଟ ସ୍କୁଲ କେନ୍ଦୁଝରରୁ ମାଟ୍ରିକ ପାସ କରିବା ପରେ ରେଭେନସା ଉଚ୍ଚମାଧ୍ୟମିକ ବିଦ୍ୟାଳୟ କଟକରେ ଯୁକ୍ତ ଦୁଇ ପଢ଼ିଥିଲେ। ବର୍ତ୍ତମାନ ରେଭେନସା ୟୁନିଭରସିଟି କଟକରେ +୩ ପ୍ରଥମବର୍ଷ କଳାରେ ଅଧ୍ୟୟନରତ। ଚଳିତ ବର୍ଷ ରେଭେନ୍ସା ବିଶ୍ୱବିଦ୍ୟାଳୟ କ୍ରିକେଟ୍ ଟିମ୍‌ର ଅଧିନାୟକ ମଧ୍ୟ ହୋଇଛନ୍ତି। ସାର୍ଥକ ବରିଷ୍ଠ ପ୍ରଶିକ୍ଷକ ଗିରୀଶଚନ୍ଦ୍ର ହୋତା ଏବଂ ବୋଦାପଲସା କ୍ରିକେଟ କ୍ଲବର ବରିଷ୍ଠ ପ୍ରଶିକ୍ଷକ ତଥା ମାର୍ଗଦର୍ଶକ ସୁଧାଂଶୁ ନାୟକଙ୍କ ପ୍ରଶିକ୍ଷଣ ଦ୍ୱାରା ଇଷ୍ଟ ଜୋନ୍ ଟିମ୍‌ରେ ସ୍ଥାନ ପାଇଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ତଥା ରାଜ୍ୟପାଳଙ୍କ ଲୋକସମ୍ପର୍କ ଅଧିକାରୀ ସଂଜୀବ ବାରିକ ଏବଂ ରଂଜିତା ବାରିକଙ୍କ କନିଷ୍ଠ ପୁତ୍ର ସାର୍ଥକଙ୍କୁ ଏହି ସଫଳତା ପାଇଁ କେନ୍ଦୁଝର ଜିଲ୍ଲା କ୍ରୀଡ଼ା ସଂସ୍ଥାର ସାଧାରଣ ସମ୍ପାଦକ ସଂଗ୍ରାମ ପଟ୍ଟନାୟକଙ୍କ ସମେତ ବିଭିନ୍ନ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନ ତରଫରୁ ତାଙ୍କର ସଫଳତା ପାଇଁ ଶୁଭେଚ୍ଛା ଜଣାଇବା ସହିତ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ଏମ୍‌ପିସି ବିଦ୍ୟାଳୟରେ ତମାଖୁ ମୁକ୍ତ ସଚେତନତା



ବେତନଟୀ,୨୭।୨(ସମିସ): ପିଏମ୍‌ଶ୍ରୀ ମହାରାଜା ପ୍ରତାପ ଚନ୍ଦ୍ର ଉଚ୍ଚବିଦ୍ୟାଳୟରେ ଆନ୍ତର୍ଜାତିକ ମାତୃଭାଷା ଦିବସ ପାଳନ ଓ ତମାଖୁ ମୁକ୍ତ ବିଦ୍ୟାଳୟ ପାଇଁ ସଚେତନତା କାର୍ଯ୍ୟକ୍ରମ ପ୍ରଧାନଶିକ୍ଷକ ଅର୍ଜୁନ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମାତୃଭାଷା କିପରି ଜ୍ଞାନ ଲାଭର ମୂଳଭିତ୍ତି, ସଂସ୍କୃତି ଓ ଐତିହର ସଂରକ୍ଷଣ, ଭାବ ପ୍ରକାଶର ମାଧ୍ୟମ ଓ ରାଷ୍ଟ୍ରୀୟ ଏକତାର ଆଧାର ତାହା ଆଲୋଚନା ହୋଇଥିଲା। ମାତୃଭାଷାର ବ୍ୟବହାର, ସୁରକ୍ଷା ଓ ସଂରକ୍ଷଣକୁ ପ୍ରୋତ୍ସାହିତ କରିବା ଉପରେ ଆଲୋକପାତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ, ପ୍ରବନ୍ଧ ଓ କବିତା ଆବୃତ୍ତି ପ୍ରତିଯୋଗିତା ହୋଇଥିଲା। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ତମାଖୁ ମୁକ୍ତ ବିଦ୍ୟାଳୟ ପାଇଁ ଆୟୋଜିତ ହୋଇଥିବା ସଚେତନତା କାର୍ଯ୍ୟକ୍ରମରେ ଆୟୁଷ ବିଭାଗ ଡକ୍ଟର ମହେଶ୍ୱର ଦାସ, ଡକ୍ଟର ସ୍ୱିଟି ପଣ୍ଡା ତମାଖୁ ଓ ଏହାର କୁପ୍ରଭାବ ସମ୍ବନ୍ଧରେ ଆଲୋଚନା କରିଥିଲେ। ସ୍ୱାସ୍ଥ୍ୟ ଉପରେ ତମାଖୁର କୁପ୍ରଭାବ ବିଶ୍ୱରେ ଚିନ୍ତାର କାରଣ ଅଟେ, ତାହା ପ୍ରକାଶ କରିଥିଲେ। ତମାଖୁ ଛାଡ଼ିବା ପାଇଁ ଦେୟମୁକ୍ତ ନମ୍ବର ୧୮୦୦-୧୧-୨୩୫୬ରେ ସମ୍ପର୍କ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ଛାତ୍ରଛାତ୍ରୀ ପୋଷ୍ଟର ପ୍ରତିଯୋଗିତା, ନାଟକ ଓ ସ୍ଲୋଗାନ ପାଠ ମାଧ୍ୟମରେ ସମାଜକୁ ତମାଖୁ ଛାଡ଼ିବା ପାଇଁ ସନ୍ଦେଶ ଦେଇଥିଲେ। ଶିକ୍ଷକମାନେ ତମାଖୁ ସେବନର କ୍ଷତିକାରକ ପ୍ରଭାବ ବିଷୟରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଇତିଶ୍ରୀ ମନ୍ତ୍ରୀ, ଶିକ୍ଷକ ନିରୋଜ ମହାନ୍ତ, ସୁବୋଧ ସାହୁ, ପ୍ରକାଶ ଗିରି, ହେମନ୍ତ ଦାସ, ଅମରଜ୍ୟୋତି ସ୍ୱାଇଁ, ରାଜକମଲ ସାତୁଆ, ଅଜୟ ବାରିକ, ସୌରଭ ନନ୍ଦ, ସୁନୀଲ ସାହୁ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ।

## କର୍କାମସ୍କା ଗାଁ ରାସ୍ତା କାମ ନିମ୍ନମାନର

# କାମ କରି ମଜୁରୀ ମିଳିନି

ଲାଞ୍ଜିଗଡ଼, ୨୭ ।୨(ସମିସ)



ଲାଞ୍ଜିଗଡ଼ ବ୍ଲକ ବନ୍ଧପାରି ପଞ୍ଚାୟତ କର୍କାମସ୍କା ଗାଁକୁ ସଂଯୋଗ କରୁଥିବା ଆର୍‌ଡି ରାସ୍ତାର କାମ ନିମ୍ନମାନର ହୋଇଥିବା ଅଭିଯୋଗ ହେଉଛି। କାମ କରିଥିବା ଶ୍ରମିକଙ୍କୁ ୨ ମାସ ହେଲା ମଜୁରୀ ଦେଇନଥିବା ବେଳେ ନିର୍ମାଣ ଧୀନ ରାସ୍ତାରୁ ଚିପ୍‌ସ ଉଠିଯାଉଥିବା ବେଳେ ତାହା ଅତ୍ୟନ୍ତ ଶୋଚାନୀୟ ହୋଇପଡ଼ିଛି। ବର୍ତ୍ତମାନ ରାସ୍ତାର ସ୍ଥାୟିତ୍ୱକୁ ନେଇ କର୍କାମସ୍କା ଗାଁ ଲୋକେ ଅଭିଯୋଗ କରିଛନ୍ତି।ଅଭିଯୋଗ ଅନୁସାରେ ବନ୍ଧପାରି ପଞ୍ଚାୟତ ବାଲିସରା ଛକ ଆର୍‌ଡି ଠାରୁ କର୍କାମସ୍କା ଗାଁ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ହୋଇଥିଲା ୫.୩୫ କିମି ରାସ୍ତା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ମୋଟ ଅଟକଳ ମୂଲ୍ୟ ଟ.୨ କୋଟି ୭୮ ଲକ୍ଷ ୭୬ ହଜାର ରହିଥିଲା। କଳାହାଣ୍ଡି ଜିଲ୍ଲା କେସିଙ୍ଗାର ଠିକାଦାର ଗ୍ରାମ୍ୟ ଉନ୍ନୟନ ବିଭାଗ ସହ କରିଥିବା ଚୁକ୍ତି ଅନୁଯାୟୀ କାର୍ଯ୍ୟ ଆରମ୍ଭ ୧୦.୭.୨୦୧୭ ତଥା କାର୍ଯ୍ୟ ଶେଷ ତାରିଖ ୨୫.୭.୨୦୧୮ ରହିଥିଲା।କିନ୍ତୁ ଏହି ରାସ୍ତାର ନିର୍ମାଣ କାର୍ଯ୍ୟ ଠିକାଦାର ଉଚିତ ସମୟରେ ନକରି ବିଳମ୍ବରେ ଆରମ୍ଭ କରି ୨୦୧୯ ରେ ଶେଷ କରିଥିଲେ। ରାସ୍ତା କାମରେ କମ୍ ପରିମାଣରେ ଚିପ୍‌ସ ଓ ପିଚୁ ବ୍ୟବହାର ହୋଇଥିଲା। ଏହାକୁ ନେଇ ସେହି ସମୟରେ ଗ୍ରାମବାସୀ ଅଭିଯୋଗ କରିଥିଲେ। କିନ୍ତୁ ରାସ୍ତା ନିର୍ମାଣ ଦାଇତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଅନୁପସ୍ଥିତ ରହୁଥିବା ବେଳେ ଠିକାଦାର ଶୁଣି ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଯଦ୍ୱାରା କାମ ସମ୍ପୂର୍ଣ୍ଣ ହେବାର ଏକ ବର୍ଷ ମଧ୍ୟରେ ରାସ୍ତାରୁ ଚିପ୍‌ସ ଉଠିଯାଇ ମରଣଯନ୍ତା ପାଲଟିଥିଲା।ନିର୍ମାଣର ୫ ବର୍ଷ ପର୍ଯ୍ୟନ୍ତ ରାସ୍ତାର ରକ୍ଷଣାବେକ୍ଷଣ ପାଇଁ ୧୭ ଲକ୍ଷ ୪୫ ହଜାର ରହିଥିଲା। କିନ୍ତୁ ଲୋକଙ୍କ ବାରମ୍ବାର ଅଭିଯୋଗ ପରେ ବି ରାସ୍ତାର ରକ୍ଷଣାବେକ୍ଷଣ କାମ କଲେନାହିଁ। ରାସ୍ତା ଦିନକୁ ଦିନ ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଥିବା ଯୋଗୁଁ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଗ୍ରାମବାସୀ ଅଭିଯୋଗ କରିଥିଲେ।ଅଭିଯୋଗକୁ ଭିତ୍ତି କରି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାସ୍ତାର ମରାମତି କରିବା ପାଇଁ ୪୦ ଲକ୍ଷରୁ ଅଧିକ ଟଙ୍କା ବ୍ୟୟ ଅଟକଳ ରହିଛି। ଏହି ମରାମତି କାମକୁ କଳାହାଣ୍ଡି ଜିଲ୍ଲା ଜୟପାଟଣାର ଜଣେ ଠିକାଦାରଙ୍କୁ ଦିଆ ଯାଇଥିବା ବେଳେ ୨୦୨୫ ଡିସେମ୍ବର ମାସରେ କାମ ଆରମ୍ଭ କରିଛି। ବର୍ତ୍ତମାନ ବାଲିସରା ଛକ ଆର୍‌ଡି ରାସ୍ତା ରୁ କର୍କାମସ୍କା ଘାଟି ପର୍ଯ୍ୟନ୍ତ ୩ କି:ମି ରାସ୍ତା କାମ ସରିଛି। ମରାମତି କାମଟି ଅତି ନିମ୍ନ ମାନର ହେଉଥିବା ବେଳେ ଦୁଇ ମାସ ମଧ୍ୟରେ ରାସ୍ତାରୁ ଚିପ୍‌ସ ଉଠିଯାଉଥିବା ବେଳେ ତାହା ଅତ୍ୟନ୍ତ ଶୋଚାନୀୟ ଯୋଗୁଁ ରାସ୍ତାର ସ୍ଥାୟିତ୍ୱକୁ ନେଇ କର୍କାମସ୍କା ଗାଁ ଲୋକେ ଅଭିଯୋଗ କରିଛନ୍ତି।ଅନ୍ୟପକ୍ଷରେ ରାସ୍ତାରେ କାମ କରିଥିବା କର୍କାମସ୍କା ଗାଁର ରୁସି ମାଝୀ, ଟିଙ୍ଗୁ ମାଝୀ, ଦାମଣି ମାଝୀ, ଦିନୁ ମାଝୀ, ମିଶ୍ର ମାଝୀ, ଗୀତା ମାଝୀ, ମୁନି ମାଝୀ, କାମା ମାଝୀ, ପାପିନା ମାଝୀ, ବଡା ମାଝୀ, ମାମି ମାଝୀ; ଉଗ୍ରେସନ ବିଭାର, କୁନି ବିଭାର, ମୁକ୍ତା ହରିଜନ, ରାମାରୋ ହରିଜନ, ମିନି ହରିଜନ, ରାଜକୁମା ହରିଜନ ସମେତ ୨୦ ରୁ ଉର୍ଦ୍ଧ୍ୱ ଶ୍ରମିକଙ୍କୁ ୨ ମାସ ହେଲା ମଜୁରୀ ଦେଇନଥିବା ଅଭିଯୋଗ କରିଛନ୍ତି।ଏନେଇ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଅସିତ ଖଟୁଆଙ୍କୁ ଫୋନ ମାଧ୍ୟମରେ ଯୋଗାଯୋଗ କରିଥିଲେ ମଧ୍ୟ କଲ ଗ୍ରହଣ କରିନଥିଲେ। ତୁରନ୍ତ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦାବି ହେଉଛି।

## ବାଇକ୍ ଦୁର୍ଘଟଣାରେ ୩ ଗୁରୁତର

ସିନାପାଲି, ୨୭ ।୨(ସମିସ): ସିନାପାଲି ଥାନା କାପସିଗ୍ରାମ ସାହୁ ମିଲଘର ଠାରେ ବାଇକ ଦୁର୍ଘଟଣା ଘଟି ୩ଜଣ ଗୁରୁଲର ହୋଇଥିବା ଜଣାପଡ଼ିଛି। ଗୁରୁତ୍ୱର ଯୁବକମାନେ କାପସିଗ୍ରାମର ଜିତେନ ନିଆଲ (୨୪), ପୁସ୍ତମ ନିଆଲ (୩୦), ଜଗବନ୍ଧୁ ଛତ୍ରିଆ (୨୫) । ପ୍ରାପ୍ତ ଖବର ଅନୁସାରେ ବାଇକ୍‌ରେ ଉକ୍ତ ଯୁବକମାନେ କୌଣସି କାମରେ ବରଗାଁ ଯାଉଥିବା ବେଳେ ବାଇକ୍ ଭାରସାମ୍ୟ ହରାଇ ଖସି ପଡ଼ିଥିବା ବେଳେ ଗୁରୁତର ହୋଇ ପଡ଼ିଥିଲେ। ସିନାପାଲି ଥାନା ଏଏସ୍‌ଆଇ ପ୍ରଭାକର ନାଏକ ପହଞ୍ଚି ଗୁରୁତର ୩ଜଣ ଯୁବକଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନେଇଥିଲେ। ବର୍ତ୍ତମାନ ଦୁଇ ଜଣଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଠିକ୍ ଥିବା ବେଳେ ଜଣେ ଅଧିକ ଗୁରୁତର ଥିବା ଜଣାପଡ଼ିଛି।

## ସ୍ମୃତିସ୍ତମ୍ଭ ମଣ୍ଡପ ନିର୍ମାଣ ପାଇଁ ଭୂମିପୂଜା

କର୍ଲାମୁଣ୍ଡା, ୨୭ ।୨(ସମିସ): କର୍ଲାମୁଣ୍ଡା ବ୍ଲକ ରିଷିଡାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସ୍ମୃତିସ୍ତମ୍ଭ ନିର୍ମାଣ ଓ ମୂର୍ତ୍ତି ସ୍ଥାପନ ପାଇଁ ଭୂମିପୂଜା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ କୁନି ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶୁଭ ଦେଇଥିଲେ।ପ୍ରଧାନଚାର୍ଯ୍ୟ ମହେନ୍ଦ୍ର ବାରିକ, ରଜତ ଜୟନ୍ତୀ କମିଟି ସଭାପତି ନେମିଚାନ୍ଦ ଜୈନଙ୍କ ସମେତ ସମସ୍ତ ଗୁରୁଜୀ ଗୁରୁମା ଉପସ୍ଥିତ ଥିଲେ। ପ୍ରକାଶଥାଉକି ସ୍ମୃତିସ୍ତମ୍ଭ ଓ ମୂର୍ତ୍ତି ନିର୍ମାଣ ପାଇଁ ବ୍ଲକ ଅଧ୍ୟକ୍ଷ କୁନି ସାହୁଙ୍କ ସ୍ୱାମୀ ବିଶିଷ୍ଟ ସାମାଜିକ କର୍ମୀ ପ୍ରଦୀପ କୁମାର ସାହୁ ନିଜେ ଅର୍ଥଦାନ କରିଛନ୍ତି।



## ମହୁଲ ପୋଚ ନଷ୍ଟ

କୋକସରା, ୨୭ ।୨(ସମିସ): କୋକସରା ଅବକାରୀ ଥାନା ପକ୍ଷରୁ ଶୁକ୍ରବାର ଆମପାଣି ଅଞ୍ଚଳର କନ୍ଦାଗଡ଼ ଫରେଷ୍ଟ ନାଳାରେ ଚଢ଼ାଉ କରାଯାଇଛି। ପ୍ରାୟ ୯ ଶହ ଲିଟର ମହୁଲ ପୋଚ ଓ ମଦ ତିଆରି ପାଇ ରହିଥିବା ବିଭିନ୍ନ ସାମଗ୍ରୀ ଜବତ କରି ନଷ୍ଟ କରାଯାଇଛି। ଚଢ଼ାଉରେ ଅବକାରୀ ଓଆଇସି ଗୁପ୍ତେଶ୍ୱର ପଟେଲ, କନେଷ୍ଟବଳ ଖୁସିଦେବ କଟା, ମହାଦେବ ମାଝୀ ପ୍ରମୁଖ ସାମିଲ ଥିଲେ।



## ଘର ସହ ଜଳିଗଲା ଆସବାବପତ୍ର

ଗୋଲାମୁଣ୍ଡା, ୨୭ ।୨(ସମିସ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ନକଟିକାନି ପଞ୍ଚାୟତ ପଟେଲପଡ଼ାର ଏକ ଘରରେ ନିଆଁ ଲାଗି ପାଉଁଶ ହୋଇଯାଇଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ ପଟେଲପଡ଼ାର ସୁଲକ୍ଷ୍ମି ମାଝି ଶୋଇଥିବା ବେଳେ ପ୍ରାୟ ରାତ୍ରି ୨ ଘଣ୍ଟା ସମୟରେ କୌଣସି କାରଣରୁ ନିଆଁ ଲାଗିଥିଲା। ସ୍ଥାନୀୟ ଲୋକେ ଅଗ୍ନିଦାଉରୁ ବୃଦ୍ଧାଙ୍କୁ ଉଦ୍ଧାର କରିବାରୁ ମୃତ୍ୟୁ ମୁଖରୁ ବର୍ତ୍ତିଗଲେ। ହେଲେ ରାସନ୍ କାର୍ଡ, ଭତ୍ତାକାର୍ଡ, ଘର ଚଳନୀୟ ସାମଗ୍ରୀ ଇତ୍ୟାଦି ପୋଡ଼ି ପାଉଁଶ ହୋଇଯାଇଛି। ପୂର୍ବତନ ସରପଞ୍ଚ ଯତୀନ୍ଦ୍ର ସେନାପତି ଏବଂ ସମାଜସେବୀ ଶ୍ୟାମ ସୁନ୍ଦର ଅଗ୍ରୱାଲ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଆଶ୍ୱସନା ଦେବା ସହ ଖାଦ୍ୟ ସାମଗ୍ରୀ, କମ୍ବଳ, ଶାଢ଼ୀ, ଦରି ଇତ୍ୟାଦି ଦେଇ ସହଯୋଗର ହାତ ବଢ଼ାଇଥିଲେ।



● ଭି ଫେଷ୍ଟ ୪.୦ର ଦ୍ୱିତୀୟ ଦିନ

## ମହକିଲା ସୁସ୍ୱାଦ୍ୟ ଖାଦ୍ୟ

ଭବାନୀପାଟଣା, ୨୭ ।୨(ସମିସ): ସ୍ଥାନୀୟ ବିକାଶ ଡିଗ୍ରୀ ମହାବିଦ୍ୟାଳୟରେ ଅନୁଷ୍ଠିତ ଭି ଫେଷ୍ଟ ୪.୦ର ଦ୍ୱିତୀୟ ଦିନରେ ସୁସ୍ୱାଦ୍ୟ ଖାଦ୍ୟର ପସରା ହୋଇଥିଲା।ଯେଉଁଥିରେ କ୍ୟାମ୍ପସ୍ କ୍ରାଭେନ୍ସ, ଫ୍ଲେଭର ଫ୍ୟୁଜନ୍ ୨.୦, ଅଫିସିଆଲ୍ ଟାଇମ୍ ପାସ୍ ଜୋନ୍, ଛପଟା କାର୍ଟ, ବ୍ୟାକବାଞ୍ଚର୍ସ ଇଟେରୀ, ସ୍ନାକ୍‌ଆଟାକ୍, ଖାଓ ପିଓ ମେଟ୍ରୋ ଭଳି ବିଭିନ୍ନ ଦଳ ସେମାନଙ୍କର ବିଭିନ୍ନ ସୁସ୍ୱାଦୁ ଖାଦ୍ୟ ସାମଗ୍ରୀ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମକୁ ଡି ଶ୍ୟାମ, ଡି. ରାମ କୁମାର, ନିର୍ଦ୍ଦେଶକ (ଲକ୍ଷ୍ମୀ ବିକାଶ, ଭବାନୀପାଟଣା) ଏବଂ ଡି ବିଜୟା, (ଶିକ୍ଷା ପ୍ରଭାରୀ) ଡି. ପଦ୍ମିନୀ (ପ୍ରଶାସନ ସଦସ୍ୟ, ଲକ୍ଷ୍ମୀ ବିକାଶ) ମିଳିତ ଭାବରେ ଉଦ୍‌ଘାଟନ କରିଥିଲେ।କାର୍ଯ୍ୟକ୍ରମକୁ ମଧୁ ଚନ୍ଦା ପଣ୍ଡା, (ସହାୟକ ପ୍ରଫେସର), କାର୍ଯ୍ୟକ୍ରମରେ, ସମସ୍ତ, ଅଧକ୍ଷ, ଛାତ୍ରଛାତ୍ରୀ ଏବଂ କର୍ମଚାରୀମାନେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସୁସ୍ୱାଦୁ ଖାଦ୍ୟ ଉପଭୋଗ କରିଥିଲେ।




● ଶ୍ରମିକଙ୍କ ମୃତ୍ୟୁ

## କମ୍ପାନୀ ମୁଖ୍ୟ ଫାଟକରେ ଶବ ରଖି ଧାରଣା



ଲାଞ୍ଜିଗଡ଼, ୨୭ ।୨(ସମିସ): ଲାଞ୍ଜିଗଡ଼ ବେଦାନ୍ତ ସହଯୋଗୀ ଆଇଜାକ୍ କମ୍ପାନୀର ଜଣେ କର୍ମଚାରୀର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଏହି ଘଟଣାକୁ ନେଇ ପରିବାର ଓ ସହଯୋଗୀ କର୍ମଚାରୀ ମିଶି ବେଦାନ୍ତ କମ୍ପାନୀର ମୁଖ୍ୟ ଫାଟକରେ ଶବରଖି କ୍ଷତିପୂରଣ ପାଇଁ ଧାରଣାରେ ବସିଥିଲେ। ସୂଚନା ଅନୁସାରେ ଲାଞ୍ଜିଗଡ଼ ବେଦାନ୍ତ ସହଯୋଗୀ ଆଇଜାକ କମ୍ପାନୀର ଜଣେ ଶ୍ରମିକ ଭାବେ କାମ କରୁଥିବା ଝାରଖଣ୍ଡରାଜ୍ୟର ଗଡ଼ବା ଜିଲ୍ଲା ସାନପୁରା ଗାଁର ସନ୍ତୋଷ ରାମ (୪୫)ଙ୍କ ମୃତ୍ୟୁ ଘଟିଥିବା ବେଳେ ମୁଖ୍ୟ ଫାଟକରେ ତାଙ୍କ ଶବରଖି ଧାରଣା ଦେଇଥିଲେ ପରିବାର ଓ ସହଯୋଗୀ କର୍ମଚାରୀ। ସନ୍ତୋଷ ରାମ ବେଦାନ୍ତ ପାର୍ଶ୍ୱରେ ରହିଥିବା ଚାଇନା କଲୋନୀରେ ରହି ବେଦାନ୍ତର ସହଯୋଗୀ କମ୍ପାନୀ ଆଇଜାକରେ ଦୀର୍ଘ ବର୍ଷ ହେଲା କାମ କରୁଥିବା ବେଳେ କୌଣସି କାରଣରୁ ଗୁରୁବାର ବିଳମ୍ବିତ ରାତିରେ ତାଙ୍କ ମୃତ୍ୟୁ ଘଟିଥିଲା। ମୃତ୍ୟୁ ପରେ କ୍ଷତିପୂରଣ ଦାବିରେ ସକାଳ ୫ଘଣ୍ଟା ସମୟରୁ ବେଦାନ୍ତ କମ୍ପାନୀ ମୁଖ୍ୟ ଫାଟକ ସମ୍ମୁଖରେ ଶବରଖି ଧାରଣା ଦେଇଥିଲେ ପରିବାର ଲୋକେ। କ୍ଷତିପୂରଣ ନଦେଲେ ଶବ ହଟାଇବୁନି ବୋଲି ଅଡ଼ି ବସିଥିବା ବେଳେ କମ୍ପାନୀ କର୍ତ୍ତୃପକ୍ଷ ପୁଲିସ ଲଗାଇ ଜୋର ଜବର ଦସ୍ତ ଶବକୁ ଆମ୍ବୁଲାନ୍ସରେ ଭର୍ତ୍ତି କରି ଶବ ବ୍ୟବଚ୍ଛେଦ ପାଇଁ ପଠା ଯାଇଥିବା ବେଳେ ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି।

## ରାସ୍ତା ପରିବର୍ତ୍ତନକୁ ବେଲବାହାଲି ଗ୍ରାମବାସୀଙ୍କ ବିରୋଧ

ଲାଞ୍ଜିଗଡ଼, ୨୭ ।୨(ସମିସ): ପ୍ରତ୍ୟେକ ଗାଁକୁ ସରକାରଙ୍କ ମୌଳିକ ସୁବିଧା ପହଞ୍ଚିବ ସରକାରୀ ଯୋଜନାରୁ କେହିଁ ମଧ ବଞ୍ଚିତ ରହିବେ ନାହିଁ। ଗାଁରେ ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି, ପାନୀୟ ଜଳ ଓ ଗମନାଗମନ ଭଳି ରହିଥିବା ସମସ୍ୟା ଦୂର କରିବା ପାଇଁ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ସେଥି ମାଧ୍ୟରୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ଅନ୍ୟତମ। ଏହି ଯୋଜନା ମାଧ୍ୟମରେ ସହରାଞ୍ଚଳରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ରାସ୍ତା ନିର୍ମାଣର ବ୍ୟବସ୍ଥା ରହିଛି। ହେଲେ ଏବେବି ଅନେକ ଗାଁରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ପହଞ୍ଚି ପାରିନାହିଁ। ଯାହାବି ରାସ୍ତା ପହଞ୍ଚିଛି ଏବେ ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ପଡ଼ି ରହିଥିବା ବେଳେ ନୂତନ ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ଜାରି ରହିଥିବା ବେଳେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ରାସ୍ତା ସ୍ଥାନାନ୍ତରିତକୁ ନେଇଁ ଗ୍ରାମବାସୀଙ୍କ ବିରୋଧ ଦେଖିବାକୁ ମିଳିଛି। ଏଭଳି ଏକ ଚିତ୍ର ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବିଜେପୁର ପଞ୍ଚାୟତ ମେଲବାହାଲି ଗାଁରେ। ସୂଚନା ଅନୁସାରେ ବିଜେପୁର ଠାରୁ ଲାଞ୍ଜିଗଡ଼କୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଠାରୁ ମେଲବାହାଲି ଗାଁ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ମାଧ୍ୟମରେ ରାସ୍ତା ନିର୍ମାଣ ପାଇଁ ସର୍ଭେ ଓ ଟେଣ୍ଡର ପ୍ରକ୍ରିୟା ସମେତ ରାସ୍ତା ମାପ ମଧ ସରି ସାରିଥିଲା ହେଲେ କୌଣସି କାରଣରୁ ସେହି ରାସ୍ତାକୁ ମେଲବାହାଲି ଗାଁରେ ନିର୍ମାଣ ନ କରି ସେହି ଟେଣ୍ଡର ହୋଇଥିବା ରାସ୍ତାକୁ ପୋଡ଼ସୀ ଗାଁ ବଣ୍ଡେଲପଡ଼ାରେ ନିର୍ମାଣ ହେଉଥିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିବା ଶହ ଗ୍ରାମବାସୀ ତୀବ୍ର ବିରୋଧ କରୁଥିବା ଚିତ୍ର ସାମ୍ନାକୁ ଆସିଛି। ତେବେ କେଉଁ କାରଣରୁ ସେହି ପ୍ରକଳ୍ପ ଅନ୍ୟ ଗାଁକୁ ସ୍ଥାନାନ୍ତର କରାଯାଇଛି ପ୍ରଶ୍ନବାଚୀ ସୃଷ୍ଟି କରୁଥିବା ବେଳେ କୌଣସି ରାଜନୀତି ଚାପ ଯୋଗୁଁ ରାସ୍ତାକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି ବୋଲି ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ତେବେ କାହିଁକି ଓ କେମିତି ଅନ୍ୟ ଗାଁକୁ ରାସ୍ତା ସ୍ଥାନାନ୍ତର କରାଯାଇଛି ବୋଲି ଗ୍ରାମବାସୀଙ୍କ ମନରେ ପ୍ରଶ୍ନବାଚି ସୃଷ୍ଟି କରୁଛି। ଏନେଇ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଅସିତ୍ ଖୋଟୁଆଙ୍କୁ ଯୋଗାଯୋଗ କରିଥିଲେ ସୁଦ୍ଧା ଫୋନ୍ କଲ ଗ୍ରହଣ କରିନଥିଲେ ଯାହାଦ୍ୱାରା କୈଣସି ପ୍ରତିକ୍ରିୟା ମିଳିପାରିନାହିଁ।



## ହାତୀଶାଳା ଘାଟି ମଝିରେ ଫସିଲା ଟ୍ରେଲର

# ଯାତାୟାତ ସମ୍ପୂର୍ଣ୍ଣ ବ୍ୟାହତ

ଲାଞ୍ଜିଗଡ଼, ୨୭ ।୨(ସମିସ): ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ଥାନା ଅନ୍ତର୍ଗତ ବିଜେପୁର ଠାରୁ ବିଶ୍ୱନାଥପୁରକୁ ସଂଯୋଗ କରୁଥିବା ହାତୀଶାଳା ଘାଟି ବିପଦ ସଂକୁଳ ଅବସ୍ଥାରେ ରହିଛି। ଆଜି ସକାଳୁ ସା?େ ୮ ଘଣ୍ଟା ମଧ୍ୟରେ ଏକ ଟ୍ରଲର କୌଣସି କାମରେ ନିୟୋଜିତ ପାଇଁ ଏକ କ୍ରେନ କୋମାସୁ ନେଇ ଘାଟିରେ ଚଢୁଥିବା ସମୟରେ ପଛକୁ ଗଡ଼ି ଆସି ମଝି ରାସ୍ତାର ବଂଜାରୀ ମନ୍ଦିର ନିକଟରେ ଫସି ଯାଇଥିଲା।ଯାହା ଫଳରେ ଉକ୍ତ ରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ଭାବେ ଠପ ହୋଇ ଯାଇଥିଲା। ତେବେ ଏଥିରେ ଦଶମ ଓ ଦ୍ୱାଦଶ ବୋର୍ଡ ପରୀକ୍ଷା ଚାଲିଥିବା ବେଳେ ଘାଟି ଅଞ୍ଚଳର ଛାତ୍ରଛାତ୍ରୀ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଘାଟିର ଦୁଇ ପାଶ୍ୱ?ରେ ଶତାଧିକ ଗାଡ଼ି ଅଟକ ରଖିଥିବା ବେଳେ ଆମ୍ବୁଲାନ୍ସ ମଧ ଅଟକି ରହିଥିଲା। ଦୀର୍ଘ ୮ ଘଣ୍ଟା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗର ଖମାଖିଆଲି ମନଭାବ ଓ ରାସ୍ତାର ରକ୍ଷଣାବେକ୍ଷଣ ଅଭାବରୁ ଧିରେଧିରେ ସଂକୀର୍ଣ୍ଣ ହୋଇଆସୁଛି। ଫଳରେ ଏହି ଘାଟି ରାସ୍ତାରେ ସଦାବେଳେ ଦୁର୍ଘଟଣା ମାନ ବୃଦ୍ଧି ପାଉଛି। ହାତୀଶାଳ ଘାଟିର ଏହି ସଂକୀର୍ଣ୍ଣ ରାସ୍ତାକୁ ନେଇ ବିଭିନ୍ନ ସମୟରେ ଦାବି ଉଠାଇ ଥିଲେ ମଧ କର୍ଣ୍ଣପାତ କରୁନାହିଁ ଗ୍ରାମ୍ୟ ଉନ୍ନୟନ ବିଭାଗ। ବିଶ୍ୱନାଥପୁର ଠାରୁ ମୂଷାନାଳ ପର୍ଯ୍ୟନ୍ତ ଦୀର୍ଘ ୧୫କିମି ଖାଲଖମାରେ ପରିପୂର୍ଣ୍ଣ ରହିଥିବା ବେଳେ ସେ ମଧ୍ୟରେ ରହିଛି ବିପଦ ପୂର୍ଣ୍ଣ ହାତୀଶାଳ ଘାଟି। ଏହି ଘାଟି ଦେଇ ଅନେକ ଭାରିଜାନ ଯାତାୟାତ କରୁଥିବା ବେଳେ ଗୋଟିଏ ଗାଡ଼ି ଗଲେ ଆଉ ଗୋଟିଏ ଗାଡ଼ିକୁ ରାସ୍ତା ଦେଇ ହେଉନି ଫଳରେ ନାନାଦି ସମସ୍ୟା ଦେଖା ଯାଉଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳ ବାସି ଜିଲ୍ଲାପାଳ ଅଭିଯୋଗ ଶୁଣାଣିରେ ମଧ ଅଭିଯୋଗ କରିଥିଲେ। କିନ୍ତୁ ଜିଲ୍ଲା ପ୍ରଶାସନ ଦେଖି ଶୁଣ ଚୁପ ରୁହ ନୀତି ଅବଲମ୍ବନ କରୁଛନ୍ତି। ଏହି ଘାଟି ରାସ୍ତକୁ ପ୍ରଶସ୍ତିକରଣ କରା ନ ଗଲେ ଆଗାମୀ ଦିନରେ ବଡ ଦୁର୍ଘଟଣା ମାନ ହେବାର ସମ୍ଭାବନା ରହୁଛି। ଏଣୁ ଜିଲ୍ଲା ପ୍ରଶାସନ ଏହି ରାସ୍ତାର ଦୁର୍ବ୍ୟବସ୍ଥା ପ୍ରତିଦୃଷ୍ଟି ଦେବାର ଆବଶ୍ୟକତା ରହିଛି।




## ଜାତୀୟ ଜନଗଣନା ପାଇଁ ତାଲିମ ଶିବିର

ଭବାନୀପାଟଣା, ୨୭ ।୨(ସମିସ): କଳାହାଣ୍ଡି ଜିଲ୍ଲାରେ ଜାତୀୟ ଜନଗଣନା-୨୦୨୭ର ସଫଳ ରୂପାୟନ ପାଇଁ ଜନଗଣନା ନିର୍ଦ୍ଦେଶାଳୟ ଓଡ଼ିଶା ଏବଂ କଳାହାଣ୍ଡି ଜିଲ୍ଲା ପ୍ରଶାସନର ମିଳିତ ଉଦ୍ୟମରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଫେବୃଆରୀ ୨୭ ଓ ୨୮ ତାରିଖରେ ତାଲିମ ଶିବିର ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।ଶିବିରରେ ତାଲିମଦାତା ଭାବେ ଜିଲ୍ଲା ଇନଚାର୍ଜ ଅଧିକାରୀ ସୌରଭ କୁମାର ତିୱାରି ଏବଂ ସୁଧାଂଶୁ ପାଠକ ଯୋଗଦେଇ ସମ୍ପୃକ୍ତ ଅଧିକାରୀଙ୍କୁ ଜନଗଣନାର ପ୍ରକ୍ରିୟା, ଡିଜିଟାଲ ଉପକରଣ, ଗୃହତାଲିକା ବ୍ଲକ ଗଠନ ଏବଂ ଦାୟିତ୍ୱ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ଜନଗଣନା ଭାରତର ୧୬ତମ ଜନଗଣନା ଏବଂ ସ୍ୱାଧିନତା ପରେ ଅଷ୍ଟମ ଜନଗଣନା ହେବ। ଏହା ଦୁଇଟି ପର୍ଯ୍ୟାୟରେ ସମ୍ପନ୍ନ ହେବ। ପ୍ରଥମ ପର୍ଯ୍ୟାୟରେ ଗୃହତାଲିକା ଓ ଗୃହଗଣନା ୨୦୨୬ ଏପ୍ରିଲ ୧୬ ତାରିଖରୁ ୧୫ ମଇ ପର୍ଯ୍ୟନ୍ତ ହେବ। ପୂର୍ବରୁ ଏପ୍ରିଲ ୧ ରୁ ୧୫ ତାରିଖ ମଧ୍ୟରେ ଜନସାଧାରଣଙ୍କ ପାଇଁ ସ୍ୱଗଣନା ସୁବିଧା ଉପଲବ୍ଧ ରହିବ, ଯାହା ମାଧ୍ୟମରେ ନାଗରିକମାନେ ନିଜ ତଥ୍ୟ ଅନଲାଇନ ୱେବସାଇଟ ଜରିଆରେ ପ୍ରଦାନ କରିପାରିବେ। ଦ୍ୱିତୀୟ ପର୍ଯ୍ୟାୟରେ ଜନସଂଖ୍ୟା ଗଣନା ୨୦୨୭ ଫେବୃଆରୀ ୯ ରୁ ୨୮ ପର୍ଯ୍ୟନ୍ତ ହେବ ଏବଂ ୨୦୨୭ ମାର୍ଚ୍ଚ ୧ରୁ ୫ ମଧ୍ୟରେ ପୁନର୍ବିକ୍ଷଣ କରାଯିବ ।ଜନଗଣନା ପ୍ରଥମ ଥର ପାଇଁ ସମ୍ପୂର୍ଣ୍ଣ ଡିଜିଟାଲ ପ୍ରଣାଳୀରେ କରାଯିବ। ସିଏମ୍‌ଏମ୍‌ଏସ୍ ଓ ମୋବାଇଲ ଆପ୍ ମାଧ୍ୟମରେ ଗଣନାକାରୀମାନେ ଘର ଘର ଯାଇ ତଥ୍ୟ ସଂଗ୍ରହ କରିବେ। ତାଲିମ ଶିବିରରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ଉପ ଜିଲ୍ଲାପାଳ ଧର୍ମଗଡ଼ ପ୍ରେକ୍ଷା ଅଗ୍ରୱାଲ, ଡେପୁଟି କଲେକ୍ଟର ତଥା ଡେପୁଟି ସେନସସ୍ ଅଫିସର ଲମ୍ବୋଦର ନାଏକ, ମାଷ୍ଟର ଟ୍ରେନର ଡେପୁଟି କଲେକ୍ଟର ମନୀଷା ଗୁପ୍ତା ଙ୍କ ସମେତ ଜିଲ୍ଲାର ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର, ସହରାଞ୍ଚଳର ନିର୍ବାହୀ ଅଧିକାରୀ, ସମ୍ପୃକ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଯୋଗଦେଇ ଥିଲେ।

## ବୋର୍ଡ ଉପାଧ୍ୟକ୍ଷଙ୍କ ମାଟ୍ରିକ ପରୀକ୍ଷା କେନ୍ଦ୍ର ପରିଦର୍ଶନ



ନୂଆପଡ଼ା, ୨୭ ।୨(ସମିସ): ଚଳତବର୍ଷ ମାଟ୍ରିକ ପରୀକ୍ଷା ୨୦୨୬ର ପରିଚାଳନା ତଦାରଖ କରିବା ପାଇଁ ବୋର୍ଡ ଉପାଧ୍ୟକ୍ଷ ଡ଼. ଅମୂଲ୍ୟ କୁମାର ପଧାନ ଦିନିକିଆ ନୂଆପଡ଼ା ଗସ୍ତ କରି ୭ଟି ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଛନ୍ତି। ସେ ପ୍ରଥମେ ସକାଳ ୬.୩୦ରୁ ନୂଆପଡ଼ା ବ୍ଲକର ନୋଡାଲ ସେଣ୍ଟର ପିଏମ୍‌ଶ୍ରୀ ନେସନାଲ ଉଚ୍ଚ ବିଦ୍ୟାଳୟ ନୂଆପଡ଼ାରେ ପହଞ୍ଚି ଠିକ ସମୟରେ କେନ୍ଦ୍ର ଗୁଡିକରେ ଠିକ ସମୟରେ ପ୍ରଶ୍ନପତ୍ର ପ୍ରେରଣ ସହ ପହଞ୍ଚି ପାରୁଛି କି ନାହିଁ ବୁଝିଥିଲେ। ତା ପରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ନୂଆପଡ଼ା, ଜୟ କିଶନ ଉଚ୍ଚ ବିଦ୍ୟାଳୟ ଲଖନା, ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବୁଦ୍ଧିକୋମନା, ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସଲଙ୍ଗିପଡ଼ା ଓ ସରକାରୀ ଉଚ୍ଚ ବିଦ୍ୟାଳୟ ଟିକ୍ରାପଡ଼ା ପରିଦର୍ଶନ କରିଥିଲେ।ତାଙ୍କ ସହ ବୋର୍ଡ ମେମ୍ବର ଡ଼. ଶିବ ପ୍ରସାଦ ବେହେରା ଓ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡ଼.ରେଶମ ଲାଲ ନାଏକ ସ୍କ୍ୱାର୍ଡ ଦାୟିତ୍?ରେ ଥିଲେ। ଜିଲ୍ଲା ସ୍କ୍ୱାର୍ଡ ଭାବରେ ଜିଲ୍ଲା ଶିକ୍ଷା ଅଧିକାରୀ ଡ଼.ପ୍ରଶାନ୍ତ କୁମାର ମହାନ୍ତି ଓ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଗିରିଧାରୀ ସା ସିନାପାଲି ବ୍ଲକ ର ୫ଟି ପରୀକ୍ଷା କେନ୍ଦ୍ର ଏବଂ ଅବସରପ୍ରାପ୍ତ ଶିକ୍ଷକ ଅଜିତ କୁମାର ସିଂହ ଓ ସୁକ୍ରୁଚନ୍ଦ୍ର ବାଗ ବୋଡ଼େନ ବ୍ଲକର ୫ ଟି ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ। ଉପାଧ୍ୟକ୍ଷ ଡ଼. ପ୍ରଧାନ ନୂଆପଡ଼ା ଜିଲ୍ଲାର ସମସ୍ତ ୬୦ ଗୋଟି ପରୀକ୍ଷା କେନ୍ଦ୍ରରେ ଶୃଙ୍ଖଳିତ ଓ ବ୍ୟବସ୍ଥିତ ପରୀକ୍ଷା ପରିଚାଳନା ନେଇ ସମୀକ୍ଷା କରିବା ସହ ସଠିକ ପରିଚାଳନା ପାଇଁ ଜିଲ୍ଲା ଶିକ୍ଷା ବିଭାଗକୁ ସାଧୁବାଦ ଜଣାଇଥିଲେ।ପଞ୍ଚମ ଦିନରେ ସାମାଜିକ ବିଜ୍ଞାନ ପରୀକ୍ଷାରେ ମୋଟ ୯୪୧୯ ଜଣ ଛାତ୍ରଛାତ୍ରୀ ଉପସ୍ଥିତ ଥିବା ବେଳେ ୨୧୭ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ଥିଲେ।

## ଭୀମଭୋଇ ସାମର୍ଥ୍ୟ ଶିବିରରେ ଗଣମାଧ୍ୟମକୁ ଉପେକ୍ଷା

# ଗୁମର ଖୋଲିବା ଆଶଙ୍କାରେ ବାଟ ଓଗାଳୁଛି ବ୍ଲକ୍ ପ୍ରଶାସନ

କଲମପୁର, ୨୭ ।୨(ସମିସ)



ଗୁମର ଖୋଲିବା ଭୟରେ ବାଟ ଓଗାଳୁଛି କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ ପ୍ରଶାସନ। ଶୁକ୍ରବାର କଲମପୁର ବ୍ଲକ ପରିସରରେ ଆୟୋଜିତ ହୋଇଥିଲା ଦ୍ୱିତୀୟ ପର୍ଯ୍ୟାୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ହୋଇଥିଲା। ଏଥିରେ ବିଶେଷ କରି ଅସହାୟ, ନିଷ୍ପେସିତ, ଗରିବ ଲୋକେ ଯୋଗ ଦେଇଥାନ୍ତି। ଏମାନଙ୍କ ଦୁଃଖଭରା କାହାଣୀ ସଂଗ୍ରହ ଲାଗି ଗଣମାଧ୍ୟମରେ ସ୍ୱତଃ ପ୍ରବୃତ୍ତ ଭାବେ ଆଗ୍ରହ ପ୍ରକାଶ ପାଇଥାଏ। କିନ୍ତୁ ଏଭଳି ଲୋକାଭିମୁଖୀ କାର୍ଯ୍ୟକ୍ରମ ସମ୍ବନ୍ଧରେ ବ୍ଲକ ପ୍ରଶାସନ ଗଣମାଧ୍ୟମକୁ ସାମାନ୍ୟତମ ସୂଚନା ଦେବାକୁ ମଧ ଇଚ୍ଛା ପ୍ରକାଶ କରି ନାହାନ୍ତି ବ୍ଲକ ପ୍ରଶାସନ। ପୂର୍ବରୁ ମଧ ଅନେକ କାର୍ଯ୍ୟକ୍ରମ ହୋଇଛି, ସବୁବେଳେ ଅବହେଳା କରୁଥିବା ଅନେକ ନଜିର ରହିଛି। ଦୀର୍ଘଦିନ ହେଲା କଲମପୁର ଅଞ୍ଚଳର ଗଣମାଧ୍ୟମ ପ୍ରତିନିଧିମାନେ ସମିତି ବୈଠକକୁ ପ୍ରବେଶ କରି ଖବର ସଂଗ୍ରହ କରିବାକୁ ଅନୁମତି ମାଗି ଆସୁଥିଲେ ମଧ ଏଯାଏଁ ତାହା ସଫଳ ହୋଇ ପାରିନାହିଁ। ଯେଉଁ ରାଜ୍ୟରେ ବିଧାନସଭାର ଖବର ସଂଗ୍ରହ ଲାଗି ଅନୁମତି ମିଳୁଛି ସେହି ରାଜ୍ୟରେ ସମିତି ବୈଠକରେ ଖବର ସଂଗ୍ରହ ଲାଗି ଅନୁମତି ମିଳୁନାହିଁ। କାଳେ ଲୁକ୍କାୟିତ କିଛି ତଥ୍ୟ ଗଣମାଧମ ହାତରେ ଲାଗିଯିବ ଭୟ ସର୍ବଦା ବ୍ଲକ ପ୍ରଶାସନକୁ ଘାରିଛି। ଶୁକ୍ରବାର ସକାଳ ୧୦ଟାରୁ ଭୀମଭୋଇ ସାମର୍ଥ୍ୟ କାର୍ଯ୍ୟକ୍ରମ ଆରମ୍ଭ ହେବାକୁ କୁହାଯାଇଥିବା ବେଳେ ମଧ୍ୟାହ୍ନ ୧୨ଟାରେ କାର୍ଯ୍ୟକ୍ରମ ଆରମ୍ଭ ହେଲା। ଚକ୍ଷୁ ରୋଗ ବିଶେଷଜ୍ଞ ଡାକ୍ତରଙ୍କ ଗାଡି ଖରାପ ହେବାରୁ କାର୍ଯ୍ୟକ୍ରମ ଶେଷରେ ପହଞ୍ଚିଲେ। ଲୋକେ ଅପେକ୍ଷା କରି ଡାକ୍ତର ନ ଆସିବାରୁ ନିରାଶରେ ଫେରିଗଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ବ୍ଲକ ଅଞ୍ଚଳର ୪୭ଜଣ ହିତାଧିକାରୀଙ୍କୁ ବିଡ଼ିଓ ବିଜୟ ମାଣ୍ଡାଙ୍ଗିଙ୍କ ଉପସ୍ଥିତିରେ ବ୍ଲକ ଅଧକ୍ଷା ଜ୍ୟୋତି ନାଏକଙ୍କ ଦ୍ୱାରା ନୂତନ ଭତ୍ତା ପ୍ରଦାନ କରାଗଲା। ନୂତନ ଭତ୍ତା ହିତାଧିକାରୀଙ୍କ ମଧ୍ୟରେ ପୂର୍ବତନ ବିଜେପି ମଣ୍ଡଳ ସଭାପତିଙ୍କ ନାମ ତାଲିକାଭୁକ୍ତ ହୋଇଥିବାରୁ ଉପସ୍ଥିତ ଲୋକଙ୍କ ଭିତରେ ଟୁପୁରୁ ଟାପୁରୁ ସୃଷ୍ଟି ହୋଇଥିଲା। ଏହି ପୂର୍ବତନ ବିଜେପି ମଣ୍ଡଳ ସଭାପତି ଗ୍ରାମର ଗୌନ୍ତିଆ ଭାବେ ପରିଗଣିତ। ସେ ଆର୍ଥିକ ସ୍ୱଚ୍ଛଳ ବର୍ଗର ହୋଇଥିବା ବେଳେ ରାଜନୈତିକ ଅଭିସନ୍ଧି ରଖି ଭତ୍ତା ହାତେଇବାରେ ସକ୍ଷମ ହୋଇ ପାରିଛନ୍ତି ବୋଲି ଚର୍ଚ୍ଚା ହୋଇଥିଲା। ଏଭଳି କାରନାମା ଗୁଡ଼ିକୁ ଲୁଚାଇବା ପାଇଁ ବ୍ଲକ ପ୍ରଶାସନ ଗଣମାଧ୍ୟମକୁ ଉପେକ୍ଷା କରୁଥିବା ଏଥିରୁ ସ୍ପଷ୍ଟ ଅନୁମେୟ। ଜନସାଧାରଣଙ୍କ ମତରେ ଯଦି ସମ୍ପୃକ୍ତ ଗୌନ୍ତିଆ ଭତ୍ତା ପାଇବା ଲାଗି ଅଯୋଗ୍ୟ ତେବେ ଯେଉଁମାନେ ତଦନ୍ତ ଓ ସୁପାରିଶ କରିଛନ୍ତି ତାଙ୍କ ବିରୋଧରେ କାହିଁକି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବ ବୋଲି ପ୍ରଶ୍ନ ଉଠିଛି। ଯଦିଓ ବ୍ଲକ ପ୍ରଶାସନ ନିଜ ଦୋଷ ଦୁର୍ବଳତାକୁ ଲୁଚାଇବା ପାଇଁ ଗତ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବରେ କିଛି ଅଣସାମ୍ବାଦିକଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରିଛି ହେଲେ ସେଠାରେ ମଧ ଆଗ ଧାଡିର ଗଣମାଧମ ପ୍ରତିନିଧିଙ୍କୁ ଉପେକ୍ଷିତ କରି ଏକ ପ୍ରକାର ଅସମ୍ମାନିତ କରିଛି ବୋଲି କଲମପୁର ପ୍ରିଣ୍ଟ ମିଡିଆ ଆସୋସିଏସନର କର୍ମକର୍ତ୍ତାମାନେ ଅଭିଯୋଗ ଆଣିଥିଲେ। କଲମପୁର ବ୍ଲକ ପୂର୍ବତନ ଅଧକ୍ଷ ସୁଧାଂଶୁ ଶେଖର ପଣ୍ଡା ଗଣମାଧମ ପ୍ରତିନିଧିଙ୍କ ଲାଗି ପ୍ରଥମ ଥର ପାଇଁ ବ୍ଲକ ପରିସରରେ ଥିବା ଏକ ପୁରୁଣା ଘରକୁ ବୈଠକ ପ୍ରକୋଷ୍ଠ ଭାବେ ବ୍ୟବହାର କରିବା ସକାଶେ ଅନୁମତି ଦେଇଥିଲେ। ଏତଦ୍ ସହିତ ସମିତି ବୈଠକରେ ଉପସ୍ଥିତ ରହି ଖବର ପ୍ରସାରଣ ଲାଗି ଅନୁମତି ଦେଇଥିଲେ। କିନ୍ତୁ ତାଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ଏହା ସମ୍ଭବ ହେଲା ନାହିଁ, ଏନେଇ ତତ୍କାଳୀନ କଳାହାଣ୍ଡି ସାଂସଦ ଭକ୍ତ ଚରଣ ଦାସ, ପୂର୍ବତନ ବିଧାୟକ ପୁଷ୍ପେନ୍ଦ୍ର ସିଂହଦେଓ, ମୌଷଧି ବାଗ ସମେତ ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ତଥାପି ସଫଳ ମିଳି ପାରିନାହିଁ। ଏନେଇ ଜିଲ୍ଲା ପରିଷଦ ସଦସ୍ୟା ଦୁହିତା ମାଝୀ ଓ ନିବେଦିତା ହଂସ ମଧ ସମର୍ଥନ ଜଣାଇ ଅନେକ ଥର ବୈଠକରେ ଉପସ୍ଥାପନ କରି ଆସୁଛନ୍ତି, କିନ୍ତୁ ଫଳ ଶୂନ୍ୟ ହୋଇ ପଡ଼ିଛି। ତେବେ ବ୍ଲକ ପ୍ରଶାସନର ଖବର ସଂଗ୍ରହ ପାଇଁ କେବେ ଗଣମାଧମକୁ ଅନୁମତି ମିଳିବ, ନା ଚାପୁଲିସିମାନଙ୍କ ଇଙ୍ଗିତରେ ଏଭଳି ଆଗେଇ ଚାଲୁଥିବ ତାହାକୁ ହିଁ ପ୍ରତିନିଧିମାନଙ୍କ ମହଲରେ ଅପେକ୍ଷା।

● ଯୁବ କଂଗ୍ରେସ ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ଗିରଫଦାରୀର ପ୍ରତିବାଦ

# ରାୟଗଡ଼ାରେ ଯୁବ କଂଗ୍ରେସର ବିକ୍ଷୋଭ



ରାୟଗଡ଼ା,୨୭।୨(ସମିସ): ଦିଲ୍ଲୀରେ ଆୟୋଜିତ ଏଆଇ ସମ୍ମିଳନୀରେ ବିରୋଧ ପ୍ରଦର୍ଶନ ବେଳେ ଯୁବ କଂଗ୍ରେସ ରାଷ୍ଟ୍ରୀୟ ଅଧ୍ୟକ୍ଷ ଉଦୟ ଭାନୁ ଚିବ୍‌ଙ୍କ ଗିରଫଦାରୀକୁ ନେଇ ଏବେ ସାରା ଦେଶରେ ଉତ୍ତେଜନା ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ଆଜି ରାୟଗଡ଼ା ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାୟଗଡ଼ା ସହର ସ୍ଥିତ କପିଳାସ ଛକରେ କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟ ବିରୋଧରେ ବିକ୍ଷୋଭ କରାଯାଇଛି। ଦିଲ୍ଲୀରେ ଯୁବ କଂଗ୍ରେସ ରାଷ୍ଟ୍ରୀୟ ଅଧ୍ୟକ୍ଷ ଉଦୟ ଭାନୁ ଚିବ୍‌ଙ୍କୁ ଅନ୍ୟାୟ ଭାବେ ଗିରଫ କରାଯାଇଥିବା ଅଭିଯୋଗ କରି ରାସ୍ତାକୁ ଓହ୍ଲାଇଛି ରାୟଗଡ଼ା ଜିଲ୍ଲା ଯୁବ କଂଗ୍ରେସ। ଓଡିଶା ପ୍ରଦେଶ ଯୁବ କଂଗ୍ରେସର ସାଧାରଣ ସମ୍ପାଦକ ଜ୍ଞାନ ରଞ୍ଜନ ରାଉତଙ୍କ ନେତୃତ୍ବରେ ହୋଇଥିବା ଏହି ବିକ୍ଷୋଭରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହାଙ୍କ ଫଟୋଚିତ୍ରକୁ ନିଆଁ ଲଗାଇ ବିକ୍ଷୋଭକାରୀମାନେ ବିକ୍ଷୋଭ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଓଡିଶା ଯୁଥ କଂଗ୍ରେସ ସାଧାରଣ ସମ୍ପାଦକ ଜ୍ଞାନରଞ୍ଜନ ରାଉତ, ରାୟଗଡା ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ଉପ ସଭାପତି ଅଶୋକ ପୁଆଲା, ରାୟଗଡା ବ୍ଲକ ବିଧାୟକ ପ୍ରତିନିଧି ସତ୍ୟବାନ ମଣ୍ଡାଙ୍ଗି, ସଭ୍ୟ ରାଜେନ୍ଦ୍ର ପାଲାକା, ସୁରେନ୍ଦ୍ର ପାଲାକା ଓ ସୀମାଦ୍ରୀ ପାଲାକାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ମାଲକାନଗିରି ବ୍ଲକ୍‌ରେ ପ୍ରବୋଧନ ତାଲିମ କାର୍ଯ୍ୟକ୍ରମ



ମାଲକାନଗିରି, ୨୭ ।୨(ସମିସ): ୫୫ଗୋଟି ନୂତନ ପାଠ୍ୟ ପୁସ୍ତକ ତଥା ଓଡ଼ିଶା ପାଠ୍ୟକ୍ରମ ରୂପରେଖ, ଜାତୀୟ ଶିକ୍ଷାନୀତିର ମୌଳିକ ନୀତି ଓ ଲକ୍ଷ୍ୟ କୁ ନେଇ ମାଲକାନଗିରି ବ୍ଲକରେ ପ୍ରବୋଧନ ତାଲିମ କାର୍ଯ୍ୟକ୍ରମ ପାଞ୍ଚଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲା ଶିକ୍ଷାଅଧିକାରୀ ଭାଗିରଥୀ ବେହେରା ଓ ବ୍ଲକ ଶିକ୍ଷା ଅଧିକାରୀ ମମତା ସଏଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଗୌରାଙ୍ଗ ସଜ୍ଜନ ପରିଚାଳନା କରିଥିଲା ବେଳେ ସାଧନ କର୍ମୀ ସୁକାନ୍ତ କୁମାର ସାହୁ, ପ୍ରମୋଦ କୁମାର ସେନାପତି, ରାମ ପ୍ରସାଦ ପାଢ଼ୀ ଓ ବିଜୟ କୁମାର ମିସ୍ତ୍ରୀ ତାଲିମ ପ୍ରଦାନ କରିଥିଲେ। ପ୍ରତି ପର୍ଯ୍ୟାୟରେ ୧୦୦ ଜଣ ଶିକ୍ଷକ/ଶିକ୍ଷୟିତ୍ରୀ ଭାଗ ନେଇଥିଲେ। ଜିଲ୍ଲା ସଦରର ସ୍ଥାନୀୟ ବୁଟିଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏହି ତାଲିମ ପ୍ରଦାନ କରାଯାଇଥିଲା। ସମସ୍ତ ପ୍ରଶିକ୍ଷାର୍ଥି ମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ବର୍ତ୍ତମାନ ଯାଏଁ ୫୦୦ ଜଣ ଏହି ତାଲିମ ନେଇଥିବା ବେଳେ ବାର୍ଷିକ ପରୀକ୍ଷା ପରେ ଆସନ୍ତା ମାର୍ଚ୍ଚ ୧୬ ତାରିଖଠାରୁ ବଳକା ୨୦୦ ଜଣ ଏହି ତାଲିମ ନେବାର କାର୍ଯ୍ୟକ୍ରମ ରହିଛି।

# ଆମ ପୁଲିସ ସମିତି ବୈଠକ



କୋରାପୁଟ,୨୭।୨(ସମିସ): କୋରାପୁଟ ଟାଉନ ଥାନା ପକ୍ଷରୁ ସଦର ବ୍ଲକ ପଦ୍ମପୁର ପଞ୍ଚାୟତ କାର୍ଯ୍ୟାଳୟରେ ଆମ ପୁଲିସ ସମିତି ବୈଠକ ଅନୁଷ୍ଠିତ ହୋଇଛି। ଟାଉନ ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ଥାନୀୟ ସରପଞ୍ଚ ଚୈତନ୍ୟ ଜାନି, ପଞ୍ଚାୟତ ନିର୍ବାହୀ ଅଧିକାରୀ ନନ୍ଦ କିଶୋର ଗମାଙ୍ଗ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଟାଉନ ଥାନା ପକ୍ଷରୁ ପ୍ରଥମ ଥର ପାଇଁ ପଞ୍ଚାୟତରେ ଆମ ପୁଲିସ ସମିତି ବୈଠକ ଆୟୋଜନ କରା ଯାଇଥିବାରୁ ଥାନା ଅଧିକାରୀଙ୍କୁ ପ୍ରଶଂସା କରିଥିଲେ। ଆଜିର ବୈଠକରେ ମୁଖ୍ୟତଃ ବାଲ୍ୟ ବିବାହ, ଶିଶୁ ଯୌନ ନିର୍ଯାତନା(ପୋକସୋ), ନାବାଳକ ବାଇକ୍ ଚାଳକ ବନ୍ଦ ଉପରେ ଆଲୋଚନା ହୋଇଥିବା ବେଳେ ଅପରାଧ ନିୟନ୍ତ୍ରଣ ଏବଂ ଆଇନ ଶୃଙ୍ଖଳା ପରିସ୍ଥିତି ପରିଚାଳନା ନିମନ୍ତେ ଜନ ସାଧାରଣ ପୁଲିସକୁ ସହାୟତା କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସମସ୍ତ ୱାର୍ଡ ସଭ୍ୟ ସଭ୍ୟାଙ୍କ ସହ ପଦ୍ମପୁର ଓ ଅନ୍ୟାନ୍ୟ ଗ୍ରାମର ଲୋକେ ବୈଠକରେ ଉପସ୍ଥିତ ଥିଲେ। ଡୁମୁରିପୁଟ ଫାଣ୍ଡି ଅଧିକାରୀ କୃଷ୍ଣଚନ୍ଦ୍ର ମିଶ୍ର ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅନ୍ୟ ମାନେ ଉପସ୍ଥିତ ରହି ସହାୟତା ପ୍ରଦାନ କରିଥିଲେ।

ଗଞ୍ଜେଇ ତେଲ ଜବତ ଘଟଣା

# ୫ ସଂଦିଗ୍ଧଙ୍କୁ କାବୁକରିଛି ପାଡୁଆ ପୁଲିସ!



ନନ୍ଦପୁର,୨୭।୨ (ସମିସ): ଗଞ୍ଜେଇ ତେଲ ଜବତ ଘଟଣାରେ ପଡୁଆ ପୁଲିସକୁ ମିଳିଛଇ ବଡ଼ ସଫଳତା । ଏହି ତେଲ ପ୍ରସ୍ତୁତିରେ ସମ୍ପୃକ୍ତ ୫ ଜଣ ସଂଦିଗ୍ଧଙ୍କୁ ପୁଲିସ କାବୁକରି ତଦନ୍ତ କରୁଥିବା କୁହାଯାଉଛି। ଗତ ଗୁରୁବାର ଠାରୁ ଜଳବନ୍ଧୀ ଘେରା ପରଜା ବଡ଼ପଡ଼ା ଗ୍ରାମପଞ୍ଚାୟତ ର ଜଙ୍ଗଲ ମଧ୍ୟରେ ବଡ଼ଧରଣର ଅପରେସନ ଆରମ୍ଭ କରି ଗଞ୍ଜେଇ ସହ ଗଞ୍ଜେଇ ତେଲ ଜବତ କରାଯାଇଥିଲା। ଶୁକ୍ରବାର ଦ୍ୱିତୀୟ ଦିନରେ ସର୍ଚ୍ଚ ଅପରେସନ କରି ବଡ଼ ସଫଳତା ମିଳିଛି। ମିଳିଥିବା ଖବର ଅନୁସାରେ ଦ୍ୱିତୀୟ ଦିନ ଅପରେସନ ଆରମ୍ଭ କରି ତିନିରୁ ଅଧିକ ସଂଦିଗ୍ଧଙ୍କୁ ଧରି ପୁଲିସ ପଚରା ଉଚରା କରୁଛି। ତେବେ ପାଡୁଆ ପୁଲିସ ପକ୍ଷରୁ ଏ ନେଇ କୌଣସି ସୂଚନା ଦିଆ ଯାଉନାହିଁ। ଜଣେ ସଦିଗ୍ଧଙ୍କୁ ଗତ ଗୁରୁବାର ଠାରୁ ଅଟକ ରଖି ତଦନ୍ତ ଆଗକୁ ଦିଆଯାଉଥିବା ଆଲୋଚନା ହେଉଛି। ମିଳିଥିବା ଖବର ଅନୁସାରେ ଗଞ୍ଜେଇ ମାଫିଆ ମାନେ ବାହାର ରାଜ୍ୟରେ ରହିଥିବାରୁ ପୁଲିସ କିଭଳି ପଦକ୍ଷେପ ନେଉଛି ତାହାକୁ ଦେଖିବାକୁ ଲୋକେ ଚାହିଁ ରହିଛନ୍ତି।

# ପ୍ରସବ ଯନ୍ତ୍ରଣାରେ ଛଟପଟ ଗାଈର ଜୀବନ ବଞ୍ଚାଇଲେ ଲୋକେ

ଗୁଣୁପୁର,୨୭।୨(ସମିସ): ସାମାଜିକ ଗଣମାଧ୍ୟମରେ ଭିଡିଓ ଭାଇରଲ୍ ପରେ ପ୍ରସବ ଯନ୍ତ୍ରଣାରେ ଛଟପଟ ଏକ ଗାଈର ଜୀବନ ବଞ୍ଚାଇଛନ୍ତି ଲୋକେ। ଦୁଇଦିନ ପୂର୍ବେ ଗୁଣୁପୁର କୃଷି ବିଭାଗ କାର୍ଯ୍ୟାଳୟ ନିକଟରେ ଏକ ଗାଇ ପ୍ରସବ କରିବା ପରେ ଯନ୍ତ୍ରଣାରେ ଛଟପଟ ହେଉଥିଲା। ଏହି ଦୃଶ୍ୟ ସେହି ରାସ୍ତାରେ ଯାଉଥିବା କିଛି ଯୁବକ ଉତ୍ତୋଳନ କରି ଗାଈର ଜୀବନ ବଞ୍ଚାଇବା ପାଇଁ ଭିଡିଓ ଭାଇରଲ କରିଥିଲେ। ଭିଡିଓ ଭାଇରଲ ପରେ ସ୍ଥାନୀୟ ଯୁବକ, ବିଜେପି ନେତା ଅମର ସାହୁ ଓ ପ୍ରାଣୀ ଚିକିତ୍ସା ବିଭାଗର ରାଧେ ଶ୍ୟାମ ଦାସ ପହଞ୍ଚି ଗାଈର ଚିକିତ୍ସା କରିଥିଲେ। ଦୀର୍ଘ ସମୟର ଚିକିତ୍ସା ପରେ ଗାଈର ଜିବନ ବଞ୍ଚିଯାଇଥିଲା। ଏହି କାର୍ଯ୍ୟକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

● ଏଥର ଖେଳିବା ପ୍ରାକୃତିକ ରଙ୍ଗର ହୋଲି

# ଖୋଲିଲା ବିଭିନ୍ନ ରଙ୍ଗ ବେରଙ୍ଗର ଫଗୁ ଷ୍ଟଲ୍



କୋରାପୁଟ,୨୭।୨(ସମିସ): ରଙ୍ଗର ପର୍ବ ହୋଲି ଉତ୍ସବ ଆଉ ଅଳ୍ପ ଦିନ ବାକି ରହିଥିବା ବେଳେ କୋରାପୁଟ ସହରରେ ଖୋଲାଯାଇଛି ପନିପରିବାରୁ ପ୍ରସ୍ତୁତ ବିଭିନ୍ନ ରଙ୍ଗ ବେରଙ୍ଗର ଫଗୁ। କୋରାପୁଟ ଆଇଟିଡିଏ କାର୍ଯ୍ୟାଳୟ ସମ୍ମୁଖରେ ଫଗୁ ଷ୍ଟଲ ଖୋଲାଯାଇଛି। ଡୁମୁରିପୁଟର ମା ତୁଳସୀ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ମାନେ ପନିପରିବାରୁ ବିଭିନ୍ନ ରଙ୍ଗର ଫଗୁ ପ୍ରସ୍ତୁତ କରୁଛନ୍ତି। ଓରମାସ ପକ୍ଷରୁ ମହିଳା ମାନଙ୍କୁ ସହାୟତା କରାଯାଇଥିବା ଜଣାପଡିଛି। କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର,ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପ ନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ବର୍ଷ ପ୍ରାକୃତିକ ରଙ୍ଗର ହୋଲି ଖେଳିବାକୁ ଜିଲ୍ଲାପାଳ ଶ୍ରୀ ମହାଜନ ଜିଲ୍ଲାବାସୀଙ୍କୁ ନିବେଦନ କରିଛନ୍ତି। ଓରମାସ ର ଯୁଗ୍ମ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଏ ଉମା ମହେଶ ଯୋଗଦେଇ ପରିଚାଳନା କରିଥିଲେ। ସମୟ ଅଛି ଭଲ ବ୍ୟବସାୟ ହେବ ବୋଲି ସେ କହିଛନ୍ତି।

# ୭୩ ଏସ୍‌ଏଚ୍‌ଜିକୁ ୩ କୋଟି ୭୫ ଲକ୍ଷ ଟଙ୍କାର ଋଣ ପ୍ରଦାନ

ପୋଡ଼ାଗଡ଼, ୨୭।୨(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ସଦର ମହକୁମା ସ୍ଥିତ ସମ୍ମିଳନୀ କକ୍ଷ ଠାରେ ଆଜି ମିଶନ ଶକ୍ତି ଋଣ ମେଳା ଅନୁଷ୍ଠିତ ହୋଇଯାଇଛି। ଓଏଲ୍‌ଏମ୍ ସଂଯୋଜକ ଫିରଜ ଲିମା ଙ୍କ ଦ୍ୱାରା ଏହାର ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବିଡିଓ ସିଦ୍ଧେଶ୍ୱର ନାୟକ ଯୋଗ ଦେଇଥିଲେ। ସେହିଭଳି ସମ୍ମାନିତ ଅତିଥି ଭାବେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରଦୀପ କୁମାର ନାୟକ, ସିଡିପିଓ କବିତା ନାଗ ପ୍ରମୁଖ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ମେଳାର ଶୁଭାରମ୍ଭ କରିଥିଲେ। ପ୍ରଥମେ ଅତିଥି ମାନେ ଉପସ୍ଥିତ ସ୍ୱୟଂସହାୟକ ଗୋଷ୍ଠୀର ମହିଳା ମାନଙ୍କୁ ଋଣ ଟଙ୍କା ନେଲା ପରେ, କିଭଳି ଆର୍ଥିକ ରୋଜଗାର କରି ଲକ୍ଷ ପତି ଦିଦି ହୋଇ ପାରିବେ ସେ ନେଇ ପରାମର୍ଶ ଦେଇଥିଲେ। କେବଳ ସେତିକି ନୁହେଁ ଋଣ ମଧ୍ୟ ଠିକ୍ ସମୟରେ ଯେଭଳି ପରିଶୋଧ କରିବେ ସେ ସମ୍ପର୍କରେ ବୁଝାଇ କହିଥିଲେ। ଏଥିରେ ଦଶମନ୍ତପୁର ଷ୍ଟେଟ୍ ବ୍ୟାଙ୍କ ଓ ଜିବି ବ୍ୟାଙ୍କ, ପୋଡ଼ା ଗଡ଼ ଏବଂ ଏ ମାଲକାନଗିରିରେ ଥିବା ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ମାନେ ଉପସ୍ଥିତ ରହି ପୂର୍ବରେ ଚୟନ କରିଥିବା ୭୩ ଗୋଟି ସ୍ୱୟଂସହାୟକ ଗୋଷ୍ଠୀର ମହିଳା ମାନଙ୍କୁ ୪ଟି ବ୍ୟାଙ୍କରୁ ମୋଟ ୩ କୋଟି ୭୫ ଲକ୍ଷ ଟଙ୍କାର ଋଣ ରାଶି ପ୍ରଦାନ କରାଯିବ ବୋଲି କହିଥିଲେ। ଆଜି ବିଭିନ୍ନ ପଞ୍ଚାୟତରୁ ଆସିଥିବା ସିଂହ ଦ୍ୱାର, ରାଣୀ ଚୂଆ, ସାଲମ ଏସ୍‌ଏଚ୍‌ଜ ଭଳି କେତେକ ଏସ୍‌ଏଚ୍‌ଜିକୁ ଡେମ ଚେକ୍ ପ୍ରଦାନ କରିଥିଲେ। ମିଶନ ଶକ୍ତି ସଂଯୋଜକ ରଜତ କୁମାର ବିଡିକା ଏହାକୁ ପରିଚାଳନା କରିଥିବା ବେଳେ ବ୍ୟାଙ୍କ ମିତ୍ର, ଏମ୍‌ବିକେ, ସିଆର୍‌ପି ଏବଂ ୭୩ ଗୋଟି ସ୍ୱୟଂସହାୟକ ଗୋଷ୍ଠୀର ଶତାଧିକ ମହିଳା ଉପସ୍ଥିତ ଥିଲେ।

# ପଣ୍ଡି ଘାଟରେ ସାମ୍ବାଦିକଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ



କୋରାପୁଟ,୨୭।୨(ସମିସ) ସ୍ଥାନୀୟ ପଣ୍ଡି ଘାଟରେ କୋରାପୁଟ ସାମ୍ବାଦିକ ମାନଙ୍କର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଡିଜିଟାଲ ମିଡିଆ ସଭାପତି ସିଏଚ୍ ଭଗବତୀ ଆଚାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ବିଭିନ୍ନ ଗଣ ମାଧ୍ୟମ ସଂସ୍ଥା ସହ ଡିଜିଟାଲ ଓ ସାମାଜିକ ଗଣମଧ୍ୟମର ସାମ୍ବାଦିକ ମାନେ ଉପସ୍ଥିତ ଥିଲେ। କୌଣସି ସଂଘ କିମ୍ବା ସଂଗଠନର ବ୍ୟାନର ନଥାଇ ରାଜନୈତିକ ଅଭିସନ୍ଧି ଠାରୁ ଦୂରରେ ରହି କୋରାପୁଟ ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ସାମ୍ବାଦିକ ମାନଙ୍କର ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମକୁ ଆଲୋଚନା ମାଧ୍ୟମରେ ପ୍ରଶଂସା କରାଯାଇଛି। ଆଗାମୀ ଦିନରେ ଏପରି କାର୍ଯ୍ୟକ୍ରମ ଜାରି ରହିବ ବୋଲି କୁହାଯାଇଛି। କଂଗ୍ରେସର ଯୁବ ନେତା ରୂପକ ତୁରୁକ, ବ୍ୟବସାୟୀ ଅମିତ ପାତ୍ର, ଟୁବୁଲି ବେହେରା ଓ ବିଜୁ ଦଳେଇଙ୍କ ସମେତ ଜିଲ୍ଲାର ଅନେକ ସାମ୍ବାଦିକ ଉପସ୍ଥିତ ଥିଲେ।

# ଜିଲ୍ଲାରେ ନିଶାମୁକ୍ତ ଭାରତ ଅଭିଯାନ

ରାୟଗଡ଼ା,୨୭।୨(ସମିସ): ଜିଲ୍ଲାକୁ ନିଶାମୁକ୍ତ ଓ ଅବୈଧ ଚାଲାଣ ରୋକିବା ନିମନ୍ତେ ଅଭିଯାନ ଆରମ୍ଭ ହୋଇଛି । ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଜିଲ୍ଲା ଶିକ୍ଷାଧିକାରୀଙ୍କ ସହଯୋଗରେ ଜିଲ୍ଲାର ୫ଟି ବିଦ୍ୟାଳୟରେ ଶୁକ୍ରବାର ଦିନ ପ୍ରବନ୍ଧ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ସଦର ମହକୁମାସ୍ଥିତ ଇନ୍ଦିରା ନଗର, ଶାସ୍ତ୍ରୀ ନଗର, ଫରେଷ୍ଟ କଲୋନୀ, ରେଭେନ୍ୟୁ କଲୋନୀ ଓ ଗାନ୍ଧୀନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏହି ପ୍ରତିଯୋଗିତା ମାନ ଅନୁଷ୍ଠିତ ହୋଇଥିଲା। ସମାଜରେ ନିଶା ସେବନ ଓ ମାଦକ ଦ୍ରବ୍ୟର ବ୍ୟବହାର ଦିନକୁ ଦିନ ବଢିବାରେ ଲାଗିଛି। ଏଥିପାଇଁ ହତ୍ୟା, ନାରୀ ନିର୍ଯାତନା, ଚୋରି ଆଦି ବଢିବା ସହିତ ଆଇନ ଶୃଙ୍ଖଳା ପରିସ୍ଥିତି ଗମ୍ଭୀର ହେବାରେ ଲାଗିଛି । ନିଶା ମୁକ୍ତ ଭାରତ ଗଠନ ନିମନ୍ତେ ବିଦ୍ୟାଳୟ ସ୍ତରରେ ଶିଶୁଙ୍କୁ ନିଶା ଓ ମାଦକ ଦ୍ରବ୍ୟ ସେବନର କୁପରିଣାମ ଓ ଅପକାରିତା ବିଷୟରେ ଅବଗତ କରାଇବା ସହିତ ଯୁବବର୍ଗଙ୍କୁ ଏଥିରୁ ଦୂରେଇ ରଖିବା ନିମନ୍ତେ ସଚେତନ କରାଇବା ଏହାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ ପ୍ରକାଶ କରିଛନ୍ତି । କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ନୀଳାଞ୍ଚଳ ମିଶ୍ର ପରିଚାଳନା କରିଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗର କର୍ମଚାରୀ ସହଯୋଗ କରିଥିଲେ।

# ବିଜେପି ଅନୁସୂଚିତ ଜାତି ମୋର୍ଚ୍ଚାର ରାଜ୍ୟ ବଜେଟ୍ ଉପରେ ଆଲୋଚନାଚକ୍ର

କୋରାପୁଟ,୨୭।୨(ସମିସ): ୨୦୨୬-୨୭ ଆର୍ଥିକ ବର୍ଷ ବଜେଟ୍ ଉପରେ କୋରାପୁଟ ଜିଲ୍ଲା ବିଜେପିର ଅନୁସୂଚିତ ଜାତି ମୋର୍ଚ୍ଚା ପକ୍ଷରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଆଲୋଚନାଚକ୍ରରେ ରାଜ୍ୟ ବିଜେପି ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ବାଇଧର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ବଜେଟ ଏକ ଐତିହାସିକ ଜନ ମଙ୍ଗଳ ବଜେଟ ଅଟେ ବୋଲି ସେ କହିଛନ୍ତି। ପେନସନ ହିତାଧୀକାରୀଙ୍କୁ ୬୦ ବର୍ଷରେ ପେନସନ ପ୍ରଦାନ କରାଯିବ। ଏଥିରେ ଅନୁସୂଚୀତ ଜାତି ଓ ଅନୁସୂଚିତ ଜନଜାତିର ଗରିବ ଲୋକମାନେ ଅଧିକ ଉପକୃତ ହେବେ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଚଳିତ ବଜେଟର ଆକାର ବୃଦ୍ଧି ପାଇଛି। ଏହି ବଜେଟରେ ମହିଳା,କୃଷକ ,ଛାତ୍ରଛାତ୍ରୀ ଏବଂ ଅନ୍ୟ ବର୍ଗର ଲୋକଙ୍କ ପାଇଁ ବ୍ୟବସ୍ଥା ରହିଛି ବୋଲି ସେ କହିଛନ୍ତି। ଆଲୋଚନା ଚକ୍ରରେ ବିଜେପି ଅନୁସୂଚିତ ଜାତି ମୋର୍ଚ୍ଚା ରାଜ୍ୟ ସମ୍ପାଦକ ଜଳନ୍ଧର ଖିଲ,ଜିଲ୍ଲା ସଭାପତି ଶିବ ମୁଦୁଲି, ଜିଲ୍ଲା ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ସାହେବ ଖିଲ,ଜିଲ୍ଲା ବିଜେପି ସାଧାରଣ ସଂପାଦକ ଚୈତନ୍ୟ ହନ୍ତାଲ,ପୂର୍ବତନ ସଭାପତି ଜୟରାମ ଗରଡା ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ଭିନ୍ନକ୍ଷମ କ୍ରୀଡ଼ା ପ୍ରତିଯୋଗିତା



ଜୟପୁର,୨୭ ।୨(ସମିସ): କୋରାପୁଟ ଜିଲ୍ଲାସ୍ତରୀୟ ଭିନ୍ନକ୍ଷମ କ୍ରୀଡା ପ୍ରତିଯୋଗିତା ଜୟପୁର ସ୍ଥିତ ସ୍ପୋର୍ଟସ କମ୍ପ୍ଲେକ୍ସ ଠାରେ ଆଜି ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ପ୍ରତିଯୋଗିତାରେ ଜିଲ୍ଲାର ୧୪ଟି ବ୍ଲକ ୪ଟି ପୌରାଞ୍ଚଳ ୨୬୦ ଭିନ୍ନକ୍ଷମ ଖେଳାଳି ମାନେ ଯୋଗ ଦେଇଥିଲେ। ଏଥିରେ ସଟଫୁଟ, ଜାଭିଲିନ ଥ୍ରୋ, ଡିସକୋସ, ହୁଇଲ ଚେୟାର, ଦୌଡ, ଲମ୍ବ ଡିଆଁ, ଉଚ୍ଚ ଡିଆଁ ଇତ୍ୟାଦି ପ୍ରତିଯୋଗିତାରେ ଖେଳାଳି ମାନେ ଭାଗ ନେଇଥିଲେ। ଅନ୍ୟାନ୍ୟ ଅତିଥି ଭାବେ ଜୟପୁର ପୌର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ବ୍ଲକ ଅଧ୍ୟକ୍ଷା ତିଳତ୍ତମା ମୁଦୁଲି, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ତରୁଣ ତପନ ପ୍ରହରାଜ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସୌଦାମିନୀ ପ୍ରଧାନ ଉପସ୍ଥିତ ଥିଲେ। ଏହି ଜିଲ୍ଲା ସ୍ତରୀୟ ଭିନ୍ନକ୍ଷମ ଖେଳ ପ୍ରତିଯୋଗିତା ପ୍ରାରମ୍ଭରେ ମୁଖ୍ୟଅତିଥି ବିଧାୟକ ଶ୍ରୀ ବାହିନୀପତି କ୍ରୀଡା ପତାକା ଉତ୍ତୋଳନ କରିବା ସହିତ ଖେଳ ମନୋବୃତ୍ତି ନେଇ ଖେଳିବା ପାଇଁ ଶୃଙ୍ଖଳା ଓ ଅନୁଶାସନ ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମଟି ପୌର ସାମାଜିକ ସୁରକ୍ଷା ବିଭାଗର କର୍ମଚାରୀ ବାପି ମହାପାତ୍ର ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀ ମାନେ ପରିଚାଳନା କରିଥିଲେ।

ବିମାନରେ ରାଧାକୃଷ୍ଣଙ୍କ ପ୍ରତିମା

# ସହର ପରିକ୍ରମା କରି ଦେଉଛନ୍ତି ଦର୍ଶନ



ବିଷମକଟକ,୨୭।୨(ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ସହରରେ ଦୋଳ ପୂର୍ଣ୍ଣମୀ ଉତ୍ସବ ଜୋରସୋରରେ ଚାଲିଛି। ପ୍ରତ୍ୟେକ ବର୍ଷ ଦୋଳ ପୂର୍ଣ୍ଣମୀ ଯାତ୍ରା ପାଞ୍ଚଦିନ ଧରି ଆୟୋଜନ ହୋଇଥାଏ। ଦଶମୀ ଆରମ୍ଭରୁ ଦୋଳ ପୂର୍ଣ୍ଣମା ପର୍ଯ୍ୟନ୍ତ ରାଧାକୃଷ୍ଣଙ୍କ ଯୁଗୋଳ ଚଳନ୍ତି ପ୍ରତିମା ବିମାନରେ ବିଜେ କରାଇ ଗୋପାଳ ବାଳକ ମାନେ ମନ୍ଦିର ସେବାୟତଙ୍କୁ ନେଇ ନଗର ପରିକ୍ରମା କରୁଛନ୍ତି। ସହରର ରାଧାକୃଷ୍ଣ ମନ୍ଦିର, ଜଗନ୍ନାଥ ମନ୍ଦିର ଓ ଶେଷ ଦେବ ଏହି ତିନି ମନ୍ଦିରରୁ ରାଧାକୃଷ୍ଣଙ୍କ ଯୁଗଳ ଚଳନ୍ତି ପ୍ରତିମା ବିମାନରେ ବାହାରି ସହର ବିଜେ କରୁଛନ୍ତି। ଯାହାକୁ ନେଇ ବିଷମ କଟକ ସହର ଉତ୍ସବ ମୁଖର ହୋଇପଡିଛି। ରାଧାକୃଷ୍ଣଙ୍କ ଯୁଗଳ ଚଳନ୍ତି ପ୍ରତିମା ବିମାନରେ ପରିକ୍ରମା ସମୟରେ ନଗରବାସୀ ଧୂପ ଦୀପ, ଭୋଗ ଦେଇ ପୂଜା କରି ଆର୍ଶୀବାଦ ପ୍ରାର୍ଥନା କରନ୍ତି। ପ୍ରତ୍ୟକ ବର୍ଷ ପୂର୍ଣ୍ଣିମା ପୂର୍ବଦିନ ଚତୁର୍ଦ୍ଦଶୀ ତିଥିରେ ରାଧା କୃଷ୍ଣ ଯୁଗଳ ଚଳନ୍ତି ପ୍ରତିମା ବିମାନରେ ସହର ବିଜେ କରିବା ସହ ଶ୍ମଶାନରେ ମଗା ପୁଡା ଅର୍ଥାତ ରାଜାଗ୍ନି ପର୍ବ ପାଳିତ ହୋଇଥାଏ। ପ୍ରତ୍ୟେକ ବର୍ଷ ଚତୁର୍ଦ୍ଦଶୀରେ ରାଜାଗ୍ନି ପୂଜା ପାଳନ କରିବା ପ୍ରଥା କାହିଁ କେଉଁ କାଳରୁ ବିଷମ କଟକ ଅଞ୍ଚଳରେ ପରମ୍ପରା ରହିଆସିଛି। ଏହି ତିଥିରେ ଶ୍ମଶାନରେ ପୁରୋହିତଙ୍କ ଦ୍ୱାରା ରାଜାଗ୍ନି ପୂଜା ହୋଇ ଥାଏ। ରାଜାଗ୍ନି ନିଆଁର ଚାରି ଦିଗରେ ରାଧାକୃଷ୍ଣ ଯୁଗଳ ଚଳନ୍ତି ପ୍ରତିମା ବିମାନରେ ପରିକ୍ରମା କରିଥାନ୍ତି। ପୂର୍ଣିମା ଦିନ ଜଳନ୍ତା ନିଆଁକୁ ସହରରେ ବଣ୍ଟା ଯାଇଥାଏ। ଏହି ନିଆଁରେ ନୂତନ କରି ଉତ୍ପାଦନ ହୋଇଥିବା କାନ୍ଦୁଲକୁ ଭାଜିବା ପରେ ନୂଆ କାନ୍ଦୁଲ ଖାଇଥାନ୍ତି। ଏହା ସହ ନୂଆ ଆମ୍ବ, ନୂଆ ମହୁଲ ମଧ ଖାଇବା ଅଞ୍ଚଳରେ ବିଧାନ ରହିଛି। ରାଜା ରାଜୁଡା ଅମଳରୁ ଏହି ପ୍ରଥା ଆଉ ପରମ୍ପରା ନେଇ ବିଷମ କଟକ ସହରରେ ଏହି ପୂଜା ମହାଆଡମ୍ବରରେ ପାଳନ କାରାଯାଇଥାଏ। ରାଧା କୃଷ୍ଣଙ୍କ ଯୁଗୋଳ ଚଳନ୍ତି ପ୍ରତିମା ଦଶମୀରୁ ବିଜେ କରିବା ପରେ ଦୋଳ ପୂର୍ଣ୍ଣିମା ଦିନ ରାଧା କୃଷ୍ଣଙ୍କ ଯୁଗୋଳ ଚଳନ୍ତି ପ୍ରତିମା ଦୋଳ ମଣ୍ଡପ ଠାରେ ପୂଜା ପାଇବେ ବୋଲି ପୂଜକ ରାମ ରଥ, ବିଶ୍ୱନାଥ ରଥ, ଶଙ୍କର ରଥ ପ୍ରମୁଖ ପ୍ରକାଶ କରିଛନ୍ତି।

# ବିକଶିତ ଭାରତ ଓ ଯୁବ ସଂସଦ କାର୍ଯ୍ୟକ୍ରମ



କୋରାପୁଟ,୨୭।୨(ସମିସ): କୋରାପୁଟ ସରକାରୀ ଡିଏଭି ମହାବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି। ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଅଧିବେଶନରେ ଅତିଥି ଭାବରେ ଇନ୍ଦିରା ଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟର ଆଞ୍ଚଳିକ ନିର୍ଦ୍ଦେଶକ ଡ.ଲତିକା ମିଶ୍ର, ନାରାୟଣପାଟଣା ତହସିଲଦାର ସୁଶ୍ରୀ ପ୍ରଭାତି ଖୋଡିଆ ଓ କୋରାପୁଟ ପ୍ରେସ୍ କ୍ଲବ ସଭାପତି ଭବାନୀ ଶଙ୍କର ମିଶ୍ର ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅଧିବେଶନରେ ସଭାପତିତ୍ୱ କରିଥିଲେ ମହାବିଦ୍ୟାଳୟର ଅଧ୍ୟକ୍ଷ ଦୀପକ କୁମାର ପଟ୍ଟନାୟକ। ଏହା ପରେ ପରେ ‘ଜରୁରୀ କାଳୀନ ପରିସ୍ଥିତିର ୫୦ ବର୍ଷ ଭାରତୀୟ ଗଣତନ୍ତ୍ର ପାଇଁ ଏକ ଶିକ୍ଷା” ପ୍ରସଙ୍ଗରେ ୧୮ ରୁ ୨୫ ବର୍ଷ ବୟସର ଯୁବକ ଯୁବତୀଙ୍କ ମଧ୍ୟରେ ତର୍କ ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତା ନିମନ୍ତେ ‘ମାଇଁ ଭାରତ ପୋର୍ଟାଲ’ରେ କୋରାପୁଟ ଜିଲ୍ଲାର ୧୬୧ ଜଣ ନାମ ପଞ୍ଜିକରଣ କରିଥିଲେ। ବିଚାରକ ଭାବରେ ଡ. ଲହରୀ ବେହେରା, ଡ. ମନୋରଞ୍ଜନ ପ୍ରଧାନ, ଡ. ଲତିକା ମିଶ୍ର , ସୁଶ୍ରୀ ପ୍ରଭାତି ଖୋଡିଆ ଓ ମନୋଜ କୁମାର ପ୍ରଧାନ ଦାୟିତ୍ୱ ତୁଲାଇଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ଡ ପ୍ରୀତିଧାରା ସାମଲ, ଡ ସୈରିନ୍ଧ୍ରୀ ମହାରଣା, କାଞ୍ଚନ ତାଣ୍ଡି, ଓ ପ୍ରଶାନ୍ତ ସାନ୍ତରା ପରିଚାଳନା କରିଥିବା ବେଳେ ଡ. ଦୁର୍ଗାପ୍ରସାଦ ପାଣିଗ୍ରାହୀ, ଶୁଭମ ସାହୁ , ଦିଲୀପ କୁମାର ସାହୁ, ଶିବରାମ ବଡରାଇତା ପ୍ରମୁଖ ସହାୟତା କରିଥିଲେ। ନମନ କୁମାର ଦୋରା, ମାନସୀ ରାଣୀ ମହାନ୍ତି, ଅମିତାଭ ବାହିନୀପତି, ପାପୁନି ମାଣ୍ଡି, ଓ ସ୍ୱୟମ୍ ସମ୍ପୂର୍ଣ୍ଣା ସେନାପତି ଜିଲ୍ଲାସ୍ତରରେ କୃତକାର୍ଯ୍ୟ ହୋଇ ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ନିମନ୍ତେ ମନୋନୀତ ହୋଇଛନ୍ତି। କୋରାପୁଟ ଜିଲ୍ଲାର ସମସ୍ତ ମହାବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ବାହାରୁ ଅନେକ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# କଟକ ସିଟି





## ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ କଟକ ଗସ୍ତ ପ୍ରସ୍ତୁତି

● ମୁଣ୍ଡଳିରେ ଜିଲ୍ଲାପାଳଙ୍କ ସମୀକ୍ଷା




କଟକ, ୨୭।୨(ସମିସ): ଆସନ୍ତା ମାର୍ଚ୍ଚ ୬ ତାରିଖରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା କଟକ ଜିଲ୍ଲା ଗସ୍ତରେ ଆସୁଛନ୍ତି। ମୁଣ୍ଡଳିସ୍ଥିତ ସିଆଇଏସଏଫ କେଆରଟିସି ପରିସରରେ ଆୟୋଜିତ ହେବାକୁ ଥିବା ୫୭ତମ ରାଇଜିଂ ଡେ ପରେଡରେ ସେ ମୁଖ୍ୟଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ସିଆଇଏସଏଫ ମୁଖ୍ୟାଳୟଠାରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ସୁରକ୍ଷା ଓ ଗସ୍ତକୁ ସୂଚାରୁ ରୂପେ ପରିଚାଳନା କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ବିଭାଗକୁ ସତର୍କ କରାଯାଇଛି।

ବୈଠକରେ ପୁଲିସ, ସିଏମସି, ପୂର୍ତ୍ତ ବିଭାଗ, ବିଦ୍ୟୁତ୍ ବିଭାଗ ଏବଂ ଅଗ୍ନିଶମ ବାହିନୀର ଅଧିକାରୀ ଉପସ୍ଥିତ ଥିଲେ। ମୁଣ୍ଡଳି କ୍ୟାମ୍ପସକୁ ସଂଯୋଗ କରୁଥିବା ରାସ୍ତାଗୁଡ଼ିକର ମରାମତି, ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ରୁଟ୍ ଡାଇଭର୍ସନ ଏବଂ ପରିମଳ ବ୍ୟବସ୍ଥା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଛନ୍ତି। ରାଇଜିଂ ଡେ ପରେଡ୍ ସ୍ଥଳରେ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା, ପାନୀୟ ଜଳ ଏବଂ ଜରୁରିକାଳୀନ ଚିକିତ୍ସା ସେବା ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅତିରିକ୍ତ ଜିଲ୍ଲାପାଳ କମଲଜିତ୍ ଦାସଙ୍କୁ ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମର ନୋଡାଲ ଅଫିସର ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି।

---

**କଟକ ୟୁପିଡିରେ ନୂଆ ମାଷ୍ଟରପ୍ଲାନ୍**

## ମାର୍ଚ୍ଚରୁ ଇ-ବିଟ୍ ପାଟ୍ରୋଲିଂ ସିଷ୍ଟମ୍ କାର୍ଯ୍ୟକ୍ଷମ

କଟକ, ୨୭।୨(ସମିସ)

ପରିବର୍ଦ୍ଧିତ ଜନସଂଖ୍ୟା ଓ ଅପରାଧକୁ ଦୃଷ୍ଟିରେ ରଖି କଟକ ୟୁପିଡିରେ ଆସନ୍ତା ମାର୍ଚ୍ଚ ପହିଲାରୁ କାର୍ଯ୍ୟକାରୀ ହେବାକୁ ଯାଉଛି 'ଇ-ବିଟ୍ ପାଟ୍ରୋଲିଂ ସିଷ୍ଟମ୍'। କମିସନରେଟ୍ ପୁଲିସ ଅଧୀନରେ ରହିଥିବା ସମସ୍ତ ଥାନା ଅଞ୍ଚଳରେ ଅପରାଧିକସ୍ଥଳୀ ଚିହ୍ନଟ ହେବା ସହିତ ଏହି ସ୍ୱତନ୍ତ୍ର ଇ-ପାଟ୍ରୋଲିଂ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ। ଏନେଇ ବିଭାଗୀୟ ନିଷ୍ପତ୍ତି ହୋଇଥିବା ବେଳେ ଖୁବଶୀଘ୍ର କଟକ ୟୁପିଡିକୁ ଅନୁମୋଦନ ମିଳିବ ବୋଲି ଜଣାପଡ଼ିଛି। ସହରର ପ୍ରମୁଖ ସମ୍ବେଦନଶୀଳ ସ୍ଥାନ ଚିହ୍ନଟ କରାଯିବା ସହିତ ବିଟ୍-ହାଉସ ଗୁଡ଼ିକ ନିର୍ମାଣ କରାଯିବ। ଏଥିସହ ପାଟ୍ରୋଲିଂକୁ କଡାକଡି କରାଯିବ। ସହରାଞ୍ଚଳ ପୁଲିସକୁ ଆଧୁନିକୀକରଣ କରିବା, ଜନସାଧାରଣଙ୍କ ସୁରକ୍ଷା ବୃଦ୍ଧି କରିବା ଓ ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଅପରାଧୀଙ୍କୁ କାବୁ କରିବାକୁ ଏପରି ପଦକ୍ଷେପ ନିଆଯାଉଛି। ଏହି ସିଷ୍ଟମରେ ୧୦୦ରୁ ଅଧିକ ସ୍ୱତନ୍ତ୍ର ପୁଲିସଙ୍କୁ ନିୟୋଜିତ କରାଯିବ। କଟକ ସହରରେ ଥିବା ବିଭିନ୍ନ ଏଟିଏମ୍, ଧାର୍ମିକ ସ୍ଥଳ, ପାର୍କ, ବଜାର, ବରିଷ୍ଠ ନାଗରିକଙ୍କ ଘର ସମେତ ସମ୍ବେଦନଶୀଳ ସ୍ଥାନକୁ ଚିହ୍ନଟ କରାଯାଇ ସେଠାରେ ଏହି ବ୍ୟବସ୍ଥା ଲାଗୁ ହେବ ବୋଲି ସୂଚନା ମିଳିଛି।

କମିସନରେଟ୍ ପୁଲିସ ପକ୍ଷରୁ ୪୦ରୁ ଅଧିକ ବିଟ୍-ହାଉସ କରାଯାଇ ୧୦୦ଜଣ ପୋଲିସଙ୍କୁ ଦାୟିତ୍ୱ ଦିଆଯିବ ବୋଲି ପ୍ରାଥମିକ ପର୍ଯ୍ୟାୟରେ ଆଲୋଚନା କରାଯାଇଛି। କୁଖ୍ୟାତ ଅପରାଧୀଙ୍କ ଗତିବିଧି ଅନୁଧ୍ୟାନ କରିବା ଏବଂ ସ୍ଥାନୀୟ ବାସିନ୍ଦାଙ୍କ ସହିତ ଯୋଗାଯୋଗ କରି ଅପରାଧୀଙ୍କ ସମ୍ପର୍କରେ ସୂଚନା ସଂଗ୍ରହ କରିବେ ବିଟ୍ ଅଧିକାରୀଙ୍କ ପ୍ରମୁଖ କାର୍ଯ୍ୟ ରହିବ। ପ୍ରତ୍ୟେକ ବିଟ୍ ସ୍ଥାନର ଜିଓ ମ୍ୟାପିଂ କରାଯିବ। ବିଟ୍ ଅଧିକାରୀ ମାନଙ୍କ ପାଇଁ ଏକ ସ୍ୱତନ୍ତ୍ର 'ମୋବାଇଲ ଆପ୍' ପ୍ରଦାନ କରାଯିବ। ଏଥିରେ ସହରର ବିଭିନ୍ନ ସ୍ଥାନର ଲୋକେସନ୍ ଟ୍ରାକିଂ କାଯିବ। ପାଟ୍ରୋଲିଂ ସମୟରେ ଯଦି ସମ୍ପୃକ୍ତ ଅଧିକାରୀ ଅସମ୍ପୂର୍ଣ୍ଣ ରାଉଣ୍ଡ ବା ପାଟ୍ରୋଲିଂ କରନ୍ତି ତେବେ ଏଥିପାଇଁ ସ୍ୱୟଂ ଚାଳିତ ସତର୍କତା ବ୍ୟବସ୍ଥା କରାଯିବ। ଆଗାମୀ ଦିନରେ ପ୍ରତ୍ୟେକ ଥାନା ଅଧିନରେ ଏହି ସିଷ୍ଟମ କାର୍ଯ୍ୟକାରୀ ହେବ। ଏହି ଅତ୍ୟାଧୁନିକ ପାଟ୍ରାଲିଂ ବ୍ୟବସ୍ଥା କରାଗଲେ ଅପରାଧିମାନେ ଅପରାଧ ଘଟାଇ


● ସ୍ୱୟଂଚାଳିତ ସତର୍କତା ସହ କରାଯିବ ସମ୍ବେଦନଶୀଳ ଅପରାଧସ୍ଥଳ ଚିହ୍ନଟ

● ଅନ୍‌ଲାଇନ୍ ମ୍ୟାପ୍ ସହ ଟ୍ରାକିଂ ବ୍ୟବସ୍ଥାରେ ରହିବେ ବିଟ୍ ଅଧିକାରୀ

ସହର ଛାଡି ଫେରାର୍ ହୋଇ ପାରିବେ ନାହିଁ ବୋଲି ପୁଲିସ ପକ୍ଷରୁ କୁହାଯାଉଛି। ଅନ୍ୟପଟେ କଟକ କମିଶନରେଟ୍ ପୁଲିସ ବ୍ୟବସ୍ଥାରେ ଏବେ ସମୁଦାୟ ୨୪ଟି ପିସିଆର୍ ଭ୍ୟାନ୍‌କୁ ଡ୍ୟୁଟିରେ ନିୟୋଜିତ କରାଯାଇଛି। ସେଗୁଡ଼ିକ ନିୟମିତ ବ୍ୟବଧାନରେ ସଜଡା ଯାଉନଥିବାରୁ ଅନେକ ସମୟରେ ଗାଡି ଖରାପ ହେବା ସହିତ ଥାନା ସମ୍ମୁଖରେ ପଡ଼ି ରହୁଛି। ଏଭଳି ସ୍ଥିତିରେ କର୍ତ୍ତବ୍ୟରତ ପୁଲିସ କର୍ମଚାରୀ ଘଟଣାସ୍ଥଳରେ ତୁରନ୍ତ ପହଞ୍ଚି ପାରୁ ନାହାନ୍ତି। ଦିନକୁ ଦିନ କଟକର ପରିସୀମା ପରିବ୍ୟାପ୍ତ ହେବା ସହିତ ଜନସଂଖ୍ୟା ମଧ୍ୟ ବୃଦ୍ଧି ଘଟୁଛି। ଏହାକୁ ଦୃଷ୍ଟି ଦେଲେ, ସେହି ତୁଳନାରେ ସହରରେ ପାଟ୍ରୋଲିଂ ପାଇଁ ଥିବା ପିସିଆର୍ ଭ୍ୟାନ୍‌ର ଅଭାବ ପରିଲକ୍ଷିତ ହେଉଛି। ସହରରେ ସର୍ବନିମ୍ନ ୬୦ଟି ପିସିଆର୍ ଭ୍ୟାନ୍ ଆବଶ୍ୟକତା ରହିଥିବା ବେଳେ ମାତ୍ର ୨୪ଟିରେ କାମ ଚଳାଯାଉଛି। ଯେଉଁ କାରଣରୁ ଉଭୟ ଡେ' ଓ ନାଇଟ୍ ପାଟ୍ରୋଲିଂ ଠିକ୍ ଭାବେ ହୋଇ ପାରୁନାହିଁ। ଇ-ବିଟ୍ ପାଟ୍ରୋଲିଂ ସିଷ୍ଟମ୍ କାର୍ଯ୍ୟକ୍ଷମ କରାଗଲେ, କଣ୍ଟ୍ରୋଲ୍ ରୁମ୍ ଦାୟିତ୍ୱରେ ଜଣେ ଆଇପିଏସ୍ ର୍‍ୟାଙ୍କର ଅଧିକାରୀ ରହିବେ। ତାଙ୍କ ଅଧିନରେ ୩ଜଣ ଇନ୍ସପେକ୍ଟର, ୧୫ଜଣ ଏସ୍‌ଆଇ ଓ ଏଏସଆଇ କାର୍ଯ୍ୟ କରିବେ। କଣ୍ଟ୍ରୋଲ୍ ରୁମ୍ ଏବଂ ପିସିଆର୍ ଭ୍ୟାନ୍ ମଧ୍ୟରେ ଠିକ୍ ଯୋଗସୂତ୍ର ରଖାଯାଇ ପାଟ୍ରୋଲିଂକୁ କଡାକଡି କରାଯିବ। ସହରକୁ ଶୂନ୍ୟ ଅପରାଧପ୍ରବଣ କରିବା ନିମନ୍ତେ ଥାନା ଗୁଡ଼ିକରେ ଏହି ବ୍ୟବସ୍ଥା ଲାଗୁ କରାଯିବାକୁ ସ୍ଥିର କରାଯାଇଛି। ପୁଲିସ କଣ୍ଟ୍ରୋଲ୍ ରୁମ୍ ଏବଂ ପିସିଆର୍ ଭ୍ୟାନ୍ ମଧ୍ୟରେ ଅତ୍ୟାଧୁନିକ ଜ୍ଞାନକୌଶଳ ମାଧ୍ୟମରେ ତାଳମେଳ ରଖାଯାଇ ସାରା ସହରରେ ପାଟ୍ରୋଲିଂ କରାଯିବ ବୋଲି ଜଣାପଡ଼ିଛି।

---

## ଓଡ଼ିଶା ଇତିହାସ କଂଗ୍ରେସର ଆଞ୍ଚଳିକ ପାଠଚକ୍ର




କଟକ, ୨୭।୨(ସମିସ): ଦେଉଳସାହିସ୍ଥିତ ରଘୁନାଥଜୀଉ ସ୍ନାତକ ମହାବିଦ୍ୟାଳୟରେ ଓଡ଼ିଶା ଇତିହାସ କଂଗ୍ରେସର ଆଞ୍ଚଳିକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ତଥା ଉତ୍କଳ ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗର ମୁଖ୍ୟ ପ୍ରଫେସର ଡକ୍ଟର ଜୟନ୍ତୀ ଦୋରା ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ତଥା ଓଡ଼ିଶା ଇତିହାସ କଂଗ୍ରେସର ସାଧାରଣ ସମ୍ପାଦକ ଡ. ସୁବାସଚନ୍ଦ୍ର ବାରିକ, କଲେଜର ଅଧ୍ୟକ୍ଷ ଚନ୍ଦ୍ରମୋହନ ସ୍ୱାଇଁ, ଇତିହାସ ବିଭାଗର ମୁଖ୍ୟ ସୁଶ୍ରୀ କାନ୍ତିରେଖା ବିଶ୍ୱାଳ, ଅଧ୍ୟାପିକା ଚନ୍ଦନା ମହାନ୍ତି, କ୍ରିଷ୍ଣା ମହାନ୍ତି, ପ୍ରଶାସନିକ ଅଧିକାରୀ ଡ. ସରୋଜ ଦାଶ, ଡ. ପାରେଶ୍ୱର ସାହୁ, ନିହାର ରଞ୍ଜନ ରଥ, ଡ. ଅକ୍ଷୟ ନାୟକ, ମନୋରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟବକ୍ତା ଡ. ସୁବାସ ଚନ୍ଦ୍ର ବାରିକ ନିଜ ଅଭିଭାଷଣରେ ଆଞ୍ଚଳିକ ଇତିହାସ, ସ୍ଥାନୀୟ ସଂସ୍କୃତି, ବ୍ରିଟିଶ ଇତିହାସ, କଳିଙ୍ଗ ଇତିହାସ, ଇତିହାସ ଲିଖନ ପ୍ରଣାଳୀ ବିଷୟରେ କହିଥିଲେ। ଅଧ୍ୟକ୍ଷ ଚନ୍ଦ୍ରମୋହନ ସ୍ୱାଇଁ ଇତିହାସ ଓ ରାଜନୀତି ବିଜ୍ଞାନ ସମ୍ପର୍କିତ ତଥ୍ୟ ଉପସ୍ଥାପନ କରିଥିଲେ। ଇତିହାସ ବିଭାଗର ମୁଖ୍ୟ ସୁଶ୍ରୀ କାନ୍ତିରେଖା ବିଶ୍ୱାଳ ପ୍ରାରମ୍ଭିକ ସୂଚନା ସହ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଅଧ୍ୟାପିକା ଚନ୍ଦନା ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧ୍ୟାପିକା କ୍ରିଷ୍ଣା ମହାନ୍ତି ଧନ୍ୟବାଦ ଦେଇଥିଲେ। ଏହି ପାଠଚକ୍ରରେ ଓଡ଼ିଶାର ବିଭିନ୍ନ କୋଣ ଅନୁକୋଣରୁ ଯୋଗଦେଇଥିବା ଐତିହାସିକ ଅଧ୍ୟାପକ, ଅଧ୍ୟାପିକା ମାନେ ନିଜର ବକ୍ତବ୍ୟ ଉପସ୍ଥାପନା କରିଥିଲେ। ପାଠଚକ୍ରର ବିଷୟବସ୍ତୁ ଥିଲା 'ଇତିହାସ ଅଧ୍ୟୟନରେ ବହୁ ବିଷୟକ ପଦ୍ଧତି'। ମୁରଲୀ ଫାଉଣ୍ଡେସନ୍ ତରଫରୁ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ମହାବିଦ୍ୟାଳୟର ବାର୍ଷିକ ପତ୍ରିକା 'ବାରବାଟୀ'ର ଉନ୍ମୋଚନ ହୋଇଥିଲା। କୃତୀ ଛାତ୍ରଛାତ୍ରୀ ସୁମିତ, ଫରିଦ, ବିଶ୍ୱଜ୍ୟୋତି, ଶ୍ରୀନିବାସ, କେ. ଅଖିଳା, ବବିତା, ଅନୁରାଗ, ମୋହ. ଅଭିପ୍‌ସା, ପ୍ରଜ୍ଞା, ଦିପ୍‌ସିତା, ସ୍ୱର୍ଣ୍ଣ ପୁରସ୍କୃତ ହୋଇଥିଲେ। ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟରେ ପୁନର୍ବାର ଅନ୍ୟ ମହାବିଦ୍ୟାଳୟରୁ ଆସିଥିବା ଅଧ୍ୟାପକ ଓ ଅଧ୍ୟାପିକାମାନେ ନିଜର ସନ୍ଦର୍ଭ ପାଠ କରିଥିଲେ। ଏହାକୁ ପରିଚାଳନା କରିଥିଲେ ଉତ୍କଳ ୟୁନିଭର୍ସିଟିର ଡକ୍ଟର ପରେଶ୍ୱର ସାହୁ। ଉତ୍କଳ ୟୁନିଭର୍ସିଟିର ଜାତୀୟ ସେବା ଯୋଜନାର ସଂଯୋଜକ ଡକ୍ଟର ମନୋରଞ୍ଜନ ମହାନ୍ତି ସହଯୋଗ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ସନ୍ଦର୍ଭ ପାଠ କରିଥିଲେ ରଘୁନାଥଜୀଉ ସ୍ନାତକ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ଅଧ୍ୟାପକ, ଡକ୍ଟର ଅକ୍ଷୟ ନାୟକ, ଆଠଗଡ଼ ଗୋପବନ୍ଧୁ ମହାବିଦ୍ୟାଳୟର ଡକ୍ଟର ଗୌତମବୁଦ୍ଧ ସୀତାରାମ, ଅଧ୍ୟାପିକା, ପରିବେଶ ବିଜ୍ଞାନ, ଡକ୍ଟର ସୁଧାମୟୀ ବେହୁରା, ସିଟି କଲେଜରୁ ଡକ୍ଟର ହରପ୍ରିୟା ଦାସ, ସ୍ୱୟଂପ୍ରଭା ସ୍ୱାଇଁ, ବବିତା ବେହେରା, ବିଶ୍ୱଜ୍ୟୋତି ମହାପାତ୍ର, ଶୁଭମ୍ ସାଗର ରାଉତ, ମୋହନ ମୁର୍ମୁ।

---

**ଆଗକୁ ଏକାଧିକ ପର୍ବପର୍ବାଣୀର ମାହୋଲ**

## ଗୁଜବକାରୀଙ୍କୁ ଚିହ୍ନଟ ପାଇଁ ଡିଜିପିଙ୍କ ନିର୍ଦ୍ଦେଶ




କଟକ, ୨୭ ।୨(ସମିସ): ରାଜ୍ୟରେ ଆସନ୍ତା କିଛି ଦିନ ପର୍ବପର୍ବାଣୀର ମାହୋଲ ଚାଲିବ। ବିଶେଷକରି ଦୋଳ ପର୍ବରୁ ମହାବିଷୁବ ସଂକ୍ରାନ୍ତି ଯାଏଁ ବିଭିନ୍ନ ପର୍ବ ବିଭିନ୍ନ ସମ୍ପ୍ରଦାୟ ପକ୍ଷରୁ ପାଳନ କରାଯିବ। ଏଥିପାଇଁ ଆଜି ଏକ ସମୀକ୍ଷା ବୈଠକ ପୁଲିସ ମୁଖ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ପୁଲିସ ଡିଜି ଯୋଗେଶ ବାହାଦୂର ଖୁରାନିଆ ଅଧ୍ୟକ୍ଷତା କରିବା ସହ ଗୁଜବକାରୀଙ୍କୁ ଚିହ୍ନଟ, ପଦଯାତ୍ରା ଏବଂ ବାଇକ ରାଲି ସମୟରେ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ସମସ୍ତ ଜିଲ୍ଲାର ଏସପି ତଥା ବରିଷ୍ଠ ପୋଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷକରି ବିଭିନ୍ନ ସମୟରେ ସୋସିଆଲ ମିଡିଆରେ ଗୁଜବ, ବିଭ୍ରାନ୍ତିକର ଓ ଉତ୍ତେଜନାମୂଳକ ପ୍ରଚାର ରୋକିବା ନିମନ୍ତେ ଜିଲ୍ଲାଗୁଡିକରେ କାର୍ଯ୍ୟ କରୁଥିବା ସାଇବର ସେଲ ଦ୍ୱାରା ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟଫର୍ମ ଉପରେ ୨୪ ଘଣ୍ଟିଆ ପାଟ୍ରୋଲିଂ କରିବାକୁ ଡିଜିପି ପରାମର୍ଶ ଦେଇଛନ୍ତି। ଏହାବ୍ୟତୀତ ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ପୁଲିସ ପାଟ୍ରୋଲିଂ, କଡ଼ାକଡ଼ି ଚେକିଂ, ଶୋଭାଯାତ୍ରା ସମୟରେ ସୁରକ୍ଷା ବ୍ୟବସ୍ଥା, ସହରର ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ସିସିଟିଭି ସ୍ଥାପନ, ଗୁଇନ୍ଦା ସୂଚନା ସଂଗ୍ରହ, ଶାନ୍ତି କମିଟି ଗଠନ ସହ ବିଭିନ୍ନ ଗୋଷ୍ଠୀମାନଙ୍କ ସହ ବୈଠକ, ସ୍ଥାନୀୟ ଲୋକପ୍ରତିନିଧି ମାନଙ୍କ ସହ ସୁସମ୍ପର୍କ ସ୍ଥାପନ, ଅଭ୍ୟାସଗତ ଅପରାଧୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସମସ୍ତ ଜିଲ୍ଲା ଏସପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୩ ତାରିଖରେ ଦୋଳ ପୂର୍ଣ୍ଣିମା, ୪ ତାରିଖରେ ହୋଲି, ୨୧ ତାରିଖରେ ଇଦ-ଉଲ-ଫିତର, ୨୭ତାରିଖରେ ଶ୍ରୀରାମ ନବମୀ, ଏପ୍ରିଲ ୧୪ ତାରିଖରେ ହନୁମାନ ଜୟନ୍ତୀ ଏବଂ ମହା ବିଷୁବ ସଂକ୍ରାନ୍ତି ପାଳିତ ହେବ। ଏହି ପରିପ୍ରେକ୍ଷୀରେ ରାଜ୍ୟବାସୀଙ୍କ ନିରାପତ୍ତା ତଥା ସୁରକ୍ଷାକୁ ଗୁରୁତ୍ୱ ଦିଆଯାଉଛି।

ବୈଠକରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ସୌମେନ୍ଦ୍ର ପ୍ରିୟଦର୍ଶୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ଆଇଜିପି (ପର୍ସୋନେଲ) ଏସ. ପ୍ରବୀଣ କୁମାର, ଡିଆଇଜିପି (ପ୍ରୋଭିଜନିଂ) ଚରଣ ସିଂ ମିନା, ଡିଆଇଜିପି (ପର୍ସୋନେଲ) ଯୁଗଳ କିଶୋର କୁମାର ବନୋଥଙ୍କ ସମେତ ଆଭାସୀ ମାଧ୍ୟମରେ ସମସ୍ତ ରେଞ୍ଜ ଆଇଜି, ଡିଆଇଜି ଏବଂ ଜିଲ୍ଲାର ସମସ୍ତ ଏସପି ପ୍ରମୁଖ ଉପସ୍ଥିତ ଥିଲେ।

**ପୁଲିସ ମୁଖ୍ୟାଳୟରେ ବରିଷ୍ଠ ଅଧିକାରୀଙ୍କ ସହ ସମୀକ୍ଷା**

---

## ଜନଗଣନା ୨୦୨୭ ପ୍ରଶିକ୍ଷଣ ଶିବିରର ଦ୍ୱିତୀୟ ଦିନ

● ଡିଜିଟାଲ ଡାଟା ସଂଗ୍ରହ ଉପରେ ପ୍ରାୟୋଗିକ ଶିକ୍ଷା

କଟକ, ୨୭।୨(ସମିସ): ଜାତୀୟ ଜନଗଣନା-୨୦୨୭କୁ ତ୍ରୁଟିହୀନ ଓ ସ୍ୱଚ୍ଛ କରିବା ଲକ୍ଷ୍ୟରେ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଦୁଇଦିନିଆ ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଶିବିରର ଦ୍ୱିତୀୟ ଦିବସରେ କ୍ଷେତ୍ରସ୍ତରୀୟ ଅଧିକାରୀ (ଚାର୍ଜ ଅଫିସର)ଙ୍କୁ ପ୍ରାୟୋଗିକ ପ୍ରଶିକ୍ଷଣ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ବିଶେଷ କରି ଚଳିତ ଥର ଡିଜିଟାଲ ପ୍ରକ୍ରିୟାରେ କିଭଳି ଭାବେ ସଠିକ ତଥ୍ୟ ସଂଗ୍ରହ କରାଯିବ ସେନେଇ ଅଧିକାରୀଙ୍କୁ ଅବଗତ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ କମଲଜିତ୍ ଦାସଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏହି ଅବସରରେ ରାଜ୍ୟ ଜନଗଣନା ପରିଚାଳନା କେନ୍ଦ୍ରର ସହକାରୀ ନିର୍ଦ୍ଦେଶିକା ମିଲିତା ଦତ୍ତ ଏବଂ ଜିଲ୍ଲା ନୋଡାଲ ଅଫିସର ଦେବେନ୍ଦ୍ର ମହାପାତ୍ର ପ୍ରଶିକ୍ଷଣ ଦେଇଥିଲେ। ଦେଶର ଏହି ଷୋଡ଼ଶ ଜନଗଣନାକୁ ସଫଳ କରିବା ପାଇଁ ପ୍ରତ୍ୟେକ ନାଗରିକ ସଠିକ ତଥ୍ୟ ପ୍ରଦାନ କରିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଶାନ୍ତ ନାୟକଙ୍କ ସମେତ ବିଭିନ୍ନ ଉପଖଣ୍ଡର ଉପଜିଲ୍ଲାପାଳ ଓ ତହସିଲଦାରମାନେ ଉପସ୍ଥିତ ଥିଲେ।

---

## ଜଷ୍ଟିସ ମନୋରଞ୍ଜନ ମହାନ୍ତିଙ୍କୁ ସମ୍ବର୍ଦ୍ଧନା

କଟକ, ୨୭।୨(ସମିସ): କଟକର ଗାନ୍ଧୀ ଭବନ ପ୍ରାଙ୍ଗଣରେ 'ଇସକଫ' ପକ୍ଷରୁ ଆୟୋଜିତ ଏକ ସଭାରେ ନ୍ୟାୟମୂର୍ତ୍ତି ମନୋରଞ୍ଜନ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଚେନ୍ନାଇରେ ଅନୁଷ୍ଠିତ ସର୍ବଭାରତୀୟ ସମ୍ମିଳନୀରେ ଶ୍ରୀ ମହାନ୍ତି ସମିତିର ସଭାପତି ମଣ୍ଡଳୀର ସଦସ୍ୟ ଭାବେ ନିର୍ବାଚିତ ହୋଇଥିବାରୁ କଟକବାସୀଙ୍କ ପକ୍ଷରୁ ତାଙ୍କୁ ଏହି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଗୁରୁ ଆଶିଷ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗଦେଇ ଓଡ଼ିଶାର ସାଂସ୍କୃତିକ ଗୌରବ ଓ ମୈତ୍ରୀ ଭାବନା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଜୟ ମହାନ୍ତି, ସଞ୍ଜୟ ପରିଜା ଓ ଅଗସ୍ଥି କାନୁନଗୋଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା।




କାର୍ଯ୍ୟକ୍ରମରେ ଜାନକୀ କୃଷ୍ଣ ମହାନ୍ତି, ଡା. ନିରଞ୍ଜନ ତ୍ରିପାଠୀ, ଅମରେନ୍ଦୁ ମହାନ୍ତି ଏବଂ ବିପିନ ବିହାରୀ ପାଢ଼ୀଙ୍କ ସମେତ ସାମ୍ବାଦିକ ସତ୍ୟ ରାୟ ଓ ବିଭିନ୍ନ ବରିଷ୍ଠ ନାଗରିକ ସଂଘର ସଦସ୍ୟମାନେ ଉପସ୍ଥିତ ଥିଲେ। ବିଜୟ ମହାପାତ୍ର ସମଗ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ସଞ୍ଜୟ ପରିଜା ଧନ୍ୟବାଦ ଦେଇଥିଲେ। ଇପଟା, ଉତ୍କଳ ମହିଳା ସମିତି, କଟକ ବ୍ୟାଙ୍କ ସମନ୍ୱୟ କମିଟି ଓ କଟକ ଜିଲ୍ଲା ଇସକଫ ପକ୍ଷରୁ ନ୍ୟାୟମୂର୍ତ୍ତି ମହାନ୍ତିଙ୍କୁ ସାଧୁବାଦ ଜଣାଯାଇଛି।

---

● କର୍ପୋରେଟର ଶୁଣିଲେନି

## ନିଜ ଖର୍ଚ୍ଚରେ ସ୍ୱାସ୍ଥ୍ୟକେନ୍ଦ୍ର ସଫାକଲେ ଯୁବଗୋଷ୍ଠୀ



କଟକ, ୨୭।୨(ସମିସ): କଟକ ମହାନଗର ନିଗମ ୫୬ ନମ୍ବର ୱାର୍ଡ ଅନ୍ତର୍ଗତ କାଜିପାଟଣା (ଶୁଭଦ୍ରାପୁର) ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘ ଦିନ ଧରି ଜମି ରହିଥିବା ଅଳିଆ ଆବର୍ଜନାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ପରିସର ଅପରିଷ୍କାର ହୋଇ ପଡ଼ିଥିବାରୁ ସେଠାରେ ସରୀସୃପମାନଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇଥିଲା। ସଫେଇ ପାଇଁ ସ୍ଥାନୀୟ କର୍ପୋରେଟରଙ୍କୁ ବାରମ୍ବାର ଗୁହାରି କରାଯାଇଥିଲେ ମଧ୍ୟ ସେ ଏଥିପ୍ରତି କୌଣସି ଗୁରୁତ୍ୱ ଦେଇ ନ ଥିଲେ। ଶେଷରେ ବାଧ୍ୟ ହୋଇ ୱାର୍ଡର ଉଦୀୟମାନ ଯୁବକମାନେ ନିଜ ହାତରୁ ପଇସା ଖର୍ଚ୍ଚ କରି ଜେସିବି ସାହାଯ୍ୟରେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରକୁ ସଫେଇ କରିଛନ୍ତି। ଏହି ସ୍ୱେଚ୍ଛାକୃତ ସଫେଇ କାର୍ଯ୍ୟରେ ଦିଲ୍ଲୀପ ସାମଲ, ତାରାକାନ୍ତ ସାମଲ, ନୃସିଂହ ସାମଲ, ବାବୁ ସାହୁ ଏବଂ ଅନ୍ୟ ଯୁବକମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ସୂଚନାଯୋଗ୍ୟ ଯେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ବେଲଗଛିଆ, ଜଇପୁର, ଗୋଠପୁର ଓ ତ୍ରିଶୂଳିଆ ଭଳି ଅନେକ ଅଞ୍ଚଳର ରୋଗୀମାନେ ନିର୍ଭର କରିଥାନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପ୍ରଚୁର ସ୍ଥାନ ଥିବାରୁ ଏଠାରେ ରୋଗୀଙ୍କ ପାଇଁ ଶଯ୍ୟା (ବେଡ୍) ସଂଖ୍ୟା ବୃଦ୍ଧି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଯୁବକମାନଙ୍କର ଏହି ମହତ କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳରେ ବେଶ୍ ପ୍ରଶଂସା କରାଯାଇଛି।

---

## ୧ରେ ଦହିବରା ଆଳୁଦମ୍ ଦିବସ

● ବାଲିଯାତ୍ରା ପଡ଼ିଆରେ ଜମିବ ଖାଦ୍ୟପ୍ରେମୀଙ୍କ ଭିଡ଼

କଟକ, ୨୭।୨(ସମିସ): କଟକିଆଙ୍କ ଆବେଗ ଓ ଅନନ୍ୟ ସାଂସ୍କୃତିକ ପରିଚୟ ସାଜିଥିବା ଦହିବରା ଆଳୁଦମକୁ ନେଇ ସହରବାସୀଙ୍କ ମଧ୍ୟରେ ଏବେ ଉତ୍ସାହ ଦେଖିବାକୁ ମିଳିଛି। ଆସନ୍ତା ମାର୍ଚ୍ଚ ୧ ତାରିଖରେ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ 'କଟକ ଦହିବରା ଆଳୁଦମ ଦିବସ' ପାଳନ କରାଯିବ। ଏହି ପାରମ୍ପରିକ ଖାଦ୍ୟର ଲୋକପ୍ରିୟତାକୁ ରାଜ୍ୟ ଓ ଜାତୀୟସ୍ତରରେ ପହଞ୍ଚାଇବା ଉଦ୍ଦେଶ୍ୟରେ ବାଲିଯାତ୍ରା ତଳ ପଡ଼ିଆସ୍ଥିତ 'କଟକ ଇନ୍ କଟକ' ପରିସରରେ ଏକ ଭବ୍ୟ ଉତ୍ସବର ଆୟୋଜନ କରାଯାଇଛି। ଏହି ଅବସରରେ ସହରର ବହୁ ପୁରାତନ ଓ ପ୍ରସିଦ୍ଧ ଦହିବରା ବ୍ୟବସାୟୀ ସେମାନଙ୍କ ଷ୍ଟଲ୍ ଓ ପାରମ୍ପରିକ ସାଇକଲ୍ ସହିତ ଯୋଗଦେଇ କଟକି ସ୍ୱାଦର ଯାଦୁ ଦେଖାଇବେ। ଗତବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଏହି କାର୍ଯ୍ୟକ୍ରମରେ ହଜାର ହଜାର ଖାଦ୍ୟପ୍ରେମୀଙ୍କ ସମାଗମ ହେବାର ସମ୍ଭାବନା ରହିଛି। ସକାଳ ୯ଟାରୁ ଆରମ୍ଭ ହେବାକୁ ଥିବା ଏହି ଉତ୍ସବରେ ପର୍ଯ୍ୟଟକଙ୍କ ପାଇଁ ସେଲ୍‌ଫି ଜୋନ୍ ଏବଂ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଛି।

---

## ବର୍ଷାଜଳ ନିଷ୍କାସନ ପାଇଁ ୫୦୦ କୋଟିର ଡ୍ରେନେଜ୍ ପ୍ରକଳ୍ପ

କଟକ, ୨୭ ।୨(ସମିସ)

ସହରର ବର୍ଷା ଜଳ ନିଷ୍କାସନ ପାଇଁ ଗତ ଦୁଇ ବର୍ଷ ପୂର୍ବରୁ କରାଯାଇଥିବା ମାଷ୍ଟରପ୍ଲାନ କାର୍ଯ୍ୟକାରୀ ହେବା ପାଇଁ ଏହାର ଚୂଡ଼ାନ୍ତ ଡିପିଆର ପ୍ରସ୍ତୁତ କରାଯାଇପାରିନାହିଁ। ହାଇକୋର୍ଟ ଏହି ପ୍ରସଂଗକୁ ମଧ୍ୟ ଗୁରୁତ୍ୱର ସହ ଗ୍ରହଣ କରି ଶୁଣାଣି କରିଆସୁଛନ୍ତି। ସହରର ବର୍ଷା ଜଳ ନିଷ୍କାସନ ପାଇଁ ୫୦୦କୋଟି ଟଙ୍କାରେ ୫ଗୋଟି ବିଏସଡବ୍ଲୁସି (ବ୍ରାଞ୍ଚ ଷ୍ଟର୍ମ ୱାଟର ଚାନେଲ) ପାଇଁ ଡିପିଆର ପ୍ରସ୍ତୁତ କରାଯାଉଛି। ପ୍ରଥମେ ୱାଟକୋ ପକ୍ଷରୁ ଯେଉଁ ଡିପିଆର ଓ ଡିଜାଇନ ଦାଖଲ କରାଯାଇଥିଲା ତାହାକୁ ସଂଶୋଧନ କରିବା ପାଇଁ ଆଇଆଇଟି କେତେକ ପରାମର୍ଶ ଦେଇଛି। ଏହି ଆଧାରରେ ୱାଟକୋ ପକ୍ଷରୁ ସାନି ସର୍ଭେ କରାଯାଇସାରିଛି। ତେବେ ଏହି ପ୍ରକଳ୍ପ ପାଇଁ ହାଇଡ୍ରଲିକ ଡିଜାଇନ ପ୍ରସ୍ତୁତ କରାଯାଉଛି। ଏହାକୁ ଆଇଆଇଟିକୁ ଆସନ୍ତା ମାର୍ଚ୍ଚ ୬ତାରିଖ ସୁଦ୍ଧା ପ୍ରଦାନ କରାଯିବ। ତେବେ ଏହା ମିଳିଲା ପରେ ଆସନ୍ତା ମାର୍ଚ୍ଚ ୧୨ତାରିଖ ସୁଦ୍ଧା ୱାଟକୋକୁ ଚୂଡ଼ାନ୍ତ ଡିଜାଇନ ହସ୍ତାନ୍ତର କରାଯିବ ବୋଲି ଆଇଆଇଟି ପକ୍ଷରୁ ହାଇକୋର୍ଟଙ୍କୁ ମଧ୍ୟ ଅବଗତ କରାଯାଇଛି। କଟକ ସହରର ଏକ ପ୍ରମୁଖ ସମସ୍ୟା ହେଉଛି ବର୍ଷା ଜଳ ନିଷ୍କାସନ। ବର୍ଷାଜଳ ସହଜରେ ନିଷ୍କାସନ ହୋଇପାରୁନଥିବାରୁ ଅନେକ ସମୟରେ କେଇ ଘଣ୍ଟା ବର୍ଷାରେ ସହର ଜଳବନ୍ଦୀ ହୋଇପଡ଼ିଥାଏ। ୱାଟକୋ ଏହି ଡ୍ରେନେଜ ପ୍ରକଳ୍ପ କାର୍ଯ୍ୟ ସମ୍ପାଦନ କରିବାକୁ ଥିବା ବେଳେ ଚୂଡ଼ାନ୍ତ ଡିପିଆର ପ୍ରସ୍ତୁତ କରୁଛି ଆଇଆଇଟି। ଆଇଆଇଟି ବିଶେଷଜ୍ଞ ଇତିମଧ୍ୟରେ ପ୍ରକଳ୍ପ ସ୍ଥାନ ପରିଦର୍ଶନ କରିଛନ୍ତି। ଆଇଆଇଟି ପକ୍ଷରୁ ଚୂଡ଼ାନ୍ତ ଡିପିଆର ଓ ଡିଜାଇନ ଆସିବା ୱାଟକୋ ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟକୁ ପଠାଯିବ ବୋଲି ଜଣାପଡ଼ିଛି।

● ସାନି ଡିଜାଇନ୍ ଦାଖଲ ପରେ ଚୂଡ଼ାନ୍ତ ଡିପିଆର୍ ଦେବ ଆଇଆଇଟି

● ୱାଟ୍‌କୋ ପକ୍ଷରୁ ସାନି ସର୍ଭେ ପରେ ପ୍ରସ୍ତୁତ ହେଉଛି ଡିଜାଇନ

ପ୍ରକାଶଥାଉକି, ଗତ ୨୦୨୩ ଡିସେମ୍ବର ୭ରେ ଇଆଇସି ତଥା ନଗର ଉନ୍ନୟନ ବିଭାଗ ଅତିରିକ୍ତ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକରେ ଉପରୋକ୍ତ ମାଷ୍ଟରପ୍ଲାନ ସମ୍ପର୍କରେ ସିଏମସି ନିକଟରୁ ଡିପିଆର ଆହ୍ୱାନ କରାଯାଇଥିଲା। ପ୍ରଥମେ ସିଏମସି ପକ୍ଷରୁ ଯେଉଁ ଡିପିଆର ଦିଆଯାଇଥିଲା ସେଥିରେ ତ୍ରୁଟିବିଚ୍ୟୁତି ଥିବା ପରିଲକ୍ଷିତ ହୋଇଥିଲା। ଏହା ଠିକ ଭାବେ ପ୍ରସ୍ତୁତ ହୋଇ ନଥିବା ତଥା ପ୍ରସ୍ତୁତକାରୀ ଅଧିକାରୀଙ୍କ ନାମ ନଥିବା ନେଇ ଏହାକୁ ବିଭାଗ ଫେରାଇଦେଇଥିଲା। ପରେ ଭିଜନ ଟେକ କନସଲଟାନ୍ସି ଲିମିଟେଡକୁ ଏହି ଡିପିଆର ପ୍ରସ୍ତୁତ ପାଇଁ ଦାୟିତ୍ୱ ଦିଆଯାଇଥିଲା। ହେଲେ ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ ଏହାକୁ ଭୁବନେଶ୍ୱର ଆଇଆଇଟି ଦ୍ୱାରା ଅଧିକ ଅନୁଧ୍ୟାନ ସହ ସିଏମସି ବଦଳରେ ୱାଟକୋକୁ କାର୍ଯ୍ୟ ସମ୍ପାଦନ ଦାୟିତ୍ୱ ଦିଆଯାଇଥିଲା। ଏହି ପ୍ରକଳ୍ପ ମଧ୍ୟରେ ରହିଛି ମେହିନ୍ଦପିରଠାରୁ ଖଟବିନ ସାହି ୧୩୦୫ମିଟର, ଫ୍ରେଣ୍ଡସଲୋନୀ-ବଜ୍ରକବାଟୀ ରୋଡ ୭୧୬ମିଟର, ଏସପି ଅଫିସରୁ ସେମିନାରୀ ଛକ ରାଉସାପାଟଣା ୨୯୦୦ମିଟର, ପୁରୀଘାଟ ତ୍ରିଶା ହସପିଟାଲରୁ ବଜ୍ରକବାଟୀ ୨୪୨୨ମିଟର ଓ ମାତୃଭବନରୁ ଖାନନଗର ୧୩୦୦ମିଟର ଶାଖା ଡ୍ରେନ ରହିଛି।

---

## ୩ରେ 'ଧ୍ରୁବତାରା' ହୋଲି ମହୋତ୍ସବ

● ବ୍ୟଙ୍ଗ ସ୍ରଷ୍ଟା ବିଭୂପ୍ରସାଦ ପାଇବେ ସମ୍ମାନଜନକ ଉପାଧି



କଟକ, ୨୭।୨(ସମିସ): ପ୍ରଖ୍ୟାତ ଶିଶୁ ସାହିତ୍ୟିକ ନଦୀୟା ବିହାରୀ ମହାନ୍ତିଙ୍କ ଦ୍ୱାରା ପ୍ରତିଷ୍ଠିତ ଅନୁଷ୍ଠାନ 'ଧ୍ରୁବତାରା' ଓ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ଆସନ୍ତା ମାର୍ଚ୍ଚ ୩ ତାରିଖରେ ୩୭ତମ ରାଜ୍ୟସ୍ତରୀୟ 'ହୋଲି ମହୋତ୍ସବ-୨୦୨୬' ଅନୁଷ୍ଠିତ ହେବ। ଏହି ଅବସରରେ ବିଶିଷ୍ଟ ବ୍ୟଙ୍ଗ ସ୍ରଷ୍ଟା ତଥା ହାସ୍ୟ ଅଭିନେତା ବିଭୂ ପ୍ରସାଦ ନାୟକ (ଧର୍ମଛଡ଼ା)ଙ୍କୁ ଚଳିତ ବର୍ଷର ମର୍ଯ୍ୟାଦାପୂର୍ଣ୍ଣ 'ବ୍ୟଙ୍ଗ ଉପାଧି'ରେ ସମ୍ମାନିତ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ଘୋଷଣା କରାଯାଇଛି। କଟକସ୍ଥିତ ଶ୍ରୀରାମଚନ୍ଦ୍ର ଭବନଠାରେ ସକାଳ ୯ଟା ୩୦ ମିନିଟ୍‌ରେ ଏହି ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ମହୋତ୍ସବ ଅବସରରେ ସକାଳ ୮ଟାରୁ ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରକଳା ପ୍ରତିଯୋଗିତା ଆୟୋଜନ କରାଯାଇଛି। ଧ୍ରୁବତାରାର ସଭାନେତ୍ରୀ ଜୟନ୍ତୀ ମଞ୍ଜରୀ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହେବାକୁ ଥିବା ଏହି ଉତ୍ସବରେ ହାସ୍ୟ କବିତା ପାଠ, ବନ୍ଧୁ ମିଳନ, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ପାରମ୍ପରିକ ହୋଲିକା ଦହନ କରାଯିବ। ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦଙ୍କ ସୂଚନା ଅନୁଯାୟୀ, ବ୍ୟଙ୍ଗ ସାହିତ୍ୟର ପ୍ରଚାର ଓ ପ୍ରସାର ପାଇଁ ପ୍ରତିବର୍ଷ ଏହି ସ୍ୱତନ୍ତ୍ର ଉତ୍ସବ ପାଳନ କରାଯାଇଥାଏ।

## ବିବାହ ପ୍ରତିଶ୍ରୁତି ଦେଇ ଯୁବତୀଙ୍କୁ ଦୁଷ୍କର୍ମ

# ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଭାଇରାଲ କରି ସନ୍ୟାସୀ ଫେରାର

**ପାଣିକୋଇଲି, ୨୭।୨(ସମିସ)**

ବିବାହର ପ୍ରତିଶ୍ରୁତି ଦେଇ ଯୁବତୀଙ୍କୁ ସନ୍ୟାସୀଙ୍କ ଦୁଷ୍କର୍ମ। ଅଭିଯୋଗ ହେଲେ ମଧ୍ୟ ଶୁଣୁନି ପୁଲିସ୍। ଫଳରେ ନ୍ୟାୟ ଦାବି କରି ଏସ୍‌ପିଙ୍କୁ ନିବେଦନ କରିଛନ୍ତି ପୀଡ଼ିତା। ଏମିତି ଅଭିଯୋଗ ଆସିଛି ସୁକିନ୍ଦା ଅଞ୍ଚଳରୁ।

ସୁକିନ୍ଦା ଥାନା ଅଞ୍ଚଳରେ ଜନୈକା ଯୁବତୀ ନିଜର ବିବାହ ବିଚ୍ଛେଦ ପରେ ସାଂସାରିକ ଜୀବନରୁ ବିମୁଖ ହୋଇ ସନ୍ୟାସିନୀ ଧର୍ମ ଗ୍ରହଣ କରିବା ସହିତ ଜଣେ ଯୋଗ ପ୍ରଶିକ୍ଷିକା ଭାବେ କାର୍ଯ୍ୟ କରି ଜୀବିକା ନିର୍ବାହ କରୁଥିଲେ। ସନ୍ୟାସ ଧର୍ମ ଗ୍ରହଣ କରିବା ପରେ ସନ୍ୟାସୀ ସ୍ୱାମୀ ବେଦଶ୍ରାବା ଓରଫ ବୈକୁଣ୍ଠ ସାହୁଙ୍କୁ ଗୁରୁ ବୋଲି ଭାବି ତାଙ୍କ ଠାରୁ ଦୀକ୍ଷା ଗ୍ରହଣ କରିଥିଲେ। କିନ୍ତୁ ଉକ୍ତ ସନ୍ୟାସୀ ବୈକୁଣ୍ଠ ଗତ ନଭେମ୍ବର ୧୧ ତାରିଖରେ ଉକ୍ତ ଯୁବତୀ ଜଣକ ନିଜ ବାସଗୃହରେ ଏକାକୀ ଥିବା ସମୟରେ ଆଧ୍ୟାତ୍ମିକ ପୁସ୍ତକ ଦେଖିବା ବାହାନାରେ ତାଙ୍କୁ ଜୋର ଜବରଦସ୍ତ ବଳାତ୍କାର କରିଥିଲେ। ଯୁବତୀ ଜଣକ ଏହାର ବିରୋଧ କରିବାରୁ ଉକ୍ତ ସନ୍ୟାସୀ ଜଣକ ତାଙ୍କୁ ବିବାହର ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ତେବେ କୌଶଳ କ୍ରମେ ଉକ୍ତ ସନ୍ୟାସୀଜଣକ ଶାରୀରିକ ସମ୍ପର୍କର ସମସ୍ତ ଭିଡିଓ ଗୁଡିକୁ ନିଜ ମୋବାଇଲରେ ରେକର୍ଡ କରିଦେଇଥିଲେ। ପରେ ପୁଣି ଥରେ ଗତ ଜାନୁଆରୀ ମାସ ୧୭ ଓ ୧୮ ତାରିଖରେ ଉକ୍ତ ଯୁବତୀଙ୍କୁ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ବନ୍ଧ ରଖିଥିଲେ। ପରେ ଯୁବତୀ ଜଣକ ବିବାହ ଲାଗି ଜିଦ୍ ଧରିବାରୁ ସେ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡ଼ିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ କରିଦେଇଥିଲେ। 'ଯଦି ତୁ ପୁଲିସରେ ଅଭିଯୋଗ କରୁ ତେବେ ତୋତେ ହତ୍ୟା କରି ଫିଙ୍ଗି ଦେବି' ବୋଲି ଧମକ ଦେଇଥିଲେ। ତେବେ ଯୁବତୀ ଜଣକ ଏ ନେଇ ସୁକିନ୍ଦା ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ୨୫/୨୬ ରୁଜୁ କରି ଚୁପ ବସିଛି। ଅଭିଯୋଗ କରିବାର ୧୫ ଦିନ ବିତିଗଲାଣି; କିନ୍ତୁ ଅଭିଯୁକ୍ତକୁ ଧରି ପାରୁନି ସୁକିନ୍ଦା ପୁଲିସ। ଫଳରେ ବୈକୁଣ୍ଠ ଉକ୍ତ ଯୁବତୀଙ୍କୁ ହତ୍ୟା କରିଦେବାର ଧମକ ଦେଉଛନ୍ତି। ଏ ନେଇ ଯୁବତୀ ଜଣକ ଭୟଭୀତ ଅବସ୍ଥାରେ ଯାଜପୁର ଆରକ୍ଷୀ ଅଧିକ୍ଷକ ଯଶ ପ୍ରତାପ ଶ୍ରୀମଲଙ୍କୁ ଭେଟି ନିଜ ଜୀବନର ସୁରକ୍ଷା ସହିତ ଉକ୍ତ ଭଣ୍ଡ ସନ୍ୟାସୀକୁ ଗିରଫ କରିବା ଲାଗି ଆକୁଳ ନିବେଦନ କରିଛନ୍ତି। ତେବେ ଉକ୍ତ ଘଟଣାକୁ ଗମ୍ଭୀରତାର ସହିତ ନେଇ ଡିଏସପି ସ୍ତରୀୟ ତଦନ୍ତ କରାଇବା ସହିତ ଉକ୍ତ ଅଭିଯୁକ୍ତକୁ ତୁରନ୍ତ ଗିରଫ କରାଯିବ ବୋଲି ଶ୍ରୀ ଶ୍ରୀମଲ ପ୍ରତିଶ୍ରୁତି ଦେଇଛନ୍ତି।

# ପ୍ରସିଦ୍ଧ ମୁନ୍‌ସୀ ମିଳନ ପାଇଁ ପ୍ରସ୍ତୁତି ବୈଠକ

**ଧର୍ମଶାଳା, ୨୭।୨(ସମିସ):** ଧର୍ମଶାଳା ହାଟପଡ଼ିଆରେ ଆସନ୍ତା ୬ ତାରିଖ ସନ୍ଧ୍ୟାରେ ୧୪୯ତମ ଐତିହାସିକ ମୁନ୍‌ସୀ ମିଳନ ଆରମ୍ଭ ହୋଇ ୭ ତାରିଖ ଅପରାହ୍ନରେ ଉଦଯାପିତ ହେବ। ଏନେଇ ଧର୍ମଶାଳା ମୁନ୍‌ସୀ ମିଳନ କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ମିଳନ କମିଟିର ସଭାପତି ତଥା ଥାନା ଅଧିକାରିଣୀ ଚିନ୍ମୟୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କାର୍ଯ୍ୟକାରୀ ସଭାପତି ଜଳଧର ମହାନ୍ତି, ବରିଷ୍ଠ ଉପଦେଷ୍ଟା ବିପିନ ବିହାରୀ ନାୟକ, ସମ୍ପାଦକ ପ୍ରମୋଦ କୁମାର ଦାସ, କୋଷାଧ୍ୟକ୍ଷ ମନୋଜ ରାଉଳ, ସାଂସ୍କୃତିକ ସମ୍ପାଦକ ପ୍ରବୋଧ ପାତ୍ର, ରବୀନ୍ଦ୍ର ମହାନ୍ତି, ପ୍ରଫୁଲ୍ଲ କୁମାର ରାଉତ, ଗଗନ ବିହାରୀ ବରାଳ, ଗୋଲକ ବିହାରୀ ସାମଲ, ପ୍ରଦୀପ ପଣ୍ଡିତ, ରମେଶ ମହାନ୍ତି, ଜଗଦିଶ ମହାନ୍ତ, ନୃସିଂହ ମହାନ୍ତି, ଜ୍ଞାନେନ୍ଦ୍ର ରାଉତ, ସୂର୍ଯ୍ୟକାନ୍ତ ରାଉତ, ଅଶୋକ ସାହୁ, ନାରାୟଣ ମଲିକ, ରବୀନ୍ଦ୍ର ଦାସ, ଅଭୟ ଦାସ ପ୍ରମୁଖ ବହୁ ସଦସ୍ୟ ଅଂଶଗ୍ରହଣ କରି ଚଳିତ ବର୍ଷ କିଭଳି ଆଡମ୍ବର ସହକାରେ ମିଳନ ଉତ୍ସବ ପାଳନ କରାଯିବ ସେନେଇ ମତ ରଖିଥିଲେ। ଚଳିତ ବର୍ଷ ମିଳନରେ ୩୫ ଗୋଟି ବଡ଼ ବିମାନ, ୬୦ ଗୋଟି ଛୋଟ ବିମାନକୁ ବରଣ କରିବାକୁ ନିଷ୍ପତି ହୋଇଥିଲା। ମିଳନ ଅବସରରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁମାନଙ୍କ ଭିଡକୁ ଦୃଷ୍ଟିରେ ରଖି ପାନୀୟ ଜଳ, ବିଦ୍ୟୁତ ବିଭାଗ ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ଅଗ୍ନିଶମ ବିଭାଗ ପ୍ରମୁଖ ସଜାଗ ରହିବା ପାଇଁ କମିଟି ପକ୍ଷରୁ ଅନୁରୋଧ କରାଯାଇଛି। ଏଥିସହିତ ଚଳିତ ବର୍ଷ ବିମାନ ରୋଶଣୀ ସମୟରେ ଅଶ୍ଳୀଳ ନୃତ୍ୟକୁ ବାରଣ କରାଯାଇଛି। ବିମାନ ରୋଶଣୀରେ ଅଶ୍ଳିଳ ନୃତ୍ୟ ଓ ସଙ୍ଗୀତ ପ୍ରଦର୍ଶନ ନକରିବାକୁ ଠାକୁର ବାଡିଆଙ୍କୁ ଅନୁରୋଧ କରାଯାଇଛି। ଶେଷରେ ସଦସ୍ୟ ଗଙ୍ଗାଧର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।



## ଶୁଖୁଆପଡ଼ା ପାହାଡ଼ରେ ବେଆଇନ ଖନନ

# ଦୁଇ ହାଇୱା ଓ ପୋକ୍‌ଲିନ ମେସିନ ଜବତ



**ବାଲିଚନ୍ଦ୍ରପୁର, ୨୭।୨(ସମିସ):** ବଡ଼ଚଣା ବ୍ଲକ ତଥା ଦର୍ପଣ ତହସିଲ ଅନ୍ତର୍ଗତ ବନ୍ଦରେଶ୍ୱର ନିକଟ ଶୁଖୁଆପରା ପାହାରରେ ଗତକାଲି ବିଳମ୍ବିତ ରାତିରେ ବେଆଇନ ଭାବେ ମୋରମ୍ ଖନନ କରାଯାଉଥିବା ବେଳେ ଖବର ପାଇ ବାଲିଚନ୍ଦ୍ରପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁଇଟି ହାଇୱା ଗାଡ଼ି ଓ ଗୋଟିଏ ପୋକ୍‌ଲିନ ମେସିନ ଜବତ କରିଛି। ବାଲିଚନ୍ଦ୍ରପୁର ଥାନାରେ ନୂତନ ଥାନାଧିକାରୀ ଭାବେ ଯୋଗଦେଇଥିବା ଦିଲ୍ଲୀପ କୁମାର ମହାନ୍ତିଙ୍କ ନେତୃତ୍ୱରେ ଏସଆଇ ଚିନ୍ମୟ ପୃଷ୍ଟି, ଏସଆଇ ଲକ୍ଷ୍ମଣ ହେମ୍ବ୍ରମ ଓ ଅନ୍ୟ କର୍ମଚାରୀ ମାନେ ଏହି ଚଢ଼ଉରେ ସାମିଲ ହୋଇଥିଲେ। ତେବେ ରାତି ଅନ୍ଧାରର ସୁଯୋଗରେ ପୁଲିସର ଏହି ଚଢ଼ଉ ସମୟରେ ଚାଳକ ସମେତ ମାଫିଆମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସୂଚନା ମୁତାବକ ଗତ ୮ ଦିନ ହେବ ଏହି ପାହାଡ଼ରୁ ରାତି ୧୦ଟାରୁ ଭୋର ପର୍ଯ୍ୟନ୍ତ ମାଫିଆ ମାନେ ମେସିନ ଲଗାଇ ବେଆଇନ ଭାବେ ମୋରମ ତାଡ଼ି ବାହାର ଅଞ୍ଚଳକୁ ଚାଲାଣ କରୁଥିବା ନେଇ ଅଭିଯୋଗ ହୋଇଛି। ତେବେ ଜବତ ଗାଡିକୁ ଖଣି ବିଭାଗକୁ ହସ୍ତାନ୍ତର କରାଯିବ ବୋଲି ଥାନା ଅଧିକାରୀ ଶ୍ରୀ ମହାନ୍ତି ସୂଚନା ଦେଇଛନ୍ତି।

# ନିଯୁକ୍ତି ମେଳାରେ ୧୧୦୦ରୁ ଊର୍ଦ୍ଧ୍ୱ ଆଶାୟୀ

**ଯାଜପୁର, ୨୭।୨(ସମିସ):** ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ପକ୍ଷରୁ ଜିଲ୍ଲା ପ୍ରଶାସନ ଦ୍ୱାରା ସ୍ଥାନୀୟ ଏନ୍‌ସି କଲେଜ ପଡ଼ିଆଠାରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଛି। ସ୍ଥାନୀୟ ଯୁବପିଢ଼ିଙ୍କ ଦକ୍ଷତା ବିକାଶ ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଉଦ୍ଦେଶ୍ୟ ନେଇ ଏହି ମେଳା ଆୟୋଜିତ କରାଯାଇଛି। ଜିଲ୍ଲା ତଥା ଜିଲ୍ଲା ବାହାର ପ୍ରତିଷ୍ଠିତ ପ୍ରାୟ ୪୩ଟି ବେସରକାରୀ ସଂସ୍ଥାର ନିଯୁକ୍ତିଦାତାଙ୍କ ସମେତ ୨୪ଟି ଦକ୍ଷତା ବିକାଶ ତାଲିମ୍ ପ୍ରଦାନକାରୀ ସଂସ୍ଥାର ପ୍ରତିନିଧି ଯୋଗଦେଇଥିଲେ। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ ଯୋଗ ଦେଇ ନିଯୁକ୍ତି ମେଳା ଯୁବପିଢ଼ିଙ୍କ ଦକ୍ଷତାର ସଦୁପଯୋଗ କରିବା ପାଇଁ ଏକ ଉତ୍ତମ ପ୍ଲାଟଫର୍ମ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଯାଜପୁର ସାଂସଦଙ୍କ ପ୍ରତିନିଧି ଅଶୋକ କୁମାର ଓଝା, ଏନ୍‌ସି କଲେଜର ଅଧ୍ୟକ୍ଷ ରଞ୍ଜନ କୁମାର ବେହେରା, ସରକାରୀ ଶିଳ୍ପ ତାଲିମ୍ ଅନୁଷ୍ଠାନର ଅଧ୍ୟକ୍ଷ ପଦ୍ମଚରଣ ସେଠୀ, ଅତିରିକ୍ତ ପରିଚାଳକ ଜିଲ୍ଲା ଶିଳ୍ପ କେନ୍ଦ୍ର ନିରଞ୍ଜନ ନାୟକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଯୋଗ ଦେଇଥିଲେ। ଏହି ନିଯୁକ୍ତି ମେଳାରେ ମୋଟ ୧୧୭୮ ନିଯୁକ୍ତି ଆଶାୟୀ ଯୁବକ ଯୁବତୀ ପଞ୍ଜିକୃତ ହୋଇଥିଲେ ଏବଂ ସେମାନଙ୍କ ମଧ୍ୟରୁ ୯୭୭ ଜଣ ଯୁବକ ଯୁବତୀ ବିଭିନ୍ନ ବେସରକାରୀ ସଂସ୍ଥାର ପଦପଦବୀ ପାଇଁ ନିଯୁକ୍ତିଦାତା ମାନଙ୍କ ଦ୍ୱାରା ପ୍ରାଥମିକ ଭାବେ ଚୟନ ହୋଇଥିଲେ। ସେଥିମଧ୍ୟରୁ ସ୍ଥାନୀୟ ଶିଳ୍ପ ସଂସ୍ଥା ଯଥା- ଟାଟା, ଜିନ୍ଦଲ, ନ୍ୟୁଭିଷ୍ଟା, ବ୍ରାହ୍ମଣୀ ରିଭର୍ ପିଲେଟ ଲିମିଟେଡ, ସାଇଜର ଭଳି ୮ଟି ମାନବ ସମ୍ବଳ ଯୋଗାଉଥିବା ସଂସ୍ଥା ମୋଟ ୧୮୫ ଜଣଙ୍କୁ ଚୟନ କରିଥିଲେ। ୨୦୧ ଜଣ ନିଯୁକ୍ତି ଭିତ୍ତିକ ଦକ୍ଷତା ବିକାଶ ତାଲିମ୍ ନିମନ୍ତେ ବିବେଚିତ ହୋଇଛନ୍ତି। ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀ ସୁଶାନ୍ତ କୁମାର ନାଏକ କହିଛନ୍ତି ଯେ ଯୁବ ପିଢ଼ିକୁ ସୁଯୋଗ ଦେବା ଆମର ପ୍ରାଥମିକତା। ସେହିଭଳି ସମ୍ମାନିତ ଅତିଥି ଭାବେ ନରସିଂହ ଚୌଧୁରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ରଞ୍ଜନ କୁମାର ବେହେରା ବ୍ୟାବହାରିକ ଶିକ୍ଷା ଓ ଦକ୍ଷତା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲା ଶିଳ୍ପ କେନ୍ଦ୍ରର ଅତିରିକ୍ତ ପରିଚାଳକ ନିରଞ୍ଜନ ନାୟକ ନିଯୁକ୍ତି ଆଶାୟୀ ହେବା ପରିବର୍ତ୍ତେ ନିଯୁକ୍ତିଦାତା ହେବା ପାଇଁ ଲକ୍ଷ୍ୟ ରଖିବା ଉଚିତ ବୋଲି ମତ ଦେଇଥିଲେ। ଆଇଟିଆଇ କଲେଜ୍ ପ୍ରିନ୍ସିପାଲ ପଦ୍ମଚରଣ ସେଠୀ ଜିଲ୍ଲାରେ ବୈଷୟିକ ଶିକ୍ଷା ଏବଂ ପାଠ୍ୟକ୍ରମର ପ୍ରସାର ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ଦକ୍ଷତା ବିକାଶ ଅଧିକାରୀ, କନିଷ୍ଠ ନିଯୋଜନ ଅଧିକାରୀ ମାନସ କୁମାର କୁଅଁର, ସେକସନ ଅଧିକାରୀ ସରୋଜ କୁମାର ପତି, ୟଙ୍ଗ ପ୍ରଫେସନାଲ ସୁରମା ସେନଗୁପ୍ତା ଓ ମୁଖ୍ୟମନ୍ତ୍ରୀ ଦକ୍ଷତା ବିକାଶ କର୍ମଚାରୀ ରାକେଶ କୁମାର ନାୟକ ପ୍ରମୁଖ ପରିଚାଳନା କରିଥିବା ବେଳେ ଏନ୍‌ସି କଲେଜର ଅଧ୍ୟାପକ ବିନୋଦ କୁମାର ମଲ୍ଲିକ ମଞ୍ଚ ପରିଚାଳନା କରିଥିଲେ ଏବଂ ମହାବିଦ୍ୟାଳୟର ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଶିକ୍ଷାବିତ, ବୁଦ୍ଧିଜୀବୀ, ଛାତ୍ରଛାତ୍ରୀ, ନିଯୁକ୍ତି ଆଶାୟୀ ପ୍ରାର୍ଥୀ ଏବଂ ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ।




# ବିଶ୍ୱ ସାମାଜିକ ନ୍ୟାୟ ଦିବସ

**ଯାଜପୁର, ୨୭।୨(ସମିସ):** ସ୍ଥାନୀୟ ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ବିଶ୍ୱ ସାମାଜିକ ନ୍ୟାୟ ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଉପଖଣ୍ଡ ପୁଲିସ ଅଧିକାରୀ ପ୍ରଶାନ୍ତ କୁମାର ମାଝୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଜାନକୀ ହେମ୍ବ୍ରମ, ଜିଲ୍ଲା ଆଇନ ସହାୟତା ପ୍ରାଧିକରଣ ଅଧିକାରୀ ପ୍ରଶାନ୍ତ କୁମାର ସାମନ୍ତ, ଅଗ୍ରଣୀ ବ୍ୟାଙ୍କ୍ ସଂଯୋଜକ ସମର କୁମାର ପାଢ଼ୀ, ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ଜ୍ଞାନ ରଞ୍ଜନ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ବରିଷ୍ଠ ନାଗରିକମାନେ ଯୋଗଗୁରୁଙ୍କ ତତ୍ତ୍ୱାବଧାନରେ ଯୋଗ କରିଥିଲେ। ଏହା ସହ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବରିଷ୍ଠ ନାଗରିକମାନଙ୍କ ନିମନ୍ତେ ମାଗଣା ସ୍ୱାସ୍ଥ୍ୟଶିବିର ଆୟୋଜନ ସହ ଔଷଧ ବଣ୍ଟନ କରାଯାଇଥିଲା। ବରିଷ୍ଠ ନାଗରିକମାନଙ୍କୁ ଆଇନଗତ ସଚେତନତା ବାର୍ତ୍ତା ଦିଆଯାଇଥିଲା। ଏହି ଅବସରରେ ବରିଷ୍ଠ ନାଗରିକମାନଙ୍କୁ ସଚେତନ କରିବା ଉଦ୍ଦେଶ୍ୟ ନେଇ ଜିଲ୍ଲା ପ୍ରଶାସନ, ପୋଲିସ ପ୍ରଶାସନ, ବ୍ୟାଙ୍କ ଏବଂ ପୋଷ୍ଟ ଅଫିସର ଅଧିକାରୀମାନେ ସାଇବର ଠକେଇରୁ ସୁରକ୍ଷା, ଆର୍ଥିକ ସାକ୍ଷରତା, ବିଭିନ୍ନ ଯୋଜନା ଓ ସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ, ଯାଜପୁର ଜିଲ୍ଲାରେ ପ୍ରାୟ ୧୮ଟି ବରିଷ୍ଠ ନାଗରିକ ସଂଘ ଅଛନ୍ତି। ବରିଷ୍ଠ ନାଗରିକଙ୍କ ସୁରକ୍ଷା ପାଇଁ ଜିଲ୍ଲା ପ୍ରଶାସନ ତତ୍ପର ରହିଛି। ଏହି କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, ଅଗ୍ରଣୀ ବ୍ୟାଙ୍କ ଏବଂ ଅନ୍ୟାନ୍ୟ ଅନୁଷ୍ଠାନର ପଦାଧିକାରୀ, ବରିଷ୍ଠ ନାଗରିକ ମଞ୍ଚର ସଭାପତିଙ୍କ ସମେତ ବିଭିନ୍ନ ବ୍ଲକରୁ ଆସିଥିବା ବରିଷ୍ଠ ନାଗରିକ ଓ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ମସ୍ତିଷ୍କାଘାତରେ ଡାକ୍ତରଙ୍କ ପରଲୋକ

**ପାଣିକୋଇଲି/କୁଆଖିଆ, ୨୭।୨ (ସମିସ):** ତଳେ ପଡ଼ିଯିବା ଯୋଗୁଁ ମୁଣ୍ଡ ଫାଟି ଅତ୍ୟଧିକ ରକ୍ତସ୍ରାବ ହେବା କାରଣରୁ ଜଣେ ଡାକ୍ତରଙ୍କର କଟକ ନେବା ବାଟରେ ମୃତ୍ୟୁ ଘଟିଛି। ପାଣିକୋଇଲି ପଞ୍ଚାୟତ ଅନ୍ତର୍ଗତ ମଣିପୁର ଗ୍ରାମର ଦୁଃଶାସନ ପଣ୍ଡାଙ୍କ ବଡ଼ପୁଅ ଡା. ବସନ୍ତ କୁମାର ପଣ୍ଡା (୪୫) ଶୁକ୍ରବାର ସକାଳେ ନିଜ ବାସଭବନରେ ପୂଜା କରିବା ଲାଗି ଯାଉଥିବା ବେଳେ ଗୋଡ଼ ଖସିଯିବା କାରଣରୁ ତଳେ ପଡ଼ିଯାଇଥିଲେ। ଫଳରେ ତାଙ୍କର ମୁଣ୍ଡ ଫାଟି ପ୍ରବଳ ରକ୍ତସ୍ରାବ ହୋଇଥିଲା। ସଙ୍ଗେ ସଙ୍ଗେ ପରିବାର ଲୋକମାନେ ତାଙ୍କୁ ସ୍ଥାନୀୟ ଏକ ବେସରକାରୀ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। କିନ୍ତୁ ତାଙ୍କର ଅବସ୍ଥା ଗୁରୁତର ଥିବାରୁ ସେହି ଚିକିତ୍ସାଳୟର ଆମ୍ବୁଲାନ୍ସରେ କଟକ ବଡ଼ ଡାକ୍ତରଖାନାକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ତାଙ୍କର ମୃତ ଶରୀରକୁ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ସ୍ୱର୍ଗତ ପଣ୍ଡା ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମେଡିକାଲ ଅଫିସର ଭାବେ କାର୍ଯ୍ୟରତ ଥିବା ବେଳେ ପାଣିକୋଇଲି ମହୋତ୍ସବ କମିଟିର ଜଣେ ସକ୍ରିୟ ସଦସ୍ୟ ଥିଲେ। ତାଙ୍କର ମୃତ୍ୟୁ ଖବର ପାଇ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀମାନଙ୍କ ସହିତ ପାଣିକୋଇଲି ସରପଞ୍ଚ ପଦ୍ମାବତୀ ପଣ୍ଡା ଓ ମହୋତ୍ସବ କମିଟିର ବହୁ ସଦସ୍ୟ କଟକ ବଡ଼ ମେଡିକାଲ ଯାଇଥିଲେ। ପରେ ତାଙ୍କର ଶବକୁ ଆମ୍ବୁଲାନ୍ସରେ ଅଣାଯିବା ପରେ ମଧୁବନ ସ୍ୱାସ୍ଥ୍ୟକେନ୍ଦ୍ର ଓ ପାଣିକୋଇଲି ବଜାର ପରିକ୍ରମା କରାଇବା ପରେ ଗ୍ରାମ୍ୟ ଶ୍ମଶାନରେ ଅନ୍ତିମ ସତ୍କାର କରାଯାଇଥିଲା। ଏକମାତ୍ର ପୁତ୍ର ଆୟୁଷ୍ମାନ ମୁଖାଗ୍ନି ଦେଇଥିବା ବେଳେ ସାନଭାଇ ହେମନ୍ତଙ୍କ ସମେତ ସମସ୍ତ ଗ୍ରାମବାସୀ ଓ ମହୋତ୍ସବ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଅନ୍ୟପଟେ ସ୍ୱର୍ଗତ ପଣ୍ଡାଙ୍କ ମୃତ୍ୟୁକୁ ନେଇ ଗ୍ରାମର କିଛି ଉତ୍ୟକ୍ତ ଯୁବକମାନେ ସ୍ଥାନୀୟ ଡାକ୍ତରଖାନାରେ ପହଞ୍ଚି ଭଙ୍ଗାରୁଜା କରିବା ସହିତ କର୍ମଚାରୀମାନଙ୍କୁ ଆକ୍ରମଣ କରିଥିବାର ଅଭିଯୋଗ କରିଛନ୍ତି। ଖବର ପାଇ ଥାନାଧିକାରୀ ରଞ୍ଜିତ କୁମାର ମହାନ୍ତି ଓ ଏସ୍‌ଆଇ ପ୍ରଶାନ୍ତ କୁମାର ଦାଶ ଉକ୍ତ ଡାକ୍ତରଖାନାରେ ପହଞ୍ଚି ଘଟଣାର ତଦନ୍ତ କରୁଛନ୍ତି।



## ନିର୍ମାଣ କାର୍ଯ୍ୟ ନିମ୍ନମାନର ଅଭିଯୋଗ

# ଗ୍ରାମବାସୀ ବନ୍ଦ କଲେ ରାସ୍ତା କାମ



**ପାଣିକୋଇଲି, ୨୭।୨(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ଗୋଲେଇପୁର ପଞ୍ଚାୟତର ରାମପୁର ଶଗଡ଼ି (ବଇଁଚିରା) ଗ୍ରାମରେ ଆଜି ଗ୍ରାମ ଉନ୍ନୟନ ବିଭାଗ ଦ୍ୱାରା ହେଉଥିବା ରାସ୍ତା କାମରେ ଜଳ ନିଷ୍କାସନ ପାଇଁ କରାଯାଉଥିବା ପୋଲ କାମ ଅତ୍ୟନ୍ତ ନିମ୍ନମାନର ଅଭିଯୋଗ ହୋଇଛି। ସ୍ଥାନୀୟ ଅଞ୍ଚଳବାସୀ ଏହି ନିମ୍ନମାନର କାର୍ଯ୍ୟକୁ ବିରୋଧ କରି କାମ ବନ୍ଦ କରିଛନ୍ତି। ଉକ୍ତ ରାସ୍ତା ନିର୍ମାଣ କୌଣସି ସୂଚନା ଫଳକ ନଥିବା ବେଳେ ଏ ସମ୍ପର୍କରେ ସାଧାରଣ ଲୋକ ଅବଗତ ହୋଇ ପାରୁନାହାନ୍ତି। ଏହି ରାସ୍ତାରେ ଜଳ ନିଷ୍କାସନ ପାଇଁ ହୋମପାଇପ୍ ପକାଇ ଏକ ପୋଲ ନିର୍ମାଣ କରାଯାଉଥିଲା। ହେଲେ ସିମେଣ୍ଟ ଭାଗ ଏତେ କମଥିବା ଦେଖି ସ୍ଥାନୀୟ ଲୋକମାନେ କାମ ବନ୍ଦ କରିଛନ୍ତି। ବିଭାଗୀୟ ଯନ୍ତ୍ରୀ ଓ ଠିକାଦାର ଉପସ୍ଥିତିରେ ସଠିକ୍ ଭାବେ ଏହାର କାମ କରାଯିବା ଦାବି ହୋଇଛି। ଅପରପକ୍ଷେ ଏହି ରାସ୍ତାଟି ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଶଗଡ଼ି ଠାରୁ ସୋତି ଭାୟା ଅଲେଇଶୁଣୀ ପର୍ଯ୍ୟନ୍ତ କରାଯିବାକୁ ସ୍ଥିର ହୋଇଛି। ହେଲେ ଏହା କେତେ ଟଙ୍କାର ବ୍ୟୟ ଅଟକଳ କରାଯାଇଛି ତାର ସୂଚନା ଫଳକ ନଥିବା ବେଳେ ପ୍ରଥମେ ପୋଲ ଗୁଡିକ କରାଯାଉଛି। କାମ ଆରମ୍ଭରୁ ଏଭଳି ନିମ୍ନମାନର କାମ ଦେଖି ଏହାର ସ୍ଥାୟୀତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗୋଟିଏ ବର୍ଷାରେ ଏହି ପୋଲ ଭାସିଯିବାର ସମ୍ଭାବନା ରହିଛି। ଯୁବନେତା ଚନ୍ଦ୍ରକାନ୍ତ ଖଣ୍ଡାଇ, ଦଶରଥ ମାଝୀ, ପପି ମାଝୀ, ମିର୍ଜ ହଲିମ ବେଗ, ସେକ ବାଦଲ, ସେକ ଅସରଫ ଅଲ୍ଲି, ମୁକ୍ତା ଖାଁ, ମିର୍ଜା ଏସକେ, ସେକ ନିଜାମୁଦ୍ଦିନ, ମିର୍ଜା ଅଲ୍ଲୀ ପ୍ରମୁଖ କାର୍ଯସ୍ଥଳରେ ପହଞ୍ଚି କାମ ବନ୍ଦ କରିଥିଲେ। ହେଲେ ଏନେଇ ବିଭାଗୀୟ ଅଧିକାରୀଙ୍କ ସହ ଯୋଗଯୋଗ କରିବାରୁ କେହି ଫୋନ ଉଠାଇନଥିଲେ।

# ଜନଗଣନା ଅଧିକାରୀଙ୍କ ସମୀକ୍ଷା ଓ ପ୍ରଶିକ୍ଷଣ ଶିବିର

**ଯାଜପୁର, ୨୭।୨(ସମିସ):** ଆଗାମୀ ୨୦୨୭ ଜନଗଣନା କାର୍ଯ୍ୟକୁ ସୁରୁଖୁରୁରେ ସମ୍ପାଦନ କରିବା ପାଇଁ ଯାଜପୁର ଜିଲ୍ଲାରେ ଜିଲ୍ଲାସ୍ତରୀୟ ଜନଗଣନା ଅଧିକାରୀଙ୍କ ସମୀକ୍ଷା ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଆଜି ଜିଲ୍ଲାପରିଷଦ ଯାଜପୁରଙ୍କ ସମ୍ମିଳନୀ କକ୍ଷରେ ସହକାରୀ ଜନଗଣନା ଅଧିକାରୀ ତଥା ସହକାରୀ ଜିଲ୍ଲାପାଳ ନିବେଦିତା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଜନଗଣନା ନିର୍ଦ୍ଦେଶାଳୟର ଜିଲ୍ଲାର ଭାରାପ୍ରାପ୍ତ ଭାବେ ଉପେନ୍ଦ୍ର କୁମାର ନାୟକ, ଅର୍ଚ୍ଚନା ରାଉତ (ପରିସଂଖ୍ୟାନ ଅନୁସନ୍ଧାନକାରୀ), ସସ୍ମିତା ପ୍ରଧାନ (ପରିସଂଖ୍ୟାନ ଅନୁସନ୍ଧାନକାରୀ) ପ୍ରମୁଖ ଯୋଗଦେଇଥିଲେ। ୨୦୨୭ରେ ଦୁଇଟି ପର୍ଯ୍ୟାୟରେ ଜନଗଣନା ହେବ। ପ୍ରଥମ ପର୍ଯ୍ୟାୟରେ ଏପ୍ରିଲ ୧୬ରୁ ମେ' ୧୫ ଗୃହ ତାଲିକା ଓ ଗୃହ ଗଣନା କରାଯିବ। ନାଗରିକମାନେ ସେନସସ୍ ପୋର୍ଟାଲ୍‌ରେ ଲଗ୍‌ଇନ୍ କରି ଆତ୍ମଗଣନା କରିପାରିବେ। ଯାହା ଏପ୍ରିଲ ୧ରୁ ୧୫ ପର୍ଯ୍ୟନ୍ତ ଉପଲବ୍ଧ ହେବ। ଏହାପରେ ଅଧିକାରୀମାନେ ମୋବାଇଲ୍ ଆପ ଜରିଆରେ ଘରେ ଘରେ ଯାଇ ତଥ୍ୟ ସଂଗ୍ରହ କରିବେ। ଦ୍ୱିତୀୟ ପର୍ଯ୍ୟାୟରେ ୨୦୨୭ ଫେବୃଆରୀ ୯ ରୁ ୨୮ ଯାଏ ଜନଗଣନା ହେବ ଏବଂ ମାର୍ଚ୍ଚ ୧ରୁ ୫ ପର୍ଯ୍ୟନ୍ତ ସଂଶୋଧନ ରାଉଣ୍ଡ ଅନୁଷ୍ଠିତ ହେବ। ବର୍ତ୍ତମାନ ଗୃହଗଣନା ପାଇଁ ଗୃହ ତାଲିକା ବ୍ଲକ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଯାଉଛି। ଏହି ଜନ ଗଣନା ପ୍ରଥମ ଥର ପାଇଁ ଡିଜିଟାଲ ହେବାରୁ ବୈଷୟିକ ଜ୍ଞାନକୌଶଳ ବ୍ୟବହାର ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ସେଲ୍‌ଫ ଏନ୍ୟୁମରେସନ, ସାଧାରଣ ଜନତାଙ୍କ ସୁବିଧା ପାଇଁ ନାଗରିକମାନେ ନିଜର ତଥ୍ୟ ପ୍ରଦାନ କରିପାରିବେ। ଏହା ବ୍ୟତୀତ ମୋବାଇଲ୍ ଏପ୍ଲିକେଶନରେ ମଧ୍ୟ ଜନଗଣନା ନିଜେ ନିଜ ସମ୍ପୂର୍ଣ୍ଣ ତଥ୍ୟ ଦେଇ ପାରିବେ। ଏଥିରେ ଜିଲ୍ଲାର ବରିଷ୍ଠ ଅଧିକାରୀ ମାନଙ୍କୁ ମାଷ୍ଟର ଟ୍ରେନର, ତହସିଲ ସ୍ତରୀୟଙ୍କୁ କ୍ଷେତ୍ରୀୟ ଟ୍ରେନର ଏବଂ ଶିକ୍ଷକ ମାନଙ୍କୁ ଗଣନାକାରି ଓ ସୁପରଭାଇଜର ଭାବେ ନିୟୋଜିତ କରାଯିବ ବୋଲି ମତବ୍ୟକ୍ତ କରିଛନ୍ତି। ବୈଠକରେ ଯାଜପୁରର ସମସ୍ତ ତହସିଲଦାର, ନିର୍ବାହୀ ଅଧିକାରୀ, ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ ସଞ୍ଜିତ କୁମାର ନାୟକ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ସାଧାରଣ ଓ ବିବିଧ ବିଭାଗରୁ ଜନଗଣନା ବିଭାଗର ଦାୟିତ୍ୱରେ ଥିବା କନିଷ୍ଠ ରାଜସ୍ୱ ସହାୟକ ବିକାଶ ଦୀପ ତରାଇ, ଧନଞ୍ଜୟ ଦାସ, ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

# ଲକ୍ଷ୍ମୀନାରାୟଣ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ବିଞ୍ଝାରପୁର, ୨୭।୨(ସମିସ):** ବିଞ୍ଝାରପୁର ବ୍ଲକର କଲ୍ୟାଣପୁର ପଞ୍ଚାୟତ ଅନ୍ତର୍ଗତ ବେଲପାଳ ଗ୍ରାମର କୁରାଳ ସମାଜ ପକ୍ଷରୁ ଲକ୍ଷୀନାରାୟଣ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଗୋପୂଜା, ସୂର୍ଯ୍ୟପୂଜା, ଅଙ୍କୁରାରୋପଣ, ଯଜ୍ଞାନୁଷ୍ଠାନ ସହିତ ଯକ୍ଷ୍ମୀନାରାୟଣ ମନ୍ଦିର ସମେତ ବିଗ୍ରହ ପ୍ରତିଷ୍ଠା କର୍ମାଦି ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ଭିକାରୀ ଚରଣ ମିଶ୍ର, ପଣ୍ଡିତ ସ୍ୱାଧୀନ କୁମାର ଦାଶ, ରମାକାନ୍ତ ଦାଶ ଓ ଭାଗୀରଥି ପରୀକ୍ଷା ଆଦି ଯାଜ୍ଞିକ ବ୍ରାହ୍ମଣ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଗୁଡିକୁ ବୈକୁଣ୍ଠ ରଣା, ଭାଗବତ ରଣା, ମକର ରଣା, ରବୀନ୍ଦ୍ର ରଣା, ପୁରୁଷୋତ୍ତମ ସାହୁ, ସୁରେନ୍ଦ୍ର ରଣା, କେଶବ ରଣା, ନକୁଳ ରଣା, ରବୀନ୍ଦ୍ର କୁମାର ରଣା, ଭକ୍ତିଭୂଷଣ ରଣା, ରମାକାନ୍ତ ରଣା, ବିଜୟ ରଣା, ସରୋଜ ରଣା, ଗଜେନ୍ଦ୍ର ରଣା ପ୍ରମୁଖ ପରିଚାଳନା କରିଥିଲେ।

## ୧୩ ଦିନରେ ବଦଳିଲେ ଥାନାଧିକାରୀ

# ନୂତନ ଥାନାଧିକାରୀଙ୍କ ଯୋଗଦାନ

**ଦଶରଥପୁର, ୨୭।୨(ସମିସ):** ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ଅନ୍ତର୍ଗତ ଦଶରଥପୁର ଥାନାରେ ଗତ ୨୩ ତାରିଖରେ ଧର୍ମଶାଳା ଥାନାରୁ ବଦଳି ହୋଇ ନୂତନ ଥାନାଧିକାରୀ ଭାବେ ଦଶରଥପୁର ଥାନାରେ ସୁବ୍ରତ କୁମାର ସାହୁ ଯୋଗ ଦେଇଛନ୍ତି। ପ୍ରକାଶ ଥାଉକି ଚଳିତ ମାସ ୧୦ ତାରିଖରେ ଦଶରଥପୁର ଥାନାରେ ନୂତନ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିବା ହେମଲତା ଦାସଙ୍କର ଗତ ୨୩ ତାରିଖରେ ଦଶରଥପୁର ଥାନାରୁ ବରୀ ଥାନାକୁ ବଦଳି କରାଯାଇଥିଲା। ନୂତନ ଭାବେ ଦଶରଥପୁର ଥାନାରେ ଯୋଗ ଦେଇଥିବା ଥାନାଧିକାରୀ ଥାନାରେ ଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଛନ୍ତି।



## ୭୫ଟି କେନ୍ଦ୍ରରେ ଆଦିବାସୀ ଭାଷା ତାଲିମ

# ୪.୫ ହଜାରରୁ ଅଧିକ ଛାତ୍ରଛାତ୍ରୀ ଉପକୃତ

**ଦାନଗଦି, ୨୭।୨(ସମିସ)**

କଳିଙ୍ଗନଗର ଅଞ୍ଚଳରେ ଅନୁସୂଚିତ ଜନଜାତିର ସାଂସ୍କୃତିକ ପରିଚୟକୁ ବଜାୟ ରଖିବା ପାଇଁ ଟାଟା ଷ୍ଟିଲ୍ ଫାଉଣ୍ଡେସନ ପକ୍ଷରୁ ଏକ ପ୍ରଶଂସନୀୟ ପଦକ୍ଷେପ ଗ୍ରହଣ କରାଯାଇଛି। ସ୍ଥାନୀୟ ଅଞ୍ଚଳର ଜନଜାତି ଯୁବପିଢ଼ିଙ୍କ ମଧ୍ୟରେ ନିଜସ୍ୱ ଭାଷା ଓ ଲିପିର ପ୍ରସାର ପାଇଁ ସଂଗଠିତ ଶିକ୍ଷା ବ୍ୟବସ୍ଥା ମାଧ୍ୟମରେ 'ୱାରାଙ୍ଗ ଚିଟି' ଏବଂ 'ଅଲ୍‌ଚିକି' ଭାଷା ଶିକ୍ଷା ଦିଆଯାଉଛି। ୨୦୧୪ ମସିହାରେ ସୁକିନ୍ଦା ଓ ଦାନଗଦି ବ୍ଲକର ମାତ୍ର ୧୦ଟି ଗ୍ରାମ ପଞ୍ଚାୟତରେ ୩୫ଟି କେନ୍ଦ୍ରରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଏବେ ବ୍ୟାପକ ହୋଇଛି। ବର୍ତ୍ତମାନ ୧୮ଟି ଗ୍ରାମ ପଞ୍ଚାୟତ ଓ ବ୍ୟାସନଗର ପୌରାଞ୍ଚଳର ୫୫ଟି କେନ୍ଦ୍ରରେ ୱାରାଙ୍ଗ ଚିଟି ଏବଂ ୨୦ଟି କେନ୍ଦ୍ରରେ ଅଲ୍‌ଚିକି ଭାଷା ଶିକ୍ଷା ଦିଆଯାଉଛି। ଗୋବରଘାଟି, ନଡ଼ିଆଭଙ୍ଗା, ରଣାଗୁଣ୍ଡି ଓ ଶାଳିଜଙ୍ଗା ଭଳି ଅଞ୍ଚଳର ପ୍ରାୟ ୪, ୫୦୦ରୁ ଅଧିକ ଛାତ୍ରଛାତ୍ରୀ ଏହି ଶିକ୍ଷା କେନ୍ଦ୍ରଗୁଡ଼ିକରେ ନିଜ ମାତୃଭାଷାରେ ପଢ଼ିବା ଓ ଲେଖିବା ଶିଖୁଛନ୍ତି।

ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଟାଟା ଷ୍ଟିଲ୍ ଫାଉଣ୍ଡେସନ 'ହୋ ଆନସିଏଣ୍ଟ କଲଚର ଆଣ୍ଡ ସାଇନ୍ସ ୱେଲଫେୟାର ଫାଉଣ୍ଡେସନ' ଏବଂ 'ଆଦିବାସୀ ସୋସିଓ ଏଜୁକେସନାଲ ଆଣ୍ଡ କଲଚରାଲ ଆସୋସିଏସନ' ସହିତ ହାତ ମିଳାଇଛି। ତାଲିମପ୍ରାପ୍ତ ଶିକ୍ଷକମାନେ ପ୍ରତି ସପ୍ତାହରେ ତିନି ଦିନ କ୍ଲାସ କରୁଛନ୍ତି। ନିକଟରେ ଅଲ୍ ଇଣ୍ଡିଆ ସାନ୍ତାଳୀ ରାଇଟର୍ସ ଆସୋସିଏସନ୍ ଦ୍ୱାରା ଆୟୋଜିତ ୨୨ତମ ସାନ୍ତାଳୀ ପାର୍ସି ମହୋତ୍ସବରେ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଅଲଚିକି ଲିପିର ୧୦୦ ବର୍ଷ ପୂର୍ତ୍ତି ଅବସରରେ ଟାଟା ଷ୍ଟିଲ୍ ଫାଉଣ୍ଡେସନକୁ 'ଅଲଚିକି ଶତବାର୍ଷିକୀ ପୁରସ୍କାର' ପ୍ରଦାନ କରିଛନ୍ତି। କେବଳ ଭାଷା ନୁହେଁ, ବରଂ ଜନଜାତି ଖାଦ୍ୟ, ପାରମ୍ପରିକ ନୃତ୍ୟ-ଗୀତ ଏବଂ ପାରମ୍ପରିକ ଖେଳକୁ ବଞ୍ଚାଇ ରଖିବା ପାଇଁ ମଧ୍ୟ ଏହି କେନ୍ଦ୍ରଗୁଡ଼ିକରେ ପ୍ରୟାସ କରାଯାଉଛି। ଛାତ୍ରଛାତ୍ରୀଙ୍କ ସୃଜନଶୀଳତାକୁ ପ୍ରୋତ୍ସାହିତ କରିବା ପାଇଁ ନିୟମିତ ପତ୍ରିକା ପ୍ରକାଶ କରାଯାଉଛି। ଏହା ସହ ଗୁରୁ କୋଲ୍ ଲାକୋ ବୋଦ୍ରା ଏବଂ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଭଳି ମହାନ ବ୍ୟକ୍ତିତ୍ୱଙ୍କ ସ୍ମୃତିରେ ବିଭିନ୍ନ ପ୍ରତିଯୋଗିତାମାନ ମଧ୍ୟ ଆୟୋଜନ କରାଯାଉଛି। ଟାଟା ଷ୍ଟିଲ୍ ଫାଉଣ୍ଡେସନର ଜନଜାତି ସଂସ୍କୃତି ବିଭାଗ ମୁଖ୍ୟ ଜିରେନ ଜାଭିୟର ଟପ୍ନୋ କହିଛନ୍ତି, 'ନିଜ ପୂର୍ବପୁରୁଷଙ୍କ ଭାଷା ଶିଖିବା ଅର୍ଥ ହେଉଛି ନିଜର ଜ୍ଞାନ ଓ ପରିଚୟକୁ ସୁରକ୍ଷିତ ରଖିବା। ୱାରାଙ୍ଗ ଚିଟି ଶିକ୍ଷୟିତ୍ରୀ ପ୍ରିୟା ହାଇବ୍ରୁଙ୍କ କହିବା ଅନୁଯାୟୀ, 'ୱାରାଙ୍ଗ ଚିଟି ଭାଷା ଶିକ୍ଷା କାର୍ଯ୍ୟକ୍ରମ ଦ୍ୱାରା ଗ୍ରାମର ଆଦିବାସୀ ଲୋକମାନେ ନିଜର ଭାଷା ଓ ଲିପି ବିଷୟରେ ଜାଣିବା ସହ ବହୁତ ଉପକୃତ ହେଉଛନ୍ତି। ଟାଟା ଷ୍ଟିଲ୍ ଫାଉଣ୍ଡେସନର ସହାୟତାରେ କଳିଙ୍ଗନଗରର ପ୍ରତ୍ୟେକ ଆଦିବାସୀ ଗ୍ରାମରେ ଆଜି ୱାରାଙ୍ଗ ଚିଟି କ୍ଲାସ ଚାଲିବା ଏକ ଗର୍ବର ବିଷୟ ବୋଲି ମତ ପ୍ରକାଶ ପାଇଛି।

# କାଳିଆପାଣି ଖଣିରେ ଅଗ୍ନିକାଣ୍ଡ

**କାଳିଆପାଣି, ୨୭।୨(ସମିସ):** ସୁକିନ୍ଦା ବ୍ଲକ ଅନ୍ତର୍ଗତ କାଳିଆପାଣି ଖଣି ଅଞ୍ଚଳରେ ଶୁକ୍ରବାର ସକାଳେ ଏକ ବଡ଼ ଦୁର୍ଘଟଣା ଘଟିବାରୁ ଅଳ୍ପରେ ଭୟାବହ ପରିସ୍ଥିତି ଟଳିଯାଇଛି। ସୂଚନା ଅନୁସାରେ, ଇମ୍ପା ଖଣି ଅଧୀନରେ ମାଇନିଂ ଅପରେସନ କାମ କରୁଥିବା ମାହେଶ୍ୱରୀ ପ୍ରାଇଭେଟ କମ୍ପାନୀର ଏକ ଏଲ୍‌ପିଡିଟି ଗାଡ଼ିରେ ହଠାତ୍ ନିଆଁ ଲାଗିଯାଇଥିଲା। ଗାଡ଼ିଟି ମହାଗିରି ଭୁତଳ ଖଣି ଭିତରେ କାର୍ଯ୍ୟରତ ଥିବାବେଳେ ଏହି ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। ଅଗ୍ନିକାଣ୍ଡ ଘଟିବା ସହିତ ଖଣି ଭିତରେ ଘନ ଧୂଆଁ ଛାଇଯାଇଥିଲା। ସେତେବେଳେ ଖଣି ଭିତରେ ପ୍ରାୟ ୨୦୦ରୁ ଅଧିକ ଶ୍ରମିକ କାମ କରୁଥିଲେ। ପରିସ୍ଥିତି ଗୁରୁତର ହେବାରୁ ତୁରନ୍ତ ସାଇରେନ୍ ବାଜାଇ ଆପତ୍କାଳୀନ ସଚେତନତା ଜାରି କରାଯାଇଥିଲା। ପରେ ଶ୍ରମିକମାନଙ୍କୁ ଲିଫ୍ଟ ଓ ଅନ୍ୟାନ୍ୟ ଆପତ୍ତକାଳୀନ ବ୍ୟବସ୍ଥା ମାଧ୍ୟମରେ ଭୁତଳ ଖଣିରୁ ସୁରକ୍ଷିତ ଭାବେ ବାହାରକୁ ଆଣାଯାଇଥିଲା। ଭାଗ୍ୟକ୍ରମେ ଏହି ଘଟଣାରେ କୌଣସି ପ୍ରାଣହାନି ଘଟିନଥିବା ବେଳେ କିଛି ସମୟ ପାଇଁ ଖଣି ଅଞ୍ଚଳରେ ଭୟ ଓ ଅସ୍ଥିରତାର ପରିସ୍ଥିତି ସୃଷ୍ଟି ହୋଇଥିଲା।

## ହୋଟେଲ ଆସୋସିଏସନ୍‌ରେ ଫାଟ

# ରାଉରକେଲା ହୋଟେଲିୟର୍ସ ଆସୋସିଏସନ୍ ଗଠିତ

ରାଉରକେଲା, ୨୭।୨(ସମିସ)



ରାଉରକେଲା ହୋଟେଲ ଆସୋସିଏସନ୍‌ରେ ରାଜନୀତି ଅନୁପ୍ରବେଶ କରିବା ସହ ଏବେ ଏହା ଦୁଇଫାଳ ହୋଇଯାଇଛି। ଫଳରେ ରାଉରକେଲା ହୋଟେଲିୟର୍ସ ଆସୋସିଏସନ(ଏଚ୍‌ଏଆର) ନାମରେ ଏକ ନୂତନ ହୋଟେଲ ଆସୋସିଏସନ ଗଠିତ ହୋଇଛି। ଆଜି ସ୍ଥାନୀୟ ସିଭିଲ ଟାଉନସିପ୍ ସ୍ଥିତ ହୋଟେଲ ସୋଲେସ୍ ଠାରେ ନୂତନ ଭାବରେ ଗଠିତ ହୋଇଥିବା ହୋଟେଲିୟର୍ସ ଆସୋସିଏସନ, ରାଉରକେଲା ପକ୍ଷରୁ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଆବାହକ ଶ୍ରୀ ମହାନ୍ତି କହିଲେ ପୂର୍ବରୁ କାର୍ଯ୍ୟ କରୁଥିବା ରାଉରକେଲା ହୋଟେଲ ଆଣ୍ଡ ରେଷ୍ଟୁରାଣ୍ଟ ଆସୋସିଏସନରେ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିଙ୍କ ସ୍ୱେଚ୍ଛାଚାରିତା ଯୋଗୁଁ ସଦସ୍ୟମାନେ ଅତିଷ୍ଠ ହୋଇ ପଡ଼ିଥିଲେ। ହୋଟେଲ ମାଲିକଙ୍କ ରହିଥିବା ବିବିଧ ସମସ୍ୟାର ସମାଧାନ କରିବା ପରିବର୍ତ୍ତେ କେବଳ ପଦ ପଦବୀ ମାଡ଼ି ବସି ନିଜର ପତିଆରା ବୃଦ୍ଧି କରିବାରେ ବ୍ୟସ୍ତ ରହୁଥିଲେ। ଯାହାକୁ ଆସୋସିଏସନର ସଦସ୍ୟମାନେ ପ୍ରତିବାଦ କରିଥିଲେ। ଫଳରେ ସୁନ୍ଦରଗଡ଼ ଜିଲ୍ଲାର ହୋଟେଲ ବ୍ୟବସାୟୀ ଏବଂ ରେଷ୍ଟୁରାଣ୍ଟ ମାଲିକମାନଙ୍କ ବୃହତ ସ୍ୱାର୍ଥପାଇଁ ଗତ ଫେବୃୟାରୀ ୧୮ ତାରିଖରେ ଏହି ନୂତନ ଆସୋସିଏସନ୍ ହୋଟେଲିୟର୍ସ ଆସୋସିଏସନ, ରାଉରକେଲା ଜନ୍ମ ଲାଭ କରିଛି। ଏହି ନୂତନ ଆସୋସିଏସନ୍‌ର ସଭାପତି ଭାବେ ଗିରିଜା ଶଙ୍କର ଦ୍ୱିବେଦୀଙ୍କୁ ୨୦୨୬-୨୭ ବର୍ଷ ପାଇଁ ମନୋନୀତ କରାଯାଇ ମାର୍ଚ୍ଚ ମାସ ଶେଷ ସୁଦ୍ଧା ନୂତନ କମିଟି ଗଠନ କରିବା ପାଇଁ ଦାୟିତ୍ୱ ଦିଆଯାଇଛି ବୋଲି ଶୈଳେନ୍ଦ୍ର ମହାନ୍ତି କହିଥିଲେ। ନବ ନିର୍ବାଚିତ ସଭାପତି ଶ୍ରୀ ଦ୍ୱିବେଦୀ କହିଲେ ରାଉରକେଲା ହୋଟେଲ ଆଣ୍ଡ ରେଷ୍ଟୁରାଣ୍ଟ ଆସୋସିଏସନର ବର୍ତ୍ତମାନର ସଭାପତି ଯିଏକି ୨ ବର୍ଷ ପାଇଁ ନିର୍ବାଚିତ ହୋଇଥିଲେ, ସେ ପ୍ରକୃତରେ ୨୦୨୪ ଜାନୁଆରୀ ୩୧ ତାରିଖରେ ଅନୁଷ୍ଠିତ ନିର୍ବାଚନରେ, କେବଳ ୧ ବର୍ଷ ପାଇଁ ନିର୍ବାଚିତ

### ଉତ୍କଳ ଦିବସରୁ ବିଧିବଦ୍ଧ ଘୋଷଣା

ହୋଇଥିଲେ ଏବଂ ପରବର୍ତ୍ତୀ ସମୟରେ ସେହି ଦିନ ନିର୍ବାଚିତ ସଭାପତିଙ୍କୁ ହାତ ଉଠାଇ ଆଉ ଏକ ବର୍ଷ ପାଇଁ ନିଶ୍ଚିତ କରିବାକୁ ସଦସ୍ୟମାନଙ୍କ ସମ୍ମୁଖରେ କହିଥିଲେ। ତଦନୁସାରେ ସେ ୨୦୨୪ରୁ ୨୦୨୬ ପର୍ଯ୍ୟନ୍ତ ନିଜର କାର୍ଯ୍ୟକାଳ ଶେଷ ପର୍ଯ୍ୟନ୍ତ ରହିଛନ୍ତି, ଯାହା ସମ୍ପୂର୍ଣ୍ଣ ବେଆଇନ ବୋଲି। ବେଦବ୍ୟାସର ହୋଟେଲ ପାହାଡ଼ିରେ ୨୦୨୫ ଏପ୍ରିଲ ୧୧ ତାରିଖରେ ଅନୁଷ୍ଠିତ ସାଧାରଣ ସଭା ବୈଠକରେ ଏକ ପ୍ରସ୍ତାବ ଗୃହୀତ ହୋଇ ଶୈଳେନ୍ଦ୍ର ମହାନ୍ତିଙ୍କୁ ଜଳ ଯୋଗାଣ ପ୍ରସଙ୍ଗକୁ ଉଚ୍ଚ ନ୍ୟାୟାଳୟକୁ ନେବା ପାଇଁ ଦାୟିତ୍ୱ ଦିଆଯାଇଥିଲା, ତାହାକୁ କାର୍ଯ୍ୟନିର୍ବାହୀ ବୈଠକରେ ପ୍ରତ୍ୟାହାର କରାଯାଇଥିଲା, ଯାହା ଉପ-ଆଇନ ବିରୁଦ୍ଧ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଥିଲା। ଏଠାରେ ସୂଚନାଯୋଗ୍ୟ ଯେ ୨୨-୫-୨୦୨୫ରେ କୌଣସି ସାଧାରଣ ପରିଷଦ ବୈଠକ ହୋଇନାହିଁ ଏବଂ ଉପ-ଆଇନରେ କୌଣସି ସଂଶୋଧନ ଉପରେ ଆଲୋଚନା କିମ୍ବା ଅନୁମୋଦନ କରିବା ପାଇଁ କୌଣସି ସାଧାରଣ ପରିଷଦ ବୈଠକ ଡକାଯାଇନାହିଁ ବୋଲି ହୋଟେଲିୟର୍ସ ଆସୋସିଏସନ ପକ୍ଷରୁ ପ୍ରକାଶ କରାଯାଇଥିଲା। ଏହି ଘଟଣାଗୁଡ଼ିକ ସ୍ୱଚ୍ଛ ଓ ମୁକ୍ତ ନିରପେକ୍ଷ ନିର୍ବାଚନ ପରିଚାଳନାକୁ ନେଇ ସଦସ୍ୟମାନଙ୍କ ମଧ୍ୟରେ ଗମ୍ଭୀର ଚିନ୍ତା ସୃଷ୍ଟି କରିଛି ବୋଲି ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରାଯାଇଛି। ଏହି ଅବସରରେ ପୂର୍ବତନ ଚାମ୍ବର ଅଫ୍ କମର୍ସ ସଭାପତି ସୁବ୍ରତ ପଟ୍ଟନାୟକ କହିଲେ ବିଶୃଙ୍ଖଳା ଆଚରଣ କରିଥିବା ବ୍ୟକ୍ତିବିଶେଷଙ୍କୁ ଆସୋସିଏସନରୁ ବହିଷ୍କାର କରି ପୂର୍ବ ଆସୋସିଏସନକୁ ଭଲ କରି କାର୍ଯ୍ୟକ୍ଷମ କରିବା ପାଇଁ ନୂତନ ଆସୋସିଏସନର ସଭାପତିଙ୍କୁ ଅନୁରୋଧ କରିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ହୋଟେଲିୟର୍ସ ଆସୋସିଏସନ ପ୍ରକାଶ ସେନାପତି, ବିଜୟ ପ୍ରସାଦ(ପପୁ), କସର ଜମିରଙ୍କ ସମେତ ଚ୍ୟାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିର ସଭାପତି ମଳୟ ମଣ୍ଡଳ, ଚ୍ୟାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିର ପୂର୍ବତନ ସଭାପତି ସୁନୀଲ କାୟଲ ପ୍ରମୁଖ ଉପସ୍ଥିତ ଥିଲେ।

## ଜଙ୍ଗଲ ନିଆଁ ନିରାକରଣ ପାଇଁ ଜନସାଧାରଣ ସଚେତନ ହେବା ଜରୁରୀ



ବଣାଇ, ୨୭।୨(ସମିସ): ଗ୍ରୀଷ୍ମ ଋତୁରେ ବୃଦ୍ଧି ପାଉଥିବା ତାପମାତ୍ରା ଓ ଜଙ୍ଗଲ ନିଆଁର ଭୟାବହତାକୁ ଦୃଷ୍ଟିରେ ରଖି ବଣାଇ ବନଖଣ୍ଡ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଏନେଇ ଶୁକ୍ରବାର ଅପରାହ୍ନରେ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ର ଜଙ୍ଗଲ ସୁରକ୍ଷା ଓ ଅଗ୍ନି ନିବାରଣ ପାଇଁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ଜଙ୍ଗଲ ନିଆଁ କେବଳ ପ୍ରାକୃତିକ ସମ୍ପଦ ନଷ୍ଟ କରେ ନାହିଁ, ବରଂ ବନ୍ୟଜନ୍ତୁଙ୍କ ଜୀବନ ବିପନ୍ନ କରିବା ସହ ବାୟୁ ପ୍ରଦୂଷଣ ଓ ଜନବସତି ପାଇଁ ବିପଦ ସୃଷ୍ଟି କରିଥାଏ। ତେଣୁ ଏହାର ପ୍ରତିକାର ନିମନ୍ତେ ଜନସାଧାରଣଙ୍କ ସହଯୋଗ କାମନା କରାଯାଇଛି। ସମସ୍ତ ସାତଟି ରେଞ୍ଜରେ ମାନବଶକ୍ତି, ଉପକରଣ ଏବଂ ପ୍ରଯୁକ୍ତିବିଦ୍ୟା ସମନ୍ୱୟ ସମ୍ପର୍କରେ ବଣାଇ ବଣଖଣ୍ଡ ସମ୍ପୂର୍ଣ୍ଣ ପ୍ରସ୍ତୁତିକୁ ନିଶ୍ଚିତ କରିଛି। ବଣାଇ ବନଖଣ୍ଡ ଦ୍ୱାରା ଏହି ବର୍ଷପାଇଁ ବନାଗ୍ନି ନିବାରଣ ତିଭିଜନ୍, ବ୍ୟାପକ ଅଗ୍ନିରୋଧକ ରେଖା: ସଂରକ୍ଷିତ ଜଙ୍ଗଲ ଏବଂ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ ରେ ୧୩୧୪.୫କିଲୋମିଟର ଅଗ୍ନିରୋଧକ ରେଖା ସୃଷ୍ଟି ଓ ତାର ରକ୍ଷଣାବେକ୍ଷଣ କରାଯାଇଛି। ଚାରାରୋପଣ ଅଞ୍ଚଳ ଏବଂ ରୋପିତ ଚାରାଗୁଡ଼ିକୁ ସୁରକ୍ଷା ଦେବାପାଇଁ ଅତିରିକ୍ତ ଅଗ୍ନିରୋଧକ ରେଖା ସୃଷ୍ଟି କରାଯାଇଛି। ଗତତିନି ବର୍ଷର ତଥ୍ୟ ବିଶ୍ଳେଷଣ ଅନୁଯାୟୀ ୧୦୫ ଟି ଗୁରୁତର ଏବଂ ଅତି ଗୁରୁତର ବନାଗ୍ନିପ୍ରବଣ ଗ୍ରାମ ଚିହ୍ନଟ କରାଯାଇଛି ଏବଂ ଏହି ବନାଗ୍ନି ଋତୁରେ ଜଙ୍ଗଲ ନିଆଁକୁ ହ୍ରାସ କରିବା ପାଇଁ ପରବର୍ତ୍ତୀ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରାଯାଇଛି। ପଞ୍ଚାୟତସ୍ତରରେ ୫ଟି ସଚେତନତା ବୈଠକ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଏସିଏଫ୍ ଦୁର୍ଯ୍ୟୋଧନ ଦେହୁରୀଙ୍କ ସମେତ ବଣାଇ, କୁଳିପୋଷ, କୋଇଡ଼ା, ସୋଲ ରେଞ୍ଜର ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ସୁନ୍ଦରଗଡ଼ରେ ମାଟ୍ରିକ ପରୀକ୍ଷା

# ଏସ୍ଏସ୍‌ସି ପରୀକ୍ଷାରେ ୩୧୨୫ ପରୀକ୍ଷାର୍ଥୀ ଅନୁପସ୍ଥିତ

ରାଉରକେଲା, ୨୭।୨(ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ହାଇସ୍କୁଲ ସାର୍ଟିଫିକେଟ୍(ମାଟ୍ରିକ) ପରୀକ୍ଷାର ଆଜି ଅନୁଷ୍ଠିତ ଏସଏସସି ପରୀକ୍ଷାରେ ସୁନ୍ଦରଗଡ଼ ଜିଲ୍ଲାରେ ୩୧୨୫ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ଜଣାପଡ଼ିଛି। ସୁନ୍ଦରଗଡ଼ ଜିଲ୍ଲାରେ ମୋଟ୍ ୨୪୦୦୭ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୩୬୭୦ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ଫଳରେ ଆଜି ୩୧୨୫ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ସୂଚନା ମିଳିଛି। ସେହିପରି ମଧ୍ୟମା ପରୀକ୍ଷାରେ ମୋଟ ୨୨ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଶତପ୍ରତିଶତ ପରୀକ୍ଷାର୍ଥୀ ଉପସ୍ଥିତ ଥିଲେ। ଏସ୍ଓଏସ୍‌ସି ପରୀକ୍ଷାରେ ମୋଟ୍ ୬୮୩ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୪୫୮ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବାବେଳେ ୨୨୫ ଜଣ ଅନୁପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ଆଜି ଜିଲ୍ଲା ସ୍କ୍ୱାଡ୍ ଟିମ୍ ୧୫ଟି ପରୀକ୍ଷା କେନ୍ଦ୍ରରେ ପହଞ୍ଚି ଅଚାନକ କପି ଯାଞ୍ଚ କରିଥିଲା ବେଳେ ଡିଇଓ ସ୍କ୍ୱାର୍ଡ ୩ଟି ପରୀକ୍ଷା କେନ୍ଦ୍ର ଏବଂ ଏଡିଇଓ ୫ଟି ପରୀକ୍ଷା କେନ୍ଦ୍ର ବୁଲି ଅଚାନକ ପରିଦର୍ଶନ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ ସୁନ୍ଦରଗଡ଼ ଜିଲ୍ଲାର ମୋଟ ୧୨୭ଟି ପରୀକ୍ଷା କେନ୍ଦ୍ରରେ ଜିଲ୍ଲାର ୪୭୨ଟି ସ୍କୁଲର ମୋଟ ୨୪, ୦୦୫ ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେବା ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ଯେଉଁଥିରେ ସେମାନଙ୍କ ମଧ୍ୟରେ ୨୩, ୮୩୯ ଜଣ ରେଗୁଲାର ଏବଂ ୬୬ ଜଣ ଏକ୍ସ ରେଗୁଲାର ପରୀକ୍ଷାର୍ଥୀ ରହିଛନ୍ତି। ଏତଦବ୍ୟତୀତ ମଧ୍ୟମା ପରୀକ୍ଷା ପାଇଁ ଜିଲ୍ଲାରେ ଗୋଟିଏ ଏବଂ ଏସଓଏସ୍‌ସି ପରୀକ୍ଷାର୍ଥୀ ପାଇଁ ୪ଟି ପରୀକ୍ଷା କେନ୍ଦ୍ର ଖୋଲାଯାଇଛି।

# ଆଇଏନ୍ଏସ୍ ଅଞ୍ଜଦୀପ-ଭାରତୀୟ ନୌସେନାରେ ସାମିଲ



ରାଉରକେଲା, ୨୭।୨(ସମିସ): ସର୍ବବୃହତ ଇସ୍ପାତ ନିର୍ମାଣକାରୀ ରାଷ୍ଟ୍ରାୟତ ଉଦ୍ୟୋଗ ଏବଂ ମହାରତ୍ନ କମ୍ପାନୀ, ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ) ଗାର୍ଡେନ ରିଚ୍ ସିପ ବିଲ୍ଡର୍ସ ଆଣ୍ଡ ଇଞ୍ଜିନିୟର୍ସ ଲିମିଟେଡ୍ (ଜିଆରଏସଇ) ଦ୍ୱାରା ନିର୍ମିତ ଆଇଏନ୍ଏସ୍ ଅଞ୍ଜଦୀପ ପାଇଁ ଆବଶ୍ୟକ ଅନୁଯାୟୀ ସ୍ୱତନ୍ତ୍ର ଇସ୍ପାତ ଯୋଗାଇଛି। ଗତବର୍ଷ ନିର୍ମିତ ହୋଇଥିବା ଆଇଏନଏସ ଅର୍ନାଲା ଏବଂ ଆଇଏନଏସ ଆଣ୍ଡ୍ରୋଥ୍ ପରେ ଆଇଏନ୍ଏସ୍ ଅଞ୍ଜଦୀପ ଭାରତୀୟ ନୌସେନାରେ ତୃତୀୟ ଆଣ୍ଟି-ସବମେରିନ୍ ୱର୍ଫେୟାର ଶାଲୋ ୱାଟର କ୍ରାଫ୍ଟ (ଏଏସଡବ୍ଲ୍ୟୁ-ଏସ୍‌ଡବ୍ଲ୍ୟୁସି) କର୍ଭେଟ୍ ଅଟେ। ନୌସେନାର ପୁରାତନ ଅଭୟ-ଶ୍ରେଣୀ ଜାହାଜକୁ ବଦଳାଇବା ପାଇଁ ଏଏସଡବ୍ଲ୍ୟୁ - ଏସ୍‌ଡବ୍ଲ୍ୟୁସି କର୍ଭେଟ୍ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ହୋଇଛି। ଏହି ରଣନୈତିକ ପ୍ରୟାସରେ ଯୋଗଦାନ ପୂର୍ବକ ସେଲ (ଜିଆରଏସଇ) ଦ୍ୱାରା ନିର୍ମିତ ଆଠଟି ଏଏସଡବ୍ଲ୍ୟୁ - ଏସ୍‌ଡବ୍ଲ୍ୟୁସି କର୍ଭେଟ୍ ପାଇଁ ପ୍ରାୟ ୩, ୫୦୦ ଟନ୍ ସ୍ୱତନ୍ତ୍ର ମାନର ଇସ୍ପାତ ଯୋଗାଇଛି। ଏହି ଇସ୍ପାତ ସେଲର ବୋକାରୋ, ଭିଲାଇ ଏବଂ ରାଉରକେଲାର ସମନ୍ୱିତ ଇସ୍ପାତ କାରଖାନାରୁ ସଂଗ୍ରହ କରାଯାଇଥିଲା, ଯାହା ଭାରତର ଘରୋଇ ଯୋଗାଣ ଶୃଙ୍ଖଳର ଶକ୍ତିକୁ ଦର୍ଶାଇଛି। ଏହି ମାଇଲଖୁଣ୍ଟ ପ୍ରତିରକ୍ଷା ନିମନ୍ତେ ଉତ୍ପାଦନ ଦିଗରେ ଭାରତର ଆତ୍ମନିର୍ଭରଶୀଳତାକୁ ଆଉ ପାଦେ ଆଗକୁ ଅଗ୍ରସର ହେବା ସହିତ ଆମଦାନୀ ନିର୍ଭରଶୀଳତା ହ୍ରାସ କରିବା ତଥା ଆତ୍ମନିର୍ଭର ଭାରତର ଦୃଷ୍ଟିକୋଣକୁ ସୁଦୃଢ଼ କରି ସେଲର ପ୍ରତିବଦ୍ଧତାକୁ ପ୍ରତିପାଦିତ କରିଛି। ବର୍ଷବର୍ଷ ଧରି, ସେଲ ନିଜକୁ ପ୍ରତିରକ୍ଷା କ୍ଷେତ୍ରର ଅତ୍ୟାବଶ୍ୟକୀୟ ସ୍ୱତନ୍ତ୍ର-ଗ୍ରେଡ୍ ଇସ୍ପାତ ପାଇଁ ଦେଶର ଆବଶ୍ୟକତାକୁ ନିରନ୍ତର ପୂରଣ କରି ଆସୁଅଛି। ସେଲ ଆଇଏନ୍ଏସ୍ ବିକ୍ରାନ୍ତ, ଆଇଏନ୍ଏସ୍ ଉଦୟଗିରି, ଆଇଏନ୍ଏସ୍ ନୀଳଗିରି, ଆଇଏନ୍ଏସ୍ ସୁରତ ଭଳି ବହୁ ଐତିହାସିକ ପ୍ରକଳ୍ପଗୁଡ଼ିକ ପାଇଁ ସ୍ୱତନ୍ତ୍ରମାନର ଇସ୍ପାତ ଯୋଗାଣ କରିଛି।

# ମହିଳାଙ୍କ ଗଳାକାଟି ହତ୍ୟା

କୁତ୍ରା, ୨୭।୨(ସମିସ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ଥାନା ଅଧୀନ କିରିଙ୍ଗସିରା ପଞ୍ଚାୟତର ଝିରପାଣି ଗ୍ରାମରେ ଜଣେ ମହିଳାଙ୍କୁ ଗଳାକାଟି ହତ୍ୟା କରାଯାଇଛି। ମୃତ ମହିଳା ଜଣେ ଗ୍ରାମର ସରୋଜିନୀ ଏକ୍କା (୪୨)। ସୂଚନା ଅନୁସାରେ, ଘଟଣାଟି ଆଜି ଅପରାହ୍ନ ପ୍ରାୟ ୨ ଟା ସମୟରେ ଘଟିଥିବା ଅନୁମାନ କରାଯାଉଛି। ସରୋଜିନୀ ଏକ୍କା ଗ୍ରାମର ଲେଟ୍ ବିଲିଆମ ଏକ୍କାଙ୍କ ବିଧବା ସ୍ତ୍ରୀ ଥିଲେ। ତାଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ଅଛନ୍ତି। ଝିଅ ସମ୍ବଲପୁରଠାରେ ରହିଛନ୍ତି। ପୁଅ ମାଟ୍ରିକ ପରୀକ୍ଷା ଦେଇ ଫେରିବା ପରେ ମାଆଙ୍କୁ ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବା ଦେଖିଥିଲା। ପରେ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି କୁତ୍ରା ପୁଲିସକୁ ସୂଚନା ଦେଇଥିଲେ। ଖବରପାଇ କୁତ୍ରା ପୁଲିସ ତୁରନ୍ତ ଘଟଣାସ୍ଥଳକୁ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୁଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପୁଲିସ ପକ୍ଷରୁ କୁହାଯାଇଛି ଯେ ଘଟଣାର ସମସ୍ତ ପ୍ରାରୂପ ତଦନ୍ତ କରାଯାଉଛି ଓ ଦୋଷୀଙ୍କୁ ଶୀଘ୍ର ଗିରଫ କରାଯିବ। ଗ୍ରାମବାସୀ ଘଟଣାର ଶୀଘ୍ର ସମାଧାନ ଓ ଦୋଷୀଙ୍କ ଗିରଫ ଦାବି କରିଛନ୍ତି।

## 'ସରସ ସ୍ୱଦେଶୀ ମେଳା'

# ସ୍ୱଦେଶୀ ଆପଣେଇବାକୁ ଆହ୍ୱାନ

ରାଉରକେଲା, ୨୭।୨(ସମିସ): ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ ଏବଂ ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନରେ ଥିବା ଓରମାସର ମିଳିତ ଆନୁକୂଲ୍ୟରେ ସରସ ସ୍ୱଦେଶୀ ମେଳା ଆଜି ସେକ୍ଟର-୩ ଆରମ୍ଭ ହୋଇଯାଇଛି। ଏହା ମାର୍ଚ୍ଚ ୯ ତାରିଖ ଯାଏ ଚାଲିବ। ସ୍ୱାଗତ ଅଭିଭାଷଣ ରେ କହିଥିଲେ ସହରବାସୀ ଏହି ମେଳାର ସୁଯୋଗ ନିଶ୍ଚୟ ନେବେ। ସ୍ୱଦେଶୀ ଗ୍ରହଣ କରିବା ଓ ଆତ୍ମନିର୍ଭର ଦେଶ ଗଠନ କରିବା ସହାୟକ କରିବା ପାଇଁ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ସ୍ୱଦେଶ ଜାଗରଣ ମଞ୍ଚର ରାଜ୍ୟ ଆବାହକ ରମାକାନ୍ତ ପାତ୍ର, ସୁନ୍ଦରଗଡ଼ ଜିଲ୍ଲାପାଳ



ବିଧାନସଭାର ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ ସ୍ୱଦେଶୀ କେବଳ ଆନ୍ଦୋଳନ ନୁହେଁ ଏକ ଅଭ୍ୟାସ। ସ୍ୱଦେଶୀ ଜିନିଷ କିଣିବା ବ୍ୟବହାର କରିବା ଦ୍ୱାରା ଗାଁର ଲୋକଙ୍କର ରୋଜଗାର ବଢ଼ିବ। କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ ଉଦ୍‌ବୋଧନ ମାଧ୍ୟମରେ ଯୋଗଦାନ କରି ସରସ ସ୍ୱଦେଶୀ ମେଳାର ସଫଳତା କାମନା ଓ ଶୁଭେଚ୍ଛା ଜଣାଇଥିଲେ। ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତାନ୍ତି, ଶୁଭଙ୍କର ମହାପାତ୍ର, ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ କମିଶନର ଦୀନା ଦସ୍ତଗିର, ଆଇଏସ ଶିକ୍ଷାନବୀଶ ଫାବି ରସିଦ ଉପସ୍ଥିତ ଥିଲେ। ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ସୁରଞ୍ଜନ ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ପାନପୋଷ ଉପ ଜିଲ୍ଲାପାଳ ବିଜୟ ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ମେଳାରେ ଓଡ଼ିଶାର ୧୭୭ ଟି ଷ୍ଟଲ ଓ ଅନ୍ୟାନ୍ୟ ରାଜ୍ୟର ୪୮ ସ୍ୱଦେଶୀ ଜାଗରଣ ମଞ୍ଚର ୧୫୦ ଷ୍ଟଲ ଲାଗିଥିବା ଜଣାପଡ଼ିଛି।

## ନାରାୟଣପୋଷି ପ୍ରିମିୟର ଲିଗ୍

# ଏଚ୍ଇଏମଏମ୍ ୱାରିୟର୍ସ ଚାମ୍ପିୟନ୍



କୋଇଡ଼ା, ୨୭।୨(ସମିସ): କୋଇଡ଼ା ଖଣିମଣ୍ଡଳ ନାରାୟଣପୋଷ ଖଣି ଠାରେ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍ ଲିମିଟେଡ୍ ପକ୍ଷରୁ ଦ୍ୱିତୀୟ ନାରାୟଣପୋଷି ପ୍ରିମିୟର ଲିଗ୍ ୨୦୨୬ ଅନୁଷ୍ଠିତ ହୋଇଛି। ତିନିଦିନ ଧରି ଚାଲିଥିବା ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ମୋଟ୍ ଆଭ୍ୟନ୍ତରୀଣ ଖଣି ପ୍ରବନ୍ଧକ ମଧ୍ୟରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଏହାର ଫାଇନାଲ ମୁକାବିଲା ଏଚ୍ଇଏମଏମ୍ ୱାରିୟର୍ସ ବନାମ ଆଡମିନ୍ ଇମେରିଲ୍ଡ୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରୋମାଞ୍ଚକର ମୁକାବିଲା ଯେଉଁଥିରେ ଏଚ୍ଇଏମଏମ୍ ୱାରିୟର୍ସ ୭ ୱିକେଟ୍‌ରେ ମ୍ୟାଚ୍‌କୁ ଜିତି ଚଳିତବର୍ଷ ଚାମ୍ପିଅନ୍ ହୋଇଛି। ସେହିପରି ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ସୈୟଦ ଆସିଫ ଓ ମ୍ୟାନ ଅଫ୍ ଦି ମ୍ୟାଚ୍ ଏସ୍‌କେ ସୋହେଲଙ୍କୁ ଟ୍ରଫି ସହ ଉପହାର ପ୍ରଦାନ କରାଯାଇଥିଲା। ଖଣି ମଧ୍ୟରେ କାର୍ଯ୍ୟରତ କର୍ମଚାରୀଙ୍କ ମଧ୍ୟରେ ଭାଇଚାରା ମନୋଭାବ ଓ ଖୁସିର ପରିବେଶ ସୃଷ୍ଟି କରିବା ପାଇଁ ଏ ପ୍ରୟାସ ନିରନ୍ତର କ୍ରମାଗତ ଭାବେ ଆୟୋଜିତ ହେଉଥିବା ସୂଚନା ମିଳିଛି। ଟୁର୍ଣ୍ଣାମେଣ୍ଟର ମୁଖ୍ୟ ଆକର୍ଷଣ ଥିଲା ଯେ ସମସ୍ତ ମ୍ୟାଚ୍ ରେ ଗୋଟିଏ ଓଭର ଜଣେ ମହିଳାଙ୍କ ପକ୍ଷରୁ କରାଯାଇଥିଲା ଯାହା ମ୍ୟାଜିକ୍ ଓଭର ଭାବେ ନାମିତ ରହିଥିଲା, କିନ୍ତୁ ମହିଳାମାନେ ମଧ୍ୟ ଦୁଇ ୱିକେଟ୍ ନେବାରେ ସଫଳ ହୋଇଥିଲେ।

# ରାଇଜିଂ କ୍ଲବ୍ ପକ୍ଷରୁ ଭଲିବଲ୍ ଟୁର୍ଣ୍ଣାମେଣ୍ଟ

ରାଉରକେଲା, ୨୭।୨(ସମିସ): ରାଇଜିଂ କ୍ଲବ୍, ରାଉରକେଲା ପକ୍ଷରୁ ସର୍ବଭାରତୀୟ ରାଇଜିଂ କପ୍ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବ। ଏନେଇ ରାଇଜିଂ କ୍ଲବ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ୨୮ ତାରିଖରେ ଆରମ୍ଭ ହୋଇ ମାର୍ଚ୍ଚ ୧ ତାରିଖରେ ଉଦ୍‌ଯାପିତ ହେବ। ଏହି ଦୁଇ ଦିନିଆ ଲିଗ୍ ଭିତ୍ତିକ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ସମେତ ହରିୟାନା, ଜବଲପୁର ରେଳବାଇ (ମଧ୍ୟପ୍ରଦେଶ), ନାଗପୁର (ମହାରାଷ୍ଟ୍ର),



ରାଇଜିଂ କ୍ଲବର ସାଂଗଠନିକ ସମ୍ପାଦକ ଶିଶିର ସାହୁ ସୂଚନା ଦେଇ କହିଛନ୍ତି ସେକ୍ଟର-୨୦ ରାଇଜିଂ ପଡ଼ିଆରେ ଅନୁଷ୍ଠିତ ହେବାକୁଥିବା '୮ମ ସର୍ବଭାରତୀୟ ରାଇଜିଂ କପ୍ ଭଲିବଲ୍ ଟୁର୍ଣ୍ଣାମେଣ୍ଟ-୨୦୨୬' ଆସନ୍ତା ଉତ୍ତର ପ୍ରଦେଶ, ଦିଲ୍ଲୀ ଆଦି ସ୍ଥାନରୁ ପ୍ରମୁଖ ଦଳ ଅଂଶଗ୍ରହଣ କରିବେ। ସେହିପରି ଚାମ୍ପିଅନ ଓ ରନର୍ସଅପ୍ ଦଳ ତଥା ତୃତୀୟ ସ୍ଥାନ ହାସଲ କରିଥିବା ଦଳକୁ ଟ୍ରଫି ସହ ନଗଦ ରାଶି ପ୍ରଦାନ କରାଯିବ।

# ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ମାଷ୍ଟରସେଫ୍ ପ୍ରତିଯୋଗିତା





ରାଉରକେଲା, ୨୭।୨(ସମିସ)

ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବ୍ୟବହିତ ପୂର୍ବରୁ ରାଉରକେଲା ଇସ୍ପାତ କାରଖାନାର କେନ୍ଦ୍ରୀୟଶକ୍ତି ତାଲିମ ପ୍ରତିଷ୍ଠାନ (ସିପିଟିଆଇ)ରେ ଏକ ସ୍ୱତନ୍ତ୍ରଶୀଳ ମାଷ୍ଟରସେଫ୍ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କର୍ମଚାରୀ ଏବଂ ସେମାନଙ୍କ ପତି/ପତ୍ନୀ ଅଂଶଗ୍ରହଣ କରିଥିଲେ। ପ୍ରତ୍ୟେକ ଦଳରେ ଅତି କମ୍‌ରେ ଜଣେ ମହିଳା ସଦସ୍ୟ ଥିଲେ, ଯାହାଦ୍ୱାରା ଏହି ଅବସରରେ ଏକ ପାରିବାରିକ ସ୍ପର୍ଶ ଯୋଡ଼ିହୋଇଥିଲା। ପ୍ରାଥମିକ ପର୍ଯ୍ୟାୟରେ ଏକ ଆକର୍ଷଣୀୟ ସାଲାଡ୍ ସାଜସଜ୍ଜା ଚ୍ୟାଲେଞ୍ଜ ଥିଲା, ଯେଉଁ ଠାରେ ୧୬ଟି ଦଳ ୩୦ ମିନିଟ୍‌ର ଦୃଢ଼ ପ୍ରସ୍ତୁତି ସମୟ ମଧ୍ୟରେ ସେମାନଙ୍କର ସୃଜନଶୀଳତା ପ୍ରଦର୍ଶନ କରିଥିଲେ। ଅଂଶଗ୍ରହଣକାରୀମାନେ ସେମାନଙ୍କର ଅଭିନବ ଡିଜାଇନ୍, ସ୍ୱତନ୍ତ୍ରଶୀଳ ବ୍ୟବସ୍ଥା ଏବଂ ସୌନ୍ଦର୍ଯ୍ୟପୂର୍ଣ୍ଣ ମନୋଭାବ ସହିତ ବିଚାରକମାନଙ୍କୁ ପ୍ରଭାବିତ କରିଥିଲେ। ଉପସ୍ଥାପନା, ମୌଳିକତା ଏବଂ ସାମଗ୍ରିକ ଆକର୍ଷଣ ଉପରେ ଆଧାରିତ, ପାଞ୍ଚଟି ଦଳ ଫାଇନାଲ ରାଉଣ୍ଡକୁ ଉନ୍ନୀତ ହୋଇଥିଲେ। ସେହିପରି ଫାଇନାଲିଷ୍ଟମାନେ ଏକ ଘଣ୍ଟା ମଧ୍ୟରେ କ୍ଲାସିକ୍ ଗାଜର କା ହାଲୱା ପ୍ରସ୍ତୁତ କରି ସେମାନଙ୍କ ରାନ୍ଧଣା କୌଶଳର ପରୀକ୍ଷା ଦେଇଥିଲେ। ପ୍ରତିଯୋଗୀମାନେ ଅସାଧାରଣ ଦକ୍ଷତା, ସ୍ୱାଦ ସନ୍ତୁଳନ ଏବଂ ଉପସ୍ଥାପନା ପ୍ରଦର୍ଶନ କରିଥିଲେ। ଏକ ପାରମ୍ପରିକ ସ୍ୱାଦିଷ୍ଟ ଖାଦ୍ୟକୁ ଏକ ଆନନ୍ଦଦାୟକ ଖାଦ୍ୟ ଅଭିଜ୍ଞତାରେ ପରିଣତ କରିଥିଲେ। ମାଲବିକା ସାହୁ, ସାରିକା କୁମାର ଏବଂ ବିଭା ସିହ୍ନା ଏହି କାର୍ଯ୍ୟକ୍ରମର ବିଚାରକ ଭାବେ ଯୋଗଦେଇ ମୂଲ୍ୟାଙ୍କନ କରିଥିଲେ। ମାଷ୍ଟରସେଫ୍ ପ୍ରତିଯୋଗିତା ମହିଳାମାନଙ୍କ ଉତ୍ସାହ, ସଫଳତା ଏବଂ ଅବଦାନକୁ ପାଳନ କରିବା ପାଇଁ ଆୟୋଜିତ ଏକ ବ୍ୟାପକ କାର୍ଯ୍ୟକ୍ରମର ଅଂଶଥିଲା। ରାନ୍ଧଣା ପ୍ରତିଯୋଗିତା ବ୍ୟତୀତ, ଏହି କାର୍ଯ୍ୟକ୍ରମ ଆରଏସପି ଭାଇଚାରା ମଧ୍ୟରେ ବନ୍ଧନକୁ ମଜବୁତ କରିଥିଲା, ଏକ ଉତ୍ସବମୁଖୀ ଏବଂ ଅନ୍ତର୍ଭୁକ୍ତ ପରିବେଶରେ ଏକତା, ପାରସ୍ପରିକ ପ୍ରଶଂସା ଏବଂ ସାମୂହିକ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିଥିଲା।

# ରାଜ୍ୟରେ ୪୦ ହାର୍ଡକୋର୍ ମାଓନେତା

**■ ସଫେଇର କଣ୍ଟ ଆଉ ମାତ୍ର ଏକ ମାସ**
**■ ଆତ୍ମସମର୍ପଣ ନ ହେଲେ ଏସ୍ଓଜି ଅପରେସନ୍ ଜୋର୍ଦାର୍: ଡିଜି**

ଭୁବନେଶ୍ୱର,୨୭।୨(ସମିସ)

ରାଜ୍ୟରେ ଲାଲ୍‌ଗଡ଼କୁ ସମ୍ପୂର୍ଣ୍ଣ ଭାବେ ଧ୍ୱଂସ କରିବାକୁ ଆଜିକୁ ଆଉ ମାତ୍ର ଏକ ମାସ ବାକି । ଏହି ମାସକ ପରେ ଓଡ଼ିଶାରେ ମାଓବାଦୀଙ୍କୁ ଦେଖିବାକୁ ମିଳିବନି । କେନ୍ଦ୍ର ସରକାରଙ୍କ ଏଭଳି ଏକ କଣ୍ଟକୁ ପୁରଣ କରିବାକୁ ଓଡ଼ିଶା ପୁଲିସ ପ୍ରାଣପଣେ ଚେଷ୍ଟା ଚଳାଇଛି । ହେଲେ ଏବେ ବି ୪୦ ହାର୍ଡକୋର ଜଙ୍ଗଲରେ ଲୁଚି ରହିଛନ୍ତି । ପୁଲିସ ସେମାନଙ୍କୁ ବିଭିନ୍ନ ମାଧ୍ୟମରେ ଆତ୍ମସମର୍ପଣ କରିବାକୁ ବର୍ତ୍ତା ଦେଉଥିଲେ ମଧ୍ୟ ସେମାନେ ଏପର୍ଯ୍ୟନ୍ତ ଆତ୍ମସମର୍ପଣ କରି ନାହାନ୍ତି । ସେମାନେ ଆତ୍ମସମର୍ପଣ ନକଲେ ପୁଲିସ ପାଇଁ ଓଡ଼ିଶାକୁ ନିର୍ଦ୍ଧାରିତ ସମୟ ମଧ୍ୟରେ କଣ୍ଟ ପୂରଣ କରିବା ଏକ ବଡ଼ ଚ୍ୟାଲେଞ୍ଜ ପାଲଟିବ । ଏହି ପରିପ୍ରେକ୍ଷୀରେ ମାଓବାଦୀଙ୍କୁ ଆତ୍ମସପର୍ମଣ ପାଇଁ ଶେଷ ଚେତାବନୀ ଦେଇଛନ୍ତି ପୁଲିସ ଡ଼ିଜି । ନ ହେଲେ ଏସଓଜି ଯବାନଙ୍କ ଅପରେସନର ଭୟଙ୍କର ପରିଣାମ ଭୋଗିବାକୁ ପଡ଼ିବ ବୋଲି ଡ଼ିଜି ସତର୍କ କରାଇଦେବା ସହ ନିର୍ଦ୍ଧାରିତ ତାରିଖ ପୂର୍ବରୁ ଓଡ଼ିଶା ମାଓମୁକ୍ତ ହେବ ବୋଲି ପୁଲିସ ଡିଜି ଘୋଷଣା କରିଛନ୍ତି ।

ଅନ୍ୟପକ୍ଷରେ ନକ୍ସଲବାଦକୁ ଦୂର କରିବା ପାଇଁ ୨୦୨୬ ମସିହା ମାର୍ଚ୍ଚ ୩୧ ତାରିଖ ନିକଟତର ହେବା ସହିତ ଓଡ଼ିଶା ପୁଲିସ ମାଓବାଦୀଙ୍କୁ ଅସ୍ତ୍ର ରଖିବା ପାଇଁ ପ୍ରବର୍ତ୍ତାଇବା ପାଇଁ ଶେଷ ପ୍ରୟାସ କରୁଛି । ରେଡିଓ ମାଧ୍ୟମରେ ବାର୍ତ୍ତା ପଠାଇ ପାରମ୍ପରିକ ଉପାୟରେ ଆତ୍ମସମର୍ପଣର ଏକ ତରିକା ଆପଣାଇଛି । ବାମପନ୍ଥୀ ଉଗ୍ରବାଦ ବିରୁଦ୍ଧରେ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ମଧ୍ୟରେ, ମାଓବାଦୀଙ୍କ ଭୂମିଗତ ଉପସ୍ଥିତି ହ୍ରାସ ପାଇଛି । ୪୦ ଜଣ ଲାଲ ଉଗ୍ରବାଦୀଙ୍କ ମଧ୍ୟରୁ ପଡ଼ୋଶୀ ଛତିଶଗଡ଼ର ଏବଂ ଆତ୍ମସମର୍ପଣ ପାଇଁ ଓଡ଼ିଶା ସରକାରଙ୍କ ବାର୍ତ୍ତା ଗ୍ରହଣ କରିପାରିବେ ନାହିଁ । ତେଣୁ ପୁଲିସ ବାର୍ତ୍ତା ପହଁଞ୍ଚାଇବାକୁ ରେଡିଓକୁ ମାଧ୍ୟମ କରିଛି ।

ପ୍ରତିଦିନ ଅତି କମରେ ଛଅଟି ବାର୍ତ୍ତା ତିନୋଟି ଭାଷାରେ ପ୍ରସାରିତ ହେଉଛି । ଓଡ଼ିଆ, ହିନ୍ଦୀ ଏବଂ କୋୟା ଭାଷାରେ ମାଓବାଦୀଙ୍କୁ ବାର୍ତ୍ତା ଦିଆଯାଉଛି । ଏହାକୁ ଅଧିକ ବିଶ୍ୱାସଯୋଗ୍ୟ କରିବା ପାଇଁ, ସିପିଆଇ (ମାଓବାଦୀ)ର ପୂର୍ବତନ ରାଜ୍ୟ କମିଟି ସଦସ୍ୟ ନିରଞ୍ଜନ ରାଉତ ଓରଫ ନିଖିଲ ଭଳି ଆତ୍ମସମର୍ପଣ କରିଥିବା ନକ୍ସଲଙ୍କ ବାର୍ତ୍ତା ଆକାଶବାଣୀରେ ପ୍ରସାରିତ କରାଯାଉଛି । ବାର୍ତ୍ତାରେ ନିଖିଲ ଏକ ମୋବାଇଲ୍ ଫୋନ୍ ନମ୍ବର (୯୪୩୭୬୪୩୮୩୯) ମଧ୍ୟ ସେୟାର କରିଛନ୍ତି । ମାଓବାଦୀମାନଙ୍କୁ ସେହି ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ କରିଛନ୍ତି ଯାହା ପରେ ମୁଖ୍ୟସ୍ରୋତକୁ ଫେରିବା ପାଇଁ ବ୍ୟବସ୍ଥା କରାଯିବ ।

ସେହିପରି ପୁଲିସ ନୀତୁଙ୍କ ବାର୍ତ୍ତା ମଧ୍ୟ ପ୍ରସାରଣ କରୁଛି । ଯିଏ ଜାନୁଆରୀ ୨୦୨୬ ରେ ଜଗଦଲପୁରରେ ଆଦସମର୍ପଣ କରିଥିବା ପୂର୍ବତନ ବରିଷ୍ଠ ସ୍ୱତନ୍ତ୍ର ଜୋନାଲ୍ କମିଟି ସ୍ତରୀୟ ମହିଳା ମାଓନେତ୍ରୀ ଥିଲେ । ନିଖିଲ, ତାଙ୍କ ପତ୍ନୀ ଅଙ୍କିତା ଓରଫ ରଶ୍ମିତା ଲେଙ୍କା ଫେବୃଆରୀ ୬ ତାରିଖରେ ରାୟଗଡା ପୁଲିସ ସମ୍ମୁଖରେ ଅନ୍ୟ ୧୩ ଜଣଙ୍କ ସହିତ ଆତ୍ମସମର୍ପଣ କରିଥିଲେ ।

## ସୁକିନ୍ଦା ନିର୍ବାଚନୀ ଅନିୟମିତତା ମାମଲା ଖାରଜ

କଟକ, ୨୭।୨(ସମିସ): ସୁକିନ୍ଦା ବିଧାନସଭା ନିର୍ବାଚନମଣ୍ଡଳୀର ବିଧାୟକ ପ୍ରଦୀପ ବଳସାମନ୍ତଙ୍କୁ ହାଇକୋର୍ଟରୁ ବଡ଼ ଆଶ୍ୱସ୍ତି ମିଳିଛି । ୨୦୨୪ ସାଧାରଣ ନିର୍ବାଚନରେ ଅନିୟମିତତା ଅଭିଯୋଗରେ ତଥା ଶ୍ରୀ ବଳସାମନ୍ତଙ୍କ ନିର୍ବାଚନକୁ ଚ୍ୟାଲେଞ୍ଜ କରି ପୂର୍ବତନ ବିଧାୟକ ତଥା ପରାଜିତ ପ୍ରାର୍ଥୀ ପ୍ରୀତିରଞ୍ଜନ ଘଡ଼ାଇ ଦାଖଲ କରିଥିବା ନିର୍ବାଚନୀ ମକଦ୍ଦମାକୁ ହାଇକୋର୍ଟ ଆଜି ଖାରଜ କରିଦେଇଛନ୍ତି । ନିର୍ବାଚନୀ ମାମଲାର ପ୍ରତିପକ୍ଷ ବିଧାୟକ ପ୍ରଦୀପ ବଳସାମନ୍ତଙ୍କ ପକ୍ଷରୁ ରୁଜୁ ଅନ୍ତରୀଣ ଆବେଦନର ଶୁଣାଣି କରି ଜଷ୍ଟିସ ଶଶିକାନ୍ତ ମିଶ୍ର ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି ।

**AFFIDAVIT**

By virtue of an affidavit (No. A/2, date- 19/02/2026) before the Executive Magistrate, Rourkela. I, **Smt. Sonali Nayak**, aged about 29 years, W/o Mihir Kant Nayak, resident of QTR No. B/24, B Jone, PO-Tensa, Dist- Sundargarh, PIN-770042, State: Odisha declare that, after marriage on dtd-15.05.2019 have changed my name from **Sonali Singh** to **Sonali Nayak.** Henceforth, I shall be known as **Sonali Nayak** for official, non-official and all other purposes.

**Sonali Nayak**

**AFFIDAVIT**

By virtue of an affidavit No. 169, Dtd.27.02.2026 before the **Executive Magistrate-cum-Tahasildar, Rayagada**, I, Mariyam Karakaria, W/o- Rabi Karakaria, permanent resident of Vill-Baraja, P.O.- Serigumma, P.S.- Kalyansinghpur, Dist-Rayagada, Odisha, do hereby declare that I have changed my name from "Mariyam Karakaria" to "Mariyam Turuk". Henceforth, I shall be known as **Mariyam Turuk** for all purposes.

## ଭିଜିଲାନ୍ସ ଜାଲରେ ଆର୍ଆଇ

ରାଜନଗର,୨୭।୨(ସମିସ): ମ୍ୟୁଟେସନ୍ ମାମଲାରେ ଅନୁକୂଳ ରିପୋର୍ଟ ଦାଖଲ କରିବା ପାଇଁ ୫ ହଜାର ଟଙ୍କା



ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି କେରେଡାଗଡ଼ ରାଜସ୍ୱ ନିରୀକ୍ଷକ ପ୍ରଦ୍ୟୁମ୍ନ କେଶରୀ ବେହୁରା । ତହସିଲ ସମ୍ମୁଖ ମାଛଧରା ଜେଟୀ ନିକଟରେ ରାଜସ୍ୱ ନିରୀକ୍ଷକ ଶ୍ରୀ ବେହୁରା ଜମି ମାଲିକଙ୍କଠାରୁ ଲାଞ୍ଚ ଟଙ୍କା ନେଉଥିବା ବେଳେ ସେଠାରେ ଛକି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ମାଡ଼ି ବସିଥିଲେ । ପରେ, ଆୟ ବହିର୍ଭୂତ ସଂପତ୍ତି ଠୁଳ ସନ୍ଦେହରେ ଭିଜିଲାନ୍ସ ତାଙ୍କର ଦୁଇଟି ସ୍ଥାନରେ ଏକକାଳୀନ ଚଢ଼ଉ କରୁଛି । ଏ ସମ୍ପର୍କରେ ଅଭିଯୁକ୍ତ ଶ୍ରୀ ବେହେରାଙ୍କ ବିରୋଧରେ କଟକ ଭିଜିଲାନ୍ସ ପକ୍ଷରୁ ମାମଲା ରୁଜୁ କରାଯାଇଛି ।

## ତିର୍ତ୍ତୋଲ ଦୁଷ୍କର୍ମ ଓ ହତ୍ୟା ଘଟଣାକୁ ନେଇ ବର୍ଷିଲେ ଭକ୍ତ

ଭୁବନେଶ୍ୱର,୨୭।୨(ସମିସ): ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କୋଲର ପଞ୍ଚାୟତର ଜଣେ ଛାତ୍ରୀଙ୍କୁ ପାରାଦ୍ୱୀପଠାରେ ଅମାନୁଷିକ ଭାବେ ଦୁଷ୍କର୍ମ ଓ ହତ୍ୟା ଘଟଣାର କଠୋର ନିନ୍ଦା କରିଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ । ୨୦୨୪ ମସିହାରେ ବିଜେପି ସରକାର ଆସିବା ପରଠାରୁ ନାରୀମାନଙ୍କର ସୁରକ୍ଷା ଦିନକୁ ଦିନ ନିମ୍ନଗାମୀ ହେବାରେ ଲାଗିଥିବାବେଳେ ସରକାର କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ରହିଛନ୍ତି ବୋଲି ଭକ୍ତ ସରକାରଙ୍କୁ ଟାର୍ଗେଟ କରିଛନ୍ତି । ସେ କହିଛନ୍ତି, ରାଜ୍ୟରେ ମା, ଭଉଣୀମାନଙ୍କର ଇଜ୍ଜତ ପ୍ରତ୍ୟେକ ଦିନ ଲୁଟ୍ ହେଉଛି, ବୀଭତ୍ସ ହତ୍ୟାର ଶିକାର ହେଉଛନ୍ତି । ମାନସିକ ନିର୍ଯାତନା ବଢିବାରେ ଲାଗିଛି ଏବଂ ନାରୀମାନଙ୍କର ନିଖୋଜର ସଂଖ୍ୟା ମଧ୍ୟ ବଢିବାରେ ଲାଗିଛି । ନାରୀମାନଙ୍କୁ ସୁରକ୍ଷା ଦେବା କ୍ଷେତ୍ରରେ ସରକାର ସମ୍ପୂର୍ଣ୍ଣ ଭାବେ ବିଫଳ ବୋଲି ପ୍ରମାଣିତ ହୋଇଛନ୍ତି । ପାରାଦ୍ୱୀପରେ ଘଟିଥିବା ଘଟଣାରେ ପୀଡିତାର ଭାଇ ଥାନାରେ ଅଭିଯୋଗ କରିଥିଲେ ସୁଦ୍ଧା ପୁଲିସ ତତ୍ପରତା ପ୍ରକାଶ କରି ନ ଥିଲା ଓ ତଦନ୍ତ ମଧ୍ୟ କରି ନ ଥିଲା । ଯଦି ପୁଲିସ ଓ ପ୍ରଶାସନ ସେ ଝିଅକୁ ଖୋଜିବାରେ ତତ୍ପରତା ପ୍ରକାଶ କରିଥା'ନ୍ତା, ତେବେ ହୁଏତ ଆଜି ଏପରି ଏକ ଅଘଟଣ ଘଟି ନ ଥା'ନ୍ତା ବୋଲି ଭକ୍ତ କହିଛନ୍ତି । ଆଉ କେତେ ଦିନ ରାଜ୍ୟରେ ଏପରି ଦୁଷ୍କର୍ମ ଚାଲୁ ରହିବ ବୋଲି ଭକ୍ତ ପ୍ରଶ୍ନ କରିବା ସହ କେତେ ନୀରିହ ଜୀବନ ଗଲେ ସରକାରର ନିଦ୍ରାଭଙ୍ଗ ହେବ ବୋଲି ପଚାରିଛନ୍ତି ।

ଭକ୍ତ କହିଛନ୍ତି, ପାରାଦ୍ୱୀପ ଅଞ୍ଚଳ ସମ୍ପୂର୍ଣ୍ଣ ଭାବେ ମାଫିଆଙ୍କ କବ୍‌ଜାରେ ରହିଛି । ବାହାର ରାଜ୍ୟର ଲୋକ ଆସି ଏପରି ବୀଭତ୍ସ କାଣ୍ଡ ଘଟାଇଛନ୍ତି । ବାହାର ରାଜ୍ୟରୁ ଆସୁଥିବା ଲୋକମାନଙ୍କର କୌଣସି ବିଧିବଦ୍ଧ ଯାଞ୍ଚ ବ୍ୟବସ୍ଥା ନାହିଁ । କେଉଁମାନେ କେଉଁଠି ରହୁଛନ୍ତି ସେ ସଂପର୍କରେ କିଛି ସୂଚନା ପୁଲିସ ପାଖରେ ନାହିଁ । ଯେଉଁଥିପାଇଁ ପାରାଦ୍ୱୀପ ଅଞ୍ଚଳ ଅସୁରିକ୍ଷତ ହୋଇ ପଡିଛି । ଝିଅ ସହ ଘଟିଥିବା ଘଟଣାର ସଠିକ୍ ତଦନ୍ତ କରାଯାଉ ଏବଂ ଦୋଷୀକୁ ମୃତ୍ୟୁ ଦଣ୍ଡରେ ଦଣ୍ଡିତ କରାଯାଉ ବୋଲି ଶ୍ରୀ ଦାସ ଦାବି ଜଣାଇଛନ୍ତି ।

**AFFIDAVIT**

I, Anushree Rath C/o Sudhir Kumar Rath, Resident of Panjiaguda, Bamuniput, P/s Jeypore Sadar, Dist - Koraput, Pin- 764005, Odisha declare by this affidavit No-482 dated-20/02/2026 that now onwards I shall be known as **Anushree Padhi** for all future purposes.

**AFFIDAVIT**

By virtue of an affidavit No. 3786, Dtd.11.09.2025 sworn before the Executive Magistrate, Jaleswar I, Sumita Behera, W/o. Manamohan Sethi, At./Po. Patharpura, Po./Ps. Jaleswar, Dist. Balasore, Pin: 756032, Odisha declare that I have changed my daughter's name from Bidyaprava Sethi to Manasmita Sethi and change the Date of Birth from 07.07.2015 to 07.07.2017. Henceforth, she shall be known as **Manasmita Sethi** for all purposes.

**AFFIDAVIT**

By virtue of an affidavit No. 36, Dtd.24.02.2026 before the **Executive Magistrate, Bhubaneswar**, I, Smt. Paramjyoti Rout @ Dutta, W/o Sri Dillip Kumar Dutta, At-Rameswar, P.O.-Dabaradhupatana, P.S.-Bolagarh, Dist- Khordha do hereby declare that after my marriage my surname has been changed from Paramjyoti Rout to Paramjyoti Dutta. Henceforth, I shall be known as **Paramjyoti Dutta** for all purposes.

**AFFIDAVIT**

By virtue of an affidavit No 630, sworn before the notary public swampatana on dtd-25/02/2026, I **Bhakta Bandhu Mohanta**, aged 72 years, S/o- Krushna Chandra Mohanta, resident of At/Po-Poipani, Ps- Ghatagaon, Dist-Keonjhar, Pin- 758029, State-Odisha, My name in my IDBI Bank account vide A/C No-1010104000032601 is incorrectly is one word maintained **Bhaktabandhu Mohanta** instead of **Bhakta Bandhu Mohanta.** Henceforth, I shall be known as **Bhakta Bandhu Mohanta** for all future purposes.

**Bhakta Bandhu Mohanta**

## ରାଜନଗର ଚାଷୀ ମୃତ୍ୟୁ

## ଅପେକ୍ଷା କରି ମୃତ୍ୟୁ ହେବା ଅଗ୍ରହଣୀୟ : ମନ୍ତ୍ରୀ

ଭୁବନେଶ୍ୱର,୨୭।୨(ସମିସ): ରାଜନଗର ଚାଷୀଙ୍କ ମୃତ୍ୟୁ ଘଟଣାକୁ ନେଇ ଅଜବ ଯୁକ୍ତି ରଖିଛନ୍ତି ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ । ଚାଷୀଙ୍କ ମୃତ୍ୟୁ ପାଇଁ ମଣ୍ଡି କାରଣ ନୁହେଁ; ତାଙ୍କ ବୟସାଧିକ ହେବା ଦୃଷ୍ଟିରୁ ବା ଅନ୍ୟ କାରଣ ଯୋଗୁଁ ମୃତ୍ୟୁ ହୋଇଥାଇପାରେ ବୋଲି ମନ୍ତ୍ରୀ କହିଛନ୍ତି । ଶୁକ୍ରବାର ମନ୍ତ୍ରୀ ଶ୍ରୀ ବଳସାମନ୍ତ କହିଛନ୍ତି ଯେ ମୃତକ ଜଣଙ୍କ ୬ ଦିନ କାଳ ଅପେକ୍ଷା କରିଥିଲେ । ତେବେ ଅପେକ୍ଷା କରିଥିଲେ ବୋଲି ଜଣେ ମରିଯିବ, ସେ କଥାକୁ ଗ୍ରହଣ କରି ହେବନି । ତାଙ୍କର ବୟସ ହେଲାଣି, ଅନ୍ୟ କିଛି ବେମାର ଥିବ କିମ୍ବା ଘରେ ହୃଦଘାତ ହୋଇଥିବ । ସେଠି ବସିଲେ ବୋଲି କ'ଣ ଜଣେ ମରିଯିବ କି ବୋଲି ମନ୍ତ୍ରୀ ପ୍ରଶ୍ନ କରିଛନ୍ତି । ଅନେକ ଲୋକ ଅନେକ ପ୍ରକାର କଥା କହିବେ । ବିଭାଗୀୟ ଅଧିକାରୀଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଛି । ଏହାପରେ ସ୍ପଷ୍ଟ ହେବ ବୋଲି ମନ୍ତ୍ରୀ କହିଛନ୍ତି ।

ଅଭିଯୋଗ ଅନୁସାରେ କେନ୍ଦ୍ରାପଡ଼ା ରାଜନଗର ବ୍ଲକ୍ ଜୁନଗଡ଼ି ଗାଁର ତ୍ରିଲୋଚନ ନାୟକ ଜାନୁୟାରୀ ୨୨ରୁ ଟୋକନ୍ ପାଇଥିଲେ ବି ଧାନ ବିକ୍ରି ପାଇଁ ୪୦ ଦିନ କାଳ ଦୌଡ଼ି ଦୌଡ଼ି ଅକଥନୀୟ ଯନ୍ତ୍ରଣାରେ ପଡ଼ିଥିଲେ । ଧାନ ନ ଉଠିବାରୁ ସିଧାସଳଖ ମିଲକୁ ଧାନ ନେଇଯିବାକୁ ତାଙ୍କୁ ସମବାୟ ସମିତି ପକ୍ଷରୁ କୁହାଯାଇଥିଲା । ହେଲେ ଉଭୟ ସମ୍ପାଦକ ଓ ମିଲର କ୍ୱିଣ୍ଟାଲ ପିଛା ୬+୩ ହିସାବରେ ୯ କେଜି ଧାନ କାଟି ନେଲା ପରେ ମଧ୍ୟ ମିଲର ଧାନ ଉଠାଇନଥିଲେ । ଏହା ପରେ ୩ ହଜାର ଟଙ୍କା ଲାଞ୍ଚ ଦେଲା ପରେ ତାଙ୍କର ଧାନ ଉଠିଥିଲା । କଟନୀ ଛଟନୀ ସହ ତାଙ୍କୁ ତିନି ଦିନ କାଳ ଖରା କାକରରେ ମାନସିକ ଯନ୍ତ୍ରଣା ତ୍ରିଲୋଚନଙ୍କୁ ଭାରି ବାଧିଥିଲା । ତିନି ଦିନ ଭୋକ ଉପାସ ମାନସିକ ଯନ୍ତ୍ରଣା ସହିଥିବା ତ୍ରିଲୋଚନ ମିଲରେ ଭାଇକୁ ଜଗାଇ ଘରକୁ ଆସିଥିବା ବେଳେ ତାଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା । ପାଖାପାଖି ସପ୍ତାହେ କାଳ ତାଙ୍କୁ ଧାଁ ଧାପଡ଼ କରାଇ ତାଙ୍କ ଠାରୁ ୯ କେଜି କାଟ ଓ ୩ ହଜାର ଟଙ୍କା ଲାଞ୍ଚ ନେଇଥିବା ମିଲର ଓ ସମବାୟ ସଂପାଦକ ତାଙ୍କୁ ମୃତ୍ୟୁର ରାସ୍ତା ଦେଖାଇଦେଲେ । ଏହାକୁ ନେଇ ବିରୋଧୀ ବିଜେଡି ଓ କଂଗ୍ରେସ ରାଜ୍ୟ ସରକାରଙ୍କୁ ଦାୟୀ କରୁଥିବା ବେଳେ ସରକାରଙ୍କ ମଣ୍ଡି ଯନ୍ତ୍ରଣା ଯୋଗୁଁ ଜଣେ କୃଷକଙ୍କ ଜୀବନ ଯାଇଛି ବୋଲି ଅଭିଯୋଗ କରୁଛନ୍ତି । ହେଲେ ମନ୍ତ୍ରୀ ସିଧାସଳଖ ଏହି ଅଭିଯୋଗକୁ ଖଣ୍ଡନ କରିବା ସହ ଅନ୍ୟ କୌଣସି କାରଣ ପାଇଁ ତାଙ୍କ ମୃତ୍ୟୁ ହୋଇଥାଇପାରେ ବୋଲି ସେ କହିଛନ୍ତି ।

**AFFIDAVIT** (see above)

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ନାବାଳିକାକୁ ଦୁଷ୍କର୍ମ...

ନିକଟ କ୍ଷେତକୁ ଯାଇ ଆଉ ଫେରି ନଥିଲେ । ପରିବାରଲୋକେ ଏନେଇ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ନିଖୋଜ ମାମଲା ରୁଜୁ କରି ରାତିତମାମ ଖୋଜାଖୋଜି କରିଥିଲା । ଶୁକ୍ରବାର ସକାଳେ ମୃତଦେହ ଉଦ୍ଧାର ହେବା ପରେ ଘଟଣାର ଗୁରୁତ୍ୱକୁ ଉପଲବ୍ଧି କରି ଏସ୍‌ପି ରାହୁଲ ଜୈନଙ୍କ ତତ୍ତ୍ୱାବଧାନରେ ଏକାଧିକ ତଦନ୍ତ ଦଳ ଗଠନ କରାଯାଇଥିଲା । ନାବାଳିକାଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ପାରିପାର୍ଶ୍ୱିକ ପରିସ୍ଥିତିରୁ ସ୍ପଷ୍ଟ ହେବା ପରେ ପୁଲିସ ନିଖୋଜ ମାମଲାକୁ ଦୁଷ୍କର୍ମ ଓ ହତ୍ୟା ମାମଲାରେ ପରିବର୍ତ୍ତନ କରି ତଦନ୍ତକୁ ଆଗକୁ ବଢ଼ାଇଥିଲା । ପୁଲିସ ଟିମ୍ କ୍ଷେତ, ଜଙ୍ଗଲ ଓ ଜଳାଶୟ ଅଞ୍ଚଳରେ ବ୍ୟାପକ ଅନୁସନ୍ଧାନ କରିଥିଲା । ସାଇଣ୍ଟିଫିକ୍ ଟିମ୍ ଓ ସ୍ୱତନ୍ତ୍ର ସ୍କ୍ୱାଡ୍ ଘଟଣାସ୍ଥଳରେ ପହଞ୍ଚି ନମୁନା ସଂଗ୍ରହ କରିଥିଲେ । ଏସ୍‌ପି ଜୈନ ଘଟଣାସ୍ଥଳ ପରିଦର୍ଶନ କରି ତଦନ୍ତର ତଦାରଖ କରିଥିଲେ । ସମସ୍ତ ପ୍ରାମାଣିକ ତଥ୍ୟ ଆଧାରରେ ପୁଲିସ ଆଶିଷଙ୍କୁ ଗିରଫ କରିଛି । ଏସ୍‌ପି ଜୈନ ଏହି ମାମଲାକୁ ସିଧାସଳଖ ନିରୀକ୍ଷଣ କରୁଛନ୍ତି । ଅତିରିକ୍ତ ଏସ୍‌ପି ସମୀର ପଣ୍ଡା ଓ ତାଳଚେର ଏସ୍‌ଡିପିଓଙ୍କ ସହ ଅନ୍ୟ ବରିଷ୍ଠ ଅଧିକାରୀମାନେ ସମନ୍ୱୟ ରକ୍ଷା କରି ତଦନ୍ତ କରିଥିଲେ ।

### ପାକିସ୍ତାନ-ଆଫଗାନିସ୍ତାନ...

ଦାବି ଭିନ୍ନ ଭିନ୍ନ ରହିଛି । ପାକିସ୍ତାନ ଦାବ କରିଛି ଯେ ଆଫଗାନିସ୍ତାନର ୧୩୩ ଜଣ ସୈନ୍ୟ ମୃତ୍ୟୁବରଣ କରିଥିବା ବେଳେ ୨୦୦ରୁ ଅଧିକ ଆହତ ହୋଇଛନ୍ତି ଏବଂ କାବୁଲ ଓ କାନ୍ଦାହାରରେ ସେନା ମୁଖ୍ୟାଳୟ ଧ୍ୱଂସ ପାଇଛି । ଏଥିସହ ପାକିସ୍ତାନର ୨ ଜଣ ସୈନ୍ୟ ସହିଦ ହୋଇଥିବା ବେଳେ ୩ ଜଣ ଆହତ ହୋଇଛନ୍ତି । ଅନ୍ୟପଟେ ଆଫଗାନିସ୍ତାନ ଦାବି କରିଛି ଯେ ୫୫ଜଣ ପାକିସ୍ତାନ ସୈନ୍ୟ ଆକ୍ରମଣରେ ମୃତ୍ୟୁବରଣ କରିଛନ୍ତି ଓ କିଛି ବନ୍ଦୀ ହୋଇଛନ୍ତି । ସେହିପରି ୮ ଜଣ ଆଫଗାନ ସୈନ୍ୟ ମୃତ୍ୟୁବରଣ କରିଥିବା ବେଳେ ୧୧ଜଣ ଆହତ ହୋଇଛନ୍ତି । ଏଥିସହ ପାକିସ୍ତାନର ୧୯ଟି ସେନା ପୋଷ୍ଟକୁ ଧ୍ୱଂସ କରାଯାଇଛି ଓ ଗୋଟିଏ ଏଫ୍-୧୬ ବିମାନକୁ ମଧ୍ୟ ଖସାଇ ଦିଆଯାଇଛି । ଯୁଦ୍ଧ ଆହୁରି ଭୟାନକ ରୂପ ଧାରଣ କରିବ ବୋଲି ଆଶଙ୍କା କରାଯାଉଥିବା ବେଳେ ସୀମାବର୍ତ୍ତୀ ଗ୍ରାମଗୁଡ଼ିକରୁ ଲୋକମାନେ ଆତଙ୍କିତ ହୋଇ ନିରାପଦ ସ୍ଥାନକୁ ଚାଲିଯାଉଛନ୍ତି । ଉଲ୍ଲେଖଥାଉ କି, ଗତ ଫେବୃଆରୀ ୨୨ରେ ପାକିସ୍ତାନ ପକ୍ଷରୁ ହୋଇଥିବା ଏୟାର ଷ୍ଟ୍ରାଇକ୍‌ର ଜବାବରେ ଆଫଗାନିସ୍ତାନ ଗୁରୁବାର ରାତିରେ ପାକିସ୍ତାନ ଉପରେ ଆକ୍ରମଣ କରିଥିଲା । ଏହାପରଠାରୁ ଦୁଇ ଦେଶ ମଧ୍ୟରେ ସଂଘର୍ଷ ତୀବ୍ର ହେବାରେ ଲାଗିଛି । ରମଜାନ ଭଳି ପବିତ୍ର ମାସରେ ଏଭଳି ହିଂସା ଓ ସଂଘର୍ଷକୁ ନେଇ ମାଲେସିଆ ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମ୍ ଗଭୀର ଚିନ୍ତା ପ୍ରକଟ କରିଛନ୍ତି । ସେ ତୁରନ୍ତ ଯୁଦ୍ଧ ବନ୍ଦ କରିବାକୁ ଅପିଲ କରିଛନ୍ତି । ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ ଦୁଇ ଦେଶକୁ ସଂଯମ ରଖି ରାଜନୈତିକ ଆଲୋଚନା ମାଧ୍ୟମରେ ସମାଧାନ ଖୋଜିବାକୁ ଆହ୍ୱାନ ଦେଇଛନ୍ତି ।

### କେଜ୍ରିୱାଲ, ସିସୋଦିଆ...

କେଜ୍ରିୱାଲଙ୍କ ଗୁରୁ ଆନ୍ନା ହଜାରେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ନ୍ୟାୟପାଳିକା ନିଷ୍ପତ୍ତିକୁ ସମ୍ମାନ ଦେବା ଉଚିତ ବୋଲି ସେ କହିଛନ୍ତି । ଏଥିସହ ସେ କେଜ୍ରିୱାଲକୁ ପରାମର୍ଶ ଦେଇଛନ୍ତି ଯେ, ସେ କୌଣସି ନିର୍ଦ୍ଦିଷ୍ଟ ଦଳ କିମ୍ବା ନିଜ ସ୍ୱାର୍ଥ ଅପେକ୍ଷା ଦେଶ ଓ ସମାଜର ମଙ୍ଗଳ ପାଇଁ କାମ କରିବା ଉଚିତ୍ । ସ୍ୱତନ୍ତ୍ର ବିଚାରପତି ଜିତେନ୍ଦ୍ର ସିଂହ ତାଙ୍କର ୬୦୦ ପୃଷ୍ଠାର ଆଦେଶରେ କହିଛନ୍ତି ଯେ, ସିବିଆଇ ଦ୍ୱାର ଉପସ୍ଥାପିତ ପ୍ରମାଣ ଓ ସାକ୍ଷୀଙ୍କ ବୟାନରେ କୌଣସି ସତ୍ୟତା ନାହିଁ । ଏହି ମାମଲାର ବିଚାର ଚଳାଇବା ପାଇଁ ଅତିକମ୍‌ରେ ଯେତିକ ପ୍ରମାଣ ଦରକାର, ତାହା ମଧ୍ୟ ନାହିଁ । କୋର୍ଟ କହିଛନ୍ତି ଯେ, ସିବିଆଇ କେବଳ ଅନୁମାନ ଭିତ୍ତିରେ ଏକ ଷଡ଼ଯନ୍ତ୍ର ତତ୍ତ୍ୱ ପ୍ରସ୍ତୁତ କରିବାକୁ ଚେଷ୍ଟା କରିଥିଲା, ଯାହାର କୌଣସି ଠୋସ୍ ଆଧାର ନାହିଁ । କୋର୍ଟ ସିବିଆଇକୁ ଭର୍ତ୍ସନା କରିବା ସହ ଜଣେ ସରକାରୀ କର୍ମଚାରୀଙ୍କୁ ଅଭିଯୁକ୍ତ କରିଥିବା ଅଧିକାରୀଙ୍କ ବିରୋଧରେ ବିଭାଗୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛି । କୋର୍ଟର ବାହାରିବା ପରେ କେଜ୍ରିୱାଲ ଗଣମାଧ୍ୟମ ସମ୍ମୁଖରେ ଭାବପ୍ରବଣ ହୋଇ କାନ୍ଦି ପକାଇଥିଲେ । ଏବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଦେଶବାସୀଙ୍କୁ ଏହି ଷଡ଼ଯନ୍ତ୍ର ରଚିବା କାରଣରୁ କ୍ଷମା ମାଗନ୍ତୁ ବୋଲି ସେ କହିଛନ୍ତି । କେଜ୍ରିୱାଲ ବିଜେପିକୁ ଚ୍ୟାଲେଞ୍ଜ କରି କହିଛନ୍ତି ଯେ, ଯଦି ସେମାନଙ୍କର ସାହସ ଅଛି, ତେବେ ଦିଲ୍ଲୀରେ ନୂଆ ନିର୍ବାଚନ କରନ୍ତୁ । ଯଦି ବିଜେପି ୧୦ରୁ ଅଧିକ ଆସନ ଜିତେ, ତେବେ ସେ ରାଜନୀତି ଛାଡ଼ିଦେବେ ।

ଉଲ୍ଲେଖଥାଉ କି, କେଜ୍ରିୱାଲ ୨୦୨୪ ମାର୍ଚ୍ଚ ୨୧ରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଦ୍ୱାରା ଗିରଫ ହୋଇଥିଲେ । ଏହାପରେ ୨୦୨୪ ଜୁନ୍ ୨୬ରେ ଜେଲ୍‌ରେ ଥିବା ସମୟରେ ସିବିଆଇ ଦ୍ୱାରା ଗିରଫ ହୋଇଥିଲେ । ୨୦୨୪ ଜୁଲାଇ ୧୨ରେ ସୁପ୍ରିମକୋର୍ଟଙ୍କ ପକ୍ଷରୁ ତାଙ୍କୁ ଇଡ଼ି ମାମଲାରେ ଜାମିନ ମିଳିଥିଲା ।

### ସବୁଠି ଅରାଜକତା...

ହୁଅନ୍ତୁ, ରାଜ୍ୟରେ ଆଇନର ଶାସନ ବଜାୟ ରଖନ୍ତୁ ବୋଲି ନବୀନ ଦାବି କରିଛନ୍ତି ।

ଏଠାରେ ସୂଚନାଯୋଗ୍ୟ ଯେ ରାଜ୍ୟରେ ମହିଳା ବିରୋଧୀ ହିଂସାକୁ ନେଇ ବିରୋଧୀ ବିଜେଡି ସମେତ ଅନ୍ୟ ରାଜନୈତିକ ଦଳ ସରକାରଙ୍କୁ କାଠଗଡ଼ାକୁ ଟାଣୁଛନ୍ତି । ନିକଟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ ମହିଳା ହିଂସାକୁ ନେଇ ଏକ ଲିଖିତ ଉତ୍ତର ରଖିଥିବା ବେଳେ ଏହା ରାଜ୍ୟରେ ସଂଗୀନ ସ୍ଥିତିକୁ ଦର୍ଶାଉଛି । ରାଜ୍ୟରେ ଗତ ଦେଢ଼ ବର୍ଷ (୨୦୨୪ ମସିହା ଜୁଲାଇ ୧ ତାରିଖରୁ ୨୦୨୫ ମସିହା ଡିସେମ୍ବର ୩୧ ତାରିଖ) ମଧ୍ୟରେ ମୋଟ ୪୮,୭୯୮ ଟି ମହିଳା ବିରୋଧୀ ହିଂସା ସଂଗଠିତ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ଗୃହରେ ଉତ୍ତର ରଖିଥିଲେ ।

**WANTED**

A well-established firm invites applications for the following positions:

1. **Senior Accountant - (1 No.)**
Experience : 10 yrs. above
2. **Junior Accountant - (1 No.)**
Experience : 2-5 yrs. above
3. **Supervisor - (2 Nos.)**
Experience : 2-5 yrs. above
4. **Sales Executive - (1 No.)**
Experience : 2-5 yrs. above

Salary: Best in the industry | Location : Bhubaneswar

Interested candidates can send their CV to
Email: 19sanatang@gmail.com

Contact
7978386707

**ସର୍ବସାଧାରଣ ବିଜ୍ଞପ୍ତି**

ଏତଦ୍‌ଦ୍ୱାରା ସମସ୍ତ କୁନ୍ଦୁଲି ଲ୍ୟାମ୍ପସ୍‌ର ସମସ୍ତ ସଭ୍ୟ ସଭ୍ୟାଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଆସନ୍ତା ୬.୩.୨୬ ରିଖ ଦିନ କୁନ୍ଦୁଲି ଲ୍ୟାମ୍ପସ୍ ମୁଖ୍ୟ କାର୍ଯ୍ୟାଳୟ ଠାରେ ଦିନ ୧୧ ଘଣ୍ଟିକା ସମୟରେ ବାର୍ଷିକ ସାଧାରଣ ସଭା ୨୦୨୬ - ୨୦୨୭ ଅନୁଷ୍ଠିତ ହେବାକୁ ଯାଉଅଛି । ଏଣୁ ଆପଣମାନଙ୍କୁ ବିନିତ ଅନୁରୋଧ କରାଯାଉଅଛି ଯେ ସମସ୍ତ ସଦସ୍ୟ ସଦସ୍ୟା ଏବଂ ସାଧାରଣ ବର୍ଗ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସମବାୟ ସମିତି ର ଉନ୍ନତି ନିମନ୍ତେ ନିଜର ମତ ପ୍ରକାଶ ଦେବେ ।

ବି.ସବିତା
ପରିଚାଳନା ନିର୍ଦ୍ଦେଶିକା କୁନ୍ଦୁଲି ଲ୍ୟାମ୍ପସ୍

OFFICE OF THE
MUNICIPALITY, BASUDEVPUR
At/P.O.-Basudevpur, Dist.-Bhadrak, Odisha, Pin-756125
Phone/Fax: (06784) 271252, E-mail: -Basudevpurn.hud@nic.in
13001/433/2526

Letter No-533 Date -26.02.2026

**QUOTATION CALL NOTICE**

The Executive Officer, Basudevpur Municipality invite sealed quotations from intending reputed regd. Suppliers/Agencies/Firms/Dealer/Distributor/Contractor for Finalization of rate for Interior work of Nilamani Town hall Basudevpur as per the specification mentioned in quotation schedule.

| SL No. | ITEM DETAILS | Unit | RATE |
|---|---|---|---|
| 1 | Cupboard | Sqft. | |
| 2 | Bathroom ceiling and framing door | Sqft. | |
| 3 | WPC door | Sqft. | |
| 4 | Stage paneling design | Sqft. | |
| 5 | Window paneling | Sqft. | |
| 6 | Wall paper design | Sqft. | |
| 7 | UPVC window 2 tracks | Sqft. | |
| 8 | False ceiling pop | Sqft. | |
| 9 | Installation of Echo absorption tiles | Sqft. | |
| 10 | Sound system | | |
| 11 | Installation of Projector | 1 no. | |
| 12 | Silver Screen | Sqft. | |
| 13 | Cotton screen with thread pulling arrangement | 1 each | |

The Quotation, terms & conditions, specification & other necessary documents shall down be loaded from the official Website of Basudevpur Municipality www.basudevpurmunicipality.in w.e.f. from dt-27.02.2026

The downloading of the quotation schedule shall start from dt. -27.02.2026 and close on dt. -05.03.26 at 15.00 Hours. The quotations shall be received in the Office of the Executive Officer, Basudevpur Municipality through Regd. Post & Speed Post only addressed to the "Executive Officer, Basudevpur Municipality, " on or before dt.05.03.2026 at 16.00 Hours. The authority will not be held responsible for the postal delay, if any, in delivery of the documents and non-receipt of the same in time. The sealed quotations will be opened on date dt.06.03.2026 at 11.00 Hours in the Office of the Executive Officer, Basudevpur Municipality in presence of the quotationer / bidder or their authorized representatives, who may be present at the time of opening of the quotations. Basudevpur Municipality does not commit to make any award in respect of the above Quotation Call Notice.

The authority reserves the right to reject any or all the quotations without assigning any reason thereof.

OIPR-13001/13135/1/25-26/0002

Executive Officer
Basudevpur Municipality

OIPR-13001/13196/1/25-26/0001 **NOTICE INVITING TENDER** 13001/430/2526

**OKFICE OF THE NOTIFIED AREA COUNCIL, RANPUR**
**NAYAGARH (ODISHA), PIN-752026**
**e-Mail: eoranpumac.ranpur@gmail.com**
**Tender Call Notice No. 497dt.24.07.2026**
**E- Procurement Notice No.: RNP NAC- 07/2025-26**

| | |
|---|---|
| Name of the Work | Individual Civil Construction Works as per DTCN |
| No. of Works | 26Nos. |
| Value of Work | As per DTCN |
| Class of Contractor | "D"& "C" |
| Period of Completion | As Per DTCN |
| 1 Date of Publication | 28.02.2026 |
| Date and Time of availability of document in the portal | From Dt.28.02.2026 at 11 AM to Dt.09.03.2026upto5 PM |
| Last Date/Time for receipt of bids in portal | Dt.09.03.2026 up to 5 PM. |
| 1 Date and Time of opening Bid | Dt. 10.03.2026 at 11.30 A.M |
| Name and address of the officer inviting bid | Sd/- Executive officer, NAC Ranpur |

Further details can be seen from e-Procurement portal https://tendersodisha.gov.in

OFFICE OF THE 34001/126/2526
SUPERINTENDING ENGINEER ELECTRICAL CIRCLE (R&B)
NIRMAN SOUDHA BHUBANESWAR
E-mail: seec.bbsr2010@gmail.com

**Bid Identification No. S.E.E.C (R&B) 34/2025-26**
No. 781 / Date 25.02.2026

The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in: https://tendersorissa.gov.in. The details of bid documents will be available in the above website from dt. 02.03.2026 at 05.00 P.M. to dt. 11.03.2026 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt. 12.03.2026 at 11.30 A.M. in the Office of the Superintending Engineer, Electrical Circle (R&B) Odisha, Bhubaneswar. Further details can be seen from the e-procurement portal **www.tendersorissa.gov.in.**
Addendum / Corrigendum, if required, will be available only in the Website.

OIPR-34001/34006/1/25-26/0022

Sd/- Superintending Engineer
Electrical Circle (R&B), Odisha, BBSR

**OFFICE OF THE MUNICIPAL COUNCIL: RAYAGADA**
DIST–RAYAGADA
PIN CODE – 765001, ODISHA
E-mail ID – raygadam.hud@nic.in, raygadam.hud@gmail.com
Letter No. 821 Date: 25.02.2026
13001/414/2526

**Quotation Call Notice**

Sealed Quotations are hereby invited from local established firms to provide Annual Maintenance contract service in respect of Centralized Air Conditioners and split AC's installed at Biju Patnaik Auditorium, Rayagada Municipality. The details of the service required and other terms and conditions relating to the award of Contract are given in the Annexure-I. The Quotations should reach in the office of Executive Officer, Rayagada Municipality on or before **Dt. 13.03.2026 by 1.00 P.M.** through speed post / courier or by hand and will be open on same day at 4.00 PM in the presence of Quotationer or their authorized agent if present.The Quotationer should submit the PAN Card & GST registration certificate enclosing with the Quotation paper along with covering letter. The Quotation received after due date and time will not be entertained. The paper cost of Rs. 1000/- (Non-Refundable) and EMD Rs. 10,000/- (Refundable) should be furnished in shape of Bank Draft / Bankers Cheque from any nationalized bank in favour of "Executive Officer, Rayagada Municipality" and attach the same with the quotation paper. This Quotation paper along with annexure available in office website www.rayagadamunicipality.in for wide publication and download.

The undersigned reserves the right to cancel / reject any or all the quotation without assigning any reason thereof.

OIPR-13001/13150/1/25-26/0002

Executive Officer
Rayagada Municipality

Phone No. (06854) 241159 / 232714
Email: ceo@koraputccb.com

KORAPUT CENTRAL CO-OPERATIVE BANK LTD.,
HEAD OFFICE: N.K.T. ROAD, JEYPORE – 764003: DIST: KORAPUT (ODISHA)

Letter No. 6964/P&S/2025-26 Date 27.02.2026

**QUOTATION CALL NOTICE**

Sealed quotations are invited from the Authorised dealer with supported valid GST & PAN are requested to submit their sealed quotations before the undersigned on or before **Dt.06.03.2026** by **5.30 P.M** latest as per following specification along with 2% security deposit of quotation value in favour of Secretary, Koraput Central Cooperative Bank Ltd., Jeypore at the time of submission of tender. The sealed tender notice should be highlighted as **CCTV Camera** on envelop.

The tender will be opened on **Dtd. 07.03.2026** at **3.30 P.M** in presence of the authorized representative and if no agency or their representative shall remain present at the time of opening of quotations then the same shall be opened by the Purchase Committee members.

| Sl. No. | Item | Quantity |
|---|---|---|
| 1 | 6MP resolution indoor Starlight Camera, 1CH Built in Mic, With Dual Light (Support Smart IR and Full Color Night Vision, 25fps@6mp, 2.8mm, fixed lens, WDR, 3D DNR, H.265 compression, inbuilt PoE/ 12v DC input, IP67 rating, 24/7 full color imaging, Intelligent Analytics (Brand Make: Sparsh/Prama/Hi-Focus/CP Plus) | 6 Nos. |
| 2 | 6MP (2560*1440 pixel) resolution outdoor metal camera, 20fps@6MP, 2.8mm~12mm motorised varifocal lens, 1CH Audio input, WDR, 3D DNR, H.265 compression, 50m IR distance, inbuilt PoE/ 12v DC input, IP67, Support Smart Analysis (Brand Make: Sparsh/Prama/Hi-Focus/CP Plus) | 2 Nos. |
| 3 | 16 channel network camera input, 16CH after enabling AI, H.265 compression, upto 8mp camera supportable, 2SATA interface support each upto 10TB surveillance hard disk, 192mbps bandwidth, 16ch simultaneous Playback, ONVIF protocol, alarm in/out 8/4, metal case. Support 5000 Face Library for Face Recognition and Artificial Intelligence supported NVR (Brand Make: Sparsh/Prama/Hi-Focus/CP Plus) | 1 No. |
| 4 | POE GIGA Switch (8 Port) (Brand make: Sprash/ Prama / Hi-Focus/CP Plus) | 1 No. |
| 5 | 10TB HDD (Seagate /WD) | 1 No. |
| 6 | Category 6 Cable (Brand make: Honeywell / D-Link /Hi-Focus/CP Plus) | Per Meter Charges |
| 7 | Camera Box | 8 Nos. |
| 8 | Network Rack (4u) | 1 No. |
| 9 | Wireless Mouse (Brand make: Logitech / HP/HCL) | 1 No. |
| 10 | 32-inch Smart TV (Brand make: LG/ Sansui/Samsung/Sony) | 1 No. |
| 11 | Installation Charges (for all the above items) | |

Proposed Installation Sight/Place: Installation sight under all or any Branch bank of the Koraput Central Cooperative Bank Ltd., Jeypore within undivided Koraput District (Place will be mentioned at the time of Work Order supplied).

The above items should be quoted including GST, Transportation, Installation charges and supply at the branch bank sight of the Koraput Central Cooperative Bank Ltd., Jeypore. The quotation received incomplete or after the scheduled date shall be rejected and will not be entertained by the Bank.

The short list shall be made basing upon the rates offered by the firms/agencies. The authority reserves the right to reject all or any quotations without assigning any reason thereof.

Taxes will be deducted as applicable at the time of payment of Bill amount.

For any queries, please contact to Sri Jaya Pradeep Patnaik, Manager, P&S, KCC Bank Ltd., Head Office, Jeypore. Mobile No.: 9777519964.

Secretary,
K.C.C Bank Ltd., Jeypore.